
ଅକ୍ଟୋବର ୨୦୨୪



ISSN NO – 2582-208X

VOLUME-10 : ISSUE NO-08/2024

[ଏକ ସମ୍ପୂର୍ଣ୍ଣ ପାରିବାରିକ ମାସିକ ଇ-ପତ୍ରିକା]

...ପ୍ରତ୍ୟେକ ଓଡିଆଙ୍କ ପାଇଁ ସମ୍ପୂର୍ଣ୍ଣ ଓଡିଆରେ ପ୍ରକାଶିତ ଏକ ପାରିବାରିକ ଇ-ପତ୍ରିକା...

(ଅଗଷ୍ଟ ୧, ୨୦୧୫ରୁ ପ୍ରତିମାସରେ ପ୍ରକାଶିତ )

## ପ୍ରତିଷ୍ଠାତା – ଅରବିନ୍ଦ ମିଶ୍ର



ଯୋଗାଯୋଗ

Whatsapp:+ 91 9594993733

ଭ୍ରାମ୍ୟଭାଷ - +91 9594993733

Website: www.vedantimagazine.com

Email ids:vedantimagazine@gmail.com

editor.vedantimagazine@gmail.com

ISSN NO.
2582-208X

# ସମ୍ପାଦକୀୟ



ଅରବିନ୍ଦ ମିଶ୍ର

ପ୍ରିୟ ପାଠକବନ୍ଧୁ,

ବୁଦ୍ଧି ଏକ ମାନସିକ ଶକ୍ତି ଯେଉଁଟାକି ତଥ୍ୟକୁ ବୁଝିବା ଏବଂ ତା ମଧ୍ୟରେ ସମ୍ପନ୍ଧ ବନାଇବାରେ ସହାୟକ ତଥା ତର୍କପୂର୍ଣ୍ଣ ତଥ୍ୟ ପ୍ରାପ୍ତ କରିବାରେ ସକ୍ଷ୍ୟମ ହୋଇଥାଏ । ବୁଦ୍ଧି ହିଁ ମନୁଷ୍ୟକୁ ନବୀନ ପରିସ୍ଥିତିକୁ ସଠିକ୍ ରୂପେ ବୁଝିବା ଏବଂ ତା ସହିତ ଅନୁକୂଳ ପରିସ୍ଥିତିରେ ସହାୟତା କରିଥାଏ । ବୁଦ୍ଧି ଯୋଗ୍ୟତାର ଅନୁରୂପ ହିଁ ହୋଇଥାଏ । କୁହାଯାଏ, ଯାହା ପାଖରେ ବୁଦ୍ଧି ଅଛି, ସିଏ ହିଁ ବଳବାନ । ବୁଦ୍ଧି ଯୋଗୁଁ ହିଁ ମାନବ ଅନ୍ୟ ପ୍ରାଣୀଙ୍କ ଠାରୁ ଶ୍ରେଷ୍ଠ । ବୁଦ୍ଧି ର ସ୍ୱରୂପକୁ ବୁଝିବା ବଡ କଠିନ କାମ ଅଟେ । ବୁଦ୍ଧିକୁ ଆମେ ବିବେକ, ଅଥବା ତର୍କଶକ୍ତି କହିପାରିବା। ବୁଦ୍ଧି ଦ୍ୱାରା ନିଆଯାଇଥିବା ନିର୍ଣ୍ଣୟରେ ବିଶ୍ୱାସ କରିବା ହେଉଛି ସ୍ନେହଭାବ । ବୁଦ୍ଧିର ବଳ ହିଁ ସବୁଠାରୁ ଶ୍ରେଷ୍ଠ । କୌଣସି କାରଣରୁ ଯଦି ବୁଦ୍ଧି ଭ୍ରଷ୍ଟ ହୋଇଯାଏ, ତେବେ ମନୁଷ୍ୟ ଭଲ ମନ୍ଦ ବୁଝିବାରେ ଅକ୍ଷମତା ପ୍ରଦର୍ଶନ କରେ ଏବଂ ପତନର ସମୀପ ହୋଇଥାଏ । ବୁଦ୍ଧି ଭ୍ରଷ୍ଟ ଯୋଗୁଁ ହିଁ କୌରବ ମାନଙ୍କର ବିନାଶ ହୋଇଥିଲା। ବୈଦିକ ବିଚାର ଧାରାରେ କୁହାଯାଇଛି ବୁଦ୍ଧି ଈଶ୍ୱରକର ସର୍ବଶ୍ରେଷ୍ଠ ବରଦାନ । ବୁଦ୍ଧି ଦ୍ୱାରା ମନୁଷ୍ୟ ନିଜ ସହିତ ସମାଜ ଏବଂ ରାଷ୍ଟ୍ରର କଲ୍ୟାଣରେ ଆସିଥାଏ । ମେଧାପ୍ରାପ୍ତ ବ୍ୟକ୍ତି କଠିନ ଏବଂ ସୂକ୍ଷ୍ମ ବିଷୟକୁ ସରଳତା ପୂର୍ବକ ବନାଇଥାଏ ଏବଂ ଈଶ୍ୱରଙ୍କର ପ୍ରିୟଭାଜନ ମଧ୍ୟ ହୋଇଥାଏ । ବିଦ୍ୟା, ଅବିଦ୍ୟା, ଧର୍ମ, ଅଧର୍ମ, ସତ୍ୟ,

ISSN NO.
2582-208X

ଅସତ୍ୟର ମର୍ମକୁ ଜାଣିବାର କ୍ଷମତା ରହିଥାଏ । ଈଶ୍ୱର ଉପାସନା ସଦବୁଦ୍ଧି ପ୍ରାପ୍ତର ସର୍ବୋତ୍ତମ ମାଧ୍ୟମ ଅଟେ । ଈଶ୍ୱର ଜ୍ଞାନ ସ୍ୱରୂପ । ଆମ ପାଖରେ ଯେଉଁ ଜ୍ଞାନ ଅଛି, ତାର ମୂଳ ସ୍ରୋତ ସର୍ବ ବ୍ୟାପକ ଈଶ୍ୱର । ଯଦି ଆମେ ଏକାଗ୍ର ମନରେ ପ୍ରତିଦିନ ସାତ୍ତ୍ୱିକ ରୂପରେ ଈଶ୍ୱର ଉପାସନା କରିବା, ତେବେ ଆମ ଭିତରେ ଜ୍ଞାନର ପ୍ରକାଶ ବଢ଼ିବାରେ ଲାଗିବ । ଈଶ୍ୱର ଉପାସନାରେ ବୁଦ୍ଧି ପବିତ୍ର ବନିବ ଏବଂ ବିବେକ ଜାଗୃତ ହୁଏ । ବିବେକବାନ ହେଲେ ଆମ ଦ୍ୱାରା କୌଣସି ଭୁଲ୍ କର୍ମ ହୁଏନାହିଁ । ବିବେକ ହିଁ ଆମକୁ ସତ୍ୟ ଆଉ ମିଥ୍ୟାରେ ଅନ୍ତର ଦେଖାଇ ଥାଏ । ଧର୍ମ ଅଧର୍ମର ବିଚାର ମଧ୍ୟ ବିବେକରୁ ଜାଗୃତ ହୁଏ । ସଂକଟ ସମୟରେ ଧୈର୍ଯ୍ୟ ଏବଂ ବିବେକ ସହିତ ଆତ୍ମବଳ ମଧ୍ୟ ସଂଚାର ହୋଇଥାଏ । ଆଧୁନିକ ଯୁଗରେ କଠିନପୂର୍ଣ୍ଣ ଜୀବନ ଧାରଣରେ ମଧ୍ୟ ମେଧାଶକ୍ତିକୁ ଜାଗୃତ କରିଥାଏ । ମାନବର ବିଶେଷତା ହିଁ ତାର ବୁଦ୍ଧି ଯୋଗୁଁ । ସଂସାରରେ ସମସ୍ତ ପ୍ରାଣୀମାନଙ୍କ ମଧ୍ୟରେ ଶ୍ରେଷ୍ଠ ହେଉଛି ମନୁଷ୍ୟ । ମନୁଷ୍ୟ ମନର ବଡ ଶକ୍ତି ହେଉଛି ବିବେକ । ଯାହା ସହିତ ମନ ଏବଂ ବୁଦ୍ଧିର ଭୂମିକା ବିଦ୍ୟମାନ । ମନକୁ ବିଚାରର ପୁଞ୍ଜି କୁହାଯାଏ । ଯେତେବେଳେ ମନ, ଭାବନା ଏବଂ ବିଚାରକୁ ସ୍ୱୀକାର କରେ, ସେତେବେଳେ ଏହା ବୁଦ୍ଧିଦ୍ୱାରା ହୋଇଥାଏ । ବୁଦ୍ଧି ନିଜର ରାୟ ଦେଇଥାଏ ଏବଂ ବିବେକ ତାକୁ ମାପିଚୂପି ଭୁଲ ଠିକ୍ ର ଅର୍ଥ ବତାଏ । କିନ୍ତୁ ମନ କାହାକୁ ସ୍ୱୀକାର କରେ ତାହା ଉପରେ ନିର୍ଭର କରେ ।

ଜୟ ଉତ୍କଳ, ଜୟ ଓଡିଆ ।

ଅରବିନ୍ଦ ମିଶ୍ର

ISSN NO.
2582-208X

# ଭିତର ପୃଷ୍ଠାରେ....


| | | |
|---|---|---|
| ଡି.ଏଫ.ଓ କ୍ୟାମ୍ପବେଲ ବେ (ଧାରାବାହିକ) | ଅଶୋକ ବିଶ୍ୱାଳ | ୧୩ |
| ପଖାଳ | ଶଶଧର ମହାପାତ୍ର | ୨୩ |
| ମୌସୁମୀ | ଅଳକା ମହାନ୍ତି | ୨୫ |
| ନ ଥିବା ଶବ୍ଦମାନେ | ଡ. ଶକୁନ୍ତଳା (ନାୟକ) ଗୁପ୍ତା | ୨୭ |
| ଶେଷ ଦେଖା | ଡକ୍ଟର ବିଜ୍ଞାନୀ ଦାସ | ୩୦ |
| ଥରେ ଶୁଣିଯାଅ | ମଧୁମିତା ମିଶ୍ର | ୪୦ |
| ନିର୍ଭୟା ଓ ଅଭୟା | ଡ. ପ୍ରସନ୍ନ କୁମାର ବଳ | ୪୨ |
| ଉତ୍ସାହ ତୁ ଫେରିଆ | ଭାସ୍କର ଚନ୍ଦ୍ର ଖଣ୍ଡା | ୪୫ |
| ମଉସାଙ୍କ ଜନ୍ମଦିନ | ଶାନ୍ତିଲତା ମିଶ୍ର | ୪୭ |
| ଝରା ଶେଫାଳୀର ଛନକା ଛାତି | ସଂଯୁକ୍ତା ସାହୁ | ୫୦ |
| ହେ ଭଗବାନ ଗଣେଶ | ନିରୁପମା ମିଶ୍ର | ୫୨ |
| ଲଳିତ ନିବନ୍ଧ - ଦାରିଦ୍ର୍ୟର ଦ୍ୱାର | ବଦ୍ରୀ ମହାନ୍ତି | ୫୪ |
| ମେଘାଡମ୍ବର | ଇଂ. ସୁଶାନ୍ତ କିଶୋର ବଳ | ୫୮ |
| ମୋ ପ୍ରିୟା | କାର୍ତ୍ତିକେଶ୍ୱର ନାୟକ | ୬୧ |
| ଫରକ | ଆଶୁତୋଷ ମେହେର | ୬୩ |
| ଦେଉଛି ଶୁଭ ବିଦାୟ | ଛବି ରାଣୀ ପତି | ୬୫ |
| ଆସ ଆସ ମା ଦଶଭୁଜା | ପୁଷ୍ପାଞ୍ଜଳି ମିଶ୍ର | ୬୭ |
| ସ୍ୱାଧୀନତାକୁ ପଦେ | ଡ. ଜ୍ଞାନେଶ୍ୱର ମିଶ୍ର | ୬୯ |
| ଉଠ୍ ପୁଟୁର୍ (ଧାରାବାହିକ) | ଆରତୀ ସାହୁ (ଆଶା) | ୭୧ |
| କିଏ ରୋକିଛି ପ୍ରେମକୁ | ଜୟଶ୍ରୀ ପଟ୍ଟନାୟକ | ୭୮ |

ISSN NO.
2582-208X


| | | |
|---|---|---|
| ସ୍ୱୀୟା | ଦଣ୍ଡାସି ପ୍ରଧାନ | ୮୦ |
| ବୋଉ ଖବର | ଦିଲ୍ଲୀପ ଶତପଥୀ | ୮୨ |
| ମାଆ | ବିନୟ ମହାପାତ୍ର | ୮୫ |
| ହସିବାର କଳା ଆଣିନି ଜନ୍ମ ରୁ | ନିରୁପମା ପଟେଲ | ୯୯ |
| ଗଣପର୍ବ ନୂଆଁ ଖାଇ | ମନ୍ଦାକିନୀ ପାଢୀ | ୧୦୧ |
| ପ୍ରଭାତ | ପ୍ରଦୀପ କୁମାର ସିଂହଦେଓ | ୧୦୩ |
| ପତ୍ନୀ ନାମ କେବଳ | ସୁଧାଂଶୁ ଶେଖର ଦ୍ୱିବେଦୀ | ୧୦୬ |
| ରାଧାନାଥ ରାୟ | ଡ଼କ୍ଟର ସୀମାଞ୍ଚଳ ପ୍ରଧାନ | ୧୧୦ |
| ଆଞ୍ଜୁଳାଏ ଗାନ୍ଧୀଗୀତ | ସୁଜିତ୍ କୁମାର ମିଶ୍ର | ୧୧୨ |
| ଆଧୁନିକ ଓଡ଼ିଆ ସାହିତ୍ୟରେ ରୋମାଣ୍ଟିକ କାବ୍ୟ ଧାରାର ପ୍ରତିଫଳନ | ସ୍ୱାତୀ ସୁଚରିତା ପ୍ରିୟଦର୍ଶିନୀ | ୧୧୪ |
| ପ୍ରିୟା ଆଗମନେ | ଅମରନାଥ ବାରିକ | ୧୨୨ |
| କିପରି ଜନତା ଦେଶର ! | ଅଜିତ କୁମାର ରାଉତ | ୧୨୪ |
| ପ୍ରତିସ୍ପର୍ଦ୍ଧା | ଅଲେଖ ମେହେର | ୧୨୬ |
| ମୋହ | ଦେବଦତ୍ତା ଦେବୀ | ୧୨୮ |
| ସ୍ୱାଧୀନତା ର ସୂର୍ଯ୍ୟ ଆସିଛି ଉଇଁ | କୁଞ୍ଜବିହାରୀ ରାଉତ | ୧୩୪ |
| ଅଦୃଶ୍ୟ ଶକ୍ତି | ସୁଲତା ସାହୁ | ୧୩୬ |
| ପରିବର୍ତ୍ତନ | ଝିଲିମିଲି ସାହୁ | ୧୩୯ |
| ବିପ୍ଳବିନୀ ଗୋଦାବରୀ ଦେବୀ | ଭାରତୀ ମୁଦୁଲି | ୧୪୦ |
| ଅସ୍ତରାଗ | ରାମଚନ୍ଦ୍ର ବେହେରା | ୧୪୯ |
| ନାରୀଟିଏ | ଅମ୍ବିକା ସ୍ୱାଇଁ | ୧୫୧ |
| ପରା ବିଦ୍ୟା ଅପରା ବିଦ୍ୟା | ପ୍ରସନ୍ନ କୁମାର ମେହେର | ୧୫୩ |
| ଲେଖିଦେ ତୋ ନାଁ | ସ୍ୱର୍ଣ୍ଣମୟୀ ଷଡ଼ଙ୍ଗୀ | ୧୫୫ |

ISSN NO.
2582-208X


| | | |
|---|---|---|
| ମୃତ ସଞ୍ଜିବନୀ ବିଦ୍ୟା ପ୍ରାପ୍ତ ଦୈତ୍ୟ ଗୁରୁ ଶୁକ୍ରାଚାର୍ଯ୍ୟ | କାନନ ବାଳା ନାୟକ | ୧୫୮ |
| ସ୍ୱଭାବ କବି ଗଙ୍ଗାଧର ମେହେର | ବିଷ୍ଣୁପଦ ସିଂହଦେଓ | ୧୬୩ |
| ଗୁରୁଦେବ | ଡ଼. ପ୍ରିୟମ୍ବଦା ସାମଲ | ୧୬୫ |
| ରାତ୍ରି ଶେଷେ | ମୀନାକ୍ଷି ପାଢ଼ୀ | ୧୬୭ |
| ବସୁଷେଣ | ସୁନନ୍ଦା ମହାନ୍ତି | ୬୯ |
| ମିଳନ,ବିରହ | ସୁରାତ୍ରୀ ପ୍ରଧାନ | ୧୮୨ |
| ସୁଖଦୁଃଖ ଦୁହେଁ ଯାଆଁଳା ଭାଇ | ବିନୋଦିନୀ ଦାଶ | ୧୮୪ |
| ମାଆ | ରାଜକିଶୋର ସ୍ୱାଇଁ | ୧୮୬ |
| ପାରଦ ରହିଛି ଉପରେ | କାଳିପ୍ରସାଦ ମହାପାତ୍ର | ୧୮୮ |
| ଉପନ୍ୟାସ ଅଙ୍କୁରମାଳ-କୁପଥରୁ ସୁପଥକୁ ଯାତ୍ରା | କୁଞ୍ଜ ବିହାରୀ ସାହୁ | ୧୯୨ |
| ନିଷ୍ଠୁର ଶ୍ରାବଣ | ଜୟ କୁମାର ମିଶ୍ର | ୨୦୧ |
| ମୋହରା | ଅମୃତନାରାୟଣ ଶତପଥୀ | ୨୦୪ |
| ଅଂତରିକ୍ଷ ଦିବସ | ଡ଼. ସଦା ବିହାରୀ ସାହୁ | ୨୦୬ |
| କାମନା | ଆକୁଳାନନ୍ଦ ପୃଷ୍ଟି | ୨୦୮ |
| ବିବର୍ତ୍ତିତ ସଭ୍ୟତାର ନଗ୍ନଚିତ୍ର : "ସଂବୋଧି" | ରୁଦ୍ରନାରାୟଣ ସାହୁ | ୨୧୦ |
| ମଉଳା ଅପରାହ୍ନ | ହାସ୍ୟମୟୀ ରାଜ୍ | ୨୧୭ |
| ମୋ ଅନାବନା ଗୀତ | ନୀଳମଣି ଚାନ୍ଦ | ୨୧୯ |
| ପୂଜିତା ନା ପୀଡିତା? | ଦେବସ୍ମିତା ମହାନ୍ତି | ୨୨୧ |
| ପଲ୍ଲୀ ବଧୂ | ଦୀପକ ନାୟକ | ୨୨୩ |
| କ୍ରିଷ୍ଣାର ଅଭିସାର | ସୌମ୍ୟଶ୍ରୀ ବ୍ରହ୍ମା | ୨୨୫ |
| ନାରୀର ଅସ୍ତିତ୍ୱ?? | ସାଇନା ମହାପାତ୍ର | ୨୨୮ |

ISSN NO.
2582-208X


| | | |
|---|---|---|
| ନୂଆଁଖାଇ | ତପସ୍ୱିନୀ କିସାନ | ୨୨୯ |
| ଭକ୍ତି ସୁମନ | ସ୍ୱର୍ଣ୍ଣରେଖା ପଣ୍ଡା | ୨୩୧ |
| ଅସ୍ତିତ୍ୱ | ଡ଼ଃ ସ୍ୱାଗତିକା ସାହୁ | ୨୩୩ |
| ନବଚେତନାର କାବ୍ୟଧାରାରେ ମାନବବାଦୀ ଅନୁଚିନ୍ତା | ଡ଼କ୍ଟର ସଂଯୁକ୍ତା ଦାସ | ୨୩୬ |
| ଦେଶ ନିର୍ମାତା ଶ୍ରମିକ | ବାସନ୍ତୀ ଲତା ଜେନା | ୨୫୪ |
| ଶିଖି ଚାଲିଥିବା ସଦାଚାର | ରଘୁନାଥ ତ୍ରିପାଠୀ | ୨୫୬ |
| କାହା ପାଇଁ? | ସ୍ୱାଗତିକା ନାଏକ | ୨୫୮ |
| ବୋଇତ କଖାରୁ ଫୁଲ ମୁଁ ଅଟଇ | ଜୟନ୍ତ କୁମାର ମଲ୍ଲିକ୍ | ୨୫୯ |
| ବ୍ୟାସକବି ଫକୀରମୋହନ ସାହିତ୍ୟର ଏକ ଦର୍ପଣ | ତେଜସ୍ୱିନୀ ସାମଲ | ୨୬୦ |
| ମଙ୍ଗଳ ମୟୀ ମାଆ | ଗୁପ୍ତେଶ୍ୱର ଚାନ୍ଦ୍ | ୨୬୫ |
| ତମେ କେଉଁଠି ଥିବ ସ୍ମୃତିରେଖା | ବିଶ୍ୱନାଥ କର | ୨୬୬ |
| ତୁ ।। | ସୁଧୀର ମେହେର | ୨୬୯ |
| ରତ୍ନାକର ଚଇନିଙ୍କ ଉପନ୍ୟାସ: ଏକ ଅନୁଶୀଳନି | ଡକ୍ଟର ବିକ୍ରମ ବେହେରା | ୨୭୨ |
| କାହିଁକି ବାନ୍ଧିବ ରାକ୍ଷୀ ...? | ଦୀନବନ୍ଧୁ ବେଜ | ୨୮୫ |
| କାରାଗାରର ସନ୍ତାନ | ଯସ୍ମିତା ପ୍ରଧାନ | ୨୮୬ |
| ଭ୍ରାତୃ ହୃଦୟର ବିଳାପ | ନନ୍ଦିଘୋଷ ଭୋଇ | ୨୮୯ |
| ତୃପ୍ତି | ରଶ୍ମିତା ନାୟକ | ୨୯୧ |
| ତୁଳସୀ ଦୁଇ ପତ୍ର ରୁ ବାସେ | ପ୍ରଜ୍ଞା ପରମିତା ଦାଶ | ୨୯୩ |
| ସମ୍ପର୍କ | ସରସ୍ୱତୀ ମିଶ୍ର | ୨୯୬ |
| ମା'ର ଚିଠି | ଡ଼ଃ ଶୁଭେନ୍ଦୁ ମେହେର | ୩୦୦ |
| ନିଃସ୍ୱାର୍ଥ ପ୍ରେମ | ସୁଜାତା ପାହାନ | ୩୦୨ |

ISSN NO.
2582-208X


| | | |
|---|---|---|
| ପ୍ରଭୁ ଗଜାନନ | ପ୍ରକାଶ କୁମାର ଚାନ୍ଦ | ୩୦୫ |
| ରାକ୍ଷୀ ନୁହେଁ ରେଶମ ଡୋର | ପ୍ରକାଶ କୁମାର ପାଣିଗ୍ରାହୀ | ୩୦୭ |
| ଶ୍ରାବଣ ହଟେଇ ଆସିଚି ଶରତ | ପ୍ରଶାନ୍ତ କୁମାର ଦାଶ | ୩୦୮ |
| ସୁଇଟିର ସ୍ୱପ୍ନ | ହର ପ୍ରସାଦ ସୁଆର | ୩୧୦ |
| କାଳିଆ ସାଆନ୍ତ | ସତ୍ୟନାରାୟଣ ପ୍ରସାଦ ନାୟକ | ୩୧୭ |
| ମାଣିକ୍ୟେ ମାଣିକ୍ୟ ମଣ୍ଡିତା | ଦିନେଶ ମେହେର | ୩୧୯ |
| ଶ୍ରୀ ଜଗନ୍ନାଥ | ନମିତା ନାୟକ | ୩୨୧ |
| ଆହୁତି (ଧାରାବାହିକ) | ଡାଃ. ଅନିତା ପଣ୍ଡା | ୩୨୪ |
| ନଥିଲେ | ଯଜ୍ଞଦତ୍ତ ସାମନ୍ତରାୟ | ୩୩୨ |
| ଭାଷା-ସଂସ୍କୃତି | ପ୍ରତିଭା ଦାସ | ୩୩୩ |
| ଆକର୍ଷଣ - ବିକର୍ଷଣ | ନିରଞ୍ଜନ ସାହୁ | ୩୩୫ |
| ୧୯୮୦ ପରବର୍ତ୍ତୀ ଓଡିଆ କ୍ଷୁଦ୍ରଗଳ୍ପରେ ସାମାଜିକ ସମସ୍ୟାର ଚିତ୍ର | ସୀମା ସ୍ୱାଇଁ | ୩୩୭ |
| ତୁମେ ସହସ୍ରାଂଶୁ | ଶଶିରେଖା ଜେନା | ୩୪୩ |
| ଶ୍ରୀପତି ଶ୍ରୀମତୀ ପତି | ଡ. ଅର୍ଜୁନ ଚରଣ ବାରିକ୍ | ୩୪୫ |
| ତୁମେ | ପୂଜା ସାହୁ | ୩୪୭ |
| କପଟିଆ କାଳିଆ | ଗାୟତ୍ରୀ ବେହେରା | ୩୪୯ |
| ମୃତ୍ୟୁର ଅନୁଭୂତି | ପ୍ରିୟଦର୍ଶିନୀ ଓଝା | ୩୫୧ |
| ପୃଥିବୀ ପେଟର ଭୟଙ୍କର ରୂପ ଓ ଭୂମିକମ୍ପ | ଡକ୍ଟର କମଳାକାନ୍ତ ଜେନା | ୩୫୩ |
| ତୁମ ବିନା | ନନ୍ଦିତା ବଢ଼ାଇ | ୩୫୭ |
| ଗୁରୁ ବନ୍ଦନା | ଅକ୍ଷୟ ମହାନ୍ତି (ନିର୍ମାଲ୍ୟ) | ୩୫୯ |

ISSN NO.
2582-208X


| | | |
|---|---|---|
| ମିଛ ଅନୁରାଗ | ସୀମାଞ୍ଚଳ ରଣା | ୩୭୧ |
| ଅନାମିକା ପ୍ରେମିକା | ବିରଞ୍ଚି ନାରାୟଣ ମିଶ୍ର | ୩୭୩ |
| ମୁଁ ସେହି ଝିଅଟି | ପ୍ରଶାନ୍ତ ବ୍ରହ୍ମା | ୩୭୮ |
| ଜୀବନ ହାଟ | ବିନୟ କୁମାର ମିଶ୍ର | ୩୮୦ |
| ସାହିତ୍ୟ ନିଶା | ନରେନ୍ଦ୍ର ପ୍ରସାଦ ବେହେରା | ୩୮୩ |
| କେବେ କେରଳ ତ କେବେ ଅରୁଣାଚଳ (ଧାରାବାହିକ) | ପ୍ରିୟବ୍ରତ ପାତ୍ର | ୩୮୫ |
| ଜୀବନ - ମୃତ୍ୟୁ | ଜନ୍ମଜୟ ନାୟକ | ୩୯୨ |
| ଆସିବି ଆସିବି କହୁଥିଲ | ଚିତରଞ୍ଜନ ବେହେରା | ୩୯୪ |
| ନାରୀ ନୁହେଁ ସୁରକ୍ଷିତ | ଅର୍ପିତା ମହାପାତ୍ର | ୩୯୫ |
| ଅନ୍ଧାର କାହିଁକି ଗୁରୁତ୍ୱପୂର୍ଣ୍ଣ ? | ଅସିତ ମହାନ୍ତି | ୩୯୭ |
| ଭୁଲି ଗଲା ପରେ ଭଲରେ ଅଛି | ପ୍ରଶାନ୍ତ କୁମାର ନାଥ | ୪୦୧ |
| ଦେଓମାଳି | ହରିଶ୍ଚନ୍ଦ୍ର ବେହେରା | ୪୦୩ |
| ମୋ ପିଲାଦିନ | ଟିକେରାଜ ସାହୁ | ୪୦୭ |
| ଅନୁଭବର ଠାକୁର ମୋ ମଣିମା | ଡ. ଅଭିମନ୍ୟୁ କାନୁନଗୋ | ୪୦୮ |
| ଶବ୍ଦ ମାୟାରେ | ନିରଞ୍ଜନ ମହାରଣା | ୪୧୧ |
| "ଭରସା" | ଜଗନ୍ନାଥ ରଥ | ୪୧୩ |
| ଜନମ ମାଟିକୁ ଫେରିଛି ପାଦ | ଜ୍ୟୋତିର୍ମୟୀ ସାସମଲ | ୪୧୫ |
| ଶ୍ରୀ ଲକ୍ଷ୍ମୀ ଠାକୁରାଣୀ ଙ୍କ ପ୍ରିୟ ସ୍ଥାନ | ଜୟନ୍ତୀ ଦେବୀ | ୪୧୭ |
| କଳାକାର | କରିଶ୍ମା ତ୍ରିପାଠୀ | ୪୧୮ |
| ବ୍ରାହ୍ମଣ ଝିଅ | ସିଦ୍ଧେଶ୍ୱର ତ୍ରିପାଠୀ | ୪୧୯ |
| ପାହାଡ ତଳର ପଲ୍ଲୀ | ସୁହଂସ ଭୋଇ | ୪୨୧ |
| ଶ୍ରୀଦୁର୍ଗା ଆରତୀ | ଅଭିଳାଷ ବାରିକ୍ | ୪୨୩ |

ISSN NO.
2582-208X


| | | |
|---|---|---|
| ଶିବ ପଂଚାକ୍ଷରି ସ୍ତୋତ୍ରମ୍ | ଅଧ୍ୟାପିକା ରୋଜାଲିନ୍ ବାରିକ୍ | ୪୨୫ |
| ଓଳାଗୁଣୀର ସନ୍ଥ | ବିଜୟଲକ୍ଷ୍ମୀ ସାମଲ | ୪୨୬ |
| ଜନ ପଥ | ମନୋରଞ୍ଜନ ସୁରୁଜାଲ | ୪୩୧ |
| ଶେଷ ଚିଠି | ଦୁଷ୍ମନ୍ତ ବେହେରା | ୪୩୪ |
| ବଡ଼ କିଏ ? | ଅଭୟ କୁଣ୍ଡ | ୪୩୬ |
| ପ୍ରକୃତି ରଙ୍ଗାଜୀବ, ଗଙ୍ଗାଧର | ସନ୍ତୋଷ କୁମାର ବେହେରା | ୪୩୮ |
| ଶ୍ରୀ ଶ୍ରୀ ଗୋପାଳ ସ୍ତୁତି !! | ଅଳକା ବାରିକ୍ | ୪୪୦ |
| ଗଜଲ୍ | ତାରାପ୍ରସାଦ ଜେନା | ୪୪୨ |
| ଜନ୍ମାଷ୍ଟମୀ - ଅର୍ପଣ କରନ୍ତୁ ୪ ଟି ଜିନିଷ | ସମ୍ପଦା ଦେବୀ | ୪୪୩ |
| ତୁମେ କି ସେ କବି | ଖଗେଶ୍ୱର ବାଗ | ୪୪୫ |
| ସ୍ୱାର୍ଥହିତେ ନର | ବାଙ୍କାବିହାରୀ ମହାକୁର | ୪୪୭ |
| ମୁଦି ଓ ଆଙ୍ଗୁଠି | ଦେବଯାନୀ ବାରିକ୍ | ୪୪୯ |
| ଦୁଆର ଖୋଲିଲ ପ୍ରଭୁ | ଅଜିତ କୁମାର ପାଢ଼ୀ | ୪୫୧ |
| ମହିଳାମାନଙ୍କର ଅସ୍ମିତା ଓ ସ୍ୱତନ୍ତ୍ରତା ହନନ | ମମତା ନାୟକ | ୪୫୩ |
| ପୋଲ ଉପରେ ରୁଣ୍ଡ | ଧ୍ରୁବ ଚରଣ ଘିବେଲା | ୪୬୦ |
| ଏହି ୫ଟି ଜିନିଷ ସ୍ୱପ୍ନରେ ଦେଖିଲେ ହୋଇଥାଏ ଧନ ଲାଭ | ଅଧ୍ୟାପକ ଅବିନାଶ ବାରିକ୍ | ୪୬୨ |
| ଅକାଟ୍ୟ ବଚନ | ପାର୍ବତୀ ଦେବୀ | ୪୬୪ |
| ଅତିଥି | ଶିବରାମ ଦଳେ | ୪୬୫ |
| ଅସଜଡା ଭବିଷ୍ୟତ | ଅନନ୍ତ ପ୍ରସାଦ ପ୍ରଧାନ | ୪୬୬ |

ISSN NO.
2582-208X



| | | |
|---|---|---|
| ପଞ୍ଜିକ ପାଳନର ଆବଶ୍ୟକତା କଅଣ ? | ବାଲ୍ମୀକି ନାୟକ | ୪୬୮ |
| ଶ୍ୟାମଳ ପ୍ରେମିକ | ଅଶ୍ୱିନୀ ସୂତାର | ୪୭୧ |
| ସଂସ୍କାର : ଭବିଷ୍ୟତ ଜୀବନର ଆଧାର | ଲକ୍ଷ୍ମୀପ୍ରିୟା ବିଶ୍ୱାଳ | ୪୭୨ |
| ସତର୍କ ବାଣୀ | ଅଲେଖ ମେହେର | ୪୭୪ |
| ଈଶ୍ୱରଙ୍କୁ କେଉଁଠି ଖୋଜିବା | ମାଳତୀ ଦେବୀ | ୪୭୬ |
| ହନୁମାନ ଚାଳିଶା ପାଠ କଲେ କେଉଁ ଫଳ ମିଳେ | ସୁହାସିନୀ ବାରିକ୍ | ୪୭୮ |
| ସମର୍ପଣ ଓ ସମୃଦ୍ଧ ପରମ୍ପରାର ବାର୍ତ୍ତାବହ : ନୂଆଁଖାଇ | ସାଇପ୍ରସାଦ ସାହୁ | ୪୭୯ |
| ହେ କଳା କାହ୍ନୁ | କୁମର ଲାଲ ରଣା | ୪୮୪ |
| ଏ କେମିତି ଲୁହ | ରାଧାରାଣୀ ରାଉଳ | ୪୮୫ |
| କାଳୀୟ ଦଳନ | ନରେନ୍ଦ୍ର ପ୍ରସାଦ ବେହେରା | ୪୮୬ |


## ସ୍ୱାସ୍ଥ୍ୟ ବିଭାଗ


| | | |
|---|---|---|
| ରୁଦ୍ରାକ୍ଷ ର ପ୍ରକାର ଭେଦ | ଡକ୍ଟର ଅଭିମନ୍ୟୁ କାନୁନଗୋ | ୪୮୯ |
| ଅମୃତ ଭଣ୍ଡାର ସ୍ୱାସ୍ଥ୍ୟ ଉପକାରୀତା | ଡାକ୍ତର ବସନ୍ତ କୁମାର ଷଡ଼ଙ୍ଗୀ | ୪୯୨ |


## ଆଞ୍ଚଳିକ


| | | |
|---|---|---|
| ଇଛେନ୍ ମୁଝେ କେଚ୍ କର | ଗଜାନନ ମିଶ୍ର | ୪୯୬ |
| ପଶ୍ଚିମ୍ ଓଡିଶାର୍ ଶିଘା ତିହାର୍ | କ୍ଷୀରୋଦିନୀ ସାହୁ | ୪୯୭ |
| ଆମର ଭାସି, ଆମର ଲେଖା | ବ୍ରଜମୋହନ ମେହେର | ୪୯୯ |
| ଆଖରୀ ନିଦାନ୍ | ସୁନୀଲ କୁମାର ଅଗସ୍ତି | ୫୦୬ |

ISSN NO.
2582-208X


| | | |
|---|---|---|
| ଧରମ ଭାଇ | ସତ୍ୟନାରାୟଣ ମିଶ୍ର | ୫୦୮ |
| ମୋର୍ କସମ୍ | ଅନିରୁଦ୍ଧ ରଣା | ୫୧୦ |
| **ଶିଶୁ ବିଭାଗ** | | |
| ରୂପା ଗଛର ମାଣିକ କୋଳି | ଡ଼ଃ ରଞ୍ଜିତ କୁମାର ସାହୁ | ୫୧୩ |
| ଶ୍ରମିକ ଭଗବାନ | ଅନାଦି ଚରଣ ବେହେରା | ୫୧୮ |
| କହିଲ ଦେଖି | ଅମରନାଥ ବାରିକ୍ | ୫୨୦ |
| ପ୍ରଗତି ପଥେ ଆଗେଇବା | ବିକାଶ କୁମାର ହୋତା | ୫୨୨ |
| ଗାନ୍ଧିଜୀଙ୍କ ତିନି ମାଙ୍କଡ଼ | ହରେରାମ ପଣ୍ଡା | ୫୨୪ |
| କୁହୁକ ଗପ ପେଢ଼ି | ରାମ ଚନ୍ଦ୍ର ପ୍ରଧାନ | ୫୨୬ |
| ଚିତ୍ର | ଆଦବିକା ପଟ୍ଟନାୟକ | ୫୨୭ |
| ସମୀକ୍ଷା /ମତାମତ | ଦେବଯାନୀ ସ୍ୱାଇଁ | ୫୨୮ |
| ଅକ୍ଟୋବର ମାସରେ ପଡୁଥିବା ପର୍ବପର୍ବାଣୀ | ସଂଗୃହୀତ | ୫୩୧ |
| ଚିତ୍ର କଥା କହେ | ବେଦାନ୍ତୀ ପରିବାର | ୫୩୨ |

ISSN NO.
2582-208X

# ଡି.ଏଫ.ଓ

# କ୍ୟାମ୍ପବେଲ ବେ



ଅଶୋକ ବିଶ୍ୱାଳ

## ୨୮- ତାରକା ଖଚତ ଜଳଯାତ୍ରା

"ଥାଇଲାଣ୍ଡର ରାଣୀ କ୍ୟାମ୍ପବେଲ ବେ ଆସିବେ ।"- ଅସୀମ ଶୋଭନାଙ୍କୁ କହିଲେ ।

"ସତରେ ଏକ ରାଣୀ ଆସିବେ ?"

"ହଁ, ତା' ପୁଣି ଥାଇଲାଣ୍ଡର ରାଣୀ ।"

"ଥାଇଲାଣ୍ଡର ମହିଳାମାନେ କୁଆଡେ ସୁନ୍ଦରୀ । ରାଣୀ ହୋଇଥିଲେ ତ ଅପୂର୍ବ ସୁନ୍ଦରୀ ହୋଇଥିବେ ।"

"ନିଶ୍ଚିତ ଭାବେ ସେଇଆ ହୋଇଥିବ ।"

"ତାହାହେଲେ ରାଣୀଙ୍କ ଦେହ ଚମକୁଥିବା । ତାଙ୍କ ଦେହର ରଙ୍ଗ ଦୁଧ ଅଳତା, ହଳଦିଆ ରଙ୍ଗର ହୋଇଥିବ । ସେ ଅତି ସୁନ୍ଦରୀ ଥିବେ । ତାଙ୍କ ଦେହରେ ଟିକିଏ ଖୁଣିବାକୁ ନଥିବ। ମୁହଁ ଚାନ୍ଦ ଭଳି ଉଜ୍ଜ୍ୱଳ ଆଉ ପୂର୍ଣ୍ଣ ଥିବ । ତାଙ୍କୁ ଦେଖିଲେ ଘଡିଏ ଅନାଇବାକୁ ଇଚ୍ଛା ହେବ ।"-ଶୋଭନାଙ୍କ କଣ୍ଠ ପ୍ରାୟ ଥରୁଥିଲା ।

ଏମିତି ଥାଇଲାଣ୍ଡ ରାଣୀଙ୍କ ବିଷୟରେ ସେମାନେ କଥାହେଲେ । ଥାଇଲାଣ୍ଡ ରାଣୀ ଏକ ସରକାରୀ କାର୍ଯ୍ୟକ୍ରମରେ ଆସିବେ । ସେଇଥି ପାଇଁ ଶୋଭନା ତାଙ୍କୁ ଦେଖିବାକୁ

ISSN NO.
2582-208X

ଯାଇପାରିବେ ନାହିଁ । ତଥାପି ବି ଶୋଭନା କିନ୍ତୁ ରାଣୀଙ୍କ ଉପରେ ନଭାବି ରହିପାରିଲେ ନାହିଁ । ସେ ଭାବୁଥିଲେ ରାଣୀଙ୍କର ପୋଷାକ ଅତି ମୂଲ୍ୟବାନ ହୋଇଥିବ । ପୋଷାକରେ ନିଶ୍ଚିତ ଭାବେ ସୁନାର ସୂତା ଲାଗିଥିବ । ଫଟୋରେ ସେମାନେ ଥାଇଲାଣ୍ଡର ସୌନ୍ଦର୍ଯ୍ୟ ତଥା ରାଜମହଲର ଐଶ୍ୱର୍ଯ୍ୟ ଦେଖିଛନ୍ତି । ସେମାନେ ଥାଇଲାଣ୍ଡରେ ହେଉଥିବା ସୁସଜ୍ଜିତ ନୌବିହାର କଥା ଜାଣି ବିସ୍ମିତ ହୋଇଯାଇଛନ୍ତି । ସେଥିରେ ଥାଇଲାଣ୍ଡର ରାଜାଙ୍କର ଐଶ୍ୱର୍ଯ୍ୟ ଆଉ ଥାଇ କଲାକାରଙ୍କ କଳାକୃତି ପ୍ରଦର୍ଶିତ ହୁଏ । ବାଦ୍ୟମାନ ବଜାଯାଏ । ଏକ ବିଶାଳ ଅତିସୁସଜ୍ଜିତ ନୌବହରକୁ ଜଳକୁ ଓହ୍ଲାଇ ଯାଇଥାଏ । ରାଜା ସୁବର୍ଣ ସିଂହାସନରେ ବସିଥାନ୍ତି, ରାଣୀମାନେ ଆୟଅଳଙ୍କାରରେ ମଣ୍ଡିତ ହୋଇଥାନ୍ତି । ଏତେ ରତ୍ନ, ବୈଦୁର୍ଯ୍ୟର ସମାହାର ପ୍ରାୟ ଆଉ କେଉଁଠି ଦେଖିବାକୁ ମିଳେନାହିଁ । ତେଣୁ ରାଣୀଙ୍କର ସୌନ୍ଦର୍ଯ୍ୟ, ବେଶ ପୋଷାକ, ଥାଟବାଟ ଜାଣିବାକୁ ତାଙ୍କର ଆଗ୍ରହର ଯେମିତି ସୀମା ନଥିଲା ।

“ରାଣୀ କଚ୍ଛପ ଦେଖିବାକୁ ଆସୁଛନ୍ତି ।”- ଏଖବର ପାଇ ପ୍ରଥମେ ଅସୀମ ମଧ୍ୟ ଆଶ୍ଚର୍ଯ୍ୟ ହୋଇଥିଲେ । କିନ୍ତୁ ତାଙ୍କୁ ଖୁସି ଲାଗୁଥିଲା ଏକ ପ୍ରତିଷ୍ଠିତ ରାଜପରିବାରର ରାଣୀ ସମୁଦ୍ର କଚ୍ଛପ ଦେଖିବାକୁ ଆସୁଛନ୍ତି । ଥାଇଲାଣ୍ଡର ରାଜ ପରିବାର କେତେଶହ ବର୍ଷର । ବିଶ୍ୱର ଅତି ପୁରୁଣା ରାଜ ପରିବାର ଭିତରୁ ଅନ୍ୟତମ ।

ଆଉ ଶୋଭନା ଭାବୁଥିଲେ ରାଣୀଙ୍କ ପରି ମହିୟସୀ ମହିଳାମାନେ ଅତି ବିଶାଳ ସମୁଦ୍ର କଚ୍ଛପକୁ ଦେଖିବାକୁ ଆସିବା ଉଚିତ । ଏମିତି ତ ଆଣ୍ଡାମାନ ଦ୍ୱୀପକୁ ଆସୁଥିବା ପ୍ରମୁଖ ଲୋକମାନେ ତଥା ଏଠାକାର ଭିନ୍ନ ପଦପଦବୀରେ ଥିବା ଉଚ୍ଚ ପଦାଧୀକାରୀ ତଥା ବିଶିଷ୍ଟ ବ୍ୟକ୍ତିଗଣ ପ୍ରାୟ ସମୁଦ୍ର କଚ୍ଛପ ଦେଖିବାକୁ କ୍ୟାମ୍ପବେଲ ବେ ଆସନ୍ତି । ଏ ଭିତରେ ଆର୍ମି ଜେନେରାଲ, ଗଭର୍ଣର ଆଦି ଆସିସାରିଛନ୍ତି । ଆଉ ଥାଇଲାଣ୍ଡର ରାଣୀ ଆସିବା ଏକ ମୁଖ୍ୟ ଖବର କ୍ୟାମ୍ପବେଲ ବେରେ ହୋଇଯିବ । ଶୋଭନା ରାଣୀଙ୍କ ବ୍ୟକ୍ତିତ୍ୱ ନୁହେଁ, ରାଣୀଙ୍କ ସୌନ୍ଦର୍ଯ୍ୟ ବିଷୟରେ ଜାଣିବାକୁ ବେଶି ଇଚ୍ଛୁକା ଥିଲେ । ଏଇଠୁ ସେମାନେ ଥାଇଲାଣ୍ଡ ଯାଇପାରିବେନି । କିନ୍ତୁ ପାଖରେ ଏକ ରାଣୀଙ୍କୁ ଦେଖି ତାଙ୍କର ବ୍ୟବହାର, ଚଳଣି ଇତ୍ୟାଦି ବିଷୟରେ ଧାରଣା କରିପାରିବେ । ଥାଇଲାଣ୍ଡ ଏକ ଅତି ସୁନ୍ଦର ଦେଶ ।

ISSN NO.
2582-208X

ଏ ସମୁଦ୍ର କଚ୍ଛପରେ ନିଶ୍ଚିତ ଭାବେ କିଛି ସୁନ୍ଦରତା କିମ୍ବା ମହାନତା ଅଛି, ଯାହା କେତେ କେତେ ଅତି ସମ୍ମାନୀୟ ବ୍ୟକ୍ତିବିଶେଷଙ୍କୁ ଆକର୍ଷିତ କରିପାରୁଛି । ସେଇ ମହାନତାର ବିଷୟବସ୍ତୁଟି କ'ଣ ତାହା ଅସୀମଙ୍କ ମାଧ୍ୟମରେ ଜାଣିପାରିବେ ।

କିନ୍ତୁ ଅସୀମଙ୍କ ଭାବିବା ହିସାବରେ ସମୁଦ୍ର କଚ୍ଛପ ସେମିତି କିଛି ଅପୂର୍ବ ଆକର୍ଷଣୀୟ ଜନ୍ତୁ ନୁହେଁ ବା ଏହା ସହ କେଉଁ ମହାନ ସଂସ୍କୃତି ଯୋଡା ହୋଇଥିବାର ଖବର ନାହିଁ । ଅବଶ୍ୟ ଚୀନ ପରି ଦେଶରେ କେଉଁଠି ସୁନା ବା ସ୍ଫଟିକ କଚ୍ଛପର ଛୋଟ ମୂର୍ତ୍ତୀ ରଖନ୍ତି । ବାଘର ଚମ ପରି ସମୁଦ୍ର କଚ୍ଛପର ଖୋଳ ମୋଟେ ମସୃଣ ବା ଚକଚକିଆ ନୁହେଁ । ଶୋଭନାଙ୍କୁ ଲାଗେ ଏକ ବାଲି ଲାଗିଥିବା, କଳା ଦେଖାଯାଉଥିବା ସମୁଦ୍ରର ପ୍ରାଣୀଙ୍କୁ ଦେଖିବା ପାଇଁ ଏତେ ଲୋକ ଆସୁ୍ଛନ୍ତି ତାହାହେଲେ କାହିଁକି ? ତାଙ୍କର ମଧ୍ୟ ଏକା ମତ, ଜ୍ୟାଣ୍ଟ ଲେଦର ବ୍ୟାକ ଟର୍ଟଲ ସେମିତି ଉଜ୍ଜ୍ୱଳ ଆକର୍ଷଣୀୟ ବା ଚଞ୍ଚଳ ନୁହେଁ । ଏ ସାମୁଦ୍ରିକ ଜୀବ ପାଖରେ ତିମିର ବିଶାଳତା ବା ଶାର୍କ ମାଛର କ୍ଷିପ୍ରତା ନାହିଁ । ବାଇଓ ଲୁମିନେନ୍ସ ଅର୍ଥାତ ଦେହରୁ କିଛି ଆଲୋକ ମଧ୍ୟ ବାହାରେ ନାହିଁ । ପହଁରି ଡଲଫିନ ଭଳି କିଛି କଳା କୌଶଳ ମଧ୍ୟ ଦେଖାଇନଥାନ୍ତି କଚ୍ଛପମାନେ । ବହୁ ଧିରେ ପହଁରନ୍ତି । ସମୁଦ୍ର ତଳରେ ରହିବାକୁ ବେଶି ପସନ୍ଦ କରନ୍ତି । ନିଃଶ୍ୱାସ ନେବାକୁ ବେଳେବେଳେ ଉପରକୁ ଉଠନ୍ତି । ଏ ଜ୍ୟାଣ୍ଟ ଲେଦରବ୍ୟାକ କଚ୍ଛପର ଦେହର ଉପରେ ଅନ୍ୟ କଚ୍ଛପ ଭଳି ଟାଣ ହାଡର ଖୋଳପା ନାହିଁ । ମୋଟା ଚମଡା, ଲମ୍ବା ଗାର ଭଳି କିଛି ପଡିଛି । କିନ୍ତୁ ଏ କଚ୍ଛପ ଅନ୍ୟ କଚ୍ଛପ ଠାରୁ ଅନେକ ଅନେକ ବଡ । ପ୍ରାୟ ତିନି ଚାରି ଫୁଟ ଲମ୍ବ ହୋଇପାରେ । କିନ୍ତୁ ଏତିକି ପ୍ରଭେଦ ଦେଖିବାକୁ ଲୋକେ କାହିଁକି ଆସନ୍ତି ?

"କଚ୍ଛପ ସାମ୍ରାଜ୍ୟର ବିଶାଳତମ କଚ୍ଛପ ଦେଖିବାକୁ ଏକ ରାଣୀ ତ ଆସିବେ ।"- ବହୁ ସମୟ ଭାବି ଶୋଭନା କହିଲେ । ଏକ ଉତ୍ତର ସେ ଶେଷରେ ଖୋଜିନେଇଥିଲେ ।

"ସୁନ୍ଦରୀ ରାଣୀମାନେ, ଶକ୍ତିଶାଳୀ ରାଜାମାନେ, ଆଉ ବଡ ପ୍ରସିଦ୍ଧ ବ୍ୟକ୍ତିମାନେ ସୁନ୍ଦର ଆଉ ବିଶାଳ ଜିନିଷ କେବଳ ଦେଖନ୍ତି । ସେଇଥି ପାଇଁ ତ ସେମାନେ ଏତେ ଉଚ୍ଚ ହୋଇଥାନ୍ତି ।"-ଅସୀମ ହସିକରି ଉତ୍ତର ଦେଉଥିଲେ ।

ISSN NO.
2582-208X

ଅସୀମ ଆଉ ଶୋଭନା ଜ୍ୟାଷ୍ଟ ଲେଦରବ୍ୟାକ କଚ୍ଛପକୁ ବହୁବାର ଦେଖିସାରିଥିଲେ । ତେଣୁ ସେମାନଙ୍କର ଆଉ ବେଶି କିଛି ଦେଖିବାର ନଥିଲା । ମାଇ କଚ୍ଛପ ଅନ୍ଧାର ରାତିରେ ଅଣ୍ଡାଦେବା ପାଇଁ ପ୍ରାୟ ନଦୀ କୂଳିଆ ସମୁଦ୍ରର ବାଲି ଚଡାକୁ ଆସେ । ଅନେକ ଏପଟ ସେପଟ ହୋଇ ଉପଯୁକ୍ତ ବାଲିଆ ଜାଗା ଖୋଜେ । ଠିକ ଜାଗାରେ ନିଜ ବ୍ୟାକ ଫ୍ଲିପରରେ ବାଲିରେ ଗାତ ଖୋଳେ ଓ ସେହି ଗାତରେ ଶହେରୁ ଅଧିକ ଗୋଲଗୋଲ ଅଣ୍ଡା ଦିଏ । ପରେ ସେ ଗାତକୁ ବାଡେଇ ଠିକଭାବେ ସମତଳ କରେ ଯେମିତିକି ସହଜରେ ତା' ଗାତର ଅବସ୍ଥିତି ଜଣା ନପଡୁ । ସହଜରେ ତା' ଅଣ୍ଡାର କ୍ଷତି କେହି ନକରୁ । ଅଣ୍ଡା ଦେବା ପର୍ବ ଶେଷ ହେଲାପରେ ମା' କଚ୍ଛପ ଧିରେ ଘୋହାରି ହୋଇ ସମୁଦ୍ର ଭିତରକୁ ଫେରିଯାଏ । ତେଣୁ କଚ୍ଛପ ଆସି ଅଣ୍ଡା ଦେବା ଅସୀମଙ୍କ ପାଇଁ ବେଶି ବଡ ଖବର ନୁହେଁ, ଶୋଭନାଙ୍କ ପାଇଁ କେବଳ ରାଣୀ ଆସିବା ବଡ ଖବର ଥିଲା ।

ଆଉ ନିର୍ଦ୍ଧାରିତ ଦିନରେ ଥାଇଲାଣ୍ଡର ରାଣୀଙ୍କର ଆଗମନ ହେଲା । ଅସୀମ ତାଙ୍କୁ ୪୧ କିମି ଗଲାଥିଆ ବିଚ କ୍ୟାମ୍ପରେ ନିଜର ଆଉ ଅନ୍ୟ ଷ୍ଟାଫମାନଙ୍କ ସହ ଅଭିବାଦନ କଲେ । ରାଣୀଙ୍କୁ ଯଥାବିଧି ସ୍ୱାଗତ କରାଗଲା ଆଉ ସମ୍ମାନ ପ୍ରଦର୍ଶନ କରାଗଲା । କେଉଁ ରାଜକୀୟ ବନ୍ଦୋବସ୍ତ ନଥିଲା । ଅନ୍ୟମାନଙ୍କୁ ଯେଉଁ ସୁବିଧା ଦିଆଯାଏ, ସେଇପରି ଅତି ସାମାନ୍ୟ ବନ୍ଦୋବସ୍ତ । କିନ୍ତୁ ଅତି ଶିଷ୍ଟାଚାର ସହ ତାଙ୍କୁ ସମ୍ମାନ ଦିଆଯାଇଥିଲା । ରାଣୀ ବେଶ କିଛି ସମୟ ବେଳାଭୂମିରେ କଟାଇଲେ ଆଉ ସନ୍ତୁଷ୍ଟ ହୋଇ ବିଳମ୍ବ ରାତ୍ରିରେ କ୍ୟାମ୍ପବେଲ ବେ ଫେରିଯାଇଥିଲେ । ପରଦିନ ଶୋଭନାଙ୍କୁ ଅସୀମ ରାଣୀଙ୍କ ଆଗମନ ସହ ହୋଇଥିବା ଘଟଣା ଆଉ କଚ୍ଛପମାନଙ୍କ ବିଷୟରେ ବିସ୍ତୃତରେ କହୁଥିଲେ ।

"୪୧ କିମି ଉପକୂଳ ଅର୍ଥାତ ଗଲାଥିଆ ବିଚର ମୁଖ୍ୟ ଅତିଥି ହେଉଛନ୍ତି ସମୁଦ୍ର କଚ୍ଛପ । ରାଣୀ ଜଣେ ସମ୍ମାନିତ ଅତଥି ।"- ଅସୀମ ଶୋଭନାଙ୍କୁ କହିଲେ ।

"ଗଲାଥିଆ ବିଚରେ ତାହେଲେ ଏକ ସଭା ହୋଇଥିଲା ।"-ଶୋଭନା ମଧ୍ୟ ହସିକି କହିଲେ । ଆଉ ରାଣୀଙ୍କର ରୂପସୌନ୍ଦର୍ଯ୍ୟ ଆଦି ଜାଣିବାକୁ ତାଙ୍କର ବହୁ ଆଗ୍ରହ ଥିଲା? ସେ କ'ଣ ସବୁ ପିନ୍ଧିଥିଲେ? ଅସୀମ କିଛି ବେଶି କହିବା ଆଗରୁ ଅନେକ ଗୁଡିଏ ପ୍ରଶ୍ନ

ISSN NO.
2582-208X

ଶୋଭନା ଏକା ସାଙ୍ଗରେ ମନରେ ଏକାଠି କରିନେଲେ । ଅସୀମ ମନେ ମନେ ଜାଣି ସବୁ ମିଶାଇ କରି କୁହନ୍ତୁ ।

"ରାଣୀ ଜଣେ ସମ୍ମାନିତ ମହିଳା ମାତ୍ର ।"-ଅସୀମ ଏତିକି କହି ଚୁପ ହୋଇଗଲେ । ତାଙ୍କର ଏକ ଦୃଷ୍ଟ ଚାହାଣୀ ଶୋଭନାଙ୍କ ଉପରେ ବୁଲିଗଲା । ମହିଳାମାନେ ଏକ ସୁନ୍ଦରୀ ତଥା ସମ୍ମାନିତା ମହିଳାମାନଙ୍କ ବିଷୟରେ ଜାଣିବାକୁ ବେଶି ବ୍ୟଗ୍ର ହୋଇପଡନ୍ତି ।

"ରାଣୀ ଏକ ଆଶ୍ଚର୍ଯ୍ୟଜନକ ପ୍ରାଣୀଙ୍କୁ ତା'ର ପ୍ରାକୃତିକ ସ୍ଥାନରେ ଦେଖିବାକୁ ଆସିଥିଲେ।"-ଅସୀମ ରାଣୀଙ୍କ ବିଷୟରେ ନକହି କଚ୍ଛପ ଆଡକୁ ବିଷୟ ଟାଣୁଥିଲେ ।

"ଆଚ୍ଛା ଛାଡ, ରାଣୀ କେମିତି ଥିଲେ ?"

"ଏକ ସାଧାରଣ ପତଳା ସ୍ତ୍ରୀ ଲୋକ ଥିଲେ । ଦେହରେ କିଛି ମୂଲ୍ୟବାନ ବସ୍ତ୍ର ନଥିଲା । ବାହାରେ ଏକ ମାର୍କେଟ ପ୍ଲେସରେ ଦେଖିଲେ, ତାଙ୍କୁ କେହି କେବେ ଏକ ରାଣୀ କହିବନି । ମଣିଷ ସଜେଇ ହେଲେ ସିନା ରାଣୀ ହୋଇଯାଏ । ନହେଲେ ମଣିଷ ହେଉଛି ଏକ ମଣିଷ ମାତ୍ର ।"

"ଥାଇଲାଣ୍ଡର ରାଣୀ, ପୁଣି ସଜାଇ ହୋଇନଥିଲେ ? ସେଠାରେ ତ ସୁନାର ବ୍ୟବହାର ବହୁ ବେଶୀ । ରାଜା ରାଣୀମାନେ କାଳେ ସୁନାରେ ଛାଉଣୀ ହୁଅନ୍ତି ।"

"ରାଣୀ ମଧ୍ୟବୟସ୍କା କିମ୍ବା ତାଠାରୁ ଅଧିକ । ସେମିତି ରୂପ ନାହିଁ ।"

"ତରୁଣୀ ସିନା ହୋଇଥାନ୍ତେ ତାହାହେଲେ ରୂପର ଝଲକ ଥଆନ୍ତା, ଶୃଙ୍ଗାରର ବିନ୍ୟାସ ଥାଆନ୍ତା ।"-ଅସୀମ ମନେମନେ ଭାବିଲେ । ପ୍ରକୃତରେ ତରୁଣ ବୟସ ହେଉଛି ଜୀବନର ଶୋଭାମୟ ମୁକୁଟ । ଅନ୍ୟସବୁ ବୟସ, ତରୁଣ ବୟସକୁ ଧରିବାକୁ ଚେଷ୍ଟା କରେ ମାତ୍ର ।

ଶୋଭନାଙ୍କ ମୁହଁ ସାମାନ୍ୟ ଝାଉଁଳି ପଡିଲା । ସେ ଚାହୁଁଥିଲେ ଅସୀମ ରାଣୀଙ୍କ ପୋଷାକ ପତ୍ର, ତାଙ୍କର ପିନ୍ଧା ମଣି ମାଣିକ୍ୟ, ତାଙ୍କ ସହଚର, ସହଚରୀମାନଙ୍କ ବିଷୟରେ ବେଶ କିଛି କହିଥାନ୍ତେ । କିନ୍ତୁ ସେ ବିଷୟରେ କିଛି କଥା ହେଉନଥିଲା । ଏକ ତରୁଣୀ ସବୁବେଳେ ବେଶି ରଙ୍ଗକଥା ଶୁଣିବାକୁ ଚାହେଁ । ଆଉ ସେଠାକୁ ତାଙ୍କର ସଖୀ,

ISSN NO.
2582-208X

ସହଚରୀମାନେ ଆସିନଥିଲେ । ସେମାନଙ୍କ ହସ, ଖେଳାରେ ଗଲାଥିଆ ବିଚରେ ବାଣର ରୋଷଣୀ ହୋଇନଥିଲା । ରାତ୍ରିର ଅନ୍ଧକାରରେ ସାମାନ୍ୟ ପରିବର୍ତ୍ତନ ଆସିନଥିଲା ।

"କଚ୍ଛପ ଦେଖିଲେ ?"

"ଜ୍ୟାଣ୍ଟ ଲେଦରବ୍ୟାକ କଚ୍ଛପ ଆସିଥିଲା । ଭାଗ୍ୟର କଥା ।"

"ବହୁତ ବଡ କଚ୍ଛପ । କଚ୍ଛପ ସାମ୍ରାଜ୍ୟର ମଉଡମଣି । ସେମାନେ ଅନେକ ସମୟ ନିଅନ୍ତି ବଢିବାକୁ । କେଉଁ ସମୁଦ୍ରତଳ ପାଣିରେ ଚରା କରନ୍ତି ।"

"କଚ୍ଛପର ଦୁନିଆ କୁଆଡେ ବହୁତ ସୁନ୍ଦର ।"

"ରୂପର ପଟାନ୍ତର ନାହିଁ । କୋରାଲର ଦୁନିଆ । କେଉଁ ରଙ୍ଗ ନାହିଁ ସେଠାରେ । ଆନିମୋନେ କୋରାଲମମାନ ଛତ୍ର ଭଳି ହଲୁଥିବ । ସାମୁଦ୍ରିକ ଗୁଳ୍ମମାନ କଚ୍ଛପ ଦେହରେ ଘଷି ହୋଇଯାଉଥିବ ନରମରେ ଆଉ କଚ୍ଛପ ଉଜ୍ଜ୍ୱଳ ଦିଶୁଥିବ । କେତେକେତେ ରଙ୍ଗର ମାଛ ବୁଲୁଥିବେ । ଶାମୁକାମାନ ମୋତିକୁ ଧରି ଚମକୁଥିବେ । ପାଣିରେ ଡଲଫିନମାନେ ଯେମିତି ଦୋଳି ଖେଳୁଥିବେ । ଏମିତି କେଉଁ ରଙ୍ଗ ନାହିଁ ଯାହା କଚ୍ଛପର ଦୁନିଆରେ ନାହିଁ।"

"ରଙ୍ଗ ସାମାଜ୍ୟର ରାଜକନ୍ୟାକୁ ଦେଖିବା ପାଇଁ ବୋଧେ ଥାଇଲାଣ୍ଡର ରାଣୀ ଆସିଥିଲେ।"

"ରାଣୀ କଚ୍ଛପକୁ ଦେଖି କ'ଣ ଭାବିଥିବେ ?"

"କହିପାରିବିନି । ବୋଧହୁଏ ଶକ୍ତି, ବୋଧହୁଏ ବୟସ, ବୋଧହୁଏ ପରିଶ୍ରମ, ଅଧ୍ୟବ୍ୟସାୟ ଏମିତି କିଛି ଭାବିଥିବେ ।"

"ସେ ଶକ୍ତି ଆଉ କଚ୍ଛପ ଦେଶର ସୌନ୍ଦର୍ଯ୍ୟ ସମୁଦ୍ର କଚ୍ଛପ ଠାରୁ ମାଗିଥାନ୍ତେ ଆଉ ଲମ୍ବା ବୟସର ଚାଦର ଘୋଡାଇ ହେବାକୁ ଚାହୁଁଥାନ୍ତେ । ଦେଖୁନ ସମୟକୁ ଲମ୍ବା ଧରିବା ପାଇଁ କିଛି ଲୋକେ ଲମ୍ବା ଯାତ୍ରା ମଧ୍ୟ କରନ୍ତି । ସବୁ ସମୟରେ, ସବୁ ଯାଗାରେ ତାହା ଘଟିଯାଇଛି ।"

ISSN NO.
2582-208X

"ସେଇଥି ପାଇଁ ରାଜା ରାଣୀମାନେ ଲମ୍ବା ଯାତ୍ରା କରନ୍ତି । ସେମାନେ ଦୁନିଆର ସବୁ କୋଣ ଦେଖିଥାନ୍ତି । ସେମାନଙ୍କ ଜୀବନ ଅନ୍ୟମାନଙ୍କ ଠାରୁ ଲମ୍ବା ହୋଇଯାଏ ଆଉ ଲୋକେ ସେମାନଙ୍କ କଥା କହୁଥାନ୍ତି ।"

"ଥାଇଲାଣ୍ଡ କେତେ ଦୂରରେ ଦେଖୁନ । ରାଣୀ ଯାତ୍ରାକରି ଏକ ଲମ୍ବା କଚ୍ଛପକୁ ଦେଖିବାକୁ ଆସିଲେ ।"

"କଚ୍ଛପମାନେ ବହୁ ବେଶି ବହୁ ଦୂର ଯାତ୍ରା କରନ୍ତି । ପାଣିରେ ପାଣିରେ ଯାତ୍ରା । କିଛି ମାସ ଲାଗୁଥିବ ।"

"ଯାତ୍ରାରେ ଥିବେ କେତେ କେତେ ଶତ୍ରୁ ।"

"ସବୁକୁ ଅତିକ୍ରମ କରି ଯେ ନିଜ ନିର୍ଦ୍ଧାରିତ ସ୍ଥାନରେ ପହୁଞ୍ଚେ ସେହି ତ ସମ୍ରାଟ ।"

"ସମ୍ରାଟମାନ ଜୟ ଯାତ୍ରା କରନ୍ତି । ଆଲେକଜାଣ୍ଡାର କେତେ ଲମ୍ବା ଯାତ୍ରା କଲେ । ଚେଙ୍ଗିଜ ଖାନ କେତେ ଲମ୍ବା ଯାତ୍ରା କଲେ । ନିଜ ସହ ସୈନ୍ୟ ସାମାନ୍ତସହ ସେମାନେ ଯାତ୍ରା କରିଥିଲେ । ସେମାନଙ୍କ ନିଜ ସାଥି ବହୁ ସଂଖ୍ୟାରେ ରାସ୍ତାରେ ପ୍ରାଣ ଦେଇଥିବେ । କିନ୍ତୁ ଯାତ୍ରା ସେମାନଙ୍କର ଅଧାରେ ଅଟକି ଯାଇନି ।"

"କଚ୍ଛପର ଯାତ୍ରା ତାଠାରୁ ବହୁ ବହୁ ଗୁଣ ଲମ୍ବା । କେଉଁ ମୋଜାମ୍ବିକ, ଅଷ୍ଟ୍ରେଲିଆ ଇତ୍ୟାଦି ଦୂର ସ୍ଥାନରୁ ମଧ୍ୟ ଆସିଯାଉଛନ୍ତି । ରାସ୍ତାରେ ବଡ ମାଛ, ଶାର୍କ ଇତ୍ୟାଦି କଚ୍ଛପକୁ ଖାଇଦେଉଥିବେ । ତଥାପି ଯାତ୍ରା ଚାଲିଛି ।"

"ସବୁ ପାହାଡ, ସବୁ ଶିଖର, ସବୁ ଭୂମି ଉପରେ ବିଜୟ ।"

"ସେଇଥି ପାଇଁ ତ ସମ୍ରାଟ । ସମୁଦ୍ରର ଅତଳ ଗଭୀରତା ଆଉ ସେଇଠି ଅଛି ପହାଡ ପର୍ବତ, ଉପତ୍ୟକା, ନଦୀ, ଯାହା ଉପର ଭୂମିରେ ଅଛି ତା'ର କେତେ ଗୁଣ ବଡ ଅଛି ପାଣିର ଭିତରେ । ଅଲିଭ ରିଡଲେ କଚ୍ଛପମାନେ ଭାରତ କୂଳେ କୂଳେ ଶ୍ରୀଲଙ୍କା ପର୍ଯ୍ୟନ୍ତ ଚାଲିଯାଆନ୍ତି । ଏଠିକାର ଜ୍ୟାଣ୍ଟ ଲେଦରବ୍ୟାକ ତ ଅଷ୍ଟ୍ରେଲିଆକୁ ଚାଲିଯାଏ । ଗୋଟାଏ ଲମ୍ବା ମହାସାଗର ପାରି ହୋଇଯାଏ । ଅଥଳ ପାଣି, କେତେ ବେଳ ନେଉଥିବ କେଜାଣି,

ISSN NO.
2582-208X

କିନ୍ତୁ ସବୁ ସାଗର, ଉପସାଗର, ପାହାଡ ପର୍ବତ ଅତିକ୍ରମ କରେ । ଲମ୍ବା ଯାତ୍ରାର ବିଜୟୀ ହେଉଛି ଜ୍ୟାଣ୍ଟ ଲେଦରବ୍ୟାକ କଚ୍ଛପ ।"

"ଥାଇଲାଣ୍ଡର ରାଣୀ ଏକ ସମୁଦ୍ରର ସାମ୍ରାଜ୍ୟର ମହାନ ସାମ୍ରାଜ୍ଞୀଙ୍କୁ ତାହାହେଲେ ଦେଖିବାକୁ ଆସିଥିଲେ ।

କହିପାରିବ ସାମ୍ରାଜ୍ଞୀଙ୍କୁ ସମ୍ମାନ ଦେବା ପାଇଁ ଆସିଥିଲେ ।"

"ସବୁ ବଡବଡିଆ ଆସନ୍ତି ସମ୍ମାନ ଦେବା ପାଇଁ । ସମ୍ମାନ ଦେବା ଓ ନେବା, ସେଇଟା ରାଜପରିବାରର ନିୟମ ।"

"ବଡବଡିଆଙ୍କ କଥା । ସେଇଟା ରାଜାରାଜୁଡାମାନଙ୍କ ପ୍ରତିଦିନିଆ କାମ ।"

"ତାହେଲେ ଏଇ କଚ୍ଛପମାନେ କେତେ ଅନନ୍ୟ ।"

"ଜାଣିଛ, କଚ୍ଛପମାନଙ୍କ ଚରାଭୂମି ଆଉ ଜନ୍ମଭୂମି ଅଲଗା । ଏଇଟା ଆଶ୍ଚର୍ଯ୍ୟ ତ ଲାଗେ ।"

"କହୁଛ ମିଳନ ପାଇଁ ଅଲଗା କ୍ଷେତ୍ର ଆଉ ଚରା ପାଇଁ ଅଲଗା କ୍ଷେତ୍ର ।"

"ରାଜାରାଣୀମାନଙ୍କୁ ଦେଖୁନ । କେଉଁ ଦୂର ଦେଶରୁ ରାଣୀମାନଙ୍କୁ ଆଣନ୍ତି, ନିଜ ଦେଶରେ ରାଜାମାନଙ୍କୁ କନ୍ୟାର ଅଭାବ ପଡେ । ଏ କଚ୍ଛପମାନେ ଏକ ଏକ ରାଜ୍ୟର ରାଜା । ବହୁ ଦୂର ଜୟଯାତ୍ରା କରି ତ ଆସନ୍ତି ।"

"ବଡ କଚ୍ଛପ ଲମ୍ବା ଯାତ୍ରା ଯାତ୍ରା କରିପାରିବ, କିନ୍ତୁ କଚ୍ଛପ ଶିଶୁ? ସେମାନେ ତ ସମ୍ରାଟ ନୁହନ୍ତି । ଦେହରେ ଏତେ ଶକ୍ତି ଆସିବ କେଉଁଠୁ ?"

"କଚ୍ଛପ ଦୁନିଆରେ ଶିଶୁ ଅସହାୟ, ନିରାଶ୍ରୟ । ମା' ସାଥିରେ ନାହିଁ, ବାପ ବାଟ ଦେଖାଇବାକୁ ନାହିଁ ।"

"ସେଇଟା ଆଶ୍ଚର୍ଯ୍ୟ । ତଥାପି ସେମାନେ ଯାତ୍ରା କରନ୍ତି । ଲମ୍ବା ଯାତ୍ରା ଶେଷରେ ତଥାପି ବଞ୍ଚି ରୁହନ୍ତି । ବଢନ୍ତି, ଆଉ ପହୁଞ୍ଚନ୍ତି ନିଜ ନିଜ ଚରା ଭୂମିରେ ।"

"ଏ ଛୋଟ କଚ୍ଛପମାନେ କେମିତି ଯାତ୍ରା କରନ୍ତି ? ସେମାନଙ୍କୁ ତ କେହି କିଛି ଶିଖାଉନି ।"

ISSN NO.
2582-208X

"ନିଜ ଜନ୍ମ ଉପକୂଳରୁ ସେମାନେ ସମୁଦ୍ର ଭିତରକୁ ଚାଲିଯାଆନ୍ତି ଆଉ ସମୁଦ୍ରର ସ୍ରୋତ ସହ ଭାସି ବୁଲୁଥାନ୍ତି । ସେଇ ବୁଲୁବୁଲୁ ସେମାନେ ନିଜ ରାଜ୍ୟ ସହ ପରିଚିତ ହୁଅନ୍ତି । ଆଉ ଧିରେ ସ୍ରୋତର ବେଗ ବଢିଯାଉ ଆଉ ସେମାନଙ୍କର ରାଜ୍ୟର ପରିଧି ବଢେ । ସେମାନଙ୍କର ଖାଇବା ଅଲଗା ଅଲଗା ହୋଇଯାଏ । ଜନ୍ମ ଉପକୂଳରୁ ବହୁ ଦୂର ଚାଲି ଆସନ୍ତି । ପ୍ରାୟ ପନ୍ଦର ବର୍ଷ ବେଳକୁ ସେମାନେ ପ୍ରାପ୍ତ ବୟସ୍କ ହୁଅନ୍ତି ଆଉ ନିଜ ଜନ୍ମ ଉପକୂଳକୁ ସେଇ ସମୁଦ୍ର ସ୍ରୋତ ସାହାର୍ଯ୍ୟରେ ଫେରନ୍ତି । ତା'ପରେ ପୁଣି ସେମାନଙ୍କ ବିଦାୟର ଯାତ୍ରା ଆରମ୍ଭ ହୁଏ ।"

"ଜୀବନ ଏକ ଯାତ୍ରା, ନିରବଚ୍ଛିନ୍ନ ଯାତ୍ରା । ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ଯାତ୍ରା ।"

"ସେମାନେ ଜୀବନ ଚକ୍ରର ଏକ ଅଂଶ । ଯାତ୍ରା କରିବେ । କେଉଁଠି ଅଟକି ପାରିବେ ନାହିଁ। ଅଟକିଗଲେ ନଷ୍ଟ ହୋଇଯିବା କଥା ।"

"ଆମେ ନିଜ ହିସାବରେ ଭାବୁଛେ । ଅସହାୟ ନଷ୍ଟ ହୋଇଯିବେ ବୋଲି ଭାବିଚାଲିଛେ ।"

"ତଥାପି ଲକ୍ଷ ଲକ୍ଷ ବର୍ଷ ଧରି ସେମାନେ ନଷ୍ଟ ହୋଇନାହାନ୍ତି । ସମୁଦ୍ରରେ ସେମାନେ ବଞ୍ଚିଛନ୍ତି, ଲୀଳଖେଳା କରୁଛନ୍ତି । ସେମାନଙ୍କର ଆଗମନ ଘଟୁଛି, ପ୍ରସ୍ଥାନ ଘଟୁଛି । କିଛି ଅଟକି ଯାଇନି ।"

"ସେଇଟା ଆଶ୍ଚର୍ଯ୍ୟ ଲାଗେ ।"

"ପ୍ରକୃତିର ଗୂଢ ରହସ୍ୟ ବୁଝିବା ମନୁଷ୍ୟ ପକ୍ଷେ ଅଦ୍ୟପି ସମ୍ଭବ ହୋଇନି ଆଉ ମନୁଷ୍ୟର ସତ୍ତା ଥିବା ଯାଏ ତାହା ପୂର୍ଣ ସମ୍ଭବ ହେବ କି ନାହିଁ କେହି ଜାଣିନି । ମନୁଷ୍ୟ ପ୍ରକୃତିର ଏକ କ୍ଷୁଦ୍ରତମ ଅଂଶ । ତେଣୁ ପ୍ରକୃତିକୁ ବୁଝିବା ପାଇଁ ତା'ର ବୋଧଶକ୍ତି ସାମାନ୍ୟ ମାତ୍ର । ପୂର୍ଣ ସ୍ୱରୂପ ଜାଣିବା ସମ୍ଭବ ହେବନାହିଁ । ମନୁଷ୍ୟ ମଧ୍ୟରେ ଏତେ ଜ୍ଞାନ କେବେ ଜାଗ୍ରତ ହେବନି । ପ୍ରକୃତିର ଗୂଢ ଜ୍ଞାନ ଜାଣିଲେ ମନୁଷ୍ୟ ମନୁଷ୍ୟ ରହିବନି, ଆଉ କିଛି ରୂପରେ ପରିଣତ ହେବ ।"

ISSN NO.
2582-208X

"ମନୁଷ୍ୟ କୁହ, କଚ୍ଛପ କୁହ, ଜୀବନର ଯାତ୍ରାକୁ କେତେଜଣ ଠିକଭାବେ ବୁଝିପାରିଛନ୍ତି ?"

"ବୋଧହୁଏ କେହି ନିହେଁ । ନିୟମ ହିସାବରେ ସମସ୍ତେ ଯାତ୍ରା କରିଚାଲିଛନ୍ତି ।"

"କହିପାରିବ ଦୁଇଟା ପାଦ ଚାଲୁଛି । କିଛି ଧୂଳି ଉଡୁଛି, ପାଦ ଛାପ କେଉଁଠି ପଡି ପଡି ଯାଉଛି, କେଉଁଠି ଦେଖାଯାଉନାହିଁ । କିନ୍ତୁ ପାଦ ଛାପ ପଡୁଛି । କେଉଁଠି ପାଦରେ ଧୂଳି ଲାଗୁଛି ଆଉ କେଉଁଠି ପାଦର ଧୂଳି ପାଣିରେ ଧୋଇଯାଉଛି । କିନ୍ତୁ ଯାତ୍ରା ଚାଲିଛି । ଏଇଟା କିଛି ଆଶ୍ଚର୍ଯ୍ୟ ଲାଗୁନି କି ?"

-୦-୦-

କ୍ରମଶଃ.....

ସେକ୍ଟର-୩, ସଲ୍ଟଲେକ, କଲିକତା
ମୋ-୭୩୫୫୬୩୪୩୪୬

ISSN NO.
2582-208X

# ପଖାଳ



ଶଶଧର ମହାପାତ୍ର

ପ୍ରତି ଓଡିଆଙ୍କ ପ୍ରିୟ ଅଟୁରେ ପଖାଳ
ତୋ'ପାଇଁ ତାଙ୍କ ହୃଦ ହୁଅଇ ବ୍ୟାକୁଳ
ଧନୀ ହେଉ କି ସିଏ ଗରୀବ କି ହେଉ
ପଖାଳ ତୁ କି ମାୟାରେ ତାଙ୍କୁ ବାନ୍ଧିଥାଉ
ମଳିମୁଣ୍ଡିଆଙ୍କ ପ୍ରାଣ ତୁହିରେ ପଖାଳ
ତାଙ୍କ କ୍ଷୁଧା ମେଣ୍ଟାଇକି ହେଉ ତୁ ସଫଳ
ଧାନବିଲେ ଚାଷୀଟିର ଉଡେ ଯେବେ ହଂସା
ହାଇଁପାଇଁ ହୋଇ ଖୋଜେ ପଖାଳର କଂସା
ଦେଶ ବିଦେଶରେ ଆଜି ତୁହି ପରିଚିତ
ଅମୃତ ଭଳିଆ ଲାଗୁ ଏହା ତାଙ୍କ ମତ
ବିଦେଶରେ ରହିଛନ୍ତି ଅନେକ ଓଡିଆ
ମାର୍ଚ୍ଚ କୋଡିଏ ଦିନ ତାଙ୍କର ବଢିଆ
ପଖାଳ ଦିବସ ଭାବେ ପାଳନ୍ତି ସେ' ଦିନ
ପ୍ରତି ଓଡିଆଙ୍କ ମନ ହୁଅଇ ଉଛୁନ୍ନ
ଓଡିଶା ବାସୀଙ୍କ ପ୍ରାଣ ନୁହେଁ ତୁ କେବଳ
ସାରା ବିଶ୍ୱ ଝୁରେ ତୋତେ ତୁ ତାଙ୍କ ସମ୍ବଳ
ଭାରତର ପ୍ରତି ରାଜ୍ୟେ ବଢେ ତୋ' ଚାହିଦା
ଯେତେ କଲେ ଗୁଣଗାନ ଲାଗେ ଅଧା ଅଧା

ISSN NO.
2582-208X

ଖରାଦିନେ ତୋ' ଚାହିଦା ସବୁଠାରୁ ବେଶୀ
ଶରଧାରେ ପେଟପୂରା ଖାଉଥାନ୍ତି ହସି
ମିଳେଇ ଯାଉତୁ ଶୀଘ୍ର ପଡିଲେ ପାଟିରେ
ସ୍ୱର୍ଗ ସୁଖ ଲଭୁଥାନ୍ତି ଅତି ଆନନ୍ଦରେ
ଛପନ ଭୋଗରେ ତୋର ସ୍ଥାନ କାଳେ ଅଛି
"ଜଗନ୍ନାଥଙ୍କର ପ୍ରିୟ' ଶାସ୍ତ୍ର ଯେ କହୁଛି
ପଖାଳ ସହ ସଂପର୍କ କାଳରୁ ରହିଛି
ରକ୍ତରେ ଥାଇ ଓଡିଆ ଭୁଲି ନପାରୁଛି
ଉସୁନା ପଖାଳ ଭାତ ହିତ ଯେ ଦେହକୁ
ଅରୁଆ ପଖାଳ ଲାଗେ ସୁଆଦ ପାଟିକୁ
ଦହି ପଖାଳ ସଙ୍ଗେ ଲେମ୍ବୁ ଚିପୁଡିଲେ
ନିଦ୍ରା ଦେବୀ ଆସେ ମାଡି ପେଟ ପୂରିଥିଲେ
ଆଳୁ ଓ ସଜନାଛୁଇଁ ଭଜାର କି ମଜା
ତା' ସହିତ ଶାଗ ଭଜା ଉଡାଏ ତ ଧ୍ୱଜା
ବଡିଚୁରା, ମାଛ ଭଜା, ବାଇଗଣ ଭରତା
ପେଟରେ ପଡିଲେ ଆଉ ନ ବାହାରେ କଥା
ଶିଳାମୁଠି ଶୁଖୁଆକୁ ଅଜା ଝୁରିହୁଏ
ମଉଳା ଓଠରେ ତାର ହସ ଝରୁଥାଏ
ପିଜା, ବରଗର କେବେ ତୂଳନାକୁ ନୁହଁ
ଚାଓମିନି, ଏଗରୋଲ୍ ପିଲେ ଭୂଲିଯାଅ
ଦେଉଛି ପିନ୍ଧାଇ ଆଜି ବିଜୟ ମୁକୁଟ
ପ୍ରତି ଓଡିଆଙ୍କୁ ଦିଅ ନୂଆ ନୂଆ ଭେଟ ॥

ହିଡେନ୍ ଭାଲି ଲେନ୍, ସିଲଭର୍ ସ୍ପିଙ୍ଗ୍,
ମେରୀଲ୍ୟାଣ୍ଡ, ଯୁକ୍ତରାଷ୍ଟ୍ର ଆମେରିକା
ଫୋନ୍-୩୦୧୮୮୭୭୦୦୨

ISSN NO.
2582-208X

# ମୌସୁମୀ



ଅଳକା ମହାନ୍ତ

ଇପ୍ସିତା ଆଜି ଅମ୍ବୁ ପ୍ରିୟା ତୁମେ
ଭସା ବାଦଲ ର ମେଳେ,
ସ୍ୱରଗ ରାଇଜ ଅପସରା ତୁମେ
ଓହ୍ଲାଇବ ଲଗ୍ନ ବେଳେ ।

କେତେଯେ ଯାତନା,କେତେଯେ ଅପେକ୍ଷା
ତୁମ ଆଗମନ ପାଇଁ,
ଶୁଷ୍କ, ନିରସ ପୃଥିବୀ ପୃଷ୍ଠରେ
ଜୀବ ଦାନ ଦେବା ପାଇଁ ।

ପୂର୍ଣ୍ଣ କରିବ ଅଭିପ୍ସା ତାଙ୍କର
ଭରପୁର ଜଳାଶୟ,
ନିରସ ପାଦପ, ଶୁଷ୍କ ମରୁଭୂମି
କରିବ ଶ୍ୟାମଳ ମୟ ॥

ଶସ୍ୟ ଶ୍ୟାମଳା ଧରଣୀ ବକ୍ଷରେ
ସବୁଜିମା ଭରିଦେବ,

ISSN NO.
2582-208X

ତୁମରି କାଉଁରୀ ପରଶ କ୍ଷେତରେ
ନବ ଯୌବନ ଆଣିବ ।

ତୁମ ବିଳମ୍ବିତ ଆଗମନ ବାର୍ତ୍ତା
ନୈରାଶ୍ୟ ଆଣୁଛି ମନେ,
ତଟିନୀ ହୃଦୟ ସ୍ପନ୍ଦନ ତୁମେଗୋ
ଆଶ୍ୱସନା ଦିଅ କ୍ଷଣେ ।

ତୁମେ ଗୋ ଇପ୍ସିତା ଜଳଚରଙ୍କର
କିଶାନର ପ୍ରେମ ଫଲଗୁ,
ଆସ ଆସ ଏହି ପହିଲି ଲଗ୍ନରେ
ପ୍ରୀତିର ବାସନା ଜାଗୁ ।

ପହିଲି ରଜରେ ପହିଲି ପରଶ
ପାଇଲେ ଧରଣୀ ମାଆ,
ଗର୍ଭ ରେ ତାହାର ସଂଚରି ଯିବେ
ଜୀବ ଙ୍କୁ ମିଳିବ ରାହା ।

ବର୍ଷା ର ଏହି ପହିଲି ପାର୍ବଣେ
ଆସ ହେ ଅଭିସାରିକା,
ମୌସୁମୀ ତୁମେ, ତୁମ ଅଗମନେ
ହେବ ଗ୍ରୀଷ୍ମର ଯବନିକା ।

ଅଧ୍ୟକ୍ଷା
ବି. ଜେ. ଇ. ଏମ. ସ୍କୁଲ -୨
ସତ୍ୟଭାମା ପୁର, ଭୁବନେଶ୍ୱର

ISSN NO.
2582-208X



# ନ ଥିବା ଶବ୍ଦମାନେ

(The missing words)



ଡ. ଶକୁନ୍ତଳା (ନାୟକ) ଗୁପ୍ତା

ସେଇ କ୍ଷୁଦ୍ରତମ ଚିଠି
ଯେଉଁଠି ଲେଖା ଯାଇ ପାରିଥାନ୍ତା
କେବଳ ଧାଡ଼ିଏ ସ୍ନେହ

କେବଳ ସେ ସଚ୍ଚୋଟ ଧାଡ଼ିଟିଏ
ପୃଥିବୀର ଯେକୌଣସି
ଦୀର୍ଘତମ ମହାକାବ୍ୟରୁ
ଅଧିକ ମୂଲ୍ୟବାନ କାହାପାଇଁ
କେବଳ ସେଇ ଏକମାତ୍ର ଧାଡ଼ି
ଯାହା ଲେଖିଲା ନାହିଁ ପ୍ରେମିକ,
ଯାହା ଲେଖିବାକୁ ଜନମଟିଏ
ନିଅଣ୍ଟ ପଡ଼େ ତାକୁ
ବା, ସେ ଲେଖି ପାରିଲା ନାହିଁ,

ଯେଉଁ ନ ଥିବା ଶବ୍ଦମାନେ
ମାୟମୟ କଇଁବନ ହେଇ ବିସ୍ତାରି ଗଲେ
ଗାଢ଼ ଗୋଲାପି କୁହୁଳା ପରି

ISSN NO.
2582-208X

କାହାରିକୁ ଆନ୍ଦୋଳିତ କରିବା ପାଇଁ
ଫେରିଲେ ନାହିଁ କେବେହେଁ,
ତାଙ୍କର ନ ଥିବା ଯେ
ମଣିଷ କୁ କରିପାରେ
ସଂଶୟୀ, ଅଥୟ, ଦୁର୍ବଳ,
-ଏ କଥା ସେମାନେ ଜାଣି ପାରିବେ ନାହିଁ ।
ଏକ ସ୍ୱରଚିତ କାଳ୍ପନିକ ପ୍ରଚ୍ଛଦ ପୃଷ୍ଠାରେରେ
ମୁଁ ନିଜ ଚକ୍ଷୁରେ ପାଲଟେ
ସଂସାରର ନିସ୍ୱତମ ପ୍ରାଣୀ
ପ୍ରତିଥର

ପ୍ରତିଥର କହିଲେ,
ମୋର ପ୍ରତି ଜନମକୁ ବୁଝାଏ
ଯେତେବେଳେ
ମୁଁ ଗୋଟିଏ ମାନସସ୍ତରରୁ ଅନ୍ୟ ସ୍ତରକୁ ଯାଏ
ମୋର ପୃଥିବୀ, ଆଖପାଖ, ମୋର ସ୍ମୃତିର ମରଣ ହୁଏ,
ମୁଁ ବସନ୍ତର ନିମଗଛ ପରି
ମୁହୂର୍ତ୍ତକେ ଥୁଣ୍ଟା ହୁଏ
ସବୁ ମହୁଲଫୁଲ ଡାଳ ଛାଡ଼ିଦିଅନ୍ତି
ମାଟି ଛୁଇଁବା ପାଇଁ

ପ୍ରତିଥର କହିଲେ,
ଏଇ ସବୁ ଭିତରେ
ତାର ମୋତେ ଭୁଲିଯିବାକୁ ମଧ୍ୟ ବୁଝାଏ ।
ଏଠି ସମ୍ପର୍କଟିଏ

ISSN NO.
2582-208X

ପ୍ରତୀକ୍ଷାରତ ରହିବା ବିଧେୟ ପ୍ରିୟ
ଏହାହିଁ ଏକ ଉହ୍ୟ, ଅବଧାରିତ ନିୟମ
ନହେଲେ ଜନମ ନାହିଁ, କି ମୃତ୍ୟୁ ବି ନାହିଁ
କ୍ରିୟା ନାହିଁ, କି କର୍ମ ବି ନାହିଁ
ଜୀବନ ଏକ 'ନାହିଁ-ନାହିଁ' ର ନିହଙ୍ଗୀ-ସଙ୍ଗୀତ କେବଳ!

କେବଳ ସେଇ ଏକମାତ୍ର ଧାଡ଼ି
ଯାହା ଲେଖିଲା ନାହିଁ ପ୍ରେମିକ,
ଅମୋକ୍ଷପ୍ରେତ ପ୍ରେମିକା ପାଇଁ
କେଉଁ ଆଦିମ ଗୁମ୍ଫାର ଚିତ୍ରକଳାରେ
ବା ମନ୍ଦିର ଶିଳାଲେଖରେ
ଯେଉଁଠି ଲେଖା ଯାଇ ପାରିଥାନ୍ତା
କେବଳ ଧାଡ଼ିଏ ସ୍ନେହ!

ଅଧ୍ୟାପିକା, ରାଉରକେଲା
shakuntala.naik@gmail.com

ISSN NO.
2582-208X

# ଶେଷ ଦେଖା



ଡକ୍ଟର ବିଜ୍ଞାନୀ ଦାସ

ଗତଥର ୨୦୨୩ ମସିହାରେ ଶୋଭା ଭଉଜଙ୍କୁ ଯେବେ ଆମ ଭେଟିଥିଲୁ, ସିଏ ଠିକ୍‌ଠାକ୍ ଦିଶୁନଥିଲେ । ଅନେକ ଦୁର୍ବଳ ଦିଶୁଥିଲେ ଓ ହୁଇଲଚେୟାର ବ୍ୟବହାର କରୁଥିଲେ । ତାଙ୍କ ଖାଦ୍ୟ ପାଇଁ ଅନେକ ରକମର କଟକଣା ଥିଲା ଓ ସିଏ ରେଷ୍ଟୋରେଇଘରେ କିଛି କରିବାକୁ ସକ୍ଷମ ନଥିଲେ ।

କେବଳ ଦୁଇବର୍ଷ ଭିତରେ ଯେ ଜଣେ ମଣିଷର ଶରୀରରେ ଏତେ ପରିବର୍ତ୍ତନ ହୋଇଯାଏ, ସେକଥା ନ ଦେଖିଲେ ଜଣା ପଡିବନି । ୨୦୨୧ ମସିହା ରଥଯାତ୍ରାରେ ତାଙ୍କ ସହିତ ଦେଖା ହୋଇଥିଲା । ସେତେବେଳେ ସିଏ ଠିକ୍ ଦିଶୁଥିଲେ । ତେବେ କୋଭିଡ୍ ପାଇଁ ଦୂରେଇ ଦୂରେଇ ରହୁଥିଲେ । ଅତି ପାଖକୁ ଆସୁନଥିଲେ । ତାପରେ ଦେଖା ହୋଇଥିଲା ଜୁଲାଇ ଅଠର ତାରିଖ ଦିନ, ଗୋଟିଏ ଗ୍ରାଜୁଏସନ ପାର୍ଟିରେ । ସେତେବେଳେ ସିଏ ଚାଲୁଥିଲେ, ବୁଲୁଥିଲେ, ଭଲ ଭାବେ କଥାବାର୍ତ୍ତା କରୁଥିଲେ । ଅତି ଦୂରେଇ ରହୁନଥିଲେ । ଏକା ଟେବୁଲ୍‌ର ଆମ ଓ କେତେଜଣ ମିଶି ଖିଆପିଆ କରିଥିଲେ । ଯଦିଓ ସେତେବେଳକୁ ସମସ୍ତେ ପ୍ରାୟ ଟୀକା ନେଇସାରିଥିଲେ । କୋଭିଡ୍‌ର ଭୟ ଥିଲା, ପୁଣି ନଥିଲା । ସମସ୍ତେ ମୁଖାବରଣ ପିନ୍ଧୁଥିଲେ ଓ ସାମାଜିକ ଦୂରତା ରକ୍ଷା କରୁଥିଲେ । ତଥାପି କିଛିକିଛି ସାମାଜିକ ମିଳାମିଶା, ଉତ୍ସବ, ମହୋତ୍ସବ ଚାଲୁଥିଲା । ସେଇ ଜୁଲାଇ ଅଠର ତାରିଖ ତାଙ୍କ ସହିତ ଶେଷ ଦେଖା ଥିଲା । ତାପରେ ସାମାଜିକ ମିଳନ ଅନେକଥର ହୋଇଛି । ତିନତିନଟି ବାହାଘର ହୋଇଛି । ବାହାଘର ପାଇଁ କନିଆ ଖିଆ ପର୍ବ ହୋଇଛି ।

ISSN NO.
2582-208X

ମନ୍ଦିରରେ ଦୀପାବଳି ପାଳିତ ହୋଇଛି । ତେବେ ସିଏ ଆସିନାହାନ୍ତି । କୋଭିଡ୍ ସମୟରେ କାହାକୁ ତ ବାଧ୍ୟ କରିହୁଏନି । ବିଶେଷତଃ ବୟସ୍କ ବ୍ୟକ୍ତିଙ୍କ ପାଇଁ ଅଧିକ ଜଗି ରହିବାକୁ ପଡେ । ତେଣୁ ତାଙ୍କ ସହିତ ସେମିତିରେ ଦେଖା ହୋଇନି । ଥରେ ମଝିରେ ଜୁମରେ କବିତା ପାଠ ହୋଇଥିଲା । ସିଏ ଯୋଗ ଦେଇଥିଲେ ।

ତାପରେ ଡିସେମ୍ବର ମାସ ପହଞ୍ଚିଲା। ସେତେବେଳକୁ କୋଭିଡ୍‌ର ଓମିକ୍ରନ ପ୍ରତିରୂପ ବ୍ୟାପୁଥିଲା । ସମସ୍ତେ ପୁଣି ସାମାଜିକ ଦୂରତା ରକ୍ଷା କରିବାରେ ଲାଗିଲେ । ଉତ୍ସବ, ମହୋତ୍ସବ ସବୁକୁ ବାତିଲ୍ କରିଦିଆଗଲା ।

ସେ ସମୟରେ ଖବର ମିଳଲା ଯେ ଶୋଭା ଭାଉଜଙ୍କର ଦେହ ଭଲ ରହୁନି। ରକ୍ତ ଗ୍ଲୁପ ଅନେକ ପରିମାଣରେ ବଢି ଯାଉଛି । ସେଥିପାଇଁ ସିଏ ହାୱାର୍ଡ କାଉଣ୍ଟି ଜେନେରାଲ ହସପିଟାଲରେ ଭର୍ତ୍ତି ହୋଇଛନ୍ତି ।

ସେତେବେଳେ ଅନେକ କଟକଣା ଚାଲିଥିଲା। ହସପିଟାଲ ଯାଇ କାହାକୁ ଦେଖିବା ବି ସହଜ ନଥିଲା । ତେଣୁ ସେମାନେ ଯାହା ଫୋନରେ କଥାବାର୍ତ୍ତା ହୋଇ ବୁଝୁଥିଲେ । ସେଇଥିରୁ ଖବର ମିଳଲା, ସିଏ ଅସୁସ୍ଥ ରହୁଛନ୍ତି ଓ ତେଣୁ ଫ୍ଲୋରିଡାରେ ଘର କଣି ସେଠି ରହିବାକୁ ସ୍ଥିର କରିଛନ୍ତି । ଏଠି ଥଣ୍ଡା ଜାଗାରେ ଆଉ ତାଙ୍କୁ ଭଲ ଲାଗୁନି । ଆଜି ତାଙ୍କୁ ଦେଖିବାକୁ ଯିବାକୁ ଗୋଟିଏ ସମୟ ମାଗିଲା । ସିଏ କିନ୍ତୁ କିଛି ଉତ୍ତର ଦେଲେନି । ଏତେ ଶୀଘ୍ର ସେମାନେ ଫ୍ଲୋରିଡାରେ ଘର କଣି ସେଠି ରହିବାକୁ ଚାଲିଗଲେ ଯେ, ତାଙ୍କ ସହିତ ଦେଖା ହୋଇପାରିଲାନି ।

ଯିବା ପୂର୍ବରୁ ନିଜର ସମସ୍ତ ଶାଢୀ ବାଣ୍ଟି ଦେଇ ସିଏ ଯିବାକୁ ଚାହିଁଲେ । ସେସବୁ ଶାଢୀ ଜଣେ ସାଙ୍ଗ ଯାଇ  ନେଇଆସିଲା । ହୁଏତ ସାଜସଜାରେ ଲାଗିବ ।

ଏମିତିରେ ଦିନ ବିତୁଥିଲା । ସିଏ ଆଉ କୌଣସିଥିରେ ମନ ଦେଲେନି । ଆଗରୁ ଲେଖାଲେଖି କରୁଥିଲେ ଓ ଗୋଟିଏ ଓଡିଆ ସାହିତ୍ୟ ହ୍ୱାଟସଆପ ଗ୍ରୁପରେ ରହିଥିଲେ । ସେଥିରୁ ସିଏ ବିଦାୟ ନେଲେ ଓ ସମସ୍ତ ସାହିତ୍ୟ ସମ୍ବନ୍ଧୀୟ କାର୍ଯ୍ୟକ୍ରମରୁ ଦୂରେଇ

ISSN NO.
2582-208X

ରହିଲେ। ଏମିତି ମଝିରେ ମଝିରେ ତାଙ୍କ ସ୍ୱାମୀ ହରି ଭାଇଙ୍କ ସହିତ କଥାବାର୍ତ୍ତା ହୁଏ । ସେତେବେଳେ ସିଏ ନିଜ ପତ୍ନୀଙ୍କର ସ୍ୱାସ୍ଥ୍ୟର ବିବରଣୀ ଦିଅନ୍ତି । ସ୍ୱାସ୍ଥ୍ୟ ତାଙ୍କର ଭଲ ହେଉନଥିଲା । ଯେମିତି ଥିଲା, ସେମିତି ରହୁଥିଲା । କିଛିଦିନ ପରେ ଆହୁରି ଖରାପ ଦିଗକୁ ଗତି କରିବାରେ ଲାଗିଲା । ସପ୍ତାହରେ ତିନି ଥର ଡାୟାଲିସିସ ହେଉଥିଲା । ସିଏ ୱାକର ଧରି ଚାଲୁଥିଲେ ।

ତାପରେ ତ ଭେଟ ହୋଇଥିଲା ୨୦୨୩ ଏପ୍ରିଲ ମାସରେ । ସେତେବେଳେ ତାଙ୍କୁ ଦେଖିଲେ ଚହ୍ନି ହେଉନଥିଲା । ସ୍ୱାସ୍ଥ୍ୟ କିଛି ନଥିଲା କହିଲେ ଚଳେ । ହାଡ ଉପରେ ଅତି ପତଳା ଚର୍ମ ଆବରଣ ଯାହା । ତାଙ୍କୁ ଚାହିଁ ମନରେ କଷ୍ଟ ଆସିଲା । ଆଖିରେ ଲୁହ ଆସିଗଲା । ତଥାପି କାଳେ ତାଙ୍କ ମନ ଉପରେ କିଛି ପ୍ରଭାବ ପଡିବ, ସେସବୁ ଭାବି ଆନି ନିଜର ଭାବନା ଉପରେ କାବୁ ରଖିଲା । ଭଲ କଥା ପଚାରିଲା । ନିଜର ସାଙ୍ଗସାଥୀ ମାନଙ୍କ ବିଷୟରେ ଜଣେଇଲା । ଯେଉଁ ତିନୋଟି ବାହାଘରରେ ସିଏ ଅନୁପସ୍ଥିତ ରହିଥିଲେ, ସେ ବାହାଘର ସବୁ କେମିତି ହେଲା, କିଏକିଏ ଆସିଥିଲେ, ଜଣେଇଲା ।

ଶୋଭା ଭାଉଜ ସବୁ ଶୁଣି ଖୁସି ହେଉଥିଲେ ।

ଆନି ପଚାରିଲା, "ଏଠି କିଛି ଓଡିଆ ସାଙ୍ଗ କଲେଣି ?'

ଶୋଭା ଭାଉଜ କହିଲେ, "ଏଠି ପାଖରେ ପ୍ରାୟତଃ କେହି ଓଡିଆ ପରିବାର ନାହାନ୍ତି । ଆଉ ସାଙ୍ଗ କରିବି କଣ ? ତାପରେ ଦେହ ତ ଭଲ ରହୁନି । ଦୂରକୁ ଡ୍ରାଇଭ୍ କରି ଯିବା ଆସିବା କରିହେଉନି । ତେଣୁ ସାଙ୍ଗ ଭିତରେ ସେଇ ଯାହା ରମ୍ଭା ଅପା । ତାହାର କିଛି ଅନ୍ୟ ଭାରତୀୟ, ଆମେରିକାନ ସାଙ୍ଗ ସାଥୀଙ୍କ ସହିତ କେବେକେବେ ଭେଟ ହୁଏ । ତା' ଝିଅଟି ବି କେବେକେବେ ଆସେ ।'

ଆନି – "ମେରୀଲାଣ୍ଡ ଫେରିଯିବାକୁ ମନ ହୁଏନି ।'

ISSN NO.
2582-208X

ଶୋଭା - "ମନ ହେଲେ କଣ ହେବ, ଶରୀର ତ ସାଙ୍ଗ ଦେଉନ । ସେଠି ମତେ ବହୁତ ଥଣ୍ଡା ଲାଗେ । ଏଠି ସେ ଅସୁବିଧା ନାହିଁ । ଯେଉଁ ମାସରେ ହେଉ, ବାହାରକୁ ଯାଇହୁଏ । ପାଗ ପାଇଁ ହିଁ ଏଇଠି ଭଲ ।'

ଆନ ତାଙ୍କ ପିଲାମାନଙ୍କ ବିଷୟରେ ପଚାରିଲା । ସିଏ ଖୁସି ଥିଲେ, ତାଙ୍କ ଦ୍ୱିତୀୟ ପୁଅର ପିଲାପିଲି ହେବାର ଅଛି । ଜୁନ୍ ମାସରେ ଡେଲିଭରି ହେବ ବୋଲି ଡାକ୍ତର ତାରିଖ ଦେଇଛନ୍ତି ।

ସିଏ ସେ ଓ୍ୱାକରରେ ଗଡ଼ୁଲିଗଡ଼ୁଲି ଘରର ପଛପଟକୁ ଥିବା କୋଠରିକୁ ଆସିଲେ । ସେଠି ବସିଲେ ଘର ପଛପଟର ବଗିଚା ପୂରା ଦେଖା ହେଉଥିଲା । ବାଡିରେ କେତେ ରକମର ପରିବା ଓ ଫୁଲଗଛ ଲାଗିଥିଲା ।

ସିଏ ଆନକୁ ସବୁ ସେ ଗଛ ବିଷୟରେ କହିଲେ, କେବେ ଗଛ ଲଗା ଯାଇଥିଲା, କେବେ ଫଳ ହେଲା, ମଞ୍ଜି କେଉଁଠାରୁ ଆସିଥିଲା, ଇତ୍ୟାଦି । ଫୁଲ ଗଛର କଥା ବି ଗପିଲେ । ସେ ଫୁଲ ବିଷୟରେ ସିଏ ଗୋଟିଏ ହ୍ୱାଟ୍ସ୍‌ଆପ୍ ଗ୍ରୁପ୍ ରେ ପ୍ରାୟତଃ ଫଟୋ ଆଦାନପ୍ରଦାନ କରନ୍ତି ବୋଲି ବି କହିଲେ । "ଆଉ ତ କଛି କାମ କରେନ, ଟିକେ ଦେହ ଭଲ ଲାଗିଲେ, ଫୁଲ ମାନଙ୍କର ଫଟୋ ଦେଖିବାକୁ ଭଲ ଲାଗେ ।'

ସେମାନେ ସେଦିନ ଏକତ୍ର ରାତ୍ରଭୋଜନ କରିଥିଲେ । ରାନ୍ଧିଥିଲେ ହରି ଭାଇନା । ଶୋଭା ଭାଉଜଙ୍କ ସ୍ୱାସ୍ଥ୍ୟକୁ ଆଖିରେ ରଖି ସବୁକିଛି ଅଳ୍ପ ତେଲ, ମସଲାରେ ପ୍ରସ୍ତୁତ ହୋଇଥିଲା । ସେଇଟା ଥିଲା ଆନିର ତାଙ୍କ ସହିତ ଶେଷ ଦେଖା ।

ସେଥର ତାଙ୍କ ସହିତ ଆନି ଯେଉଁ ସବୁ ଫଟୋ ଉଠେଇଥିଲା, ସେସବୁ କଣ ପାଇଁ କେଜାଣି ଅସ୍ପଷ୍ଟ ଆସିଥିଲା । ତେଣୁ ସିଏ ସେସବୁ ଫଟୋକୁ ସେମାନଙ୍କୁ ପଠେଇ ପାରିଲା ନାହିଁ ।

୨୦୨୪ ମସିହାରେ ଏପ୍ରିଲ୍ ମାସରେ ଆଉ ଜଣେ ସାଙ୍ଗ ଭାଉଜଙ୍କୁ ଦେଖା କରିଥିଲା ଓ ଫଟୋ ପଠେଇଥିଲା । ସେ ଫଟୋରେ ସିଏ କେମିତି ଫୁଲିଲା ଫୁଲିଲା ଦିଶୁଥିଲେ । ଏବେ ସେପ୍ଟେମ୍ବର ୪ ତାରିଖରେ ହରି ଭାଇ ଶୋଭା ଭାଉଜଙ୍କ ଦେହାନ୍ତ ହେବାର ଖବରଦେଲେ ।

ISSN NO.
2582-208X

ହଠାତ୍ ତାଙ୍କ ଜୀବନରେ ଏତେଗୁଡିଏ ପରିବର୍ତ୍ତନ ଆସିଗଲା ଯେ, ମନରେ ପ୍ରଶ୍ନ ଆସିଥିଲା। ଜୀବନ କଣ ସତରେ ଏମିତି ? ଅବଶ୍ୟ ଜୀବନରେ ଅନେକ ସମୟରେ ଅକସ୍ମାତ୍ କଛି ଘଟିଯାଏ । ଦୁର୍ଘଟଣା ଘଟେ । ପାରିପାର୍ଶ୍ୱିକ ଅବସ୍ଥାରେ ପରିବର୍ତ୍ତନ ଘଟେ। ଠିକ୍ ଯେମିତି କୋଭିଡ୍ ଆସି ସମସ୍ତଙ୍କୁ କାବୁ କରି ନେଇଗଲା । ସେତେବେଳେ ଅନେକ ସୁସ୍ଥ ଲୋକ ବି ଅସମୟରେ ଦେହତ୍ୟାଗ କରିଥିଲେ ।

ହେଲେ ?

ହଁ, ନଜର କେହି ଏମିତି ପରିସ୍ଥିତି ଦେଇ ଗଲେ, ଦୁଃଖ ଆସେ । ସେଥିପାଇଁ କଛି ବି ଯୁକ୍ତ, କାରଣ ମନକୁ ଛୁଇଁପାରେ ନାହିଁ ।

ଆନର ମନରେ ଦୁଃଖ ଆସିଲା । ଯଦିଓ ତାଙ୍କ ସହିତ ଗତ ଥରର ଦେଖାରୁ ସିଏ ସେମିତି କଛି ଭାବି ନେଇଥିଲା, ତଥାପି ଭାଉଜଙ୍କ ଦେହାନ୍ତ ସହଜରେ ଗ୍ରହଣୀୟ ହେଲାନ । ତାଙ୍କ ସ୍ୱାସ୍ଥ୍ୟର ଯେ ଉନ୍ନତି ପରିବର୍ତ୍ତେ ଅବନତି ହେଉଥିଲା, ସେକଥା ତାଙ୍କ ଚେହେରାରେ ସ୍ପଷ୍ଟ ଥିଲା । ତାଙ୍କ ମାନସିକ ସ୍ଥିତି ବି ବୈରାଗ୍ୟ ଦିଗକୁ ଗତି କରିଥିଲା । ବିଶେଷ କରି ନଜର ପ୍ରିୟ ଶାଢୀ ସବୁକୁ ସିଏ ଯେଉଁଦିନ ବାଣ୍ଟିଦେଇ ଯିବାକୁ ଲେଖିଥିଲେ, ସେଇ ଦିନରୁ ଆନର ମନରେ ପ୍ରଶ୍ନ ରହିଥିଲା । ଏତେ ସୁନ୍ଦର ଶାଢୀ ସବୁ । ଶୋଭା ଭାଉଜ ସେସବୁର ମୋହ କଣ ପାଇଁ ଛାଡିଦେଲେ ? ଦେହ ଖରାପ ହୁଏ, ପୁଣି ଭଲ ହୁଏ । ଦେହ ଭଲ ହେବା ପରେ କଣ ସିଏ ସେ ଶାଢୀ ସବୁ ପିନ୍ଧିନଥାନ୍ତେ ? ଏତେ ବୈରାଗ୍ୟ ?

ଅବଶ୍ୟ ସେତେବେଳେ ଶୋଭା ଭାଉଜ କହିଥିଲେ, "କୁଆଡେ ଆଉ ଯିବି ଯେ, ସେସବୁ ଶାଢୀର ଆବଶ୍ୟକତା ପଡିବ । ଘରଟାରେ ତ ରହିବି । ନହେଲେ ହସପିଟାଲ ଯିବି । ସେଥିପାଇଁ ଶାଢୀର କଣ ଦରକାର ?'

ସେତେବେଳେ ସମସ୍ତଙ୍କ ମନରେ କୋଭିଡ୍ର ଭୟାବହତାକୁ ନେଇ ବୈରାଗ୍ୟ ଆସିଥିଲା । ଜୀବନ ପ୍ରତି ଅନଶ୍ଚିତତା ରହିଥିଲା । ତାପରେ ବି ସମସ୍ତେ ସ୍ୱପ୍ନ ଦେଖୁଥିଲେ । ବଞ୍ଚିବାର ଆଶା ରଖି କେତେକେତେ କଳ୍ପନାର ରଙ୍ଗ ବୁଣି ଦେଉଥିଲେ ।

ISSN NO.
2582-208X

ଶେଷରେ ଶୋଭ୍ ଭୂଉଜ ଏ ଦୁନିଆରୁ ବିଦାୟନେଲେ । ଜନମ ଅଛି ମାନେ ମରଣ ଅଛି । ତେବେ ଅନେକ ଦିନ ଧରି ସାଙ୍ଗ ହୋଇ ରହିଥିବା ବନ୍ଧୁମାନଙ୍କୁ ହରେଇଲେ, ମନରେ ଦୁଃଖ ଆସେ । ବିଶେଷତଃ ଶୋଭ୍ ଭୂଉଜଙ୍କ ସହିତ ଅନେକ ଦିନର ସ୍ମୃତି । ସେଇଟା ୧୯୯୫ କ ୧୯୯୬ ହେବ । ସେମାନେ ଜଣେ ସାଙ୍ଗଙ୍କ ଘରକୁ ଫିଲାଡେଲଫିଆ ଯାଇଥିଲେ। ସେତେବେଳେ ସେ ସାଙ୍ଗ ଗୋଟିଏ ଆପାର୍ଟମେଣ୍ଟରେ ରହୁଥିଲେ । ସେଦିନ ସେମାନଙ୍କୁ ଶୋଭ୍ ଭୂଉଜ ନିମନ୍ତ୍ରଣ କରିଥିଲେ । ତାଙ୍କ ସାନ ପୁଅର ଜନ୍ମଦିନ ଥିଲା । ସାଙ୍ଗ କହିଲେ, "ତମେ ଆମ ସାଙ୍ଗରେ ଚାଲ । ଭୂଉଜ ତମକୁ ବି ନିମନ୍ତ୍ରଣ କରିଛନ୍ତି ।'

ଆନ ପଚାରିଥିଲା, "ସିଏ ତ ଆମକୁ ଜାଣିନାହାନ୍ତି, ନିମନ୍ତ୍ରଣ କେମିତି କଲେ ?'

ବନ୍ଧୁ କହିଲେ, "ସିଏ ବହୁତ ସ୍ନେହୀ । ଲୋକଙ୍କୁ ଭଲ ପାଆନ୍ତି । ତେଣୁ ତମେମାନେ ଆମଘରକୁ ଆସୁଛ ଜାଣି ତମକୁ ବି ନିମନ୍ତ୍ରଣ କଲେ । ତମେ ତାଙ୍କୁ ଭେଟିଲେ ନିଜେ ବୁଝିପାରିବ ।'

ଆନ ଓ ଅନୁପ ସେଦିନ ଶୋଭ୍ ଭୂଉଜଙ୍କ ଘରେ ଅତିଥି ହେଲେ । ଭୂଉଜଙ୍କର ସ୍ନେହର ସ୍ପର୍ଶ ତାଙ୍କ ହାତ ତିଆରି ସମସ୍ତ ଖାଦ୍ୟରେ ରହିଥିଲା । ଆନ ଓ ଅନୁପ ସେତେବେଳେ ନୂଆ । ତେଣୁ ସାମାଜିକ ମେଳ ସେମାନଙ୍କୁ ଭଲ ଲାଗୁଥିଲା ଓ ଦୂରରେ ଛାଡି ଆସିଥିବା ସଂପର୍କକୁ ମନେ ପକେଇ ଦେଉଥିଲା ।

ଭୂଉଜ ସେମାନଙ୍କୁ ଯେମିତି ଅନେକ ଦିନରୁ ଜାଣିବା ଭଳି ସ୍ୱାଗତ କରିଥିଲେ । ସେଠି ଆନ ଓ ଅନୁପ ବହୁତ ଉପଭୋଗ କଲେ ।

ସେଇଦିନରୁ ଭୂଉଜଙ୍କର କୌଣସି କାର୍ଯ୍ୟକ୍ରମରେ ଯୋଗଦେବା ଆନ ଓ ଅନୁପଙ୍କର ଅଭ୍ୟାସ ହୋଇଯାଇଥିଲା । ଅସଲରେ ସେତେବେଳେ ଏତେ ଓଡିଆ ଲୋକ ନଥିଲେ । ତେଣୁ ଯେଉଁ କେତେଜଣ ଥିଲେ, ସମସ୍ତେ ନିଜନିଜ ଭିତରେ ସୁସଂପର୍କ ରଖିଥିଲେ । ଏମିତି କି କାହାର ଜନ୍ମଦିନ ହେଲେ, ୭-୮ ଘଣ୍ଟା ଡ୍ରାଇଭ୍ କରି ଯିବାକୁ କିଏ କଷ୍ଟ ମଣୁନଥିଲେ ।

ISSN NO.
2582-208X

ସେଦିନ ବଦଳଗଲା । ସମସ୍ତଙ୍କର ଜୀବନରେ ପରିବର୍ତ୍ତନ ଆସିଲା । ଆପାର୍ଟମେଣ୍ଟରେ ରହୁଥିବା ବନ୍ଧୁମାନେ ସମସ୍ତେ ନିଜନିଜର ଘର କିଣିଲେ । ଅନେକ ଓଡିଆ ପରିବାରଙ୍କର ଆଗମନ ହେଲା । ନିଜନିଜ ସହରରେ ଅନେକ ସାଙ୍ଗସାଥୀ ହୋଇଗଲେ । ଆଉ ଖୁସି ପାଇଁ, ବନ୍ଧୁମିଳନ ପାଇଁ ଦୂର ସହରକୁ ଯିବାର ଆବଶ୍ୟକତା ରହିଲାନି । ଏତେ ସମୟ ବି ମିଳିଲାନି ।

ହରି ଭାଇ ଓ ଶୋଭା ଭାଉଜ ମେରୀଲାଣ୍ଡ ଆସିଲେ । ପ୍ରଥମେ ଶୋଭା ଭାଉଜ ଘରେ ରହୁଥିଲେ । ତାପରେ ସିଏ  ଗୃହକରି କଲେ ।

ଏବେ ମେରୀଲାଣ୍ଡର ସେମାନଙ୍କର ଗୋଟିଏ ଗୋଷ୍ଠୀ ହୋଇଗଲେ । ସେ ସମସ୍ତଙ୍କର ସମାନ ଆଗ୍ରହ ଥିଲା । ଠାକୁରଙ୍କ କାମରେ, ଓଡିଆ ସାହିତ୍ୟରେ, ଅନ୍ୟକୁ ସାହାଯ୍ୟ କରିବାରେ ଓ ଉତ୍ସବ, ମହୋତ୍ସବ ଆୟୋଜନ କରାଇବାରେ ସମସ୍ତେ ମିଳିମିଶି କାମ କରୁଥିଲେ ।

ସେ ଭିତରେ ସମସ୍ତଙ୍କର ପିଲାମାନେ ବଡ ହେଲେ । ଅନେକଙ୍କର ଗ୍ରାଜୁଏସନ୍ ପାର୍ଟି ହେଲା। କେତେକଙ୍କର ବାହାଘର ହେଲା । କାହାର ଘରେ ପୂଜା ହେଲା । କିଏ ପର୍ବପର୍ବାଣୀରେ ଡକାହକା କଲା । ଆମ ଓ ଅନୁପର ପରିବାର ସହିତ ପ୍ରାୟତଃ ହରି ଭାଇ ଓ ଶୋଭା ଭାଉଜ ସେସବୁ ଉତ୍ସବ, ମହୋତ୍ସବ ଓ ପାରିବାରିକ ମିଳନୀରେ ସାମିଲ୍ ରହୁଥିଲେ ।

ପିଲାମାନଙ୍କୁ ପ୍ରୋତ୍ସାହନ ଦେବା ଶୋଭା ଭାଉଜଙ୍କର ଆବେଗ ଥିଲା । ସିଏ ଯଦି କେଉଁ ପିଲାର କାମରେ ଖୁସି ହେଉଥିଲେ ତ ଅତି ଆବେଗର ସହିତ ଉଠିଯାଇ ତାକୁ ସାବାସି ଦେଉଥିଲେ । ଆଉ ସେମିତି କରିପାରୁନଥିଲା । ତାକୁ ଅନ୍ୟ ସବୁ ପିଲାମାନଙ୍କ ମନସ୍ତତ୍ତ୍ୱର ଧ୍ୟାନ ରହୁଥିଲା । କିନ୍ତୁ ଶୋଭା ଭାଉଜ ହଠାତ୍ କିଛି କରି ପକାଉଥିଲେ । ଥରେ ହୋଲି ଉତ୍ସବରେ ରୂପାର ନାଚ ଓ ଗୀତ ଗାଇବାର ଦକ୍ଷତା ଦେଖି ଭାଉଜ ହଠାତ୍ ଉଠିଗଲେ । ମଞ୍ଚ ଉପରକୁ ଯାଇ ଘୋଷଣା କଲେ, "ରୂପାର ନାଚରେ ଓ ଗୀତ ଗାଇବାର ପ୍ରତିଭାରେ ମୁଁ

ISSN NO.
2582-208X

ଏତେ ମୁଗ୍ଧ ଯେ, ତାଙ୍କୁ ଅଭିନନ୍ଦନ ନଦେଇ ରହିପାରୁନ । ମୋ ତରଫରୁ ମୁଁ ତାକୁ ଏକଶହ ଡଲାର ଡଲାର ପୁରସ୍କାର ଦେଉଛି ।'

ଭାଉଜଙ୍କର ଏମିତି ଘୋଷଣାରେ ରୂପା ଅବଶ୍ୟ ପ୍ରେରଣା ପାଇଲା, ତେବେ ଅନ୍ୟ କଛି ପିଲାଙ୍କର ପିତାମାତା ମାନେ ଏସବୁ ଭଲ ହୃଦୟରେ ନେଲେନ ।

ସେତେବେଳେ ଭାଉଜଙ୍କ ସହିତ ଆନର ବି ମତାନ୍ତର ରହିଲା । ଭାଉଜଙ୍କର ମତ ଥିଲା, "ଯିଏ ଭଲ କଲା, ତାକୁ ଭଲ କହିବାରେ, ପୁରସ୍କୃତ କରିବାରେ ଆମକୁ ଏତେ ଭାବିବା କଣ ଦରକାର ?'

ଆନିର ମତ ଥିଲା, "ଅନ୍ୟ ପିଲାମାନେ ବି ଅଂଶଗ୍ରହଣ କରିଛନ୍ତି । ଆମେ ତ ଏ ନୃତ୍ୟ ପ୍ରଦର୍ଶନ କି ସଂଗୀତ ଗାୟନ ସବୁ ପ୍ରତିଦ୍ୱନ୍ଦିତାରେ ରଖିନାହାନ୍ତି । ତେଣୁ ହଠାତ୍ ଜଣେ ପିଲାକୁ ଏତେ ଟେକି କରି କହିଲେ, ଅନ୍ୟ ପିଲାମାନଙ୍କ ମନରେ ଦୁଃଖ ହେବ ।'

"ମୁଁ ତ କହିବି ସେମାନେ ପ୍ରେରଣା ପାଇବେ ।'

ଏ ମତାନ୍ତର ରହିଲା । କଏ ଠିକ୍, ତାହାର ତ କଛି ପ୍ରମାଣ ନଥିଲା । ଆଜିକାଲି ଅନେକ ସୂତ୍ର ଏମିତି । କଛି କ୍ଷେତ୍ରରେ ଉପଯୋଗୀ ଓ କଛି କ୍ଷେତ୍ରରେ ନରର୍ଥକ । କଛି ପିଲା ଏମିତି ସ୍ଥଳେ ପ୍ରେରଣା ପାଆନ୍ତ ଓ କଛି ପିଲା ସଂପୂର୍ଣ୍ଣ ଭାବେ କାର୍ଯ୍ୟକ୍ରମରୁ ଦୂରେଇ ରୁହନ୍ତ ।

ଯାହାବି ହେଉ, ସେସବୁ ମତାନ୍ତର ନେଇ, ସେମାନଙ୍କ ଭିତରେ କଛି ମନାନ୍ତର ହୋଇନଥିଲା ।

ଏମିତି ଅନେକ ସମୟରେ ଛୋଟଛୋଟ ମତାନ୍ତର ଗ୍ଲାଲିଥିଲା । ଭାଉଜ ଯେହେତୁ ସିଧାସଳଖ ମୁହଁ ଉପରେ କହିଦିଅନ୍ତ, ସେଥିପାଇଁ ଆନ ବେଳେବେଳେ ପ୍ରତିବାଦ କରେ ।

ତଥାପି ଭାଉଜ ତାଙ୍କ ପଦ୍ଧତିରେ କାମ କରନ୍ତ ଓ ଆନ ନଜ ପଦ୍ଧତିରେ କାମ କରେ ।

ISSN NO.
2582-208X

ସେମିତି ଥରେ ହୋଇଥିଲା । ସୋସାଇଟିର ଏକ ମୁଖପତ୍ରରେ ସେଥର ସଂପାଦିକା ଅନେକ ଭୁଲ୍ କରିଥିଲେ । କାହାଣୀର ଅନୁଚ୍ଛେଦ ସବୁ କ୍ରମାନୁକ୍ରମିକ ନ ରଖି ସିଏ ଏପଟ ସେପଟ କରିଦେଇଥିଲେ । ପ୍ରଥମ ଅନୁଚ୍ଛେଦ ପରେ କେତେବେଳେ ଦ୍ୱିତୀୟ ବଦଳରେ ତୃତୀୟ କି ଅନ୍ୟ ଅନୁଚ୍ଛେଦ ଆସିଯାଇଥିଲା ତ କେତେବେଳେ ଶେଷ ଅନୁଚ୍ଛେଦର କିଛି ଅଂଶ ଆସି ମଝିରେ କେଉଁ ଅନୁଚ୍ଛେଦ ସହିତ ମିଶି ଯାଇଥିଲା । ଏସବୁ ଅନେକଙ୍କର ଲେଖାରେ ହୋଇଥିଲା ଓ ଏଥିପାଇଁ ସମସ୍ତେ ଅସନ୍ତୁଷ୍ଟ ଥିଲେ । କିନ୍ତୁ ଶୋଭା ଭାଉଜ ସେ ସଂପାଦିକାଙ୍କୁ ମୁହେଁ ମୁହେଁ ଶୁଣେଇଦେଲେ । "ତମେ ଏମିତ କେମିତି କରିପାରିଲ ? ଯଦି କିଛି ସାହାଯ୍ୟ ଦରକାର ଥିଲା, ତେବେ କାହାକୁ କହିପାରିଥାନ୍ତ । ସେକଥା ନକରି ଏମିତି ସମସ୍ତଙ୍କୁ ଅପଦସ୍ଥ କରାଇବା ଭଳି କାମ କେମିତି କଲ ? ଏସବୁ ଲେଖା ଯିଏ ପଢିବ, ସିଏ ଲେଖକ, ଲେଖିକାଙ୍କ ବିଷୟରେ କଣ ଭାବିବ ?'

ଆଜି ସେଇ ଏକା କଥା କହିଲା, କିନ୍ତୁ ଟିକେ ଅନ୍ୟ ପଦ୍ଧତିରେ । ସିଏ ସେ ସଂପାଦିକାକୁ କେଉଁ କେଉଁ ସ୍ଥାନରେ ଭୁଲ୍ ହୋଇଛି, ସେ ବିଷୟରେ ଜଣେଇଦେଲା । "ସେଗୁଡିକୁ ତ ଏବେ ମୁଦ୍ରିତ କପିରେ ସଂଶୋଧନ କରିହେବନି, ହେଲେ ତାର ଗୋଟିଏ ସଂସ୍କରଣ ସୋସାଇଟିର ଗୃହପୃଷ୍ଠାରେ ରହିବା ଦରକାର । ତାଛଡା ଏ ଭୁଲ୍ ସବୁ ବିଷୟରେ ସମସ୍ତଙ୍କୁ ଜଣେଇବା ଦରକାର ।'

ଭାଉଜ ସେତେବେଳେ ଯୁକ୍ତି କରିଥିଲେ, "ଆମ ଓଡିଆ ଲୋକମାନେ ସବୁବେଳେ ସବୁକଥା ହାଲୁକା ଭାବେ ନିଅନ୍ତି । ତାଙ୍କୁ ଯଦି କଅଁଳ କରି କହିବ, ସିଏ ସବୁ କଥାରେ ଫାଙ୍କିଫାଙ୍କି ଯିବେ । କିନ୍ତୁ ରାଗ ଦେଖାଅ, ଚଢାଗଳାରେ କଥା ହୁଅ, ସେତେବେଳେ ଯାଇ ସେମାନେ ତମ କଥା ଶୁଣିବେ ।'

ତାଙ୍କ କଥା ଅନେକ କ୍ଷେତ୍ରରେ ସତ ଥିଲା । ଓଡିଆ ଜାତି ସେମିତି କାହିଁକି ବୋଲି ଆଜି ମନରେ ବି ସେ ପ୍ରଶ୍ନ ଆସିଛି । କିନ୍ତୁ ସିଏ ସେକଥା ନିଜେ ଅନୁଭବ କରିଛି । ଲୋକ ସରକାରୀ ଚାକିରି କରିଥିବେ, ଦରମା ନେଉଥିବେ, କିନ୍ତୁ ନିଜ କାମରେ ଠିକଣା ଯାଉଥିବେ । ପାଞ୍ଚ ଘଣ୍ଟାର କାମକୁ ଦୌଡେଇ ଦୌଡେଇ ପାଞ୍ଚ ମାସ ଲଗେଇଦେବେ । ଯଦି କିଏ ହଠାତ୍ ପାଟିତୁଣ୍ଡ କଲା, ତେବେ ତାହାରି କଥା ହିଁ ଶୁଣିବେ ।

ISSN NO.
2582-208X

ଶୋଭା ଭାଉଜ ,ଷ୍ଟବାଦୀ ଥିଲେ । ତାଙ୍କୁ କଏ କଣ ଭାବୁ ସେକଥା ସିଏ ଚନ୍ତା କରୁନଥିଲେ। ସମସ୍ତଙ୍କୁ ସ୍ନେହ ଦେଉଥିଲେ ଓ ଅନେକ ସୁସ୍ୱାଦୁ ବ୍ୟଞ୍ଜନ ତିଆରି କରି ଖୁଆଇବା ତାଙ୍କର ସଉକ ଥିଲା । ସେଇ ଭାଉଜ ଆଜି ସବୁଦିନ ପାଇଁ ଆଖି ବୁଜିଦେଲେ । କୋଭିଡ୍ ପୂର୍ବରୁ କେତେଟା କବିତା ପାଠ ସମାରୋହରେ ସିଏ ମୃତ୍ୟୁ ବିଷୟରେ ହିଁ କବିତା ଲେଖି ପଢି ଆସୁଥିଲେ । ଗୋଟିଏ ସମାରୋହରେ ଆନ ତାଙ୍କୁ କହିଥିଲା, "ଆପଣ ଏମିତି ଦୁଃଖର କଥା କାହିଁକି ଲେଖୁଛନ୍ତି ? ସମସ୍ତଙ୍କୁ ଉଦାସ କରିଦେଉଛି ।'

ଭାଉଜ ହସିହସି କହିଲେ, "ଆରେ, ଏଇଟା ତ ସତ କଥା । ମୁଁ ତ ଦିନେ ମରିବି । ମରିବି ନା ନାହିଁ । ମୋ ଭଳି ସମସ୍ତେ ବି ଦିନେ ନା ଦିନେ ମରିବେ । ଚରନ୍ତନ ସତ୍ୟରୁ ବାହାରକୁ ଯିବା କାହାର ନୟନ୍ତ୍ରଣରେ ନାହିଁ । ଏମିତି କ ଭଗବାନଙ୍କର ମଧ୍ୟ । ଭଗବାନ ବି ଯେତେଥର ଏ ଧରାରେ ଜନ୍ମ ନେଇଛନ୍ତି, ମୃତ୍ୟୁ ବରଣ କରିଛନ୍ତି । ତେଣୁ ମୃତ୍ୟୁକୁ ଏତେ ଡର କାହିଁକି ?'

ଆନ ତାଙ୍କ ସହିତ ଯୁକ୍ତି କରିନଥିଲା । ଖାଲି କହିଥିଲା, "ହେଲେ, ମୃତ୍ୟୁ ଦୁଃଖ ଆଣେ । ସେଇଟା ବି ସତ ।'

ଆଜି ସେଇ ମୃତ୍ୟୁ ତାଙ୍କୁ ନଜ କବଳକୁ ନେଇଗଲା ।

ରହିଗଲା ଅନେକ ପଦଚହ୍ନ, ଅନେକ ସ୍ମୃତି ଓ ଅନେକ କାହାଣୀ ।

ଶୋଭା ଭାଉଜଙ୍କର ଆତ୍ମାର ଶାନ୍ତି ପାଇଁ ଆନ ଠାକୁର ଘରକୁ ଯାଇ ପ୍ରାର୍ଥନା କଲା । ଯଦିଓ ସିଏ ଜାଣଥିଲା, ମୃତ୍ୟୁ ସତ୍ୟ, ତଥାପି ସିଏ ଗ୍ରହଣ କରିପାରୁନଥିଲା । ତା' ଆଖିରୁ ଧାରଧାର ଲୁହ ବହିଗଲା ।

-୦-

ରଦରଫୋର୍ଡ ୱେ, ଡେଟନ୍, ମେରୀଲାଣ୍ଡ୍,
ଯୁକ୍ତରାଷ୍ଟ୍ର ଆମେରିକା

ISSN NO.
2582-208X

# ଥରେ ଶୁଣିଯାଅ...



ମଧୁମିତା ମିଶ୍ର

ହୃଦୟର ଡାକ ନୁହେଁ...
ବିବେକର ପ୍ରାର୍ଥନା ଏହି...
ଏଠି କେହି କାହାରି ନୁହେଁ...
କା ପାଇଁ ମୁହଁ ଖୋଲେନା କେହି...

କଥା କେବଳ ପ୍ରମାଣ କୁହେ...
ସତ୍ୟ ନ୍ୟାୟ ସବୁ ବନ୍ଧା ହୋଇଯାଏ...
ମିଥ୍ୟା କବଳୁ ବଞ୍ଚିବା ପାଇଁ...
ସଂଗ୍ରାମ ସଦା ଚାଲି ରହିଥାଏ...

ଚିତ୍କାର ଗର୍ଜନ ବୃଥା ଅଭିମାନ...
କ୍ରୋଧ ଲୁହ ସବୁ ବୃଥା ହୋଇଥାଏ...
ଶାସ୍ତି ଆଗରେ ସଭିଏଁ ସମାନ...
ଏ ବାର୍ତ୍ତା ଜଗତ ଜାଣି ପାରିଥାଏ...

ତଥାପି ମିଳେନା ନ୍ୟାୟ ସର୍ବଦା...
ନିର୍ଭୟା ହେଉ କି ମୌମିତା ପରୀ...

ISSN NO.
2582-208X

କାମନା ଦାବାନଳେ ଦଗ୍ଧ ହୋଇ...
ଯାଆନ୍ତି ବେଳେ ଜୀବନକୁ ହାରି...

କି ଲାଭ କୁହ ତ ନ୍ୟାୟ ଦେଇ ପରେ...
ଜୀବନ ମୃତ୍ୟୁ ସହ ମିଶିଗଲା ପରେ...
ପାଉଁଶ କି ପୁଣି ହସିବ ଖେଳିବ...
ନ୍ୟାୟାଧୀଶ ତୁମେ ଭାବିବଟି ଥରେ...

ଭୁବନେଶ୍ୱର
୯୪୩୮୪୭୦୮୦୭

ISSN NO.
2582-208X

# ନିର୍ଭୟା ଓ ଅଭୟା



ଡ. ପ୍ରସନ୍ନ କୁମାର ବଳ

ଯା ଦେବୀ ସର୍ବ ଭୂତେଷୁ,
ମାତୃ ରୂପେଣ ସଂସ୍ଥିତା,
ନମଃ ତସ୍ମୈ ନମଃ ତସ୍ମୈ,
ନମଃ ତସ୍ମୈ ନମଃ ନମଃ ।୧।
ଏ ଶ୍ଳୋକାର ଅର୍ଥ କଣ?
କାହିଁକି ଗାଇବା ୟାକୁ?
ନେବାକୁ ବାହାବା.....
ନା ଦେଖାଇବା ସଂସ୍କୃତର ଜ୍ଞାନ..... ।୨।
ଦୁଷ୍ଟ ମାନସିକତାର ହେଉ ନାହିଁ ଅନ୍ତ,
ବରଂ ଏହା ହୁଏ ଦୃଢୀଭୂତ,
ଏ ସମାଜ, ଏ ମାନବ ଜୀବନକ୍ ଧିକ୍,
ମା ଆମ, କନ୍ୟା ଆମ, ଭଉଣୀ ହିଁ ଆମ,
ଭୁଲିଯାଏ ରକ୍ତର ସମ୍ପର୍କ ଏ ପିଶାଚ ମନ ।୩।
କନ୍ୟା ଭ୍ରୁଣ ହତ୍ୟା ଥମୁନାହିଁ ଏଠି,
କନ୍ୟା ନିର୍ଯ୍ୟାତନା ସୀମା ନାହିଁ ଏଠି,
କନ୍ୟା ଖାଲି ଉପଭୋଗ୍ୟ ବସ୍ତୁ,
ଏ କୁତ୍ସିତ ମାନସିକତା ଗ୍ରାସେ ସମାଜକୁ ।୪।
ଲଜ୍ୟା ଲାଗେ ଦେଖିଲେ ଏ ପରିସଙ୍ଖ୍ୟାନ,
ଯାହା ବାସ୍ତବତା ଠାରୁ ସଂପୂର୍ଣ୍ଣ ହିଁ ଭିନ୍ନ

ISSN NO.
2582-208X

ରାଜସ୍ଥାନେ ଦେଢ ଘଣ୍ଟା,
ଉତ୍ତର ପ୍ରଦେଶେ ଅଢେଇ ଘଣ୍ଟା,
ମଧ୍ୟ ପ୍ରଦେଶେ / ଉତ୍ତର ପ୍ରଦେଶେ ତିନି ଘଣ୍ଟା,
ଓଡିଶାରେ ଛଅ ଘଣ୍ଟା
ଓ
ସମଗ୍ର ଭାରତ ବର୍ଷେ ପ୍ରତି ଷୋହଳ ମିନିଟରେ
ହୁଅଇ ଧର୍ଷଣ.....
ଲଜ୍ଜ୍ୟା, ଲଜ୍ଜ୍ୟା, ଲଜ୍ଜ୍ୟା,
ଏ ବିଶାଳ ରାଷ୍ଟ୍ର ଭାରତ ବର୍ଷେ,
୧୪୦ କୋଟି ଜନତାଙ୍କ ପକ୍ଷେ
୬ ଟି ମେଡାଲ ଜିତିଲେ ୨୦୨୪ ପ୍ୟାରିସ ଓଲିମ୍ପିକ୍ ରେ,
୧୨୫ ଟି ମେଡାଲ ନେଲା ଆମେରିକା,
ନାହିଁ ଅବଶୋଶ,
ଏହା ହିଁ ଆମ ପ୍ରକୃତ ସାମର୍ଥ୍ୟ,
ହେଲେ ଭାଙ୍ଗି ଦେଉଛୁ ଆମେ ସମସ୍ତ ରେକର୍ଡ
ଲଜ୍ଜ୍ୟା କରିବାରେ....
ଧିକ୍ ଧିକ୍ ଏ ଜୀବନ
ଯାହା ପଶୁ ଠୁ ବି ହୀନ ।୫ ।
ଲୋମ ଟାଙ୍କୁରି ଉଠେ ମନେ ପଡିଗଲେ,
୧୯୯୭ ର ସେ ରାଜସ୍ଥାନର ଭଉଁରୀ ଦେବୀ,
୨୦୦୭ ର ନୂଆ ଦିଲ୍ଲୀର କାର୍ଯ୍ୟରତ ଡାକ୍ତରାଣୀ,
୨୦୧୨ ର ନୂଆ ଦିଲ୍ଲୀର ସେ ନିର୍ଭୟା କାଣ୍ଡ,
ପୁଣି
୨୦୨୪ ର କଲିକତାର ଏ କାର୍ଯ୍ୟରତ ଡାକ୍ତରାଣୀ,
ସମସ୍ତେ ହେଲେ ଧର୍ଷଣ ଓ ହତ୍ୟାକାଣ୍ଡର ଶିକାର ।୬ ।
ବିଦ୍ରୋହ କରି ଉଠେ ମନ,
କଣ ଯାର ପ୍ରତିକାର, କେ କରିବ ସମାଧାନ,

ISSN NO.
2582-208X

ଯେ ଦେଶେ ସ୍ୱୟଂ ରାଷ୍ଟ୍ରପତି ଭୟଭୀତ, ଯିଏ ପୁଣି ନାରୀ,
ରାଜ୍ୟର ମୁଖ୍ୟମନ୍ତ୍ରୀ କରନ୍ତି ପଦଯାତ୍ରା ଓ ଦିଅନ୍ତି ଧାରଣା, ସିଏ ପୁଣି ନାରୀ,
ତେବେ କାହା ଭରସାରେ ରହିବ ଏ ନାରୀ ସମାଜ ?
ସତେ ଯେମିତି ସେ ଆଜି ଅସହାୟା.....
ଲଜ୍ଜ୍ୟା ବାରଣ କରିବ କେମିତି?
କେ ଦେବ ଆଜି ତାକୁ ହିଁ ସୁରକ୍ଷା ??? ।୭ ।
ଚାରିଆଡେ ପିଶାଚ ହିଁ ପିଶାଚ,
ରକ୍ତ ଶୋଷି କରିବେ ହିଁ ସର୍ବନାଶ,
ଏ ସବୁ ଦେଖି ଅବିଚଳିତା ଏ କନ୍ୟା,
ଭାବେ ବୋଧେ ତା ପାଇଁ ଭ୍ରୁଣହତ୍ୟା ସତଗୁଣେ ଭଲ,
ଏ ତ ଭାଗ୍ୟର ବିଡମ୍ବନା,
କାହିଁକି ଆସିବ ଏ ପ୍ରଦୂଷିତ ସମାଜକୁ,
ସହିବାକୁ କଷଣ, ଲଜ୍ଜ୍ୟା, ଧର୍ଷଣ ଓ ହତ୍ୟା ।୮ ।
ଅସହ୍ୟ ହେଲାଣି ଏ କଷ୍ଟ,
ପାପର ଗଲାଣି ସେ ସୀମା ଟପି,
ଚାରିଆଡେ ଅନ୍ୟାୟ ଓ କଷଣ,
ଆବିର୍ଭାବ ହୁଅ ମା ସିଂହବାହିନୀ,
ଅଭୟଦାୟୀନି, ମାତା କାତ୍ୟାୟୀନି,
କର ଏ ପାପୀ ବିନାଶନ,
ତୁମେ ହିଁ ଆମକୁ ସାହା ..... ।୯ ।

ଶ୍ରୀ ସତ୍ୟସାଇ ଏନକ୍ଲେଭ,
ଖଣ୍ଡଗିରୀ, ଭୁବନେଶ୍ୱର

ISSN NO.
2582-208X

# ଉତ୍ସାହ ତୁ ଫେରିଆ



ଭାସ୍କର ଚନ୍ଦ୍ର ଖଣ୍ଡା

ନିଃଶବ୍ଦରେ ତମେ ପାଦ ଚିପି ଚିପି
କେତେବେଳେ ଆସ କେତେବେଳେ ଯାଅ
ପାରେନା ଜାଣି
ଅଜାଣତେ ପିଞ୍ଜରାରେ ଆବଦ୍ଧ ପକ୍ଷୀଟିଏ
ଉଡିଯିବା ପରି ଫୁର୍ କିନା
ଅପେକ୍ଷା ରତ ବିଚରା ପିଞ୍ଜରା
ନୀରବ ଦ୍ରଷ୍ଟା
ଖାଇବା ଡେଇଁବା ଶୋଇବା
ସବୁର ମୂକସାକ୍ଷୀ ସିଏ |୧|

ନେଉଛି କେତେ ଯତ୍ନ ସବୁ ଦିନ
ସ୍ଥିରତା ପାଇଁ ଭାମରି
କରି ଆଉ ସବୁ ଯୋଗାସନ
ଉନ୍ମୁକ୍ତ କରୁଛି ଦ୍ୱାର ତୋ ପାଇଁ
ଅନ୍ୱେଷଣ ରତ ସବୁଥିରେ ତୋତେ
ଆସି ଭରିଦେବୁ ବୋଲି ସ୍ଥିରତା |୨|

ISSN NO.
2582-208X

ଦେଖୁଛି ଗାଳି ଗୁଲଜ ଭର୍ତ୍ସନା
ଏମାନେ ସବୁ ମିଳି ମିଶି
ନିଧିବୁଢା ବାଡି ପଟେ
ମଶା ମାଛି ମୂଷାଙ୍କ ପରି
କରୁଛନ୍ତି ବିଚାର
କରିବାକୁ ତୋ ପାଇଁ ଦ୍ୱାର ବନ୍ଦ   ।୩।

ପାଥେୟ କରି ସତ୍ୟ ଆଉ ସାହସକୁ
କରୁନୁ କାହିଁକି ବିରାଜମାନ
ଯିବା ପୂର୍ବରୁ ଯୁଦ୍ଧ ଭୂମିକୁ
କରିବୁ କାହିଁକି ଅସ୍ତ୍ର ତ୍ୟାଗ ?
ଫେରିଆ ସଭିଙ୍କ ପାଖକୁ
ମୌସୁମୀ ବି ଭଲ ବର୍ଷିବ
ହସିବ ଖିଲିଖିଲି ସବୁଜିମା
ଧରି ଅର୍ଘ୍ୟ ଥାଳି
କରିବେ ତୁମ୍ଭଙ୍କୁ ସଭିଏଁ ସ୍ୱାଗତ
ହେ ମୋର ଆଦରର 'ଉତ୍ସାହ'
ତୁ ଫେରିଆ   ।୪।

ଫ୍ଲାଟ୍ ନଂ ବି /୩୦୧, ଗୌରୀଶଙ୍କର ରେସିଡ଼େନ୍ସ
କେଶୁରା, ଭୁବନେଶ୍ୱର (ମୋ) ୯୪୫୫୭୧୭୫୦୭

ISSN NO.
2582-208X

# ମଉସାଙ୍କ ଜନ୍ମଦିନ



ଶାନ୍ତଲତା ମିଶ୍ର

ସକାଳୁ ସକାଳୁ ମାଉସୀ ରାଘବର ଘର ସାମନା ଟଗର ଗଛରୁ ଫୁଲ ତୋଳୁଥିଲେ, ରାଘବ ସହିତ ଦେଖା ହୋଇଗଲା । -ଆରେ ପୁଅ ଆଜି ମଉସାଙ୍କ ଜନ୍ମଦିନ ଆସିବୁ ଦି ପହରକୁ ଟିକେ ଖିରି ପିଠା କରିଥିବି ଖାଇକି ଯିବୁ । "ହଁ ' କରିଦେଇ ରାଘବ ଚୁପ ରହିଲା । କଣ କହିବ । ଏଇ ଦି ସପ୍ତାହ ତଳେ ମଉସାଙ୍କ ଜନ୍ମ ଦିନ ହୋଇଥିଲା । ଏ ବର୍ଷରେ ମଉସାଙ୍କ ଜନ୍ମଦିନ ଚାରିଥରରୁ ଊର୍ଦ୍ଧ ସେ ପାଳନ କରି ସାରିଲେଣି । ସାରୀ ମାଉସୀ ଆଉ ନରେନ୍ଦ୍ର ମଉସା ରାଘବର ନିକଟତମ ପଡୋଶୀ । ସେମାନଙ୍କୁ ସେ ପିଲା ବେଳୁ ଭଲ କରି ଜାଣେ ।

ରାଘବକୁ ତେର ବର୍ଷ ହୋଇଥିଲା ତାର ବାପା ଇହଧାମ ତ୍ୟାଗ କରିଥିଲେ । ତା ପରଠୁ ମଉସା ମାଉସୀ ବୋଉକୁ ଅନେକ ପ୍ରକାର ସାହାଯ୍ୟ କରିଛନ୍ତି ରାଘବ ଦେଖି ଆସିଛି । ମଉସାଙ୍କର ଦୁଇ ପୁଅ ତାଙ୍କ ସଙ୍ଗେ ଖେଳି ମିଶି ସେ ବଡ ହୋଇଛି । ପଢା ପଢିରେ ବି ମଉସା ତାକୁ ସାହାଯ୍ୟ କରିଛନ୍ତି । ଏବେ ମଉସାଙ୍କ ଦୁଇ ପୁଅ ବାହାରେ ଚାକିରି କରି ଦୂରରେ ରୁହନ୍ତି । ଏବେ ତାର ପାଳି ମଉସା ମାଉସୀଙ୍କୁ ସାହାଯ୍ୟ କରିବା । ଭଲରେ ମନ୍ଦରେ ସେ କରୁଛି ମଧ୍ୟ ।

ସେମାନଙ୍କ ବୟସ ବଢି ବଢି ଯିବା ସହିତ ସ୍ମୃତି ଶକ୍ତି କମି କମି ଯାଉଛି । ଏଇ ଦି ବର୍ଷ ତଳେ ମାଉସୀ ହସ୍ପିଟାଲରେ ଦୁଇ ସପ୍ତାହ ପଡିଥିଲେ । ତା ପରଠୁ ତାଙ୍କ ସ୍ମୃତି ଶକ୍ତି ଆହୁରି

ISSN NO.
2582-208X

ଦୁର୍ବଳ ହୋଇ ଯାଇଛି । ମଉସାଙ୍କର ଅପେକ୍ଷା କୃତ ଭଲ ଥିଲେ ବି ସେ ବି ବିଶେଷ ମନେ ରଖନ୍ତିନି । ତେଣୁ ସେମାନଙ୍କ ଚଳଣି ଦେଖିଲେ ହସ ମାଡେ ଦୁଃଖ ବି ଲାଗେ । ରାଘବର ବୋଉ ଚାଲିଗଲେଣି ଆଜିକୁ ପାଞ୍ଚ ବର୍ଷ ତଳେ । ସେତେବେଳେ ମଉସା ମାଉସୀ ଭଲ ଥିଲେ । ତାକୁ ବହୁତ ସାହାଯ୍ୟ ବି କରିଥିଲେ ।

ରାଘବ ଦିପ୍ରହରେ ଯାଇ ମାଉସୀଙ୍କ ଘରେ ପହଞ୍ଚି ଗଲା । ଆରେ ତୁ ଏକା ଆସିଲୁ ବୋଉକୁ ସାଥିରେ ଆଣିଲୁନି । କିଛି ଉତ୍ତର ଦେଲାନି ରାଘବ । ତାପରେ କହିଲା ମାଉସୀ ! ମୁଁ ଖାଇବାକୁ ଆସିଛି ମଉସାଙ୍କ ଜନ୍ମଦିନ ଭୋଜି, ବାଡିରୁ ଆଣିଥିବା ପିଜୁଳି ପଣସ ତାଙ୍କ ହାତକୁ ବଢେଇ ଦେଇ । ହଁ ରେ ପୁଅ ବସ ମୁଁ ତୋ ପାଇଁ ଖାଇବା ନେଇଆସେ । ମୁଢି ବାଦାମ ଡାଲା ଆଣି ଧରେଇଦେଲେ ମାଉସୀ । ସେ ପୁଣି ଏତେ ପରିମାଣରେ ଯେ ଏକା ଖାଇ ଶେଷ କରିବା ତା ପକ୍ଷରେ ସମ୍ଭବ ନଥିଲା । ଅଳ୍ପ ଦିଟା ପାଟିରେ ପକେଇ ବାକି ସବୁ ଘରକୁ ନେଇ ଆସିଥିଲା । ଏପରି କିଛି ହୋଇ ପାରେ ବୋଲି ସେ ଆଗରୁ ପ୍ରସ୍ତୁତି ହୋଇ ଯାଇଥିଲା ।

ସେ ଭଲ କରି ଯାଣିଥିଲା ସେ ଯଦି ନ ଯାଇଥାନ୍ତା ବି ମାଉସୀ ଆସି ପଚାରି ନଥାନ୍ତେ କାହିଁକି ଆସିଲୁନି ବୋଲି । ସେ ମାଉସୀଙ୍କ ପାଇଁ ଯେତେ ନୁହେଁ ମଉସାଙ୍କ ପାଇଁ ଯାଇଥିଲା। ମାଉସୀର କଥା ନରଖିଥିବାରୁ କାଳେ ମଉସାଙ୍କ ମନ ଦୁଃଖ ହୋଇପାରେ । ମଉସା ସକାଳେ ଶୁଣି ଦେଇଥିଲେ ଯେତେବେଳେ ମାଉସୀ ତାକୁ ଘରକୁ ଆସିବାକୁ କହିଥିଲେ ଓ ସେ ଆସିବ ବୋଲି ହଁ କରିଥିଲା ।

ଦିନେ କେତେ କର୍ମଠ ଥିଲେ ଏମାନେ, ଆଜି ଏ କଣ ହେଇଗଲା । ଦିନେ ଦିନେ ବହୁ ପରିଚିତ ଲୋକ ମାନଙ୍କ ନାମ ବି ପଚାରୁଛନ୍ତି । ତାର ବି ଏପରି ଦିନ ଆସିପାରେ ଭାବି ତା ଦେହ ଶିତେଇ ଉଠୁଛି ଏବେଠୁ । ଜୀବନର ଶେଷ ଭାଗରେ ବାର୍ଦ୍ଧକ୍ୟର କଣ ଆବଶ୍ୟକତା ଅଛି ସେ ଯେତେ ଚେଷ୍ଟା କରୁଛି ବୁଝି ପାରୁନି । ସବୁ ଅଙ୍ଗ ପ୍ରତ୍ୟଙ୍ଗ ଧିରେ ଧିରେ କାମ

ISSN NO.
2582-208X

କରିବା ଛାଡି ଦେଉଛନ୍ତି । କେବଳ ଜୀବନ ଟା ରହିଛି । ଅଙ୍ଗ ପ୍ରତ୍ୟଙ୍ଗଙ୍କ ବିନା ସାହାଯ୍ୟରେ ଜୀବନଟା କେତେ ଅସହାୟ ।

ପୁଣି ଭାବୁଛି ହୁଏତ କିଛି କାରଣ ଥାଇପାରେ ଏପରି ହବାରେ । ସମସ୍ତେ ଏ ସଂସାରରେ ବଞ୍ଚିବାକୁ ଭଲ ପାଆନ୍ତି । କେହି ମରିବାକୁ ଚାହାନ୍ତିନି । ଏ ସସାଂର ଛାଡି ଚାଲିଯିବା ଭାରି କଷ୍ଟ । ତେଣୁ ହୁଏତ ଭଗବାନ ଏପରି ବ୍ୟବସ୍ଥା କରିଦେଇଛନ୍ତି ଯେ ମଣିଷ ନିଜେ ଯାଇ ଭଗବାନଙ୍କୁ ପ୍ରାର୍ଥନା କରିବ ତାକୁ ଏ ସସାଂରରୁ ଉଠେଇ ନବାକୁ । ଆଉ କଷ୍ଟ ସହି ହଉନି। ଏହା ତାରା ଚିନ୍ତାଧାରା ଆଉ ବିଶ୍ୱାସ । କେତେ ସତ ତାକୁ ଜଣା ନାହିଁ । କିଛି ସମୟ ସେ ମଉସାଙ୍କ ସଙ୍ଗେ କଥାବାର୍ତ୍ତା କରି ସେଦିନ ସେ ଘରକୁ ଫେରିଥିଲା, ଏକ ଭାରି ମନ ନେଇ । ସତରେ କେତେ ଅଦଭୁତ ଏ ସସାଂର ।

ରଚେଷ୍ଟର, ମିନେସୋଟା, ଆମେରିକା

ISSN NO.
2582-208X

# ଝରା ଶେଫାଳୀର ଛନକା ଛାତି



ସଂଯୁକ୍ତା ସାହୁ

ଖରା ଶେଫାଳୀ ମୋର ଛନକା ଛାତି
ରାତିକ ପାଇଁ ଜନ୍ମ ମୋହର
ଏହା ତ ମୋ ପାଇଁ ବିଦ୍ଧି ନିର୍ଦ୍ଧିଷ୍ଟ ଅଟେ
ଭାଗ୍ୟ ଯେ ପ୍ରଭୁଙ୍କ ହାତର।
ଝରା ଶେଫାଳୀ ମୋ ଆୟୁଷ ଅଳପ
ଝରି ପଡୁଥାଏ ମୁହିଁ ପରା
ସେଇ ସମୟଟା କେତେ ଯେ ସୁନ୍ଦର
ବାସ ବିତରେ ଚଉଦିଗ ସାରା ।
ମୁଁ ଛୋଟ ଫୁଲଟିଏ ରଙ୍ଗ ମୋ ସୁନ୍ଦର
ଝରା ଶେଫାଳୀ ଯେ ମୁହିଁ
ମୋ ଜୀବନର ବଡ଼ ସାର୍ଥକତା ଅଟେ
ଦିଏ ଅମୂଲ୍ୟ ଶିକ୍ଷା ଯହିଁ ।
ପଛେ ଜୀବନଟା ଅଳପ ଦିନ ମୋହର
ସୁଗୁଣ ହେଉ ପ୍ରସ୍ଫୁଟିତ

ISSN NO.
2582-208X

ଛାପ ଛାଡିଦେଇଯାଅ ଏଇ ସମାଜରେ
ବାସ ହେଉଥିବ ସୁରଭିତ ।
ଜୀବନରେ ଯଦି ଭଲ କାମ ସବୁ କରି
ଏଇ ଦୁନିଆଁରୁ ବିଦାୟ ନେବ
ଝରା ଶେଫାଳୀ ଭଳି ବାସ ଚହଟିବ
ଚିରଦିନ କୀର୍ତ୍ତି ରହିଯିବ ।
ସଭିଙ୍କ ଜୀବନ ପାଣି ଫୋଟକା ଭଳି
ଶେଫାଳୀ ପରି ଝଡ଼ିଯିବ
ଏତେ ସୁନ୍ଦର ଦୁନିଆଁ ପ୍ରଭୁ ଦେଇଛନ୍ତି
କାହିଁକି ଗର୍ବ ଏତେ କରିବ ।
ମୁଁ ଏତିକି ମିନତୀ କରୁଛି ହେ ଈଶ୍ୱର
ଆର ଜନ୍ମକୁ ଶେଫାଳୀ ହେବି
ଗୁହାରି ମୋର ରଖିବ ହେ ଦୀନବନ୍ଧୁ
ସଭିଙ୍କ ହୃଦୟରେ ରହିଯିବି ।

ସ୍ୱାହାମା
ଜଗତସିଂହପୁର

ISSN NO.
2582-208X

# ହେ ଭଗବାନ ଗଣେଶ



ନିରୁପମା ମିଶ୍ର

ଧନ୍ୟ ହେ ଗୌରୀ ନନ୍ଦନ ମାତୃ ଆଜ୍ଞାକାରୀ ।
ମାତା ବାକ୍ୟ ପାଳନରେ ଅଗ୍ରଜ ଅଟ ହେରୀ ।
ଦେବ ଦେବ ମହାଦେବ ଙ୍କ ବାଟ ଓଗାଳିଲ ଯେଣୁ ।
ମହେଶ୍ୱର ତୁମ୍ଭର ଶିରଚ୍ଛେଦନ କଲେ ତେଣୁ ।
ପରେ ପରେ ମାତା ସତୀଙ୍କ ଦେଖି କ୍ରନ୍ଦନ ।
ଶିବଗଣେ ପଠାଇ ଅଣାଇଲେ ଶିର ଗଜାନନ ।
ଉତ୍ତର ଦିଶାରେ ଶିର କରି ଥିଲା ଟି ଶୟନ ।
ତେଣୁ ତାର ଶିର ଆଣି ତୁମ୍ଭର ଠାରେ ଲଗାଇଲେ ତକ୍ଷଣ ।
ସେହି ଦିନୁ ଅଗ୍ର ଦେବ, ଅଗ୍ର ପୂଜା ତୁମ୍ଭେ ପାଇଥାଅ ।
ସବୁ ବିଘ୍ନ ବିନାଶ ପ୍ରାଣୀ ର କରିଥାଅ ।
ଭାଦ୍ରବ ମାସ ଶୁକ୍ଳ ପକ୍ଷ ଚତୁର୍ଥୀ ତିଥିରେ ।
ସବୁ ଅନୁଷ୍ଠାନ ମାନଙ୍କରେ ତୁମ୍ଭର ପୂଜା ହୁଏ ମହାଆଡମ୍ବର ରେ ।
କୋମଳମତି ଶିଶୁମାନେ ଭକ୍ତି ରେ କରନ୍ତି ପୂଜନ ।
ତାଙ୍କର ମନବାଞ୍ଛା କର ହେ ପୂରଣ ।
ଲମ୍ବୋଦର ଅଙ୍କୁଶ ଧାରୀ ମୂଷିକ ବାହନ ।
ବିଦ୍ୟା, ବୁଦ୍ଧି ରେ କେ ହେବ ତୁମ୍ଭର ସମାନ ।

ISSN NO.
2582-208X

ଗର୍ବ, ଅହଂକାର ସବୁ ଖର୍ବ କରିଥାଅ।
ବୁଦ୍ଧି ବଳରେ ବଡ ଭାଇ କାର୍ତ୍ତିକ କୁଂ କଲ ପରାଜୟ।
ମାତା ଭୂମି, ପିତା ହିଁ ଆକାଶ।
ଏକଥା ଟିକୁ ପ୍ରମାଣ କଲ ହେ ଆଦ୍ୟ ଇଶ।
ଧନ୍ୟ ଧନ୍ୟ ହେ ଭଗବାନ ଗଣେଶ।
ପର୍ଶୁରାମ ଙ୍କ ପର୍ଶୁ ରେ ଏକ ଦନ୍ତ ହେଲା ନଷ୍ଟ।
ସେହି ଦିନୁ ରୁ ଏକ ଦନ୍ତ ରୂପେ ପୂଜା ପାଇଥାଅ ହେ ଇଷ୍ଟ।

ଚନ୍ଦ୍ର ଶେଖର ନଗର, ବଲାଙ୍ଗିର

ISSN NO.
2582-208X

# ଲଳତ ନବନ୍ଧ –

# ଦାରିଦ୍ର୍ୟର ଦ୍ୱାର



ବଦ୍ରୀ ମହାନ୍ତି

ପରିବର୍ତ୍ତନ ଏକ ସ୍ୱଭାବିକ କ୍ରିୟା । ବଦଳିବାର କ୍ରମ ସହିତ ବଦଳି ଯାଉଥାଏ ତାର ସ୍ଥିତି ସ୍ଥାପକ ରୂପ ଭେକ ଓ ବର୍ଣ୍ଣବିଭା । ମଣିଷ ଜୀବନରେ ଉପଲବ୍ଧ ହୁଏ ନିର୍ଦ୍ଦିଷ୍ଟ ପରିଣତି । ଆଲୁଅ ଅନ୍ଧାର ସୁଖ ଦୁଃଖ ଉତ୍ଥାନ ପତନର ହେତୁ ହିଁ ସମୟର ପରିବର୍ତ୍ତନ ଧାରାରେ ସାଧନ ଓ ସୁଯୋଗ ସୃଷ୍ଟି କରିଥାଏ ଅଥବା ବଦଳାଇ ଦିଏ ଯାତ୍ରାପଥ । ଜୀବନରେ ଆସେ ଏକ ଦୁର୍ଲ୍ଲଭ ମୁହୂର୍ତ୍ତ । ଠିକଣା ସମୟରେ ସଠିକ ରୂପେ ଏହା ରୂପ ନେଇପାରିଲେ ଖୋଲିଯାଏ ରୁଦ୍ଧ ଦ୍ୱାର । ଉନ୍ମୁକ୍ତ ଦ୍ୱାର ଦେଇ ଭିତରକୁ ପ୍ରବେଶ କରିବା ଏବଂ ବାହାରକୁ ଆସିବା କ୍ରିୟା ଚିରନ୍ତନ । ଜୀବନର ପ୍ରତି ମୁହୂର୍ତ୍ତରେ ଏଇ ଯିବା ଆସିବା ଲାଗି ରହିଛି । ବୋଧହୁଏ ଏହା ହିଁ ସଂସାରର ନିୟମ । ସମୃଦ୍ଧି ଅସହାୟତା,ସମ୍ପନ୍ନତା ଓ ଦାରିଦ୍ର୍ୟ ସବୁ ଏଇ ରାସ୍ତା ଦେଇ ଯିବା ଆସିବା ହୁଅନ୍ତି । କେତେକ କ୍ଷେତ୍ରରେ ତାହା ହିଁ ବନିଯାଏ ସେମାନଙ୍କର ଠିକଣା । ଦୁଇଟି ଭିନ୍ନ ଦୁନିଆ ସଦାବେଳେ ପ୍ରାଚୀରର ଉଭୟ ପାଖରେ ଥିବାରୁ ସ୍ପଷ୍ଟ ରୂପେ ବାରି ହୋଇପଡେ ସେମାନଙ୍କ ଗତି ପ୍ରକୃତି ଓ ସ୍ଥିତି ।

ଦାରିଦ୍ର୍ୟର ଦୁଇଟି ରୂପ । ଅନେକ ମନେକରନ୍ତି ଅର୍ଥନୈତିକ ଅସ୍ୱଚ୍ଛଳତା ଓ ଅସମ୍ପନ୍ନତା ଜନିତ ଦାରିଦ୍ର୍ୟ ସବୁଠୁ ବୃହତ୍ ଏବଂ ପ୍ରଭାବୀ । ମାତ୍ର ମାନସିକ ଦାରିଦ୍ର୍ୟ ପରି ଉତ୍କଟ ଦାରିଦ୍ର୍ୟକୁ ସହଜରେ ଅନୁଭବ କରିହୁଏ ନାହିଁ । ଏହାର ଅବସ୍ଥିତି ମଣିଷକୁ କେମିତି ନିକୃଷ୍ଟତର ଜୀବନ ଅତିବାହିତ କରିବାକୁ ବାଧ୍ୟ କରିଥାଏ, ତାହା ପ୍ରତକ୍ଷ ନକରି ଦୋଷ ଦିଏ ଅନ୍ୟକୁ । ଏହା ସାଦା ଆଖିରେ ଧରା ପଡେନା, ନିରେଖି ଦେଖିବା ପାଇଁ ସମୟ

ISSN NO.
2582-208X

ନଥାଏ ବା କୌଣସି ସମୟରେ ସ୍ପର୍ଶ କରେନାହିଁ ମନକୁ । ତେଣୁ କାରଣ ନିରାକରଣ ଯେଉଁ ସ୍ତରରେ ଯେପରି ପରିମାଣରେ ହେବା କଥା,ତାହା ଏ ପର୍ଯ୍ୟନ୍ତ ହୋଇ ପାରିନାହିଁ । ତେଣୁ ରୁଦ୍ଧ ଦ୍ୱାର ଭିତରେ ରହି ରହି ଗୁମୁରି ଗୁମୁରି ଚିତ୍କାର କରୁଥିବା ମାନସିକ ଦାରିଦ୍ର୍ୟ ମୁକ୍ତ ଆଲୋକ ଦେଖିବାରୁ ବଞ୍ଚିତ ହେଉଛି । ସାଧାରଣରେ ବିଚାର କରାଯାଏ ଅର୍ଥନୈତିକ ସ୍ୱଚ୍ଛଳତା ନାନାଦି ଅଭାବ ଅସୁବିଧା ଦୂର କରି ଦରିଦ୍ରକୁ ସମ୍ପନ୍ନ କରାଏ, ସୁଖ ସମୃଦ୍ଧମୟ ଜୀବନକୁ ରାସ୍ତା କଢାଇ ନିଏ । ମାତ୍ର ଆବଶ୍ୟକତାର ସୀମା କେଉଁଠି, କେଉଁ ମାନାଙ୍କ ସ୍ଥିର କରିବ 'ଅଭାବ ଅସୁବିଧା' ? ପରିମାପକ ନଥିବାରୁ ଅତି ଦରିଦ୍ର, ଦରିଦ୍ର, ନିମ୍ନ ମଧ୍ୟବିତ୍ତ, ଉଚ୍ଚ ମଧ୍ୟବିତ୍ତ, ଧନୀକ, ବିତ୍ତଶାଳୀମାନଙ୍କ ମଧ୍ୟରୁ ଜଣକଠାରୁ ଅନ୍ୟକୁ ନିର୍ଦ୍ଦିଷ୍ଟ ସୀମା ମଧ୍ୟରେ ରଖିବା କଷ୍ଟସାଧ୍ୟ । ଗୋଟାଏ ସ୍ତରରୁ ଆଉ ଗୋଟିଏ ସ୍ତରକୁ ଯିବା ପାଇଁ ଦ୍ୱାରଟିଏ ରହିଛି ସତ, ମାତ୍ର ସେ ଦ୍ୱାର ଦେଇ ଥରୁଟିଏ ଅତିକ୍ରମ କରିଗଲା ପରେ ପୁଣି ଥରେ ଯେ ନଫେରିବ ସେମିତି କିଛି କହିହେବ ନାହିଁ । ତେଣୁ ମଧ୍ୟବିତ୍ତ ଯେ ଦରିଦ୍ର ନୁହେଁ ଏ କଥା କହି ହେବ ନାହିଁ । ଉଚ୍ଚ ମଧ୍ୟବିତ୍ତ ବି ଅପେକ୍ଷା କରୁଛି ସୁଯୋଗ ଓ ସାଧନକୁ ବିତ୍ତଶାଳୀ ହେବାପାଇଁ ।

ଏକଦା ଖାଦ୍ୟ ବସ୍ତ୍ର ବାସଗୃହ ଆଦି ସର୍ବନିମ୍ନ ଆବଶ୍ୟକତା ପୂରଣ କରିପାରୁନଥିବା ମଣିଷକୁ ଦରିଦ୍ର ରୂପେ ବିବେଚନା କରାଯାଇ ତାକୁ ପର୍ଯ୍ୟାପ୍ତ ବଞ୍ଚିବାର ରାହା ଓ ସାଧନ ଧରାଇ ଦିଆ ଯାଉଥିଲା । ଗୁରୁତ୍ୱ ଦିଆଗଲା ସ୍ୱାସ୍ଥ୍ୟ ଶିକ୍ଷା ପରିବେଶ ଆଦି ଗୌଣ ମନେ କରା ଯାଉଥିବା ସମସ୍ୟାମାନଙ୍କୁ । ବିଜ୍ଞାନ ପ୍ରଯୁକ୍ତି ବିଦ୍ୟା ଓ କ୍ଷୀପ୍ର ଯୋଗାଯୋଗ ଯୋଗୁଁ ବିଶ୍ୱ ଆଉ ଅପହଞ୍ଚ ହୋଇ ରହିଲା ନାହିଁ । ହାତ ପାଆନ୍ତାରେ ଆସି ପହଂଚି ଗଲା ଯାବତୀୟ ଇଚ୍ଛା, ଯାହା ଅସମ୍ଭବ ଥିଲା । ତେଣୁ ଆଜି ଆଉ ପରିସୀମା ସ୍ଥିର କରିବା ସହଜ ହେଉ ନାହିଁ । ନାନାଦି ରାଷ୍ଟ୍ରୀୟ ଯୋଜନା କାର୍ଯ୍ୟକାରୀ ହେବା ସହିତ ଶିକ୍ଷା ଜ୍ଞାନ କୌଶଳର ଅଭିବୃଦ୍ଧି ଜୀବନ ସ୍ତରକୁ ଉନ୍ନତ କରିବା ସହ ଅର୍ଥନୀତିର ଶଗଡ଼ ଗୁଳାରେ ସଧାରଣ ମଣିଷକୁ ପକାଇ ଦେଇଛି । ଉନ୍ମୁକ୍ତ କରିଛି ବହୁବିଧ ଦ୍ୱାର ଜୀବନ ସ୍ତରକୁ ଉନ୍ନତ କରିବା ପାଇଁ ।

ISSN NO.
2582-208X

ଜନ୍ମଗତ, ବଂଶଗତ ବା ଭୌଗଳିକ କାରଣରୁ ମଣିଷଟିଏ ଉଭାହୁଏ ଗରିବ ରୂପେ । ଜନ୍ମରୁ ସହଚର ଥାଏ ନିସ୍ୱତା । ନିରକ୍ଷରତା, କୁପୋଷଣ, ବେମାରୀ, ଉଚ୍ଚ ଶିଶୁ ମୃତ୍ୟୁହାର ସହିତ ଦ୍ରୁତ ଜନସଂଖ୍ୟା ବୃଦ୍ଧି ଦାରିଦ୍ର୍ୟର ମୁଖ୍ୟ କାରଣ ରୂପେ ବିବେଚିତ ହୋଇ ଆସୁଥିଲେ ସୁଦ୍ଧା ଏଥିରୁ ଥରୁଟିଏ ମୁକ୍ତି ମିଳିଯିବା ପରେ ପୁନଶ୍ଚ ଦରିଦ୍ର ଆଡ଼କୁ ଦ୍ୱାରଟି ଉନ୍ମୁକ୍ତ ହେବନାହିଁ, ଏହାର କୌଣସି ଗ୍ୟାରେଣ୍ଟି ନାହିଁ । ନାନାଦି ଯୋଜନା ପ୍ରଣୟନ, ସାକ୍ଷରତା ହାର ବୃଦ୍ଧି, ରୋଜଗାର ସୃଷ୍ଟି, ପୁଞ୍ଜି ବଜାରର ଉପସ୍ଥିତି ସମୂହ ଉକ୍ତ ସମସ୍ୟାମାନଙ୍କୁ କେତେକାଂଶରେ ସମାଧାନ କରିବାରେ ସମର୍ଥ ହେବା ପରେ ମଧ୍ୟ ଦାରିଦ୍ର୍ୟ ଦ୍ୱାରକୁ ସ୍ଥାୟୀ ବନ୍ଦ କରି ପାରିନାହିଁ । ଏବେ ଲୋଡା ପଡୁଛି ମୁକୁଳା ଦ୍ୱାରକୁ ସବୁଦିନ ପାଇଁ ବନ୍ଦ କରିଦେବା । ଫଳତଃ କେହି ଆଉ ଦାରିଦ୍ର୍ୟର ଏପଟ ସେପଟ ଯାତ୍ରା କରିବାର ପ୍ରଶ୍ନ ନଥିବ ।

ନିଜର ଦାରିଦ୍ର୍ୟ ଯୋଗୁଁ ପରିବାର, ଆତ୍ମୀୟ ସ୍ୱଜନ ସଭିଏଁ ଏପରିକି ପରବର୍ତ୍ତୀ ପିଢ଼ି ମଧ୍ୟ ଭୋଗ କରନ୍ତି ଏହାର ଜ୍ୱାଳା । ଘୋର ମାନସିକ ଅବସାଦ ଚାରିପାଖର ସଂପର୍କ, ସମାଜ ଓ କର୍ମକ୍ଷେତ୍ରକୁ ବିଶେଷ ଭାବେ ପ୍ରଭାବିତ କରେ । କୌଣସିଥିରେ ସୁଖ ଅସେନା । ଉତ୍ସାହ ଆନନ୍ଦ ଓ ଭୋଗ୍ୟ ସାମଗ୍ରୀ ହୋଇ ଉଠନ୍ତି ସ୍ୱପ୍ନପ୍ରାୟ । ଏହାର ପରୋକ୍ଷ ପ୍ରଭାବ ପଡ଼େ ସ୍ନେହ, ପ୍ରେମ, ଆଦର ଓ ନିକଟ ସଂପର୍କ ଉପରେ । କ୍ୟାନସର୍ ପରି ସବୁକ୍ଷେତ୍ରକୁ ବ୍ୟାପୀଯାଏ ଦାରିଦ୍ର୍ୟ । କେଉଁ ଅଭାବ ବା ଆବଶ୍ୟକତାକୁ ପ୍ରାଥମିକତା ଦିଆଯିବ, ତାହା ଜାଣିପାରେ ନାହିଁ । ସ୍ଥିର କରି ତାର ଉପଚାର କରି ପାରେନା । ଚାରିପଟୁ ମାଡ଼ିବସେ ଅସହାୟତା ।

ଅନେକ ମନେକରନ୍ତି ଦାରିଦ୍ର୍ୟ ଏକ ଅଭିଶାପ ବା ବ୍ୟାଧି, ପୂର୍ବଜନ୍ମର ଫଳ । ଧରା ପୃଷ୍ଠରେ ଏହାକୁ ଭୋଗ କରିବା ଅନିବାର୍ଯ୍ୟ, ମାତ୍ର ଏଥିରେ ସତ୍ୟତା ଥିବାର ମନେ ହୁଏନା । ସମୟ ସାରଣୀରେ ଖଞ୍ଜା ହୋଇଥିବା ବ୍ୟବସ୍ଥା ସହଯୋଗ ସାଧନ ଉପଲବ୍ଧ ଦ୍ୱାରା ଅଭାବ ରୂପକ ଗରିବୀକୁ ଦୂର କରଯାଇ ପାରୁଛି ଏବଂ ସମ୍ଭାବନାକୁ ବାସ୍ତବରେ ପରିଣତ କରିହେଉଛି । ମାତ୍ର ଉକ୍ତ ମାନସିକ ଦାରିଦ୍ର୍ୟରୁ ମୁକ୍ତି ନପାଇଲେ ସବୁ ପ୍ରୟାସ ନିରର୍ଥକ । ସବୁଠାରେ ମାନସିକ ଦାରିଦ୍ର୍ୟ ସହଜାତ ନୁହେଁ, ପରିବେଶ ପରିସ୍ଥିତି ଓ ମନର ବିଚାରଧାରା ଏହାର

ISSN NO.
2582-208X


ସୃଜନ କରିଥାଏ । ହୀନମନ୍ୟତା, ଅସଂଲଗ୍ନ ବିଚାର, ଅସ୍ଥିରତା, ହୀନପ୍ରବୃତ୍ତି, ଦୁର୍ଭାବନା ଓ ବିରୁଦ୍ଧାଚରଣ ଏହାର ଫଳଶ୍ରୁତି । ଏଥିରୁ ମୁକ୍ତ ହେବା ପାଇଁ ସାର୍ଥକ ଓ ପ୍ରଭାବୀ ଉପଚାର ଲୋଡା । ଅନ୍ତରାତ୍ମାର ଆହ୍ୱାନ ଶୁଣି ନିକିତିରେ ତଉଳିବାକୁ ହେବ ସାମାଜିକ ବ୍ୟବସ୍ଥା ପରମ୍ପରା ଓ ସଂସ୍କାର । ସତ୍ୟନିଷ୍ଠ ଉଦ୍ୟମ ଦ୍ୱାରା ସୃଷ୍ଟି ହୋଇଥିବା ବିକାରକୁ ହତ୍ୟା କରି ସକାରାତ୍ମକ ସ୍ୱପ୍ନ ଓ ସଂଭାବନାମାନଙ୍କୁ ରୂପ ଦେଇ ପାରିଲେ ଧୀରେ ଧୀରେ ମନକୁ କବଳିତ କରିଥିବା ଅସୁସ୍ଥ ଚିନ୍ତନ ଅଦୃଶ୍ୟ ହୋଇଯିବ ।

ଦୁନିଆର ସମସ୍ତ ଦ୍ୱାରକୁ ସୁରକ୍ଷିତ ରଖିବା ପାଇଁ ଗ୍ରହଣ କରାଯାଇଥିବା ବ୍ୟବସ୍ଥା ପରି ଦାରିଦ୍ର୍ୟ ଦ୍ୱାରରେ କଣ ସଶକ୍ତ ପ୍ରହରୀ ଖଞ୍ଜି ହେବ  ନାହିଁ ! ପ୍ରବେଶ ପ୍ରସ୍ଥାନକୁ ନିଷିଦ୍ଧ କରାଯାଇ ପାରିବ ନାହିଁ ଚିରକାଳ! ଦୀର୍ଘକାଳ ଧରି ମଥାରେ ହାତ ଦେଇ ବସିଥିବା ବାଇ ମହାନ୍ତି କହନ୍ତି, "ସବୁ ଦରିଦ୍ରଙ୍କୁ ଆବଦ୍ଧ କୋଠରୀ ଭିତରୁ ବାହାର କରି ଦ୍ୱାର ବନ୍ଦ କରିଦିଅ । ଆଉ ଯେମିତି କେହିହେଲେ କୌଣସି କାରଣରୁ କୌଣସି ସ୍ଥିତିରେ ତା'ଭିତରକୁ ପ୍ରବେଶ କରି ପାରିବେ ନାହିଁ । ବିତ୍ତଶାଳୀ ବା ଐଶ୍ୱର୍ଯ୍ୟଶାଳୀ ନହୁଅନ୍ତୁ ପଛେ, ସାବଲୀଳ ସୁସ୍ଥ ଆଲୋକିତ ଓ ଆନନ୍ଦମୟ ଜୀବନଟିଏ ବଞ୍ଚି ପାରିବେ ତ!"

ବି 10/154, କେନ୍ଦ୍ରୀୟ ବିହାର,
ପୋ:ଟମାଣ୍ଡୋ, ଭୁବନେଶ୍ୱର-751028
badrimohanty60@gmail.com

ISSN NO.
2582-208X

# ମେଘାଡମ୍ବର



ଇଂ. ସୁଶାନ୍ତ କିଶୋର ବଳ

ତପ୍ତ ନୀଦାଘର ହୋଇ ଅଂଗଛିନ୍ନ
ନଭେ ଢାଂକଇ ଧିରେ କୃଷ୍ଣ ବାରିଧ
ଜଳନ୍ୟୁନତା ଧିରେ ଅପସରି ଆସଇ
ଆକାଶେ ଗର୍ଜିତେ ଧିରେ ମେଘମନ୍ଦ୍ର .
ଗ୍ରୀଷ୍ମେ ଏକତ୍ରୀତ ଜଳୀୟବାଷ୍ପରୁ
ସ୍ୱତେ ସୃଷ୍ଟି ହୁଏ ବିସ୍ତୃତ କାଦମ୍ବିନୀ .
ସେ ଦୃଶ୍ୟ ଅବଲୋକନେ ଧରାବାସୀ
ହୁଅନ୍ତି ତୃପ୍ତେ ଆନଂଦେ ବିହ୍ୱଳିତ .
ଅଫୁରନ୍ତ ଆନଂଦେ ନାଚି ଉଠିଥାନ୍ତି
ଗାଇ ଉଦବେଳିତେ ବର୍ଷା ସଂଗୀତ .
ନବବର୍ଷାର ସ୍ୱାଗତ ସମ୍ଭାଷଣେ
ଗାଇଉଠନ୍ତି ଘଂଚ଼ବନେ ସୁପ୍ତମୟୂରୀ
କେଳାରାବେ ଥରାନ୍ତି ସାରାକାନନ.
ନୃତ୍ୟେ ବିହ୍ୱଳିତେ ମେଲାଇପଂଖ

ହ୍ରଦ, ହ୍ରାଦିନୀ, କୂପ, ଜଳାଶୟ
ଭରିଉଠନ୍ତି ଜଳ ଆକଂଠେ .

ISSN NO.
2582-208X

ତୃପ୍ତ ମୃଣାଳିନୀ କେଳାରାବ ଛାଡି
ସନ୍ତରଇ ଖିପ୍ରେ ଦିବ୍ୟ ଆନଂଦେ ·
କାନନ, ଉଦ୍ୟାନ, ବନ, ଉପବନେ
ହୋଇଥାଏ ସବୁଜ ଚ଼ାଦରେ ଢଂକିତ·
ବାଡି, ବଗିଚ଼ାରେ, ଘର ଅଗଣାରେ
ଝୁଲୁଥାଏ ଜହ୍ନି, କାକୁଡି, କୁଆମଇତା
କାନିପାତି ତାକୁ ତୋଳିଥାନ୍ତି ବେଗେ
ଘରର ଘରଣୀ ଆଉ ଯେତେ ବୟସ୍କା·
ରାସ୍ତାଘାଟ ହୁଏ ଜଳାର୍ଣବ ଧାରବହିଯାଏ
ଫେଣୁଆ ଫୁଲିଲା ଜଳସ୍ରୋତ ·
ଆନଂଦେ ଖେଳନ୍ତି ଭିଗିଭିଗି କରି
ଯେତେଯେତେ ସନ୍ତୁପ୍ତ ବାଳିକା, ବାଳକ ·
ଏହି ଦିନଟିକୁ ଅପେଖ୍ୟାରେ ଥା'ନ୍ତି
ସହି ନୀଦାଘର ଅଗ୍ନୀ କହର ·
ଚଉଦିଗ ଦିଶେ ସବୁଜ ଶ୍ୟାମଳା
ଦୂରେ ଲୁଚିଯାଏ ଗ୍ରୀଷ୍ମ ପ୍ରହାର ·

ଗ୍ରୀଷ୍ମ, ଆଷାଢ, ଭାଦ୍ରବ, ଚୈତ୍ର
ବସନ୍ତ, ଶରତ, ପୌଷ
ଏମଧ୍ୟେ ବ୍ରଷ୍ଟିର ବିଶେଷ ବୈଚିତ୍ର
ଶସ୍ୟରହୁଏ ଖେତେ ଅଂକୁରୋଦଗମ
ପୂରା ଧରତୀର ଅନ୍ନହାଣ୍ଡି ସେ
ତାର ଉପଯୋଗିତା ଦୂର୍ମୂଲ୍ୟ ମହାର୍ଘ୍ୟ ·

ISSN NO.
2582-208X

ହେ ବୃଷ୍ଟି !
କୋଟିମହଣର ଜଳ ବକ୍ଷେବହି
କିପରି ସମ୍ଭାଳ ତାଂକ ଗୁରୁ ବୋଝ ।
ସେଥିପାଇଁ ତ ତମେ ଜଳଧର ନାମେ
ସଚରାଚର ପୂଜିତ, ବଂଦିତ, ନମସ୍କୃତ ।

ହେ ବାରିଧ !
ତମେ ଅଦ୍ୱୈତ ସାଧକ
ତମ ସାହଚର୍ଯ୍ୟର ନାହିଂ ପଟାନ୍ତର ।
ପୂରା ଧରତୀକୁ କରାଇଥାଅ ଜଳସ୍ନାନ
କିଯେ ଶକ୍ତି, ତମ ଅପଘନେ ନୀହିତ
ତାର କଳନା ଆମ ଚିନ୍ତନ ବହିର୍ଭୁତ ।
ସବୁ ଗ୍ୟାନ ବିଗ୍ୟାନ ହାରିଯାଇଥାଏ
ତମ ପରୀଖ୍ୟାଗାରର ଭବ୍ୟଉଦ୍ଭାବନେ
ସେତ ଅମାପ, ଅଚିନ୍ତ୍ୟ, ଅଲୌକିକ ।

[କିଛି ଶବ୍ଦାର୍ଥ : ମେଘାଡମ୍ବର : ମେଘଗର୍ଜନ / ଅପଘନ : ଶରୀର / ଭବ୍ୟ ଉଦଭାବନ : ନୂତନ ଆବିଷ୍କାର / ଅଚିନ୍ତ୍ୟ : ଯାହା ଚିନ୍ତା କରାଯାଇ ପାରେନା/ ପଟାନ୍ତର : ସମକକ୍ଷ୍ୟ, ଉଦାହରଣ / ଅଦ୍ୱୈତ : ଯାହାର ଦ୍ୱିତୀୟ କେହି ନାହିଁ, ଏକଲୋତା, ଏକକ/ ବାରିଧ : ବୃଷ୍ଟି / ଜଳଧର : ଯେ ଜଳକୁ ଧାରଣ କରେ / ମହଣ : ଓଜନର ଆଗକାଳର ମାପ , ଶହେ ସେର / ମହାର୍ଘ୍ୟ : ଅମୂଲ୍ୟ, ଦୂର୍ମୁଲ୍ୟ /କହର : ପ୍ରଭାବ / ସନ୍ତୁପ୍ତ : ତୃପ୍ତ / ମୃଣାଳିନୀ : ହଂସ / ହ୍ରାଦିନୀ : ନଦୀ /ଜଳନ୍ମୟତା : ଜ୍ୱଳନଶୀଳତା, ତାତି ]

କଟକ

ISSN NO.
2582-208X

# ମୋ ପ୍ରିୟା



କାର୍ତ୍ତୀକେଶ୍ୱର ନାୟକ

ତୋର ନୀଳଆଖି
ହରିଣୀ ଚାହାଣି
ଭ୍ରୁଲତା କୁ ଟେକି ଦେ...
ଆରେ ହେ....
ମୋତେ ଦେଖିବାକୁ ଟିକେ ଦେ......

ମଲ୍ଲିଫୁଲ ପରି
ଦାନ୍ତ ଦୁଇଧାଡ଼ି
ମୁରୁକି ହସ ଟେ ଦେ
ଆରେ ହେ...
ମୋତେ ସେଲଫି
ନେବାକୁ ଦେ....

ଚିବୁକ ମଝିର
ନାକ, ସରୁଧାର
ଲମ୍ବା ଶ୍ୱାସ ଥରେ ନେ
ଆରେ ହେ...

ISSN NO.
2582-208X

ମୋତେ ଛାତି ରେ
ଲଗେଇ  ଦେ.....

ତୋର ଲମ୍ବାବେଣୀ
ଲାଜୁଆ ଚାହାଣୀ
ଫ୍ଲାଇଙ୍ଗ କିସ୍ ଟେ ଦେ
ଆରେ ହେ....
ଭିଜିବାକୁ ଥରେ ଦେ...

ତୋ ଲାଜୁଆ ଚାହାଣି
ଛାତି ଦିଏ ହାଣି
ମୁରୁକି ହସ ଟେ ଦେ
ଆରେ ହେ....
ତୁ ମୋ କବିତାର ଛନ୍ଦଟେ

ଶ୍ରୀବିହାର, ବୌଦ୍ଧ
ମୋ: 7978128353

ISSN NO.
2582-208X

# ଫରକ



ଆଶୁତୋଷ ମେହେର

ସକାଳ ପାହିଲେ ମାଛିଅନ୍ଧାରୁଆ ବେଳରେ, ଚନ୍ଦ୍ରବାବୁ ମର୍ଣ୍ଣିଙ୍ଗୱାକ୍ ଯିବା ସବୁଦିନ ତୟ। ସରକାରୀ ବଡ ବାବୁ ପଦରୁ ଏଇ ଗତଛଅ ମାସ ହେଲା ଅବସର ନେଇ ଏବେ ପୁରା ଫ୍ରି ର ଜୀନ୍ଦେଗୀ । ପୁଅ ଝିଅ ଦୁଇଜଣ ଯେ ଯାହା ବାଟରେ ବ୍ୟବସ୍ଥିତ.....ବାଙ୍ଗାଲୋରରେ। ବାବୁ ପିନ୍ଧିଥିବେ ଆଣ୍ଠୁ ଛୁଉଁଥିବା ହାପ୍ ପେଣ୍ଟ, ଦେହରେ ଟିସାର୍ଟ, ମୁଣ୍ଡରେ ଗଲ୍ଫକେପ୍, ପାଦରେ ଯୋତା....ସବୁ ପୁଣି ନାମଜାଦା ରିବକ୍ କମ୍ପାନୀର !! ତେବେ ହାତରେ ଥାଏ ଲମ୍ବା ବାଉଁଶବାଡି....ଆଉ ବାଡିମୁଣ୍ଡରେ ଲାଗିଥାଏ ସେଇ ଲୁହା ଆଙ୍କୁଡି ଟିଏ । କଲୋନୀର ଲୋକେ ଉଠିବାଆଗରୁ ସବୁ ଘର ସାମ୍ନାର ଟଗର, ମଲ୍ଲୀ, ମନ୍ଦାର ଫୁଲତକ ସଫାକରି ତୋଳିନେବାରେ ସେ ମାହିର। ହାତପାହାନ୍ତା ଫୁଲ ନଥିଲେ, ଲୁହା ଆଙ୍କୁଡିର ସଦଉପଯୋଗ କରନ୍ତି। ଗଛର ଡାଳପତ୍ର ଛିଣ୍ଡୁ ତାଙ୍କର ସେଥିରେ ପରବାୟ ନ ଥାଏ। ଗୋଟାଏ ମାତ୍ର ଉଦ୍ଦେଶ୍ୟ.... ଘରେ ଥିବା ଠାକୁରମୂର୍ତ୍ତି ସବୁ ଫୁଲରେ ଭର୍ତ୍ତି ହୋଇ ହସିଲେ ତାଙ୍କୁ ଲାଗେ ସେ ସଫଳଗାମୀ ଅବସରପ୍ରାପ୍ତ ଜନସାଧାରଣ ।

ଠିକ୍ ସେଇ ବେଳାରେ ସବୁଦିନେ, କଲୋନୀ ଗେଟ୍ ଦେଇ ଆସେ ଲକ୍ଷ୍ମୀ। ସେ ସ୍ଥାନୀୟ ମହାନଗରନିଗମ ଅଧୀନରେ ସଫେଇକାମରେ ଲାଗିଥିବା କମ୍ପାନୀ ପାଖରେ ଝାଡୁଦାର କାମକରେ। ଗରିବ ସଫେଇ କାମକରୁଥିବା ପରିବାରେ ଜନ୍ମ ନେଇଥିଲା ସେ କେଉଁ ଗୋଟାଏ ଗୁରବାର ଦିନ। ମାଁ କହିଥିଲା ଗୁରୁବାରି ନାଁ ଦେବ...ହେଲେ ପ୍ରଥମ ସନ୍ତାନ ପାଇ

ISSN NO.
2582-208X

ତା ବାପା ଖୁସିରେ କହିଥିଲା....ଗୁରୁବାର ଦିନ ଘରକୁ ଲକ୍ଷ୍ମୀ ମାଁ ଆସନ୍ତି ...ତେଣୁ ଝିଅର ନାଁ ରଖାଗଲା ଲକ୍ଷ୍ମୀ !! ସାମାନ୍ୟ କିଛି ପାଠପଢ଼ିଲା ପରେ ଆର୍ଥିକ ବୋଝରେ ପାଠପଢ଼ା ଛାଡି କୌଳିକ କାମରେ ଲାଗିଲା....ସେମିତି ସମୟ ସ୍ରୋତରେ ସମାନ କାମରେ ଲାଗଥିବା ଯୁଆନ ଟୋକା ପୁରନ୍ଦର ର ହାତ ଧରିଲା। ଗରିବ ସିନା ଦୁଇ ସ୍ୱାମୀ ସ୍ତ୍ରୀର କମାଣିରେ ଭଲ ଚଳନ୍ତି ଲକ୍ଷ୍ମୀର ପରିବାର। ସୂତା ତିଆରି କମ୍ ଦାମର ଶାଢ଼ୀ ପିନ୍ଧୁଥିଲେ ବି ବେଶ୍ ସଫାସୁତୁରା ଲାଗେ ଲକ୍ଷ୍ମୀ। ସକାଳେ କଲୋନୀରେ ପଶିଲା ବେଳକୁ ଶାଢ଼ୀ ଉପରେ ପିନ୍ଧିଥାଏ ସଫେଇ ସଂସ୍ଥାର ଓଭରକୋଟ। ହାତରେ ତା'ର ମଧ୍ୟ ଲମ୍ବାବାଡି ଟି'ଏ, ତେବେ ଗୋଟାଏ ମୁଣ୍ଡରେ ଲାଗିଥାଏ ଖଡିକା ଝାଡୁ। କଲୋନୀର ରାସ୍ତାରୁ ଶୁଖିଲାପତ୍ର, ଇଆଡୁସେଆଡୁ ବିଞ୍ଚିହୋଇ ପଡିଥିବା କାଗଜପତ୍ର ଜରିଖୋଳ ଇତ୍ୟାଦି ଝାଡୁ ମାରି ସଫା କରି ଗଦାକରେ ଠାଏଠାଏ। ପଛେପଛେ ତା ସ୍ୱାମୀ ପୁରନ୍ଦର ଠେଲାଗାଡି ଆଣି ଗୋଟାଇ ନିଏ ଅଳିଆ ସବୁ। କଲୋନୀବାସୀ ଉଠିବାଆଗରୁ ସଫାସୁତୁରା ହୋଇ ଝଟକୁଥାଏ କଲୋନୀର ରାସ୍ତାସବୁ। ଲକ୍ଷ୍ମୀ ପୁରନ୍ଦର ପାରୁପର୍ଯ୍ୟନ୍ତ ଚେଷ୍ଟା କରିଥାନ୍ତି ଯେମିତି କଲୋନୀ ବାବୁ-ବାବୁଆଣୀମାନଙ୍କ ସକାଳ ଚଲା ମଜାଦାର ହେବ ସଫାସୁତୁରା ପରିବେଶରେ। ଲକ୍ଷ୍ମୀପୁରନ୍ଦର ଯୋଡିଙ୍କୁ ଲାଗେ ଏଇଟା ଯେମିତି ସେମାନଙ୍କ ଜୀବନର ପରମ ଲକ୍ଷ୍ୟ।

ଏ ଦୁଇ ବ୍ୟକ୍ତିତ୍ୱଙ୍କ କର୍ମକୁ ନିତିଦିନ ଭୋର୍ ଭୋର୍ ରୁ ଦେଖେ ଆଉ ଜଣେ। ସେ ମାଖନୁ, ଏ କଲୋନୀର ରାତ୍ରୀ ଜଗୁଆଳୀ। ମାଖନୁ ମନେ ମନେ ଭାବେ ଭଗବାନ ଖାଲି ଧନଦଉଲତରେ ଫରକ କରି ଧନୀ ଆଉ ଦରିଦ୍ର ତିଆରନ୍ତି ନାହିଁ ବରଂ ନିଜ ନିଜ ସାମାଜିକ ସାନସିକତାର ପ୍ରତିବଦ୍ଧତା ନେଇ ସମାଜରେ ଫରକ ଫରକ ବ୍ୟକ୍ତିତ୍ୱ ବି ତିଆରିଥାନ୍ତି।

୫୪ ଆର୍ଯ୍ୟପଲ୍ଲୀ, କଟଛକ, ପଟିଆ,
ଭୁବନେଶ୍ୱର ୭୫୧୦୨୪/ମୋ-୯୪୩୭୦୮୫୩୯୬

ISSN NO.
2582-208X

# ଦେଉଛି ଶୁଭ ବିଦାୟ



ଛବି ରାଣୀ ପତି

ରାତି ସରିଗଲା ସ୍ୱପ୍ନ ଭାଙ୍ଗିଗଲା
କାନ୍ଦିଲେ କାହ୍ନୁ ହୃଦୟ
ଯାଆ ଭାରି ମାମା ତୋ ସୁଖ ନେଇ ତୁ
ଦେଉଛି ଶୁଭ ବିଦାୟ ।।

ସବୁ ସର୍ତ୍ତକୁ ମୋ ବ୍ୟର୍ଥ କରିଦେଇ
କି ଭୁଲ୍ କରିଲୁ ମାମା
ରାଜଜେମା କରି ରଖିଥିଲି ତୋତେ
ଡେଇଁ ଗଲୁ ସବୁ ସୀମା ।

ରାତି ଆକାଶର ତାରା ଫୁଲ ତୁ ଲୋ
ସକାଳେ କୁହୁଡି ମୟ
ରାତି ସରିଗଲା ସ୍ୱପ୍ନ ଭାଙ୍ଗି ଗଲା
କାନ୍ଦିଲେ କାହ୍ନୁ ହୃଦୟ ।।

ISSN NO.
2582-208X

ଅର୍ଥ କୁ ଅନର୍ଥ କରି ତୁ ଯାଉଛୁ
ଜାଣିନି କି ସ୍ୱାର୍ଥେ ଅଛୁ
ଅମଡ଼ା ବାଟର କଣ୍ଟା କରି ମୋତେ
ଭାବୁଛି ଭଲ କରିଛୁ ।

ସମସ୍ତେ ନୁହନ୍ତି ମୋ ପରି ବୋକା ତୁ
ମନରେ ରଖିବୁ ଭୟ
ଯାଆ ଭାରି ମାମା ତୋ ସୁଖ ନେଇ ତୁ
ଦେଉଛି ଶୁଭ ବିଦାୟ ।।

ମଧ୍ୟ ଶାସନ, ବିରିଡ଼ି, ଜଗତସିଂହପୁର
ଫୋନ୍ -୯୩୩୭୯୬୦୦୬୦

ISSN NO.
2582-208X

# ଆସ ଆସ ମା ଦଶଭୁଜା



ପୁଷ୍ପାଞ୍ଜଳ ମିଶ୍ର

ଆସ ଆସ ମା ଦୁର୍ଗତୀନାଶିନୀ
ଆସ ମା ଦଶଭୁଜା
ଦୁର୍ଗା ମଣ୍ଡପ ହେଲାଣି ସଜ୍ଜା
ଲାଗିଚି ଗହଳ ଚହଳ
ମଣ୍ଡପ ରେ ମା ବିରାଜିବେ ଆସି
ମନ ଲାଗୁ ନାହିଁ ତଳେ
ଅଧର୍ମ ଉପରେ ଧର୍ମ ର ବିଜୟ
ଅସତ୍ୟ ଉପରେ ସତ୍ୟ
ବିଘ୍ନ ବିଳାସିନୀ ଦୁଃଖ ନାଶିନି
ଶକ୍ତି ପ୍ରଦାୟନୀ ମାତା
ଆସ ଅବତରି ଦଶଭୁଜା ଧାରି
ଅସ୍ତ୍ର ଶସ୍ତ୍ର ଆଭୁଷଣେ
ଜଗତ ଜନନୀ ମାତା ଅମ୍ବିକେ
ହର ହର ଦୁଃଖ ହାରି
ଜୟ ହେ ଶୈଳଜା ମାତା ଦଶଭୁଜା
ଦୁର୍ଗତି ନାଶିନି ଦୁଃଖ ହାରିଣୀ
ସତ୍ୟ ଧର୍ମ ପଥେ ରାହା ଦେଖାଇବୁ
ବିଶ୍ୱାସ ଭରସା ତୁହି
ସତ୍ୟ ସନାତନୀ ପାପ ନାଶିନି

ISSN NO.
2582-208X

ମା ତୁ କରୁଣାଦାୟିନି
ଆମ ମନୋବାଞ୍ଛା ପୂରଣରେ ଆଛା
ଭରିଦିଅ ତାରି ଦିଅ ଆମକୁ
ଦର୍ଶନେ ତୋର ବଳିଅଛି ମନ
ଅବିଳମ୍ବେ ଆସ ମାତା ଭବାନୀ
ଡାକୁଛି ମା ଗୋ ଆକୁଳ ଅନ୍ତରେ
ଶୁଣ ମୋର ଦୁଃଖ ଅଳି
ଶରତ ଆଶ୍ୱିନ କାଶତଣ୍ଡି ଫୁଲେ
ଆସିକି ସୁନ୍ଦର ଶୋଭା
ନବରାତ୍ରେ ମା ଗୋ ନ ଅଟି ରୁପରେ
ପରିଚିତ ଥା ଅ ତୁମେ
ମାରିଥିଲ ତୁମେ ମହିଷାସୁର କୁ
ଦେବ ଗଣ ରକ୍ଷା କରି
କଳି ଯୁଗରେ ମା ପାପୀଙ୍କୁ ମାରିବ
ମହାମାୟୀ ରୁପ ଧରି
ଜଗତ ଜନନୀ ଜୟ ମା ଅମ୍ବିକା
ସମସ୍ତଙ୍କୁ ସାହା ହୁଅ
ମା ଗୋ ଦଶଭୁଜା ଏତିକି ପ୍ରାର୍ଥନା
କୃପା ତୁମ ଢାଳିଦିଅ

ସୁକନ୍ଦା କ୍ରୋମାଇଟ ମାଇନ୍ସ
ଯାଜପୁର
9556643921

ISSN NO.
2582-208X

# ସ୍ୱାଧୀନତାକୁ ପଦେ



ଡ. ଜ୍ଞାନେଶ୍ୱର ମିଶ୍ର

୧୯୪୭ ମସିହା ଅଗଷ୍ଟ ୧୫ ତାରିଖରେ
ଆମେ ସ୍ୱାଧୀନ ବୋଲି ସ୍ୱର୍ଣ୍ଣାକ୍ଷରେ
ଲେଖାଗଲା ଇତିହାସର ପୃଷ୍ଠାରେ ।
ବର୍ଷ ପରେ ବର୍ଷ ବିତିଗଲା
ଅହିଂସା ଓ ଶାନ୍ତିର ଦେଶ ଗଢିବାର
ସ୍ୱପ୍ନ ଓ ଆଶା ଚୁରମାର ହେଲା ।
ଆଜି ଭାବିବାକୁ ପଡେ ଆମେ କଣ ସତରେ ସ୍ୱାଧୀନ
ସ୍ୱାଧୀନତାର ଅର୍ଥ ଉଚ୍ଛୃଙ୍ଖଳତା
କହୁଛି ଏ ପିଢିର ଅଭିଧାନ
ହିଂସା, ଦ୍ୱେଷ, ଦୁର୍ନୀତି ଅନୀତି
ଆମକୁ କରୁଛି ଶୋଷଣ
ଗାନ୍ଧୀ ଟୋପି, ନେହେରୁ କୋଟ୍,
ଆମ ଠକ ନେତାଙ୍କ ନିଶାପ,
ଆଜି ଗାନ୍ଧୀ ଫଟୋ ଥିବା ନୋଟ
ତହାରି ବଦଳରେ ମଦ ଗଂଜେଇର ହାଟ

ISSN NO.
2582-208X

ଅଫିସରେ ଲାଞ୍ଚ ମୂକସାକ୍ଷୀ ସେଇ ନୋଟ
ବେଶ୍ୟାଳୟ ଯିବାପାଇଁ ସେହି ନୋଟ ଏକ ବାଟ
ଗାନ୍ଧୀ ବାଣ୍ଟୁଥିଲେ ମନ୍ତ୍ର ଅହିଂସାର
ନେହେରୁ କରୁଥିଲେ ଶାନ୍ତିର ପ୍ରଚାର
ତେଣୁ ସେ ପିତା, ଚାଚା ଆମ ପିଢିଙ୍କର
ଆଜି ଚାରିଆଡେ ହିଂସା, ଅଶାନ୍ତିର ନିଆଁ ଜଳୁଅଛି
ଗାନ୍ଧୀ ନେହେରୁଙ୍କ ବାଣୀ କିଏସେ ଶୁଣୁଛି
ନିରୀହ ଗରିବ ଜନତା ଶୋଷଣର ଶିକାର ହେଉଛି
ହତ୍ୟା, ଧର୍ଷଣ, ଠକେଇ ସମ୍ବାଦପତ୍ର ପୃଷ୍ଠା ମଣ୍ଡନ କରୁଛି
ସ୍ୱାଧୀନ ମାଟିରେ ଆମେ ସବୁ ପରାଧୀନ
କାହିଁକି ଜୀଇଁବା ଏ ନୀତିଭ୍ରଷ୍ଟ ଜୀବନ
ସହୁଥିଲୁ ବିଦେଶୀ ଶାସକର ଲାଠିମାଡ ଚାବୁକ ପ୍ରହାର
ତୁମେ ଆମ ଦେଶବାସୀ ହୋଇ
କି ଲାଭ ହୋଇଛି ଆମର
ଏପରି ମୂଲ୍ୟହୀନ ସ୍ୱାଧୀନତା
ଆଉ ନାହିଁ ଦରକାର ॥

ବେଙ୍ଗାଲୁରୁ
ମୋ: ୮୪୨୦୨୪୨୭୫୫

ISSN NO.
2582-208X

# ଉଠ୍ ପୁଟୁର୍



ଆରତୀ ସାହୁ (ଆଶା)

( ଭାଗ - ୩୮ )

ସକାଳୁ ସକାଳୁ ଚାପାକଳ ପାଖରେ ନାହିଁ ନଥିବା ଭିଡ଼। ବସ୍ତିଟାଏ ଥିଲା, ଯେଉଁଠାରେ ଆମେ ଭଡ଼ା ରହିଥିଲୁ। ଆମେ ମଧ୍ୟ ଲାଇନ୍ ଲଗେଇଲୁ।

ନିଜର ପେଶା ସମ୍ଭାଳି, ହଁକଳା ପେଟକୁ ପଖାଳିବା ପାଇଁ କୁଆଡୁ କୁଆଡୁ ଲୋକମାନେ ଆସି ଗଠନ କରିଥିଲେ ଏକ ନୂତନ ଭାରତ, ଗରିବ ଭାରତ। ସାଇ ପଡ଼ିଶା ହେଇ ପରସ୍ପରର ସୁଖ ଦୁଃଖରେ ସହଭାଗିତା ହେଇ। ଯେଉଁଠିକାର ପ୍ରତିଷେଧକ ସେତୁ ଡେଇଁ ରୋଗ ବଇରାଗ ଯାଇ ପାରେ ନାହିଁ ଆଉ ଥରେ ଯଦି ସିନ୍ଧି କାଟି ପଶିଯାଏ ସେ ସେତୁ ସମୂଳେ ଭୁଷୁଡ଼ି ପଡେ । ଯେଉଁଠାରେ ମାଟିର ଦିଓ୍ୱାଲରେ ବିସ୍କୁଟ୍ ଟିଣର ଛାତ ଖରା ବର୍ଷା କୁ ପାରୁ ପର୍ଯ୍ୟନ୍ତ ରୋକେ, ଅଖା ବସ୍ତା ସାଜେ ପରଦା ଘର ଭିତରର ଲୋକଙ୍କୁ ଐକାନ୍ତ ପରଶି ଦେବା ପାଇଁ । ଯେଉଁଠାରେ ନାଳ ନର୍ଦ୍ଦମା ବି ଗଙ୍ଗା ଆଉ ମଶା ମାଛି ଓଡ଼ଶ ଅଡାକୁଆ ଅତିଥି।

ସେ ଏକ ଚିରାଚରିତ ପନ୍ଥା, ସିଏ ଏକ ଜନ୍ମଜାତ ପ୍ରବୃତ୍ତି, ଅନୁ କାଳରୁ ଚାଲି ଆସୁଛି ମଣିଷ ଯେବେଠାରୁ ସଭ୍ୟ ହେବାକୁ ଆରମ୍ଭ କଲା । ଏହା ମଧ୍ୟ ଚାଲିଛି ଆଉ ଚାଲିବ

ISSN NO.
2582-208X

ମଧ୍ୟ ଏ ମାଟି ମାଆ ଯେ ପର୍ଯ୍ୟନ୍ତ ସଙ୍ଖୋଳି ପାରୁଥିବ , ଆଦରି ପାରୁଥିବ । ତାକୁ ଝିଞ୍ଜାରି ଝିଞ୍ଜାରି ଖୋଳ କରିଦେଲା ପର୍ଯ୍ୟନ୍ତ ଏହି ନିୟମ ଲାଗୁ ହେଇଥିବ । କି କେଜାଣି, ଆଉ ଏକ ମାଟି ମାଆ ଖୋଜି ଦେବକି ଆଉ ଏ ମଣିଷ ?

ବସତି, ବସ୍ତି, ଝୁଗି, ଝୁମ୍ପୁଡି, ଆଜି ବି ବସୁଛି, ଆଜି ଭି ଭାଙ୍ଗୁଛି । କେତେ ହସୁଛି, କେତେ କାନ୍ଦୁଛି । ପୁଣି ଅଣ୍ଟା ସଳଖେଇ ଧାଉଁଛି ମିଶିବାକୁ ସମାଜର ମୁଖ୍ୟ ଧାରାରେ । ଯାଯାବର ଦୁନିଆର ଯା-ଜବର ସମାଜ। ଗଢ଼ି ଉଠିଲେ ଖୁସି ନାହିଁ କି ଭାଙ୍ଗିଗଲେ ଦୁଃଖ ନାଇଁ। ନିତି ଦିନିଆ ଭାତ ଡାଲି ପରି କଥା ଇଏ । ଏକୁ ଧରି ଖୁସି ହେଇ ନାଚିଲେ କି ଏକୁ କୁଣ୍ଢେଇ ଛାତି ପିଟି କାନ୍ଦିଲେ ଚଳିବ ନା ? ଆଜି ଏଠି ତ କାଲି ସେଠି, ପରଦିନ ଆଉ କୋଉଠି । ସମଗ୍ର ପୃଥିବୀରେ କେତେ ଜାଗା ପଡ଼ିଛି, କେତେ ପଡ଼ିଆ, ପାହାଡ଼ ଜଙ୍ଗଲ ପଡ଼ିଛି। କୋଉଠି ହେଲେ ଦିଆସିଲି ଖୋଳ ଭଳି ମାଟି ଥାପି ଟିଣଟେ ଥୋଇଦେଲେ ହେଲା । ପରୁଆ ନକରି, ସରକାରୀ ପରୁଆନାରେ ଉଠି ଯାଆନ୍ତି ପୁଣି ବେସରକାରୀ ପରୁଆନାରେ ଆଉ ଥରେ ବସି ବି ଯାଆନ୍ତି। ଅକ୍ଷୟ ମହାନ୍ତିଙ୍କ ଗୀତ ପରି,

ନିତି ଭାଙ୍ଗେ
ନିତି ଗଢ଼େ
ଯାଯାବର
ମନ ମୋର

ସେମାନେ ଧନାଢ୍ୟ ମାନଙ୍କର ଆଭିଜାତ୍ୟର, ଠାଟ୍ ର ଧାର୍ ଧାରନ୍ତି ନାହିଁ । ସେମାନେ ଯଦି ତାଙ୍କ ସମାଜରେ ଲାଟ୍ ସାହେବ ଏମାନେ ମଧ୍ୟ କିଛି କମ୍ ନୁହନ୍ତି। ଏମାନେ ତାଙ୍କ ବସ୍ତିର ସମ୍ରାଟ୍। ଧନ ନଥାଉ , ବଡ଼ ବଡ଼ ମନ ତ ଅଛି ।

ରମୈୟା ବସ୍ତାଓ୍ୱୟା
ରମୈୟା ବସ୍ତାଓ୍ୱୟା

ISSN NO.
2582-208X

ମୈନେ ଦିଲ୍ ତୁଝକୋ ଦିୟା......

ରାଜ କପୁର୍ ଙ୍କ ଭାରତ। କିଛି ନଥିଲେ ଦିଲ୍ ଅଛି, ହୃଦୟ ଧକ୍ ଧକ୍ କରୁଛି, ପାଣି ପବନ ଅଛି, ମାଟି ଅଛି, ଆଉ କଣ ଦରକାର ଯେ ? ଜୀବନ ବଞ୍ଚିବା ପାଇଁ, ଶରୀରରେ ପଞ୍ଚ ମହାଭୁତ, ଆଉ ଶରୀର ବାହାର ପୃଥିବୀରେ ବି ପଞ୍ଚ ମହାଭୁତ। ସେତିକି ଯଥେଷ୍ଟ। ଜୀବନ ସରିଲେ ଶରୀର ସରିବ ବା ଶରୀର ସରିଲେ ଜୀବନ ସରିବ । ଏକାକଥା । ପୁଣି ସେହି ପଞ୍ଚ ମହାଭୁତ ।

ଆମର ଘର ମାଲିକ ଥିଲା, ତେଲେଙ୍ଗା ଖୁକୁନି ମାମୁଁ । ସେ ସମସ୍ତଙ୍କ ଖୁକୁନି ମାମୁଁ । ଯେମିତି ଜହ୍ନମାମୁଁ ଠିକ୍ ସେମିତି। ରେକ୍ସା ଟାଣେ । ଠେଲା ବି ଠେଲେ। ଆବଶ୍ୟକତା ଅନୁଯାୟୀ। ବେଳେବେଳେ ଅଠେଲ ବି ହୁଏ। ଆଉ ଏମିତି ଆମ ପରି ନିଘରିଆ ମାନଙ୍କୁ ରାତିଏ ଦି ରାତି ପାଇଁ ଆଶ୍ରୟ ଭି ଦିଏ ତାର ଚଟିପିଣ୍ଡାରେ। ।

ଆଉ ବି ସେ ଆଶ୍ରୟ ଦିଏ, ଭୁଖା, ନଙ୍ଗା ମାନଙ୍କୁ। ତାଙ୍କୁ ଥଇଥାନ କରାଏ। ଯେତେ ବାରବୁଲା ତା ଗାଁରେ, ପାରୁ ପର୍ଯ୍ୟନ୍ତ କାହାକୁ କାହାକୁ ଆଣି ପେଟ ପାଟଣା ବୁଝିବା ପାଇଁ ଉଚିତ ବାଟ ଦେଖାଏ। ତାର ନିଜର କେହି ନାଇଁ, ଚାରି ଦଉଡ଼ି କଟା । ତାରି ପରି ଜଣେ ପରୋପକାରୀ ବସ୍ତିମଣିଷ ତାକୁ ଉଠେଇ ଆଣିଥିଲା ରେଳ ଷ୍ଟେସନ୍ ର ଅଳିଆଗଦା ଉପରୁ। ଯେତେବେଳେ ସେ ତାର ମଲା ମାଆର ଦାଡ଼ଙ୍ଗା, କାଲୁଆ ଦେହଟାକୁ ଭିଡ଼ି ଧରିଥିଲା, ମିନିସି ପାଲ୍ଟି କର୍ମଚାରୀ ମାନଙ୍କ ଆଡ଼କୁ ଝାମ୍ପି ଆସୁଥିଲା ଦାନ୍ତ କଡ଼ମଡ଼ କରି ।

ଏସବୁ କଥା ମୋତେ ସିଏ ଚୁମ୍ବକ୍ ଚୁମ୍ବକ୍ କହିଛି, ବିଭିନ୍ନ ସମୟରେ, ବିଭିନ୍ନ ପରିସ୍ଥିତିରେ। ମୁଁ ସେଇ ଖୁକୁନି ମାମୁଁର ରିକ୍ସାରେ ଯାଉଥିଲି, ଯୁଆଡେ ଭି ଯାଉଥିଲି ଗପ ଶୁଣି ଶୁଣି।

ISSN NO.
2582-208X

- ଛାଡ଼ ବେଇ, କି କଟା ଇଏ ? ଏଡ୍ଡେ ବାଡ଼ ନୋକକୁ ନଅଳ ନାଇଁ ଛାଡ୍ଡିବାର । କନ୍ କଟା ଇଏ ?

ତାର ତେଲେଙ୍ଗା ଭାଷା ମୁଁ ବଡ଼ କଷ୍ଟରେ ବୁଝୁଥିଲି, ଗଣିଆ ଭାଇ ବୁଝୁଥିବେ କି କଣ । ଦୁଇବର୍ଷ ସେ ବି ଆସି ପଢ଼ିଛନ୍ତି କଟକରେ। ସେଇ ଗୋଟାକ ଖାଙ୍କରେ ସମସ୍ତେ ଛାଡ଼ି ଦିଅନ୍ତି ଚାପାକଳ, ଯେ ଯାହାର ବାଲ୍ଟି ଗଗରା ଦୁଇ ହାତରେ ଆଗକୁ ଓହଳାଇ। ଦୂରେଇ ରହନ୍ତି।

- ଯା ବାବୁ, ଚଞ୍ଚଳ ଗାଦି କି ତଣ୍ଡେ ତଣ୍ଡେ ଯା । କଇବୁ ଯେଦି ମୁଁ ଚାଡ୍ଡିଦେବ ବାବୁ କଅଲେଜରେ।

ସତକୁ ସତ ସେ ହିଁ ରିକ୍ସାରେ ଆଣି ଛାଡେ ।

- ଯା ଦକ୍କାର୍ ବାବୁ ମେତେ କଇବୁ । ଏଇ କୁକୁନି ଆସି ହାଡ୍ଡର ହେଇଯିବ ଏକ୍କା ।

ସେଦିନ ଏଡମିସନ୍, ହୋଷ୍ଟେଲ୍ ସବୁ ବ୍ୟବସ୍ଥା ହେଇଯାଏ। ଆଉ ଖୁକୁନି ମାମୁଁର ଚାଳିଆ ଦରକାର ହୁଏ ନାହିଁ। ଗୋଟିଏ କୋଠରୀରେ ଚାରିଜଣ ପିଲା । ତକ୍ତପୋଶ୍ ଚାରିଟା, ଚାରିଟା କାଠ ଟେବୁଲ୍ ଓ ଚଉକି, ଓ ଚାରିଟା କାନ୍ଥ ଆଲମାରୀ। କୋଠରୀ ସବୁ ଲାଇନରେ। ଆଗକୁ ବାରଣ୍ଡା। ବାରଣ୍ଡା ପଛ ମୁଣ୍ଡରେ ଧାଡ଼ିଏ ପାଇଖାନା ଓ ଗାଧୁଆଘର।

ଗଣିଆ ଭାଇ ଖୁକୁନି ମାମୁଁର ରିକ୍ସାରେ ବସି ସେଇଦିନ ହିଁ ଚାଲି ଯାଆନ୍ତି ପଛକୁ ଅନେଇ ଅନେଇ। ସନ୍ଧ୍ୟା ବସ୍ ରେ ଫେରିବେ। ମୁଁ ଫାଟକ ପାଖରେ ଠିଆ ହେଇ ରୁହେ ଅନେକ ସମୟ ପର୍ଯ୍ୟନ୍ତ। ଚାରି ଆଡ଼େ କେତେ ଛାତ୍ରଛାତ୍ରୀ ଯା ଆସ କରୁଥାନ୍ତି ମୋତେ କିନ୍ତୁ ଏକୁଟିଆ, ନିଛାଟିଆ ଲାଗୁଥାଏ। ସବୁଆଡେ ଖାଁ ଖାଁ ଭାବ। କିଛି ବି ତ ନିଜର ନଥିଲା

ISSN NO.
2582-208X

ଏଠି। ଖାଲି ଗୋଟିଏ ମାତ୍ର କ୍ଷୀଣ ସମ୍ପର୍କ ସୂତ୍ର, ମୁଁ ବି ଓଡ଼ିଆ । ହୁଏ ପଛେ ବିଚ୍ଛିନ୍ନାଞ୍ଚଳୀ। ଗଣିଆ ଭାଇ ଯେମିତି ଜନ୍ମରୁ ଥିଲେ ତାଙ୍କ ମାମୁଁ ଘରେ ଠିକ୍ ସେମିତି।

ମୁଣ୍ଡ ତଳକୁ କରି ଉଦାସ ମନରେ ଅଗତ୍ୟା ମୁଁ ମୁହେଁଇଲି ମୋର ହୋଷ୍ଟେଲ୍ ଆଡ଼କୁ। କୋଠରୀ ଭିତରେ କେହି ନଥିଲେ । କୋଠରୀ ବାହାରେ ଯୋର୍ ଯୋର୍ କଦମ୍ ତାଲ୍ କଲା ଭଳି ଏପଟ ସେପଟ ହେଉଥିଲା ବସନ୍ତମୁହାଁ ବଇସାଳୁ ଲୋକଟିଏ। ତାକୁ ଦେଖି ପ୍ରଥମ ଦେଖାରେ ଯେ କେହି ହେଲେ ବି ଶଙ୍କି ଯିବ। ବସନ୍ତମୁହାଁ ସାଙ୍ଗକୁ ଗୋଟିଏ ଆଖିର ଡିମା ନିସଡ଼ି ଯାଇଥାଏ। ସେତେବେଳେ ବସନ୍ତ ରୋଗ ଭୟାନକ ରୂପ ଧାରଣ କରୁଥିଲା । ପ୍ରାୟତଃ ଏଥିରେ ଆକ୍ରାନ୍ତ ଲୋକ ବଞ୍ଚିବା କ୍ୱଚିତ୍ ଦେଖା ଯାଉଥିଲା । ଯଦିଓ ବଞ୍ଚୁଥିଲା ପ୍ରାୟ ତାର କିଛି ଗୋଟେ ଅଙ୍ଗ ବିଗାଡ଼ି ଦେଇ ଅକାମୀ କରି ଦେଇ ଯାଉଥିଲା । ଏଇ ଲୋକଟିର ଅବସ୍ଥା ସେଇଆ ହେଇଥିବ ବୋଲି ମୁଁ ଅନୁମାନ କରୁଥିଲି।

ମୋର ଭାବନା ଭାବନାରେ ରହିଗଲା, ସେ ଖୁବ୍ କର୍କଶ ଭାବେ ଚିର୍କାଳି ଉଠିଲା,

- ଅବିକା, ଆମକୁ ଚୋର ଧରିବ ନାଇଁ ? କୋଠରୀରେ ତାଲା ନଦେଇ କୁଆଡ଼େ ଯାଇଥିଲ କି ? ଜିନିଷ ପତ୍ରର ହେପାଦସ୍ତ କିଏ ନବ ?

ମୁଁ ବାଲୁ ବାଲୁ ଅନେଇଥିଲି । ଥଙ୍ଗ ଥଙ୍ଗ ହେଇ କହିଲି,- ନାଇଁ ଯେ ମୁଇଁ ମୋର୍ ଭାଇକୁ ଛାଡ଼ତେ ଯାଇଥିଲି ଗୋ। । ମୁଇଁ ନାଇଁ ଜାଣେଇଁ କୁଞ୍ଚି କୁଞ୍ଚକାଠି କଁଠେ ଅଛି ଯେ ।

ମୋ ଭାଷା ତାକୁ ପ୍ରଭାବିତ କଲା ନା ମୋର ସରଳିଆ ଗାଉଁଲିଆ ହାବଭାବ କେଜାଣି, ସେ ହସି ପକାଇଲା । ହସିଲେ ଅସୁନ୍ଦର ଲୋକ ମାନେ ବି ସୌନ୍ଦର୍ଯ୍ୟ ବାଣ୍ଟନ୍ତି । ଭଲ ପାଇବାର ଖୋରାକ ଯୋଗାଡ଼ନ୍ତି । ଗୋଟିଏ ସୂକ୍ଷ୍ମ ତରଙ୍ଗ ଦେଇ ହୃଦୟକୁ ଆବୋରି ନିଅନ୍ତି ।

ISSN NO.
2582-208X

- କୋଉ ଭାଷା କହୁଛୁ କିରେ ତୁ ? ତୋ ଘର କେଉଁଠି। ବାଲେଶ୍ୱର ନା ବାରିପଦା ।

- ନାଇଁ, ଷଢେଇକଳା ।

- ଏଇଟା ପୁଣି କୋଉ ଜାଗା କିରେ ? ହଉ ହଉ। ଅବିକା ଶୁଣ୍। କୋଠରୀରେ କେହି ନଥିଲେ ତାଲା ଦେଇ ଯିବୁ । ଆଉ ନିଜ ଜିନିଷ ପତ୍ର ନିଜ ଦାୟିତ୍ୱରେ ରଖିବୁ । ଚୋରୀ ହେଲେ ବାପା କେହି ପିଠିରେ ପଡିବେ ନାହିଁ ଟି । ତୋ ସାଙ୍ଗ ହେରିକା ଆସିଯିବେ ଅବିକା।

ସେ ଚଇତୁ ମଉସା । ଆମର ଦେଖାରେଖା କରିବା ବାଲା । ସେଇଠି ଆମ ଭିତରେ ସୂକ୍ଷ୍ମ ତରଙ୍ଗ ଟିଏ ଯୋଡ଼ି ଦେଇଥିଲା ଆମ ହୃଦୟକୁ । ସେ ମୋର ଅତ୍ୟନ୍ତ ନିକଟତର ହେଇ ପାରିଥିଲେ ।

ମୁଁ ଅଟକି ଅଟକି ବୁଝୁଥାଏ ତାଙ୍କ କଥା । ତିନୋଟି ଓଡ଼ିଆ ନୁଆ ଶବ୍ଦ ଶିଖିଲି ।
ଅବିକା,
ହେରିକା ଆଉ
ଟି ।

ସବୁ କ୍ରିୟା ସହିତ ଟି ଟିଏ ଲାଗିବ । ଏ ପର୍ଯ୍ୟନ୍ତ ମୋର ଧାରଣା ଅନୁଯାୟୀ ।
ଯିବୁଟି ?
ଖାଇବୁଟି ?
ନେବୁଟି ଏଇ କଲମଟା ।

ଚାରିଟା ବେଳକୁ ମୋ କୋଠରୀକୁ ଗୋଟିଏ ପିଲା ଆସିଲା । ତାର ଥାଟବାଟ ଦେଖି ମୁଁ ସଙ୍କୁଚିତ ହେଇ ପଡିଲି । କୋଟ୍ ସୁଟ୍ ଟାଇ ପିନ୍ଧି । ମୁଣ୍ଡରେ ଗୋଟାଏ ଟୋପି । ପଛରେ

ISSN NO.
2582-208X

ଆସିଥାଏ ଏତେ ବଡ଼ ଟ୍ରଙ୍କ ମୁଣ୍ଡରେ ବୋହି ଚାକରଟେ ବୋଧେ । ବଡ଼ବଡ଼ିଆ ଘରର ଛୁଆ ହେଇଥିବ ନିଶ୍ଚୟ। ହେୟ ନଜରଟେ ଫିଙ୍ଗିଲା ମୋ ଆଡ଼କୁ। ସେ ମାନସ ଛୋଟରାୟ । ତା ଚାକରକୁ କୁକୁର ପରି ବ୍ୟବହାର କରୁଥାଏ। ବିଚରା ହାତ ଯୋଡ଼ି, ଆଜ୍ଞାକୁ ଅବଧାନ କରି ଅଧା ନଇଁ ଠିଆ ହେଇଥାଏ କାକୁସ୍ଥ ହେଇ । ମୋର ମନ ଖଟା ହେଇ ଯାଉଥାଏ । ଅନାୟାସରେ ସୌମ୍ୟଭାଇ ସହିତ ତୁଳନାଟିଏ ମୁଣ୍ଡକୁ ଢୁକୁଥାଏ।

ତା ପଛକୁ ପଛ ଆଉ ଦୁଇଜଣ ପିଲା ଆସିଲେ। ଜନାର୍ଦ୍ଦନ ଭୋଇ ଓ ସୁକୁମାର ସାହୁ। ଏ ଦୁଇଜଣ ମୋରି ପରି ନର୍ଭସେଇ ରହିଥାନ୍ତି । ସନ୍ଧ୍ୟା ସାତଟା । କୋଠରୀରେ କେବଳ ଆମେ ଚାରିଜଣ । ମାନସ ଆମକୁ ଆଡ଼ ଆଖିରେ ଅନଉ ନଥାଏ। ଆମେ ତିନିଜଣ ପରସ୍ପରର ପରିଚୟ ପଚାରି ଧିରେ ଧିରେ ଖୋଲିଲୁ।

ଜନାର୍ଦ୍ଦନ ଭୋଇ, ସୁକୁମାର ସାହୁ ଦୁହିଁଙ୍କ ନାମ ଦୁହିଁଙ୍କୁ ଭଲ ମାନୁଥାଏ । ଜନାର୍ଦ୍ଦନ ହସେଇ ହସେଇ ପେଟ ବଥା କରି ଦେଉଥିଲା । କି ମିମିକ୍ରି ? ଜଣେ ଯେତେ ଦୁଃଖରେ ଥାଉ ସେ ହସେଇ ଦେବ । ବିଚରାର ଜୀବନଟା କିନ୍ତୁ ତାର ହସକୁ ଧରି ରଖି ପାରିଲା ନାହିଁ । ସେକଥା ପରେ । ବର୍ତ୍ତମାନ ହସିବାର ସମୟ । ଯୌବନର ସମୟ। ଦୁଃଖକୁ ଆମେ ଆକର୍ଷି ଧରିବା ନାହିଁ । ହସିବା, ଖୁବ୍ ହସିବା । ହସି ହସେଇ ଚାଲିବା କର୍ମପଥେ, ଧର୍ମପଥେ, ସତ୍ୟପଥେ। ତାପରେ ବିଭୂ ଇଚ୍ଛା । ଆଗରୁ ଅନ୍ଧାର ମାଡ଼ି ଆସୁଛି । ବୟସ ବଢୁଛି ନା ଛିଡୁଛି । ଅବଶ୍ୟ ଏହି ଯୌବନ ସମୟଟା ଏଭଳି ଜୀବନ ଦର୍ଶନ ପାଇଁ ନୁହେଁ, ଅଧିକାଂଶ ପାଇଁ ଧରାକୁ ସରା ମଣିବାର ସମୟ ଏହା, ତେବେ ବି ........

କ୍ରମଶଃ .....

ବସନ୍ତ ବିହାର, ନୂଆଦିଲ୍ଲୀ

ISSN NO.
2582-208X

# କିଏ ରୋକିଛି ପ୍ରେମକୁ



ଜୟଶ୍ରୀ ପଟ୍ଟନାୟକ

ନଦୀର କଣ ଯାଏ ଆସେ ଯେ
ସେତ ବହୁଛି କେଉଁ ଆବହମାନ କାଳରୁ
ଗିରି, ବନ, ପ୍ରାନ୍ତର, ଉଚ୍ଚ ମାଳଭୂମି
କି ସମତଳ ଭୂମିରେ ପୁଣ୍ୟତୋୟା ହୋଇ
କିଏ ରୋକିଲା ପାଣି, କିଏ ବାନ୍ଧିଲା ବନ୍ଧ
କେଉଁଠି ପୂର୍ଣ୍ଣଗର୍ଭା ହୋଇ ଉଛୁଳିଛି
ଆଉ କେଉଁଠି ବୈଶାଖୀ ନଈ ପରି
କ୍ଷୀଣକଟୀ ପାଲଟିଛି ।

ତଥାପି ରୋକିନି ପଥ
ଆଗକୁ ମାଡି ଚାଲିଛି ସିଆର କାଟି
ପଛକୁ ଫେରି ଚାହିଁବାର ଜୁ ନାହିଁ
କେବଳ ଆଗକୁ ଚାଲିବାର
ଖିଆଲରେ ବହିଚାଲିଛି ।

ସେ ବହୁଥାଏ ବନାନୀର ଶ୍ୟାମଳ ଛାଇରେ
ପରସ୍ତ ପରସ୍ତ ବାଲୁକା ରାଶିରେ

ISSN NO.
2582-208X

କୋଉଠି ଗୁପ୍ତଗଙ୍ଗା ହୋଇ
କୋଉଠି ଚୋରାବାଲିରେ
କଂକରିଳ ଗିରିପଥ ରୁ ହୋଇଛି ନିମ୍ନମୁଖୀ
ମେଘ ଛୁଆଁରେ ପାଲଟିଛି ଚିରସ୍ରୋତା ତଟିନୀ
ବହିଛି ବି ବରଫ ଦେଶର ତୁଷାର କନ୍ୟା ହୋଇ ।

ବହିବା ତ ତାର ଧର୍ମ
ସାଗରକୁ ଦେଇଛି କଥା
ଦିନେ ବହି ଆସିବ
ତା ବିଶାଳ ବକ୍ଷକୁ ।

ପ୍ରେମରେ ଆଦରିଛି ବୋଲି ସାଗର
ନିଜର ଭାବି ଆଲିଙ୍ଗୀ ନେଇଛି
ତା ପ୍ରେମକୁ ବୁଝିଛି ବୋଲି
ନିଜକୁ ହଜେଇଦେବାର
ଇପସିତ ଇଚ୍ଛାରେ ସେ ବହି ଚାଲିଛି ।

ସବୁ ବାଧା ବିଘ୍ନକୁ ଏଡାଇ
ତାର ଉଦାର ବକ୍ଷକୁ
ସେ ଭାବି ନେଇଛି
ସାଗର ତାର ଉପଜୀବ୍ୟ
ଆଉ ସେ ତାର ହର୍ଷମୟୀ ପ୍ରେୟସୀ ।

ଗଙ୍ଗନଗର, ଭୁବନେଶ୍ୱର,
ମୋ: 7978110474

ISSN NO.
2582-208X

# ସ୍ୱୀୟା



ଦଣ୍ଡାସି ପ୍ରଧାନ

ଗନ୍ଧରେ ସୁଗନ୍ଧ ତୁମେ ହସ ଖୋଲା ହୃଦୟର
ନାଲି ଓଠେ ଝରା ଶବ୍ଦ ମିଠା ନୀଳ ବନ୍ଧୁତାର
ଫୁଲର ସୌରଭ ଆଭା ମକୁଳିତ ଗହନରେ
ମନସ୍ୱିନୀ ବଂଶୀ ସ୍ୱନ ଶିହରଣ ଗୁଞ୍ଜନରେ ।୦୧

କଥାର ଉର୍ମି ମାଳା ସୁବିସ୍ତାର ସରୋବରେ
କବିତାର ଭାବ ଧାରା ସୁବିନ୍ୟାସ ଅଳଙ୍କାରେ ।
ରୂପ ଯୁକ୍ତ ଅବୟବ ବିଚ୍ଛୁରିତ ଆଲୁଅର
ହୀରକ ଖଚିତ ପ୍ରଭା ଘନ ଘଞ୍ଚ ଅନ୍ଧାରର ।୦୨

ବିଧୁର ପ୍ରାଣର ପ୍ରାଣ କ୍ଷଣପ୍ରଭ ଜୀବନର
ଧମନୀର ସ୍ରୋତ ତୁମେ ଶ୍ୱେତରଙ୍ଗୀ ଶୋଣିତର ।
ନୀଡଫେରା ବହଙ୍ଗମ ସାୟଂ ସଞ୍ଜ ଆଳତୀରେ
ଘଣ୍ଟ ଧ୍ୱନି ତାଳେତାଳେ ଭଜନ ଲାଳିତ୍ୟ ସୁରେ ୦୩

ପୁଣ୍ୟତୋୟା ମନ୍ଦାକିନୀ ପାପପୂର୍ଣ୍ଣ ଶରୀରର
ସୁଶୀତଳ ମଳୟ ତ ଦୁଃଖାକୁଳ ବଳୟର।

ISSN NO.
2582-208X

ପୂର୍ଣ୍ଣ ଇନ୍ଦୁ ଶୋଭା କାନ୍ତି ଜୋସ୍ନାୟିତ ରଜନୀରେ

ପ୍ରସ୍ଫୁଟିତ କୁମୁଦିନୀ ଶାରଦୀୟ ପ୍ରଭାତରେ ।୦୪


ସ୍ୱରାତୀତ ଧ୍ୱନି ତୁମେ ଅଙ୍କାବଙ୍କା ନଈ ଧାରେ

ବନ୍ଧୁତାର ବନ୍ଧ ଡେଇଁ ସ୍ୱୀୟା ତୁମ ଗୁଣ ଝୁରେ । ୦୦

ସାହିତ୍ୟ ସମ୍ପାଦକ,
ଉପାନ୍ତ ସାହିତ୍ୟ ସାସ୍କୃତିକ ସେବା ସଂସଦ, ପାତ୍ରପୁର ଗଞ୍ଜାମ
ଭ୍ରାମ୍ୟଭାଷ୍ୟ 8660194967

ISSN NO.
2582-208X

# ବୋଉ ଖବର.....



ଦିଲ୍ଲୀପ ଶତପଥୀ

ଆମ ଗାଁ ନିତେଇକୁ ପଚାରିଲି ଯାଇ
ବୋଉର ଖବର କିସ ।
ଗଞ୍ଜୁଡୁ ନିତେଇ କୋଉ ବୋଉ ବୋଲି
ମାରୁଥିଲା ଖଣ୍ଡିଖାସ ॥

ମାନି ବୋଉ ଯେବେ କାନି ଝାଡ଼ିଯାଏ
ଦାଣ୍ଡ ମହମହ ବାସେ ।
ଉସୁମାନ ତାରା ଅତର ମାଖି ସେ
ମୁରୁକି ମୁରୁକି ହସେ ॥

ସୁକୁଟି ବୋଉର ଭୁର୍କୁଟି ବାସେନା
ଦାଣ୍ଡେ ଯେବେ ଯାଏ ଚାଲି ।
ଗଉଡୁଣୀ ବୋହୁ ଘାସ ପାଳ ଦେଇ
ଗାଈ ଦୁହୁଁଥାଏ ଖାଲି ॥

ISSN NO.
2582-208X

ନାକେଇ ବୋଉଟା ଟୋକେଇ ମୁଣ୍ଡେଇ
ଗାଁ ଦାଣ୍ଡେ ଯେବେ ଆସେ ।
କେଉଟୁଣୀ ବୋହୂ ମାଛ ବିକେ ବୋଲି
ଆଇଁଶିଆ ଟିକେ ବାସେ ॥

ଦୁଲେଇ ବୋଉଟା ଫୁଲେଇରେ ଗଣା
ତୁଠକୁ ଆବୁରି ବସେ ।
ରଜକର ବୋହୂ ସାହି ଲୁଗାକାଚି
ସାବିନି ମହକେ ଆସେ ॥

ସର ବୋଉ ବେଶି ତରତର ନିତି
ଢ଼ିଙ୍କି ଶାଳେ କାମ ତାର
କେଉଟ ବୋହୂ ସେ ଧାନ ଚୁଡା କୁଟି
ଗମ୍ଭୁରା ବାସେନା ସାର ॥

ଟିକିଲିର ବୋଉ ଖାଲି ରାଉରାଉ
ଅଳତା ବୋଳେ ପାଦରେ ।
ବୋହୂ ସେ ନାପିତ ଚାଲାକିଆ ସେତ
କୋଉ ବାସ କେବେ ଝାରେ ॥

ଡଲି ବୋଉ ତାର ଚାଲି ଢଳଢଳି
ଗାଁ ସାରା ତେଲ ବିକେ ।
ସାହୁ ଘର ବୋହୂ ଘଣା ଶାଳେ ରହି
ତେଲ ଚିକିଟା ମହକେ ॥

ISSN NO.
2582-208X

କଇଁ ବୋଉ ଚାଲେ ନଇଁନଇଁ କରି
ସଣ୍ଢଣାରେ ନାଇଁ ଉଣା
ନନାଘର ବୋହୂ ବାନା ସେ ଉଡାଏ
ବାସ ତା କର୍ପୁର ଝୁଣା ॥


କୁନୀ ମୁନୀ ଟୁନୀ ଅବା ସେ ମାନିନୀ
ବାକି ଯିଏ ରହିଗଲେ ।
କେଲୁଣୀ ମାଲୁଣୀ ବୋହୁଙ୍କ ଚଳଣୀ
ଦାସ ବାସ ବଖାଣିଲେ ॥

ଅଧମ ଡାକୁଛି ଚକାଡୋଳା ଆହେ
ଘଣ୍ଟରେ ଘୋଡେଇ ରଖ ।
ଗାଁ ସାହି ବୋହୁ ତୁମରି ସେବାରେ
ନହେଉ କେବେ ବିମୁଖ ॥

ମାତୃ ପିତୃ କୃପା, 508, ନୁଆସାହି
ନୂଆପଲ୍ଲୀ, ଭୁବନେଶ୍ୱର 751012
ଫୋନ 9437175764

ISSN NO.
2582-208X

# ମାଆ



ବିନୟ ମହାପାତ୍ର

ଦାଢ଼ି କାଟୁ କାଟୁ ବେସିନ ପାଖରେ ଥାଇ ବାପା ବଡ ପାଟିଟାଏ କରି ବୋଉକୁ ଡାକ ପକେଇଲେ, ହଇଓ ମୋ ଫିଟିକିରିଟା କୋଉଠି ରହିଲା, ବ୍ଲେଡ ଲାଗିଗଲାମ ଗାଲରେ । ମାଆ ବି ରୋଷେଇ ଘରେ ଥାଇ କହିଲା, ଶୋଇବା ଘର ଟେବୁଲ ଉପରେ ପଡିଛି ପରା, ତିନି ଦିନ ହେଲାଣି କହୁଚି, ସେଇଟା ନେଇ ରଖ ତୁମ ଖିଅର ଡବାରେ, କେତେ ଆଡକୁ ନଜର ରଖିବି ଯେ । ନିଜ ଜିନିଷ ସବୁ ନିଜେ ନିଜେ ସାଇତି ରଖ, କହି କହି ଥକି ଗଲିଣି, ହେଲେ କିଏ କଣ ଶୁଣୁଛି ମୋ କଥା । ବାପା ଯେମିତି, ପିଲା ଦିଟା ବି ବାପାଠୁ ବଳିକି ହେଇଛନ୍ତି ।

ବାପା ଶୋଇବା ଘର ଟେବୁଲ ଉପରୁ ଫିଟିକିରି ଉଠଉ ଉଠଉ କହିଲେ, ହଉ, ହଉ ଆଗକୁ ଧ୍ୟାନ ରଖିବି । ଏବେ ମୁଁ ଯାଉଛି ଗାଧୋଇବା ପାଇଁ, ମୋ ଡ୍ରେସ କାଢ଼ିକି ରଖ, ଆଜି ଅଫିସ ବହୁତ ଡେରି ହୋଇ ଗଲାଣି, କହି ବାପା ତର ତର ହୋଇ ବାଥ୍ ରୁମ ଭିତରେ ପଶି ଧଡକିନା ଭିତରୁ କୁଣ୍ଡି ଲଗେଇ ଦେଲେ ।

ସେତିକି ବେଳକୁ ବଡ ଭାଇ ତା ରୁମରେ ଥାଇ ପାଟି କରୁଥାଏ, ମାଆ, ମୋ ପେନ୍ ଟା କୋଉଠି ରହିଲା ଦେଖିଛୁ ? ଗାଧୋଇବାକୁ ଯିବା ଆଗରୁ ତ ପଢ଼ା ଟେବୁଲ ଉପରେ

ISSN NO.
2582-208X

ରଖିଥିଲି । ମାଆ ସେଇ ରୋଷେଇ ଘରୁ ଜବାବ ଦେଲା, ତୁ ବି ତୋ ବାପା ପରିକା ଭୂଲା ମନ ହୋଇ ଗଲୁଣି, ପାଠ କେମିତି ମନେ ରହୁଛି କେଜାଣି । ଆରେ ଆଲମାରୀରୁ ଡ୍ରେସ ବାହାର କଲା ବେଳେ ସେଇଠି ରଖି ଦେଇଥିବୁ ଦେଖ୍ ।

: ହଁ, ହଁ, ମିଳିଗଲା, ସେଇ ଆଲମିରାରେ ରଖି ଦେଇଥିଲି । ମୋ ପାଇଁ ଖାଇବା ବାଢି ଦେ ବୋଉ, କଲେଜ ଡେରି ହେଇଯିବ କହି ଭାଇ ତା ରୁମ୍ ରୁ ବାହାରି ଆସିଲା ।

ମୁଁ ଏମିତି ଖାଇବା ଟେବୁଲ ପାଖରେ ବସି ସବୁ ଦେଖୁଥାଏ ଆଉ ଭାବୁଥାଏ, ସତରେ ମାଆଟିଏ କେବଳ ତାର ପିଲାମାନଙ୍କର ମାଆ ନୁହେଁ, ସିଏ ତ ଯେମିତି ସାରା ପରିବାରର ମାଆ । ବାହାରେ ପରିବାବାଲା ହେଉ କି ଖୀରବାଲା, କି ଭୀଖ ମାଗିବାକୁ ଆସୁଥିବା ସେ ବୁଢା ଲୋକଟା, ସେମାନେ ବି ଡାକ ପକାନ୍ତି ମାଆ ବଢିଆ ଶାଗ ଆଣିଛି ଦି'ବିଡା ରଖ, କି ମାଆ କଣ ମୁଠାଏ ଖାଇବାକୁ ଦିଅ । ମାଆ ବିନା ସବୁ କିଛି ଅଚଳ ହୋଇଯାଏ ଯେମିତି, ଏପରିକି ବୋଉ ବିନା ବାପାଙ୍କର ସବୁ କାମ ମଧ୍ୟ ଅଚଳ ହୋଇଯାଏ । କେତେ ବିଶାଳ ମାଆର ହୃଦୟ ! କେତେ ମମତା ଭରି ରହିଛି ତା ମନ ଭିତରେ, ଯେତେ ବାଣ୍ଟିଲେ ବି ସରିବାର ନାଆଁ ନିଏନି । ସେତିକି ମମତାମୟୀ କେବଳ ମାଆ ହୋଇପାରେ, ଆଉ କେହି ବି ମାଆ ପରି ହୋଇ ପାରିବ ନାହିଁ ।

ମାଆର ଦିନ କେତେବେଳେ ଆରମ୍ଭ ହୁଏ, କେତେ ବେଳେ ସରେ ଜଣା ପଡେନି । ମାଆ ଶୁଏ କେତେବେଳେ, ଉଠେ କେତେବେଳ କେହି ଜାଣନ୍ତିନି । ସକାଳୁ ସକାଳୁ ମାଆ ଆସି ଆମକୁ ଉଠାଇ ଦେଇଯାଏ, କହେ, ଆରେ ଉଠରେ ସକାଳ ହେଲାଣି, ସ୍କୁଲ, କଲେଜ ଯିବନି କି ? ସେମିତି ରାତି ଦଶଟା ବାଜିଗଲେ ଆସି କହିବ, ବାସ୍, ବହୁତ ପାଠପଢା ହୋଇଗଲା, ପଢା ପଢି ସେତିକି ଥାଉ, ଏବେ ଶୋଇ ପଡ, ସକାଳୁ ଉଠି ପୁଣି ସ୍କୁଲ ଯିବାକୁ ଅଛି । ତା ପରେ ମାଆ ରୋଷେଇ ଘରକୁ ଚାଲିଯାଏ, ରୋଷେଇ ଘରେ କାଲି ସକାଳ ପାଇଁ କଣ ରନ୍ଧାହେବ ତାର ଯୋଗାଡରେ ଲାଗିଯାଏ, ଆମେ ବାସନର ଖଡ୍ ଖାଡ୍

ISSN NO.
2582-208X

ଶବ୍ଦ ଶୁଣୁ ଶୁଣୁ କେତେବେଳେ ଶୋଇ ଯାଉ ଜଣା ପଡେନି । କେହି କେବେ ପଚାରେନି, ମାଆ ରାତିରେ ତୁ କେତେବେଳେ ଶୋଇଲୁ ବୋଲି ?

ମାଆ ଶେଜରେ ପହଞ୍ଚିଲା ବେଳକୁ ବାପା ଘୁଙ୍ଗୁଡି ମାରୁ ଥାଆନ୍ତି, ଦିନ ଯାକର ଗଧ ଖଟଣି ପରେ କଣ ଗଣ୍ଡେ ଖାଇ ଶେଜରେ ପଡୁ ପଡୁ ବାପାଙ୍କୁ ନିଦ ଘୋଟିଆସେ । ମାଆ ତାଙ୍କ ଚାଦର ଟିକେ ସଜାଡି ଦେଇ, ତାଙ୍କ ପାଖରେ ଗଡିପଡେ । ସତେ ଯେପରି ନିଦଟା ତାଙ୍କ ପାଇଁ ଗୋଟାଏ ଜରୁରୀ କାମ ନୁହେଁ କି ଆବଶ୍ୟକତା ବି ନୁହେଁ । ଖାଲି ରାତି ହୋଇଛି, ସବୁ ଶୁନ୍ ଶାନ, ସମସ୍ତେ ଶୋଇ ପଡିଛନ୍ତି, ସେଥିପାଇଁ ସେ ଟିକେ ଗୋଡ ହାତ ଲମ୍ବାଇ ରିଲାକ୍ସ ହେବାକୁ ଶେଜରେ ଗଡିଯାଏ ।

ମାଆ ସତେ ଯେପରି ହଟ୍ଟ ଯୋଗୀଟିଏ । ଘୋର ତପସ୍ୟାରେ ଲୀନ । ନା ନିନ୍ଦା ଶୁଣିବାକୁ ସମୟ ଅଛି, ନା ପ୍ରଶଂସା ଶୁଣିବାକୁ ଆଗ୍ରହ, ନା କିଛି ଖାଇବାକୁ ବିଶେଷ ଇଚ୍ଛା । କେବଳ ସ୍ୱାଦିଷ୍ଟ ବ୍ୟଞ୍ଜନ ରାନ୍ଧି ସ୍ୱାମୀ ଓ ପିଲାଙ୍କ ମୁହଁରେ ଟିକେ ସନ୍ତୋଷ ଆଉ ଖୁସି ଦେଖିଲେ ତାର ସତେ ପେଟ ଭରିଯାଏ, ଖାଇବାର ଇଚ୍ଛାବି । ଯଦି ଭଜା ତିଅଣ କିଛି ବଳିଯାଏ ଖାଇନିଏ, ଯଦି କିଛି ନବଳିଲା ତେବେ ବି ଆହୁରି ଅଧିକ ଖୁସି ହୋଇଯାଏ, ଭାବେ, ଯାହାହେଉ ଆଜି ତାର ତପସ୍ୟା ସତେ ଯେମିତି ସଫଳ ହୋଇଗଲା, ସେ କଣ ଟିକେ ପୋଡାପୋଡି କରି ଖାଇଦିଏ, ନହେଲେ ତା ଆଚାର ଡବା କାମରେ ଆସିଯାଏ । ଭୋଜନ ଏତେ ସ୍ୱାଦିଷ୍ଟ ଥିଲା ଯେ ସମସ୍ତେ ଖୁସିରେ ସବୁ ଖାଇ ଗଲେ, ଏଇଟା ତାର ଖୁସି ପାଇଁ ସତେ ମାନପତ୍ରଟିଏ । ଏତେ ନିର୍ଲୋଭ ଏତେ ନିସ୍ୱାର୍ଥପର ସେଇ ଦେବୀଟିର ତୁଳନା କାହା ସହିତ କରିବି ? ତା ପରି ଆଉ କେହି ଜଣେବି ତ ଦିଶେନା, ଏଇ ତ୍ରୀଭୁବନରେ ।

ଦୁନିଆରେ ସେଇ ଜଣେ, ଯାହାକୁ ସାରା ପରିବାରର ପେଟର ହିସାବ ଜଣା । କିଏ କଣ ଖାଇବାକୁ ଭଲପାଏ, କିଏ କେତେବେଳେ କଣ ଖାଇବ, ସବୁ ହିସାବ ଥାଏ ମାଆ ପାଖରେ। ହେଲେ କେହି ଜାଣେନି ମାଆକୁ କଣ ଖାଇବାକୁ ଭଲଲାଗେ । ମାଆକୁ ସବୁ ଜଣା, ବାପା ଚଷମା କେଉଁଠି ଛାଡି ଭୁଲି ଯାଆନ୍ତି, କି ପିଲାଏ ନିଜର ପେନ, ପେନସିଲି

ISSN NO.
2582-208X

କେଉଁଠି ରଖି କେଉଁଠି ଖୋଜନ୍ତି । ମାଆ ସତେ ଯେମିତି ଅନ୍ତର୍ଯ୍ୟାମୀ, ତାର ଦିବ୍ୟଲୋଚନଟିଏ ଥାଏ । ରୋଷେଇ ଘରେ ଥାଇ ବି କହି ଦିଏ, ଚଷମା ସେଇ ଟିଭି ଉପରେ ରଖିଛ ଦେଖ, କିମ୍ବା ଆରେ ତୋ ପେନ ଆଲମାରୀରେ ତୋ ବହିଥାକ କଡରେ ରଖିଛୁ ଦେଖ୍ । ବଡ ଆଶ୍ଚର୍ଯ୍ୟ ଲାଗେ ଏତେ କଥା ସେ ଦେଖେ କେତେବେଳେ, ଆଉ ମନେ କେମିତି ରଖେ । ସକାଳେ କ୍ଲାସରେ ଟିଚର କଣ ପଢେଇକି ଗଲେ ସନ୍ଧ୍ୟା ବେଳକୁ ଠିକ୍ ଭାବରେ ମନେ ପଡେନା, ହେଲେ ବୋଉ କିଛି ବି ଭୁଲେନି ।

ମାଆକୁ କେବେ ଜ୍ୱରହୁଏ, କି ତାର ମୁଣ୍ଡବିନ୍ଧେ କେହି ଜାଣନ୍ତିନି । ଶହେ ଏକ ଜ୍ୱରରେ ବି ସେ ରୋଷେଇ ଘରେ ରୋଷେଇ କରୁଥିବ, ନହେଲେ ଘରେ ଝାଡୁ ଲଗାଉ ଥିବ । କେବେ ମୁଣ୍ଡ ବିନ୍ଧୁଥିଲେ, ଗାମୁଛାଟିଏ ମୁଣ୍ଡରେ ବାନ୍ଧିଦେଇ ୱାସିଙ୍ଗ ମେସିନରେ ଲୁଗା ଧୋଉ ଥିବ ନହେଲେ ଇସ୍ତ୍ରୀ କରୁଥିବ । କିନ୍ତୁ ଆଉ କାହାର ଦେହ ଖରାପ ହୋଇଗଲେ, ବଡ ଅଧୈର୍ଯ୍ୟ ହୋଇପଡେ ସେ । ଶେଜରୁ ଓହ୍ଲେଇବାକୁ ଦେବନି । ପାଖରେ ବସି ଦେହ ମୁଣ୍ଡରେ ହାତ ବୁଲଉ ବୁଲଉ ହଜାର ଥର ପଚାରୁଥିବ ଦେହ କେମିତି ଲାଗୁଛି ? ସାରା ରାତି ସେମିତି ଜଗିକି ବସିଥିବ । ମୋ ଦେହ ଏବେ ଭଲ ଲାଗୁଛି, ତୁ ଯାଆ ଟିକେ ଶୋଇପଡ ବୋଲି ଯେତେ କହିଲେ ବି ସେ ସେମିତି ପାଖରେ ବସି ରହିଥିବ ରାତି ସାରା ।

ଠିକ୍ ଠିକ୍ ମନେପଡୁଛି, ସେଦିନ ମାସର ଦ୍ୱିତୀୟ ଶନିବାର ଥାଏ । ବାପାଙ୍କର ଅଫିସ ନଥାଏ । ଆମର କ୍ଲାସ ବି ଖରାଦିନ ଛୁଟିଲାଗି ବନ୍ଦ ଥାଏ । ସମସ୍ତେ ଥାଆନ୍ତି ଘରେ, ହେଲେ ସମସ୍ତେ ନିଜ ନିଜ କାମରେ ବ୍ୟସ୍ତ । ବଡଭାଇ ତା କମ୍ପ୍ୟୁଟରରେ ଗେମ ଖେଳୁଥାଏ, ବାପା ଟିଭିର ନିଉଜ୍ ଦେଖୁ ଥାଆନ୍ତି ଆଉ ମୁଁ ଗୋଟିଏ ନଭେଲ ଭିତରେ ନିଜକୁ ହଜେଇ ଦେଇଥାଏ । ହଠାତ୍ ବାଥରୁମ୍ ଭିତରୁ ଧମକରି ଗୋଟାଏ ଶବ୍ଦ ହେଲା, ସମସ୍ତେ ତ ଶୁଣିଥିଲେ ସେ ଶବ୍ଦଟା, ହେଲେ କେହି ନିଜ ଯାଗାରୁ ଉଠି ବାଥରୁମରେ କଣ ପଡିଲା ଦେଖିବାକୁ ନାରାଜ । ମୁଁ ଯେଉଁଠି ବସିଥିଲି ସେଇଠୁ ବାଥରୁମଟା ପ୍ରାୟ ଦିଶୁଥିଲା, ହେଲେ ମୁଁ ଥରେ ବାଥରୁମ ଆଡକୁ ଅନାଇ ପୁଣି ଫେରିଗଲି ମୋ ନଭେଲ ଭିତରକୁ, ବାପା ଥରେ ପଚାରି ଦେଲେ, ଆରେ କଣ ହେଲା, କଣ ପଡିଲା ? ଏତିକି ପଚାରି ଦେଇ ସେ ପୁଣି ସେଇ

ISSN NO.
2582-208X

ଟିଭି ଭିତରେ ହଜିଗଲେ, ବଡ ଭାଇ ତା ଗେମର ଏତେ ଶବ୍ଦ ଭିତରେ କଣ ପଡିବା ଶବ୍ଦଟା ଶୁଣିଛି କି ନାହିଁ ସନ୍ଦେହ । କିନ୍ତୁ ଗୋଟେ ମିନିଟ ପରେ ବୋଉର ଅସ୍ପଷ୍ଟ ଜନ୍ତ୍ରଣାର ଶବ୍ଦ ଏବେ ଏବେ ମୋତେ ଶୁଣା ଗଲା । ମୁଁ ଧାଇଁ ଯାଇ ଦେଖିଲି ମାଆ ବାଥରୁମରେ ପଡି ଗୋଟା ପଣେ ଥରୁଛି । ସେଇଠି ଥାଇ ମୁଁ ବଡ ପାଟିଟାଏ କରି ବାପାଙ୍କୁ ଡାକ ପକାଇଲି । ବାପା, ମାଆ ବାଥରୁମରେ ଖସି ପଡିଛି ଜଲଦି ଆସ, ଭାଇ ଜଲ୍ଦି ଆସ ।

ସମସ୍ତେ ଦଉଡି ଆସିଲେ ବାଥରୁମ ପାଖକୁ, ବୋଉ ତଳେ ବସିଛି, ଲୁଗା ସଫା ହୋଇ ସାରି ଗୋଟିଏ ବାଲ୍ଟିରେ ଭର୍ତ୍ତି ହୋଇ ରଖା ହୋଇଛି । ବାପା ମାଆର ଅଣ୍ଟା ପାଖରୁ ଧରି ତାକୁ ଠିଆ କରାଇବାକୁ ଚେଷ୍ଟା କରୁଥାନ୍ତି ଏବଂ କହୁ ଥାଆନ୍ତି, ବୁଝିଲ ସବୁ କାମରେ ତୁମର ଏଇ ଜଲ୍ଦବାଜୀ ମତେ ମୋଟେ ଭଲ ଲାଗେନା, ୱାସିଂ ମେସିନଟା ଖରାପ ଅଛି, ମୁଁ ମେକାନିକକୁ କହିଛି ସେ ଆଜି ଉପର ବେଳା ଆସି ସଜାଡି ଯିବ । ଏତେ ଲୁଗା ଏବେ ଧୋଇବା କଣ ଜରୁରୀ ଥିଲା ? ବୋଉ କିନ୍ତୁ କଷ୍ଟରେ ଉଠି ପାରୁ ନଥାଏ, ତାର ଡାହାଣ ଗୋଡଟାରେ ବହୁତ କଷ୍ଟ ହେଉଛି ବୋଲି କହୁଥାଏ । ବାପା ବଡ ଭାଇକୁ କହିଲେ, ଆରେ ଠିଆଟା ହୋଇଛୁ କଣ, ବୋଉକୁ ଧର ଗୋଟେ ପଟୁ, ବେଡ ଉପରକୁ ନେଇଯିବା । ମୋତେ ଲାଗୁଛି ଫ୍ରାକ୍ଚର ହୋଇ ଯାଇଛି ନା' କଣ ! ଆମେ ସମସ୍ତେ ମିଶି ବୋଉକୁ ଉଠାଇ ବେଡରୁମକୁ ନେଇଗଲୁ, କଷ୍ଟରେ ବୋଉ ଆଖିରୁ ଲୁହ ବାହାରି ଆସୁଥାଏ । ଜୀବନରେ ଏଇ ପ୍ରଥମ ଥର ବୋଉର ଆଖିରେ ମୁଁ ଲୁହ ଦେଖିଲି, ନହେଲେ ସବୁ ବେଳେ ତାର ମୁହଁରେ ହସ ଲାଖି ରହିଥାଏ । ବାପା ବଡ ଭାଇକୁ କହିଲେ ଯାଆ ଗୋଟେ ଟାକ୍ସି ନେଇକି ଆ, ଏବେ ହସପିଟାଲ ନେବାକୁ ପଡିବ ବୋଉକୁ । ମୋତେ ଲାଗୁଛି ଗୋଡର ହାଡ ଭାଙ୍ଗି ଯାଇଛି ବୋଧେ ।

ଡାକ୍ତରଖାନାରେ ଡାକ୍ତରୀ ଜାଞ୍ଚ ଏବଂ ଏକ୍ସରେ ପରେ ଜଣା ପଡିଲା ବୋଉ ଡାହାଣ ଗୋଡର ଆଣ୍ଠୁ ତଳକୁ ହାଡରେ ମାଇନର ଫ୍ରାକ୍ଚର ହୋଇଛି, ହାଡ ଭାଙ୍ଗି ଦିଖଣ୍ଡ ହୋଇନି, କିନ୍ତୁ ସେଥି ପାଇଁ ଗୋଡରେ ପ୍ଲାଷ୍ଟର କରିଦିଆ ଗଲା ଏବଂ ଅତି କମରେ ତିନି ସପ୍ତାହ ବେଡରୁ ନ ଉଠିବା ପାଇଁ ଡାକ୍ତର କଡା ନିର୍ଦ୍ଦେଶ ଦେଇ ଛୁଟି କରିଦେଲେ । ହସପିଟାଲର ସବୁ କାମ

ISSN NO.
2582-208X

ସରୁ ସରୁ ଦିନ ଦୁଇଟା ବାଜିଗଲା । ସକାଳ ୨ଟା ବେଳେ ଆମେ ବ୍ରେକଫାଷ୍ଟରେ କେବଳ ବ୍ରେଡ ଆମଲେଟ୍ ଖାଇଥିଲୁ, ଏଇ ଧାଁ ଧପଡରେ ସେ ସବୁ କେତେବେଳୁ ହଜମ ହୋଇ ସାରିଲାଣି, ଭୋକ ବି ଲାଗଲାଣି, କିନ୍ତୁ ଏଇ ସମୟରେ ଖାଇବା କଥା କାହା ମୁଣ୍ଡକୁ ଆସୁ ନଥାଏ । ଏତିକି ବେଳେ ବଡଭାଇ ଟାକ୍ସି ନେଇ ଆସିଲା । ଆମେ ସବୁ ବୋଉକୁ ନେଇ ବସିଗଲୁ, ବାପା ବଡ ଭାଇକି କହିଲେ ଆମେ ବୋଉକୁ ନେଇ ଘରକୁ ଯାଉଛୁ, ଏଇ କିଛି ଟଙ୍କା ରଖ, ତୁ ମୋଟର ସାଇକେଲରେ ହୋଟେଲରୁ ଲଞ୍ଚ ପାଇଁ କଣ ଖାଇବା ନେଇକି ଘରେ ପହଞ୍ଚ, ସମସ୍ତଙ୍କୁ ଭୋକ ଲାଗିବଣି ।

ଭୋକ ଲାଗୁ ଥିଲେ ବି ବୋଉର ଏପରି ଅବସ୍ଥା ଦେଖି କାହାକୁ କିଛି ରୁଚୁ ନଥାଏ, ତଥାପି ପେଟ ତ ଭରିବାକୁ ଥିଲା । ଆମେ ସମସ୍ତେ ବେଡରୁମରେ ବୋଉ ପାଖରେ ବସି କିଛି କିଛି ଖାଇ ନେଲୁ । ଆମ ଘରେ, ବୋଉ ପରେ ମୁଁ ଏକ ମାତ୍ର ମହିଳା ସଦସ୍ୟ ତେଣୁ ମୁଁ ପ୍ଲେଟ ସବୁ ଉଠାଇ ନେଲି, ଏଇ ସମୟରେ ବାପା କହିଲେ, ଆରେ ମାଆ, ପ୍ଲେଟ ସବୁ ସିଙ୍କରେ ଥୋଇଦେ, ମୁଁ ଧୋଇଦେବି । ଏତେ କଷ୍ଟରେ ବି ମାଆ କହିଲା, ତୁମେ କାହିଁକି ଧୋଇବ ? ପିଲାଏ ବଡ ବଡ ହୋଇ ଗଲେଣି, ଏଇ ସମୟରେ ଘର କାମରେ ସାହାଯ୍ୟ କରିବେନି ତ ଆଉ କେତେବେଳେ କରିବେ । ମୁଁ ଡାକ୍ତରକୁ ପଚାରି ଥିଲି, ସେ କହିଲେ, ଅତି କମ୍ ରେ ସପ୍ତାହେ କି ଦଶ ଦିନ ବେଡରେଷ୍ଟ । ତା ପୂର୍ବରୁ ଯଦି କଷ୍ଟ ନଲାଗିବ ତେବେ ଅଳ୍ପ ଅଳ୍ପ ଚଲା ବୁଲା କରି ପାରିବ ।

ବାପା ସାଙ୍ଗେ ସାଙ୍ଗେ କହିଲେ, ଡାକ୍ତର ତ ମୋତେ କହିଲେ ତିନି ସପ୍ତାହ କି ମାସେ ବେଡରେଷ୍ଟ ବୋଲି, ବେଡରୁ ବିଲକୁଲ ନଉଠିବାକୁ କହିଛି । ଆଉ ତୁମେ କେତେ ବେଳେ ଡାକ୍ତର ସାଙ୍ଗରେ କଥା ହେଲ ? ମୁଁ ପରା ତୁମ ସାଙ୍ଗରେ ମୂଳରୁ ଶେଷ ଯାଏ ସେଇଠି ତୁମ ପାଖେ ପାଖେ ଥିଲି । ବୋଉ କହିଲା, ତୁମେ କଣ ଜାଣିନ, ଏଇ ଡାକ୍ତରମାନେ ସବୁବେଳେ ଏମିତି ଡରେଇ ଦିଅନ୍ତି । ମୋତେ ଲାଗୁଛି ଦିନେ ଦୁଇ ଦିନରେ ମୋ ଗୋଡ ଠିକ୍ ହୋଇଯିବ, ପୁଣି କାହାକୁ କିଛି କରିବାକୁ ପଡିବନି । ବାକି ଦୁଇ ଚାରି ଦିନ ପାଇଁ ତୁମ ସମସ୍ତଙ୍କୁ ମିଳିମିଶି ସବୁ କାମ କରିବାକୁ ପଡିବ । ମୁଁ କାମ ବାଣ୍ଟି ଦଉଛି ।

ISSN NO.
2582-208X

ସକାଳ ଚାହା ଗୁଡୁ ତିଆରି କରିବ । ବାପା, ବୋଉର କଥା କାଟି ମଝିରେ କହି ଉଠିଲେ, ଗୁଡୁ କାହିଁକି ସକାଳ ଚାହା କରିବ ? କଣ ସେ ଝିଅଟେ ବୋଲି ? ଆଉ ତୁମ ଗେହ୍ଲା ପୁଅ ଡୁଗୁ ପାଇଁ ବେଡ-ଟି ନେଇକି ଯିବ ! ଆରେ ବାଃ, ନାଇ ଏମିତି ହବନି, ସକାଳ ଚାହା ଡୁଗୁ ତିଆରି କରିବ ।

ବଡ ଭାଇ ମିଛ ମିଛକା ନାକରେ କାନ୍ଦି କହିଲା, ନାହିଁ, ବୋଉ ଯାହା କହିବ ସେୟା ହେବ। ତୁମେ ତୁମ ଗେହ୍ଲା ଝିଅ ସାଙ୍ଗରେ ମିଶି ଅଲଗା ପାର୍ଟି କରି ସାରିଲଣି । ବୋଉର ଦେହ ଖରାପ, ମୁଁ ବିଚରା ଏକୁଟିଆ ପଡି ଯାଇଚି ବୋଲି ମୋ ଉପରେ ଏତେ ଅତ୍ୟାଚାର କରୁଛନା ।

ବୋଉ ଆଉ ବାପା ଦୁହେଁ ହସି ଉଠିଲେ, ଏତେ କଷ୍ଟରେ ମଧ୍ୟ ବୋଉ ଟିକିଏ ହସିଦେଲା, ବହୁତ ଭଲ ଲାଗିଲା । ଆମେ ଦୁଇ ଭାଇ, ଭଉଣୀ ବୋଉର ଦୁଇ ପାଖକୁ ଆଉଜି ଯାଇ ଟିକେ ଗେହ୍ଲା ହୋଇ ପଡିଲୁ । ବୋଉର ଦୁଇ ଅଭୟ ହାତ ଆମ ମୁଣ୍ଡ ସାଉଁଳେଇ ଦେଇ ବଡ ସ୍ନେହରେ କହିଲା, ତୁମେ ଦି'ଜଣ ମୋର ସୁନା ପିଲା । ତୁମର ଏବେ କଲେଜ ଛୁଟି ଚାଲିଛି, ବାପାଙ୍କର ତ ପ୍ରତିଦିନ ଅଫିସ୍ । ତେଣୁ ଘର କାମରେ ତାଙ୍କୁ ବେଶି ବିଜି କରିବନି । ଦିନ ସାରା ଅଫିସରେ କାମ କରି ଥକି ଯାଉଥିବେ । ମୋ ଗୋଡ ସିନା ବନ୍ଧ ଅଛି, ହେଲେ ମୁଁ ତୁମ ସାଙ୍ଗରେ ଅଛି, ଯାହା ଅସୁବିଧା ହେବ ମୋତେ ପଚାରି ନେବ । ଅଇଠା ବାସନ ଦିଜଣ ମିଶିକି ଧୋଇଦେବ । ମିଳି ମିଶିକି କାମ କଲେ ବଡ ବଡ କାମ ବି ସହଜରେ ହୋଇଯିବ । ଭାତ ଗାଳିବା, ରୁଟି ସେକିବା କାମ ବାପା କରିଦେବେ । ନିଜ ନିଜ ଲୁଗା ନିଜେ ଧୋଇବ । ନିଜ ଜିନିଷ ସବୁ ନିଜେ ସାଇତି ରଖିବ । ନହେଲେ ପ୍ରତି ଦଶ ମିନିଟରେ ଥରେ ବୋଉକୁ ପଚାରୁ ଥିବ କେଉଁଟା, କେଉଁଠି ଅଛି ବୋଲି । ବାପାଙ୍କୁ ଅନାଇ ବୋଉ କହିଲା ଶୁଣୁଛଟି, ଏଇଟା ତୁମ ପାଇଁବି ଲାଗୁ । ଆଲମାରୀରୁ ନିଜ ଡ୍ରେସ ନିଜେ ବାହାର କରିବ, ଚଷମା ଟେବୁଲ ଉପରେ ଗୋଟିଏ ଯାଗାର ରଖିବ । ନହେଲେ ଯାହା ହଜିବ, ତାକୁ ଭୁଲିଯିବ ।

ISSN NO.
2582-208X

ବାପା ଠିଆ ହୋଇ ପଡି କହିଲେ, ୟେସ ମାଡାମ୍ । ଆମେ ସମସ୍ତେ, ମାନେ ବାପା ବଡ ଭାଇ ଆଉ ମୁଁ ଗୋଟିଏ ସ୍ୱରରେ କହିଲୁ, ତୁମ ଦେହ ଠିକ୍ ହେବା ପର୍ଯ୍ୟନ୍ତ ଆମେ ତୁମକୁ ଜମ୍ମା ଡିଷ୍ଟର୍ବ କରିବୁ ନାହିଁ । ନିଜ କାମ ନିଜେ କରିବୁ, ନିଜ ଜିନିଷ ନିଜେ ସମ୍ଭାଳି ରଖିବୁ। ବୋଉ ଟିକିଏ ମୁରୁକି ହସିଦେଲା । ବାପା କହିଲେ, ଆଚ୍ଛା ତୁମେ ଏଇ ଟାବ୍ଲେଟ୍ ଟା ଖାଇନିଅ, ଏଥିରେ ଟିକେ ନିଦ ଆସିଯିବ, ତୁମେ ଶୋଇ ପଡିଲେ କଷ୍ଟ କମ ହୋଇଯିବ । ଚାଲ ପିଲେ, ନିଜ ନିଜ କାମରେ ଲାଗିଯାଅ, ବୋଉକୁ ଟିକେ ରେଷ୍ଟ କରିବାକୁ ଦିଅ । ଆମେ ଭାଇ ଭଉଣୀ ବାସନ ସଫା କରିବା ପାଇଁ ରୋଷେଇ ଘରେ ମୋର୍ଚ୍ଚା ସମ୍ଭାଳି ନେଲୁ, ଆଉ ବାପା ଡ୍ରଇଂ ରୁମରେ ଟିଭି ସାମ୍ନାରେ ବସିଗଲେ ।

ସଂଧ୍ୟା 5ଟା ହେବ ସେତେବେଳେ । ବୋଉ ମଧ୍ୟ ଉଠି ସାରିଲାଣି । ବାସନ ଧୋଇ ସାରିଲା ପରେ ଭାଇ ତା ରୁମକୁ ଚାଲି ଯାଇଥିଲା ଆଉ ମୁଁ ବୋଉ ପାଖରେ ଶୋଇ ଗୋଟାଏ ପୁରୁଣା ମାଗାଜିନ୍ ଦେଖୁ ଥାଏ । ବୋଉ ପଚାରିଲା ବାପା ଚାହା ପିଇ ସାରିଲେଣି ? ମୁଁ ମାଗାଜିନରୁ ମୁହଁ ଉଠାଇ କହିଲି, ନାଇ ତ, ଚାହା କେହି ବନେଇ ନାହାନ୍ତି । ବୋଉ କହିଲା, ପାଞ୍ଚଟା ବେଳେ ବାପା ଚାହା ପିଅନ୍ତି । ଯା, ଚାହା ଟିକେ କରିଦେ । ଭାଇକୁ ପଚାରି ଦେବୁ ସେ ଯଦି ପିଇବ । ମୁଁ ପଚାରିଲି ଆଉ ତୁ ? ତୁ ପିଇବୁ ? ବୋଉ କହିଲା ସମସ୍ତଙ୍କ ପାଇଁ କରିଦେ । କିନ୍ତୁ ଚାରି କପ୍ ଚାହାର ଭାଗ ମାପ ମୋତେ ଜଣା ନଥିଲା । ପଚାରିବାରୁ ବୋଉ ଟିକେ ହସିଲା, କହିଲା ହୁଣ୍ଡି, ଅଧା ଖିର ଅଧା ପାଣି, ଦୁଇ କପ୍ ପାଣି ଦୁଇ କପ୍ ଖିର, ଚିନି ଚାରି ଚାମଚ ଆଉ ଚା'ପତି ଡବାରେ ଚାମଚ ଅଛି ସେଥିରେ ପୁରା ଗୋଟେ ଚାମଚ ଚା'ପତି । ପାଣିରେ ପ୍ରଥମେ ଅଦା ଖଣ୍ଡେ ଛେଚିକି ପକେଇ ଦବୁ । ବାପା ଟିଭି ବନ୍ଦ କରି ବୋଉ ପାଖକୁ ଆସି ଯାଇଥିଲେ । ମୋତେ ବାହାରକୁ ଯାଉ ଥିବାର ଦେଖି ପଚାରିଲେ କୁଆଡେ ଯାଉଛୁ, ବସ ଏଇଠି ? ବୋଉ କହିଲା ସିଏ ଯାଉଚି ଚାହା କରିବ । ବାପା ଆଶ୍ଚର୍ଯ୍ୟ ହୋଇ ମୋତେ ଅନେଇ ପଚାରିଲେ ତୁ ଚାହା କରି ପାରିବୁ ତ ? ଚାଲ ମୁଁ ତୋତେ ହେଲ୍ପ କରିଦେବି । ବୋଉ କହିଲା, ନାଇ ତୁମେ ଏଇଠି ବସ । ସେ ବଡ

ISSN NO.
2582-208X

ପିଲା ହୋଇ ଗଲାଣି, ଚାହା କରି ପାରିବ ସିଏ । ତାକୁ ଶିଖିବାକୁ ଦିଅ । ଏସବୁ କାମ ଶିଖିବା କଥା, କାଲି ବାହା ହୋଇ ଶାଶୁ ଘରକୁ ଗଲେ କରିବନା ସବୁ କିଛି ।

: ବାପା ବଡ ବଡ ଆଖି କରି ବୋଉକୁ କହିଲେ, ଆରେ ମୋ ଝିଅ ପାଠ ଶାଠ ପଢି ଚାକିରୀ କରିବ ବଡ ଅଫିସର ହେବ ନା' ରୋଷେଇ ଘରେ ଚାହା ବନେଇବ ।

ଏଇ ସମୟରେ ବଡ ଭାଇ ବି ଆସି ଗଲା, ସେ କହିଲା, ବାପା ତୁମେ ବସ ବୋଉ ପାଖରେ। ମୁଁ ହେଲ୍ପ କରି ଦେବି ଗୁଡିକୁ । ଭାଇ ଆଉ ମୁଁ ରୋଷେଇ ଘରକୁ ଆସିଗଲୁ ।

ଭାଇ ସାଙ୍ଗରେ ରୋଷେଇ ଘରେ ସେ ଦିନର ମୋର ପ୍ରଥମ ଅଭିଜ୍ଞତାରୁ ମୁଁ ଜାଣିଗଲି, ବେଶି ଲୋକରେ ମୂଷା ମରେନି ବୋଲେ କାହିଁକି କହନ୍ତି । (Too many cooks spoil the broth) ପ୍ରୋଭାର୍ବର ପ୍ରକୃତ ଅର୍ଥଟା କଣ । ଭାଇର ସହଯୋଗଟା ଯଦି ଏପରି, ତେବେ ଅସହଯୋଗ କାହାକୁ କହନ୍ତି ମୁଁ ବୁଝି ପାରୁ ନଥିଲି । ଚାହା ସସପେନ୍ସରେ ମୁଁ ଯେତେ ବେଳେ ଦୁଇ କପ୍ ପାଣି ଢାଳିଲି, ଭାଇ କହିଲା ଆଉ ଅଧା କପ୍ ପାଣି ଦେ ଏଥିରେ, ତୁ କଣ ଜାଣିନୁ, ପାଣି ଫୁଟିଲେ ସେଥିରୁ କିଛି ପାଣି ବାମ୍ପହୋଇ ବାହାରି ଯିବ, ବାମ୍ପ ବାହାରି ଗଲେ ପ୍ରାୟ ଅଧା କପ ପାଣି ବାମ୍ପହୋଇ ଉଡିଯିବ । ନହେଲେ ଖିର ବାମ୍ପହୋଇ ଚାଲିଯିବ, ସେଥି ଯୋଗୁ ଚାହା କମ୍ ହୋଇଯିବ । ତା ପରେ ମୁଁ ଚାହାରେ ଯେତିକି ଅଦା ପକାଇବାକୁ ବାହାର କଲି ଭାଇ କହିଲା ଆରେ, ଏତେ ଅଦା କଣ କରିବୁ ? ଆହୁରି କମ୍ ଅଦା ପକା, ନହେଲେ ଚାହାଟା ବାବା ରାମଦେବଙ୍କ ଆୟୁର୍ବେଦ ସିରପ୍ ପରି ଟେଷ୍ଟ ହୋଇଯିବ, ଆଉ ସେମିତି ବାସିବ । ଚିନି ପକେଇଲା ବେଳକୁ କହିଲା, କମ୍ ଚିନି ପକା, ତୁ ଜାଣିଛୁ ନା' ଆଜି କାଲି ଅଧିକାଂଶ ଲୋକଙ୍କୁ ଡାଇବେଟିସ୍ ହୋଇ ଯାଉଛି । ଆମ ସମସ୍ତଙ୍କୁ ଯଦି ଡିଇବେଟିସ୍ ହୋଇ ଯିବ ! ବିରକ୍ତ ଲାଗୁଥାଏ, କିନ୍ତୁ ସିଏ ବଡଭାଇ, ତାକୁ କିଛି କହି ହେଉ ନଥାଏ, ସେ ଯେପରି ସିରିୟସ ହୋଇ କହୁଥାଏ, ତା କଥାକୁ ହସିକି ଉଡେଇ ଦେଲେ ତାର ରାଗ ପଞ୍ଚମରେ ପହଞ୍ଚି ଯିବ । ସେଥିପାଇଁ ମୁଁ ଚୁପ ଚାପ୍ ସବୁ ଶୁଣି ସାରିଲା ପରେ ଶେଷରେ କହିଲି, ଭାଇ, ତୁ ଏଠି ଠିଆ ହୋଇ ରହିଲେ ତୋ ଗୋଡକୁ

ISSN NO.
2582-208X

କଷ୍ଟହେବ, ତାଛଡା ଏସବୁ ସ୍ତ୍ରୀ ଲୋକଙ୍କ କାମ, ଦେଖି ଦେଖି ତୁ ବୋର ବି ହୋଇଯିବୁ । ଭଲ ହେବ ତୁ ଯାଇ ବାପା ବୋଉଙ୍କ ପାଖରେ ବସ୍ । ମୁଁ ଚାହା ତିଆରି କରି ତୁମ ପାଖକୁ ନେଇ ଆସିବି । ଭାଇ ବୋଧେ ଏଇ କଥା ଦି' ପଦ ଶୁଣିବାକୁ ଯେପରି ଅପେକ୍ଷା କରିଥିଲା, ମୋ କଥା ସରିବା ଆଗରୁ ଥାଙ୍କସ୍ କହି ସାଙ୍ଗରେ ବଡ ହୁଁ ଟାଏ କହି ଚାଲିଗଲା, ଗଲାବେଳେ କହିଲା, ଆଜିକାଲିକା ପିଲା, କାହା କଥା ଶୁଣିବେନି, ମନେ ମନେ ନିଜକୁ ଭାରି ଚାଲାକ୍ ଭାବନ୍ତି ।

ଚାହା ପିଉ ପିଉ ମାଆ ଆମ ସମସ୍ତଙ୍କୁ ଚାହିଁ କହିଲା, ସମସ୍ତେ ମନ ଦେଇ ଶୁଣ । ଦୁଇ ସପ୍ତାହ ପର୍ଯ୍ୟନ୍ତ ମୁଁ ବେଡରୁ ଓହ୍ଲେଇ ପାରିବିନି, ଘରର ଯାବତୀୟ କାମ, ଘର ଓଳେଇବା ଠାରୁ ଆରମ୍ଭ କରି ରୋଷେଇବାସ, ସେଇଟା ପୁଣି ସକାଳେ ବାପାଙ୍କ ଅଫିସ ଯିବା ଟାଇମ ଭିତରେ, ଲୁଗା ଧୁଆ, ବାସନ ମଜା, ଠାକୁର ପୂଜା ଏତେ ସବୁ କାମ ତୁମେ ମାନେ କରି ପାରିବ ତ ? ଆଗରୁ ଏମିତି ପରିସ୍ଥିତି ତୁମେମାନେ କେବେ ଦେଖିନ, ଏମିତି କାମ ଆଗରୁ କେବେ କେହି କରିନ, କେମିତି କରିବ ଏ ସବୁ? ମୋତେ ତ କିଛି ଠିକ୍ ଲାଗୁନି । ସେଥି ପାଇଁ ଭାବୁଛି ଏ ସମୟରେ ଆମକୁ ଟିକେ ସାହାଯ୍ୟ କରିବାକୁ, ଘରର ସବୁ କାମ କରିବାକୁ ଗାଆଁରୁ ଖୁଡିଙ୍କୁ ଡକେଇ ଦେବା, ଖୁଡି ଏବେ ଗାଆଁ ରେ ଏକୁଟିଆ ରହୁଛନ୍ତି, ସେ ଆସି ଆମ ସହିତ କିଛିଦିନ ରହି, ଗଲେ ତାଙ୍କୁ ବି ବହୁତ ଭଲ ଲାଗିବ । ନହେଲେ ଉମା ମାଉସୀଙ୍କୁ ଡାକି ଦେବା । କେହି ଜଣେ ଆସି ଗଲେ ତୁମମାନଙ୍କ କାମ ଟିକିଏ ହାଲୁକା ହୋଇଯିବ, ନହେଲେ ତୁମ ତିନି ଜଣଙ୍କୁ ମିଳି ମିଶି ସବୁ କାମ କରିବାକୁ ବଡ ମୁସକିଲ ହୋଇଯିବ । ବାପା ସଙ୍ଗେ ସଙ୍ଗେ କହିଲେ, ତୁମ ଭଉଣୀ ଉମା କିଛି କାମକୁ ନୁହେଁ, ସେ ଆସିଲେ କାମ ଯେତିକି ନକରିବ ତା ଠାରୁ ବେଶି ସମୟ ଫେସିଆଲ, ହେୟାର ଷ୍ଟାଇଲ କରିବାରେ ତାର ସମୟ ଚାଲିଯିବ । ବରଂ ଗାଆଁରୁ ଖୁଡିଙ୍କୁ ଡକେଇ ଦେବା ।

ଖୁଡି କହିଲେ, ବାପାଙ୍କ ଦୂର ସମ୍ପର୍କୀୟା ଖୁଡି, ପିଲାମାନେ ତାଙ୍କର ସହରରେ ପିଲା ଛୁଆ ନେଇ ନିଜ ନିଜ ଚାକିରୀ ଜାଗାରେ । ଦାଦାଙ୍କ ମୃତ୍ୟୁ ପରେ ଖୁଡି ଏବେ ଏକୁଟିଆ ଗାଆଁରେ ରହି ଘର ଜଗି ପଡିଛନ୍ତି । ତାଙ୍କ ପିଲାମାନେ ସେମାନଙ୍କ ସାଥିରେ ନେଇଯିବାକୁ କେତେ

ISSN NO.
2582-208X

କହିଲେ, ହେଲେ ଗାଁ ଛାଡି ଯିବା ପାଇଁ ଖୁଡି କେବେ ରାଜି ହେଲେନି, ମଝିରେ ମଝିରେ ହପ୍ତେ ଦଶଦିନ ପାଇଁ ପିଲାମାନଙ୍କ ପାଖରେ ରହି ଆସନ୍ତି । ବୟସ ତାଙ୍କର ସତୁରୀ ପାଖାପାଖି ହୋଇଗଲାଣି, ତଥାପି ଏ ବୟସରେ ବି ସେ ପୁରା ଆକ୍ଟିଭ ଅଛନ୍ତି, ପଚାରିଲେ କହନ୍ତି, ଆମ ସମୟର ଖାଇବା ଆଜିକାଲି ପିଲାଙ୍କୁ କେଉଁଠୁ ମିଳିବ ? ସବୁ ତାଜା ଆଉ ଖାଣ୍ଟି ଜିନିଷ ମିଳୁଥିଲା ଆମ ସମୟରେ, ଆଉ ଆମେ ଅସଲି ଜିନିଷ ଖାଉଥିଲୁ, ଆଜି କାଲିକା ପରି ଭେଜାଲ ନୁହେଁ । ଏବେ ଧାନ ଚାଉଳ ହେଉ କି ପନି ପରିବା, ସବୁ ଥିରେ ସାର ପୋକମରା ଔଷଧର ଗନ୍ଧ ମିଳିବ, ଦେଶୀ କାଳି ଗାଈର ଖୀରରେ ଯାହା ମିଳୁଥିଲା, ଆଜି କାଲିକା ପ୍ଲାଷ୍ଟିକ ଥଳି ଖିରରେ ସେଇ ସୁଆଦ କି ସାର କଣ ମିଳିବ ? ଆମ ସମୟର ଖାଣ୍ଟି ଶୁଦ୍ଧ ଶୋରିଷ ତେଲ କି ଦେଶି ଘିଅ ଆଜି ମିଳିବ ? ସେଇ ସବୁ ଖାଇଥିଲୁ ବୋଲି ଆଜି ମୋର ବୟସ ଜଣା ପଡୁନି, ଡାକିଲୁ ଆଜି କାଲିକା କଉ ଭୁଆସୁଣିକୁ ମୋ ଏତିକି କାମକରି ଦେଖେଇ ଦେବ ।

ଏ ବୟସରେ ବି ଖୁଡି ବହୁତ ଆକ୍ଟିଭ ଅଛନ୍ତି, ସକାଳ ପାଞ୍ଚଟାରେ ନିଦ ଭାଙ୍ଗିଯାଏ ତାଙ୍କର, ଘର ବାରୀ ଖରକି, ଗୋବର ପାଣି ଛିଞ୍ଚି ଦେଇ ଗାଧୋଇବାକୁ ଯାଆନ୍ତି । ସକାଳ ଛଅଟା ବେଳକୁ ଠାକୁର ଘରେ ତାଙ୍କର ଘଣ୍ଟି ବାଜିବା ଆରମ୍ଭ ହୋଇଯାଏ । ବାଳ ତାଙ୍କ ଠାକୁର ଘରେ ଗୋପାଳଙ୍କ ନୀତିକାନ୍ତି କରି ସାରିଲେ ଚୁଲିରେ ଚା ସସପେନ୍ସଟା ବସେଇ ଦିଅନ୍ତି । କଂଶାଏ ମୁଢି ଆଉ ଗିଲାସେ ନାଲି ଚା ଧରି ବସି ଯାଆନ୍ତି । ସେତକ ତାଙ୍କର ସକାଳ ଜଳଖିଆ । ତାପରେ ବାଡି ବଗିଚାରେ ଦି' ଘଣ୍ଟା କଟେଇ ଦିଅନ୍ତି । ବାଡିରେ ତାଙ୍କର ଶାଗ ଦି କିଆରୀ, କିଛି ପନି ପରିବା ଗଛ ଲଗେଇବା, ଗଛରେ ପାଣି ଦେବାରେ ଲାଗି ଯାଆନ୍ତି, ସେସବୁ କାମ ସରିଲେ ଦି' ପହର ରୋଷେଇ ପାଇଁ ସଜ ପରିବା ତୋଳନ୍ତି, କେବେ କେବେ ସାଇ ପଡିଶା ଲୋକେ ଟଙ୍କାଏ ଦି' ଟଙ୍କାର ପରିବା କିଣି ନିଅନ୍ତି ଖୁଡିଙ୍କ ଠାରୁ । ଏକୁଟିଆ ମାଇପିଟିଏ କେତେ ଖାଇବ ? ଯାହା ବଳକା ପନିପରିବା ହୁଏ ସାଇ ପଡିଶାରେ କେବେ ବାଣ୍ଟି ଦିଅନ୍ତି କେବେ କିଛି ବିକି ଦିଅନ୍ତି । ବାଡିରେ ସଜନା ଗଛ ଦୁଇଟା ବାରମାସୀ, ବର୍ଷ ସାରା ଛୁଇଁ ଲଟକି ଥିଏ ଗଛରେ । ହେଲେ ଏ ବୟସରେ ସଜନା ଛୁଇଁ ଖାଇବାକୁ ଖୁଡିଙ୍କର

ISSN NO.
2582-208X

ଆଉ ଦାନ୍ତ ନାହିଁ । ବେପାରୀ ପୁଅ ମଝିରେ ମଝିରେ ଆସି ନିଜେ ତୋଳି କିଣିନିଏ । ମଝିରେ ମଝିରେ ପିଲାଏ କିଛି ଟଙ୍କା ପଇସା ପଠାଇ ଦିଅନ୍ତି, ଚାଷ ଜମିରୁ ବର୍ଷ ଯାକର ଧାନ ଚାଉଳ, ଆଉ ଡାଲି ମିଳି ଯାଉଥିଲା । ଖୁଡିଙ୍କର କିଛି ଅସୁବିଧା ହୁଏନି । କିନ୍ତୁ କାହାର ହାରି ଗୁହାରୀରେ ଅଣ୍ଟାରେ କାନି ଖୋସି ବାହାରି ପଡିବେ । କାହାର କିଛି ସୁବିଧା ଅସୁବିଧାରେ ଖୁଡି ଅଣ୍ଟାଭିଡି ଆଗେଇ ଆସନ୍ତି । ଭଲରେ ମନ୍ଦରେ କେହି କେବେ କିଛି ମାଗିଲେ ଖୁଡି କେବେ ମନା କରନ୍ତିନି, ଧାନ ଚାଉଳରୁ ଆରମ୍ଭ କରି ଟଙ୍କା ପଇସାରେ ସମସ୍ତଙ୍କୁ ସାହାଯ୍ୟ କରନ୍ତି । ସାଇ ପଡିଶାରେ ତାଙ୍କର ବହୁତ ଆଦର ।

ଖୁଡିମାଆ (ବାପାଙ୍କ ଖୁଡିକୁ ଆମେ ଖୁଡିମାଆ ଡାକୁ) ବହୁତ ଖୁସ୍ ମିଜାଜ ମଣିଷଟିଏ, ହେଲେ ସବୁ କଥାରେ ତାଙ୍କର ଭାରି ବାରଣ ଚାରଣ । ଅଗାଧୁଆ କେହି ରୋଷେଇ ଘରେ ପଶିବେନି । ଦାନ୍ତ ନଘସିଲେ ଚାହା ଟୋପେ ମିଳିବନି, ଘରେ କେହି ଚପଲ ପିନ୍ଧିବେନି, ଯୋତା ଚପଲ ସବୁ ବାହାର ବାରଣ୍ଡାରେ ଥିବା ଯୋତାଷ୍ଟାଣ୍ଡରେ ରହିବ । ଆଉତ ଆଉ, ସକାଳ ପାଞ୍ଚଟାରୁ ଉଠି ଗାଧୋଇ ପାଧୋଇ ଠାକୁର ଘରେ ଘଣ୍ଟି ବଜେଇବା ଆରମ୍ଭ କରିଦେବେ, କାହାକୁ ଶୋଇବାକୁ ଦେବେନି । ତେଣୁ କେହି କିଛି କହିବା ଆଗରୁ ଆମେ ଦୁଇ ଭାଇ ଭଉଣୀ ଗୋଟିଏ ସ୍ୱରରେ କହିଲୁ, କାହାକୁ ଡାକିବା ଦରକାର ନାହିଁ । ଆମର ଏବେ ସ୍କୁଲ କଲେଜ ଛୁଟି ଅଛି ଆମେ ଭାଇ ଭଉଣୀ ଦୁଇ ଜଣ ମିଶି ସବୁ କାମ କରିଦେବୁ ।

କଥା କହିଦେବା ବଡ ସହଜ, କିନ୍ତୁ ତାକୁ କରି ଦେଖାଇବା କେତେ ଯେ କଠିନ, ଗୋଟିଏ ଦିନ ଘର କାମକରି ଆମ ଭାଇ ଭଉଣୀ ଦି' ଜଣ ଭଲ ଭାବରେ ବୁଝି ଯାଇଥିଲୁ । ବଡ ଆଶ୍ଚର୍ଯ୍ୟ ଲାଗେ ବୋଉ ଏହାର ଦୁଇଗୁଣା କାମ ସଠିକ୍ ଭାବେ ଏକୁଟିଆ କେମିତି କରିଯାଏ ? ଆମେ କାମ ତ ଜେନତେନ ଉପାୟରେ କରିଦେଲୁ, ହେଲେ ଡାଲି ଅଲଣା, କଢେଇ ତଳେ ଲାଗି ତରକାରୀ ଅଧା ପୋଡି ଯାଇଥିଲା, ଭାତ ପେଜୁଆ, କିନ୍ତୁ ବାପା ବୋଉ ଦି' ଜଣଯାକ ବଡ ଖୁସିରେ ଖାଇଲେ, ପ୍ରଶଂସା ବି କଲେ, କହିଲେ ସତରେ ଆମ ପିଲା ଦିଟା ବଡପିଲା ହୋଇ ଗଲେଣି । ଦି' ଜଣ ମିଶି ପୁରା ଘରଟାକୁ ସମ୍ଭାଳି ନେଲେ ।

ISSN NO.
2582-208X

ବଡଭାଇ ଟିକ ନାକ କନ୍ଦୁରା, କହିଲା ବୋଉ, ସେତିକି ପ୍ରଶଂସା ବହୁତ ହୋଇଗଲା । ଏମିତି ଖାଇବା କାହାକୁ ଦେଇ ତା ସହିତ ଶହେଟଙ୍କା ଦକ୍ଷିଣା ଦେଲେ ବି ସେ ଖାଇବନି । ଏସବୁ କାମ ଆମ ଦେଇ ହେବନି । ତୁମେ କିଛି ବନ୍ଦୋବସ୍ତ କର । ବୋଉ ଟିକିଏ ହସି କହିଲେ, ଯୋଗାଡ କଣ, ଲିଲି ମାଉସୀର ଅଣ୍ଟା ବିନ୍ଧାଟା ପୁଣି ବାହାରି ପଡିଛି, ସେ ଆସି ପାରିବନି, ଯଦିବା ସେ ଆସିଯିବ, ତେବେ ସେ ତୁମର ସେବା କଣ କରିବ, ତୁମ ତିନି ଜଣଙ୍କୁ ତାର ସେବା କରିବାକୁ ପଡିବ । ମୁଁ ଖୁଡିଙ୍କ ସଙ୍ଗେ କଥା ହୋଇଥିଲି, ସେ ଆଜି ସଂଧ୍ୟାରେ ଆସି ପହଞ୍ଚି ଯିବେ ।

ଖୁଡିମାଆ ଆସୁଛନ୍ତି ଶୁଣି ମୋ ଭାତ ଗୁଣ୍ଡା ମୋ ମୁହଁରେ ଅଟକି ଗଲା । ଖୁଡିମାଆ ଆସିବେ ?? ନା, ନା, ବୋଉ ତୁ ଯାହା କରୁଛୁ କର ପଛେ, ଖୁଡିମାଆ ଙ୍କୁ ଫୋନକରି ମନା କରିଦେ ଆସିବାକୁ । ବୋଉ ଟିକିଏ ହସି କହିଲା, ଖୁଡିମାଆ ସାଙ୍ଗରେ ତୋର କଣ ପ୍ରୋବ୍ଲେମ୍ ? ପିଲା ଦିନ କଥା ସବୁ ଭୁଲିଗଲୁ ? କେତେ ଭଲ ପାଆନ୍ତି ତୋତେ, କେତେ ଗେହ୍ଲା କରନ୍ତି । କୋଳରେ ବସେଇ ତୋତେ ଖୋଇ ଦିଅନ୍ତି । ତାଙ୍କ ହାତ ରନ୍ଧା ଚୁନାମାଛ ବେଷର ହେଉ କି ଛୁଞ୍ଚିପତର ଚକୁଳି ପିଠା, ତୋର ପସନ୍ଦ ବୋଲି ଯେବେ ବି ଗଲେ, ତୋ ପାଇଁ ସେ ନିଶ୍ଚୟ ରାନ୍ଧନ୍ତି । ଆଙ୍ଗୁଠି ଚାଟି ଚାଟି ମାଛ ବେଷର ଖାଇବା କଥା ଭୁଲିଗଲୁ ? ରାତିରେ ତୋତେ ପାଖରେ ଶୋଇ କେତେ ଗପ କହନ୍ତି । ମାଆ, ଖୁଡିମାଆଙ୍କ କଥା କହୁଥାଏ, ଆଉ ସେ ଦୃଶ୍ୟ ସବୁ ସିନେମା ଦେଖିଲା ଭଳି ମୋ ଆଖି ଆଗରେ ଭାସି ଯାଉଥାଏ । ସତରେ ବୋଉ ପରେ ସେଇ ଗୋଟିଏ ମଣିଷ ଖୁଡିମାଆ, ଯିଏ ପାଖରେ ଥିଲେ ବୋଉ ପାଖରେ ଥିଲା ପରି ଲାଗେ । ନିଜ ଜେଜେ ମାଆଙ୍କୁ ତ କେବେ ଦେଖିନି, ପିଲାଟି ଦିନରୁ ଏଇ ଖୁଡିମାଆକୁ ହିଁ ଜାଣିଛି ଆଉ ଦେଖିଛି । ବୋଉ କହେ ଆମେ ସବୁ ଜନ୍ମ ହେଲା ଠାରୁ ଆରମ୍ଭ କରି ବର୍ଷକର ହେବା ପର୍ଯ୍ୟନ୍ତ ଏଇ ଖୁଡିମାଆ ଆମକଥା ବୁଝୁଥିଲା । ସକାଳ ତେଲ ଘସା ଠାରୁ ଆରମ୍ଭ କରି ଆମର ଗାଧୁଆ, ଖାଇବା ସବୁ କାମ ସେଇ ହିଁ କରୁଥିଲା, ତାରି କୋଳରେ ଝୁଲି ଝୁଲି ଆମେ ଶୋଇଯାଉ । ଭାରି ସ୍ନେହି ସେଇ ଖୁଡି ମାଆ । ଖୁଡିମାଆକୁ ଆମେ ସମସ୍ତେ ଭଲ ପାଉ ସମ୍ମାନ କରୁ, କିନ୍ତୁ ତାର ସେଇ ସକାଳ

ISSN NO.
2582-208X

ପାଞ୍ଚଟାରେ ଉଠି ଠାକୁର ଘରେ ଘଣ୍ଟି ବଜେଇବାଟା ଆମ ସମସ୍ତଙ୍କ ପାଇଁ କାଳ ହୋଇଯାଏ, ତା' ଛଡା ସକାଳ ଚାହା, ବେଡ ଟି ଟୋପେ ପିଇବାକୁ ବି ସବୁ ଦିନ ସକାଳୁ ଉଠି ସକାଳୁ ଦାନ୍ତ ଘସିବାକୁ ପଡିବ ।

ମାଆ କଥାକୁ ଆମେ ସମସ୍ତେ ମନ୍ତ୍ରମୁଗ୍ଧ ହୋଇ ଶୁଣୁଥିଲୁ ଆଉ ଅତୀତରେ ହଜି ଯାଇଥିଲୁ। ଏଇ ସମୟରେ ଖୁଡିମାଆର ଫୋନ ଆସିଗଲା । ସେ ଗାଆଁରୁ ବସରେ ବସି ଗଲେଣି । ପାଞ୍ଚଟା ବେଳେ ପହଞ୍ଚି ଯିବେ । ବଡ ଭାଇକୁ ବସଷ୍ଟାଣ୍ଡ ପଠେଇବାକୁ କହିଛି । ବୋଉ ଭାଇକୁ କହିଲା, ତୁ ଟିକିଏ ଆଗୁଆ ଯାଇ ବସଷ୍ଟାଣ୍ଡରେ ଅପେକ୍ଷା କରିଥିବୁ । ବୁଢୀ ମଣିଷ ଏକୁଟିଆ ହଇରାଣ ହୋଇଯିବେ ନହେଲେ । ତୁମେ ତ ଜାଣିଛ, ସେ କେବେ ଖାଲି ହାତରେ ଆସିବେନି ? ଆସିଲା ବେଳେ ତାଙ୍କ ସାଙ୍ଗରେ କେତେ ଦରବ ନେଇକି ଆସିଥିବେ । ବାଡି ସଜନା ଛୁଇଁ, ବାଡିର ତାଜା ଶାଗ ବାଇଗଣ କଞ୍ଚାଲଙ୍କା, ତୋ ବାପାଙ୍କୁ ଭଲ ଲାଗେ ବୋଲି ଭଜା କୋଳଥ ଡାଲି, ଦେଶି ମୁଗ, ଭଜା ହରଡ ଡାଲି, ତାମ୍ପଡା ସୁଖୁଆ, ଆହୁରି କେତେ କଣ ଭରିଥିବ ତାଙ୍କ ବସ୍ତାରେ ।

ଆରେ ହଁ, ତୁ ତାଙ୍କୁ ଦେଖିଲେ ଚିହ୍ନି ପାରିବୁଟି, ମାଆ ବଡ ଭାଇକୁ ପଚାରିଲା । ଭାଇ ଟିକିଏ ହସିଦେଇ କହିଲା, ମୁଁ ଚିହ୍ନି ନପାରିଲେ କଣ ହେଲା ? ସେ ମୋତେ ନିଶ୍ଚୟ ଚିହ୍ନିନେବ, ତୁ କଣ ଜାଣିନୁ, ତାଙ୍କ ମେମୋରି ତୋ ଠାରୁ ବି ବହୁତ ବେଶି । ଆମ ସମସ୍ତେ ଏକା ବେଳେ ହୋ ହୋ ହୋ ହୋଇ ହସି ଉଠିଲୁ ।

***#***

ପଟିଆ, ଭୁବନେଶ୍ୱର

ଅକ୍ଟୋବର -୨୦୨୪
www.vedantimagazine.com
ISSN NO.
2582-208X

# ହସିବାର କଳା ଆଣିନି ଜନ୍ମ ରୁ



ନିରୁପମା ପଟେଲ

ହସିବାର କଳା ଆଣିନି ଜନ୍ମ ରୁ
ପାଇଛି ତାକୁ ମୁଁ ଏଇଠୁ
ସରଗର ସୁଖ ଜାଣି ମୁଁ ନଥିଲି
ଅନୁଭବିଛି ମୁଁ ତୁମଠୁ ।

ପ୍ରଭୁ ପାଦେ କେବେ ମନ ଲାଗିଗଲା
ଜଣା ପଡିଲାନି ମତେ
ଧିରେ ଧିରେ ମନ ଜାଗ୍ରତ ହେବାରୁ
ସମାହିତ ହେଲି ସତେ
ମୁଁ ସମାହିତ ହେଲି ସତେ।

ଭକ୍ତିର ମାର୍ଗରେ କେବେ ପ୍ରେମର ମାର୍ଗରେ
ଖୋଜିଛି ତୁମକୁ କେତେ
ଅନ୍ଧାର ରାତ୍ରିରେ କାଳ ବୈଶାଖୀ ରେ
ପୁଣି ବରଷା ଧାରାରେ ସତେ।

ପ୍ରତିଟି ହୃଦୟେ ତୁମକୁ ଲଭିଛି
ଆହେ ପ୍ରଭୁ ବିଶ୍ୱହରି
ତୁମ ପୂଜାର୍ଚ୍ଚନା ଦିବ୍ୟ ଭାବନା
ମୋ ପ୍ରାଣରେ ଯାଇଛି ଭରି ।

ISSN NO.
2582-208X

ରାଧା କୃଷ୍ଣ ପ୍ରେମ ଆହାକି ମଧୁର
ସଂସାରରେ ସାର ଏହି
ଥରେ ପଡିଗଲେ ତୋ ପ୍ରେମରେ
ସତେ ଆଉ କିଛି ଲୋଡ଼ା ନାହିଁ ।

ଇଚ୍ଛା ହୁଏ ପ୍ରଭୁ ତୁମରି ରଙ୍ଗରେ
ରଙ୍ଗାୟିତ ହୋଇ ଯିବି
ତୁମ ନାମ ଗାଇ ଧରାଧାମେ ମୁହିଁ
ସଂସାରରୁ ତରିଯିବି ।

ପ୍ରେମ ଘୃତେ ପ୍ରଭୁ ଜୀବନ ଦୀପକୁ
ନିଇତି ଜାଳଇ ମୁହିଁ
ଭକ୍ତି ପୁଷ୍ପାଞ୍ଜଳି ତୁମ ପାଦେ ଢ଼ାଳି
ଜୀବନକୁ ନିଏଁ ବାହି ।

ନୁହେଁ ରାଧା ରାଣୀ ନୁହେଁ ମୁଁ ମୀର
ନୁହେଁ ଦ୍ୱାପର ର ଗୋପୀ
କେମିତି ବନ୍ଧନେ ପଡ଼ିଅଛି କାହା
ତୁମଠି ନିଜକୁ ଦେଇଛି ରୋପି ।

ଜାଗ୍ରତରେ ଖୋଜେ ନିଦ୍ରାରେ ମୁଁ ହଜେ ଦିବ୍ୟ ଜ୍ୟୋତି ପାଇବାକୁ
ହରିନାମ ଗାଇ ତୋ ରୂପକୁ ଚାହିଁ
ସମର୍ପି ଦେଇଛି ନିଜକୁ
ମୁଁ ତୋ ପାଖେ ସମର୍ପି ଦେଇଛି ନିଜକୁ। ।

ବଲାଙ୍ଗୀର

ISSN NO.
2582-208X

# ଗଣପର୍ବ ନୂଆଁ ଖାଇ



ମନ୍ଦାକିନୀ ପାଢୀ

ଶରଦ ସମ୍ଭାର ନିର୍ମଳ ଆକାଶେ
ମେଘ ଥାଏ ଭାସମାନ
ଭାଦ୍ରବ ମାସର ଶୁକ୍ଳପଞ୍ଚମୀ ରେ
ନୂଆଁ ଖାଇ ଆଗମନ ।

କିରି କିରି ହୋଇ କାଶତଣ୍ଡୀ ହସି
ବୁଣୁଛି ଆଜି ମୁରୁଜ
ଗହଳିଆ ଶାଗୁଆ କ୍ଷେତରେ ହସେ
ଖୁସି ଖୁସିରେ ସୂରୁଜ ।।

ନୂଆ ନୂଆ ଶସ୍ୟକ୍ଷେତ୍ରରେ ଭରୁଛି
ଚାଷୀ ମାନଙ୍କ ଅମାର
ମାଁ ସମଲେଶ୍ୱରୀଙ୍କ ଆଶିର୍ବାଦର
କୃପା ପାଆନ୍ତି ଅପାର ।।

ଭାଇଚାରାର ସଂପର୍କରେ ବନ୍ଧନ
ଅଟେ ଯୁଗର ଯୁଗର
ପଶ୍ଚିମ ଓଡ଼ିଶାର ଗଣପର୍ବ ଏ ନୂଆଁ ଖାଇର ତିହାର ।।

ISSN NO.
2582-208X

ନବାନ୍ନ ଆସରରେ ଲକ୍ଷ୍ମୀ ମାଆଙ୍କ
ପର୍ବ ହୁଅଇ ପାଳନ
ପରବ ନୁହେଁ ସଂପର୍କର ସେତୁଟେ
ଗାଥା କଥା ମାଁ ମାଟିର ।।

ନିଜର ସଂସ୍କୃତି ନିଜର ଭାଷାରେ
ପଶ୍ଚିମ ଭୂଇଁ ମହାନ
ଗର୍ବ କରଇ ସେ ସ୍ୱତଃସ୍ଫୁର୍ତ୍ତଭାବେ
ଭାଇଚାରା ବଳିୟାନ ।।

ସୁଖ ଶାନ୍ତି ମୈତ୍ରୀ ଆନନ୍ଦରେ ଭରା
ପବିତ୍ର ଏ ଧରାଧାମ
ନବାନ୍ନ ଅନ୍ନ ସାଥେ ଖିରିପୂରିରେ
ନବବସ୍ତ୍ର ପରିଧାନ ।।

ସୁମରନ୍ତି ମାଆ ସମଲେଶ୍ୱରୀଙ୍କୁ ପିଠାପଣା ଗଢାହୁଏ
ଏକାଠି ବସି ଭୋଜନ କରିଥାନ୍ତି
ମନ ହରଷ ଯେ ଥାଏ ।।

ବଡ଼ ଙ୍କୁ ସାନର ପ୍ରଣାମ ଗୋଟିକ
ବାନ୍ଧି ଦିଏ ପ୍ରୀତି ଡ଼ୋର
ସାନଙ୍କୁ ଶୁଭେଚ୍ଛା ଦେଇଥାନ୍ତି ବଡ଼
ଇଏ ନୂଆଁ ଖାଇ ଜୁହାର ।।

ରାଜନୀତି ବିଜ୍ଞାନ ଅଧ୍ୟାପିକା
ପଦ୍ମପୁର, ବରଗଡ଼

ISSN NO.
2582-208X

# ପ୍ରଭାତ



ପ୍ରଦୀପ କୁମାର ସିଂହଦେଓ

ହରଷିତ କରେ
ବିହଙ୍ଗ ସଙ୍ଗୀତ
ଆହା କି ମଧୁର ସ୍ୱନ
କଳରବ କରି
ଉଡିଯାନ୍ତି ଖରେ
ଅନନ୍ତ ନୀଳ ଗଗନ ।

ପ୍ରଭାତୀ କୁସୁମ
ସଜାଏ ହରଷେ
ସଦା ପ୍ରସନ୍ନ ବଦନ
ଢାଳି ଦିଏ ପ୍ରାଣେ
ଅସୀମ ଉଲ୍ଲାସ
ପ୍ରଫୁଲ୍ଲିତ କରି ମନ ।

ଶୀତଳ ପବନ
ବହିଯାଏ  ଧୀରେ
ହୃଦୟେ ଆନନ୍ଦ ଭରି

ISSN NO.
2582-208X

ଶଯ୍ୟା ଛାଡି ବେଗେ
ଉଠନ୍ତି ସରବେ
ନୂତନ ଜୀବନ ପାଇ ।

ଲୋହିତ ବରଣେ
ପୂର୍ବାକାଶେ ରବି
ପ୍ରକଟେ ଶୋଭା ସୁନ୍ଦର
ସ୍ୱର୍ଣ୍ଣରେଣୁ ଢାଳି
ଶାନ୍ତ ଧରା ଧାମେ
ପ୍ରକାଶେ କାୟା ନିଜର ।

କର୍ମ ସମ୍ପାଦନେ
ନର ନାରୀ ବୃନ୍ଦ
ମନେ ପୁଲକ ଭରି
ହୁଅନ୍ତି ତତ୍ପର
ନିଜ ନିଜ କର୍ମେ
ବିଭୁ ପଦେ ଆଶ୍ରା କରି ।

ଜୀବନର ଚକ
ଗଡ଼ି ଚାଲେ ଖରେ
ଅତୀତରୁ ଶିକ୍ଷା ନେଇ
ନବ ଉଦ୍ଦୀପନା
ନୂତନ ଚେତନା
ମନେ ଦୃଢ଼ ଆଶା ଭରି ।

ISSN NO.
2582-208X

ସକଳ ପଦାର୍ଥ
ମଧ୍ୟେ  ପ୍ରଭୁ ସତ୍ତା
ପୂରି ରହିଅଛି ଭରି
ଜୀବର କଲ୍ୟାଣେ
ସେ ପରମ ଶକ୍ତି
ନିରନ୍ତରେ ଅଛି ରହି  ।

ସୋଉନ୍ଦର୍ଯ୍ୟ ଭରା
ଅଖିଳ ବ୍ରହ୍ମାଣ୍ଡ
ପ୍ରଭୁଙ୍କ କରୁଣା ବଳେ
ସେ କୃପା ବାରିଧି
ଅପୂର୍ବ ବିନ୍ଧାଣି
ବନ୍ଦିତ ଏ ଭୂମଣ୍ଡଳେ ।

ମିଛ ମାୟା ଭରା
ଅନିତ୍ୟ ସଂସାର
ପୂରିଛି କେତେ ଯାତନା
ପ୍ରଭୁ ଏକା ସତ
ସୁନ୍ଦର ଶାଶ୍ୱତ
ଅଛି କିଏ ତାଙ୍କ ବିନା ।

ଗ୍ରାମ-ଇଚା, ଷଢେଇକଳା ଖରସୁଆଁ, ଝାଡଖଣ୍ଡ
ମୋ: ୮୦୮୪୪୫୯୨୦୯

ISSN NO.
2582-208X

# ପତ୍ନୀ ନାମ କେବଳ



ସୁଧାଂଶୁ ଶେଖର ଦ୍ୱିବେଦୀ

ପତ୍ନୀମାନେ ସମୟ ସମୟରେ ବଡ଼ ଅତ୍ୟାଚାରୀ ହୋଇଯାଆନ୍ତି। କିଛି କାହିଁକି ଅନେକ ବିବାହିତ ପୁରୁଷମାନେ ନିଶ୍ଚୟ ଏହାକୁ ଉପଲବ୍ଧି କରିଥିବେ। ନିଜର ବନ୍ଧୁ ବାନ୍ଧବଙ୍କ ସହିତ ଏ ବିଷୟରେ ଗୁପ୍ତ ଚର୍ଚ୍ଚା କରିଥିବେ ତଥାପି ନମ୍ପୁସକ ଭଳି କିଛି ବି ଉପାଡି ପାରନ୍ତି ନାହିଁ। ଆରେ ଉପାଡିବେ କଣ ସ୍ତ୍ରୀର ମୁଣ୍ଡ ଚୂଳକୁ ଟଚ୍ କରିପାରନ୍ତି ନାହିଁ। ହାରି ଯାଇଥିବା ସୈନିକ ଭଳି ଚୁପଚାପ୍ ପଡି ରହନ୍ତି। ପ୍ରକୃତରେ ଏହା ଏଭଳି ଏକ ରୋଗ ଯାହାର ନିଦାନ ପାଇଁ ବଇଦ କି ଡାକ୍ତରଙ୍କ ପାଖରେ କିଛି ବ୍ୟବସ୍ଥା ନଥାଏ। ଇତିହାସ ବି ସାକ୍ଷୀ ଅଛି ବଡ଼ ବଡ଼ ଶକ୍ତିଶାଳୀ ପୁରୁଷ ନିଜ ପତ୍ନୀଙ୍କ ପାଖେ ଡ଼ରକୁଳା ବିଲେଇଙ୍କ ପରି ଗୋଡ଼ ଚାରିପଟେ ଘୁରିହୁଅନ୍ତି। ସତରେ ବିବାହ ଏମିତି ଏକ ମିଠେଇ ଯିଏ ଖାଇଛି ସେ ପସ୍ତେଇଛି ଯିଏ ନ ଖାଇଛି ସେ ବି ପସ୍ତେଇଛି ।

ବିବାହ ସମୟରେ ଠିକ୍ ଲାଜକୁଳି ଲତା ଭଳି ଗଣ୍ଠିଳି ଭିତରେ ଥିବା ନୂଆ ଭୁଆଶୁଣି ବିତି ଯାଇଥିବା ଦିନ ମାନଙ୍କରେ ନିଜ ପରିଚୟ ଦେଖାଇଥାଏ। (ଏବେ ଆଉ ବିବାହ ସମୟରେ କେହି ଲାଜକୁଳି ଲତା ହେଉ ନାହାନ୍ତି କି ବିବାହ କାହ୍ନଣାର ସାତ ସୁରର ମଧୁର ମୂର୍ଚ୍ଛନା ଶୁଭୁନାହିଁ।) ଦିନ ବିତିଚାଲେ। ଦିନର ଗଣତି ହାଶାବରେ ପତ୍ନୀର ଲୁକ୍କାୟିତ ଚରିତ୍ର ପଦାରେ ଫୁଟିଉଠେ। ତା'ପରେ ଆଉକିଛି ଉପାୟ ନଥାଏ। କେବଳ ସମୟ ଅତିବାହିତ ହୋଇଯିବା ପରେ ପଶ୍ଚାତାପ ନିଆଁରେ ଜଳିବାକୁ ହୁଏ ।

ISSN NO.
2582-208X

ଚିମୁଟେ ସିନ୍ଦୁର ସିନ୍ଥିରେ ଦେଇଥିବାର ଦଣ୍ଡ ବିଚରା ପତିକୁ ଜୀବନ ସାରା ପତ୍ନୀର ଆବଶ୍ୟକତା ପୂରଣ କରିବା ଲାଗି ପ୍ରସ୍ତୁତ ହୋଇ ଊଁ କି ଚୁଁ ହୋଇପାରନ୍ତି ନାହିଁ। ସର୍ବମାନ୍ୟ ତଥ୍ୟ ଅନୁସାରେ ଏକ ନିଷ୍କର୍ଷ ଦ୍ୱାରା ଜଣାପଡିଛି ପ୍ରକୃତରେ ପତ୍ନୀମାନେ ନିଜ ପତିମାନଙ୍କୁ ଶାନ୍ତି ରେ ରହିବାକୁ ଦିଅନ୍ତି ନାହିଁ। ପତ୍ନୀର ପ୍ରତିଟି ଇଛା ପୂର୍ତ୍ତି ନିମନ୍ତେ ପତି ର କୌଣସି ବିଶେଷତାକୁ ମଧ୍ୟ ଉଚିତ ବୋଲି ମନେ କରନ୍ତି ନାହିଁ ।

ଏକ ସର୍ଭେରୁ ଜଣାପଡିଛି କେତେକ ବିରଳ ପ୍ରଜାତିର ପତ୍ନୀମାନେ ଆପାତତଃ ନିଜର ପତିଦେବଙ୍କୁ ହୃଦୟର ସହିତ ପ୍ରଶଂସା କରିଥାନ୍ତି । ତେବେ କୌଣସି ଜିନିଷ ମଗେଇବା ପାଇଁ ଲୋଭ ହେଉ କି ଅନ୍ୟ କୌଣସି ଜରୁରୀ କାର୍ଯ୍ୟ ପାଇଁ ହୋଇଥାଉ ମାଇଁ ଡିଅର, ମୋ ସୁନା, ମୋ ନାଥ ସମ୍ବୋଧନରେ ଆପ୍ୟାୟିତ କରିଥାନ୍ତି ।

ଯୌବନ ନିଶାରେ ଏସବୁ ଆଗକୁ ମାଡିଚାଲେ। ଏତେଟା ଜଣାପଡେ ନାହିଁ। କିନ୍ତୁ ଯେବେ ବୟସ ଢଳିଯାଏ ପତ୍ନୀର ଡିମାଣ୍ଡ କିଛି ପରିମାଣ ରେ ଅଧିକ ଅନୁଚିତ ମନେହୁଏ। ସେଥିପାଇଁ ବିଚରା ପତିଦେବ ଅଧିକ ଚିନ୍ତାଶୀଳ ହୋଇପଡେ। ଗୋଟେ ଉଦାହରଣ ଦେଲେ ଠିକ ଭାବେ ବୁଝିହେବ। ଧରାଯାଉ ରାତି ଗୋଟାଏରେ ଟ୍ରେନ ଯୋଗେ ଦୂର ସ୍ଥାନକୁ ଯିବାଲାଗି ପ୍ରସ୍ତୁତ ନାତିକୁ ଷ୍ଟେସନରେ ଛାଡି ଆସି ବାକୁ ପତ୍ନୀ ତାଙ୍କ ପତିକୁ ଆଦେଶ ଦେବାକୁ କୁଣ୍ଠାବୋଧ କରନ୍ତି ନାହିଁ। ପତ୍ନୀ ଏହା ମଧ୍ୟ ଜାଣିଥାନ୍ତି ତାଙ୍କ ପତି ବୟସରେ ତାଙ୍କଠାରୁ ୬-୭ ବର୍ଷ ବଡ଼। ଦୁଇ ଆଖିରେ ମୋତିଆବିନ୍ଦୁ ହେବାସତ୍ତ୍ୱେ ୭୫-୮୦ ବର୍ଷ ଆୟୁଷରେ ଅଧରାତିରେ ଘରକୁ ଫେରିବା କେତେ ଯେ କଷ୍ଟଦାୟକ ତାହା କେବଳ ତାଙ୍କ ପତି ହିଁ ଜାଣିଥିବେ। ଯଦ୍ୟପି ଏହିପରି ଆଦେଶ ପତ୍ନୀ ନିଜ ପତିଙ୍କ ଉପରେ ବାରମ୍ବାର ବଳବତ୍ତର ରଖନ୍ତି ପୁଣି ସ୍ୱୟଂ ବୟସର ଉଦାହରଣ ଦେଇ ସୋଫାରୁ ଉଠିବାକୁ ଇଚ୍ଛା କରନ୍ତି ନାହିଁ।

କୌଣସି ବୟସ ସୀମା ମଧ୍ୟରେ ପତ୍ନୀମାନଙ୍କ ମନକୁ ପଢିବା, ସେମାନଙ୍କ ମନୋଦଶାକୁ ଚିହ୍ନିବା ଏତେ ସହଜ ନୁହେଁ।ତେବେ ବୟସାଧିକ୍ୟରେ ପତ୍ନୀଠାରୁ ବୟସରେ ବଡ଼ ପତିଙ୍କୁ କେବେ ଥକ୍କା, ଚିନ୍ତା କି ଅନେକ ସମସ୍ୟାର ସମ୍ମୁଖୀନ ହେବାକୁ ପଡେ। ତଥାପି ପତି

ISSN NO.
2582-208X

ମାନଙ୍କ ନିର୍ମାଣରେ ପତ୍ନୀମାନଙ୍କର ଭୂମିକା ବହୁତ ପୁରାତନ ଏବଂ ଗୁରୁତ୍ୱପୂର୍ଣ୍ଣ ଅଟେ। ପତ୍ନୀମାନଙ୍କ ପାଇଁ ପତିମାନେ ବଳଦ ସଦୃଶ ବହୁତ କିଛି ସହିଥାନ୍ତି। ସହି ସହି ଇତିହାସ ବି ରଚି ଯାଇଛନ୍ତି। ଏବେବି ପତିମାନେ ସେଇ ପୁରୁଣା ପରମ୍ପରାକୁ ଉଜ୍ଜୀବିତ କରିବାକୁ ବଳଦ ପରି ଦିନରାତି ଦୌଡୁଛନ୍ତି ।

ତୁଳସୀ ଦାସ, କାଳି ଦାସ, ରଇ ଦାସ, ବଳରାମ ଦାସ, ଆଦି ଦାସ ମାନଙ୍କ ପତ୍ନୀମାନେ ସେମାନଙ୍କ ଭାଗ୍ୟରେ ଏଭଳି ହାତୁଡି ପିଟିଲେ ଯେ କାଳକ୍ରମେ ସେମାନେ କାଳଜୟୀ ହୋଇଗଲେ। ସେମାନଙ୍କ ଭାଗ୍ୟ ବେଲୁନ୍ ଭଳି ଫୁଲି ଉଠିଲା। ବୁଦ୍ଧିମତାର ଘୋଡା ଟପ୍ ଟପ୍ ହୋଇ ଦୌଡ଼ିଲା। ସେମାନେ ଏମିତି କଣ ଲେଖିଦେଲେ ଯେ ସମସ୍ତେ ପଢୁ ପଢୁ ପଢ଼ାରେ ମଜ୍ଜିଗଲେ ।

ସତରେ ପତ୍ନୀମାନେ ଏଇଭଳି ଚମତ୍କାର କରିଥା'ନ୍ତି। ପତିମାନଙ୍କ ପ୍ରତି କେବଳ ଅତ୍ୟାଚାର କରି ନଥାନ୍ତି ବରଂ ପତିମାନଙ୍କ ଭାଗ୍ୟର ବନ୍ଦ ଢ଼ାଙ୍କୁଣୀକୁ ମଧ୍ୟ ଖୋଲି ଦେଇଥାନ୍ତି। ଏହା ବି ହୋଇପାରେ ପ୍ରତି ବଦଳରେ ପତିମାନଙ୍କ ଦ୍ୱାରା ଲୁଗା ସଫା କରାନ୍ତି, ଆଇରନ୍ ଦିଆ କରାନ୍ତି । ଘର ଓଳେଇବା, ଘର ଲିପା-ପୋଛା କରେଇବା ଏବଂ ଅନେକ ସମୟରେ ରୋଷେଇ କରିବାକୁ ବରାଦ କରନ୍ତି। ପତ୍ନୀମାନ ଙ୍କର ରାଗ ୭ମ ସ୍କେଲ୍ ଧରିଗଲେ ପତିମାନଙ୍କୁ ବେଲଣା ବାଡିରେ ଦୁଇ-ଚାରି ପାହାର ପକେଇବାକୁ ମଧ୍ୟ କୁଣ୍ଠାବୋଧ କରନ୍ତି ନାହିଁ। ଏତେପରେ ବି ପତି ବିଚରା ନିଜ ଘା'ରେ ନିଜେ ମଲମ ଲଗାଏ । ନିଜ ଡାକ୍ତର ନିଜେ ହୋଇଯାଏ। ପତ୍ନୀମାନେ ସେମାନଙ୍କ ଘା'କୁ ଉଖାଡ଼ନ୍ତି। ତା' ଉପରେ ମସଲା ପେଶନ୍ତି। ତଥାପି ପତିମାନଙ୍କର ଆସ୍ଥା ସଂପୂର୍ଣ୍ଣ ରୂପେ ପତ୍ନୀମାନଙ୍କ ଉପରେ ଲାଖି ରହିଥାଏ। ପତି ମାନେ ପତ୍ନୀଙ୍କ ଭକ୍ତିରେ ଲୀନ ହୋଇଯା'ନ୍ତି। ଜଣେ ପତ୍ନୀଭକ୍ତ ପତି ଜୀବନରେ ସଦୈବ ଖୁସିରେ ଦିନ ବିତାଏ। ତାଙ୍କୁ କେବେ ବି ଅଭାବ ଅସୁବିଧାର ସମ୍ମୁଖୀନ ହେବାକୁ ପଡେନାହିଁ। ଜଣେ ଆଦର୍ଶ ପତିର ସର୍ବାଙ୍ଗୀନ ବିକାଶ ସେଇବେଳେ ସମ୍ଭବ ହୁଏ ଯେବେ ସେ ବାହାର କାର୍ଯ୍ୟ ସହ ଘରୋଇ କାର୍ଯ୍ୟକୁ ସୁଚାରୁ ରୂପେ ଦକ୍ଷତାର ସହିତ କରି ଥାଏ। ତା'ର ଦକ୍ଷତା ଅଇଁଠା ବାସନ ଓ ମଇଳା ଲୁଗା ସଫା କରିବା ରେ ପରିଷ୍କାର ଦେଖାଯାଏ ।

ISSN NO.
2582-208X

ପତ୍ନୀର ସେବାଭାବ ହିଁ ଗୃହସ୍ଥ ଗାଡିର ପେଟ୍ରୋଲ। ଯଦି ପତିପତ୍ନୀର ସେବା କରିବ ନାହିଁ ତାହେଲେ ଗୃହସ୍ଥ ଗାଡି ଗୋଟେ ଇଞ୍ଚ ଆଗକୁ ଆଗେଇ ପାରିବ ନାହିଁ। ଗୃହସ୍ଥ ଗାଡିକୁ ଚଳେଇବାକୁ ହେଲେ ପତ୍ନୀ ସେବାରେ କୌଣସି ଊଣା ଭାବ ରଖିବା ଔଚିତ୍ୟ ନୁହେଁ। ପତ୍ନୀର ଆଶୀର୍ବାଦ ଓ କୃପା ଯେଉଁ ପତିକୁ ଥରେ ମିଳିଯାଏ ତାକୁ ଜୀବନ ସାରା ଶାନ୍ତି, ତୃପ୍ତି, ସନ୍ତୋଷ ଭଳି ମହାସୁଖ ପ୍ରାପ୍ତ ହୋଇଯାଏ। ପତିର ସାମାନ୍ୟ କୌଣସି ଭୁଲ ହେଲେ ପତ୍ନୀଠାରୁ ତତ୍କାଳ କ୍ଷମା ମାଗି ନେବା ସବୁଠୁ ବଡ଼ପଣରେ ସାମିଲ ହୁଏ। ପତ୍ନୀକୁ କ୍ଷମା ମାଗୁଥିବା ପତି ମାନଙ୍କର ଭାଗ୍ୟ ପଥର ତଳେ ଚାପିହୋଇ ଥିଲେ ବି ଖୁବ୍ ଶୀଘ୍ର ଖୋଲିଯାଏ। ସେମାନଙ୍କ ଉନ୍ନତିର ମାର୍ଗ ପ୍ରଶସ୍ତ ଓ ସୁବିଧା ଜନକ ହୋଇଥାଏ। ପ୍ରତ୍ୟେକ ପତିମାନଙ୍କୁ ଧ୍ୟାନଦେବା କଥା ପତ୍ନୀର ସହଯୋଗ ବିନା ଉବାର ଢ଼ାଙ୍କୁଣୀ ଖୋଲିବା ଅସମ୍ଭବ। ନିଜ ଭାଗ୍ୟର ତାଲାଖୋଲିବା ପାଇଁ ଆତୁର ପତିମାନଙ୍କୁ ପତ୍ନୀର ସ୍ତୁତି ଗାନ କରିବାକୁ ପଡିଥାଏ। ଅନ୍ୟଥା ସେମାନଙ୍କର ଉଦ୍ଧାର ସମ୍ଭବ ନୁହେଁ। ପତିମାନଙ୍କୁ ଅତୀତରୁ ଶିକ୍ଷା ନେବା ନିହାତି ଦରକାର ଯେ ସେମାନଙ୍କ ସଫଳତା ପଛର ହାତ କେବଳ ବାକ୍ୟର ନୁହେଁ ବରଂ କାର୍ଯ୍ୟରେ ପରିଣତ ହୋଇଥାଏ। ତା' ପଛରେ ବି ମଜବୁତ୍ ଲଜିକ୍ ଥାଏ ଏବଂ ସେହି ଲଜିକ୍ ମଧ୍ୟରେ ଅଦ୍ଭୁତ ପ୍ରକାର ମ୍ୟାଜିକ୍ ଥାଏ। ଗୃହସ୍ଥ ଜୀବନର ଗଣିତକୁ ଏହି ଲଜିକ୍ ର ମ୍ୟାଜିକ୍ ଦ୍ୱାରା ସଲ୍ଭ କରା ଯାଇଥାଏ। ତାପରେ ପତି ନାମକ ପ୍ରାଣୀର ଉତଥାନ ଏବଂ କଲ୍ୟାଣ ଭବ ହୋଇଥାଏ। ଯୁଗ ପରେ ଯୁଗ ବିତିଗଲାଣି କିନ୍ତୁ କୈକେୟୀ ଦ୍ୱାରା ପ୍ରଚଳିତ କୋପ ଭବନକୁ ଯିବାର ପରମ୍ପରା ଏହି ପତ୍ନୀମାନଙ୍କୁ ଆଜି ମଧ୍ୟ ଧାରା ପ୍ରବାହ ରୂପେ ଆପଣାର କରି ଆଗେଇ ଚାଲିଛି। ପତି ମଧ୍ୟ ପତ୍ନୀର ଆଦେଶକୁ ଶିରୋଧାର୍ଯ୍ୟ କରି ସବୁକିଛି ସହିଯିବାକୁ ପଣ କରି ଭବିଷ୍ୟତର ସ୍ୱପ୍ନ ବୁଣି ବୁଣି ଆଗକୁ ଧବମାନ ହେଉଛନ୍ତି।

ବିସି-୭୪, ସେକ୍ଟର-୧,
ସଲ୍ଟ ଲେକ୍, କୋଲକତା
email-dwibedysudhansu@gmail.com

ISSN NO.
2582-208X

# ରାଧାନାଥ ରାୟ



ଡକ୍ଟର ସୀମାଞ୍ଚଳ ପ୍ରଧାନ

ତୁମେ ରାଧାନାଥ ବଙ୍ଗାଳୀଙ୍କ ସୁତ
ଜନମି କେଦାର ପୁରେ
ତୁମ ଲେଖାମାନ ହୋଇଲା ମହାନ
ଏହି ଓଡ଼ିଶା ଭୂଇଁରେ ।

ଉପେନ୍ଦ୍ର ଭଞ୍ଜଙ୍କ ରଚନାକୁ ଭାଙ୍ଗି
ଲେଖିଗଲ ବହୁ କାବ୍ୟ
ସାଧାରଣ ନର ନାରୀ ମାନେ ପଢ଼ି
ହେଉଛନ୍ତି ଏବେ ଭବ୍ୟ ।

'କେଦାରଗୌରୀ'କୁ ପ୍ରଥମେ ଲେଖିଲ
ପ୍ରେମର ବାରତା ଦେଇ
'ଚନ୍ଦ୍ରଭାଗା'ହେଲା ରୂପରେ ଅତୁଳା
ତାହାର ତୁଳନା ନାହିଁ ।

ସତ୍ୟବାଦୀ ଗୋଷ୍ଠୀ ତୁମକୁ ନିନ୍ଦିଲେ
'ନନ୍ଦିକେଶ୍ୱରୀ'ର ପାଇଁ

ISSN NO.
2582-208X

ପ୍ରେମ ପାଗଳିନୀ ହୋଇଲା ନନ୍ଦିକା
ରାତି ତା'କୁ କଲା ବାଇ ।

'ପାର୍ବତୀ' କାବ୍ୟ କୁ ଭ୍ରୂକୁଞ୍ଚନ କଲେ
ଓଡ଼ିଆ ପାଠକ ଗଣ
ସତ୍ୟ ଘଟଣାକୁ କାବ୍ୟ ମାଧ୍ୟମର
ଲେଖି ଥିଲ ପୁନଃ ପୁନଃ ।

ଆଜିର ଦିନରେ ପିତା ସଙ୍ଗେ କନ୍ୟା
କରୁନାହାନ୍ତି କି ପ୍ରୀତି
ତୁମେ ରାଧାନାଥ ସେହି କଥା ଲେଖି
ହରାଇଲ ତୁମ ମତି ।

ରାଧାନାଥ ପରି କବିଟି ପାଇବା
ଏହି ସଂସାରେ ଦୁର୍ଲଭ
ଆଜିର କବିତା ନୁହଁଇ ନିରୁତା
ନାହିଁ ବୋଲି ସେହି ଭାବ ।

ତୁମେ ରାଧାନାଥ ଲେଖିଥିଲ ସତ୍ୟ
ଏହି ସମାଜକୁ ଦେଖି
ସତ୍ୟବାଦୀ ଗୋଷ୍ଠୀ କାହିଁକି ଜାଣିବେ
ତୁମର ଏ କରାମତି ।

ନଗମ ନଗର-୩ୟ ଗଳି
ଆଙ୍କୁଲି, ବ୍ରହ୍ମପୁର -୧୦
ମୋ: ୬୩୭୨୯୯୪୫୪୫

ISSN NO.
2582-208X

# ଆଞ୍ଜୁଳାଏ
# ଗାନ୍ଧୀଗୀତ



ସୁଜିତ୍ କୁମାର ମିଶ୍ର

ଅହିଂସା

ଆପଣେଇ ଥିଲେ ଅହିଂସା ଅସ୍ତ୍ର ସେ
ଆଣିବାକୁ ସ୍ୱାଧୀନତା,
ହିଂସ୍ରଜନ୍ତୁଙ୍କର ହେଣ୍ଟାଳରେ ଏବେ
ସାରାଦେଶ ହଟହଟା ।

ସମୟ

ଘଣ୍ଟା ଖୋସୁଥିଲେ ଅଣ୍ଟାରେ ଯତ୍ନେ ସେ
ସମୟର ରଖି ମାନ ,
ବିଳମ୍ବେ ସଭାରେ ପହଞ୍ଚି ହସନ୍ତି
ଏବେ ନେତା ଭଗବାନ ।

ISSN NO.
2582-208X

ସତ୍ୟ

ସତ୍ୟର ପଥରୁ ଝୁଙ୍କି ନଥିଲେ ସେ
ଗୋରାଙ୍କର ଲାଠି ଖାଇ,
ଏବେ ନେତାସବୁ ମିଥ୍ୟାର ପାହାଡ
ସୁରକ୍ଷା ବଳୟେ ଥାଇ ।

ସ୍ୱଦେଶୀ

ନାରା ଦେଇଥିଲେ ବିକାଶ ନିମନ୍ତେ
କୁଟି ଖାଇ କାଟି ପିନ୍ଧ,
ଦେଖ ଆମେ ଏବେ ପାଶ୍ଚାତ୍ୟ ପ୍ରୀତିରେ
ଉଦ୍ଧତ ମାରଣା ଷଣ୍ଢ ।

ପଦଯାତ୍ରା

ବୁଣିଥିଲା ତାଙ୍କ ଦୀର୍ଘ ପଦଯାତ୍ରା
ଦେଶେ ପ୍ରୀତି ଜାଗରଣ
ନେତାଙ୍କର ଏବେ ପଦଯାତ୍ରା ଲକ୍ଷ୍ୟ
କ୍ଷମତାର ସିଂହାସନ ।

ଜନାର୍ଦ୍ଦନପୁର ଶାସନ
କେନ୍ଦୁଝର
୭୬୮୩୮୬୬୬୪୨

ISSN NO.
2582-208X

# ଆଧୁନିକ ଓଡ଼ିଆ ସାହିତ୍ୟରେ ରୋମାଣ୍ଟିକ କାବ୍ୟ ଧାରାର ପ୍ରତିଫଳନ



ସ୍ୱାତୀ ସୁଚରିତା ପ୍ରିୟଦର୍ଶିନୀ

All the great writers were romantic in their day – Racineet Shakespeare

ବିଚିତ୍ରବର୍ଣ୍ଣା ପ୍ରକୃତିର ବିପୁଳ ଆଲେଖ୍ୟ ଓ ତାକୁ ନୂଆ ନୂଆ ରୂପରେ ଦେଖିବାର ଅନନ୍ୟତ ମଧ୍ୟରେ ରୋମାଣ୍ଟିକ କବିତା ପକ୍ଷ ମେଲି ବସିଚି । ସପ୍ତଦଶ ଶତାବ୍ଦୀରେ 'ରୋମାନସ୍' ଶବ୍ଦରୁ ରୋମାଣ୍ଟିକ ଶବ୍ଦର ସୃଷ୍ଟି । ମିଥ୍ୟା ଓ କାଳ୍ପନିକ ବିଷୟବସ୍ତୁକୁ ବୁଝାଇବା ପାଇଁ ରୋମାଣ୍ଟିକ ଶବ୍ଦର ବ୍ୟବହାର ହେଉଥିଲା । ଅଷ୍ଟାଦଶ ଶତାବ୍ଦୀରେ ରଚିତ ନାନା ବର୍ଣ୍ଣବୈଚିତ୍ରମୟ ସାହିତ୍ୟକୁ 'ରୋମାଣ୍ଟିକ ସାହିତ୍ୟ' କୁହାଯାଏ। ରୋମାଣ୍ଟିକ ଶବ୍ଦର ଅର୍ଥ ଭାବେ ସାହସିକତାବାଦ/ ପୁଲକବାଦ ପ୍ରଭୃତି ଶବ୍ଦଗୁଡ଼ିକ ସୃଜନଶୀଳତା ପ୍ରକାଶ କରିଥାଏ। ବିସ୍ମୟ ଓ ଆନନ୍ଦର ଉଦବୁଦ୍ଧ ଚିନ୍ତାଧାରାକୁ ସଂପ୍ରସାରଣ କରିବାର ଅଭିଳାଷ ରଖେ ରୋମାଣ୍ଟିକ ଚେତନା । କଳ୍ପନା ପ୍ରବଣତା, ଅତିକ୍ରମଣ ମନୋଭାବ ଓ ରହସ୍ୟାନୁଭବର ଏକତ୍ର ମିଳନ ରୋମାଣ୍ଟିକ ଚେତନାରେ ଦେଖିବାକୁ ମିଳେ । କବି ଗୋଟିଏ ଦୃଶ୍ୟ ମଧ୍ୟରୁ ଅନେକ ଭାବର ଆହରଣ କରିବା ହିଁ ରୋମାଣ୍ଟିକ ଚେତନା । ଏହା ପ୍ରତ୍ୟେକ କବିଙ୍କ ପାଇଁ ସ୍ୱତନ୍ତ୍ରତା ବହନ କରେ । ଏହା ମଧ୍ୟରେ ଅତୀତ ପ୍ରୀତି, ପ୍ରକୃତି ପ୍ରୀତି, ପ୍ରେମ ଚେତନା, ବିଷାଦବୋଧ, ପଳାୟନ ମନୋଭାବ, ଅତିନ୍ଦ୍ରିୟ ଭାବନା ଆଦି ଗଭୀର ମାତ୍ରାରେ ପରିଲକ୍ଷିତ ହୁଏ ।

ISSN NO.
2582-208X

ରୋମାଣ୍ଟିସିଜିମ୍ ହେଉଛି ଏକ ସାହିତ୍ୟିକ ଭାବ ଯାହା ଆମ ଭିତରେ ସୁଦୂରମୋହ, ନିଃସଂଗତା, ବିଷାଦବାଦ, ଆବେଗମୟତା, ଅତିକଳ୍ପନା ଆଦି ସୃଷ୍ଟି କରିଥାଏ । ଅନ୍ୟ ଅର୍ଥରେ ଏହା ଏକ ସାହିତ୍ୟିକ ଆନ୍ଦୋଳନ ଯାହାର ମୂଳଭିତ୍ତି କଳ୍ପନାଧର୍ମିତା। ୧୭୭୦-୧୭୯୦ ମଧ୍ୟରେ ଫ୍ରାନ୍ସରେ ପ୍ରଥମେ ରୋମାଣ୍ଟିକ ଆନ୍ଦୋଳନ ଆରମ୍ଭ ହୋଇଥିଲା । ପରେ ଏହା ଇଂଲଣ୍ଡରେ ପରିବ୍ୟାପ୍ତ ହୋଇଥିଲା । ଏହା ହାଲୁକା ପ୍ରେମକଥାକୁ ନେଇ ବୁଝା ଯାଉଥିଲା କିନ୍ତୁ ପରବର୍ତ୍ତୀ ସମୟରେ ରୋମାଣ୍ଟିକ ଚେତନାକୁ ଉଚ୍ଚତର କଳ୍ପନା ପ୍ରସୂତ ଭାବେ ଗ୍ରହଣ କରାଗଲା । ଏହି ରୋମାଣ୍ଟିକ ଶବ୍ଦକୁ ନେଇ ଦୁଃସାହସିକ ପ୍ରେମଗଳ୍ପ, ଭାବପ୍ରବଣତା, ଅସମ୍ଭବ ପରିକଳ୍ପନାର ଅତିରଞ୍ଜିତ କାହାଣୀ ଓ ଅବାସ୍ତବତା ଏଥିରେ ପ୍ରଯୁକ୍ତ କରାଗଲା ।

ପ୍ରକୃତିକୁ ପ୍ରତ୍ୟାବର୍ତ୍ତନ ହିଁ ରୋମାଣ୍ଟିକ ଚେତନାର ମୂଳ ଲକ୍ଷ୍ୟ ବୋଲି ରଷୋ କୁହନ୍ତି । ଏଥିରେ ରୋମାଣ୍ଟିକବାଦର ସାମଗ୍ରିକ ସତ୍ତା ପ୍ରକଟିତ ହୁଏ ନାହିଁ । ଏହା ଏକ ଆବେଗପୂର୍ଣ୍ଣ ବିଷର୍ଣ୍ଣତା, ଖିଆଲ୍ ଅଭିପ୍ସା, ମନ୍ମୟ ଭଙ୍ଗୀ ପ୍ରାଣବନ୍ତ ହେବା ନିମିତ୍ତ ଆଗ୍ରହ ଏବଂ ପ୍ରତିକ୍ରିୟାଶୀଳ ପ୍ରବୃତ୍ତି । ଏଣୁ ରୋମାଣ୍ଟିକ ଚେତନା ଏକ ଆଶ୍ଚର୍ଯ୍ୟ ଦୁନିଆକୁ ଉନ୍ମୋଦିତ କରେ । ଏହା ଏକ ସୌନ୍ଦର୍ଯ୍ୟ ଜଗତର ସନ୍ଧାନ ଦିଏ । ଏଥିରେ ପାଠକର କଳ୍ପନା ସାମର୍ଥ୍ୟ ଅନୁଯାୟୀ ପ୍ରସାରିତ ହୋଇଥାଏ । ଯେଉଁଥିରେ ବ୍ୟଞ୍ଜନ ଓ ପ୍ରତୀକର ସଂକେତ ବିଦ୍ୟମାନ । ଫଳରେ ରୋମାଣ୍ଟିକ ଶବ୍ଦଟି ପର୍ଯ୍ୟାୟକ୍ରମେ ବ୍ୟାପକ ହୋଇଛି । ରୋମାଣ୍ଟିକ ସାହିତ୍ୟକୁ ସର୍ବଶ୍ରେଷ୍ଠ ଆନନ୍ଦଦାୟକ ସାରସ୍ୱତ ସୃଷ୍ଟି ବୋଲି Stendhal କହିଛନ୍ତି । ଏଣୁ ରୋମାଣ୍ଟିକବାଦ ସାହିତ୍ୟ ଜଗତରେ ଏକ ପ୍ରୋଟେଷ୍ଟାଣ୍ଟ ଚିନ୍ତାର ପରିବହାକ ରୂପେ କଥିତ।

ରୋମାଣ୍ଟିକ ସାହିତ୍ୟର ବୈଶିଷ୍ଟ୍ୟ ହେଉଛି ମନନ ପ୍ରଧାନ ଉଦ୍ଦାମ କୌତୁହଳ ବୋଧ, ଜୀବନର ମୌଳିକତା ସରଳତା ପ୍ରତି ସହଜ ମମତ୍ୱବୋଧ, ଐତିହ୍ୟ ପ୍ରବଣତା, ପଳାୟନବାଦ, ସୂକ୍ଷ୍ମ ରହସ୍ୟମୟତା, ପ୍ରଗାଢ଼ କଳ୍ପନା, ପ୍ରକୃତି ଅନୁରାଗ ଇତ୍ୟାଦି ।

ISSN NO.
2582-208X

ଇଂରାଜୀ ସାହିତ୍ୟରେ କଲେରିଜ୍ ଓ ୱାର୍ଡସ୍ ୱାର୍ଥଙ୍କର 'Lyrical Balled' ପ୍ରକାଶନ ଫଳରେ ରୋମାଣ୍ଟିକ ଆନ୍ଦୋଳନର ଭିତ୍ତି ସୁଦୃଢ଼ ହୋଇଥିଲା । ଶେଲୀ, ବାଇରନ୍, କୀଟସ୍, ଗେଟେ, ହ୍ୟୁଗୋ ପ୍ରଭୃତି ପାଶ୍ଚାତ୍ୟ ଜଗତର ଜଣାଶୁଣା ସଫଳ ରୋମାଣ୍ଟିକ ସ୍ରଷ୍ଟା ଭାବରେ ପରିଚିତ ହୋଇପାରିଥିଲେ । ପ୍ରକୃତରେ ଏହାର କାରଣ ଥିଲା 'କ୍ଲାସିକବାଦ' ବିରୋଧରେ ଏକ ପ୍ରତିବାଦ । ତେଣୁ ଆଙ୍ଗିକ ଓ ଆତ୍ମିକ ଶୈଳୀରେ ପରିବର୍ତ୍ତନର ସୂତ୍ରପାତ ହୋଇଥିଲା। ଏମାନେ ପ୍ରକୃତିର ନାନା ରୂପ ଓ ଦିଗକୁ ଉଦ୍ଘାଟନ କରିଥିଲେ । କିନ୍ତୁ ଏମାନଙ୍କ ବହୁ ପୂର୍ବରୁ ପ୍ରାଚ୍ୟ କବି କାଳିଦାସଙ୍କ 'ମେଘଦୂତ' ଓ 'କୁମାରସମ୍ଭବ' ରେ ପ୍ରକୃତିର ଯେଉଁ ନବ ନବ ରୂପ ଓ ଆବେଗିକ ଐଶ୍ୱର୍ଯ୍ୟ ଉଦ୍ଘାଟିତ ହୋଇଛି ତା'ର ତୁଳନା ନାହିଁ । ତଫାତ୍ ଏତିକି ଇଂରାଜୀ ସାହିତ୍ୟର ରୋମାଣ୍ଟିକ ଯୁଗର କବିମାନେ ପ୍ରକୃତିକୁ ଯେଉଁପରି ବ୍ୟକ୍ତିଗତ ଆବେଗରେ ଗ୍ରହଣ କରି ତା' ଠାରେ ବ୍ୟକ୍ତିତ୍ୱର ଆରୋପ କରିଥିଲେ; କାଳିଦାସଙ୍କ କାବ୍ୟରେ ବ୍ୟକ୍ତିତ୍ୱର ଆରୋପ କରିଥିଲେ ମଧ୍ୟ ତାହା ବ୍ୟକ୍ତିଗତ ନହୋଇ ବସ୍ତୁଗତ ଆରୋପ ହୋଇ ଉଠିଛି ।

ଶେଲୀ, ୱାର୍ଡସ୍ ୱାର୍ଥ  ରାଧାନାଥ ବା ମଧୁସୂଦନ ପ୍ରକୃତି ସହିତ ଯେଉଁପରି ଆତ୍ମୀୟତା ସ୍ଥାପନ କରି ବସିଛନ୍ତି କାଳିଦାସ ବା ଉପେନ୍ଦ୍ର ଭଞ୍ଜ ତାହା କରିପାରି ନାହାନ୍ତି । ଏହି ବିପୁଳଯଶା କବିମାନେ ସେମାନଙ୍କ ପୌରାଣିକ ଚରିତ୍ର ମାଧ୍ୟମରେ ପ୍ରକୃତି ସହିତ ସମ୍ପର୍କ ନିରୂପଣ କରିଥିବା ବେଳେ ରୋମାଣ୍ଟିକ ଯୁଗର କବିମାନେ ନିଜେ ଓ ନିଜ ମାନସିକତା ମଧ୍ୟରେ ପ୍ରକୃତିକୁ ଅବଲମ୍ବନ କରି ବସିଛନ୍ତି । ତେଣୁ ରୋମାଣ୍ଟିସିଜିମ୍ ସାହିତ୍ୟ ପାଇଁ ଏକ ଚିନ୍ତାଦର୍ଶକ ଭାବେ ପ୍ରତିଷ୍ଠିତ ହେଲାବେଳକୁ ପ୍ରକୃତି ସହିତ କବି ଭାବନାର ନିବିଡ଼ ଯୋଗାଯୋଗ ବେଳକୁ ବେଳ ଅଧିକ ରହସ୍ୟାଛନ୍ନ ମଧ୍ୟ ହୋଇଉଠିଛି । ତେଣୁ Carlyle ଏହି ସମ୍ପର୍କକୁ ନିରୂପଣ କରି କହିଛନ୍ତି "Romanticism is that weeps, it is the wind that wails, it is the night that shudders, the bird that flies and the flower that breathes perfume, it is the sudden gush, ecstasy grown faint, the cistern beneath the palmes, rosy

ISSN NO.
2582-208X

hopes with her thousand loves, the angel and the pearl, the white robe of the willows. It is the infinite and the starry" । ଅର୍ଥାତ୍ ଦୂର ଆକାଶର ମିଞ୍ଜି ମିଞ୍ଜି ତାରକା କିମ୍ବା ଦୂର ତାଳବନର ଛାୟା ପ୍ରତିବିମ୍ବିତ ହେଉଥିବା ଜଳାଧାର, ତୁହିନର ଧଳା ଚାଦର ଆବୃତ୍ତା ଉଇଲୋ ବୃକ୍ଷ, ଗଭୀର ରାତ୍ରିର ସାଇଁ ସାଇଁ ଶବ୍ଦ ବା ପବନର କ୍ରନ୍ଦାତୁର ସନସନ ଶବ୍ଦ, ଏକଣା ପକ୍ଷୀଟିଏ ନୀଳ ଆକାଶରେ ସନ୍ତରଣ, ହଠାତ୍ ହୃଦୟରୁ ଉତ୍ଥିତ ଏକ ଦୀର୍ଘଶ୍ୱାସ, କେତେ ଗୋଲାପୀ ଆଶା, ତାରକାଖଚିତ ନିଶୀଥ ଆକାଶ କିମ୍ବା ଅସୀମ ପ୍ରତି ଉତ୍ତରିତ ଆକାଂକ୍ଷା ଏସବୁ ରୋମାଣ୍ଟିକ ମାନସିକତାର ପରିଚୟ ବହନ କରେ । ଏହି ବ୍ୟାପକ ବିଷୟବସ୍ତୁକୁ କୌଣସି ନିର୍ଦ୍ଦିଷ୍ଟ ସୀମା ମଧ୍ୟରେ ସୀମାୟିତ କରାଯାଇ ନପାରେ ।

ରୋମାଣ୍ଟିସିଜିମ୍ କହିଲେ ପ୍ରଥମେ ଏକ ଅବାସ୍ତବ ଗାଥା, ବୀରତ୍ୱପୂର୍ଣ୍ଣ କାହାଣୀ, ଅତୀତ ପ୍ରତି ମୋହ, ଉଦ୍ଭଟ ଗାଲୁଗଳ୍ପ କିମ୍ବା ପ୍ରଣୟର କଥା ଭାବେ ଅଭିହିତ ହେଉଥିଲା । ଷୋଡ଼ଶ ଶତାବ୍ଦୀର ଏଲିଜାବେଥାନ୍ ଯୁଗରେ ରୋମାଣ୍ଟିକ ଶବ୍ଦର ଅର୍ଥ ଉତ୍ତୁଙ୍ଗ କଳ୍ପନା ପ୍ରସୂତ ସାହିତ୍ୟିକ କୃତିକୁ ବୁଝାଉଥିଲା ଓ ପରେ ଏହା ସୁନ୍ଦର ଅର୍ଥରେ ବ୍ୟବହୃତ ହେଲା । ଅଷ୍ଟାଦଶ ଶତାବ୍ଦୀର ମଧ୍ୟ ଭାଗରେ ଏହି ଶବ୍ଦଟି ପୂରାତନ କୌଣସି ପ୍ରେମ ଓ ପ୍ରଣୟର ସଂଜାତ ରଚନା ଓ ଊନବିଂଶ ଆଦ୍ୟ ଭାଗରେ କଳ୍ପନା ପ୍ରସୂତ ଚିନ୍ତାଧାରାକୁ ନେଇ ରଚିତ କାବ୍ୟ କବିତାକୁ ବିଶେଷ ଭାବରେ ବୁଝାଇଲା । ଅସୀମ ପ୍ରତି ଏଇ ଅସ୍ପୃହା କବି କୀଟସ ଓ କବି ବ୍ଲେକ୍ ଙ୍କ କବିତାରେ ଅଧିକ ଭାବେ ପ୍ରକଟିତ ହୋଇଅଛି । ଓଡ଼ିଆ କବିତାରେ ତା'ର ପ୍ରତିଧ୍ୱନି କବି ମଧୁସୂଦନ, ଲକ୍ଷ୍ମୀକାନ୍ତ, କୁନ୍ତଳା କୁମାରୀ ଓ କବି ମାୟାଧର ମାନସିଂହଙ୍କ କବିତାରେ ଅଧିକ ଭାବେ ଲକ୍ଷ୍ୟ କରାଯାଏ । ରୋମାଣ୍ଟିକ କବିମାନଙ୍କ ଚିନ୍ତାରେ ଅତୀତ ପ୍ରତି ଯେତିକି ଆକୁଳତା ସେତିକି ସ୍ମୃତିର ରୋମନ୍ଥନ । ଅସୀମ ପ୍ରତି ମଧ୍ୟ ସେତିକି ଉତ୍ତରିତ ଆକାଂକ୍ଷା ଜାଗ୍ରତ ହୋଇଥିବା ଦେଖିବାକୁ ମିଳିବ । ତେଣୁ ଅତୀତ ଠାରୁ ଅସୀମ ପର୍ଯ୍ୟନ୍ତ ଏହାର ପରିବ୍ୟାପ୍ତ ପରିସରରେ ନାନା ଭାବ ଓ ଭାବନାକୁ ଅଙ୍ଗୀଭୂତ ଯେ କରାଯାଇପାରିବ, ଏଥିରେ ସନ୍ଦେହ ନାହିଁ । ଏପରିକି ବ୍ୟକ୍ତିଗତ ବିଷାଦବୋଧ ଠାରୁ

ISSN NO.
2582-208X

ଦେଶ ମାତୃକାର ନିରାଜନ ବା ଜାତୀୟତାବୋଧ ପର୍ଯ୍ୟନ୍ତ ନାନା ଚେତନା ଏହାର ବିଶାଳ ପରିସର ମଧ୍ୟରେ ସହଜରେ ପ୍ରକାଶମାନ ହୋଇଥାଏ ।

ପ୍ରକୃତି ପ୍ରୀତି ହେଉଛି ରୋମାଣ୍ଟିକ କାବ୍ୟ ଚେତନାର ମୁଖ୍ୟ ସ୍ୱର। ଏହା ବ୍ୟତୀତ ସୌନ୍ଦର୍ଯ୍ୟ ପ୍ରୀତି ଓ ମାନବ ପ୍ରୀତି ମଧ୍ୟ ଏହାର କାବ୍ୟ ଚେତନାର ଅନନ୍ୟ ମୁଖ୍ୟ ସ୍ୱର ରୂପେ ପରିଗଣିତ। ଓଡ଼ିଆ ସାହିତ୍ୟରେ ରାଧାନାଥ ରାୟ ଓ ମଧୁସୂଦନ ରାଓଙ୍କ ଯୌଥ କବିତା ଗ୍ରନ୍ଥ 'କବିତାବଳୀ' ହିଁ ରୋମାଣ୍ଟିକବାଦର ପ୍ରଥମ ସୁରଭି ବାଣ୍ଟିଥିଲା । ପରେ ତାଙ୍କ ସମକାଳ ଓ ତଦ୍ ପରବର୍ତ୍ତୀ ସହିତ୍ୟରେ ଏହି ଧାରା ଦେଖିବାକୁ ମିଳିଥିଲା । ଓଡ଼ିଆ ରୋମାଣ୍ଟିକ ସାହିତ୍ୟ ସ୍ୱଦେଶ ପ୍ରୀତି, ପ୍ରକୃତି ପ୍ରୀତି, ଐତିହ୍ୟବୋଧ, ବିଷାଦବୋଧ ପରି ବହୁଚେତନା ଦ୍ୱାରା ସମୃଦ୍ଧ ।

କବିବର ରାଧାନାଥ ରାୟଙ୍କ କାବ୍ୟ କବିତାଗୁଡିକରେ ପ୍ରକୃତିର ଅନୁପମ ରୂପ ମାଧୁରୀ ଆଲୋଚିତ ହୋଇଛି । ଫଳରେ ପ୍ରକୃତି ପ୍ରୀତି ଓ ସୌନ୍ଦର୍ଯ୍ୟତାର ମାଧୁରୀମା ବେଶ୍ ସ୍ପଷ୍ଟ ପରିଲକ୍ଷିତ ହୁଏ ।

"ଉତ୍କଳ - କମଳା - ବିଳାସ - ଦୀର୍ଘିକା
ମରାଳ - ମାଳିନୀ - ନୀଳାମ୍ବୁ - ଚିଲିକା ।"
(ଚିଲିକା - ରାଧାନାଥ ରାୟ)

ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ପ୍ରତି କାବ୍ୟରେ ପ୍ରକୃତି ସହିତ ମାନବ ଜୀବନର ସୁଖ- ଦୁଃଖ କାହାଣୀ ସମ ଭାବରେ ବର୍ଣ୍ଣିତ ହୋଇଥିବାର ଦେଖିବାକୁ ମିଳେ । ତାଙ୍କର ଆକାଶ ପ୍ରତି, ନଦୀ ପ୍ରତି, ଗ୍ରୀଷ୍ମ, ବର୍ଷା, ଶରତ, ହେମନ୍ତ, ଶୀତ, ପ୍ରଭାତ ଓ ସନ୍ଧ୍ୟା ବିଭିନ୍ନ କବିତାରେ କବିଙ୍କର ପ୍ରକୃତି ପ୍ରୀତିର ବର୍ଣ୍ଣନା ଦେଖିବାକୁ ମିଳେ । 'ପ୍ରଣୟ ବଲ୍ଲରୀ'

ISSN NO.
2582-208X

କାବ୍ୟରେ ରୋମାଣ୍ଟିକ କାବ୍ୟ ଚେତନାର ଭାବବିହ୍ୱଳତା ବିଶେଷ ଭାବରେ ଲକ୍ଷ୍ୟ କରାଯାଏ ।

"ତାରା ଖଚିତ ଚାରୁ ଚନ୍ଦ୍ରାତପ
ଲମ୍ବିତ ହେବ ଉପରେ
ମହୀଧରଗଣ ଚୌଦିଗେ ରହିଲେ
ପ୍ରଦୀପ ଦିହୁଡି କରେ ।"
(ପ୍ରଣୟ ବଲ୍ଲରୀ - ଗଙ୍ଗାଧର ମେହେର)

ରୋମାଣ୍ଟିକ କାବ୍ୟ ଚେତନାର ଅନ୍ୟ ଜଣେ ପ୍ରମୁଖ କବି ନନ୍ଦ କିଶୋର ବଳ ପ୍ରକୃତି ପ୍ରୀତି ସହିତ ପ୍ରଚୁର ଆବେଗ ଓ ସୌନ୍ଦର୍ଯ୍ୟ ପ୍ରବଣତାର ସ୍ୱରୂପ ତାଙ୍କ କବିତାଗୁଡିକରେ ପ୍ରକାଶିତ। ତାଙ୍କର ବସନ୍ତ କୋକିଳ, ସଂଧ୍ୟା, ନିଶୀଥ, ପ୍ରଭାତ ଆଦି କବିତାଗୁଡ଼ିକରେ ପ୍ରକୃତି ପ୍ରୀତିର ଚିତ୍ର ଦେଖିବାକୁ ମିଳେ ।

"ସହକାର ଦ୍ରୁମେ ମାଧବୀ ଲତିକା
ଦେଇଅଛି ବହୁ ଛନ୍ଦି
ଯୁଗର ମିଳନ ଜୟ ଗାଉଅଛି
ପାରୁଶେ ମିଳନ ବନ୍ଦୀ ।"

ଗୋଦାବରୀଶ ମିଶ୍ରଙ୍କ କାବ୍ୟ କବିତାରେ ପ୍ରକୃତି ରୂପରେ ମାନବିକତାର ଆରୋପଣ ଏବଂ ସମ୍ବେଦନଶୀଳତାର ସ୍ୱରୂପ ଦେଖିବାକୁ ମିଳେ ।

ISSN NO.
2582-208X

"ଚିର ପରିଚିତ ନଈ ପୋଖରୀ ଶତଳ ଜଳେ
ଅଙ୍ଗ ଅବଗାରୀ ବନ୍ଧୁ ଫେରିବ ହରଷ ଭରେ ।"

ନାରୀ କବି କୁନ୍ତଳା କୁମାରୀ ସାବତ 'ଶେଫାଳୀ ପ୍ରତି' କବିତା ପାଇଁ ଓଡ଼ିଆ ସାହିତ୍ୟରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ବହନ କରିଛନ୍ତି । ଏହା ବ୍ୟତୀତ ସହକାର ପ୍ରତି, କମଳ ପ୍ରତି, ଚନ୍ଦ୍ର ପ୍ରତି ଆଦି ସୃଷ୍ଟି ଗୁଡ଼ିକରେ ମାନବ ପ୍ରକୃତି ସହିତ ବିଶ୍ୱ ପ୍ରକୃତିର ସାମ୍ୟ ଦେଖିବାକୁ ମିଳେ ।

"ଶେଫାଳୀ !
ତୋହ ପରି କ୍ଷୁଦ୍ର ମୁହିଁ, ତୋହ ପରି କ୍ଷଣିକ
ହସେ ବାସେ ରସେ ମାତ୍ର ଫୁଟିଅଛି ଘଡିକ;
ମାଟିରେ ମିଶିବୁ ତୁହି, ମାଟିରେ ମିଶିବି ମୁହିଁ
ତଥାପି ମୋ ଆତ୍ମା ଫୁଲ ନଯିବରେ ମଉଳି
ତେଣୁ ଆଶା ବହି ଦିନ କାଟେ ଗଙ୍ଗଶିଉଳି !"
(ଶେଫାଳୀ ପ୍ରତି - କୁନ୍ତଳା କୁମାରୀ ସାବତ)

ସେହିପରି ପ୍ରେମିକ କବି ମାୟାଧର ମାନସିଂହଙ୍କ କବିତାଗୁଡିକରେ ପ୍ରକୃତି ପ୍ରଣୟ ଓ ବିଷାଦବୋଧ ଏକ ନୂତନ ବର୍ଣ୍ଣ ବିଭା ଖେଳାଇ ଦେଇଛି। ବସନ୍ତୋତ୍ସବ, ରୂପଦେବତା, ନବଦୃଷ୍ଟି ଓ ମହାନଦୀରେ ଜ୍ୟୋତ୍ସ୍ନାବିହାର ଆଦି କବିତାଗୁଡିକରେ ପ୍ରକୃତିର ଚିହ୍ନ କୋଣେ ଅନୁକୋଣେ ଉପଲବ୍ଧ ହୁଏ ।

ହାୟ ଲୋ ଉତ୍କଳ ଭୂମି! ପ୍ରକୃତି - ସୁନ୍ଦରୀ
ମନ୍ଦାକିନୀ ସମ ନଦୀ, ଶିବ ସମ ଗିରି
କାନନେ, କେଦାରେ ଲକ୍ଷ ଶୋଭାର ମହର

ISSN NO.
2582-208X

ଥାଉଁ ତୋର କହ କିମ୍ପା ଏତେ ହତଶିରୀ ? "
(ମହାନଦୀରେ ଜ୍ୟୋତ୍ସ୍ନାବିହାର - ମାୟାଧର ମାନସିଂହ)

ରୋମାଣ୍ଟିକ ଚେତନାର ପ୍ରଭାବ ଇଂରାଜୀ ଶିକ୍ଷା ମାଧ୍ୟମରେ ଓଡ଼ିଆ ସାହିତ୍ୟରେ ଅନୁପ୍ରବେଶ କରିଛି । ଊନବିଂଶ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧ ହିଁ ଓଡ଼ିଆ ରୋମାଣ୍ଟିକ ସାହିତ୍ୟର ଅରୁଣୋଦୟ କାଳ । ରାଧାନାଥ ରାୟ ହିଁ ଓଡ଼ିଆ ରୋମାଣ୍ଟିକ ସାହିତ୍ୟର ଅଗ୍ରଦୂତ। ସେ ଯେଉଁ ରୋମାଣ୍ଟିକ ତତ୍ତ୍ୱ ଓ କାବ୍ୟଧାରା ପ୍ରବର୍ତ୍ତନ କଲେ ତାର ସଫଳ ପରିପ୍ରକାଶ ସମ୍ପାଦିତ ହେଲା ମଧୁସୂଦନ, ଫକୀରମୋହନ, ନନ୍ଦକିଶୋର, ଗଙ୍ଗାଧର, ଗୋଦାବରୀଶ, ନୀଳକଣ୍ଠ ପ୍ରମୁଖ ସାହିତ୍ୟ ସ୍ରଷ୍ଟାଙ୍କ ସୃଷ୍ଟିରେ । ମାତ୍ର ଓଡ଼ିଆ ସାହିତ୍ୟରେ ରୋମାଣ୍ଟିକ କବିତାର ଉତ୍ତରଳ ପ୍ରବାହର ମହିମାମୟ ପରିପ୍ରକାଶ ଘଟେ ସବୁଜ ସାହିତ୍ୟିକଙ୍କ ରଚନାରେ । ଆଜି ଓଡ଼ିଆ କବିତା କ୍ଷେତ୍ରରୁ ରୋମାଣ୍ଟିକ କ୍ରମବିଳାସ କ୍ରମଶଃ ତିରୋହିତ ହୋଇଛି କିନ୍ତୁ ରୋମାଣ୍ଟିକ ସୃଷ୍ଟି କୌଣସି ସମୟରେ ପୀଡ଼ାଦାୟକ ନୁହେଁ ; ବରଂ ସାରସ୍ୱତ ଜଗତର ମୂଳ ସୂତ୍ର ସୌନ୍ଦର୍ଯ୍ୟବୃତ୍ତିର ସମ୍ବାହକ ।

ଅତିଥି ଅଧାପିକା, ଓଡ଼ିଆ ଭାଷା-ସାହିତ୍ୟ ବିଭାଗ
ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର

ISSN NO.
2582-208X

# ପ୍ରିୟା ଆଗମନେ



ଅମରନାଥ ବାରିକ

ରଖିଛି ତୋ ପାଇଁ ସାଇତି ହୃଦୟେ
ପ୍ରେମ ପ୍ରଣୟ ର ପ୍ରୀତି ।
ସ୍ୱପ୍ନକୁ ସଜେଇ ମନକୁ ଭିଜେଇ
ଦେବି ଜୋଛନାର ରାତି ।।

ରଜନୀ ଗନ୍ଧାକୁ ଗୁନ୍ଥି ମୁଁ ରଖିଛି
ଦେବି ତୋ ଗଭାରେ ଖୋସି ।
ଗୋଲାପ ଫୁଲରେ ଶେଯ ତ ପାରିଛି
ଶୋଇବା ପାଇଁ ତୁ ଆସି ।।

ଚାନ୍ଦକୁ କହିଛି ହେବ ତୋ ମଥାରେ
ସିନ୍ଦୂର ଚନ୍ଦନ ବିନ୍ଦୁ ।
ହେବା ମଧୁ ସ୍ୱରେ ପ୍ରେମର ଆଳାପ
ମନ ମୁଗ୍ଧ ଭରି ଇନ୍ଦୁ ।।

ଇନ୍ଦ୍ରଧନୁ ତୋର ଓଢଣୀ ହୋଇବ
ସାତ ରଙ୍ଗ ଭରିଦେଇ ।

ISSN NO.
2582-208X

କରିଛି ଆଜି ମୁଁ ନିମନ୍ତ୍ରଣ ତାକୁ
ଅନୁରୋଧ ମୋର ଦେଇ ।।

ତାରା ମାନେ ଆସି ଚୁନା ଚୁନା ହୋଇ
ତୋ ଓଠର ହସ ହେବେ ।
ମୋ ନରମ ଓଠ ପରସ ଛୁଆଁ ରେ
ମୁକ୍ତା ଭଳି ଝରିଯିବେ ।।

ସୁରୁଜ ହୋଇବ ତୋ ଦେହର ତାତି
ଶ୍ରୀହରଣ ଯିବ ଖେଳି ।
ଘର ମହକିବ ତୋର ଆଗମନେ
ମୋ ବାହୁରେ ନେବି ତୋଳି ।।

କୟାଁ, ମଙ୍ଗଳପୁର, ଦଶରଥପୁର, ଯାଜପୁର
ଓଡ଼ିଶା, ପିନ୍ - ୭୫୫୦୧୧
ଦୂରଭାଷ - ୯୫୪୦୩୦୮୦୯୫

ISSN NO.
2582-208X

# କିପରି ଜନତା ଦେଶର !



ଅଜିତ କୁମାର ରାଉତ

ଚିହ୍ନି ହୁଏ ନାହିଁ ଯେବେ !
ବ୍ୟକ୍ତିଙ୍କ ପ୍ରବୃତ୍ତି
ମନୋବୃତ୍ତି ତାଙ୍କ
ଅନ୍ତର ଦୁଃଖିତ ତେବେ !
ସଂସ୍କାର ସଂସ୍କୃତି
ଯାଉ ଅଛି ଭୁଲି
ହିନ୍ଦୁ ସନାତନୀ ଏବେ !!

ଭୁଲି ଯାଏ ରାମ ନାମ !
ସଂଘର୍ଷର ଗାଥା
କୀର୍ତ୍ତି ବଳିଦାନ
ସ୍ୱାର୍ଥେ ପଡ଼ି ହୁଏ ଭ୍ରମ !
ରାମଙ୍କ ବିରୁଦ୍ଧେ
କରି ଦିଏ କର୍ମ
କିମ୍ବା ସନାତନୀ ଧର୍ମ ?

କଳ୍ପନା ରାମ ରାଜ୍ୟର !
କରିବ କିପରି

ISSN NO.
2582-208X

ଅଛି ସ୍ୱାର୍ଥ ଭାବ
ଜାତିବାଦ ଶୂତ୍ର ଧାର !
ବ୍ୟକ୍ତି ସ୍ୱାର୍ଥପର
କାହିଁରେ ବିଚାର
ସ୍ଥାପିଲା ଅଯୋଧ୍ୟା ପୁର !!

ଭବ୍ୟ ଦିବ୍ୟ ଯେ ମନ୍ଦିର !
ନିର୍ମିତ ରାଷ୍ଟ୍ରର
ଦିଶୁଛି ସୁନ୍ଦର
ରୋଜଗାର ଜନତାର !
ରାମ ବାଲ୍ୟରୂପ
ବିଗ୍ରହ ରୂପର
ନାହିଁ ତୁଳନାରେ ଯାର !!

ତଥାପି ନାହିଁରେ ଖୁସି !
ଅଯୋଧ୍ୟା ଜନତା
ଭୁଲି ଗଲେ କିମ୍ଵା ?
କିମ୍ଵା ସ୍ୱାର୍ଥ ଲୋଭେ ଫସି ?
ଦେଉଛି ଯନ୍ତ୍ରଣା
ଚିନ୍ତାର ମନ୍ତ୍ରଣା
କରେ ସନାତନୀ ବସି !!

ସଭାପତି, ଉତ୍କଳ ସମ୍ମିଳନୀ ଷଢ଼େଇକଳା ଖରସୁଆଁ ଜିଲ୍ଲା
ରାଜନଗର ବ୍ଲକ ଶାଖା, ଝାଡ଼ଖଣ୍ଡ/ମୋ:- ୭୨୦୫୩୪୩୫୬୯

ISSN NO.
2582-208X

# ପ୍ରତିସ୍ପର୍ଦ୍ଧା



ଅଲେଖ ମେହେର

ଯହିଁ ମନ ନାହିଁ ସମ୍ପର୍କ ସେଇଠି ଖୋଜିବୁଲେ କେତେ ବାହାନା,
ସରଗର ଶଶୀ ପଡିଲେ ବି ଖସି ଲାଗେ ଦେଅଉଛି ଜାତନା।
ମିଶଇ, ଯେଉଁଠାରେ ଅବୁଝା ମନ,
ମଉକା ଖୋଜଇ ଅଦୃଷ୍ଟ ବନ୍ଧନେ ବାନ୍ଧି ପୂର୍ଣ୍ଣ ହେବ ସପନ।
ବର୍ଷାଭୂ ହର୍ଷିତ ବିଲୋକିଲେ ନଭେ ନବ ଜଳଧରେ ଚପଳା,
ଅଶନୀ ଶବଦ ଲାଗେ କାକପୁଷ୍ଟ ଡାକେ ହସି ସାକ୍ଷୀ ଅଚଳା।
ଡାହୁକ, ରାବେ କି କୁସୁମାକରରେ ?
ଇନ୍ଦ୍ରିୟ ଇଙ୍ଗିତେ ଚିତ୍ତ ବିନୋଦନ ସରଗର ସୁଷମା ଝରେ।
ଶରଦରେ ସିନା ଜହ୍ନ ରାତି ଶୋଭା ଶ୍ରାବଣେ ଅନ୍ୱେଷି ବିଫଳ,
ଚକୋର ବିକଳେ ଖୋଜିବୁଲେ ଖେଦେ ହେଲେ କିବା ହୁଏ ସଫଳ ?
ବାଧକ, ସାଜଇ କାଦମ୍ବିନୀ ଅରି,
ଇଚ୍ଛାର ଅର୍ଣ୍ଣବେ ଲାଗେ ବାଡବାଗ୍ନି ରାଶି ରାଶି ବିରହ ଭରି ।
ଅନୁରାଗ ସବୁ ସ୍ୱାର୍ଥ ନଈଧାରେ ବୋହିଯାଏ ଯେବେ ଦିଗନ୍ତେ,
ଭଲ ପାଇ ହୃଦ ବିଳପି ଉଠଇ ବିଜନରେ ଥିବା ପର୍ଯ୍ୟନ୍ତେ।

ISSN NO.
2582-208X

ଚିବୁକ, ଭିଜଇ ଲୁହ ଲହୁ ଧାରେ,
ଅନ୍ତର ବେଦନା ମାରଇ ନିରତେ କାଠକୁ ଯେହ୍ନେ ଘୁଣ ସାରେ।
ସ୍ୱାର୍ଥର ଅନଳେ ସରଳ ବିଶ୍ୱାସୀ ପଡି ହୁଏ ସଦା ପାଉଁଶ,
ହସ ଅନ୍ତରାଳେ ଗରଳ ଉଦ୍ଗାରି ସ୍ୱାର୍ଥୀ ଭକ୍ଷି ଯାଏ ମାଉଁସ।
ଏଇ ତ, ପୋଖତ ଖେଲାଳୀ ଲକ୍ଷଣ,
ମଣିଷ ଭିତରେ ଚାଲେ ପ୍ରତିସ୍ପର୍ଦ୍ଧା କିଏ କେତେ ବଡ ଭୀଷଣ ।

ବରପଦର
ଗୋବିନ୍ଦପୁର ବରଗଡ଼
ମୋ-୬୩୭୦୨୨୦୫୫୯

ISSN NO.
2582-208X

# ମୋହ



ଦେବଦତ୍ତା ଦେବୀ

ପ୍ରଫେସର୍ ବିଶ୍ୱମୋହନ ପାଣିଗ୍ରାହୀ ଆଜି ଚିନ୍ତାଗ୍ରସ୍ତ । ନିଜର ପାଠାଗାର ରେ ଆଖିମୁଜି ଆର୍ମ ଚେୟାର ଉପରେ ନୀରବ ରେ ଝୁଲି ଚାଲିଛନ୍ତି । କାନରେ ପୁଅ ଜିଏକି ଦିନେ ତାଙ୍କ ଉପସ୍ଥିତି ରେ ବଡ ପାଟିରେ ଦିନେ ବି କଥା ହୁଏନାହିଁ ତାର ତା ମାଙ୍କୁ ଉଚ୍ଚ ଶାଣିତ ସ୍ୱରରେ ପ୍ରଶ୍ନ ବାପା ସେ ସାମାନ୍ୟ ପଚିଶ ହଜାର ଟଙ୍କା ପାଇଁ ଏତେ କୋର୍ଟ କଚେରି ଧାଉଁଚନ୍ତି କାହିଁକି । ସେ ଟଙ୍କା ନହେଲେ ତାଂକର କଣ ଭସିଯାଉଚି ଯେ । ଆଜି ଭରା କୋର୍ଟ ଭିତରେ ଅପର ପକ୍ଷ ଓକିଲ ତାସଙ୍ଗେ ସଙ୍ଗେ ଜଜ ବି ସେ ପଚିଶ ହଜାର ପାଇଁ ବାପା ଙ୍କୁ ତାଙ୍କ ପଦମର୍ଯ୍ୟାଦା, ଆଭିଜାତ୍ୟ, ତଥା ଆର୍ଥିକ ସ୍ୱଚ୍ଛଳତା କୁ ଆକ୍ଷେପ କରି ଯେଁଉ ସବୁ କଥା କହିଲେ ବାପା ଙ୍କୁ ସିନା କିଛି ଲାଗୁନି ମୋତେ ଭାରି ଅପମାନ ଲାଗିଲା ।କୋର୍ଟ ଭିତରୁ ଛାଟି ପିଟି ହେଇ କେମିତି ଆସିଛି ମୁଁ ଏକା ଜାଣିଛି । କି ଅଜବ ଜିଦି ବାପାଙ୍କ ର ସତେ ଯେପରି ପଚିଶ କୋଟି ଟଙ୍କା ମିଳିବ । ତୁ ବୋଉ ବାପା ଙ୍କୁ ମନା କରେ ସେ କେଶ ଆଉ ଲଢ଼ିବେନି, ମୁଁ ତାଙ୍କୁ ପଚିଶ ହଜାର ଦେଇ ଦଉଛି ।

ପୁଅ ପାଟିରୁ କଥା ସରିଛି କି ନାହିଁ ବିଶ୍ୱମୋହନ ବାବୁ ପାଠାଗାର ରୁ ବିରକ୍ତି ର ସହ ବାହାରି ଆସିଲେ ଉଚ୍ଚ ସ୍ୱରରେ କହି ଉଠିଲେ ବାବୁ ରେ ତୁ କୋର୍ଟ ତାରିଖ ଦିନ ମୋ ସାଙ୍ଗରେ ଆଉ ଆସିବୁନି, ମୁଁ ଏକା ବରହଂପୁର୍ ଆସି କୋର୍ଟ କାମ ସମ୍ଭାଳିବି । ତୁ ବି ମୋତେ ପଚିଶ ହଜାର ଟଙ୍କା ମୋତେ ଦବାର ନାହିଁ କି ମୁଁ ତୋଠୁ ନବାର ନାହିଁ । ମୋର

ISSN NO.
2582-208X

ଏତେ ଅଭାବ ପଡ଼ିନିଯେ ତୋ ହାତ ଟେକା ପଇସା ରେ ଚଳିବି । ତୁ ବୁଝି ପାରିବୁନି ଏ ପଚିଶ ହଜାର ଟଙ୍କା ମୋର ହକ ତାକୁ କିମିତି ଛାଡ଼ିବି । ଆଉ ତାଛଡ଼ା, ଛାଡେ ଛାଡେ ତୁ ବୁଝି ପାରିବୁନି କହି ଗୋଟେ ଦୀର୍ଘନିଃଶ୍ୱାସ ନେଲେ । ପ୍ରଭାସିନୀ ଦେବୀ ସ୍ୱାମୀଙ୍କର ମୁଁହ ରୁ ଭାବ ଟି ଠିକ ପଢ଼ି ପାରିଲେ । ଆଖି ଠାର ରେ ପୁଅ କୁ ଇଶରା ଦେଲେ ଚୁପ୍ ହେବା କୁ । ଏଇ ମାତ୍ର ପଚିଶ ହଜାର ଟଙ୍କା ର ମୋହ କୁ ଠିକ୍ ବୁଝି ପାରିଛନ୍ତି ବିଶ୍ୱ ମୋହନ ଙ୍କ ପ୍ରାଣ ପ୍ରିୟା ପତ୍ନୀ । ପତିଙ୍କର ଏଇ ବିଶେଷ ମୋହ ଟିକୁ ମନେ ମନେ ବିଶ୍ଳେଷଣ କରିବାକୁ ଲାଗିଲେ ପ୍ରଭାସିନୀ ଦେବୀ ।

ପ୍ରଖ୍ୟାତ ଇତିହାସ ର ଅବସର ପ୍ରାପ୍ତ ପ୍ରଫେସର ଫେରିଆସିଲେ ତାଙ୍କ ଆରାମ ଚୌକି ପାଖକୁ । ଏଇ ବିଶ୍ୱ ମୋହନ କେତେ ରାଜ୍ୟ ତଥା ଦେଶ ଭ୍ରମଣ କରିଛନ୍ତି । କେତେ ବହି ଲେଖିଛନ୍ତି । ତାଙ୍କ ବହି ଆଜି ସ୍ୱୀକୃତି ପ୍ରାପ୍ତ ପଠନ ବହି । ତଥାପି ସେ ଏହି ପଚିଶ ହଜାର ଟଙ୍କା ପାଇବା ପାଇଁ ସତେ ଯେପରି ବଧ ପରିକର । ଏଇ ପଚିଶ ହଜାର ର ଅସମ୍ଭବ ମୋହ ତାଙ୍କୁ ଜାବୁଡି ଧରିଛି । ଯେମିତି ହେଲେ ତାଙ୍କ ପ୍ରାପ୍ୟ ସେ ହାତେଇବେ । ପ୍ରାୟ ପାଇଞ୍ଚାଲିସ ବର୍ଷ ତଳକୁ ଫେରି ଚାଇଁହିଲେ ଉଣେଇଶ ବା କୋଡ଼ିଏ ବର୍ଷ ବୟସ ର ଟୋକା ଟିଏ ବିଶ୍ୱ ମୋହନ ସମସ୍ତ ଙ୍କ ର ପ୍ରିୟ ବିଶ୍ୱ । ଗ୍ରାଯୁଏସନ ର ଶେଷ ବର୍ଷ ର ଛାତ୍ର ସେ, ବାପା ସବୁ ଦାୟିତ୍ୱ ଲଦିଦେଇ ହଠାତ୍ ଆଖି ମୁଜିଲେ । ଯଦିଓ ମୁଣ୍ଡ ଗୁଞ୍ଜିବା ପାଇଁ ବରହମ୍ପୁର ରେ ଗୋଟିଏ ଭଲ କୋଠା ଥିଲା ମାତ୍ର ବାପା ଙ୍କ ର ଆୟ ବୋଲି ଥିଲା ଦିଗପହଣ୍ଡିରୁ ଜମିବାଡି ର ଆୟ ।  ତାଛଡ଼ା ଉପାର୍ଜନ ର ପନ୍ଥା ଆଉ କିଛି ନ ଥିଲା । ବୋଉ କେବଳ ଘର ସମ୍ଭାଳିବା ଛଡ଼ା ଆୟ ବ୍ୟୟ ର ହିସାବ କିଛି ବି ରଖୁନଥିଲା । ବାପା ଙ୍କ ମୃତ୍ୟୁ ପରେ ବଡ଼ପୁଅ ବିଶ୍ୱ ଉପରେ ସତେ ଯେପରି ଆକାଶ ଛିଣ୍ଡି ପଡ଼ିଲା । ପିଅନ ଚାକିରି ର ସ୍ୱଳ୍ପ ଆୟରେ ଚାରୋଟି ପିଲା ବାପ ମା ଦୁଇଟି ଏମିତି ଛ ଜଣ ବ୍ରହ୍ମପୁର ରେ ଚଳିବା କଷ୍ଟ ବୋଲି ବାପା ସମୟ ଅସମୟ ରେ ଦିଗପହଣ୍ଡି ଦୌଡ଼ି ଯାଆନ୍ତି ପୈତୃକ ସଂପତ୍ତି ଆୟ ରୁ କିଛି ଆଣିବା ପାଇଁ । ସେଥି ପାଇଁ ବାପା ଙ୍କୁ ବଡ ମା ଙ୍କ ଠାରୁ ଶ୍ରାବ୍ୟ ଅଶ୍ରାବ୍ୟ ଭାଷା ରେ ଅନେକ କିଛି ଶୁଣିବାକୁ ପଡୁଥିଲା ।ଜେଜେବାପା ଛାଡି ଯାଇଥିବା ସମସ୍ତ ସମ୍ପତ୍ତି ଯଦିଓ

ISSN NO.
2582-208X

ବଡବାପା ଭୋଗ କରନ୍ତି କିନ୍ତୁ ବାପା ସାମାନ୍ୟ ଭାଗ ଆଣିଲା ବେଳେ ବ୍ରହ୍ମପୁର ଘର ବାପା ଭୋଗ କରୁଛନ୍ତି ବୋଲି ଚଉଦ ପୁରୁଷ ଉଖାଳିବାକୁ ବଡ ମା ପଛାନ୍ତି ନାହିଁ । ଆଉ ବାପା ଙ୍କ ମୃତ୍ୟୁ ପରେ ସେହିପରି ଅନେକ ଆଶ୍ରାବ୍ୟ ଗାଳି କୁଢେଇଦେଇ ବଡ ମା ତାଗିଦ କଲେ ବିଶ୍ୱ ଙ୍କୁ କେବଳ ଚାଉଳ ଗଣ୍ଡେ ଛଡ଼ା ଆଉ କିଛି ଯେମିତି ଗାଁ ରୁ ଆଉ କିଛି ଆଶା ନକରନ୍ତି ।

ଏ ଭଳି ପରିସ୍ଥିତି ରେ ବୋଉ ର ସବୁ ସାହା ଭରସା ଥିଲେ ବିଶ୍ୱମୋହନ । ପାଠ ପଢିଲା ଭିତରେ ସେ ନେଇଗଲେ କାନ୍ଧ ଉପରେ ପୁରା ପାରିବାର ର ବୋଝ । ମେଧାବୀ ଛାତ୍ର ଥିବାରୁ ଅନେକ ଗୁଡ଼ିଏ ଟ୍ୟୁସନ ମିଳିଗଲା । ସାନ ଭାଇ ଜଗନ୍ନାଥ ଯଦିଓ ମେଧାବି ଛାତ୍ର ଥିଲା ତଥାପି ତାର ଉଗ୍ର ସ୍ୱଭାବ ଓ ଆତ୍ମ ଅଭିମାନ ଯୋଗୁ ସେ କେବେ ବି ରୋଜଗାର ର ପନ୍ଥା ଖୋଜି ନ ଥିଲା । ବରଂ ସବୁବେଳେ କହିହେଉଥିଲା ଏଇଟା ବଡ଼ଭାଇ ର କର୍ତ୍ତବ୍ୟ ଓ ଦାୟିତ୍ୱ ବଡ ହେଇଛି ଯେତେବେଳେ, ବାପା ଙ୍କ ଅନୁପସ୍ଥିତି ରେ ବାପା ଛାଡ଼ିଯାଇଥିବା ସବୁ ବୋଝ ସେଇ ତୁଲେଇବ । ଅବଶ୍ୟ ବିଶ୍ୱ ମୋହନ କେବେ ବି ଦାୟିତ୍ୱ ରେ ହେଳା କରି ନ ଥିଲେ । କିନ୍ତୁ ଯେତେବେଳେ ଜଗନ୍ନାଥ ର ମେଡ଼ିକାଲ ରେ ଆଡ଼ମିଶନ କଥା ଉଠିଲା ପ୍ରଥମ ଥର ପାଇଁ ଘାବରେଇ ଗଲେ ବିଶ୍ୱ ମୋହନ, ଏତେ ପଇସା କୋଉଠୁ ଆଣିବେ ସେ ଭାବିପାରିଲେନି । ଜଗନ୍ନାଥ ତ କେତେବେଳେ ତାଙ୍କ ଅବସ୍ଥା ବୁଝିବନି ବରଂ ଖାଲି ଅଯଥା ଆରୋପ କରିବ । ରାତି ରାତି ଆଉ ନିଦ ହୁଏନାହିଁ ବିଶ୍ୱ ମୋହନ ଙ୍କୁ କିପରି ଜଗନ୍ନାଥ ମେଡ଼ିକାଲ ପଢ଼ିବ । ଏତିକିବେଳେ ବୋଉ ସାହାଯ୍ୟ ର ହାତ ବଢ଼େଇଲେ ତାଙ୍କ ଗହଣା ଓ ସଞ୍ଚିତ ପାଞ୍ଚ ହଜାର ଟଙ୍କା ଆଣି ବଢ଼େଇଦେଲେ ସବୁ ମିଶେଇ ଜଗନ୍ନାଥ ର ଆଡ଼ମିଶନ କରେଇଦେ କହିଲେ । ବିଶ୍ୱନାଥ ଥମ ଥମ ମୁହଁରେ ନାହିଁ ନାହିଁ କରୁଥିଲେ, କିନ୍ତୁ ସେ ଯେ ଉପାୟ ହୀନ । ସେ ପୁରା ଲକ୍ଷ୍ୟ କରିଛନ୍ତି ବୋଉ ଆଖି କଣ ଲୁହ ରେ ଜକେଇ ଉଠିଥିଲା । ସେପଟେ ଜଗନ୍ନାଥ ଆଖି ତାରାଟି ଗୋଟେ ପଟେ ଗହଣା ଟଙ୍କା କୁ ଦୃଷ୍ଟି ନିକ୍ଷେପ କରୁଥାଏ ଅନ୍ୟ ପଟେ ଜଗନ୍ନାଥ ଙ୍କୁ ପ୍ରସ୍ନୀଳ ଆଖିରେ ଦୃଷ୍ଟିପାତ କରି ନୀରବ ରେ ତାଙ୍କ ଅପାରଗତା କୁ ଆକ୍ଷେପ କରୁଥାଏ । ସାନ ଭଉଣୀ ସୁଷମା ଗହଣା ଗୁଡ଼ିକୁ ଅତି କରୁଣ ଦୃଷ୍ଟି ରେ ଦେଖି

ISSN NO.
2582-208X

ସତେ ଯେପରି ପଚାରୁ ଥାଏ ଆଉ ମୋ ବାହାଘରକୁ ବୋଉ ର ଗହଣା କିଛି ବି ରହିବନି । ଏତେ ଅସମାହିତ ପ୍ରଶ୍ନ ର ଉତ୍ତର ଦେବା ଅପେକ୍ଷା ଦୃଢ଼ ମନରେ ପରିସ୍ଥିତି ର ସାମ୍ନା କରିବାକୁ ଉଚିତ ମନେକରି ବୋଉ ର ପ୍ରାୟ ପାଞ୍ଚ ଭରି ଗହଣା ଓ ସଞ୍ଚିତ ସମସ୍ତ ସ୍ତ୍ରିଧନ ଟଙ୍କା ପାଞ୍ଚହଜାର ଟଙ୍କା ଧରି ବାହାରକୁ ପଳେଇଆସିଲେ ସାନ ଭାଇ ଜଗନ୍ନାଥ ର ମେଡିକାଲ ରେ ଆଡ଼ମିଶନ କରିବା ପାଇଁ ।

ସବୁ ଯଦିଓ ଠିକ୍ ଠାକ୍ ଚାଲି ଥିଲା ତଥାପି ଜଗନ୍ନାଥ ର ତାଙ୍କ ର ଆର୍ଥିକ ଅବସ୍ଥା କୁ କଟାକ୍ଷ କରିବା ଟା ବଡଭାଇ ପଣିଆ ଟାକୁ ଲୁହରେ ଉବୁଟୁବ କରେଇ ଦେଉଥିଲା । କିଛି ବି ଅପରାଧ ନ କରି ସେ ଅପରାଧୀ ହେଇ ଯାଉଥିଲେ । ଜଗନ୍ନାଥ ର ଏ ମନୋଭାବ କୁ ଗାଁ ରେ ରହୁଥିବା ଦେଠେଇ ଇନ୍ଧନ ଯୋଗାଇଥିଲେ । ସାମୟିକ ଭାବରେ ଏ ସବୁ ନିନ୍ଦା ରୁ ମୁକ୍ତି ପାଇବା ପାଇଁ ଚାକିରି କରୁ କରୁ ସ୍ୱଳ୍ପ ପଇସା ରେ ଚଳି ବୋଉ ର ବନ୍ଧା ପଡ଼ିଥିବା ଗହଣା ସବୁ କୁ ଅଗ ମୁକୁଳେଇ ବୋଉ ହାତ କୁ ବଢେଇ ଦେଇଥିଲେ । କିନ୍ତୁ ଜଗନ୍ନାଥ ର ଚଳିବା ରେ କିଛି ବି ଅସୁବିଧା କରୁନଥିଲେ । ସେ ବେପରୱା ଭାବେ ତା ପାଠପଢ଼ାରେ ଅଗଉଥିଲା ।

ଘର ର ସବୁ ଦାୟିତ୍ୱ ସବୁ ମୁଣ୍ଡେଇ ଥିଲେ ବିଶ୍ୱନାଥ, ସବୁ କରିବି ଜଗନ୍ନାଥର କେବେ ବି ପ୍ରିୟଭାଜନ ହେଇପାରୁନଥିଲେ । ସତରେ ଯେମିତି ଜନ୍ମ ରୁ ବଡ ଭାଇ ହେଇ, ବଡ ଅପରାଧ କରି ପକାଇଛନ୍ତି ବିଶ୍ୱମୋହନ । ସେଦିନ କେତେ ତାରିଖ କୋଉ ମସିହା ଯଦିଓ ମନେ ନାହିଁ, କିନ୍ତୁ ପୁରା ମନେ ପଡୁଛି ବୋଉ ହାତକୁ କୋଡ଼ିଏ ହଜାର ଟଙ୍କା ର ଫିକ୍ସଡ ଡିପୋଜିଟ ରସିଦ ଟି ଧରାଇ ଦେଇ କହିଲେ ବୋଉ ତୋ ପଇସା ତୁ ରଖ କାମରେ ଦରକାର ବେଳେ ଆସିବ । ବୋଉ ସଙ୍ଗେ ସାଙ୍ଗେ ସେଇଟାକୁ ଫେରାଇଦେଲା କହିଲା ହଇରେ ତୁ ତ ସବୁ ବୁଝୁଚୁ ମୋର ଏ କଣ ହେବ । ଜଗନ୍ନାଥ ହଠାତ ଚଞ୍ଚାଣ ଭଳି ତାଙ୍କ ହାତରୁ ରିସିପ୍ଟ ଟି ଭିଡି ନେଇ ବୋଉ ହାତରେ ଧରେଇ କହିଲା ତାର ତ ଏତେ ପଇସା ସେ ଏଇ କଣିକା ମାତ୍ର କୋଡ଼ିଏ ହଜାର କଣ କରିବ ।

ISSN NO.
2582-208X

ଆଜିଯାଏ ଜଗନ୍ନାଥ ସେଇ ଗୋଟିଏ ଧାରଣା ବାନ୍ଧି ରହିଛି ଛ ବର୍ଷ ଆଗରୁ ଜନ୍ମ ହେଇ ବିଶ୍ୱନାଥ ଯେଁଉ ଏକଚାଟିଆ ସ୍ନେହ ଶ୍ରଦ୍ଧା ବାପା ବୋଉ ଙ୍କ ଠାରୁ ପାଇଲେ କେବଳ ଏଇ ବଡଭାଇ ଯୋଗୁ ସେଥିରୁ ସବୁ ସେ ବଞ୍ଚିତ ହେଲେ । ପିଲାଦିନ ର ସେଇ ତିକ୍ତତା ସିନା ଆସ୍ତେ ଆସ୍ତେ ଗଭୀର ହେଇ ତୀବ୍ର ହେଲା କିନ୍ତୁ ଆଜିଯାଏ ତା ଥମିବାର ନା ନେଲା ନାହିଁ ।

ବୋଉ ମରି କୁଆଡେ ହଜି ଗଲାଣି । ସାନ ଭଉଣୀ ବାହା ସାହା ହେଇ ତା ଘର ସଂସାର କରୁଛି । ଜଗନ୍ନାଥ ଆଜି ବିଶିଷ୍ଟ ଚକ୍ଷୁ ବିଶେଷଜ୍ଞ ହେଇ ବାରହଂପୂର ଘରେ ରାଜ କରୁଛି । ତାକୁ ବି ଭଗବାନ ଐଶ୍ୱର୍ଯ୍ୟ, ସମ୍ମାନ ସନ୍ତାନ କେଉଁଥିରେ ଊଣା କରିନାହାନ୍ତି । ତଥାପି ତାର ବି ପଚିଶହଜାର ଉପରେ ନଜର, ତାକୁ ଛାଡ଼ିବାକୁ ସେ ନାରାଜ । ଜଗନ୍ନାଥ ପାଇଁ କେତେ ଯେ କରିଛନ୍ତି ତାର ହିସାବ ନାହିଁ । ମାତ୍ର ସେ ଆଜି ବି ତାଙ୍କ ବିରୁଦ୍ଧ ରେ ଅପଶବ୍ଦ ପ୍ରୟୋଗ କରିବାରେ ପଛାଏ ନାହିଁ । ଆଉ ସମାଜ ତଅ ପଶବ୍ଦ କୁ ହିଁ ଆଗ ଗ୍ରହଣ କରିନିଏ । ଭାଇଭଉଣୀ ସମସ୍ତ ଙ୍କ ପାଖରେ ବିନା ଦୋଷ ରେ ଦୋଷୀ । କୁଆଡେ ଭାଇଭଉଣୀ ଙ୍କ ପାଇଁ କିଛି ନକରି ଖୁସି ରେ ଅଛି ବୋଲି ।

ବେଳେ ବେଳେ ବିଶ୍ୱମୋହନ ବୁଝି ପାରନ୍ତି ନାହିଁ କଣ ତାଙ୍କ ସାହାଯ୍ୟ ବିନା ଜଗନ୍ନାଥ ଡାକ୍ତର ହେଲା ଭଉଣୀ କଣ ଶୂନ୍ୟ ରେ ବାହାହେଲା,ଏକଥା କେମିତି କେହି ବୁଝି ପାରନ୍ତି ନାହିଁ । ତାଙ୍କର ବି ଆଉ ଧୈର୍ଯ୍ୟ ନାହିଁ ବୁଝାଇବାକୁ ।

ଯଦି ସେ ଖରାପ ସେ ଖରାପ ହେଇ ମରିବେ ପଛେ କିନ୍ତୁ ଭାଗ ଛାଡିବେନି । ଜଜ୍, ଓକିଲ ଯିଏ ବି ତାଙ୍କ ପ୍ରତିପତି କୁ ନେଇ ଆକ୍ଷେପ କରନ୍ତୁ ତାଙ୍କର ନିଘା ନାହିଁ । କିନ୍ତୁ ଯେଉ ଫିକ୍ସ୍ଡ୍ ଡିପୋଜିଟ ବୋଉ ନାରେ ସେ କରିଦେଇଥିଲେ ସେଥିରୁ ସେ ଭାଗ ଛାଡ଼ିବେନି । ସେଥିପାଇଁ ତ ସାମାନ୍ୟ ପଚିଶ ହଜାର ପାଇଁ ଏତେ ତର୍କ, ଯୁଦ୍ଧ । କାରଣ ସେଇଥିରେ ତାଙ୍କ ବୋଉ ଏବେ ବି ବଞ୍ଚିଛନ୍ତି, ସେଥିରେ ବୋଉ ର ଅସରନ୍ତି ଆଶୀର୍ବାଦ ଅଛି, ସେଥିରେ ତାର ଆଶ୍ୱସ୍ତି ର ନିଶ୍ୱାସ ପ୍ରଶ୍ୱସ ବହୁଛି । ସେଇଟା ହସ୍ତଗତ ହେଇଗଲେ ସେ ନିଶ୍ଚିନ୍ତ ରେ ମରିବେ । ଜୀବନ ସାରା ବିନା ଦୋଷ ରେ ଜଗନ୍ନାଥ ର ଅସହିଷ୍ଣୁତା ର କଟାକ୍ଷ ସହି

ISSN NO.
2582-208X

ଆସିଛନ୍ତି । ଆଜି ତାରି ପାଇଁ ବୋଉ ର ନିଶ୍ୱାସ ପ୍ରଶ୍ୱାସ ବୋହୁଥିବା ଏ ପଚିଶ ହଜାର କୁ ଛାଡ଼ି ପାରିବେନି । ଯେତେଦିନ ଲାଗୁ ପଛେ କୋର୍ଟ କୁ ଏକା ଏକା ଦୌଡୁଥିବେ, ଅସମ୍ଭବ ମୋହ ଏଇ ବୋଉ ର ପଚିଶ ହଜାର ର ତତଲା ନିଶ୍ୱାସ ପାଇଁ। ତାକୁ ସେ ଛାଡି ପାରିବେ ନାହିଁ ନାହିଁ ନାହିଁ ॥

ପ୍ରାକ୍ତନ ଜିଲ୍ଲା ନ୍ୟାୟାଧୀଶ
ପ୍ଲଟ ନମ୍ବର ୩ ଡି, ୨୨୫୨,
ସିଡିଏ ୧୧, ମର୍କତ ନଗର, କଟକ

ISSN NO.
2582-208X

# ସ୍ୱାଧୀନତା ର ସୂର୍ଯ୍ୟ ଆସିଛି ଉଇଁ......



କୁଞ୍ଜବିହାରୀ ରାଉତ

ସର୍ବେଷାମନୋ, ଜନନୀ ଭାରତ ଧରଣୀ କଲ୍ପଲେତୟମ୍'
'ବନ୍ଦେ ମାତରଂ, ବନ୍ଦେ ମାତରଂ, ବନ୍ଦେ ମାତରଂ'
'ସାରେଯାହାଁସେ ଆଛା ହିନ୍ଦୁସ୍ଥାଁ ହମାରା ହମାରା'
'ବନ୍ଦେ ଭାରତ ଜନନୀ, ବନ୍ଦେ ଉକ୍ରଳ ଜନନୀ'
'ଭାରତମାତା ର ଜୈତ୍ରୀ ଗାଥାର
ମୁର୍ଚ୍ଛନା ଛୁଟେ ଆକୁମାରୀ ହିମାଳୟ
ସବୁରି କଣ୍ଠେ ଗୋଟିଏ ସ୍ୱର
ଜୟ ଭାରତର ଜୟ, ଜୟ ଭାରତର ଜୟ ...
ହଜାରେ ବର୍ଷର ଅନ୍ଧାରୀ ଶାସନ ପରେ ରେ ଭାରତେ
ସ୍ୱାଧୀନତା ର ସୂର୍ଯ୍ୟ ଆସିଛି ଉଇଁ
ଜାତୀୟ ପତାକା ଲହରାଇ ଆମେ
ପ୍ରଣାମ କରୁଛୁ ଆମରି ମଥାକୁ ଛୁଇଁ ....
ନାଲି ଧଳା ପୁଣି ସବୁଜ ରଙ୍ଗର
ତ୍ରିରଙ୍ଗ ପତାକା ତୁହି
ଘୋଷୁଅଛୁ ଆଜି ସ୍ୱାଧୀନ ହୋଇଛି ଆମରି ଜନମ ଭୁଇଁ
ସୂଜଳା ସୁଫଳା ଶସ୍ୟ ଶ୍ୟାମଳା
ଏହି ଯେ ଭାରତ ଭୁଇଁ
ଏଠି କେହି ସାନ ନାହିଁ କେହି ବଡ ନାହିଁ

ISSN NO.
2582-208X

ଗୋଟିଏ ମାଆର କୋଟିଏ ସନ୍ତାନ
ଆମେ ସବୁତ ଭଉଣୀ ଭାଇ
ରଞ୍ଜିତ ଅସୀ ଧାରେ, ଶତ୍ରୁର ରକତ ଗାରେ
ବିଜୟର ଟୀକା ଭାଲେ ବହି
ଏ ଜୀବନ ପଣ କରି,ହସି ହସି ଯିବୁ ମରି
ଜୈତ୍ରୀର ଧ୍ୱଜ୍ଜା ତୋଳି
ଶତ୍ରୁର କବର ଖୋଳି
ବୈରୀ ର ଶୋଣିତ ରେ, ଫୁଟାଇବୁ ରକ୍ତ ଜବା
ପୁଣି ଶାନ୍ତିର ସ୍ୱସ୍ଥ୍ୟୟିନୀ ମନ୍ତ୍ର ଗାଇଗାଇ
ଆମେରେ ସୈନିକ, ଶ୍ରମିକ ଦଳ, ଶିଳ୍ପୀକୁଳ, ଚାଷୀଭାଇ,
ଶସ୍ୟର କେଦାର ମାଳେ, ସୌଧ, ଖାଦାନ ତଳେ, କାରଖାନା ଧୁଆଁ ଧାରେ,
ଏ ଭାରତ ସରୋବରେ
ଫୁଟାଇବୁ ଆମେ କେତେ କେତେ ଶୁଭ୍ର ନୀଳ କଇଁ
ହେ ଭାରତମାତେ !
ସହିଦ୍ ର ତୀର୍ଥ ଭୂମି ତୀରୁ
ପ୍ରଣାମ କରୁଛୁ ଆମେ ଆମ ମଥା ନଇଁ
ଶପଥ କରୁଛୁ ଆମେ
ମୃତ୍ୟୁର ଜଳରେ ସନ୍ତରଣ କରିକରି
ତୋଳୁଥିବୁ, ଏ ପିଣ୍ଡରେ ପ୍ରାଣ ଥିବା ଯାକେ
ତୋହ ପାଇଁ ରକ୍ତ କମଳ କଇଁ...
ଜାତୀୟ ପତାକା ଲହରାଇ ଆମେ ପ୍ରଣାମ କରୁଛୁ ଆମରି ମଥାକୁ ଛୁଇଁ,......୨ଥର

ପ୍ଲଟ ନଂ: ୧୪୮/୫,
ହମିରପୁର, ରାଉରକେଲା:୩
ମୋ :୯୦୯୦୦୯୦୨୨୫

ISSN NO.
2582-208X

# ଅଦୃଶ୍ୟ ଶକ୍ତି



ସୁଲତା ସାହୁ

ଜୀବନ ପଥରେ ଏକାକୀ ପଥିକ ଟିଏ ମୁଁ
ନା ସଖା ଅଛି ଆଉ ନା ଅଛି କେହି ସାଥି
କର୍ମ କୁ ଆଦରି ଆରୋହଣ କରେ ଜୀବନ ପାବଚ୍ଛ
ଅତି ସତର୍କତା ଓ ଅତି ଦୃଢ଼ତା ସହ
ଟଳ ମଳ ହୋଇଛି ଅନେକ ଥର ପାଦ ମୋର
ବେଳେ ବେଳେ ମନରେ ସୃଷ୍ଟି ହୁଏ ଅନେକ ପ୍ରଶ୍ନବାଚୀ

ପାରିବି କି ସତେ ପହଞ୍ଚି ମୁଁ ସେଇଠି....?
କଣ ସତ ହେବ ଦିନେ ମୋର ଅଧୁରା ସପନ...?
ଲକ୍ଷ୍ୟ ତ ମୋର ଅନେକ ଦୂରରେ
ଯେତେ ମୁଁ ଚଢୁ ଥାଏ ଜୀବନ ପାବଚ୍ଛ
ଗନ୍ତବ୍ୟ ସ୍ଥଳ ମୋର ଯାଉଥାଏ ସେତିକି ଦୁରକୁ
ଦୁନିଆ ଟା ଯେବେ ପର କରିଦିଏ
ଶୂନ୍ୟତାର କଳା ମେଘ ଘୋଟି ଆସେ ଜୀବନରେ
ଭୟରେ କମ୍ପାଇ ଥରି ଉଠେ ଦେହ

ISSN NO.
2582-208X

ସେତେବେଳେ ଅନେକ ପ୍ରଶ୍ନ ପଚାରେ ନିଜକୁ
କୁଆଡେ ଯିବି ମୁଁ କିଭଳି ବଞ୍ଚିବି
ଅଛି କିଛି ଅସ୍ତିତ୍ୱ ମୋର ଏହି ଦୁନିଆ ବକ୍ଷରେ
ଯେ କି ମୋତେ ଦେଇପାରିବ ଆଶ୍ରୟ
ଏକ ଦିଗହରା ବାଟୋଇ ଟିଏ ମୁଁ

ଦିଶେ ନାହିଁ ପଥ ଚତୁଃର୍ଦିଗ ହୁଏ ଅନ୍ଧକାର ମୟ
ଦୁନିଆଁର ସବୁ ରାସ୍ତା ଯେତେବେଳେ
ମୋ ପାଇଁ ହୋଇଯାଏ ରୁଦ୍ଧ
ହତାଶା ଓ ନିରାଶା ମଧ୍ୟରେ କରେ ମୁଁ କାଳାତି ପାତ

ଦୁଇ ହାତ ଯୋଡିଦେଇ ମଥା ନତ କରି
ଅଶ୍ରୁ ମୋର ଝରିଯାଏ ନେତ୍ର ଯୁଗଳରୁ
ଡାକି ଦିଏ ହାତ ଟେକି ରଖ ଜଗନ୍ନାଥ
ତୁମେ ନ ରଖିଲେ ଆଜ ହେଲି ମୁଁ ଅନାଥ
ଅକାତ ଜଳରେ ମୋର ଭାସିଲା ଯେ ଭେଳା
ତ୍ରାହି କର ମହାପ୍ରଭୁ ରଖ ଚକାଡୋଳା

କେହି ଜଣେ ମୋର ଡାକ ଶୁଣିଲା ପରାୟେ
ସମସ୍ୟା ମୋ ସମାଧାନ ହୋଇଯାଏ କ୍ଷଣେ
ଯେମିତି କି ଅଛି କୋଉ ଅଦୃଶ୍ୟ ର ଶକ୍ତି
ସମସ୍ତ ବିପଦୁ ମତେ ଯେ ଦେଉଥାଏ ମୁକ୍ତି
ସବୁ ଦ୍ୱାର ରୁଦ୍ଧ ପରେ ଉନ୍ମୁକ୍ତ ସେ ଦ୍ୱାର
ଯେଉଁଠି ନଥାଏ କାହା ପ୍ରତାରଣାର ଭୟ

ISSN NO.
2582-208X

କାହୁଁ କରେ ନାହିଁ କୋଉ ରାଜନୀତି ଖେଳ
ସମସ୍ତ ଶକ୍ତି ସେଠି ହୁଏଇ ନିଷ୍କ୍ରିୟ
ଅଦୃଶ୍ୟ ଶକ୍ତିର ସେ ଯେ ଚମତ୍କାର ଖେଳ
ଯେତେ ଅର୍ଥ ବାହୁ ବଳ ହୁଏ ତା ଠାରେ ଦୁର୍ବଳ

କେହି ଜଣେ ମୋତେ ରକ୍ଷା କରୁଅଛି ଶୂନ୍ୟେ
ଅଭୟ ସେ ଦିଏ ତାର ଚରଣ କମଳେ

ରହିଛି ଏଭଳି କିଛି ଶୂନ୍ୟତା ର ଶକ୍ତି
ଶୂନ୍ୟ ମୟ ବ୍ରହ୍ମ ସେ ଶୂନ୍ୟେ ରହିଅଛି
କର୍ମ ଯେବେ ସତ୍ ହୁଏ ମନ ଯେବେ ସ୍ଥିର
ଡାକିଲେ ସେ ଓ କରେ ଭକତ ବତ୍ସଳ

ସତ୍ କର୍ମ କରିଚାଲ ସଦା ଧରିଥାଅ ଧୈର୍ଯ୍ୟ
ସମୟ ଆସିଲେ ତାହା ଫଳିବ ନିଶ୍ଚିତ
ଦେଖିବ ସେଦିନ ସେହି ଅଦୃଶ୍ୟ ର ଶକ୍ତି
ସମସ୍ତ ସଙ୍କଟୁ ସେ ଯେ କରିଦେବ ମୁକ୍ତି ॥

ଅତିଥି ଅଧ୍ୟାପିକା,
ଓଡିଆ ଭାଷା ସାହିତ୍ୟ ବିଭାଗ
ରମାଦେବୀ ମହିଳା ବିଶ୍ୱ ବିଦ୍ୟାଳୟ

ISSN NO.
2582-208X

# ପରିବର୍ତ୍ତନ



ଝିଲିମିଲି ସାହୁ

ପ୍ରକୃତିର ସ୍ୱୟଂ ସିଦ୍ଧ ନିୟମ
ରାସ୍ତା ବିସ୍ତୃତ , ଅନନ୍ତ
ନିଇତି ଉଦିତ, ଅସ୍ତମିତ ରବି ସମ
ଅବର୍ଣ୍ଣନୀୟ ସେ ପରିବର୍ତ୍ତନର କମ୍ପନ ।

ପଛରେ ରହିଯାଏ ପୁରୁଣା ସ୍ୱପ୍ନ
ଉଙ୍କି ମାରେ ନୂଆ ନୂଆ ଆକାଂକ୍ଷା
ବନ୍ଧୁ... ଏ ପରିବର୍ତ୍ତନର ଯାତ୍ରା
ବନ୍ଧୁର, ସଂଘର୍ଷ ପୂର୍ଣ୍ଣ ରାସ୍ତା ।

ନୂଆ ଦିଗ ନୂଆ ଭାବନା
ଗଢେ ଭାଙ୍ଗେ କେତେ କଳ୍ପନା
କିଛି ଶିଖି ଜିତିବାର ବିଶ୍ୱାସ
ରଚିଯାଏ ନୂଆ ଇତିହାସ ।

ଚାଲ, ପରିବର୍ତ୍ତନ ଗରଳକୁ ପିଇ
ପୁଣି ଉଡିବା ପ୍ରୟାସ କରିବା
ଝଡର ବାଜପକ୍ଷୀ ପରି
ବିଜୟର ନୂତନ ଫର୍ଦ୍ଦ ଯୋଡିବା।

ସହ. ଶିକ୍ଷୟିତ୍ରୀ
ନୟାଗଡ଼

ISSN NO.
2582-208X

# ବିପ୍ଳବିନୀ
# ଗୋଦାବରୀ ଦେବୀ



ଭାରତୀ ମୁଦୁଲି

ସ୍ୱାଧୀନତା ସଂଗ୍ରାମର ନାଁ ଶୁଣିଲେ ରୋମ ଟାଙ୍କୁରେ । ଦେଶପ୍ରେମୀ ହବାର ନିଶା ଜାଗି ଉଠେ । କାରଣ ଏହା ଆମ ପାଇଁ ଓ ପରବର୍ତ୍ତୀ ପିଢୀ ପାଇଁ ପ୍ରେରଣାର ଉତ୍ସ । ଦେଶ ପାଇଁ କିଛି କରିବାର ତଥା ଲଢିବାର ଆଗ୍ରହ ହିଁ ମଣିଷକୁ ଏକ ବିରାଟ ସ୍ଥାନରେ ପହଞ୍ଚାଇ ଦିଏ । ନିଜ ମାତୃଭୂମୀକୁ ମୁକୁଳାଇବା ପାଇଁ ସଦା ସର୍ବଦା ଚେଷ୍ଟିତ ଥିବା କେତେକ ମହାନ ବ୍ୟକ୍ତିମାନେ ସମସ୍ତ ସୁଖ ସ୍ୱାଛନ୍ଦ୍ୟକୁ ଭୁଲି ପରାଧୀନତା କବଳରୁ ଦେଶର ରକ୍ଷା ନିମିତ୍ତ ଚେଷ୍ଟିତ ଥିଲେ । ସେଇ ଦେଶପ୍ରେମୀମାନଙ୍କ ମଧ୍ୟରୁ ପୁଣ୍ୟମୟୀ ଗୋଦାବରୀ ଦେବୀ ଅନ୍ୟତମ ।

୧୯୧୬ ମସିହା ଅକ୍ଟୋବର ୨ ତାରିଖରେ ଅବିଭକ୍ତ କଟକ ଜିଲ୍ଲାର ଯାଜପୁର ସବଡିଭିଜନ ଅନ୍ତର୍ଗତ ବିଞ୍ଝାରପୁର ଥାନା ଅଧୀନସ୍ଥ କଲ୍ୟାଣପୁର ଗ୍ରାମର ବାଞ୍ଛାନିଧି ଦାସ ଓ ହାରାମଣୀ ଦେବୀଙ୍କ କୋଳମଣ୍ଡନ କରିଥିଲେ ଗୋଦାବରୀ ଦେବୀ । ଯେତେବେଳେ ଗୋଦାବରୀ ଦେବୀ ଛଅ ବର୍ଷର, ସେତେବେଳେ ତାଙ୍କ ବଡବାପା ପୁଅ ଅଦ୍ୱୈତ ଚରଣ ଦାସ ଗାଁ ଗାଁ ବୁଲି ସ୍ୱରାଜର ବାର୍ତ୍ତା ପ୍ରଦାନ କରୁଥିଲେ । ବିଶେଷ କରି ସ୍ୱଦେଶୀ ଜିନିଷ ବ୍ୟବହାର, ସୂତା କଟା ଆଦି କାର୍ଯ୍ୟ କରିବା ପାଇଁ ଲୋକମାନଙ୍କୁ ପ୍ରବର୍ତ୍ତାଉ ଥିଲେ। କଲ୍ୟାଣପୁରର ଆଉ ଜଣେ ବ୍ୟକ୍ତି ରଘୁନାଥ ଦାସଯି ଏ କି ଉତ୍କଳ ମଣିଙ୍କର ପ୍ରିୟ ଶିଷ୍ୟ ଥିଲେ, ସେ ମଧ୍ୟ

ISSN NO.
2582-208X

ଗାଁରେ ପ୍ରାଇମେରୀ ସ୍କୁଲ ସ୍ଥାପନ, ବାଳିକା ଶିକ୍ଷା, ଅସ୍ପୃଶ୍ୟତା ନିବାରଣ ଆଦିର ପ୍ରଚାର କରିବାରେ ଲିପ୍ତ ଥିଲେ । ଅଦ୍ୱୈତ ଚରଣ ଦାସ ଓ ରଘୁନାଥ ଦାସଙ୍କ ସହ ମିଶି ଗାଁ ଟୋକାମାନେ ବିଭିନ୍ନ ଗାଁରେ ପ୍ରଚାର କରିବା ସମୟରେ ଗାଉଥିଲେ –

ମନ୍ଦେ ମନ୍ଦେ ନବ ଆନନ୍ଦେ
ଗାଅରେ ଭାରତ ସ୍ୱାଧୀନ
ନବ ପ୍ରାଣେ ଆଜି ଉଠ
ହେ ଅଖିଳ ଭାରତ ସନ୍ତାନ

ଏହି ଗୀତ ଛୋଟ ଛୋଟ ଝିଅମାନଙ୍କୁ ବହୁ ପ୍ରଭାବିତ କରୁଥିଲା । ଯେତେବେଳେ ଗୋଦାବରୀ ଦେବୀଙ୍କୁ ମାତ୍ରତେର ବର୍ଷ ସେତେବେଳେ ସେ ସ୍ୱାଧୀନତା ସଂଗ୍ରାମରେ ଭାଗ ନେଇଥିଲେ । ଦେଶର ପରାଧୀନତା ତାଙ୍କ ମନକୁ ଆନ୍ଦୋଳିତ କରିଥିଲା । ତାଙ୍କ ପିତାଙ୍କ ବାରଣ ହେତୁ ସେ ଅନଶନ କରି ଶେଷରେ ନିଜ ଇଚ୍ଛାମୁତାବକ ସ୍ୱାଧୀନତା ସଂଗ୍ରାମରେ ଯୋଗଦେଲେ । ସମାଜର ଲାଞ୍ଛନା ଓ ଅପମାନକୁ ଖାତିର ନକରି ସେ ନିଃସ୍ୱାର୍ଥପର ଭାବେ ସ୍ୱାଧୀନତା ସଂଗ୍ରାମରେ ଭାଗ ନେଲେ । ଏଥିପାଇଁ ତାଙ୍କୁ ଜେଲ ମଧ୍ୟ ଯିବାକୁ ପଡିଥିଲା । ଗୋଦାବରୀ ଦେବୀ ମହାତ୍ମାଗାନ୍ଧୀଙ୍କୁ ଓଡିଆ ଅକ୍ଷର ଶିଖାଇଥିଲେ । ସେଥିପାଇଁ ଗାନ୍ଧୀଜୀ ତାଙ୍କୁ ଗୁରୁଜୀ ବୋଲି ଡାକୁଥିଲେ।

ଦେଶ ସ୍ୱାଧୀନ ହେବାର ପରବର୍ତ୍ତୀ ସମୟରେ ସେ ସମାଜ ସେବାରେ ଲିପ୍ତ ରହିଲେ । ବିଭିନ୍ନ ଅନୁଷ୍ଠାନ ସ୍ଥାପନ କରିବା ସହିତ ସେଇ ଅନୁଷ୍ଠାନ ସହ ସମ୍ପୃକ୍ତ ରହି ଜନ ସେବାରେ ନିଯୋଜିତ ଥିଲେ । ହରେକୃଷ୍ଣ ମହତାବଙ୍କ ସମ୍ପାଦିତ 'ପ୍ରଜାତନ୍ତ୍ର'ରେ ଗାନ୍ଧୀଜୀଙ୍କ ଜନ୍ମ-ଶତ ବାର୍ଷିକୀ ଅବସରରେ 'ଗାନ୍ଧୀ ବିଚାର' ସ୍ୱତନ୍ତ୍ର ପୃଷ୍ଠାରେ ଗୋଦାବରୀ ଦେବୀଙ୍କ ଲେଖା ପ୍ରକାଶ ପାଉଥିଲା। ସେଥିରେ ସେ ଧାରାବାହିକ ଭାବେ 'ପୁଣ୍ୟ ସ୍ମୃତିରୁ ଖିଏ' ଶୀର୍ଷକରେ ନିଜ ସଂଗ୍ରାମୀ ଜୀବନର ଅନୁଭୂତି ତଥା ଉପଲବ୍ଧିକୁ ବର୍ଣ୍ଣନା କରିଥିଲେ । ଯାହା ଆଠଟି ଭାଗରେ ପ୍ରକାଶିତ ହୋଇଥିଲା । କିନ୍ତୁ ଏହା ସମ୍ପୂର୍ଣ୍ଣ ହୋଇପାରି ନଥିଲା । ତଥାପି ଏହି

ISSN NO.
2582-208X

ସାରସ୍ୱତ କୃତି ନିମନ୍ତେ ସେ 'ଓଡ଼ିଶା ସାହିତ୍ୟ ଏକାଡ଼େମୀ' ସହ ଅନ୍ୟ ସମ୍ମାନରେ ମଧ୍ୟ ସମ୍ମାନିତ ।

ଗୋଦାବରୀ ଦେବୀ ବହୁତ ସାହସୀ ଥିଲେ । ଗୋଦାବରୀ ଦେବୀଙ୍କ ସମ୍ପର୍କରେ ବିରାଜମୋହନ ଦାସ ତାଙ୍କର 'ପୁଣ୍ୟବତୀ ଗୋଦାବରୀ' ପ୍ରବନ୍ଧରେ ଲେଖିଛନ୍ତି ଯେ ଦୁଃଖ ରୂପକ ଅନଳ ବାରମ୍ବାର ତାଙ୍କୁ ଗ୍ରାସ କରିଛି ମାତ୍ର ସେ ନିଜର କର୍ତ୍ତବ୍ୟଓ ନିଷ୍ଠା ବଳରେ, ଦୃଢ଼ ମନୋବଳ ଯୋଗୁଁ ତା' ଭିତରୁ ବାହାରି ଆସିଛନ୍ତି, ବିଶୁଦ୍ଧ କଞ୍ଚନର ପରିଚୟ ବହନ କରି । କୈଶୋରରୁ ସେ ନିଜର ମହିମାମୟ କର୍ତ୍ତବ୍ୟନିଷ୍ଠ ତଥା ସଂଗ୍ରାମୀ ଜୀବନର ସ୍ୱାତନ୍ତ୍ର୍ୟ ପ୍ରତିଷ୍ଠା କରି ପାରିଥିଲେ । ଅହିଂସାକୁ ପାଥେୟ କରି ସଂଗ୍ରାମଶୀଳ ହେବାର ଯେଉଁ ପନ୍ଥା ସେ ଅବଲମ୍ବନ କରି ଯାଇଛନ୍ତି, ଦେଶ ପ୍ରେମରେ ଉଦବୁଦ୍ଧ ହୋଇ ଆତ୍ମୋତ୍ସର୍ଗ କରିବାର ଯେଉଁ ପରାକାଷ୍ଠା ସେ ପ୍ରଦର୍ଶନ କରିଛନ୍ତି ତା' ଆଗରେ ସ୍ୱତଃ ମୁଣ୍ଡ ନଇଁଯାଏ। ପୁନଶ୍ଚ ସେ କୁହନ୍ତି–"ତାଙ୍କର ପାର୍ଥିବ ଶରୀର ସିନା ପଞ୍ଚଭୂତରେ ମିଶି ଯାଇଛି କିନ୍ତୁ ତାଙ୍କର ଦୃଢ଼ ମନୋବଳ, ଗାନ୍ଧୀ ବିଚାର ପ୍ରତି ଅନୁରକ୍ତି ଓ ଶ୍ରଦ୍ଧା, ଦେଶମାତୃକା ତଥା ଜନ ସାଧାରଣଙ୍କ ସେବା ପାଇଁ ତ୍ୟାଗ ଓ ଆତ୍ମୋତ୍ସର୍ଗ ଚିରଭାସ୍ୱର ହୋଇ ରହିବ । ତେଣୁ ସେ ସଚେତନ ଥିଲେ ମଣିଷର ଦେଶ ଓ ଜାତି ପ୍ରତି କର୍ତ୍ତବ୍ୟ ବିଷୟରେ ତଥା କର୍ତ୍ତବ୍ୟପଥକୁ ସୁନିର୍ଦ୍ଦିଷ୍ଟ କରି ସଂକଳ୍ପ ହେବା ବିଷୟରେ ।

ରମାଦେବୀଙ୍କୁ ବୋଉ ଓ ଗୋପବନ୍ଧୁଙ୍କୁ ବାପା ବୋଲି ଗୋଦାବରୀ ଦେବୀ ସମ୍ବୋଧନ କରୁଥିଲେ । ସେ ବିବାହ କରିଥିଲେ ସ୍ୱାଧୀନତା ସଂଗ୍ରାମୀ ରବୀନ୍ଦ୍ର ମୋହନ ଦାସଙ୍କୁ । ସେ ସମୟରେ ତାଙ୍କର ସାଧନା, ପ୍ରେରଣା, ଆଦର୍ଶ ସମସ୍ତଙ୍କୁ ଉଦବୁଦ୍ଧ କରିଥିଲା। ପୁରୀରେ କଂଗ୍ରେସ ଅଧିବେଶନକୁ ଲକ୍ଷ୍ୟକଲେ ଜଣାଯାଏ ଯେ ଗୋଦାବରୀ ଦେବୀ କଂଗ୍ରେସ ଅଧିବେଶନକୁ ଯିବା ଆଗରୁ ତାଙ୍କ ମନରେ ସଂଗଠନ ଭାବ ଥିଲା । ସେ କେତେକ ଝିଅଙ୍କୁ ନେଇ ଗୋଟିଏ ସଂଘ ଗଢ଼ିଥିଲେ । ତାର ନାଆଁ ଥିଲା କୁମାରୀ ସଂସଦ । ମାଘ ମାସ ପୂର୍ଣ୍ଣିମାଦିନ ଗାଁରେ ଅଗିଜଳା ହୁଏ। କ୍ଷେତରୁ ଆସିଥିବା ନଡ଼ା ପାଳକୁ ଅଗ୍ନିଦେବତାଙ୍କ ଉଦ୍ଦେଶ୍ୟରେ ନିଆଁ ଲଗାଇ ଲୋକେ ପୋଡ଼ି ଦିଅନ୍ତି । ସେହି ସମୟରେ ବିଦେଶୀ ତିଆରି

ISSN NO.
2582-208X

ଲୁଗାପଟାକୁ ସ୍ୱାଧୀନତା ସଂଗ୍ରାମୀମାନେ ମଧ୍ୟ ଏହି ଅଗି ନିଆଁରେ ପୋଡ଼ି ଦେଉଥିଲେ । ଗୋଦାବରୀ ଏକଥା ଶୁଣିଥିଲେ । ଏଣୁ ସେ ତାଙ୍କର କେତେକ ସାଙ୍ଗସାଥୀଙ୍କ ସହ ମିଶି ଅଗିଜଳା ପୁନେଇଁ ଦିନ ବିଦେଶୀ ଲୁଗା ପୋଡ଼ିବା ପାଇଁ ଠିକ୍ କଲେ । ସେହି ଅନୁସାରେ ବିଦେଶୀ ଲୁଗାପଟା ଯୋଗାଡ଼ କରି ସେ ଅଗି ନିଆଁରେ ଜାଳି ଦେଇଥିଲେ। ପରବର୍ତ୍ତୀ ସମୟରେ ଏ ବିଷୟ ମନେ ପକେଇ ସେ କହନ୍ତି "ବିଦେଶୀ ଲୁଗା ପୋଡ଼ିବାର ଅର୍ଥ ଦେଶର ପରାଧୀନତା ଓ ଅକ୍ଷମତାକୁ ଧ୍ୱଂସ କରି ଦେବା । ତା'ଛଡ଼ା ସ୍ୱାଧୀନ ତଥା ସ୍ୱାବଲମ୍ବୀ ହେବା । ଆଜିକାଲିକାର ବିପ୍ଳବୀମାନେ ଯେଭଳି ଟ୍ରେନ୍ ଓ ବସ୍ ଆଦି ପୋଡ଼ି ଦେଉଛନ୍ତି ତାହାକୁ ଗୋଦାବରୀ ଦେବୀ ପସନ୍ଦ କରୁ ନଥିଲେ । ତାଙ୍କ ମତରେ ସ୍ୱାଧୀନତା ସଂଗ୍ରାମ ସମସ୍ତପ୍ରକାର ସାମାଜିକ ଦୁର୍ଗତି ବିରୁଦ୍ଧରେ ହିଁ ଥିଲା । ଗୋଦାବରୀ ଦେବୀ ପୁରୀ କଂଗ୍ରେସ ଅଧିବେସନରେ ଯୋଗ ଦେବାକୁ ଘରୁ ଗୋଡ଼ କାଢ଼ିବା ଆଗରୁ ଜାତୀୟ ଭାବ ତାଙ୍କ ଜୀବନକୁ ବହୁ ଭାବରେ ପ୍ରଭାବିତ କରିଥିଲା । ସେ ଗାନ୍ଧିଜୀଙ୍କ ସମାଜ ସେବା ମାର୍ଗକୁ ଗ୍ରହଣ କରିଥିଲେ। ଏହି କାମରେ ତାଙ୍କ ଗାଁର ଲାଲ ବିହାରୀ ପଟ୍ଟନାୟକ ତାଙ୍କର ଗୁରୁ ଥିଲେ । ସେ ତାଙ୍କୁ ଉତ୍ସାହ ଓ ପ୍ରେରଣା ଦେଉଥିଲେ । ଗାଆଁ ସଫେର, ହରିଜନ ସେବା, କପାଚାଷ, ସୂତାକଟା ଓ ଲୁଗାବୁଣା ଇତ୍ୟାଦି କାମ ବିଷୟରେ ଗୋଦାବରୀ ଆଗ୍ରହ ଦେଖାଉଥିଲେ ।

ଆମ ଦେଶର ସ୍ୱାଧୀନତା ଆନ୍ଦୋଳନ ବେଳେ ଯାଜପୁରର ନିପଟ ମଫସଲ ଗାଁ କଲ୍ୟାଣପୁର ଖୁବ୍ ଆଗୁଆ ଥିଲା । ଏହି ଗାଁରେ ସ୍ୱାଧୀନତା ସଂଗ୍ରାମର ବାର୍ତ୍ତା ପ୍ରଚାର କରିଥିଲେ ଗୋଦାବରୀଙ୍କ ନାରାଦା' ବା ଶ୍ରୀ ଲାଲବିହାରୀ ପଟ୍ଟନାୟକ । ଗୋଦାବରୀଙ୍କ କାର୍ଯ୍ୟ କଳାପ ଦେଖି ରକ୍ଷଣଶୀଳ ବୁଢ଼ାବୁଢ଼ୀମାନେ ନାକ ଟେକୁଥିଲେ। ଏଥିପାଇଁ ତାଙ୍କୁ ବହୁ ଅପମାନ ମଧ୍ୟ ସହିବାକୁ ପଡ଼ିଥିଲା । ବେଳେବେଳେ ସେ ଭାଙ୍ଗି ପଡ଼ିଲେ ନାଲାଦା' ତାଙ୍କୁ ଆଗେଇ ଯିବାକୁ ପ୍ରେରଣା ଦେଉଥିଲେ । ଆମ ଦେଶ ସ୍ୱାଧୀନ ହେଲା । କିନ୍ତୁ ନାଲାଦା'ଙ୍କ ପରି ଅଗଣିତ ଆଗୁଆ ସୈନିକମାନଙ୍କ କଥା ଲୋକେ ଭୁଲିଗଲେ ।

ISSN NO.
2582-208X

ପୁରୀ କଂଗ୍ରେସ ଅଧିବେଶନ ସେବାଦଳରେ ଯୋଗଦେବା ଆଗରୁ ଗୋଦାବରୀ ଆଉ ଦୁଇଥର ଘରୁ ଗୋଡ଼କାଢ଼ିବା ପାଇଁ ଉଦ୍ୟମ କରି ବିଫଳ ହୋଇଥିଲେ । ଏମିତି ଥରେ ଘରୁ ଗୋଡ଼କାଢ଼ିବା ବେଳେ କଲ୍ୟାଣପୁର ଗାଁ ମୁଣ୍ଡରେ ତୁମୁଳ କାଣ୍ଡ ଘଟିଲା। ଗୋଦାବରୀଙ୍କ ବାପା ରାଗିଯାଇ ନାଲାଦା'ଙ୍କୁ ମାଡ଼ ମାରିଥିଲେ । କିନ୍ତୁ ଗାନ୍ଧିବାଦୀ ନାଲାଦା ପ୍ରତିଶୋଧ ନେଲେ ନାହିଁ । ବରଂ ମାରପିଟ୍ ବେଳେ ଗୋଦାବରୀ ଏବଂ ତାଙ୍କ ବାପା ଆହତ ହୋଇବାରୁ ସେମାନଙ୍କ ଚିକିତ୍ସା ପାଇଁ ମଲମ ପଠାଇଲେ। ପୁରୀରେ କଂଗ୍ରେସ ଅଧିବେଶନ ପାଇଁ ସେବାଦଳର ପ୍ରଶିକ୍ଷଣ କାର୍ଯ୍ୟ ଆଗେଇ ଚାଲିଥାଏ । ଗୋଦାବରୀ ଦେବୀ କଲ୍ୟାଣପୁର ଗାଁରୁ ପ୍ରଥମେ ବଳଦଗାଡ଼ି ଓ ପରେ ରେଳଗାଡ଼ିରେ ବସି ପୁରୀରେ ପହଞ୍ଚିଲେ । ସେତେବେଳର ଗାଁ ଗଣ୍ଡା ରାସ୍ତାରେ ଶଗଡ଼ ଚାଲିବା ମଧ୍ୟ କଷ୍ଟଥିଲା। ବର୍ଷାଦିନେ ସବୁଆଡ଼େ ପାଣି କାଦୁଅ ଭରି ଯାଉଥିଲା । ତେଣୁ ବହୁତ୍ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଥିଲା।

ଗୋଦାବରୀ ପୁରୀରେ ପହଞ୍ଚି ରମାଦେବୀଙ୍କୁ ଦେଖା କରିଥଲେ। କିନ୍ତୁ ପ୍ରଥମ ଦେଖାରେ ତାଙ୍କ ମନରୁ ସବୁ ରାଗଫିକା ପଡ଼ିଗଲା। ରମାଦେବୀଙ୍କ ବ୍ୟବହାରରୁ ସେ ଜାଣିଲେ ଯେ, ତାଙ୍କର ସେବାଦନର କାର୍ଯ୍ୟକ୍ରମରେ ଯୋଗ ଦେବା କଥାଟାକୁ ରମାଦେବୀ ସମର୍ଥନ କରୁନାହାନ୍ତି । ପୁରୀ ଆସିବା ଆଗରୁ ସେ କରିଥିବା ପାଞ୍ଚ ଦିନ ଅନଶନକୁ ମଧ୍ୟ କେହି ବିଶ୍ୱାସ କରୁନଥିଲେ । ।

ସେହିପରି ସେତିକିବେଳେ ଅସହଯୋଗ ଆନ୍ଦୋଳନ ଆରମ୍ଭ ହେବାରୁ ପୁରୀରେ କଂଗ୍ରେସ ଅଧିବେଶନ ହୋଇ ପାରିଲା ନାହିଁ । ତେଣୁ ସ୍ୱେଚ୍ଛାସେବୀମାନେ ପ୍ରଥମରୁ ଫେରି ଆସିବା ସ୍ଥିର କଲେ । ଗୋଦାବରୀ ପୁରୀରୁ ଫେରି ଆସିଲେ । ସେ ଯେଉଁ ପରିସ୍ଥିତିରେ ଘର ଛାଡ଼ିଥିଲେ ସେତେବେଳେ ତାଙ୍କର ଗାଁକୁ ଫେରିଯିବାର ସବୁ ବାଟ ବନ୍ଦ ହୋଇଯାଇଥିଲା । ତେଣୁ ପୁରୀରେ ଶିବିର ଭାଙ୍ଗିଯିବା ଦିନ ସେ କୁଆଡ଼େ ଯିବେ କିଛି ସ୍ଥିର କରି ପାରିଲେ ନାହିଁ। ତାଙ୍କର ଏକମାତ୍ର 'ମା' ରମାଦେବୀଙ୍କୁ ସେ ନିଜ କଥା ଜଣାଇଲେ । ରମାଦେବୀ ଆଗ୍ରହରେ ଗୋଦାବରୀଙ୍କୁ ନିଜ ସହିତ କଟକ ନେଇଗଲେ । ତାଙ୍କ ପରିବାରରେ ସେ

ISSN NO.
2582-208X

ଅଲିଅଳି ଝିଅ ପରି ଚଳିଲେ । ତେଣୁ ସେ ଗୋପବନ୍ଧୁ ଚୌଧୁରୀଙ୍କୁ ବାପା ଓ ରମାଦେବୀଙ୍କୁ ବୋଉ ବୋଲି ଡାକୁଥିଲେ ।

ଗୋଦାବରୀଙ୍କ ଭାଗ୍ୟରେ ସେ ସୁଖର ଦିନଗୁଡ଼ିକ କ୍ଷଣସ୍ଥାୟୀ ହୋଇଥିଲା । କଟକରେ ରହିବାର ଅଳ୍ପଦିନ ପରେ ୧୯୩୧ ମସିହାରେ ଆଇନ୍ ଅମାନ୍ୟ ଆନ୍ଦୋଳନ ଆରମ୍ଭ ହେଲା। ଏଥିରେ ଯୋଗ ଦେଇ ଗୋପବନ୍ଧୁ ଚୌଧୁରୀ ଓ ରମାଦେବୀ ଜେଲ୍ ଗଲେ । କଟକର ସ୍ୱରାଜ ଆଶ୍ରମରେ ତାଲା ପଡ଼ିଲା । ଦେଶ ସାରା ଅସହଯୋଗ ଆନ୍ଦୋଳନର ନିଆଁ ଜଳି ଉଠିଲା । ଦେଶର ସବୁ ବଡ଼ବଡ଼ ନେତା ଓ ନେତ୍ରୀମାନେ ଜେଲ୍‌ର ଅନ୍ଧକାର ଭିତରେ ରହିଗଲେ । ଦେଶର ଏହିଭଳି ପରିସ୍ଥିତିରେ ଗୋଦାବରୀ ଦେବୀ ଜେଲ୍ ଯିବାକୁ ଚାହିଁ ନଥିଲେ । କାରଣ ସେ ଗାଁରେ ବଢ଼ିଥିବାରୁ ଜେଲ ବିଷୟରେ ତାଙ୍କ ମନରେ ଏକ ବିଚିତ୍ର ଓ ଭିନ୍ନ ଧାରଣା ଥିଲା । ରମାଦେବୀଙ୍କ ନିର୍ଦ୍ଦେଶରେ ସେ ତାଲିମ ଶିବିରର ଜଣେ ମହିଳା କର୍ମୀଙ୍କ ସହିତ ଗାଁକୁ ଗଲେ । ଗାଁରେ ଲାଲବିହାରୀ ପଟ୍ଟନାୟକଙ୍କ ପତ୍ନୀ ବିଷ୍ଣୁପ୍ରିୟାଙ୍କ ସହିତ ମିଶି କଂଗ୍ରେସର ବାର୍ତ୍ତା ପ୍ରଚାର କରିବାକୁ ଲାଗିଲେ । କଂଗ୍ରେସ ପାଇଁ ବୁଲି ବୁଲି ଚାନ୍ଦା ସଂଗ୍ରହ କଲେ ।

ସେତେବେଳେ ଗାଁ ମାନଙ୍କରେ ଅଶିକ୍ଷା, ଅନ୍ଧବିଶ୍ୱାସ, କୁସଂସ୍କାର ଓ ଦାରିଦ୍ର୍ୟ ଛାର ରହିଥିଲା । ବ୍ରିଟିଶ୍ ସରକାରଙ୍କ ଭୟରେ କଂଗ୍ରେସ ପାର୍ଟିକୁ କେହି ଚାନ୍ଦା ଦେଉ ନଥିଲେ । ଦିନେ ଘର ଘର ବୁଲି ଚାନ୍ଦା ଆଦାୟ କରି ଫେରୁଥିବା ବେଳେ ବର୍ଷା ହେଲା । ଗୋଦାବରୀ ଓ ବିଷ୍ଣୁପ୍ରିୟା ବର୍ଷାରେ ଭିଜୁଥଲେ ମଧ୍ୟ ତାଙ୍କୁ କେହି ଘର ଭିତରକୁ ଡାକି ନଥିଲେ । ସାଧୁଆ ନାମରେ ଜଣେ ଲୋକ ଛତାଟିଏ ଆଣି ସେମାନଙ୍କୁ ସାହାଯ୍ୟ କରିଥିବାରୁ ତାକୁ ଚାକିରିରୁ ବାହାର କରି ଦିଆଯାଇଥିଲା । ଏଇଭଳି ପରିସ୍ଥିତିରେ କିଛି ଦିନ ଗାଁ ଗହଳରେ କାମ କରିବା ପରେ ରମାଦେବୀଙ୍କ ନିର୍ଦ୍ଦେଶ ପାଇ ଗୋଦାବରୀଙ୍କୁ କଟକ ଫେରି ଯିବାକୁ ହେଲା । ସେ ଯାଇ ଗୋପବନ୍ଧୁ ଚୌଧୁରୀଙ୍କ ଘରେ ରହିଲେ।

ISSN NO.
2582-208X

୧୯୪୭ ମସିହା ଅଗଷ୍ଟ ୧୫ ତାରିଖରେ ଭାରତ ସ୍ୱାଧୀନ ହେଲା । ସେତେବେଳେ ଦେଶର ଅଗଣିତ ନରନାରୀଙ୍କ ସହ ଗୋଦାବରୀଙ୍କ ମନରେ ମଧ୍ୟ ଆନନ୍ଦର ବନ୍ୟା ଖେଳି ଯାଇଥିଲା। ସ୍ୱାଧୀନ ଭାରତରେ ଗାନ୍ଧିଜୀଙ୍କର ରଚନାତ୍ମକ କାର୍ଯ୍ୟକ୍ରମର ପ୍ରସାର ସୁରୁଖୁରୁରେ ହୋଇ ପାରିବ ବୋଲି ସେ ଆଶା ପୋଷଣ କରିଥିଲେ । କିନ୍ତୁ ଦେଶ ସ୍ୱାଧୀନ ହେବା ପରେ ସ୍ୱାଧୀନତା ପୂର୍ବର ଉତ୍ସାହ-ଉନ୍ମାଦନା ସାଧାରଣ କର୍ମୀଠାରୁ ଆରମ୍ଭ କରି ନେତାମାନଙ୍କ ପର୍ଯ୍ୟନ୍ତ କାହାରି ମନରେ ରହିଲା ନାହିଁ । ଯେଉଁ ନେତାମାନେ ଦୁଃଖ କଷ୍ଟରେ ଲଢିଥିଲେ, ଦେଶ ସ୍ୱାଧୀନ ହେଲା ପରେ ସେମାନଙ୍କ ମଧ୍ୟରୁ ଅନେକ ବିଧାନ ସଭା, ଲୋକ ସଭା ଓ ରାଜ୍ୟସଭା ଆଦିର ସଭ୍ୟ ତଥା ମନ୍ତ୍ରୀ ହୋଇ ବିଳାସମୟ ଜୀବନ ଯାପନ କରିବା ଆରମ୍ଭ କଲେ ।

ସ୍ୱାଧୀନତା ପ୍ରାପ୍ତି ବେଳକୁ ଦେଶ ଭିତରେ ହିନ୍ଦୁ ଓ ମୁସଲମାନ ସଂପ୍ରଦାୟ ମଧ୍ୟରେ ଦଙ୍ଗା ଚାଲିଥାଏ। ଶେଷରେ ମହମ୍ମଦ ଅଲ୍ଲୀ ଜିନ୍ନାଙ୍କ ନେତୃତ୍ୱରେ ପାକିସ୍ତାନ ଗଠିତ ହେଲା । ୧୯୪୭ ମସିହା ଅଗଷ୍ଟ ମାସ ୧୫ ତାରିଖଠାରୁ ଭାରତବର୍ଷ ଦୁଇଭାଗରେ ବିଭକ୍ତ ହୋଇଗଲା। ମୁସଲମାନମାନଙ୍କ ପାଇଁ ପାକିସ୍ତାନ ଗଠିତ ହେଲା । କିନ୍ତୁ ଭାରତ ଓ ପାକିସ୍ତାନ ଉଭୟ ଦେଶରେ ହାଣକାଟ ଲାଗି ରହିଲା । ଗାନ୍ଧିଜୀଙ୍କ ମନରେ ଏହା ଗଭୀର ଦୁଃଖ ଦେଲା । ଗୋଦାବରୀ ଜଣେ ସଚ୍ଚା ଗାନ୍ଧିବାଦୀ ଥିଲେ । ଦେଶ ସ୍ୱାଧୀନ ହେବାର ଆନନ୍ଦ ଓ ତତ୍କାଳୀନ ସାଂପ୍ରଦାୟିକ ଦଙ୍ଗା ତାଙ୍କ ମନରେ ଗଭୀର ରେଖାପାତ କଲା । ସବୁବେଳେ ତ ସମୟ ସମାନ ରହେ ନାହିଁ । ଦେଶରେ ସାଂପ୍ରଦାୟିକତାର ଝଡ଼ ବହିଯିବା ପରେ ପୁଣି ସବୁଶାନ୍ତ ପଡ଼ିଗଲା । ଭାରତ ଶାସନ ପାଇଁ ନୂଆ ସମ୍ବିଧାନ ତିଆରି ହେଲା । ୧୯୫୦ ମସିହା ଜାନୁୟାରୀ ମାସ ୨୬ ତାରିଖରୁ ସାରା ଦେଶରେ ତାହା କାର୍ଯ୍ୟକାରୀ ହେଲା। ସ୍ୱାଧୀନ ଭାରତ ଏକ ସାଧାରଣ ତନ୍ତ୍ରରେ ପରିଣତ ହେଲା । ୧୯୫୨ରେ ଆମ ରାଜ୍ୟ ଓଡ଼ିଶାରେ ସୀମା ଆନ୍ଦୋଳନ ମୁଣ୍ଡ ଟେକିଥିଲା । ଗୋଦାବରୀ ଏହି ଆନ୍ଦୋଳନରେ ଯୋଗ ଦେଇଥିଲେ । ବିଚ୍ଛିନ୍ନ ଓଡ଼ିଆ ଅଞ୍ଚଳ ଓଡ଼ିଶାରେ ନମିଶିବା ଯୋଗୁଁ ସେ ପ୍ରତିବାଦ କରିଥିଲେ । ୧୯୬୭ ମସିହାରେ ବାଲେଶ୍ୱର ଜିଲ୍ଲାର ବିଭିନ୍ନ ଅଞ୍ଚଳ ବାତ୍ୟାଦ୍ୱାରା କ୍ଷତିଗ୍ରସ୍ତ

ISSN NO.
2582-208X

ହୋଇଥିଲା । ଗୋଦାବରୀ ଅକ୍ସଫାମ୍ ନାମକ ଏକ ବିଦେଶୀ ସେବାସଂସ୍ଥା ସାହାଯ୍ୟରେ ଗାଁ ଗହଳିକୁ ଯାଇ ସର୍ବହରା ମଣିଷର ସେବା କରିଥିଲେ । ୧୯୭୧-୭୨ ମସିହାରେ ମଧ୍ୟ କେତେକ ଡାକ୍ତରଙ୍କ ସାହାଯ୍ୟରେ ଗୋଦାବରୀ ବାଲେଶ୍ୱର ଜିଲ୍ଲାର ଗ୍ରାମାଞ୍ଚଳକୁ ଯାଇ ଲୋକମାନଙ୍କ ସ୍ୱାସ୍ଥ୍ୟର ଉନ୍ନତି ପାଇଁ କାର୍ଯ୍ୟ କରିଥିଲେ ।

ଗାନ୍ଧିବାଦ ଓ ଭାରତର ସ୍ୱାଧୀନତା ଉପରେ ଆକାଶବାଣୀ କଟକ କେନ୍ଦ୍ର ତରଫରୁ ପ୍ରଚାରିତ ବହୁ ଆଲୋଚନାରେ ଗୋଦାବରୀ ମୁଖ୍ୟ ଭୂମିକା ଗ୍ରହଣ କରିଲେ । ତାଙ୍କ ଦ୍ୱାରା ଲିଖିତ ପ୍ରବନ୍ଧରେ ତତ୍କାଳୀନ ସମାଜରେ ନାରୀମାନଙ୍କର ଅବସ୍ଥା କିପରି ଥିଲା, ତାହା ଲିପିବଦ୍ଧ ହୋଇଅଛି । ତାଙ୍କ ନିଜ ଅନୁଭୂତିରୁ ଲେଖା ଯାଇଥିବାରୁଏହା ଜୀବନ୍ତ ଓ ହୃଦୟସ୍ପର୍ଶୀ ହୋଇପାରିଛି । ସେତେବେଳକାର ଗାଁ ଗହଳିରେ ବିଭିନ୍ନ ବେଉସାର ସ୍ତ୍ରୀ ଲୋକମାନେ କିପରି ବେପାରବଣିଜ କରୁଥିଲେ ଏବଂ ସେତେବେଳେ କ୍ଷୀର ଓ ଘିଅ ପ୍ରଭୃତିର ମୂଲ୍ୟ କେତେ ଥିଲା ତାହା ତାଙ୍କ ଲେଖାରୁ ପଢ଼ିଲେ ଆଶ୍ଚର୍ଯ୍ୟ ଲାଗେ । ତାଙ୍କ ଲେଖାରୁ ଜଣାଯାଏ ଯେ ୧୯୨୪ ମସିହାରୁ ୧୯୪୦ ମସିହା ପର୍ଯ୍ୟନ୍ତ ଗାଁମାନଙ୍କରେ ଜାତିଭେଦ ଥିଲା ସତ, କିନ୍ତୁ ସମସ୍ତଙ୍କ ମଧ୍ୟରେ ସ୍ନେହ ମମତା ମଧ୍ୟ ଭରି ରହି ଥିଲା। ହାଟ ବଜାର ତଥା ଗାଁ ଦାଣ୍ଡରେ ବିକା କିଣା କରୁଥିବା ଝିଅ ବୋହୂମାନଙ୍କୁ କେହି ଅପମାନିତ କରୁ ନଥିଲେ । ତତ୍କାଳୀନ ସମାଜ ବ୍ୟବସ୍ଥା ଏଥିପ୍ରତି ସଜାଗ ଦୃଷ୍ଟି ରଖୁଥିଲା। ସ୍ୱାଧୀନତା ପରବର୍ତ୍ତୀ ଭାରତରେ ନାରୀ ସ୍ୱାଧୀନତାର ଉନ୍ନତି ଘଟିଛି ସତ, ହେଲେ ରାସ୍ତାଘାଟ, ଦୋକାନ ବଜାରରେ ନାରୀମାନଙ୍କ ପ୍ରତି ଅସାମାଜିକ ଲୋକମାନଙ୍କର ଅତ୍ୟାଚାର ମଧ୍ୟ ବଢ଼ିବଢ଼ି ଚାଲିଛି। ଗୋଦାବରୀ ଦେବୀଙ୍କ ମତରେ ଏଭଳି ନାରୀ ନିର୍ଯାତନା ସୃଷ୍ଟି କରୁଥିବା ଦୋଷୀମାନଙ୍କୁ ଅତି କଠିନ ଦଣ୍ଡ ଏପରିକି ପ୍ରାଣଦଣ୍ଡ ମଧ୍ୟ ଦିଆଯିବା ଉଚିତ । ତାଙ୍କର ବିଭିନ୍ନ ଲେଖା ମାଧ୍ୟମରେ ସେ ଦାବି କରୁଥିଲେଯେ ମାନ୍ୟବର ବିଚାରପତିମାନଙ୍କ ସମ୍ମୁଖରେ ଏହି ବିଷୟ ବିଚାର ଆଲୋଚନା କରାଯାଉ । କଠିନ ଦଣ୍ଡ ନଦେଲେ ମଦର ପ୍ରସାର ଘଟିଥିବା ଆମ ଦେଶରେ ନାରୀ ନିର୍ଯାତନା ଭଳି ଅପରାଧ ବନ୍ଦ ହେବ ନାହିଁ ବୋଲି ତାଙ୍କର ବିଶ୍ୱାସ ଥିଲା । ସେହିପରି ଯୌତୁକ ଦାବି

ISSN NO.
2582-208X

ସମ୍ବନ୍ଧରେ ଗୋଦାବରୀ ଦେବୀ କହୁଥିଲେ ଯେ ନାରୀକୁ ସମାଜରେ ଅର୍ଥନୈତିକ ଅଧିକାର ପ୍ରଦାନ କରାଯିବା ଉଚିତ୍ । ବାପା ମା'ଙ୍କ ସମ୍ପତ୍ତିରେ ଝିଅର ଭାଗ ରହିବ ବୋଲି ଆଇନ୍ ବହିରେ ଲେଖା ରହିଛି । ବାସ୍ତବ କ୍ଷେତ୍ରରେ କୋର୍ଟ କଚେରିକୁ ଯାଇ ଭାଇ ସାଙ୍ଗରେ ମକଦ୍ଦମା କରି ନିଜର ଦାବି ସାବ୍ୟସ୍ତ କରିବା ସ୍ତ୍ରୀ ଲୋକମାନଙ୍କ ପକ୍ଷରେ ସାଧାରଣତଃ ସମ୍ଭବ ହେଉନାହିଁ । ତେଣୁ ସେ କହୁଥିଲେ ଯେ ବାପା ମା' ମାନେ ଜୀବିତ ଅବସ୍ଥାରେ ଝିଅମାନଙ୍କୁ ସେମାନଙ୍କ ସମ୍ପତ୍ତିର ଅଂଶ ପୃଥକ ଭାବରେ ଉଇଲ୍ କରି ଦେଇଯିବା ଉଚିତ ।

ଗୋଦାବରୀ ଦେବୀ ୧୯୪୫ ମସିହା ଡିସେମ୍ବର ମାସ ୧୩ ତାରିଖରେ ସ୍ୱାଧୀନତା ସଂଗ୍ରାମୀ ଗାନ୍ଧିବାଦୀ ରବୀନ୍ଦ୍ର ମୋହନ ଦାସଙ୍କୁ ବିବାହ କରି ବାଲେଶ୍ୱର ଆସିଥିଲେ । ଦୁଇଟି ଝିଅ ଓ ନାତି-ନାତୁଣୀଙ୍କ ଦ୍ୱାରା ତାଙ୍କର ପରିପୂର୍ଣ୍ଣ ସଂସାର ଥିଲା । ଜୀବନର ଶେଷ ବେଳକୁ ଗୋଦାବରୀ ରୋଗାକ୍ରାନ୍ତ ହୋଇ ଗଲେ । ସାନଝିଅର ଅକାଳ ମୃତ୍ୟୁ ତାଙ୍କ ଦୁଃଖକୁ ଦ୍ୱିଗୁଣିତ କରିଦେଲା । ୧୯୯୩ ମସିହା ଜୁନ୍ ମାସ ୩୦ ତାରିଖ ଦିନ ସେ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ । ତାଙ୍କ ମୃତ୍ୟୁରେ ଓଡ଼ିଶା ଜଣେ ନାରୀନେତ୍ରୀ ତଥା ବିଶିଷ୍ଟ ସମାଜସେବୀଙ୍କୁ ହରାଇଲା । ତାଙ୍କ ଜୀବନର ଆଦର୍ଶ ଓଡ଼ିଶାର ଜନ ସାଧାରଣ ତଥା ନାରୀମାନଙ୍କ ପାଇଁ ଅନୁକରଣୀୟ ହୋଇ ରହିବ ।

ପିଏଚ.ଡି ଗବେଷିକା, ଓଡ଼ିଆ ବିଭାଗ
ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ

ISSN NO.
2582-208X

# ଅସ୍ତରାଗ......



ରାମଚନ୍ଦ୍ର ବେହେରା

ତପ୍ତ ନିଦାଘର ଭିଜା ଗୁଳୁଗୁଳି
ପରାଣୁ ଶକତି ନିଏ
କ୍ଳାନ୍ତ ଅପରାହ୍ନେ ସୁଲୁ ସୁଲୁ ବାଆ
ଯାତନା ଲୁଚେଇ ଦିଏ
ସୁଖ ଯାଏ ନଇଁ ନଇଁ
ନାଲି କୃଷ୍ଣଚୂଡା ବିବର୍ଣ୍ଣ ଲାଗଇ
ଦୁଃଖ ଆସେ ଧାଇଁ ଧାଇଁ ।
ଶୁଖିଲା ପତ୍ରରେ ତରୁ ଲୁହ ଢାଳେ
ଶୀତଳ ସଲିଳ ପାଇଁ
ଇସାରା ନକରି ଖୋଜଇ ସେ ନୀର
ଜୀଇଁବାର ଆଶା ନେଇ
ମନ ମୋ ଖୋଜଇ ମନ
ସମୟକୁ ମାଗେ ସ୍ୱୀକୃତି ସ୍ୱାକ୍ଷର
ଦେବାପାଇଁ ପ୍ରତିଦାନ।

ISSN NO.
2582-208X

ଆଶା ଅଭିଳାଷା ନିରୁତ୍ତର ଆଜି
ହୃଦୟରେ ଅବସୋସ
ସୁଖ ଦୁଃଖ ଭରା ଜୀବନ ଯାତ୍ରାରେ
ଅମୃତ ଲାଗଇ ବିଷ
ଜଳୁଛି ପରାଣେ ନିଆଁ
ବୁକୁ ତଳେ ଚାପି ଦାରୁଣ ଯାତନା
ମନ ଖୋଜିବୁଲେ ନୂଆ।
ହୃଦୟ କନ୍ଦରେ ଖେଳଇ ନିରାଶା
ଚଉଦିଗେ ମରୀଚିକା
ଉଦୟର ରାଗ କାହିଁ ଲୁଚିଗଲା
ବାରମ୍ବାର ଦେଇ ଧୋକା
ସତେକି ଅଲିଭା ଦାଗ
ନିଜକୁ ନଜେ ମୁଁ କରୁଅଛି ପ୍ରଶ୍ନ
ଏହିକି ମୋ ଅସ୍ତରାଗ ।

ତେନ୍ତୁଳପଦା, ଜଗତସିଂହପୁର
ମୋ-୭୩୫୫୬୩୪୩୪୬

ISSN NO.
2582-208X

# ନାରୀଟିଏ



ଅମ୍ବିକା ସ୍ୱାଇଁ

ନାରୀଟିଏ
ସ୍ନେହ, ପ୍ରେମ, ଦୟା, କ୍ଷମାର ନିର୍ଝରଣୀ
ସେ ବାଣ୍ଟି ପାରେ
ପରସ୍ତ ପରସ୍ତ ସୁଗନ୍ଧିତ ଫୁଲ
ପାଖୁଡାର ବାରି
ଭାଷାରୁ ତା'ର ଝରାଇ ପାରେ ସେ
ସ୍ନେହ ପ୍ରେମର ମଧୁରରାଗିଣୀ ।

ତା'କୋମଳ ହୃଦୟରେ
ଯେତେବେଳେ ଲାଗିଯାଏ
ଗଭୀର ଆଘାତ
ସେ ଜଳାଇପାରେ ତା'ହୃଦୟରେ
ତେଜୋମୟ ବହ୍ନି ।

ଦୁଃଖ, ଅପମାନ ଗ୍ଲାନିର ଜ୍ୱାଳାରେ
ଅଶ୍ରୁର ବର୍ଷା କରି

ISSN NO.
2582-208X

କରିପାରେ ବନ୍ୟାର ସୃଷ୍ଟି
ତା' ଭିତରେ ଥିବା
ଦୟା, କ୍ଷମା, ସ୍ନେହ, ପ୍ରେମ ସବୁ
ନଷ୍ଟ ହୋଇ ଯାଏ
ତା'ହୃଦୟରୁ ନିର୍ଗତ ହେଉ ଥିବା
ଅଗ୍ନି ଶିଖାରେ ଜଳିପୋଡି
ଅଶ୍ରୁର ବନ୍ୟା ଜଳରେ
ଲୀନ ହୋଇଯାଏ ସବୁ କିଛି !

ଭୁବନେଶ୍ୱର

ISSN NO.
2582-208X

# ପରା ବିଦ୍ୟା
# ଅପରା ବିଦ୍ୟା



ପ୍ରସନ୍ନ କୁମାର ମେହେର

ମାନବ ଜୀବନ ଅଟଇ ଦୁର୍ଲ୍ଲଭ
ଏହି ବସୁନ୍ଧରା କୋଳେ
ଗୁରୁ ଶିକ୍ଷା ବଳେ ହୁଅଇ ମହାନ
ଲଭି ଦିବ୍ୟଜ୍ଞାନ ଭଲେ ।।

ଅବିଦ୍ୟାରୁ ବିଦ୍ୟା ଲଭି ମହାବିଦ୍ୟା
ଗୁରୁ ଆଶୀର୍ବାଦ ବଳେ
ପରା ବିଦ୍ୟା ପାଇ ହୃଦେ ସଦା ଧ୍ୟାୟୀ
ବିଦ୍ୱାନ ହୁଏ ସକଳେ ।।

ଅବାଟରୁ ବାଟ ଦେଖାଏ ସୁବାଟ
ଗୁରୁ ବିଦ୍ୟା ଅନୁସରି
ଅମା ଅନ୍ଧକାର ହୁଏ ମନୁ ଦୂର
ଅଜ୍ଞାନତା ଅପସରି ।।

ପୂର୍ବ ଅଭିଜ୍ଞତା ହୃଦେ ଲଭି ହିତା
ଅପରା ବିଦ୍ୟା ସନ୍ଧାନେ

ISSN NO.
2582-208X

ଜୀବନ ଜୀବିକା ଜୀବନର ଏକା
ବଞ୍ଚିବାର ପ୍ରୟୋଜନେ ।।

ଆପେ ଆପେ ମନେ ଶିଖେ ପ୍ରତିକ୍ଷଣେ
ଅପରା ବିଦ୍ୟା ଗ୍ରହଣେ
ଜୀବନର ପଥ ହୁଏ ପରିସ୍କୃତ
ଭବିଷ୍ୟତ ସୁଚିନ୍ତନେ ।।

ଦିଗଶିର୍, ଡୁଙ୍ଗୁରିପାଲି, ସୁବର୍ଣ୍ଣପୁର
ମୋ-୯୭୭୭୯୭୧୩୭୬

ISSN NO.
2582-208X

# ଲେଖିଦେ ତୋ ନାଁ



ସ୍ୱର୍ଣ୍ଣମୟୀ ଷଡ଼ଙ୍ଗୀ

ଲେଖିଦେ ତୋ ନାଁ
ସମୟ ଛାତିରେ
ଇତିହାସ ଫର୍ଦ୍ଦରେ
ଆକାଶର ପାପୁଲିରେ
ମୁଠା ମୁଠା ମାଟିର  ଅନ୍ତର ଆତ୍ମାରେ
ସାଗରର ଗ ଗାଢ଼ ନୀଳ ରଙ୍ଗରେ
ସଜ ଫୁଟା ଫୁଲର ଭୁରୁ ଭୁରୁ ବାସ୍ନାରେ
କୋଇଲିର କୁହୁ କୁହୁ ଗୀତରେ
ରତୁ ମାନଙ୍କର ଛନ୍ଦରେ ।
ଲେଖିଦେ  ନାଁ ତୋର
ସ୍ୱର୍ଣ୍ଣ ଅକ୍ଷରରେ ରୌପ୍ୟ ଲେଖନୀରେ
ଯାହା କେବେ ଲିଭିବନି ଯେତେ
ରଗଡ଼ି  ଘସିଲେ କଳଙ୍କର କାଳିମା ସ୍ୟାହିରେ ।

ଉଡ଼ି ଯାଆ ତୁ ଡେଣା ମେଲି
ଉପରକୁ ଆହୁରି ଉପରକୁ

ISSN NO.
2582-208X

ମହାଶୂନ୍ୟର ଛାତି ଚିରି
ଛୁଇଁ ଯାଆ ଜହ୍ନକୁ ତାରାକୁ ମେଘକୁ ବିଜୁଳିକୁ
ଲକ୍ଷ୍ୟ ତୋର ଅସୀମ
ଯାତ୍ରା ତୋର ଦୁର୍ବାର
ପ୍ରତିଜ୍ଞା ଅଟଳ
ବଜ୍ର ତୋର ଶପଥ
କିଏ ରୋକିବ ତୋର ପଥ.....

ତୋ ବାଟରେ ବାଡ଼ ହୋଇ
ବାଟ ତୋର ଓଗାଳି ପାରେ
ବର୍ଷାର ସହସ୍ର ଧାର
ଅବା ବଜ୍ର ଆଉ ବିଜୁଳି ହୋଇ ଏକାକାର
ଅବା ଅହଙ୍କାରୀ ପାହାଡ଼ଟା ନିଶ ମୋଡ଼ି
ଦମ୍ଭ ଝାଡି ଦେଇପାରେ ରଣ ହୁଙ୍କାର
ତୁ ଯାଆନା ଡରି
ତୁ ପଛକୁ ନ ଚାହାଁ ଫେରି
ତୁ ଅନନ୍ୟା ଅନୁପମା
ତୁ ସ୍ୱୟଂସିଦ୍ଧା ଦୁର୍ଜୟା
ତୁ ଅଗ୍ନି କନ୍ୟା.......

ଦୁର୍ଗମ କାନନର କଣ୍ଟା ସବୁ
ପଛକୁ ଫୋପାଡି
ଟପି ବିଶାଳ ପାହାଡ଼ର
ବରଫାବୃତ ଶୀର୍ଷ

ISSN NO.
2582-208X

ଅତିକ୍ରମି ବଜ୍ର ଆଉ ବିଜୁଳି
ଯାଆ ଉଡ଼ି ଝଡ଼ର ଇଗଲ ସାଜି
ଲେଖିଦେ  ନାଁ ତୋର
ସମୟ ପୃଷ୍ଠାରେ
ତୁ ଅତୁଳନୀୟା
ତୁ ବିଜୟା....... ।

ଶିକ୍ଷୟିତ୍ରୀ, ମୁନିସିପାଲ୍ ଗମେଣ୍ଟ ହାଇସ୍କୁଲ
କେନ୍ଦ୍ରାପଡ଼ା

ISSN NO.
2582-208X

# ମୃତ ସଞ୍ଜିବନୀ ବିଦ୍ୟା ପ୍ରାପ୍ତ ଦୈତ୍ୟ ଗୁରୁ ଶୁକ୍ରାଚାର୍ଯ୍ୟ



କାନନ ବାଳା ନାୟକ

"ହିମକୁନ୍ଦ ମୃଣାଲାଭଂ ଦୈତ୍ୟନାଂ ପରମଗୁରୁଂ
ସର୍ବଶାସ୍ତ୍ର ପ୍ରବତାରଂ ଭାର୍ଗବଂ ପ୍ରଣାମ୍ୟହଂ" ।

ସୃଷ୍ଟି ଆରମ୍ଭ ରୁ ସତ୍ୱ, ରଜ ଓ ତମ ଗୁଣ ପ୍ରକୃତିରୁ ଉତ୍ପନ୍ନ ହୋଇଛି ଏବଂ ପ୍ରତ୍ୟେକ ଜୀବାତ୍ମା ରେ ଏହି ତିନି ଗୁଣ ରହିଛି ।

ଶ୍ରୀମଦ୍ଭ ଭଗବତ ଗୀତା ଚତୁର୍ଥ ଅଧ୍ୟାୟ ଗୁଣତ୍ରୟ ବିଭାଗ ଯୋଗ ଶ୍ଳୋକ ୫ ଅନୁସାରେ -

"ସତ୍ୱଂ ରଜସ୍ତମ ଇତି ଗୁଣାଃ ପ୍ରକୃତି ସମ୍ଭବାଃ ।
ନିବଧ୍ନନ୍ତି ମହାବାହୋ ଦେହେ ଦେହିନମବ୍ୟୟମ୍ ।

ଏହି ତିନି ଗୁଣ ଊଣା ଅଧିକେ ଦେବ, ମାନବ, ଦାନବ ସମସ୍ତଙ୍କ ଦେହ ରେ ରହିଛି । ତେଣୁ କଥା ରେ ଅଛି -

"ପ୍ରକୃତିରୁ ଜାତ ତିନି ଗୁଣ । ସତ୍ୱ ରଜ ଓ ତମ ଜାଣ । ଅବ୍ୟୟ ଏହି ତିନି ଗୁଣ ଆତ୍ମା କୁ ଦେହ ରେ ବାନ୍ଧିଣ ଆତ୍ମା କୁ ଦେହେ ବାନ୍ଧି ଥାଇ ଏ ଫାଶୁ ଜୀବ ନ ଫିଟଇ" ।

ଦେବତା ମାନେ ସତ୍ତ୍ୱ, ମାନବ ମାନେ ରଜ ଓ ଦାନବ ମାନେ ତମ ଗୁଣ ର ଅଧିକାରୀ । ବେଳେ ବେଳେ ଏଇ ତିନି ଗୁଣ ପରସ୍ପର ଉପରେ ଭାରି ପଡି ଯାଆନ୍ତି । ଯାହା ଫଳରେ

ISSN NO.
2582-208X

ସତ୍ୱ ଗୁଣ ର ଅଧିକାରୀମାନେ ମଧ୍ୟ କିଛି ନାକାରାତ୍ମକ କାମ କରି ବସନ୍ତି । ଫଳ ସ୍ୱରୂପ ଅନେକ ଜ୍ଞାନୀ, ଗୁଣୀ, ପ୍ରଚଣ୍ଡ ପ୍ରତିଭା ଧାରୀ ବ୍ୟକ୍ତି ମାନେ ମଧ୍ୟ ପକ୍ଷପାତିତାର ଶିକାର ହୋଇ ନିଜର ଯୋଗ୍ୟତା ଅନୁସାରେ ଫଳ ନ ପାଇ ଅନ୍ୟ ପନ୍ଥା ଅନୁସରଣ କରିବା ପାଇଁ ବାଧ୍ୟ ହୋଇ ଥାଆନ୍ତି । ଏଇ ଭଳି ଏକ ଘଟଣା ମହାନ ତପସ୍ୱୀ, ଶିବ ଭକ୍ତ, ପ୍ରଚଣ୍ଡ ଜ୍ଞାନର ଅଧିକାରୀ, ମୃତ୍ୟୁ ସଞ୍ଜିବନୀ ବିଦ୍ୟା ପ୍ରାପ୍ତ ମହର୍ଷି ଶୁକ୍ରାଚାର୍ଯ୍ୟ ଙ୍କୁ ଦୈତ୍ୟ ମାନଙ୍କ ଗୁରୁ ହେବାକୁ ପ୍ରବର୍ତ୍ତାଇ ଥିଲା ।

ଭାଗବତ ପୁରାଣ ଅନୁସାରେ ଶୁକ୍ରାଚାର୍ଯ୍ୟ ସପ୍ତର୍ଷି ମାନଙ୍କ ମଧ୍ୟରୁ ଅନ୍ୟତମ ମହର୍ଷି ଭୃଗୁ (ଯାହାଙ୍କୁ ତ୍ରିଦେବଙ୍କ ମଧ୍ୟ ରେ ଶେଷ୍ଠ କିଏ ବିଚାର କରିବା ର ଦାୟିତ୍ୱ ଦିଆ ଯାଇଥିଲା)ଓ ପ୍ରଜାପତି ଦକ୍ଷଙ୍କ ପୁତ୍ରୀ ଖ୍ୟାତି ଙ୍କ ସନ୍ତାନ ଥିଲେ । ଅନ୍ୟ ଏକ କଥା ଅନୁସାରେ ଶୁକ୍ରାଚାର୍ଯ୍ୟ ମହର୍ଷି ଭୃଗୁ ଓ ଦୈତ୍ୟ ରାଜା ହିରଣ୍ୟକଶିପୁ ଙ୍କ କନ୍ୟା ତଥା ମହାନ ବିଷ୍ଣୁ ଭକ୍ତ ପ୍ରହଲ୍ଲାଦ ଙ୍କ ଭଉଣୀ ଦିବ୍ୟାଙ୍କ ପୁତ୍ର ଥିଲେ। ଶୁକ୍ରବାର ଦିନ ଜନ୍ମଗ୍ରହଣ କରିଥିବାରୁ ତାଙ୍କ ପିତା ତାଙ୍କ ନାମ ଶୁକ୍ର ରଖିଥିଲେ। ତାଙ୍କର ପିଲାବେଳର ନାମ କବି ଉଶନାଃ ଥିଲା ।

କବି ଯେତେବେଳେ ବିଦ୍ୟାଧ୍ୟୟନ ପାଇଁ ଉପଯୁକ୍ତ ବୟସରେ ପଦାର୍ପଣ କଲେ ତାଙ୍କ ପିତା ତାଙ୍କୁ ସପ୍ତର୍ଷି ଙ୍କ ମଧ୍ୟରେ ଅନ୍ୟତମ ଋଷି ଅଙ୍ଗିରା ଙ୍କ ଆଶ୍ରମ କୁ ପଠାଇ ଦେଲେ। ଋଷି ଅଙ୍ଗିରା ଙ୍କ ଆଶ୍ରମ ରେ ଅନ୍ୟ ବିଦ୍ୟାର୍ଥୀ ଙ୍କ ସହ ତାଙ୍କ ପୁତ୍ର ବୃହସ୍ପତି ମଧ୍ୟ ବିଦ୍ୟାଲାଭ କରୁଥିଲେ। କବି ଉଶନାଃ ବୃହସ୍ପତି ଙ୍କ ଠାରୁ ଅଧିକ ଜ୍ଞାନୀ ଓ ମେଧାବୀ ଥିଲେ। ଏହା ଦେଖି ଅଙ୍ଗିରା ଋଷି ପୁତ୍ର ମୋହ ରେ ବଶିଭୁତ ହୋଇ ବୃହସ୍ପତି ଙ୍କୁ କବିଙ୍କ ଠାରୁ ଅଧିକ ଗୁରୁତ୍ୱ ଦେଲେ ଏବଂ ବିଦ୍ୟାଲାଭ ସମୟରେ କବିଙ୍କୁ ଅନ୍ୟାନ୍ୟ କାର୍ଯ୍ୟରେ ନିଯୁକ୍ତ କଲେ। ଏଇ ପକ୍ଷପାତିତା ଦେଖି କବି ଉଶନାଃ ଅଙ୍ଗିରା ଋଷିଙ୍କ ଆଶ୍ରମ ଛାଡି ଋଷି ଗୌତମ ଆଶ୍ରମରେ ରହି ବିଭିନ୍ନ ପ୍ରକାରର ଜ୍ଞାନ ଲାଭ କଲେ।ସେ ସନକ ମୁନିଙ୍କ ଠାରୁ ମଧ୍ୟ ବିଦ୍ୟାଲାଭ କରିଥିଲେ।

ISSN NO.
2582-208X

ବିଦ୍ୟା ସମାପ୍ତ କରି ସେ ଯେତେବେଳେ ନିଜ ଆଶ୍ରମକୁ ପ୍ରତ୍ୟାବର୍ତ୍ତନ କଲେ ସେତେବେଳକୁ ଦେବତା ମାନେ ବୃହସ୍ପତି ଙ୍କୁ ନିଜର ଗୁରୁ ରୂପରେ ନିଯୁକ୍ତ କରି ସାରିଥିଲେ। ଏହା ଦେଖି କ୍ରୋଧ ଓ ଈର୍ଷା ର ବଶବର୍ତ୍ତୀ ହୋଇ ଶୁକ୍ରାଚାର୍ଯ୍ୟ ଦୈତ୍ୟ ମାନଙ୍କ ର ଗୁରୁ ହୋଇଥିଲେ। ସେତେବେଳେ ଦେବତା ଓ ଅସୁର ମାନଙ୍କ ଭିତରେ ଅନବରତ ଯୁଦ୍ଧ ଲାଗି ରହୁଥିଲା। ଦେବତା ମାନେ ଅମୃତ ପାନ କରିଥିବା ହେତୁ ଦୈତ୍ୟ ମାନେ ସବୁବେଳେ ଦେବତା ମାନଙ୍କ ଠାରୁ ପରାଜିତ ହେଉଥିଲେ ।

ବାରମ୍ବାର ପରାସ୍ତ ହେଉଥିବା ହେତୁ ଦୈତ୍ୟ ମାନଙ୍କ ସୈନ୍ୟ ବଳ ଦିନକୁ ଦିନ କ୍ଷଣ ହେବାକୁ ଲାଗିଲା। ତେଣୁ ଶୁକ୍ରାଚାର୍ଯ୍ୟ ଅସୁରମାନଙ୍କୁ ଜୀବିତ କରିବା ପାଇଁ ଭଗବାନ ଶିବଙ୍କ ଠାରୁ ସଞ୍ଜିବନୀ ବିଦ୍ୟା ପ୍ରାପ୍ତ କରିବା ପାଇଁ ଶିବଙ୍କୁ ଘୋର ତପସ୍ୟା କଲେ। ଶୁକ୍ରାଚାର୍ଯ୍ୟ ତପସ୍ୟା ରତ ଥିବା ସମୟରେ ଦେବତା ଓ ଦାନବ ମାନଙ୍କ ଯୁଦ୍ଧ ସମୟରେ ଦାନବ ମାନେ ଦେବତା ଙ୍କ ହାତରେ ପରାଜିତ ହୋଇ ଶୁକ୍ରାଚାର୍ଯ୍ୟଙ୍କ ମାତା ଖ୍ୟାତି ଙ୍କ ଶରଣ ପଶିଲେ। ଖ୍ୟାତି ନିଜର ପୁଣ୍ୟ ବଳରେ ଦାନବ ମାନଙ୍କୁ ସୁରକ୍ଷା ଦେଉଥିଲେ।ଏହି ଭଳି ଘଟଣା ବାରମ୍ବାର ଘଟିବାରୁ ଦାନବ ମାନଙ୍କ ଅତ୍ୟାଚାର ବଢ଼ିଗଲା। ତେଣୁ ଦେବତା ମାନେ ଭଗବାନ ବିଷ୍ଣୁଙ୍କ ଶରଣ ପଶିଲେ।

ଭଗବାନ ବିଷ୍ଣୁ ସୁଦର୍ଶନ ଚକ୍ର ପ୍ରୟୋଗ କରି ଖ୍ୟାତି ଙ୍କ ଶିର ଛେଦନ କଲେ। ମହର୍ଷି ଭୃଗୁ ଯେତେବେଳେ ଏଇ କଥା ଜାଣିଲେ ସେ ଭଗବାନ ବିଷ୍ଣୁଙ୍କୁ ଅଭିଶାପ ଦେଲେ ଯେ ଆପଣ ଜଣେ ନାରୀଙ୍କୁ ହତ୍ୟା କରିଛନ୍ତି, ତେଣୁ ଆପଣ ମାତୃ ଗର୍ଭ ରୁ ଜନ୍ମ ହେବେ ଏବଂ ମାତୃ ଗର୍ଭ ରେ ରହିବାର ଯନ୍ତ୍ରଣା ଅନୁଭବ କରିବେ। ସେଥିପାଇଁ ମତ୍ସ୍ୟ, କୂର୍ମ, ବରାହ ଓ ନୃସିଂହ ଅବତାର ପରେ ଭଗବାନ ବିଷ୍ଣୁ ଯେବେବି ଅବତାର ଗ୍ରହଣ କରିଛନ୍ତି ପ୍ରତ୍ୟେକ ଅବତାର ରେ ମାତୃ ଗର୍ଭ ରେ ରହିବାର ଯନ୍ତ୍ରଣା ଭୋଗ କରିଛନ୍ତି ।

ଶୁକ୍ରାଚାର୍ଯ୍ୟ କୋଠର ତପସ୍ୟା କରି ଭଗବାନ ଶିବଙ୍କୁ ସନ୍ତୁଷ୍ଟ କରି ମୃତ ସଞ୍ଜିବନୀ ମନ୍ତ୍ର ପ୍ରାପ୍ତ କରି ଯେତେବେଳେ ତାଙ୍କ ମାତା ଖ୍ୟାତି ଙ୍କ ନିକଟ କୁ ଫେରିଲେ ସେତେବେଳେ ସେ

ISSN NO.
2582-208X

ବିଷ୍ଣୁ ତାଙ୍କ ମା'ଙ୍କୁ ହତ୍ୟା କରିଛନ୍ତି ବୋଲି ଜାଣି ବିଷ୍ଣୁ ଙ୍କୁ ସେ ନିଜର ଶତ୍ରୁ ରୂପେ ଗ୍ରହଣ କରିନେଲେ ଏବଂ ଦାନବ ମାନଙ୍କୁ ଦେବତା ଙ୍କ ସହ ଯୁଦ୍ଧରେ ସହାୟତା କଲେ। ଯୁଦ୍ଧରେ ରାକ୍ଷସ ମାନେ ମୃତ୍ୟୁବରଣ କଲେ ସେ ସଞ୍ଜିବନୀ ବିଦ୍ୟା ପ୍ରୟୋଗ କରି ତାଙ୍କୁ ଜୀବିତ କରି ଦେଉଥିଲେ। ଫଳରେ ଦିନ କୁ ଦିନ ଅସୁର ମାନଙ୍କ ଅତ୍ୟାଚାର ବଢ଼ିଗଲା। ଏପରି କି ସେ ଦାନବ ମାନଙ୍କ ସହ ମିଶି କୁବେରଙ୍କ ସମସ୍ତ ଧନ ସମ୍ପତ୍ତି ଲୁଟିବା ଆରମ୍ଭ କରିଦେଲେ । ତେଣୁ କୁବେର ଓ ଅନ୍ୟ ଦେବତା ମାନେ ଭଗବାନ ଶିବଙ୍କ ଶରଣ ରେ ପଶିଲେ ।

ଶୁକ୍ରାଚାର୍ଯ୍ୟ ତାଙ୍କ ପ୍ରଦତ୍ତ ବିଦ୍ୟାର ପ୍ରୟୋଗ ଦେବତା ମାନଙ୍କ ବିରୁଦ୍ଧରେ କରୁଥିବାର ଜାଣି ଭଗବାନ ଶିବ ଅତ୍ୟନ୍ତ କ୍ରୋଧାନ୍ୱିତ ହୋଇ ଭୟଙ୍କର ରୂପ ଧାରଣ କରି ଶୁକ୍ରାଚାର୍ଯ୍ୟ ଙ୍କୁ ଗିଳି ଦେଲେ। ଶିବଙ୍କ ଉଦର ମଧ୍ୟ ରେ ରହି ଶୁକ୍ରାଚାର୍ଯ୍ୟ ବାହାର କୁ ବାହାରିବା ର କୌଣସି ଉପାୟ ନପାଇ ସେଇଠାରେ ହିଁ ଭଗବାନ ଶିବଙ୍କର ଘୋର ତପସ୍ୟା ଆରମ୍ଭ କରିଦେଲେ। ଅନେକ ବର୍ଷ ତପସ୍ୟା କରିବା ପରେ ଭଗବାନ ଶିବ ତାଙ୍କ ତପସ୍ୟାରେ ସନ୍ତୁଷ୍ଟ ହୋଇ ଶୁକ୍ର ରୁପେ ତାଙ୍କୁ ତାଙ୍କ ଲିଙ୍ଗ ବାଟରେ ବାହାର କରିଥିଲେ। ତେଣୁ ଏଇ କାରଣରୁ ମଧ୍ୟ ତାଙ୍କ ନାମ ଶୁକ୍ର ହୋଇ ଥିଲା ବୋଲି କୁହାଯାଏ ।

ଶୁକ୍ରାଚାର୍ଯ୍ୟ ଅସୁର ମାନଙ୍କର ଗୁରୁ ହୋଇଥିଲେ ମଧ୍ୟ ସେ କେବେ ନିଜ ଗୁରୁ ଧର୍ମରୁ ବିଚ୍ୟୁତ ହୋଇ ନଥିଲେ। ସେ ସବୁବେଳେ ତାଙ୍କ ଶିଷ୍ୟ ମାନଙ୍କୁ ଉପଯୁକ୍ତ ମାର୍ଗ ଦେଖାଇବାର ଚେଷ୍ଟା କରୁଥିଲେ। ସେ କେବେ ବିଦ୍ୟା ଦାନରେ ପାତର ଅନ୍ତର କରୁନଥିଲେ। ସେଥିପାଇଁ ସେ ନିଜ ର ଶତ୍ରୁ ଦେବଗୁରୁ ବୃହସ୍ପତିଙ୍କ ପୁତ୍ର କଚଙ୍କୁ ମଧ୍ୟ ମୃତ ସଞ୍ଜିବନୀ ବିଦ୍ୟା ପ୍ରଦାନ କରିଥିଲେ। ଶୁକ୍ରାଚାର୍ଯ୍ୟଙ୍କର ନୀତି ଶାସ୍ତ୍ର ରେ ଅଗାଧ ପାଣ୍ଡିତ୍ୟ ଥିଲା। ସେ ଶୁକ୍ରନୀତି ନାମରେ ଗୋଟେ ନୀତି ଶାସ୍ତ୍ର ରଚନା କରିଥିଲେ। ଯେଉଁଥିରେ ସେ କହିଛନ୍ତି -

ISSN NO.
2582-208X

"ଆତ୍ମବତ୍ ସତତଂ ପଶ୍ୟେତ୍ ଅପିକୀଟ ପିପିଲିକାମ୍ ଉପକାରଃ ପ୍ରଧାନଃସ୍ୟାତ୍ ଅପକାର ପରେପ୍ୟରୌ"·(ଶୁକ୍ର ନୀତି -୪୨)

ଯାହାର ଅର୍ଥ ମଣିଷଠାରୁ କୀଟ ପତଙ୍ଗ ଯାଏ ସଂସାରର ସମସ୍ତ ପ୍ରାଣୀଙ୍କୁ ନିଜ ପରି ଜ୍ଞାନ କରିବ। ଅପକାର କରୁଥିବା ଶତ୍ରୁ ର ସୁଦ୍ଧା ଉପକାର କରିବ। ଶୁକ୍ରାଚାର୍ଯ୍ୟ ସମାଜକୁ ଜ୍ଞାନ ଓ ଭକ୍ତି ର ମାର୍ଗ ଦେଖାଇଛନ୍ତି। ତାଙ୍କ ଭକ୍ତିରେ ସନ୍ତୁଷ୍ଟ ହୋଇ ଶିବ ଓ ପାର୍ବତୀ ତାଙ୍କୁ ନିଜ ପୁତ୍ର ରୂପେ ଗ୍ରହଣ କରିଥିଲେ । ଶିବ ମଧ୍ୟ ତାଙ୍କୁ ନବ ଗ୍ରହରେ ସ୍ଥାନ ଦେବା ସହିତ ପ୍ରତ୍ୟେହ ପ୍ରାତଃ ଓ ସାୟଂ କାଳରେ ଆକାଶରେ ଉଜ୍ଜ୍ୱଳ ନକ୍ଷତ୍ର ରୂପେ ଦେଖା ଦେବାର ଆର୍ଶୀବାଦ ଦେଇଛନ୍ତି। ଯାହାର ଫଳ ସ୍ୱରୂପ ଶୁକ୍ରାଚାର୍ଯ୍ୟ ପ୍ରତ୍ୟେକ ଦିନ ସୂର୍ଯ୍ୟ ଦୋୟ ପୂର୍ବରୁ ଓ ସୂର୍ଯ୍ୟାସ୍ତ ପରେ ଶୁକ୍ରାଚାର୍ଯ୍ୟ କୁଆଁତାରା ରୂପେ ମଣିଷ ସମାଜକୁ ଦିଗଦର୍ଶନ ଦେଉଛନ୍ତି।

ଅତିରିକ୍ତ କମିଶନର (ଅପିଲ୍)
ଦ୍ରବ୍ୟ ଓ ସେବାକର ପୁରୀ
୯୪୩୮୧୪୬୨୦୦

ISSN NO.
2582-208X

# ସ୍ୱଭାବ କବି ଗଙ୍ଗାଧର ମେହେର



ବିଷ୍ଣୁପଦ ସିଂହଦେଓ

ବାଣୀଦେବୀ ହୃଦ ସ୍ନେହର ଇନ୍ଦୁ,
ସରଧା ସୁଧାର ଅଂଶିକ ବିନ୍ଦୁ ,
ଶ୍ରାବଣ ପୂର୍ଣ୍ଣିମା ରେ ପୂର୍ଣ୍ଣ ଶଶି ,
ବରପାଲି କୋଳେ ପଡିଲେ ଖସି ହେ ,
କବିତ୍ୱରେ ସମୁଜ୍ଜ୍ୱଳ ହେ,
ତାଙ୍କ ପ୍ରତିଭାର ଦିବ୍ୟ ଦର୍ଶନ କୁ
ନମନ୍ତି ବିବୁଧ ଦଳ ହେ। ।। ୧

ମାତାପିତା ଗୃହେ ରହି ପଢିଲେ,
ଅଳପ ପଢାରେ ଜ୍ଞାନ ପାଇଲେ,
ବସ୍ତ୍ର ବୟନର କୌଳିକ କର୍ମ,
କଲେ ପିତା ପାଇଁ ପୁତ୍ର ର ଧର୍ମ ହେ,
ତନ୍ତତାଳ ର ସଙ୍ଗୀତେ ହେ,
କଣ୍ଠସ୍ଥ ରସାଳ କାବ୍ୟ ବୃତାନ୍ତକୁ
ଗାଆନ୍ତେ ବିଭୋର ଚିତ୍ତେ ହେ ।।୨

ଉତ୍କଳ ଲକ୍ଷ୍ମୀ ର ଚାରୁ ପ୍ରସଙ୍ଗ,
ତପସ୍ୱିନୀ ତାଙ୍କ କାବ୍ୟର ଅଙ୍ଗ,

ISSN NO.
2582-208X

ଇନ୍ଦୁମତୀ ହୃଦ ଦ୍ରବିତ କରେ,
ପ୍ରଣୟ ବଲ୍ଲରୀ ମାନସ ହରେ ହେ,
କୀଚକ ବଧ ବିଷମ ହେ ,
କବିତା କଲ୍ଲୋଳ ବଳରାମ ଦେବ
ଅର୍ଘ୍ୟଥାଳୀ ଅନୁପମ ହେ ।।୩

ପୂର୍ଣ୍ଣିମାରେ ଜନ୍ମି କଳା ପ୍ରକାଶି,
ରସମୟ ସୁଧା ଶବ୍ଦ ରେ ଭାଷୀ
ଛନ୍ଦ କବିତାର ନୂତନ ଢଙ୍ଗ,
କଲେ ମନଛୁଆଁ ବିଧାର ଅଙ୍ଗ ହେ,
ସେ ଆମ ସ୍ୱଭାବ କବି ହେ,
ବାଣୀପୁତ୍ର ଙ୍କର ଲେଖନୀ ର କୃତି
ରହିଗଲା ଦିବ୍ୟ ଛବି ହେ ।।୪

ଅମାବାସ୍ୟା ନିଶା ଘନ ଅନ୍ଧାର,
ଚିରନିଦ୍ରା ନେଲେ ଛାଡି ସଂସାର,
ବାଣୀ ସନ୍ତାନ ତ ସଦା ଗରିବ,
କିନ୍ତୁ ଜ୍ଞାନଧନେ କେ ବା ପାରିବ ହେ,
ଯା ବାକ୍ୟରେ ବୀଣାପାଣି ହେ,
ସରସ ଶବ୍ଦର ସମୃଦ୍ଧ ଭଣ୍ଡାର
ପୁତ୍ରେ ଦେଇଥାନ୍ତି ଆଣି ହେ ।।୫

ଅଧକ୍ଷ ଅଙ୍କୁର ସାହିତ୍ୟ ପରିଷଦ ଇଚ୍ଛା
ଷଢେଇକଳା ଖରସୁଆଁ ( ଝାରଖଣ୍ଡ )
ମୋ- ନଂ- 9234660617

ISSN NO.
2582-208X

# ଗୁରୁଦେବ



ଡ଼. ପ୍ରିୟମ୍ବଦା ସାମଲ

ଚିର ବନ୍ଦନୀୟ ଚିର ପୂଜନୀୟ
ଜ୍ଞାନଦାତା ଗୁରୁଦେବ
ବିଦ୍ୟାଦାତା ଗୁରୁ ବୁଦ୍ଧିଦାତା ଗୁରୁ
ମଙ୍ଗଳମୟ ସଦୈବ ।
ଅଜ୍ଞାନ ଅନ୍ଧାରୁ ଜ୍ଞାନର ଆଲୋକେ
ପଥ ପ୍ରଦର୍ଶକ ତୁମେ
ତୁମରି ନିର୍ଦ୍ଦେଶେ ବାଟ ଚାଲିଥିଲେ
ପଥ ନ ହୁଡଇ ଭ୍ରମେ ।
ଦୟାମୟ ଗୁରୁ ଜ୍ଞାନର ଭଣ୍ଡାର
କ୍ଷମାମୟ ଯେ ଅନ୍ତର
ଗୁରୁ କୃପାବଳେ  ସର୍ବ ସିଦ୍ଧି ମିଳେ
ଜୀବନ ହୁଏ ସାକାର ।
ଜ୍ଞାନରୂପୀ ଧନ ଶିଷ୍ଟାଚାର ଗୁଣ
ମନକୁ କରଇ ସ୍ଥିର

ISSN NO.
2582-208X

ଅଜ୍ଞାନ ଦୁରାଇ ଜ୍ଞାନାଲୋକ ଦେଇ
ବିନୟେ ଗୁରୁ ମଧୁର ।
ଗୁରୁ ସର୍ବଶକ୍ତି ଗୁରୁ ଦିବ୍ୟଜ୍ଞାନୀ
ଗୁରୁ ପଥ ପ୍ରଦର୍ଶକ
ଜୀବନ ପଥରେ ଗୁରୁ ଦିବ୍ୟଜ୍ୟୋତି
ଦେଖାନ୍ତି ସଦା ଆଲୋକ ।
ଗୁରୁ ପରା ବ୍ରହ୍ମା ଗୁରୁ ପୁଣି ବିଷ୍ଣୁ
ଗୁରୁ ଦେବ ମହେଶ୍ୱର
ଗୁରୁଙ୍କ କୃପାରୁ ଆଗକୁ ବଢଇ
ଘେନ ପ୍ରଣିପାତ ମୋର ।

ନନ୍ଦନ ବିହାର, ଭୁବନେଶ୍ୱର

ISSN NO.
2582-208X

# ରାତ୍ରି ଶେଷେ



ମୀନାକ୍ଷି ପାଢ଼ୀ

ଶୋଇଯାଅ ଚୁପଚାପ୍
ଏତେ ନିଦ ଭରା ତୁମ ଆଖି,
କାହିଁକି ଚାହିଁଛ ଆଉ
ଦେଖିବାକୁ କଣ ଅବା ବାକି
ଏଥି ଯେତେ ତାରାଫୁଲ, ନିଆଁଝୁଲ
ପୋଡା ରୁଟି ପରି ଜହ୍ନ ଦିଶେ,
ମେଘ ସବୁ ଉଦାସିଆ ସାତସିଆଁ
ଗମ୍ଭୀର ଉଚ୍ଛ୍ୱାସେ !
ବାରିଧାରା କୁଣ୍ଠିତ
ମରୁ ପକ୍ଷୀ ନିଷ୍ପାପ ଚଞ୍ଚୁରେ,
ଲୁହ ସବୁ ନଇ ଧାର ଧାରେ ।
ଫଗୁଣ କାନ୍ଦଣା ଶୁଭେ
କୃଷ୍ଣ ଚୂଡା ପଣତ କାନିରେ,
ମୋହମୁଗ୍ଧ ସ୍ୱପ୍ନଭୂକ, ସମାଧିସ୍ଥ
ହୋଇଯାଅ ଥରେ.....
ଅଧାଲେଖା, ଅଧାଜଳା

ISSN NO.
2582-208X

ଚିଠି ସବୁ ଇତିହାସ ଇତି
ପାନ୍ଥଶାଳା କାନ୍ଥ ଦେହେ
ଅଙ୍ଗାରର ସ୍ୱାକ୍ଷରିତ ଚୁକ୍ତି ।
ପାହାନ୍ତିର ଝରାଫୁଲେ
ଛିନ୍ନ ବୀଣା ତୋଳେ ବୃଥା ସ୍ୱର,
ମଧୁପର ପକ୍ଷେ ଖଞ୍ଜି ଶତସିଂହ ବଳ...
ରାତ୍ରି ଶେଷେ ନିର୍ବସ୍ତ୍ର ସ୍ୱପ୍ନ ତୁଟାଫୁଟା,
ଶ୍ରମଣର ଭିକ୍ଷା ଥାଳ ଘେନି,
ଲାଜୁକି ଯାମିନୀ ଶତ ଶିକ୍ୱାରେ
ମାଗଇ ମେଲାଣି ।

ଶିକ୍ଷୟିତ୍ରୀ, ଚକଟୀ ପେଣ୍ଠ

ISSN NO.
2582-208X

# ବସୁଷେଣ



ସୁନନ୍ଦା ମହାନ୍ତ

ମହାଭାରତରେ ବସୁଷେଣ ଚରିତ୍ରଟିକୁ କିଏ କେଉଁ ଦୃଷ୍ଟିରେ ଅନୁଧ୍ୟାନ କରିଛି ଜଣାନାହିଁ, ହେଲେ ସେହି ଚରିତ୍ର ପ୍ରତି ସମ୍ମାନ, ସଂଭ୍ରମ, ଶହନଶୀଳତା, କାରୁଣ୍ୟତା ଆଜି ଭାରତୀଙ୍କ ମନରେ ଏଭଳି କାୟା ବିସ୍ତାର କରିଛି ଯେ ନିଜକୁ ସେହିସମୟର ଚରିତ୍ରରେ ଉପସ୍ଥାପନା କରି ତାଙ୍କ ପ୍ରେମିକାଟିଏ ହେବାର ଲୋଭ ଅସମ୍ଭବ ହେଲେ ବି ଅତି ପିଲାଦିନୁ ସେହି ଚରିତ୍ରପ୍ରତି ତାଙ୍କର ଅହେତୁକ ଦୁର୍ବଳତା ପରବର୍ତ୍ତୀ ସମୟରେ ସେ ନିଜକୁ ସେହି ମହିମାମୟ ସୁପୁରୁଷ ତଥା ପୁରୁଷଶ୍ରେଷ୍ଠ ବ୍ୟକ୍ତିଙ୍କ ପ୍ରେମିକା ଭାବି ହୋଇଛନ୍ତି ଆହ୍ଲାଦିତା ଓ କେବେ ମନ୍ତ୍ରମୁଗ୍ଧା ଓ ହୃଦୟ ଶାଶ୍ୱତ ।

ପିଲାଦିନରୁ ମାଆର ମମତା ପାଇନଥିବା, ଏକ ବିଡ଼ମ୍ବିତ ଭାଗ୍ୟନେଇ ଜନ୍ମିଥିବା, ଅହରହ ଆତ୍ମଗ୍ଲାନି ରେ ଜର୍ଜ୍ଜରିତ ହୋଇଥିବା ସୁତ ପୁତ୍ରଙ୍କୁ ମୋର ଏହି ଗଳ୍ପ ମାଧ୍ୟମରେ ଭୂମିଷ୍ଠ ପ୍ରଣାମ, ସେହି ପ୍ରଣାମ ପହଞ୍ଚିପାରେ ନପାରେ ହେଲେ ଆନ୍ତରିକତା, ସ୍ୱାଭିମାନ, ନୈସର୍ଗିକ, ଆଧ୍ୟାତ୍ମିକଭରା ପ୍ରଣାମ ମୂଲ୍ୟର କଳନା ବା ତୁଳନା ନାହିଁ ଭାରତୀଙ୍କ ପାଖରେ, ସେଥିପାଇଁ ତ ବିବାହର ବହୁ ପ୍ରଲୋଭନକୁ ପ୍ରତ୍ୟାଖ୍ୟାନ କରି କୋଳେଇ ନେଇଛନ୍ତି ଅନାଥ ପିଲାଟିକୁ ପୋଷ୍ୟ ପୁତ୍ର ଭାବରେ ।

ସେଦିନ କଲେଜ ଜୀବନରେ ଦୀପକର ଚାଲିଚଳନ, ଢଂଗଢାଂଗ, ବ୍ୟବହାର ନିଆରା ଲାଗୁଥିଲା, ସବୁ ବୁଝିବି ନ ବୁଝି ପାରିବାର ଛଳନା କରି ଅନ୍ୟମନସ୍କ ହୋଇ କରିଡର ରେ ଠିଆ ହୋଇଥିଲେ ତ ତଡ଼ିତ ବେଗରେ ଶିଡ଼ିଟପି ଦୀପକ ଆସିଥିଲା ତାଙ୍କ ସାମ୍ନା କୁ ଆଉ

ISSN NO.
2582-208X

ଆଙ୍ଗୁଳି ନିର୍ଦ୍ଦେଶ କରି ଧମକ ଦେଉଥିଲା ତାଙ୍କୁ, "ଏ ଝିଅ ତୁ ମତେ କାହିଁ ଚାହିଁଥିଲୁ", ତ ନିର୍ବାକ ତଥା ନିର୍ଭୀକ ଭାରତୀ ଦୀପକର ମନଗହନରେ ଦେଖିଥିଲେ, ପ୍ରେମର ପ୍ରତିଶୋଧ ପରାୟଣ ନିଆଁ, ସେ ଖାଲି ହସିଦେଇଥିଲେ, ଆଉ ସାଙ୍ଗଟି ତାଙ୍କପାଇଁ ପ୍ରତିକ୍ରିୟା ପ୍ରକାଶ କରୁଥିଲା ଏମିତି ଯେ, ଭାରତୀ ତତେ ଚାହିଁଥିଲା ତୁ ଜାଣିଲୁ କେମିତି ? ତୁ ନିଶ୍ଚୟ ତାକୁ ଚାହିଁଥିଲୁ ନା ? ତାର ଏପରି ଯୁକ୍ତିରେ ଭାରତୀ ହସିଦେଇ ମନେପକାଉଥିଲେ ସେହି ଦାମ୍ଭିକ, ପୁରୁଷଶ୍ରେଷ୍ଠ ବାସୁଷେଣଙ୍କୁ, କାହିଁ ଏ ଛାର ଦୀପକ, କାହିଁ ସେ ବୀରପୁଙ୍ଗବ ? ? ? ସତରେ ତୁଳନା ନାହିଁ.

ସମସ୍ତେ କହନ୍ତି ସେ କୁଆଡେ କଲେଜ ଜୀବନରେ ବହୁତ ସୁନ୍ଦରଥିଲେ ତ ସାରମାନେ ଲେକଚର ଦେଉ ଦେଉ ଯଦି କେବେ ଭାରତୀଙ୍କୁ ଭିର୍ଣ୍ଣ ଦୃଷ୍ଟିରେ ଅବଲୋକନ କରୁଥିଲେ ତ ଭାରତୀ କେବଳ ନିଜପାଖରେ ସେହି ନାଟକ, ଡ୍ରାମା, ଥିଏଟର ଓ ସିରିଏଲରେ ଦେଖିଥିବା ବସୁଷେଣଙ୍କ ଉପସ୍ଥିତି ହିଁ ପାଖରେ ଅନୁଭବ କରିଥିଲେ ଓ ଚାହାଣୀରେ ଜଣେଇ ଦେଉଥିଲେ ସେ ଆଉ କାହାର ପତ୍ନୀ ରୂପରେ, ପ୍ରେମିକା ରୂପରେ, ଆଉ କାହାର ପୃଷ୍ଠପୋଷକତାରେ ସମୃଦ୍ଧା, ସେ ନୁହନ୍ତି ନିଶିଗନ୍ଧା, ତାଙ୍କ ଗର୍ବ, ଦମ୍ଭ, ଦାମ୍ଭିକତା ଦେଖିଲେ କେହି ପାଖ ମାଡ଼ନ୍ତି ନାହିଁ ତାଙ୍କୁ ଦୃଷ୍ଟି ତୋଳି ଚାହିଁବାକୁ ।

ଘରେ ମାଆ ବହୁ ଅନୁନୟ ବିନୟ କରିଥିଲେ, ତାଙ୍କୁ ବାହାହେବାକୁ, ହେଲେ ତାଙ୍କର ଏକାଯିଦ, ମୁଁ ବିବାହ କରିପାରିବିନି ମାଆ, ମୁଁ ବିବାହିତା । ମାଆ କାବା ହୋଇ ପଚାରନ୍ତି କେବେ, କେଉଁଠି, କେମିତି କାହାକୁ କୋର୍ଟ ବିବାହ କଲୁକି ର ଉତ୍ତରରେ ସେ ହସିଦେଇ କୋଳରେ ଲୋଟିପଡି ଗଡିଯାନ୍ତି ତ ମାଆ ଉଠୁମ ତୋ ରଙ୍ଗଢଙ୍ଗ ମତେ କିଛି ଭଲ ଲାଗୁନି କହି କାନ୍ଦିପକାନ୍ତି, ତୁ କଣ ମୀରା, ତୁ କଣ ରାଧା, ତୁ କଣ ବୋଲି ନିଜକୁ ଭାବିଛୁ ? ? ? ?

ବାପା କେତେ କେଉଁଠୁ ପ୍ରସ୍ତାବ ଆଣନ୍ତି ତାଙ୍କପାଇଁ, ହେଲେ ସେ ନିରୁତ୍ତର, ବାପା କେବଳ ଅପ୍ରସ୍ତୁତ ହୁଅନ୍ତିନାହିଁ ଆସ୍ତେ ଆସ୍ତେ କ୍ଷୀଣ ହୋଇଯାନ୍ତି ହେଲେ ଭାରତୀଙ୍କ ଭିତରେ ଚମକୁଥାନ୍ତି କେହିଜଣେ ରାଜକୀୟ ଠାଣିରେ, ଦମ୍ଭ ଆଉ ଦାମ୍ଭିକତା ରେ ।

ନିରୋଳାରେ ଭାରତୀ ପ୍ରଶ୍ନ ପଚାରନ୍ତି ବସୁଷେଣଙ୍କୁ କଣ ପାଇଲେ ଆର୍ଯ୍ୟପୁତ୍ର ? କଣ ପାଇଲ ଦାନୀ ହୋଇ ? କଣ ରହିଲା ତୁମ ଦାନର ମୂଲ୍ୟ? ସେଦିନ ତୁମକୁ ସ୍ୱପ୍ନରେ ସୂର୍ଯ୍ୟ

ISSN NO.
2582-208X

ଦେବତା ଚେତେଇ ଦେଲାପରେ ବି ତୁମେ କାହିଁକି ଶୁଣିଲନି ତାଙ୍କ କଥା? କାହିଁକି ସମସ୍ତଙ୍କ ସ୍ୱାର୍ଥରେ ତମେ ପଡିଲ ବଳି ? ତମେ କଣ ଜାଣିନଥିଲ, ସବୁ ଯୁଗରେ ବି ସ୍ୱାର୍ଥୀ ଭିକାରୀ ଥାଆନ୍ତି ବୋଲି ?

ବସୁଷେଣସତେ ଯେମିତି କହୁଥାନ୍ତି କଣ ପାଇଁ ବଂଚିବାର ମୋହ ରଖିଥାନ୍ତି କୁହ ? ମାଆ ଯେଉଁଠି ମୋ ପରିଚୟ ଦେବାକୁ କୁଣ୍ଠାବୋଧ ପ୍ରକାଶ କରନ୍ତି, ଭାଇମାନେ ଯେଉଁଠି ମତେ ଥଟା ପରିହାସ କରନ୍ତି, ମୁଁ କାହା ପାଇଁ ବଞ୍ଚିଥାନ୍ତି ? କିଏ ମତେ ଭଲପାଏ ? କାହାର ଥିଲା ମୋ ପ୍ରତି ଆସକ୍ତି ? ତ ଭାରତୀଙ୍କ ଆଖିରୁ ଝରିଯାଏ କେତେ ଯେ ତତଲା ଲୁହ ତାର ହିସାବ ନାହିଁ !ଭାରତୀ କାନ୍ଦିବାର ଦେଖିଲେ ବାପା ମାଆ ବିଚଳିତ ହୋଇପଡନ୍ତି, କଣ ସମସ୍ୟା କହ ? କେମିତି ବା କିପରି ବର ତୋର ପସନ୍ଦ କହ ?, ତ ନିରୁତ୍ତର ଭାରତୀ ଙ୍କୁ ବୁଝାଇପାରନ୍ତି ନାହିଁ ବାପା ମାଆ ଅବା ନିକଟ ସମ୍ପର୍କୀୟ ମାମୁଁ ମାଇଁ ଅଜା ଆଇ ନା ପାଖରେ ରହୁଥିବା ଜେଜେ, ଜେଜେମାଆ ଦାଦା ବଡବାପା ବଡ଼ମା ଖୁଡୀ, ଶେଷ କୁ ଭାରତୀ ବାଛିନେଲେ ଚାକିରୀ ଜୀବନ.

ଆଜିକାଲିର ଏକତରଫା ପ୍ରେମ ରେ ଅଧିକାଂଶ କହିଲେ ଭୁଲ ହେବନି । ସ୍ଥାନୀୟ ଯୁବକ ପ୍ରାୟେ ଶହେରୁ ଅନେଶତ ଭାଗ ଚାଁହୁଥିଲେ ତାଙ୍କ ସହ ବିବାହ ବନ୍ଧନ, କଣ ବୋଲି ଭାବନ୍ତି କେଜାଣି ଯୁବ ସମାଜ ନିଜକୁ ?? ଅନ୍ୟର ଯେ ମନ ଅଛି ଏକଥା ଭୁଲିଯାଇ କେବଳ ସେ ସୁନ୍ଦରୀ, ଶିକ୍ଷିତା ସର୍ବୋପରି ରୋଜଗାରକ୍ଷମ ହୋଇଥିବାରୁ ପ୍ରସ୍ତାବ ପରେ ପ୍ରସ୍ତାବ ପିତାମାତା ଙ୍କ ନିକଟରେ ତ ଅଜସ୍ର ଚିଠି, ଭେଟି, ଗ୍ରୀଟିଙ୍ଗସ ଠୁ ଆରମ୍ଭ କରି ପ୍ରେମପତ୍ର ଏବଂ ଟେଲିଫୋନ ରେ ବାର୍ତ୍ତା ଓ ମେସେଜ ! କଣ କରିବେ ଭାରତୀ, ଜଗିରଖି ନଚାଲିଲେ ଜୀବନ ପ୍ରତି ବି ବିପଦ ଅଛି ତଥାପି ତାଙ୍କୁ ଲାଗେ ଯୋଦ୍ଧା ବସୁଷେଣ ତାଙ୍କ ପାଖେ ପାଖେ । ସେହି ଆସ୍ପର୍ଦ୍ଧା ଓ ଦିବ୍ୟକାନ୍ତି ଚେହେରାରୁ ଦୀପ୍ତି ଆଉ ଆଭା ଜ୍ୱାଜ୍ଜୁଲ୍ୟମାନ, ହେଉ ପଛେ କଳ୍ପନା ତାରି ଭିତରେ ସେ ସାଉଁଟାନ୍ତି ବାସ୍ତବତା । ପଚାରନ୍ତି ପୁଣି, କାହିଁକି ଆର୍ଯ୍ୟ କାହିଁକି ତୁମର ଏ ଭାଗ୍ୟ, ତୁମ ପ୍ରତି ସମସ୍ତଙ୍କର ଏତାଦୃଶ କପଟ, କାହିଁକି ତମର ଏ ଭାଗ୍ୟ, କାହିଁକି ତମେ ଅଭିଶପ୍ତ ? ଉତ୍ତରରେ ପ୍ରତିଥର ପରି ଛାୟାଟି ହସୁଥାଏ ଆବେଗର ଆସ୍ପର୍ଦ୍ଧା ରେ କୋମଳ ନୟନ ମେଲି ତ ହଲଚଲ ହୋଇଯାନ୍ତି ଭାରତୀ, ମୁଖନତ କରି ଭୂମିପରେ ସାଉଁଟାଉଥାନ୍ତି ନଖ ।

ISSN NO.
2582-208X

ଦୃଷ୍ଟି ଗୋଚର ହୁଏ ଅନ୍ୟମାନଙ୍କର । କିଏ କଣ ଭାବେ ତାଙ୍କ ବିଷୟରେ, ସହକର୍ମୀ ଙ୍କ ପ୍ରଶ୍ନିଳ ଆଖି, ସାଙ୍ଗସାଥିଙ୍କର ଆଙ୍ଗୁଳି ନିର୍ଦ୍ଦେଶ ତାଙ୍କ ଆଡକୁ । କିଏ କହେ ଘନିଷ୍ଠ ହୋଇ, ଖୋଲି କହୁନୁ କାହିଁକି କାହାକୁ ଭଲପାଉ ଭାରତୀ ? କିଏ ସେ, ଜାତିଗୋତ୍ର ସମାନ ନୁହେଁ କି ? ତଥାପି ସେ ନିରୁତ୍ତର, ତାଙ୍କ ପାଇଁ ମାଆ ରୋଗ ଶଯ୍ୟା ରେ, ବାପା ଆଶଙ୍କାଗ୍ରସ୍ତ ।

ଭାରତୀ ଶୁଣନ୍ତି ସେହି ଭୀରୁ କାପୁରୁଷମାନଙ୍କ କଥା ଓ କାହାଣୀ, ଝିଅଟିଏ ଆଜି ଏସିଡ ମାଡ ରୁ ରକ୍ଷା ପାଉନି । ବିଚ ରାସ୍ତାରେ ମାନମହତ ରକ୍ଷାକରିପାରୁନି, ନିରୋଳା ରାସ୍ତାରେ ଶକ୍ତ ପ୍ରହାରରେ ଜୀବନହାରିଛି ତ କେବେ ଗଣଦୁଷ୍କର୍ମର ଶିକାର ହେଉଛି । ଆଉ ଏସବୁ ପ୍ରାୟ ଅବିବାହିତା ଝିଅଟି କ୍ଷେତ୍ର ରେ ଘଟୁଛି ତ ବଦଳିଗଲା ଭାରତୀଙ୍କ ପରିଚୟ । ସେ ପିନ୍ଧିଲେ ବସୁଷେଣଙ୍କ ନାମରେ ସିନ୍ଦୁର, ତାଙ୍କରି ନାମରେ ଆଖିରେ ମାଖିଲେ କଜ୍ଜ୍ୱଳ, ପାଦରେ ଦେଲେ ଅଳତାର ଗାର, ହାତରେ ଚୁଡ଼ି । ଜଗତ ସ୍ତମ୍ଭିଭୂତ, ଆବାକ, ସାଙ୍ଗସାଥିଙ୍କର ଜିଜ୍ଞାସା ସବୁକୁ ବେଖାତିର କରି ସେ ହେଲେ ବଧୂବେଶ ହେଲେ ଭାବିଥିଲେ ଯାହା ଫଳ ହେଲା ଓଲଟା । ମାଆ ଚାଲିଗଲେ ପରପାରିକୁ ବାପା ହେଲେ ଶଯ୍ୟାଶାୟୀ, ବନ୍ଧୁବାନ୍ଧବଙ୍କ ତୀର୍ଯ୍ୟକ ଦୃଷ୍ଟି, ରେ ଅସହିଷ୍ଣୁ ଭାବରେ । ସେ ଦେଖନ୍ତି ବସୁଷେଣଙ୍କୁ, ସେହି ଦିପ୍ତିମୟ କାନ୍ତି, ଉଚ୍ଚାଶୀର, ଅତ୍ୟନ୍ତଯୋଦ୍ଧା ଓ ସାହାସୀ ବସୁଷେଣଙ୍କୁ, ରାତିରେ ସୂର୍ଯ୍ୟଦେବ କହିଗଲେ ନା ତୁମକୁ ଦାନୀ ନହେବା ପାଇଁ । ତୁମ ଦାନ ତୁମର ଶେଷ ପରିଣତି ଡାକି ଆଣିବ ବୋଲି ତୁମକୁ ସତର୍କ କରିଦେଇ ଗଲେ ନା । ତଥାପି ତମେ ଇନ୍ଦ୍ରଙ୍କ ମାୟାବୀ ରୂପରେ କାହିଁକି ଭୁଲିଗଲ ଜୀବନ ଧାରଣର ମୂଲ୍ୟବୋଧ, ଆଉ ଜଣେ ପିତାଙ୍କର ଆକୁଳ ବିକଳ କାତରତା ପୂର୍ଣ୍ଣ ଲୋତକ ଭରା ଆଖି ।

ବସୁଷେଣ ହସୁଥିଲେ ଆତ୍ମତୃପ୍ତିର ହସ, ସେ ସମସ୍ତଙ୍କ ଠାରୁ ଉର୍ଦ୍ଧ୍ୱେ, ଜୀବନସାରା ପିତାଙ୍କ ସ୍ନେହ ନପାଇଥିବା ପୁତ୍ରର ମୃତ୍ୟୁ ପାଇଁ କାହିଁକି ଏତେ ସ୍ନେହ ? ଜୀବନସାରା ମାଆ ବୋଲି ସମ୍ବୋଧନ କରିବାକୁ ପାଇନଥିବା ତାଙ୍କ ମୃତ୍ୟୁରେ କିବା ଦୁଃଖ ! ଭାରତୀଙ୍କ ଆଖିରେ ଲୁହ, ତାଙ୍କୁ ଜଳଜଳ ଦିଶୁଥାଏ ବସୁଷେଣଙ୍କ କର୍ଣ୍ଣରୁ ରକ୍ତ ଧାରଧାର ଓ ରକ୍ତ ରଂଜିତ ଛାତି, ବୁଝାନ୍ତି ଭାରତୀ, ଦେବେକୀ ଯଶୋଦା ଭିତରୁ କିଏ କୃଷ୍ଣ ଙ୍କ ପ୍ରିୟ ? ତୁମେ କାହିଁକି ଶିଖି ପାରିଲନି ସେକଥା, ଅଟ୍ଟହାସ୍ୟ କରିଉଠନ୍ତି ବସୁଷେଣ । ଜୀବନ ରକ୍ଷା କରିବାକୁ ଯାଇ ଦେବକୀ ଟେକିଦେଲେ ଯଶୋଦାଙ୍କ ହାତରେ ହେଲେ କୁନ୍ତିଦେବୀ ମୋ ଜୀବନ ଚାଲିଯିବା ପାଇଁ ଭସାଇଦେଇଥିଲେ ନା ମତେ ନଇ ରେ ? କାନରେ ହାତଦିଅନ୍ତି ଭାରତୀ ତଥାପି ମାର

ISSN NO.
2582-208X

ସ୍ନେହ ମମତାର ଅନେକ ଉଦାହରଣରେ ବୁଝାଉଥାନ୍ତି । ହେଲେ ନିଜ ମାଆ ର ମୃତ୍ୟୁ ଓ ପରେ ପରେ ପିତାଙ୍କ ମୃତ୍ୟୁର ଶେଷ ବାକ୍ୟ । ଭାରତୀ ତୁ ମୋ କଥା ରଖିଲୁନି, ଅବସାଦ ଅବଶୋସ ରେ ତୋ ମାଆ ର ସହଯାତ୍ରୀ ହେବାକୁ ଆଉ କେତେ କ୍ଷଣ ?? ବାକ୍ୟ ଟି ତାଙ୍କ କର୍ଣ୍ଣ ପଟଳ ରେ ଗୁଂଜରିତ ହେଉଥାଏ । ଭାରତୀଙ୍କ ପିତା ଚାଲିଗଲେ ଆଉ ସେ ଅନାଥ ହେବା ପୂର୍ବରୁ ଅରଫାନ ପିଲାଟିଏ କୁ ପୋଷ୍ୟ ପୁତ୍ର ରୂପେ ଗ୍ରହଣ କରି ଆଉ ନିଜକୁ ଅନାଥ ମନେ କରୁନଥିଲେ, ଆଉ ତାହା ଦ୍ୱାରା ଅନେକଙ୍କ ମୁହଁ ବନ୍ଦ କରିବାକୁ ଚେଷ୍ଟା କରି ବାକୁ ଯାଇ ବି ତଥାପି ନିର୍ଯାତିତା, ସମ୍ମାନହୀନା ରୂପେ ପରିଗଣିତା ହେବାକୁ ପଡୁଥିଲା ସେମିତି କିଛି ସ୍ୱାର୍ଥୀ ଭିକ୍ଷୁକ ମାନଙ୍କ ଦ୍ୱାରା । ଧନରେ ଲୋଭ, ଧନରେ ସ୍ୱାର୍ଥ ରଖୁଥିବା ଲୋକମାନେ ଅପସରି ଯାଉଥିଲେ ଜୀବନର ଚଲାପଥରୁ ଜଣଙ୍କ ପରେ ଜଣେ କାରଣ ବସୁଷେଣଙ୍କ ଆଦର୍ଶରେ ସେ ସମସ୍ତ ପୈତୃକ ସମ୍ପତ୍ତି କରିଦେଇଥିଲେ ବଡବାପା ଦାଦା ଙ୍କ ନାମରେ । ମାସକୁ ମାସ ମୋଟା ଅଙ୍କର ସାହାଯ୍ୟ ଯୋଗାଇଦେଉଥିଲେ ଜେଜେମାଆ ଜେଜେଙ୍କ ପାଳନ ପାଇଁ । ସବୁ ବନ୍ଧୁ ବାନ୍ଧବଙ୍କ ମୁହଁ ପାଟି ଚୁପ ସିନା ହେଲେ ବି ଏ ବୟସରେ ତାଙ୍କ ସାନିଧ୍ୟ ପାଇବାକୁ ଅନେକ ଆଗେଇ ଆସୁଥିଲେ ।

ବନ୍ଧୁତାର ଖାତିରିରେ, ପାରିପାର୍ଶିକ ସହନଶୀଳତା ରେ କେହି ଥରେ ତାଙ୍କୁ, ନିଜକୁ ସୁନ୍ଦରୀ ବୋଲି ଟିକେ ଭାବ କହିବାରେ । ସେ ଅନୂଢ଼ା କିଶୋରୀ ସଦୃଶ ଗର୍ବ ଗୌରବ ଲାଭ କରି ନିଜକୁ ଧନ୍ୟ ମନେକରି କହୁଥିଲେ ଦେଖତ ବସୁଷେଣ, ତୁମ ପ୍ରେମିକା, ପ୍ରାଣପ୍ରିୟାର ସୌନ୍ଦର୍ଯ୍ୟରେ ଆଜି ବି ଜଗତ ମୁଗ୍ଧ, ତମେ ନିଷ୍ପତ୍ତି ବଦଳେଇ ନିଅ, ଡେରିକରନା, ହେଲେ ନେଡି ଗୁଡ଼ କହୁଣିକୁ ବୋହିସାରିଥିଲା ।

ସମ୍ମୁଖଭାଗେ ଯୁଦ୍ଧରେ ଅର୍ଜୁନ ଙ୍କ ରଥରେ ସାରଥୀ ନିଜେ ଶ୍ରୀକୃଷ୍ଣ, କପଟପାଶାରେ କବଳିତ ବସୁଷେଣ, ଭଗ୍ନ ମନୋବଳ, ସୂର୍ଯ୍ୟପୁତ୍ରଙ୍କ କର୍ଣ୍ଣ ଓ ବକ୍ଷ ଆଜି ରକ୍ତ ଜର୍ଜ୍ଜରିତ । ସମସ୍ତ ସମ୍ଭାବନା ଆଜି ତାଙ୍କ ପାଖରେ ପରାହାତ, ଆଉ ଶେଷକୁ ସାରଥୀ ବସୁଷେଣ ଚିତ୍କାର କରୁଥିଲେ, ଅଟହାସ୍ୟ କରି କହୁଥିଲେ ଇନ୍ଦ୍ରଙ୍କୁ, ତାଚ୍ଛଲ୍ୟ କରୁଥିଲେ, ହେ ଇନ୍ଦ୍ର, ଦେଖିଯାଅ ଦାନନେଇ ତୁମେ ମହାନ ନା ଦାନଦେଇ ମୁଁ କୀର୍ତ୍ତିମାନ???? ସ୍ୱର୍ଗରୁ ସୂର୍ଯ୍ୟଦେବ ବି ମାଥାନୁଆଇଁ ବସୁଷେଣ ଙ୍କ ସୂର୍ଯ୍ୟାସ୍ତ ସହିନପାରି ପୁତ୍ରଶୋକରେ ଅଭିଭୂତ ହେଉ ହେଉ ବି ପରମ ଶାନ୍ତି ଲଭୁଥିଲେ ପିତୃତ୍ୱର ସାର୍ଥକତା, ବୀରତ୍ୱର ପରାକାଷ୍ଠା ଆଗରେ ମୁଣ୍ଡ ନଇଁଯାଉଥିଲା ସଗର୍ବରେ ସୂର୍ଯ୍ୟଦେବଙ୍କର ।

ISSN NO.
2582-208X

ଭାରତୀଙ୍କୁ ଯେବେ ତା ପରଦିନ ସମେସ୍ତେ ଦେଖିଲେ ପାଟିଖୋଲି କେହିକିଛି କହିପାରୁନଥିଲେ, କାରଣ ବିବର୍ଣ୍ଣା ଭାରତୀଙ୍କ ହାତରେ ନଥିଲା ଚୁଡ଼ି, କପାଳରେ ନଥିଲା ସିନ୍ଦୁର କି ଗଳାରେ ନଥିଲା ମଙ୍ଗଳସୂତ୍ର, ହେଲେ କାହାପାଇଁ ତାଙ୍କର ବିଧବା ବେଶ କେହି ଜାଣିପାରୁନଥିଲେ ।

ଭାରତୀ ପଢୁଥିବା ସେଇ କଲେଜ ଜୀବନର ଦୀପକ ଯେବେ ସେହି ବ୍ୟାଚ ବନ୍ଧୁମିଳନରେ ଦେଖାହେଲା, ତ, ସେ ବି ଚମକି ପଡିଥିଲା ଭାରତୀଙ୍କୁ ଦେଖି କିନ୍ତୁ ପଚାରିପାରୁନଥିଲା ଆରେ ତୁ କେବେ କୋଉଠି କୋଉଦିନ ବାହାହେଲୁ ପୁଣି ଏବେ କଣ କେମିତି.......????
ଇତ୍ୟାଦି କିଛିବି ପଚାରିପାରୁନଥିଲା ଦୀପକ । ତଥାପି ଶିଡ଼ି ପରେ ଶିଡ଼ି ଦେଇ ଭାରତୀ ସହ ତଳକୁ ଆସିଥିଲା ତ ଭାରତୀ ସାଥିରେ ଛୋଟ ତିନି କି ଚାରି ବର୍ଷର ପୁଅକୁ ଦେଖି ଅଭିଭୂତ ହୋଇ ନିର୍ବାକ ଆଖିରେ ଚାହିଁଥିଲା ଖାଲି, ଭାରତୀର ଅବୟବ ବହୁଦୂର ପର୍ଯ୍ୟନ୍ତ ଦେଖାଯିବା ଯାଏଁ ।

ଭାରତୀକିନ୍ତୁ ମଜ୍ଜିଯାଇଥିଲେ ସେଇ ବସୁଷେଣଙ୍କ ଭାବନାରେ, କଣ କଲ ସୂର୍ଯ୍ୟପୁତ୍ର ? କାହିଁକି କରିଦେଲ ଦାନ? ଥରେ ବି ଭାବିଲନି ତୁମ ପିତା ସୂର୍ଯ୍ୟଦେବ ମାତା କୁନ୍ତିଦେବୀ ତଥା ଧୀବର ଜନକଜନନୀଙ୍କ କଥା ବା ଥରେ ଚାହିଁଲନି ମୋ ଆଡ଼େ ? ଉତ୍ତରରେ ସଗର୍ବରେ ବସୁଷେଣ ସତେ ଯେମିତି ତାଙ୍କର ବୀରତ୍ୱ, ସାହାସିକତା, ନିର୍ଭିକତା, ଦାନୀକର୍ଣ୍ଣର ବିଶେଷ ଗୁଣଗୁଡିକୁ ବିଶେଷଣ କରିଚାଲିଥିଲେ । ସେଦିନ ବାମନ ରୂପୀ ଭଗବାନ ଙ୍କ ଦ୍ୱାରା ରାଜା ବଳିଙ୍କୁ ପାତାଳେ ଚାପିବା କଥା ଆଲୋଚିତ ହେଉଥାଏ, ଅତି ରୁ ଇତି କଥାର ମହତ୍ୱ ପ୍ରତିପାଦନ କରିବାକୁ ବଳିଙ୍କର ପାତାଳ ଗମନରେ ସମେସ୍ତେ ଦୋଷ ଦେଇ ଦାନବରାଜା ବଳୀଙ୍କୁ ଛି ଛାକର କରୁଥିଲେତ ହଠାତ ଉତକ୍ଷିପ୍ତ ହୋଇ ପାଟି କରି ଚିତ୍କାର କରିଉଠିଲେ ଭାରତୀ "କଣ ଜାଣିଛ ତୁମେ ମାନେ ଦାନ ର ମହତ୍ୱ କଣ ବୁଝିଛ ତୁମେ ମାନେ ଦାନୀ ର ମହତ୍ୱ, କଣ ବା ଭାବିଛ ଦାନମାନୀ ଙ୍କ ବିଷୟରେ ?", କହୁକହୁ ଚେତା ହରାଇ ତଳେ ପଡ଼ିଯାଇଥିବା ଭାରତୀଙ୍କୁ ପ୍ରକୃଷ୍ଠ କରିବାରେ ପାଞ୍ଚ କି ଛ ଘଣ୍ଟା ତ ଅତି କମରେ ଲାଗିଥିଲା କିନ୍ତୁ କେହି କିଛି ବୁଝିପାରୁନଥିଲେ, କଲବଲ କରି ଚାହିଁଥିଲେ ଭାରତୀ ମୁହଁକୁ କେବଳ ।

ISSN NO.
2582-208X

ଭାରତୀଙ୍କୁ କିନ୍ତୁ ଜଳଜଳ ଦିଶୁଥିଲା ଦୁର୍ଯ୍ୟୋଧନ ଙ୍କ ରଥର ସାରଥୀ, ସ୍ୱାର୍ଥୀ ଇନ୍ଦ୍ରଙ୍କୁ ସବୁକିଛି ଦାନ କାରିସାରିବା ପରେ ବି କେତେ ଜାଜ୍ଜ୍ୱଲ୍ୟମାନ ପ୍ରତୀୟ ହେଉଥିଲେ, ଗାରିମାର ଗୌରବାନ୍ୱିତ ହୋଇ କିଏ କହିଲା ଦାନ କରି ଦାନୀ ହୋଇ ତାଙ୍କର ହାନି ହେଲା ବୋଲି,??? ବରଂ ସେ ତ କାଳଜୟୀ, ଯୁଗାନ୍ତରୀ ହୋଇଗଲେ ।

ଛୋଟ ପିଲାଙ୍କ ସ୍କୁଲ ରେ ପଢୁଥାଏ ପୁଅ, ସେଦିନ ସ୍କୁଲରେ ବାର୍ଷିକ ଉତ୍ସବ ଥାଏ ଭାରତୀଙ୍କୁ ସମୟ ନଥିଲା ପୁଅ ସହ ସ୍କୁଲ ଯିବାକୁ ତ ପୁଅ ଅଭିମାନ କରିଥିଲା, ସମସ୍ତଙ୍କ ଅଭିଭାବକ ମାନେ ଆସିଥିବେ, ତାକୁ ବୁଝାଇ ସୁଝାଇ ସ୍କୁଲ ବସ ରେ ଛାଡି ପୁଣି ପ୍ରତ୍ୟାବର୍ତ୍ତନ କୁ ଅପେକ୍ଷା କରିଥିଲେ, ତ ବସ ରୁ ଓହ୍ଲେଇ ଫ୍ୟାନସି ଡ୍ରେସସ ରେ ମୁଁ କର୍ଣ୍ଣ ମୁଁ କର୍ଣ୍ଣ, ମୁଁ ଦାନବୀର ହରିଶ୍ଚନ୍ଦ୍ର ଙ୍କପରି ଦାନୀକର୍ଣ୍ଣ , ମୁଁ ମାଆ, ମୁଁ ସୁତ ପୁତ୍ର କର୍ଣ୍ଣ କହି ଦଉଡି ଆସୁଥିଲା ।

ବେହୋସ ହୋଇଗଲେ ଭାରତୀ ଚେତା ଫେରିଲା ପରେ ଠାଏ କରି ଚାପୁଡ଼ାଟିଏ କଷି ଦେଇ ପୁଅ ଗାଲରେ କହୁଥିଲେ ତୁ କର୍ଣ୍ଣ ହୋଇପାରିବୁନି ତୁ କର୍ଣ୍ଣ ହୋଇ ପାରିବୁନି । ଛୋଟ ପିଲାଟି କିଛି ବୁଝି ନପାରି ଫୁଲି ଫୁଲି କାନ୍ଦୁଥିଲା କିଛି ସମୟ ତ, ହୋସ ଆସିଥିଲା ଭାରତୀଙ୍କୁ । ପିଲାଟିକୁ କୋଳକୁ ନେଇ ସେଦିନ ସେ ଏତେ କାନ୍ଦିଥିଲେ ବୋଧହୁଏ ଜୀବନ ରେ ଆଗରୁ ଏମିତି କେବେ କାଂଦିନଥିଲେ । ତଥାପି ମନହୃଦୟ ଭିତରେ ବସିଥିବା ସେହି ଚରିତ୍ର ବସୁଷେଣ ଙ୍କ ପ୍ରତିମୂର୍ତ୍ତି ଯିଏ ହୃଦୟ ସିଂହାସନ ରେ ବସି ମୁରୁକି ମୁରୁକି ହସୁଥିଲେ ତ, ଭାରତୀ ଆଜି ପ୍ରଥମଥର ଜାଣିଲେ ତାଙ୍କୁ ସତରେ ପ୍ରେମ ହୋଇଯାଇଛି ବିଗତ ଦିନରୁ ଆଜିଯାଏଁ ତ ଭବିଷ୍ୟତ ରେ ସେ କେବଳ ପ୍ରେମିକାଟିଏ । ପୁତ୍ରର କର୍ଣ୍ଣ ପୋଷାକ ତାଙ୍କୁ ମନ୍ତ୍ରମୁଗ୍ଧ କରିଥିଲା ଯେମିତି, ପୁଅକୁ କୋଳକୁ ନେଇ କଇଁ କଇଁ କାନ୍ଦୁଥିଲେ ପିଲାଟି କିନ୍ତୁ କଣ ବୁଝିଲା କେଜାଣି କର୍ଣ୍ଣ ଙ୍କ ବେଶ ପୋଷାକ ବଦଳାଇ ଦୁରକୁ ଫୋପାଡ଼ି ମାଆ କୋଳରେ ଲୋଟି ଯାଇଥିଲା । ଭାରତୀଙ୍କ ଅନ୍ତରରେ ବସୁଷେଣ ଙ୍କ ପ୍ରତିବିମ୍ବ ପ୍ରତିଫଳିତ ହେଉଥିଲା ଆଉ ଆଜି ପ୍ରଥମ ଥର ମନେ ହେଲା ସେ ଭାରତୀ ନୁହନ୍ତି ସେତ ଦ୍ରୌପଦୀ କେବଳ ଦ୍ରୌପଦୀ ।

ନିଜକୁ ଦ୍ରୌପଦୀ ବୋଲି ଭାବିନେଲା ପରେ ଭାରତୀଙ୍କ ଆଖିରେ ଦୃଷ୍ଟି ଗୋଚର ହେଲା, ଅଗ୍ନିସମ୍ଭୁତା ଦ୍ରୌପଦୀ, ପିତା ଦ୍ରୁପଦଙ୍କ ମାନ ରକ୍ଷା ପାଇଁ ସୃଷ୍ଟି ଯାଜ୍ଞସେନୀ ଭାବରେ ।,

ISSN NO.
2582-208X

ସେଦିନ ଦ୍ରୌପଦୀଙ୍କ ସ୍ୱୟମ୍ବର ସଭାରେ ସମସ୍ତ ବୀର ଜଣ ଜଣ କରି ହାରିଗଲା ପରେ, ଦୁର୍ଯ୍ୟୋଧନ ଦୁଃଶାସନ ଆଦି ବୀର କ୍ଷତ୍ରିୟ ପୁତ୍ର ମାନେ ଲଜ୍ଜ୍ୟାନତ ଶୀର ପୋତି ବସିଥିବା ବେଳେ ବସୁଷେଣ ହିଁ ସମର୍ଥ ହୋଇଥିଲେ ଶରଭେଦ କରିବାକୁ । ଆଉ ପ୍ରଥମ ଦେଖାରେ ମନ ହୃଦୟ କିଣି ନେଇଥିଲେ ଦ୍ରୌପଦୀ ଙ୍କର । ହେଲେ ଏ କଣ ସେ ସୁତପୁତ୍ର କହି ତାଙ୍କ ବୀରତ୍ୱକୁ ଅସ୍ୱୀକାର କରାଗଲା । ପ୍ରଥମ ବିଜେତା ଅପମାନିତ ହେଲେ ସତ ତଥାପି ସେହି ବୀରଦୀପ୍ତି ଚେହେରା ଦ୍ରୌପଦୀ ଙ୍କ ହୃଦୟ ରେ ରହିଗଲା ଚିରକାଳ, ହୃଦୟର ନିବୃତ କକ୍ଷରେ ସେହି ଦିନଠୁଁ ସେ ଉପବେଶନ କରିଛନ୍ତି ବୁଝିବାକୁ ବାକି ନଥିଲା ଭାରତୀଙ୍କୁ ।

ପଞ୍ଚୁ ପାଣ୍ଡବଙ୍କ ସ୍ତ୍ରୀ ଦ୍ରୌପଦୀ ହେଲେ ପାଞ୍ଚାଳୀ, ମାତା କୁନ୍ତିଙ୍କ ଆଦେଶ ଓ ଶ୍ରୀକୃଷ୍ଣ ଙ୍କ ପରାମର୍ଶ ଶିରୋଧାର୍ଯ୍ୟ ତାଙ୍କ ପାଇଁ । ସେ ବି ଜାଣନ୍ତି ପିତାଙ୍କ ପ୍ରତିଶୋଧ ନେବା ପାଇଁ ଜାଜ୍ଞସେନୀ ଙ୍କୁ ହେବାକୁ ପଡିବ ପାଞ୍ଚାଳୀ, ଧରି ରଖିବାକୁ ପଡିବ ଏକତା ସୂତ୍ରର ରଜ୍ଜୁରେ । ସେ ତ ଅଗ୍ନିଶମ୍ଭୁତା ହେଲେ ତାଙ୍କର ରକ୍ତ ମାଂସ ଶରୀରରେ ଥିବା ମନ ଭିତରେ ଥାନ୍ତି ସେହି ପ୍ରଥମ ପୁରୁଷ, ଯାହାଙ୍କୁ ସୁତପୁତ୍ର କହି ବାରଣ କରାଯାଇଥିଲା । ସ୍ୱୀକୃତି ଦିଆଯାଇନଥିଲା ବିଜେତାର, ହେଲେ ଜିତି ସାରିଥିଲେ ଦ୍ରୌପଦୀଙ୍କ ମନ ଓ ହୃଦୟ ହୁଏତ ପ୍ରଥମ ପୁରୁଷ ରୂପେ ସ୍ୱୟମ୍ବର ସଭାରେ ।

ଦ୍ୱିତୀୟ ଦେଖା ତାଙ୍କର କୁରୁସଭାତଳେ, ବସ୍ତ୍ର ହରଣ କାଳେ, ପାପୀ ଦୁରାଚାରୀ ଦୁର୍ଯୋଧନ, ଦୁଃଶାସନ, ଶକୁନି ଇତ୍ୟାଦି ଙ୍କର ହୁଙ୍କାର ରଡି,ପାଣ୍ଡବ ମାନଙ୍କର ନୀରବତା, ଗୁରୁ ଗୁରୁଜନ ଯଥା ଦ୍ରୋଣାଚାର୍ଯ୍ୟ ଭୀଷ୍ମ ପିତାମହ, ଗାନ୍ଧାର ନରେଶ ସମେସ୍ତେ ଥିଲେ ନିର୍ବିକାର ତ ମହାମାନୀ ଜ୍ଞାନୀ ଗୁଣୀ ବସୁଷେଣ ଚୁପ ନରହି କଣ କରିଥାନ୍ତେ! ଶ୍ରୀକୃଷ୍ଣଙ୍କ ସାହାଯ୍ୟ ସହଯୋଗ ଓ ବନ୍ଧୁବତ୍ସଳତା ତଥା ତାଙ୍କ ଭକ୍ତି ଓ ମାଗୁଣି ସେଦିନ ବିବସନା ହେବାରୁ ରକ୍ଷା କରିଥିଲା ଦ୍ରୌପଦୀଙ୍କୁ ହେଲେ ସେହି କାପୁରୁଷ ମାନଙ୍କର ଲୋଲୁପ ଦୃଷ୍ଟି ଏବେ ବି ଦୃଷ୍ଟି ଗୋଚର ହୁଏ । ବସୁଷେଣ ଥିଲେ ନିର୍ଲିପ୍ତ, ନାଥିଲା କାମୁକତା ନାଥିଲା ଆପତ୍ତି କେବଳ ଦୁର୍ଯ୍ୟୋଧନ ର ବନ୍ଧୁ ହିସାବରେ ଉପସ୍ଥିତି ମାତ୍ର, ସେଇଥିପାଇଁତ ଏଯାଏଁ ସେ ଦ୍ରୌପଦୀଙ୍କର ହୃଦୟ ଶିରୋମଣି ।

ଦୁର୍ଯ୍ୟୋଧନ ଦେଖିଥିଲା ବସୁଷେଣଙ୍କ ବୀରତ୍ୱ, ବସୁଷେଣ ରାଜ୍ୟ ପରେ ରାଜ୍ୟ ଜୟ କରି ଚାଲିଥିଲେ, ପ୍ରଥମେ ଦ୍ରୁପଦ ରାଜ୍ୟକୁ ପରାସ୍ତ କରି ସେଠାରୁ କର ଆଦାୟ କଲେ,

ISSN NO.
2582-208X

ଏହାପରେ ଉତ୍ତର ଦିଗରେ ଯାତ୍ରା କରି ଅଙ୍ଗ, ବଙ୍ଗ କଲିଙ୍ଗ ମଗଧ ମଣ୍ଟହ୍ୟ କୋଶଳ ଆଦି ଦେଶର ଶାସକଙ୍କୁ ପରାଜିତ କରି ସେମାନଙ୍କଠାରୁ କର ଆଦାୟ କଲେ । ତତ୍ପରେ ଦକ୍ଷିଣ ଦିଗରେ ଆହୁରି ଅନେକ ରାଜାଙ୍କୁ ପରାସ୍ତ କରି, କୁଣ୍ଡୀନ ନଗରୀର ରାଜା ରୁକ୍ମି ବିନାଯୁଦ୍ଧ ରେ ବସୁଷେଣଙ୍କ ସହ ସନ୍ଧି ସ୍ଥାପନ କରିଥିଲେ। ଏହି ସଫଳ ବିଜୟରେ ଦୁର୍ଯ୍ୟୋଧନ ବସୁଷେଣଙ୍କୁ ଅଭିନନ୍ଦନ ଜଣାଇ ତୁମେ ମୋର ପରମ ମିତ୍ର କହି ମନ କିଣି ନେଲେ । ହେଲେ କପଟୀ କୁଚକ୍ରୀ ଦୁର୍ଯ୍ୟୋଧନ ବସୁଷେଣଙ୍କ ବାହୁବଳ ପାଇବାପାଇଁ ପରମ ମିତ୍ର ବନିଯାଇଥିଲେ କହିଲେ ଅତ୍ୟୁକ୍ତି ହେବନାହିଁ ବୋଲି ଦ୍ରୌପଦୀଙ୍କର ହୃଦୟଙ୍ଗମ ହୁଏ ।

ଏଇ କିଛି ଦିନ ହେବ ନିଜକୁ ଦ୍ରୌପଦୀ ଭାବୁଥିବା ଭାରତୀ, ପୁଅ ଭିତରେ ବସୁଷେଣଙ୍କୁ ହିଁ ଦେଖନ୍ତି । ତଥାପି ମନ ବୁଝେନି ମନ ବିଦ୍ରୋହ କରେ ପୁଅ ଯେତେବେଳେ ପିତାଙ୍କ ପରିଚୟ ଅନ୍ୱେଷଣରେ ଭାରତୀଙ୍କୁ ପଚାରେ, ଭାରତୀ କୁହନ୍ତି ବସୁଷେଣ ତ ପୁଅ କାହିଁରୁ କେତେ ଯେ ପ୍ରଶ୍ନ କରିଉଠେ, ଯେମିତିକି ସେ କେବେ କାହିଁକି କିପରି ମୃତ୍ୟୁ ବରଣ କାଲେ ? ତ ମାଆ ଚିହିଁକି ଉଠନ୍ତି ତତେ କିଏ କହିଲା ସେ ମୃତ, ସେ ଏବେବି ଜୀବିତ, ପୁଣି ପୁଅର ଅନେକ ପ୍ରଶ୍ନ, ସେ କେଉଁଠି ? ଆମେ କାହିଁକି ତାଙ୍କ ପାଖରେ ରହୁନେ ବା ସେ କାହିଁକି ଆମ ପାଖେ ରହୁନାହାନ୍ତି ଇତ୍ୟାଦି ପ୍ରଶ୍ନ ରେ ମାଆ ଭାରତୀ ଙ୍କ ଆଖିରେ ଲୁହ ଆଉ ଭଗ୍ନ ହୃଦୟ ମନ ଏବେ ରୋଗାକ୍ରାନ୍ତ କରୁଛି ତାଙ୍କୁ ତ, ପୁଅ ଚୁପ ରହିଲେ ବି ସାଙ୍ଗ ମାନଙ୍କ କଥାରେ ମାଆ କୁ ସନ୍ଦେହ ଦୃଷ୍ଟି ରେ ଦେଖେ ମାଆ ର ବୈଧବ୍ୟ ବେଶ ତାମନରେ ବଡ ହେଲାପରେ ପ୍ରଶ୍ନବାଚୀ ହୋଇ ଠିଆ ହୁଏ ।

ପୁଅର ଭବିଷ୍ୟତ ଭାରତୀଙ୍କ ଭଙ୍ଗା ମନ ହୃଦୟ ସାଙ୍ଗକୁ ରୋଗ ଭିତରେ ସମୟ ଗଡିଚାଲିଲା। ପୁଅର ଏ ବର୍ଷ ମାଟ୍ରିକୁଲେସନ ପରୀକ୍ଷା, ତ ସ୍କୁଲ ର ଶେଷବର୍ଷ ହେଉଥିବାରୁ ଗୁରୁଦିବସ ରେ ତର୍କ ପ୍ରତିଯୋଗିତା ରେ ଭାଗ ନେବାକୁ ଯାଇ ମାଆଙ୍କ ଅନୁମତିରେ ରାତିସାରା ବହିପତ୍ର ପଢି ପୁଅ ପ୍ରସ୍ତୁତ ହେଉଥିଲା ଗୁରୁଦିବସ ଦିନ ସର୍ବଶ୍ରେଷ୍ଠ ଦାନୀ ଉପରେ ଲେଖିବାକୁ ତ କେବେ ମହାଭାରତ କେବେ ଆଦିକବି ସାରଳା ଦାସଙ୍କ ଲିଖିତ ମହାଭାରତ ତଥା କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର ତଥା ବ୍ୟାସଦେବଙ୍କ ଲିଖିତ ମହାଭାରତ ପଢି ପ୍ରସ୍ତୁତ ହୋଇ ନୋଟ କରିଚାଲୁଥିଲା ମହାଦାନୀ କର୍ଣ୍ଣଙ୍କ ଉପରେ ।

ISSN NO.
2582-208X

ମାଆ ଭାରତୀ ବି ଭାବୁଥିଲେ ବସୁଷେଣଙ୍କ କଥା, ପ୍ରଥମେ ନିଜକୁ ବ୍ରାହ୍ମଣ ବୋଲି ପରିଚୟ ଦେଇ ଗୁରୁ ଦ୍ରୋଣାଚାର୍ଯ୍ୟଙ୍କଠୁ ଶିଖିଲ ବିଦ୍ୟା, କୁଶଳୀ ନିପୁଣ ହେଲ ସବୁବିଦ୍ୟା ସହ ଧନୁର୍ବିଦ୍ୟାରେ । ହେଲେ କୌରବ ପାଣ୍ଡବ ମଧ୍ୟରେ ତୁମ ମୂଲ୍ୟ ନଥିଲା ତ ଗୁରୁ ସନ୍ଦେହ କଲେ ତୁମ କୃତିତ୍ୱକୁ । ଗୁରୁ ବି ଚାଁହୁ ନଥିଲେ ପ୍ରିୟ ଶିଷ୍ୟ ପାଣ୍ଡବ ମାନଙ୍କ ଠୁ ବଳି ଅର୍ଜୁନଙ୍କଠୁ ବଳି ତମେ ବଡ ଯୋଦ୍ଧା ରୂପେ ପରିଗଣିତ ହୁଅ ବୋଲି । ହେଲେ ତମେତ ଅଗ୍ର ପାଣ୍ଡବ, ତୁମ ପ୍ରତି ଏ ଅନ୍ୟାୟ କାହିଁକି ଆର୍ଯ୍ୟ ପୁତ୍ର ? ତୁମ କପାଳ ରେ ଏତେ ସବୁ ନାସ୍ତିବାଚକ ଭାଗ୍ୟରେଖା କେମିତି କିଏ ଲେଖିଲା ହେ ଆର୍ଯ୍ୟ ବୀରପୁଙ୍ଗବ ?

ପୁଅ ରୁମରେ ବିକ୍ଷିପ୍ତ ଭାବେ ଖେଳା ହୋଇ ପଡ଼ିଥିବା ମୋଟା ମୋଟା ବହି ସହ ମହାଭାରତ ଓ ତାହାର ଓଡ଼ିଆ ଅନୁବାଦ ଦେଖି ସ୍ତବ୍ଧ ହେଇଥିଲେ ଭାରତୀ । ଏସବୁରୁ କଣ ସବୁ ପଢୁଛି ପୁଅ । ମହାଭାରତ ଯୁଗରେ ଗୁରୁଭକ୍ତିର ପରାକାଷ୍ଠା ରଖିଯାଇଥିବା ଅର୍ଜୁନ ତଥା ଅନ୍ୟ ବୀରପୁରୁଷ ମାନଙ୍କ କଥା ପୁଅ ନିଶ୍ଚୟ ପଢୁଛି । ହେଲେ ବସୁଷେଣ ତୁମ ଗୁରୁଭକ୍ତି ର ପରାକାଷ୍ଠା କାହିଁ ? ଗୁରୁ ଚାହିଁଥିଲେ ତୁମରି ମୁଖ ରୁ ତୁମ ପରିଚୟ ପାଇବା ପାଇଁ, ଇଚ୍ଛା କରିଥିଲେ ତୁମ କୋଳରେ କିଛି ସମୟ ଶୋଇଯିବାପାଇଁ ତମେ ବି ହାରିଯାଇ ନଥିଲତ, ଭାବୁ ଭାବୁ ପାଇଥିଲେ ପୁଅ ଲିଖିତ ତର୍କ ପ୍ରତିଯୋଗିତା ଉପରେ ଲେଖାଟିଏ ।

ପୁଅ ଲେଖିଥିଲା କର୍ଣ୍ଣଙ୍କୁ ଶ୍ରେଷ୍ଠ ଦାନୀ ରୂପେ ବର୍ଣ୍ଣନା କରି, "କର୍ଣ୍ଣଙ୍କର ଦିବ୍ୟ କବଚ ଓ କୁଣ୍ଡଳ ଥିଲା ତାଙ୍କର ଜନ୍ମଗତ । କୁଣ୍ଡଳ ଓ କବଚ ହେତୁ ମୃତ୍ୟୁ ତାଙ୍କୁ ସ୍ପର୍ଶ କରିବା କଠିନ ଥିଲା, କର୍ଣ୍ଣଙ୍କ ଭଳି ମୃତ୍ୟୁଞ୍ଜୟ ଯୋଦ୍ଧା କୌରବଙ୍କ ସପକ୍ଷରେ ଥିବାରୁ ପାଣ୍ଡବମାନଙ୍କର ଚିନ୍ତା ବଢ଼ି ଯାଇଥିଲା । ଧର୍ମରାଜ ଯୁଧିଷ୍ଠିର ଇନ୍ଦ୍ରଙ୍କୁ ଆପଣା ଚିନ୍ତା ସମ୍ପର୍କ ରେ ଜଣାଇଲେ, ଇନ୍ଦ୍ର ଆଶ୍ୱାସନା ଦେଲେ ଓ ନିଶ୍ଚିତ ରାହିବାକୁ ଉପଦେଶ ଦେଲେ । ଆସର୍ଣ୍ଣ ଯୁଦ୍ଧର ପରିମାଣ ସମ୍ପର୍କ ରେ ଅନେକ ବେଳଯାଏଁ ଭାବି ଭାବି ଶୋଇଯାଇଥାନ୍ତି କର୍ଣ୍ଣ । ହଠାତ ରାତିରେ ଏକ ସ୍ୱପ୍ନ ଦେଖିଲେ । ଜଣେ ତେଜୋଦୀପ୍ତ ବ୍ରାହ୍ମଣ ତାଙ୍କ ସମ୍ମୁଖରେ ଠିଆ ହୋଇ କହୁଛନ୍ତି ବସୁଷେଣ ମୁଁ ତୁମଠାରୁ ଏକ ସତ୍ୟବଚନ ଚାଁହୁଛି । ତୁମେ ମୋତେ କଥା ଦିଅ, ଯଦି କୌଣସି ବ୍ରାହ୍ମଣ ତୁମକୁ କବଚ କୁଣ୍ଡଳ ମାଗନ୍ତି ତାହାଲେ ତାଙ୍କୁ ମନା କରିଦେବ । ଶ୍ରେଷ୍ଠଦାନୀ କର୍ଣ୍ଣଙ୍କ ଉତ୍ତର ଥିଲା, କାହିଁକି, ନା ଏହା କେବେ ସମ୍ଭବ ନୁହେଁ, ପ୍ରାଣ ଚାଲିଗଲେ ମଧ୍ୟ, ସ୍ୱପ୍ନରେ ବ୍ରାହ୍ମଣ କହିଲେ, ପୁତ୍ର ମୁଁ ତୁମର ପିତା ସୂର୍ଯ୍ୟଦେବ, ଦେବରାଜ ଇନ୍ଦ୍ର ପାଣ୍ଡବମାନଙ୍କ ସୁରକ୍ଷା ନିମନ୍ତେ ଛଦ୍ମବେଶ ଧାରଣ କରି ତୁମ୍ଭ ପାଖକୁ ଆସିବେ ।

ISSN NO.
2582-208X

କବଚ କୁଣ୍ଡଳ ନେଇ ତୁମକୁ ସମ୍ପୂର୍ଣ୍ଣ ଶକ୍ତିହୀନ କରିବାକୁ ଚାହାନ୍ତି ସେମାନେ । ମୋ କଥା ମାନ ବସୁଷେଣ । ନମ୍ରତା ସହକାରେ କର୍ଣ୍ଣ କହିଲେ ଇନ୍ଦ୍ର ହୁଅନ୍ତୁ ଅଥବା ଯେ କୌଣସି ବ୍ୟକ୍ତି ମାଗିବା ପାଇଁ ଆସିଲେ ପ୍ରାଣ ଭୟରେ ତାଙ୍କୁ ନିରାଶକରିବା, ଦାନ ଦେବାକୁ କୁଣ୍ଠିତ ହେବା ଭଳି ନିନ୍ଦନୀୟ କାର୍ଯ୍ୟ କରିବାକୁ ମୁଁ ଅସମର୍ଥ । ଏହା ଦ୍ୱାରା ମୋ ନାମରେ କଳଙ୍କ ଲାଗିଯିବ । ହାର ମାନି ଚାଲିଯାଇଥିଲେ ପିତା ସୂର୍ଯ୍ୟଦେବ । ଠିକ ଏହା ପରଦିନ ଆବିର୍ଭାବ ହେଲେ ଅତି ଦୀନ ଅଥଚ ସୁଦର୍ଶନ ବ୍ରାହ୍ମଣ ଦଣ୍ଡାୟମାନ ଥିଲେ ସମ୍ମୁଖରେ । କର୍ଣ୍ଣଙ୍କ ଆତିଥ୍ୟ ସ୍ୱୀକାର କରି କହିଥିଲେ, କିଛି ମାଗିବାକୁ ଆସିଛି । ଯଦି ସତ୍ୟ କରିବ, ତାହେଲେ ଅବଶ୍ୟ ମାଗିବି । କର୍ଣ୍ଣଙ୍କ ଉତ୍ତର ଥିଲା ବସୁଷେଣ ଜୀବନରେ କୌଣସି ଭିକ୍ଷୁଙ୍କୁ ନିରାଶ କରିନାହିଁ, ନିର୍ଦ୍ୱନ୍ଦରେ ଯାହା ଇଚ୍ଛା ମାଗିପାରନ୍ତି । ବେଶ କୌଶଳରେ ବ୍ରାହ୍ମଣ କର୍ଣ୍ଣଙ୍କୁ ଏଭଳି ଦାନ ମାଗିଥିଲେ ଯାହାଥିଲା ଜଣେ ବୀରର ଶ୍ରେଷ୍ଠ ଭୂଷଣ । ଜଣେ ଦୂର୍ଯ୍ୟୟ ଯୋଦ୍ଧାଙ୍କୁ ପ୍ରତିହତ କରିବାକୁ ପର୍ଯ୍ୟାପ୍ତ ଶରୀରରେ ଥିବା କବଚ କୁଣ୍ଡଳ ତରବାରୀ ସାହାଯ୍ୟରେ ନିଜ ଶରୀର କ୍ଷତାକ୍ତ କରି ଦାନ କରିଥିଲେ ବ୍ରାହ୍ମଣଙ୍କୁ କବଚ କୁଣ୍ଡଳ" । ଲେଖାଟି ପଢୁ ପଢୁ ଭାରତୀ ଚେତାଶୂନ୍ୟ ହେଉ ହେଉ ରହିଗଲେ ଏଥର । କଣ ଭାବିବ ପୁଅ, ଯୋଉ କଥା ଆଜିଯାଏଁ ତାଙ୍କ ମନ କୁ ଆନ୍ଦୋଳିତ କରୁଛି ସେହିକଥା ସେ ଲେଖିଛି ପ୍ରାଞ୍ଜଳଭାବେ ତର୍କ ପ୍ରତିଯୋଗିତା ପାଇଁ ତ । ମାଆ ହିସାବରେ ପଥରୋଧ କରିବା ଉଚିତ ନୁହଁ, ତାଙ୍କର ବି ମନେ ପଡୁଥିଲା, ସେ ବି ଲେଖିଥିଲେ ଶ୍ରେଷ୍ଠଦାନୀ ଉପରେ ଲେଖାଟିଏ ।

ଭାରତୀ ମଧ୍ୟ "ସର୍ବଶ୍ରେଷ୍ଠ ଦାନୀ" ତର୍କ ପାଇଁ ଲେଖିଥିଲେ ସେହି ଦାନୀଙ୍କ ବିଷୟରେ । ଯିଏ ଜଣେ ରାଜା ଥିଲେ ଏବଂ ତାଙ୍କ ଦାନ ର ମହତ୍ୱ ଚାରିଆଡେ ପ୍ରସାରିତ ପ୍ରଚାରିତ ହେବା ପରେ ସ୍ୱର୍ଗରୁ ଦେବତା ଦ୍ୱୟ ଛଦ୍ମବେଶରେ ଆସିଥିଲେ ରାଜାଙ୍କୁ ପରୀକ୍ଷା କରିବା ପାଇଁ ଏବଂ କହିଥିଲେ ସତ୍ୟ କର ରାଜନ ଆମ୍ଭେ ଯାହା ମାଗିବୁ ତୁମ୍ଭେ ଆମକୁ ଦେବତ ? ରାଜା ତ୍ରିବାର ସତ୍ୟ କଲାପରେ, ସେହି ଛଦ୍ମବେଶୀଦ୍ୱୟ କହିଥିଲେ କି ରାଜାଙ୍କ ଏକମାତ୍ର ପୁତ୍ର ବିଷିକେଶନ କୁ ରାଜା ସ୍ୱହସ୍ତରେ ନିଜ ପୁତ୍ର କୁ ବଧ କରି, ପୁଣି ତା ମାଂସ ରାନ୍ଧି ପରଷିଲେ ସେମାନଙ୍କ କ୍ଷୁଧା ନିବାରଣ ହେବ । ରାଜା ଧର୍ଯ୍ୟର ସହ ଏସବୁ କରିବା ପରେ ପୁଣି ଯେବେ ସେମାନଙ୍କ ସହ ତାଙ୍କୁ ବି ଭୋଜନ କରିବାକୁ ପଡିବ ନହେଲେ ସେମାନେ ଖାଦ୍ୟ ଗ୍ରହଣ କରିବେ ନାହିଁ କହୁଥିଲେ ତ । ଅଗତ୍ୟା ଲୁହ କୁ ଚାପି ଛାତିରେ ପଥର ନଦି ଦାନର ମହତ୍ୱ ରଖିବାକୁ ଯାଇ ନିଜେ ବି ଆସନ ଗ୍ରହଣ କରନ୍ତେ, ତାଙ୍କର ଦୃଢ଼ତା ଓ ଦାନର ମାହାତ୍ମ୍ୟରେ ଆଶ୍ଚର୍ଯ୍ୟ ଚକିତ ସ୍ୱର୍ଗରୁ ଆସିଥିବା ଦେବତା। ଆଉ ସେ ଦୁହେଁ

ISSN NO.
2582-208X

ଯେତେବେଳେ ପୁତ୍ର କୁ ଡାକ ଆମସାଙ୍ଗେ ଭୋଜନ କରିବ କହିଥିଲେ, ପୁତ୍ର ସତକୁ ସତ ଉପସ୍ଥିତ ପାଖରେ, ଆଉ ରାଜାଙ୍କର ବୁଝିବାକୁ ବାକି ନଥିଲା ଇଏ ପରୀକ୍ଷା। କାରଣ ଦେବତା ଦ୍ଵୟ ବି ଉଭାନ, ହେଲେ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବାକୁ ନିଜ ପୁତ୍ରକୁ ମାରି ରାନ୍ଧି ଖାଇବାକୁ ଦେଇଥିବା ରାଜା ଯେ ସବୁଠୁ ଶ୍ରେଷ୍ଠଦାନୀ ହିସାବରେ ତର୍କ ଟି କହିସାରିଲା ପରେ ଭାରତୀଙ୍କୁ ସେହି ରାଜାଙ୍କ ନାମ ପଚରା ଯାଇଥିଲା। ସେ ହଡ଼ବଡ଼େଇ ଯାଇଥିଲେ, ଆଉ ସାରଙ୍କ ଠୁ କର୍ଣ୍ଣ ବୋଲି ଶୁଣି ସେ ସେହି କିଶୋରୀ ବୟସରେ ବି ହୋଇଯାଇଥିଲେ ହଲଚଲ ।

ଏ ଭିତରେ ପୁଅକୁ ବିବାହ ଦେଇ ବୋହୁ ଆଣିସାରିଲେଣି ଭାରତୀ । କାରଣ ପୁଅର ପିତା ଅନ୍ୱେଷଣ ଆଉ ଜିଜ୍ଞାସା କୁ ବେଶିଦିନ ଅନ୍ଧକାର ରେ ନ ରଖି ସେ ଯେବେ ପୁଣି ସଧବା ସିଂଦୁରରେ ନିଜକୁ ଶ୍ରିମନ୍ତିନୀ ସଜେଇ ବାହାରି ଆସିଲେ ପୁଅ ଆଗକୁ ତ ପୁଅ ମାଆଙ୍କର ଏପରି ରୂପରେ ବିଚଳିତ ହୋଇ ମାଙ୍କୁ ସନ୍ଦେହ ଦୃଷ୍ଟିରେ ଦେଖିଥିଲା । ତ ନୂଆ ନୂଆ ବୈଜ୍ଞାନିକ (ରିସର୍ଚ୍ଚ) ଚାକିରୀ କରୁଥିବା ପୁଅ କୁ ଆଉ ତାର ସନ୍ଦେହ କୁ ଦ୍ୱିଗୁଣିତ କରିବାକୁ ନ ଦେଇ ଜୀବନ ର ତମାମ ସତ୍ୟକୁ ପୁଅ ଆଗରେ ଉପସ୍ଥାପନ କରିଥିଲେ ଆଉ ପୁଅ ପସନ୍ଦ କରିଥିବା ଝିଅକୁ ବୋହୁ କରି ଘରକୁ ଆଣିଥିଲେ ।

ବୋହୂଟି ମନଜାଣି ତାଙ୍କର ସବୁ ସେବା ଶୁଶ୍ରୁଶା କରୁଥିଲାବେଳେ ବିଶ୍ୱମହାମାରୀ ଥରାଇ ଦେଲା ବିଶ୍ୱକୁ । ସବୁଆଡେ କରୋନା ର କରାଳ ଛାୟା କାୟା ବିସ୍ତାର କରୁଥିଲା ବେଳେ ସଙ୍ଗରୋଧ, ମାସ୍କ ଓ ସାନିଟାଇଜର ଭିତରେ ଅଣନିଶ୍ୱାସୀ ହେଲାବେଳକୁ ମହାଭାରତ ପ୍ରସାରଣ ଭାରତୀଙ୍କୁ ନୂଆ ଜୀବନ ଦେଲା ହେଲେ ବସୁଷେଣ ବା କର୍ଣ୍ଣଙ୍କଭୂମିକା କାଳେ ମାଆଙ୍କୁ ଦୁଃଖ ଆଣିଦେବ । ମାଆଙ୍କର ପୁରୁଣା ମନ ପୁଣି ଚେଇଁ ଉଠିବ ଭାବି ମାଆ ଙ୍କୁ କଟକଣା, ସେ ମହାଭାରତ ଦେଖି ପାରିବେ ନାହିଁ । ମାତ୍ର ଭାରତୀଙ୍କର ଦେହ ଆସ୍ତେଆସ୍ତେ କ୍ଷୀଣ, ଦୁର୍ବଳ ଓ ଶେଷକୁ କରୋନା ପଜିଟିଭ। ପୁଅ ବୋହୁ ନିଜ ଘରେ ମାଆଙ୍କୁ କ୍ୱାରେନଷ୍ଟାଇନ ରେ ରଖି ନିଜେ ଗବେଷଣା ରେ ଲାଗିଥାଏ ପୁଅ, ଆଉ ଖୋଜୁଥାନ୍ତି ପ୍ଲାଜମା ଥେରାପି ପାଇଁ। ମାଆ କିନ୍ତୁ କ୍ୱାରେଣ୍ଟାଇନ ରୁମରେ ଲାଗିଥିବା କଲରସ ଟିଭି ରେ ମହାଭାରତ ଏପିସୋଡ଼ ଦେଖି ଖୁସିଥିଲେ ।

ISSN NO.
2582-208X

ଖୋଜି ଖୋଜି କରୋନା ରୁ ଭଲ ହୋଇଯାଇଥିବା ପସେଣ୍ଟ ଯୋଗାଡ଼ ହେଲେ ଯିଏକି ପ୍ଲାଜମା ଦେବାକୁ ଆପତ୍ତି ନଥିଲା ବରଂ ସହମତି ସହ ଆଗେଇ ଆସିଥିଲେ । ହେଲେ ତାଙ୍କ ନାମ ବସୁଷେଣ ଜାଣି ପୁଅ ଅଡୁଆରେ । କର୍ଣ୍ଣ ବା ବସୁଷେଣ ନାମରେ ବ୍ୟକ୍ତି ପ୍ରଥମ ଦେଖୁଥିବା ଓ ଜାଣୁଥିବା ପୁଅର ଆଶଙ୍କା ସତହେଲା । ବସୁଷେଣ ନାମଧାରୀ ବ୍ୟକ୍ତିଙ୍କଠୁ ପ୍ଲାଜମା ନେବାକୁ ଭାରତୀଙ୍କର ଏକାନାହିଁ, ମାଆଙ୍କ ଜିଦ କୁ ଟାଳିବାକୁ ପୁଅ ଥିଲା ଅକ୍ଷମ । ପୁଅର ଗବେଷଣା ପରେ ବିଶ୍ୱକୁ ଚମକେଇ ଟୀକା ବାହାରିବା ବେଳକୁ ଭାରତୀ ଆଖି ବୁଜି ସାରିଥିଲେ ଆଉ ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ବୈଜ୍ଞାନିକ ଭାରତୀଙ୍କ ପୁତ୍ର ଟୀକାର ନାମକରଣ କରିଥିଲେ "ବସୁଷେଣ " । (ସମାପ୍ତ )

ସାକ୍ଷୀଗୋପାଳ, ପୁରୀ
9040977327

ISSN NO.
2582-208X

# ମିଳନ,ବିରହ



ସୁରେନ୍ଦ୍ରୀ ପ୍ରଧାନ

ରୂପେଲି ନଈ ଟା ବହି ଯାଉଥିଲା
କୂଳୁ କୂଳୁ ନାଦେ ହସି
କାଶତଣ୍ଡୀ ଫୁଲ ଖିଲି ଖିଲି ହସେ
ନଈ ପଠା ପରେ ବସି,,

ଅଳସୀ ଆଖିରେ ଚଞ୍ଚଳ ଚାହାଣି
ଖୋଜୁଥିଲା ସାଗରକୁ
ଆଖିରେ ଆଖିଏ ସପନ କୁ ନେଇ
ତା ଦେହରେ ଭିଜିବାକୁ,,

ବିରହେ ସାଗର ଦିଗ୍ ବଳୟ କୋଳୁ
ନଈ କୁ ରହିଚି ଚାହିଁ
ମନରେ ବହୁଚି ପ୍ରୀତି ର ଝରଣା
ଗୋପନରେ ରହି ରହି,,

ଫୁଲି ଉଠୁଥିଲା ଜୁଆରିଆ ନଈ
ଉତ୍ତାଳ ର ତରଙ୍ଗ ରେ

ISSN NO.
2582-208X

ଉଛୁଳି ଉଛୁଳି କୂଳ ଲଙ୍ଘୁଥିଲା
ବିସ୍ତୀର୍ଣ୍ଣ ବାଲୁକା ଧାରେ,,

ମିଳନ ବିରହ ଜୀବନର ଚକ୍ର
ଘୁରି ଘୁରି ଚାଲୁଥାଏ
କିଏ ହସୁ ଥାଏ କିଏ କାନ୍ଦୁ ଥାଏ
ନିୟତି ର ଖେଳ ଇଏ,,

କୁସୁପୁର, ଗୋପ,ପୁରୀ-752110
ସମ୍ପର୍କ7008260516

ISSN NO.
2582-208X

# ସୁଖଦୁଃଖ ଦୁହେଁ ଯାଆଁଳା ଭାଇ



ବିନୋଦିନୀ ଦାଶ

ଜନମୁ ମରଣ ପ୍ରତ୍ୟେକ ଜୀବନେ
ସୁଖଦୁଃଖ ଦୁହେଁ ଯାଆଁଳା ଭାଇ
ଆଖିକୁ ସମାନ ଦିଶଇ କେବଳ
ଭଲ ରୂପେ ଯିଏ ନିରେଖି ଥାଇ ।

ବୁଝି ପାରେ ବୋଲି ଭିତିରି ରହସ୍ୟ
ନ କରେ ବିଭୋର ସୁଖରେ ମନ
ଦୁଃଖ ବେଳେ ମଧ୍ୟ ନହୋଇ କାତର
ମନ ଲଗାମରେ ରଖଇ ଧ୍ୟାନ ।

ସୁଖ ପରେ ଦୁଃଖ ଦୁଃଖ ପରେ ସୁଖ
ଗୋଟିଏ ମୁଦ୍ରାର ଦୁଇଟି ପାଖ
କେବେ କି ଗୋଟିଏ ପୂର୍ଣ୍ଣ ରୂପ ପାଏ
ଛାଡ଼ି ଦେଇ ତା'ର ପାଖ ଆରେକ !

ISSN NO.
2582-208X

ଉଭୟ ଜନନୀ ପରା ନିଜ କର୍ମ
ଭାଇ ଭାଇ ସମ ଥାଆନ୍ତି ଲାଖି
ଗୋଟିଏକୁ ଛାଡ଼ି ଆନର ମହତ୍ତ୍ୱ
ଜୀବନରେ ବୁଝି ପାରଇ କେ କି !

ଦୁଃଖର ହାତୁଡ଼ି ମାଡ଼ ଖାଇ ଖାଇ
ଲୁହା ସମ ସିନା ବଦଳି କେହି
ନାନା ଯନ୍ତ୍ର ଭଳି ଦିଶି ଚିକିଚିକି
ସୁଖକୁ ହାତରେ ଧରେ ଗୋଟାଇ ।

ହେଲେ କର୍ମହୀନ ସୁଖ ବି ବିଲୀନ
ଜୀବନରେ ଦୁଃଖ ସାଜେ ଭଗାରି
ଦାଉଧକା ମାଡ଼େ ଲାଗେ ଅସହାୟ
ପୀଡ଼ା ଭିତରୁ ନ ହୁଏ ବାହାରି ।

ସତ କର୍ମେ ଧ୍ୟାନ ରିଖି ଆରେ ମନ
ପରିହରି ଯେବେ କର୍ମପାଉଣା
ପାରିଲେ କୋଳେଇ ସୁଖଦୁଃଖ ଦୁଇ
ଜୀବନେ ନଥିବ କିଛି ଯନ୍ତ୍ରଣା ।

କୁରୁଆଁ, ମୁଗପାଳ, ଯାଜପୁର

ISSN NO.
2582-208X

# ମାଆ



ରାଜକଶୋର ସ୍ୱାଇଁ

ଦୀପର ସଳିତା ହୋଇ ଯେ ଜଳିଦିଏ ଆଲୋକ
ସ୍ନେହ ଶ୍ରଦ୍ଧା ପ୍ରେମ ଦେଇ ଯେ ପ୍ରାଣେ ଭରେ ପୁଲକ
ଆପଦେ ବିପଦେ ଜୀବନେ ଯିଏ ହୁଅଇ ସାହା।
ଛୋଟରୁ ଯେ ବଡ କରି ତାର ନାଆଁଟି ମାଆ ।୧।
ଭଳି ଭଳି ଚିଜ ଖୁଆଏ ନିଜେ ଅଳପ ଖାଇ
ଭୋକ ଉପାସ ଯେ ଭୁଲଇ ନିଜ ସନ୍ତାନ ପାଇଁ
ସବୁବେଳେ ଯିଏ କୁହଇ ମୁଁ ତା ସୁଖ ପସରା
ମୋ ଆଖିରେ ଦିନେ ଦେଖିବ ସିଏ ଦୁନିଆଁ ପରା ।୨।
ନାନା ବାୟା ଗୀତ ଗାଇ ଯେ ନିଦେ ଶୁଆଇ ଦିଏ
ରୋଗରେ ପଡିଲେ ପାଖରେ ବସି ଆଉଁସୁଥାଏ
ହାତ ଧରି ଯିଏ ଶିଖାଏ ଚାଲିବାକୁ ସଂସାରେ
ସୁଝିପାରିବ କେ ତା ଋଣ କୁହ ଏ ଜନମରେ ।୩।
ଆସୁ ଯେତେ ଦୁଃଖ ବେଦନା ଏକା ବୁଝଇ ମାଆ
ଅତି ନିଜର ତୁ ଜନନୀ ଅପାଶୋରା ତୋ ନାଆଁ
ତୋ ଆଶୀର୍ବାଦରୁ ମିଳଇ ସବୁ ସୁଖ ସମ୍ପଦ
ଅବହେଳା କଲେ ତୋ ପ୍ରତି ମାଡି ଆସେ ବିପଦ ।୪।

ISSN NO.
2582-208X

ସେଥିପାଇଁ ତୋତେ ମିଳିଛି ଜଗତେ ଶ୍ରେଷ୍ଠ ସ୍ଥାନ
ଦୁନିଆଁକୁ ନିୟତିର ତୁ ଅମୂଲ୍ୟ ବରଦାନ
ତୋର ସେବା କରି ନିଜକୁ ମୁହିଁ ମଣିବି ଧନ୍ୟ
ତୋ ପାଦ ଧୂଳିକୁ କରିବି ଲଲାଟରେ ଚନ୍ଦନ ।୫ ।
ତ୍ୟାଗ ମମତାର ଢାଳୁ ପିୟୁଷ ଅବିରତ
ସରଗଠୁଁ ବଡ ଜନନୀ ତୋ ପାଦେ ପ୍ରଣିପାତ
ତୋ ଆଶିଷ ସଦା ଝରୁ ମୋ ଜୀବନ ଚଲାପଥେ
ଦୋଷାଦୋଷ କ୍ଷମା କରି ଦେ ଦୟା ବହି ତୋ ଚିତ୍ତେ ।୬ ।
ତୋ ସ୍ଥାନ କେହି ପୂରଣ କରି ପାରିବେ ନାହିଁ
ମାଆ ନାହିଁ ଯାର ଜଗତେ ନାହିଁ ତା ସାହା କେହି
ଏ ସବୁ କଥାକୁ ହେଜ ହେ ମୋର ଭାଇ ଭଉଣୀ
ପୃଥିବୀଠୁଁ ସହନଶୀଳ ଦୟାମୟୀ ଜନନୀ ।୭ ।

ଅବସରପ୍ରାପ୍ତ ଉପ ଆରକ୍ଷୀ ଅଧିକ୍ଷକ
ନୂଆପଡା, ନୂଆବଜାର, କଟକ

ISSN NO.
2582-208X

# ପାରଦ ରହିଛି ଉପରେ......



କାଳପ୍ରସାଦ ମହାପାତ୍ର

ଖବରକାଗଜ
ରେଡିଓ ଓ ଟିଭି
ଗୋଟିଏ କଥାକୁ କହୁଛି
ତିନି ଦିନ ଆଉ
ତାତିଟା ବଢିବ
ଆକାଶକୁ ଟିକେ ଦେଖୁଛି ।

ସକାଳ ସୂରୁଜ
ଉପରେ ଉଠିଲେ
ଅଗ୍ନିବର୍ଷା ଖାଲି କରୁଛି
ପାରଦ ବଢିଲା
ଗରମ ବଢିଲା
ଛଟପଟ ଖାଲି ହେଉଛି ।

ଖରାକୁ ଦେଖିଲେ
ମନେପଡେ ମୋର
ପିଲାଦିନର ଗଲା କଥା
ଗାଁଆ ବରଗଛ

ISSN NO.
2582-208X

ଗାଁଆ ଆମ୍ବତୋଟା
ଅଜା ଓ ମାଙ୍କଡ କଥା ।

ମାଙ୍କଡ ଦଳଟେ
ଗଛଡାଳେ ଥିଲେ
ଅଜାଙ୍କ ଘୁଙ୍ଗୁଡ଼ି ଶୁଭୁଛି
ବଂକୁଲି ବାଡିଟା
ମାଙ୍କଡଟେ ଧରି
ତାଙ୍କପରି ନଇଁ ଚାଲୁଛି ।

ନିଦରୁ ଉଠିଲେ
ଅନାଇ ଦେଖିଲେ
ବାଡିଟା ପାଖରୁ ହଜିଛି
ମାଙ୍କଡ ପଲଙ୍କୁ
ଚିଲ୍ଲେଇ ଉଠିଲେ
ବାଡିଟା ଫୋପାଡି ଧାଉଁଛି ।

ସେହିଦିନଠାରୁ
ଦାସିଆ ଅଜାଙ୍କ
ତୋଟାରେ ଶୋଇବା ନୋହିଲା
ଖଟିଆଟା ଧରି
ଘରକୁ ଧାଇଁଲେ
ମନରେ ଛାନିଆ ରହିଲା ।

ତାଳପତ୍ର ଆଉ
ବାଉଁଶ ବିଂଚଣା
ହାତରେ ନିଇତି ବୁଲୁଛି

ISSN NO.
2582-208X

ଚାଳଛପରକୁ
ମାଟିଲିପା ତଳ
ଚଟାଣଟା ଥଣ୍ଡା ଲାଗୁଛି ।

ଦିନେ ଗଛତଳ
ରାତିରେ ଦାଣ୍ଡରେ
ଖଟିଆ ପକେଇ ଶୋଇଲେ
ନିଦଟା ଆସଇ
ନିବିଡ ଭାବରେ
ସକାଳଟା ନିତି ପାହିଲେ ।

ରାମଲୀଳା ଆଉ
ଝାମୁଯାତରାରେ
ରାତିଟା ପଳାଏ ସୁଖରେ
ଥଣ୍ଡାଲାଗେ ଘର
ଅଗଣା ବାହାର
ଗଛଥାଏ ଯଦି ବାଡିରେ ।

ପିଲାଦିନେ ଗାଁଆ
ପୋଖରୀ ଭିତରେ
ଦୀପଦାଣ୍ଡି ପାଖେ ପହଞ୍ଚି
ବୁଡା ଆଉ ଚିତି
ପହଁରାରେ କଟେ
ସେଦିନଟି ଚାଲିଯାଇଛି ।

ISSN NO.
2582-208X

ଶୀତତାପ ନିୟନ୍ତ୍ରିତ
ଘରେ ବସି
ରୋଗଟାକୁ ଡାକି ଆଣୁଛୁ
ରୋଗସବୁ ଧରି
ଶରୀର ଭିତରେ
ଡାକ୍ତରଙ୍କୁ ଧନ ଦେଉଛୁ ।

ଗରମଟା ଆଉ
ସହି ହେଉନାହିଁ
ଗଛ ରୋପଣ ତ କରିବା
ପ୍ରାକୃତିକ ଶୀତ -
ତାପ ନିୟନ୍ତ୍ରିତ
ଧରିତ୍ରୀ ଉପରେ ଗଢିବା ।

।ଜୟ ଜଗନ୍ନାଥ।

ଶିକ୍ଷକ,
ବନ୍ଧୁଗାଁ, କୋରାପୁଟ

ISSN NO.
2582-208X

# ଉପନ୍ୟାସ ଅଙ୍ଗୁଳିମାଳ- କୁପଥରୁ ସୁପଥକୁ ଯାତ୍ରା



କୁଞ୍ଜ ବିହାରୀ ସାହୁ

ଶିଶୁ କିଶୋରମାନଙ୍କର ବୌଦ୍ଧିକ ବିକାଶ, ଭାଷା ସହ ଆତ୍ମୀୟତା ଏପରିକି ମନୋରଞ୍ଜନର ସ୍ୱାଦ ବାଣ୍ଟିବାରେ ଗପ କବିତାର ଆବଶ୍ୟକତା ମନେହୁଏ । କିନ୍ତୁ କାହାଣୀକୁ ଦୀର୍ଘ କରି ବର୍ଣ୍ଣନାତ୍ମକ ଶୈଳୀରେ ରଚନା କରିବା ଉପନ୍ୟାସର ମୁଖ୍ୟ ଆଧାର । ଅବଶ୍ୟ ଗପ/କାହାଣୀ, କବିତା ଯେଉଁଭଳି ସୀମିତ ସମୟରେ ପଠନ କରାଯାଇଥାଏ ଉପନ୍ୟାସ ପଠନରେ ଅଧିକ ସମୟ ବ୍ୟୟ କରିବାକୁ ପଡ଼ିଥାଏ । ବିଶେଷତଃ ଶିଶୁ କିଶୋର ଉପନ୍ୟାସ ଲେଖିବାକୁ ହେଲେ ଅଧିକ ତଥ୍ୟକୁ ମନ ଭିତରେ ପ୍ରଥମେ ସାଇତା ରଖାଯାଏ । ପାଠକ ମନରେ ଜିଜ୍ଞାସା ଭାବ ପ୍ରକଟାଇ ଲିଖନକୁ ଗତିଶୀଳ କରାଯାଏ । ଆବଶ୍ୟକ ସ୍ଥଳେ ପରିବେଶ ଓ ପରିସ୍ଥିତିର ମାଧୁର୍ଯ୍ୟକୁ ବଢାଇବାର ଉପଲବ୍ଧିକୁ ଗ୍ରହଣ କରାଯାଏ । ସାମାଜିକ ଉପନ୍ୟାସ ଅପେକ୍ଷା ପୌରାଣିକ, ଐତିହାସିକ, କିମ୍ବଦନ୍ତୀମୂଳକ ଓ ବିଜ୍ଞାନ ଭିତ୍ତିକ ଉପନ୍ୟାସରେ ତଥ୍ୟଗୁଡ଼ିକ ବୋଧଗମ୍ୟ ହେବା ନିହାତି ଜରୁରୀ । କାହାଣୀଟିକୁ ସିଧାସଳଖ ଉପସ୍ଥାପନା କରି ଦୀର୍ଘ କରିବାରେ ମାନେ କିଛି ନାହିଁ ବରଂ ଶିଶୁକିଶୋରଙ୍କର ମନଲାଖି କରିବାକୁ ସତତ ପ୍ରୟାସ ଜାରିରଖିବା ଦରକାର ।

ଊନବିଂଶ ଶତାବ୍ଦୀରେ ଶିଶୁ କିଶୋର ଉପନ୍ୟାସ ପ୍ରକାଶ ପାଇଲା ପରେ ଅଦ୍ୟାବଧି ଅନେକ ଉପନ୍ୟାସ ଲୋକଲୋଚନକୁ ଆସିଯାଇଛି । ସେହି କ୍ରମରେ ଆଜିର ଆଲୋଚ୍ୟ ଉପନ୍ୟାସ "ଅଙ୍ଗୁଳିମାଳ" ଏକ ଐତିହାସିକ ଉପନ୍ୟାସ ରୂପେ ଗ୍ରହଣ କରାଯାଇପାରେ ବୋଲି ଲେଖକ ସ୍ୱୀକାରୋକ୍ତି କରିଛନ୍ତି । କଟକର ନାନାବାୟା ପ୍ରକାଶନୀ ଦ୍ୱାରା ପ୍ରକାଶିତ ଅଙ୍ଗୁଳିମାଳ ଶିଶୁକିଶୋର ଉପନ୍ୟାସ ଔପନ୍ୟାସିକ ଶ୍ରୀଯୁକ୍ତ ଆନନ୍ଦ କୁମାର ମେହେରଙ୍କ ସଦ୍ୟତମ

ISSN NO.
2582-208X

ପ୍ରଥମ ଉପନ୍ୟାସ । ଉପନ୍ୟାସର ପ୍ରକାଶ କାଳ ୨୦୨୪ ମସିହା ଓ ଏହାର ମୁଦ୍ରଣ ମୂଲ୍ୟ ଟ୯୫ଙ୍କା। ପ୍ରଚ୍ଛଦପଟ ଶୋଭନୀୟ ଏବଂ ଅନ୍ତଃପୃଷ୍ଠରେ ସ୍ଥାନିତ ଚିତ୍ର ସମୂହ ପଠନର ଚାହିଦାକୁ ବୃଦ୍ଧି କରୁଛି । ଚିତ୍ରଶିଳ୍ପୀ ନିଜ ତୂଳିକାର ସ୍ପର୍ଶ ଦେଇ ଉପନ୍ୟାସର ପ୍ରତ୍ୟେକ ଭାଗକୁ ରସଯୁକ୍ତ କରିବାରେ ମୁଖ୍ୟ ଭୂମିକା ନେଇଛନ୍ତି ।

ଐତିହାସିକ ଉପନ୍ୟାସଟି କାହିଁକି ଲେଖିବାର ମନସ୍ଥ କରାଯାଇଛି ସେ ବିଷୟରେ ଲେଖକଙ୍କର ଆଭାସ ନାହିଁ । ରାଜ ପୁରୋହିତଙ୍କ ଜ୍ଞାନୀ, ଗୁଣୀ, ବିଦ୍ୱାନ ଛାତ୍ର ଅହିଂସକ କିପରି ନରାଧମ ହେଇ ବୁଦ୍ଧଙ୍କ ସଂଘରେ ଯୋଗଦେଇ ସୁପଥଗାମୀ ହେଇଥିବା ଏକ ଶିକ୍ଷଣୀୟ ବଳିଷ୍ଠ କାହାଣୀକୁ ଉପନ୍ୟାସର ଛଟା ଦେଇ ପାଠକାଭିମୁଖୀ କରାଯାଇଛି । ସାତୋଟି ଭାଗରେ ସଜେଇ ଦିଆଯାଇଛି ସଂପୂର୍ଣ୍ଣ ଉପନ୍ୟାସଟିକୁ । ଆରମ୍ଭରୁ ପଢିବାର ଆଗ୍ରହ ବଢିଯାଏ ।

ଉପନ୍ୟାସର ମୁଖଶାଳା ଦେଇ ଗର୍ଭଗୃହର ପ୍ରବେଶକଲେ ଆନେକ ଚରିତ୍ରମାନଙ୍କୁ ଭେଟିବାକୁ ହୁଏ । ଜାଣିବାକୁ ହୁଏ ଯେ ଜୋଶଳ ରାଜ୍ୟର ପୁରୋହିତ ଭଗବାଦତ୍ତା ଓ ତାଙ୍କର ସହଧର୍ମିଣୀ ମନ୍ତାଣୀ ସନ୍ତାନହୀନତାର ଦୁଃଖରେ ମ୍ରିୟମାଣ । ଅହେତୁକ ଦୁଃଖ ଓ ଅବସୋସ ଘାରିରହିଛି ସରଳ ମନ ଭିତରେ । ନିଃସନ୍ତାନ ରହିବାରେ କେତେ ଯେ ମାନସିକ ଆଘାତ ମିଳେ ଅନୁଭବ କରିଛନ୍ତି ଦୁହେଁ ଗୋଟାପଣେ ।

ଗୃହ ତ୍ୟାଗ କରି ଭଗବା ନିଘଞ୍ଚ ଅରଣ୍ୟର ଏକ ଗୁମ୍ଫାର ନିକଟସ୍ଥ ହେଇଛନ୍ତି । ଭେଟିଛନ୍ତି ଅରଣ୍ୟର ଗୁମ୍ଫା ଭିତରେ ରହୁଥିବା ସନ୍ୟାସୀଙ୍କୁ । ଦୁଃଖକୁ ଲାଘବ କରିବାରେ ଯୋଗୀ ଜଣଙ୍କ ଶୁଭାଶିଷ ଦେଇଛନ୍ତି ଏକ ଅପ୍ରିୟ ସତ୍ୟର ପରିପ୍ରକାଶରେ - ବତ୍ସ ଭଗବା, ତୁମର ଭାଗ୍ୟରେ ପୁତ୍ରଲାଭର ଯୋଗ ଅଛି କିନ୍ତୁ ପୁତ୍ରଟି ହେବ ଦୁର୍ଦ୍ଦାନ୍ତ ନରହତ୍ୟାକାରୀ । ଭଗବାଙ୍କ ଅନୁନୟରେ ଯୋଗୀ କହିଛନ୍ତି- ତୁମର ପୂଣ୍ୟ ଫଳରେ ଭାଗ୍ୟ ନିଶ୍ଚୟ ବଦଳିବ। ପୁତ୍ର ପ୍ରଥମ ଯୌବନରେ ନରହତ୍ୟାକାରୀ ହେଲେ ମଧ୍ୟ ସେ ହେବ ପରମ ସାଧୁ ।

ISSN NO.
2582-208X

ଭଗବା ମନରେ ଏକ ଲମ୍ବା ଆଶ୍ୱସ୍ତି ଉଙ୍କିମାରିଛି ବୋଧହୁଏ ! ଫେରିଯାଇଛନ୍ତି ଆପଣା ଘରକୁ ।

ଭଗବା ଓ ମନ୍ତ୍ରାଣୀ ଅତିଶୟ ଖୁସି ଆନନ୍ଦିତ ଯେତେବେଳେ ଶୁଣିଛନ୍ତି ସୁସ୍ଥ, ତେଜୋମୟ ସନ୍ତାନର କୁଆଁ କୁଆଁ ଡାକ । କିନ୍ତୁ ଜନ୍ମରାତିର ଅଦ୍ଭୁତ ଘଟଣାଟି ଆନ୍ଦୋଳିତ କରିଛି ପ୍ରଜାକୁଳ ଓ ରାଜାଙ୍କୁ। ପର ମୁହୂର୍ତ୍ତରେ ରାଜପୁରୋହିତ ଭଗବା ଓ ରାଜା ପ୍ରସନ୍ନଜିତଙ୍କ ସାକ୍ଷାତକାର ଅବିସ୍ମରଣୀୟ ହୋଇଯାଇଛି ଯେଉଁଥିରେ ରାଜାଙ୍କର ଉକ୍ତି ରହିଛି -- ହଁ ରାଜପୁରୋହିତ, ମୁଁ ଗତକାଲି ରାତିରେ ଦେଖିଲି ମୋ ଶୟନକକ୍ଷରେ ଥିବା ଢାଲ, ତରବାରୀରୁ ଅଗ୍ନିକଣା ନିର୍ଗତ ହେଉଛି । ଦୁଃସ୍ୱପ୍ନ ଭାବିଥିଲି, କିନ୍ତୁ ଥିଲା ସତ୍ୟ ।

ସତ ସବୁବେଳେ ହିଁ ସତ, ଲୁଚଇବା ଅନାବଶ୍ୟକ ଭାବି ରାଜଭକ୍ତ ଭଗବା ଆମୂଳଚୂଳ ବଖାଣିଛନ୍ତି ପୁତ୍ର ଜନ୍ମର ଇତିବୃତ୍ତକୁ । ରାଜା ପ୍ରଶ୍ନଟିଏ ଥୋଇଛନ୍ତି - ପୁତ୍ର ଦସ୍ୟୁ ସର୍ଦ୍ଦାର ହେବ ନା ଏକା ଅପରାଧ କରିବ ?

ରାଜ ପୁରୋହିତ ଭଗବା ନିର୍ବିଘ୍ନରେ ଉତ୍ତରିଲେ - ପୁତ୍ର ଏକା ଅପରାଧ କରିବ । ଏହି ସତ୍ୟ ବାଣୀ ରାଜାଙ୍କ ହୃଦୟକୁ ସ୍ପର୍ଶ କରିପାରିଛି ।

କଥାବସ୍ତୁର ପରୋକ୍ଷରୁ ଜଣାପଡୁଛି ରାଜା ପ୍ରସନ୍ନଜିତ୍ ବୁଦ୍ଧଙ୍କ ପ୍ରିୟ ଭକ୍ତ । ଭଗବାନ ବିଶ୍ୱାସୀ ଲୋକ ଯେ କୌଣସି ଉତ୍ତରକୁ ନକାରତ୍ମକ ଦୃଷ୍ଟିକୋଣରେ ଦେଖନ୍ତି ନାହିଁ ଯାହାକି ଏଠାରେ ପ୍ରତିଫଳିତ ହେଇଛି । ଶିଶୁକୁ ଉତ୍ତମ ଶିକ୍ଷାଦୀକ୍ଷା ଦେଇ ମଣିଷ କରିବାର ଆଶ୍ୱାସନାରେ ଭଗବା ନିଜକୁ ଧନ୍ୟ ମଣିଛନ୍ତି ଓ ପୁତ୍ରର ନାମ ରଖୁଛନ୍ତି - ଅହିଂସକ ଯାହାର ଅର୍ଥ ଯିଏ କାହାରିକୁ ହିଂସା କରେନାହିଁ ।

ବେଳେବେଳେ ନାମକରଣର ଯଥାର୍ଥତା ଥାଏ । ତାହା ହିଁ ଘଟିଛି ଅହିଂସକଙ୍କ ପାଖରେ । ବିଦ୍ୟାର୍ଜନ ଠାରୁ ଖେଳକୁଦ କସରତ, ସମସ୍ତ ବିଭାଗରେ ଓସ୍ତାଦ ହୋଇଯାଇଛନ୍ତି ଅହିଂସକ ।

ISSN NO.
2582-208X

ପୁତ୍ରର ପାଠପଢ଼ା ପ୍ରତି ଅହେତୁକ ଆଗ୍ରହକୁ ସାକାର କରିବାକୁ ଭଗବା ତକ୍ଷଶିଳାର ଆଚାର୍ଯ୍ୟ ଦୀପମୁଖଙ୍କ ସମୀପରେ ଛାଡ଼ିଦେଇଛନ୍ତି ।

କଥାରେ ଅଛି ବିଦ୍ୟା ଦଦାତି ବିନୟମ୍- ଏ ଆପ୍ତକଥାଟି ସୁହାଇଛି ଅହିଂସକକୁ । କ୍ରମଶଃ ଆଚାର୍ଯ୍ୟ ଶିଷ୍ୟ ଅହିଂସକର ଆଚରଣ ଓ ଶିଷ୍ଟତାରେ ଅଭିଭୂତ ହୋଇଛନ୍ତି ଏବଂ ନିଜ ବାସଭବନକୁ ଡାକି ଆତିଥ୍ୟ ଦେଇଛନ୍ତି ସେ ଓ ପତ୍ନୀ ରେଣୁକା । ରେଣୁକା ନିଃସନ୍ତାନ ମା ଟିଏ, କେତେ ଦିନ ରହିପାରିଥାନ୍ତେ ଏକଲାପଣରେ । ସେଇଥିପାଇଁ ବୋଧହୁଏ ନମ୍ର, ଶିଷ୍ଟ, ଧୀର- ସ୍ଥିର ଅହିଂସକକୁ ପୁତ୍ର ରୂପରେ ବାତ୍ସଲ୍ୟ ମମତା ଅର୍ପିଦେଇଛନ୍ତି ଗୁରୁମାତା ରେଣୁକା ।

ମଣିଷର କେହି ଶତ୍ରୁ ନଥାନ୍ତି ଏ ଜୀବଜଗତରେ । ଯେତେବେଳେ ହିଂସା ଓ ଈର୍ଷା ମନକୁ ଘୁଣ ପୋକ ପରି କାମୁଡ଼େ ସେତେବେଳ ଶତ୍ରୁତା ଭାବ ଉଦ୍ରେକ ହୁଏ । ପରଶ୍ରୀକାତର ମଣିଷଟି ନିଜ ଅବସ୍ଥିତିକୁ ଭୁଲିଯାଏ । ସେଭଳି ଘଟଣା ଘଟିଛି କାହାଣୀରେ ।

ଅହିଂସକଙ୍କର ସମସ୍ତ ଗୁଣ ଗରିମାକୁ ଅସହ୍ୟ ମନେକରି ତିନିଜଣ ଛାତ୍ର ଜୟଚନ୍ଦ୍ର, ଶନି ଓ ଦନ୍ତଚକ୍ର ଦଳ ଗଠନ କରି ଅହିଂସକ ବିରୁଦ୍ଧରେ ଚକ୍ରାନ୍ତ ଆରମ୍ଭ କରିଛନ୍ତି । ଆଚାର୍ଯ୍ୟ ଦୀପମୁଖଙ୍କ ମନରେ ସନ୍ଦେହ ଓ ଅବିଶ୍ୱାସର ମଞ୍ଜି ବୁଣିଛନ୍ତି ପାରିଲାପଣିଆରେ ।

ଯେତେବେଳେ ସମୟ ପ୍ରତିକୂଳ ଥାଏ ଅଘଟଣ ଘଟିଯାଏ ସେତେବେଳେ । ଦିନେ ଅହିଂସକ ଏକ ଶାସ୍ତ୍ରର ଶ୍ଲୋକଗୁଡ଼ିକ ଗୁରୁମାତାଙ୍କୁ ବୁଝାଇଲାବେଳେ ସନ୍ଦେହ ମନରେ ପାଦ ଚିପି ଚିପି ଆସୁଥାନ୍ତି ଗୁରୁ ଦୀପମୁଖ । ଅହିଂସକ ଅଜ୍ଞାତବଶତଃ ଗୁରୁଙ୍କୁ ଯଥୋଚିତ ସମ୍ମାନ ପ୍ରଦର୍ଶନ କରିପାରିନାହାଁନ୍ତି । କ୍ରୋଧାନ୍ୱିତ ହେଇଛନ୍ତି ଗୁରୁ ଦୀପମୁଖ । ଶିଷ୍ୟ ଅହିଂସକକୁ କ୍ଷମା ଦେବା ବଦଳରେ ଓ ଗୁରୁମାତା ରେଣୁକାର ଅନୁରୋଧକୁ ଏଡାଇଦେଇ ଯଥାଶୀଘ୍ର ତକ୍ଷଶିଳା ଛାଡ଼ିଯିବାକୁ କହିଛନ୍ତି ଶିଷ୍ୟକୁ ।

ଦୁଃଖ ଓ ଅବସାଦରେ ଭାଙ୍ଗିପଡ଼ି ଅହିଂସକ ବିଦାୟ ପୂର୍ବରୁ ଦେଖା କରିଛନ୍ତି ଗୁରୁ ଦୀପମୁଖଙ୍କୁ । ପରବୁଦ୍ଧିରେ ନିଜକୁ ବୁଦ୍ଧିମାନ ଭାବି ମାନସିକ ଆଘାତ ଦେବା

ISSN NO.
2582-208X

ଅବସରରେ ସହସ୍ର ଲୋକଙ୍କୁ ହତ୍ୟା କରି ଡାହାଣ ହାତର କାଣି ଆଙ୍ଗୁଳି କାଟି ଗୁରୁଦକ୍ଷିଣା ଦେବାପାଇଁ ଆଦେଶ ଦେଇଛନ୍ତି ଗୁରୁ ।

ଏଇଠି ପ୍ରଶ୍ନଟିଏ ଉଙ୍କିମାରେ ଯେ ଯିଏ ଭାରତୀୟ ଶିକ୍ଷାର କେନ୍ଦ୍ର ତକ୍ଷଶିଳାର ପ୍ରତିଷ୍ଠିତ ଆଚାର୍ଯ୍ୟ ସେ କିଭଳି ଚକ୍ରାନ୍ତକାରୀ ଶିକ୍ଷାର୍ଥୀଙ୍କର ଇପସିତ ଇଛାକୁ ପୂରଣ କରିବାକୁ ଆଗଭର ହେଇଛନ୍ତି ଓ ସତ୍ୟତାକୁ ଗୋଡ଼ରେ ଆଡ଼େଇଦେଇଛନ୍ତି । ତେବେ ସେ କେଉଁ ଗୁରୁରେ ଗଣା ହେବେ ??

ସତ୍ୟନିଷ୍ଠ ଅହିଂସକ । ନମ୍ର, ବିନୟୀ, କାରୁଣିକ, ଭଦ୍ର । କିନ୍ତୁ ଗୁରୁଦକ୍ଷିଣା ବିନା ଶିକ୍ଷା ଗ୍ରହଣର ମୂଲ୍ୟ କିଛି ନାହିଁ । ଗୁରୁଙ୍କୁ ଦକ୍ଷିଣା ଦେବାର ପ୍ରତିବଦ୍ଧତାକୁ ପାଥେଇ କରି ଗମନ କରିଛନ୍ତି ଜାଲିନୀ ଅରଣ୍ୟ । ହିଂସ୍ର ଜନ୍ତୁ ଠାରୁ ଅଧିକ ହିଂସ୍ର ହେଇଛନ୍ତି ହାତରେ ଧନୁଶର, ତରବାରି, ବର୍ଚ୍ଛା ପରି ମାରଣାସ୍ତ୍ର ଧାରଣ କରି । ଗୁରୁଙ୍କ ଆଦେଶ ଶିରୋଧାର୍ଯ୍ୟ ମନେକରି ହତ୍ୟା କରି ଚାଲିଛନ୍ତି ପଥଚାରୀଙ୍କୁ । ଡାହାଣ ହାତର କାଣୀ ଆଙ୍ଗୁଳି କାଟି ବେକରେ ଗଳାମାଳ କରିଛନ୍ତି । ନିଜର ନାମକୁ ପରିବର୍ତ୍ତନ କରି ଅଙ୍ଗୁଳିମାଳ ରୂପେ ଚିହ୍ନିତ ହେଇଛନ୍ତି ଯାହାକି ଉପନ୍ୟାସର ନାମକରଣ ।

ଉପନ୍ୟାସର ଧାରାରେ କାହାଣୀରେ ଜିଜ୍ଞାସାର ଭାବ ଫୁଟିଛି। ଅଧାପଢ଼ାରୁ ଅଟକି ନ ଯିବାର ବାଟ ଦେଖେଇଛନ୍ତି ଲେଖକ ।

ଜାଲିନୀ ଜଙ୍ଗଲ ବୋଧହୁଏ ଘଞ୍ଚ ଓ ଡକାୟତିର ପେଣ୍ଠ ନୋହିଲେ ଅହିଂସକର ଆଗମନରୁ ଅନ୍ୟ ଏକ ଡକାୟତ ଦଳ ନିଜର ହିଂସ୍ରକ କାରବାର କରୁଥାନ୍ତି କେମିତି ??

ଅଙ୍ଗୁଳିମାଳର କରିସ୍ମା ପୂର୍ବ ଡକାୟତ ଦଳର ସର୍ଦ୍ଦାର ବଳିବର୍ଦ୍ଧର ଜ୍ଞାତସାରକୁ ଆସିଛି । ବଳିବର୍ଦ୍ଧର ନିର୍ଦ୍ଦେଶରେ ପାଞ୍ଚଜଣିଆ ଡକାୟତଦଳ ହୀରା ଉପହାର ଧରି କାବୁ କରିବା ଉଦ୍ଦେଶ୍ୟରେ ଜାଲିନୀ ଅରଣ୍ୟରେ ପ୍ରବେଶ କରନ୍ତେ ଅଙ୍ଗୁଳିମାଳ ଗୁରୁଙ୍କ ଦକ୍ଷିଣା ପାଇଁ ସମସ୍ତଙ୍କୁ ହତ୍ୟାକରିଛନ୍ତି ନିର୍ମମ ଭାବରେ । ଅଙ୍ଗୁଳି କାଟି ବେକରେ ମାଳ ଝୁଲେଇଛନ୍ତି । ହେଲେ କେତେଦିନ ଯାଏଁ ଏ ଅଙ୍ଗୁଳିମାଳ ସତେଜ ରହିବ ?

ISSN NO.
2582-208X

ପଚିସଢିବା ପରେ ପ୍ରତିଶ୍ରୁତି ଅପୂର୍ଣ୍ଣ ରହିବା ଆଶଙ୍କାରେ ରାଜ୍ୟରେ ବସବାସ କରୁଥିବା ପରିବାର ପ୍ରତି ନଜର ରଖି ହତ୍ୟା କରିଚାଲିଛନ୍ତି ଅମାନୁଷିକତାରେ ।

ଅଙ୍ଗୁଳିମାଳର ଏଭଳି ଦୌରାତ୍ମ୍ୟର ଖବର ଚହଳ ପଡ଼ିଯାଇଛି । ଏପରିକି ଅହିଂସକ (ଅଙ୍ଗୁଳିମାଳ) ପ୍ରତି ହୋଇଥିବା ଅନ୍ୟାୟ- ଅନୀତି ତକ୍ଷଶିଳାର ପ୍ରଧାନ ଆଚାର୍ଯ୍ୟ ଜ୍ଞାନସିନ୍ଧୁଙ୍କ ଗୋଚର ହେଇଛି । ଗୁରୁ ଦୀପମୁଖଙ୍କ ସହ ଚକ୍ରାନ୍ତକାରୀ ଛାତ୍ର ଶନି, ଦନ୍ତଚକ୍ର ଓ ଜୟଚନ୍ଦ୍ରଙ୍କୁ ତାଗିଦ କରି ଅହିଂସକୁଙ୍କୁ ଫେରାଇ ଆଣିବାକୁ ଆଦେଶ ଦେଇଛନ୍ତି। ଆଦେଶକୁ ମୁଣ୍ଡେଇ ଯାଇଛନ୍ତି ଜାଲିନୀ ଅରଣ୍ୟକୁ ଓ ବିଶ୍ରାମ ନେଇଛନ୍ତି ଏକ ଶୂନ୍ୟ ଘର ଭିତରେ । 'ଆପଣା ହସ୍ତେ ଜିହ୍ୱା ଛେଦି/କେ ତା'ର ଅଛି ପ୍ରତିବାଦୀ' ନ୍ୟାୟରେ ଅଙ୍ଗୁଳିମାଳର ଶିକାର ହେଇଛନ୍ତି ସମସ୍ତେ ।

ଛଦ୍ମବେଶ ଧାରୀ ମହାରାଜ ପ୍ରସନ୍ନଜିତ ନଗର ବାହାରେ ପରିକ୍ରମଣରେ ଅଙ୍ଗୁଳିମାଳର ଜଘନ୍ୟ ହତ୍ୟା ସମ୍ବନ୍ଧୀୟ ଖବର ପାଇଛନ୍ତି । ଗାଁବାସୀଙ୍କର ଭୟାକୁଳ ମାନସିକ ପରିସ୍ଥିତିକୁ ହୃଦୟଙ୍ଗମ କରି ନିର୍ଦ୍ଦେଶ ଦେଇଛନ୍ତି ଅଙ୍ଗୁଳିମାଳକୁ ଧରିବାପାଇଁ ।

ତୁଣ୍ଡ ବାଇଦ ସହସ୍ରକୋଶ । ଭଗବା ବି ଜାଣିପାରି ନିଜକୁ ନିଜେ ପ୍ରଶ୍ନ ପଚାରୁଛନ୍ତି - ହତ୍ୟାକାରୀ ଅଙ୍ଗୁଳିମାଳ ନିଜର ପୁଅ ନୁହେଁ ତ ? କିନ୍ତୁ ମନ ଭିତରେ ଉଙ୍କିମାରୁଥିଲା ଗୁମ୍ଫାର ଯୋଗୀଙ୍କ ଭବିଷ୍ୟବାଣୀ କଥା ଏବଂ ସତକଥାଟି ହୃଦବୋଧ ହେଇଛି । ଅଶୁଭ ସ୍ୱପ୍ନରେ ଘାଣ୍ଟିଚକଟି ହେଉଥାନ୍ତି ମନ୍ତାଣୀ । ବାଧ୍ୟହୋଇ ଅଙ୍ଗୁରମାଳ ହିଁ ନିଜର ପୁତ୍ର ଅହିଂସକ ବୋଲି ସୁଚେଇଛନ୍ତି ପତ୍ନୀ ମନ୍ତାଣୀକୁ ।

ମନ୍ତାଣୀ ମା' ଟିଏ । ଆପଣାର ପୁଅ ହତ୍ୟାକାରୀ ରାଜାଙ୍କ ଦ୍ୱାରା ଧରାପଡ଼ିଗଲେ ପରିସ୍ଥିତି ଅସଜଡ଼ା ହେଇଯାଇପାରେ । ତେଣୁ ପୁତ୍ର ଜଙ୍ଗଲ ଛାଡିଦେଉ, ବଞ୍ଚିଯାଉ । ଭଗବା କିନ୍ତୁ ନିରୁପାୟ ମନ୍ତାଣୀଙ୍କ କଥନିକାରେ ।

ISSN NO.
2582-208X

ମନ୍ତାଣୀ ବିଗଳିତ ହୃଦୟ ନେଇ ଯାଇଛନ୍ତି ପୁତ୍ରକୁ ସ୍ଥାନାନ୍ତର କରି ବିପଦମୁକ୍ତ କରିବାକୁ । ସାଥିରେ ଧରିଛନ୍ତି ପୁତ୍ରର ମନଲାଖି ଖାଦ୍ୟ । ଏଭଳି ସମୟକୁ ଲେଖକ ସୁନ୍ଦର ଓ ହୃଦୟସ୍ପର୍ଶୀର ପୁଟ ଦେଇ ଲେଖିଛନ୍ତି ।

ମା ମନ ବୁଝୁନି, ପୁତ୍ର ପାଇଁ ରକ୍ଷା କବଚ ପାଲଟିଯାଇଛନ୍ତି ମା ମନ୍ତାଣୀ । ପ୍ରଭାତରେ ସୂର୍ଯ୍ୟଦେବଙ୍କୁ ନମସ୍କାର କରିଛନ୍ତି ପ୍ରସନ୍ନ ହେବାକୁ । କାରୁଣିକ ବୁଦ୍ଧଙ୍କୁ ସ୍ମରଣ କରିଛନ୍ତି ପୁତ୍ର ଅହିଂସକ ଉପରେ କୃପାବାରି ସିଞ୍ଚନ କରିବାକୁ ଓ ଦଶଦିଗପାଳଙ୍କୁ ପ୍ରାର୍ଥନା କରିଛନ୍ତି ପୁତ୍ରକୁ ବିପଦମୁକ୍ତ କରିବାକୁ । ଏଇଥିରୁ ହିଁ ସ୍ପଷ୍ଟ ଯେ ପୁତ୍ରର ମଙ୍ଗଳ ପାଇଁ ମା ର ହୃଦୟ ସଦାସର୍ବଦା ବିସ୍ତାରିତ ।

ମା ମନ୍ତାଣୀର ଆକୁଳ ବିନତି ଭଗବାନ ବୁଦ୍ଧଙ୍କ ଗୋଚର ହେଇଛି ଓ ଧ୍ୟାନବଳରେ ଅବଶ୍ୟାମ୍ଭାବୀ ଖବରଟି ଜାଣିପାରିଛନ୍ତି । ନିଜ କର୍ମସ୍ଥାନ ଚେତବନରୁ ବାହାରି ପହଞ୍ଚି ଯାଇଛନ୍ତି ଜାଙ୍ଗଲିକ ପରିବେଶ ଜାଲିନୀରେ କାଳେ ଅଙ୍ଗୁଳିମାଳ ମାତୃହତ୍ୟାର ଦୋଷକୁ ମୁଣ୍ଡେଇନେବେ ଗୁରୁଦକ୍ଷିଣା ଅଭିପ୍ରାୟରେ । କାରୁଣିକ ବୁଦ୍ଧଙ୍କୁ ସମ୍ମୁଖରେ ଦେଖିଛନ୍ତି ଗ୍ରାମବାସୀ, ସନ୍ୟାସୀ ଓ ସମସ୍ତେ । ସଭିଙ୍କ ବାରଣକୁ ପ୍ରତ୍ୟାଖ୍ୟାନ କରିଚାଲିଛନ୍ତି ଭଗବାନ ବୁଦ୍ଧ ।

ଅଙ୍ଗୁଳିମାଳ ମନରେ ଆଶା ଭିତରେ ଆଶଙ୍କା ଜାବୁଡି ଧରିଥାଏ । ଗୋଟିଏ ଅଙ୍ଗୁଳିର ଅଭାବରେ ଗୁରୁଦକ୍ଷିଣାର ମୂଲ୍ୟ ମୂଲ୍ୟହୀନ ହେଇଯିବ କି ? ତୟାର ହୋଇଛନ୍ତି ସମୁଖସ୍ଥ ବ୍ୟକ୍ତିଙ୍କୁ ହତ୍ୟା କରି ଅଙ୍ଗୁଳି କାଟି ଗୁରୁଙ୍କୁ ଦେଇଥିବା କଥାକୁ ପୂର୍ଣ୍ଣ କରିବାକୁ । ଏ କ'ଣ ଜଣେ ନାରୀ ଆଉ ଆପଣାର ଜନ୍ମଦାତ୍ରୀ ମା ! ଅଶ୍ରୁ ବିଗଳିତ ସ୍ୱରରେ ମା'ଙ୍କୁ ଦେଖି ହତବିମ୍ବ ହେଇଯାଇଛନ୍ତି । ନିଜକୁ ପ୍ରକୃତିସ୍ଥ କରି ଭାବୁଭାବୁ ଜଣେ ଜଣେ ସନ୍ୟାସୀଙ୍କୁ ଦେଖିପାରିଛନ୍ତି । ଇପସିତ ଆଶା ଉଦ୍ରେକ ହେଇଛି । ଖଡ୍ଗ ଉତ୍ତୋଳନ କରି ହତ୍ୟା କରିବା ପ୍ରୟାସରେ ଧାବମାନ ହେଇଛନ୍ତି । କିନ୍ତୁ ଅଙ୍ଗୁଳିମାଳକୁ ହୃଦବୋଧ ହେଇଛି ସନ୍ୟାସୀ କଣଙ୍କ ହେଉଛନ୍ତି ଭଗବାନ ବୁଦ୍ଧ । ବୁଦ୍ଧଙ୍କ ଧୀର-ସ୍ଥିର ଚାଲିକୁ ସେ ଛୁଇଁ ପାରୁନାହାଁନ୍ତି କାହିଁକି !! ଆଚମ୍ବିତ ହେଇଯାଇଛନ୍ତି ତତକ୍ଷଣାତ ଯେତେବେଳେ ବୁଦ୍ଧଙ୍କ ହସନ୍ତ ମୁଖକୁ

ISSN NO.
2582-208X

ଦେଖୁଛନ୍ତି ଅପଲକ ନୟନରେ । ହତ୍ୟା କରିବେ ନା କରିବେନିର ଦୋ'ଛକିରେ ଅଙ୍ଗୁଳିମାଳ ! ନିଜକୁ ଶକ୍ତିହୀନ ମନେ କରିଛନ୍ତି ।

ବୁଦ୍ଧ କୁହନ୍ତି - ମୁଁ ସବୁଦିନପାଇଁ ସ୍ଥିର ହୋଇଯାଇଛି, ତୁମେ ସ୍ଥିର ହୋଇଯାଅ । ଅନ୍ତତଃ କ୍ଷୁରେ ଅଙ୍ଗୁଳିମାଳ ଉପଲବ୍ଧି କରିପାରୁଛନ୍ତି ଆଗନ୍ତୁକ ଜଣେ ସନ୍ୟାସୀ ନୁହଁନ୍ତି ବରଂ କାରୁଣିକ ଗୌତମ ବୁଦ୍ଧ । ଆପେ ଆପେ ଖସିଯାଇଛି ଖଡ୍ଗ । ଅତୀତ ଉଦ୍ଭାସିତ ହେଇଛି। ମନରେ ତକ୍ଷଶିଳାରେ ବିଦ୍ୟାଧ୍ୟୟନ ଇଛାକୁ ହେୟ ମନେ କରିଛନ୍ତି । ବୁଦ୍ଧଂ ଶରଣଂ ଗଛାମିକୁ ପାଥେୟ କରି ଅଙ୍ଗୁଳିମାଳକୁ ନିକ୍ଷେପ କରିଛନ୍ତି ଦୂରକୁ । ସତରେ ଗୁରୁଙ୍କର ଏ ଆକ୍ଷେପମୂଳକ ଗୁରୁଦକ୍ଷିଣାକୁ ନିନ୍ଦା କରିଛନ୍ତି । ପ୍ରକୃତ ଗୁରୁଙ୍କୁ ପାଖରେ ପାଇ କୃତ୍ୟକୃତ ହେଇଛନ୍ତି । ଭଗବାନ ବୁଦ୍ଧଙ୍କର ଶରଣାଗତ ହୋଇ ସତ୍ ପୁରୁଷ ପାଲଟିଯାଇଛନ୍ତି ।

ମନ୍ତାଣୀ ସର୍ବୋପରି ମା' ଟିଏ । ପୁତ୍ରର ଏତାଦୃଶ ମହନୀୟତାରେ ପ୍ରଗଳଭ ହେଇ କାରୁଣିକ ବୁଦ୍ଧଙ୍କର ଆଶିଷ ପ୍ରାପ୍ତ ହେଇଛନ୍ତି । ନିଜ ମା' ଙ୍କୁ ପାଖରେ ପାଇ ଚରଣ ସ୍ପର୍ଶ କରିଛନ୍ତି ଲୁହ ସଜଳ ଆଖିରେ । ମନ୍ତାଣୀ ପୁତ୍ରକୁ ଦେଇଛନ୍ତି ସାଥିରେ ଆଣିଥିବା ମନପସନ୍ଦର ଖାଦ୍ୟ । ମା' ରନ୍ଧା ଅମୃତ ସମାନ । ତିନିହେଁ ମନଖୁସିରେ ଭୋଜନ କରିଛନ୍ତି । ତପ୍ରରେ ଅଙ୍ଗୁଳିମାଳ ମା' ଙ୍କୁ ପ୍ରଣାମ କରି ବୁଦ୍ଧଙ୍କ ସହ ଚେତବନ ପୀଠକୁ ପ୍ରସ୍ଥାନ କରିଛନ୍ତି ।

ମା ମନ୍ତାଣୀ ଏକ ମିଶ୍ରିତ ଭାବକୁ ସାଇତିରଖି ଫେରିଛନ୍ତି ଆପଣା ପୁରକୁ ।

ବୌଦ୍ଧ ଧର୍ମୀ ମହାରାଜ ପ୍ରସନ୍ନଜିତ ନରାଧମ ଅଙ୍ଗୁଳିମାଳକୁ ଦମନ କରିବା ଉଦ୍ଦେଶ୍ୟରେ ବାହାରିଛନ୍ତି ଏବଂ ଚେତବନ ପୀଠରେ ଗୌତମ ବୁଦ୍ଧଙ୍କୁ ପ୍ରଣାମ କରିଛନ୍ତି । ବୁଦ୍ଧ ଜାଣିପାରିଛନ୍ତି ରାଜାଙ୍କ ଆଗମନର ରହସ୍ୟ ।

କଥୋପକଥନରେ ବୁଦ୍ଧ ଚିହ୍ନେଇଦେଇଛନ୍ତି ପରିବର୍ତ୍ତିତ ନରହତ୍ୟାକାରୀ ଅଙ୍ଗୁଳିମାଳକୁ ଯିଏ ବୌଦ୍ଧ ଧର୍ମକୁ ଜୀବନର ରାହା ମନେ କରିଛନ୍ତି । ମହାରାଜ ଖୁବ୍ ନିକଟରୁ ଦେଖିଛନ୍ତି

ISSN NO.
2582-208X

ଅଙ୍ଗୁରମାଳକୁ, ପ୍ରକୃତରେ ସେ ରାଜ ପୁରୋହିତ ଭଗବାଦତ୍ତାଙ୍କ ପୁତ୍ର । କୁପଥରୁ ସୁପଥକୁ ବାଛି ନେଇଥିବା ପୁତ୍ରଟିଏ ଏବେ ବୌଦ୍ଧ ଭିକ୍ଷୁ ପ୍ରଭୁ ଗୌତମ ବୁଦ୍ଧଙ୍କ ଆଶ୍ରିତ । ଅତୀବ ଖୁସିରେ ବୁଦ୍ଧଙ୍କ ପାଦପଦ୍ମରେ ନତମସ୍ତକ ହୋଇ ଫେରିଆସିଛନ୍ତି କୋଶଳ ରାଜ୍ୟର ରାଜଧାନୀ ଶ୍ରାବସ୍ତୀ ନଗରକୁ ।

ଏଇଠି ହିଁ ଉପନ୍ୟାସର ସମାପ୍ତି ଘଟିଛି । ଅନେକତ୍ର ନାଟକୀୟତା ଉପଲବ୍ଧ ହୁଏ । ବର୍ଣ୍ଣନାରେ ପାଠକ- ପାଠିକାମାନଙ୍କୁ ବାନ୍ଧିରଖିବାର ଏକ ସୁନ୍ଦର ପରିକଳ୍ପନା ।

ଶିଶୁସାହିତ୍ୟରେ ନିଜକୁ ପ୍ରତିଷ୍ଠା କରିପାରିଥିବା ଲେଖକ ଶ୍ରୀଯୁକ୍ତ ଆନନ୍ଦ କୁମାର ମେହେର ଶିଶୁକିଶୋର ଉପନ୍ୟାସକୁ ଚର୍ଚ୍ଚିତ କରିବାର ପ୍ରୟାସ ରଖିଛନ୍ତି ତାହା ବାସ୍ତବିକ ଆଲୋଚ୍ୟ ଉପନ୍ୟାସର ଲିଖନ ଶୈଳୀରୁ ବାରିହୋଇଯାଏ । ପଦାର୍ଥବିଜ୍ଞାନ ବିଭାଗର ଅଧ୍ୟାପକ ଶ୍ରୀଯୁକ୍ତ ମେହେର ଶିଶୁ କବିତାକୁ ଯେଉଁଭଳି ଶିଶୁମନସ୍କ କରିଛନ୍ତି ସେହିଭଳି ଅଙ୍ଗୁଳିମାଳ ପରି ଏକ ଶିକ୍ଷଣୀୟ ଐତିହାସିକ ଉପନ୍ୟାସଟିଏ ଭେଟିଦେଇ ପାଟକୀୟ ମୂଲ୍ୟବୋଧକୁ ବହୁଗୁଣିତ କରିପାରିଛନ୍ତି । ସ୍ଥାନେ ସ୍ଥାନେ ବର୍ଣ୍ଣନାରେ କଳ୍ପନାକୁ ଭରିଦିଆଯାଇଛି ବୋଲି ଅନୁଭବ କରିହୁଏ । ଯାହାହେଉନା କାହିଁକି ଶିଶୁକିଶୋର ଉପନ୍ୟାସ ମହଲରେ ନିଜ ସ୍ଥାନ ବଜାୟ ରଖିପାରି ସର୍ବଜନାଦୃତ ହେବ ବୋଲି ମୋର ଆଶା ଓ ବିଶ୍ୱାସ ।

ପାତ୍ରପଡା, ଭୁବନେଶ୍ୱର
୭୦୦୮୧ ୪୨୦୪୦

ISSN NO.
2582-208X

# ନିଷ୍ଠୁର ଶ୍ରାବଣ



ଜୟ କୁମାର ମିଶ୍ର

କିଶୋରୀମନଟା, କରେ ହଟହଟା
ଉଦାସ ଓ ଆନମନା,
ନବଯ ଉବନ, କରି ଛନଛନ
ଦେଉଛି ଯାତନା ସିନା ॥
ଅନ୍ତର ଜଳଇ, ଦହିଦିଏ ସେହି
କହି ସହିହୁଏ ନାହିଁ,
ନିଷ୍ଠୁର ଶ୍ରାବଣ, ହୁଅଇ କୃପଣ
ଭିଜାଇ ସେ ଦିଏନାହିଁ ॥
ହୋଇ ଅନ୍ତରଙ୍ଗ, ହୋଇ ମୋରସାଙ୍ଗ
କରି କାମ କଳାଧନ୍ଦା,
ଜ୍ୱାଳା ଓ ଜ୍ୱଳନ, କରି ପ୍ରସମନ
ଫେଡ଼ିଥାନ୍ତା ମୋର ବାଧା ॥
ହୃଦ, ମନଜାଣି, କେତେଜଣ ପୁଣି
ହୋଇଲେ ମଧ୍ୟସ୍ଥି, ଦୋସ୍ତି,
ଗୋଡ଼ ଖସାଇବା, ଯୋଜନା କରିବା
ସାଥେକରି ମଜା ମସ୍ତି ॥

ISSN NO.
2582-208X

ରୂପର ସମ୍ଭାର, ଆଡ଼ମ୍ବର ଘୋର
କରେ ପିପାସିତ ମୋତେ,
ଆଶା ଅସୁମାରୀ, ହୃଦୟରେ ଧରି
ସପନେ ଭିଜଇ କେତେ ॥
ସପନ ନାୟିକା, ରହି ଏକାଏକା
ପ୍ରୀତିସାଥି ଖୋଜି ବୁଲେ,
କହିବାକୁ ଲାଜ, ବିଳାସ ମଉଜ
ମଉକାକୁ ଖୋଜିଚାଲେ ॥
ଅନ୍ତର ବେଦନା, କନ୍ଦର୍ପ ଯାତନା
କିପରି କହିବି ତାହା,?
ପ୍ରୀତି ନିବେଦନ, ସାଂକେତିକ ଜ୍ଞାନ
ଜଣାରେ ଆଜଣା ସିଏ ॥
ହିତ ଶତ୍ରୁ ହେଲା, ଖେଳକୁ ଖେଳିଲା
ମୋବାଇଲର ନୂଆ ଜ୍ଞାନ,
ଅବୁଝା କଥାକୁ, ବୁଝାଇ ଦେବାକୁ
କେତେକ'ଣ ଆୟୋଜନ ॥
ଭୁଲିଗଲି ପାଠ, ଶାଳୀନ ଓ ଶିଷ୍ଟ
ଭୁଲିଗଲି ହିତାହିତ,
କରି ତାକୁ ମିତ, ନିତି ଅବିରତ
ଦେଖୁଛି ଅଶ୍ଳୀଳ ଚିତ୍ର ॥
ବାପାବୋଉ ଆଶା, ସମସ୍ତ ଭରସା
ଘରେ କୋଣେ, ଛାଡିଯାଏ,
ଗଲେ ମୁଁ ବାହାର, କାଢ଼ଇ ବିକାର
ହମହମ ହେଉଥାଏ ॥

ISSN NO.
2582-208X

ମୋ ଗତିମତିରେ, ନିୟନ୍ତ୍ରଣ ହାରେ
ନାହିଁ ଲଘାପଘା ଜମା,
ଭୁଲି ସ୍ଥାନକାଳ, କରୁଥାଏ ଖେଳ
ଏଡିଦେଇ ସବୁସୀମା ॥
କେତେ ମାଡ଼ଗାଳି, ସବୁକୁ ସମ୍ଭାଳି
ଗୁରୁ ଗୁରୁଜନ ଠାରୁ
ନିନ୍ଦା, ଅପନିନ୍ଦା, ପାଣ୍ଡୁ କଲି ବିଦା
ତଥାପି ଅଚଳ ମେରୁ ॥
ଖୋଜଇ ବାହାନା, ଏକାନ୍ତ ସମୟ
ତାକୁ ଧରି ବସିଥାଏ,
ପଚାରିଲେ କେହି, ମିଛେ ମୁଁ କହଇ
ପାଠକଥା ଦେଖି ରୁହେ ॥
ବିଳମ୍ବିତ ରାତି, ଉଜାଗର ଅତି
ଗପି ମୁଁ ସାଙ୍ଗଙ୍କ ତୁଲେ
ସେଜକୁ ଛାଡଇ, ମାରି କେତେ ହାଇ
ଦିନ ନଅଘଡି ହେଲେ ॥
ନିଷ୍ଠୁର ଶ୍ରାବଣ, ବୁଝୁନାହିଁ ମନ
ଉଦାସ ହେଉଛି କିଆଁ??
କେତେମୁଁ ଝୁରୁଛି, ମନ ପକାଉଛି
ପାଇଁ ତା ଶୀତଳ ଛୁଆଁ ॥

ବୁଦୁର୍, ଗୋରିବନ୍ଧା
ଗଜପତି, ଓଡିଶା, 761296,
ଯୋଗାଯୋଗ 6372127449

ISSN NO.
2582-208X

# ମୋହରା



ଅମୃତନାରାୟଣ ଶତପଥୀ

ସଂସାରରେ ଏବେ ପ୍ରତି ପଦେ ପଦେ ଜଣେ ଜଣେ ଯେ ମୋହରା,
ଜଣା ପଡେ ନାହିଁ କିଏ ଶତ୍ରୁ କିଏ ପୁଣି ବନ୍ଧୁର ଚେହେରା।(୧)
କେତେବେଳେ ସେହି ବାହ୍ୟ ସ୍ମିତହାସ୍ୟ ହୃଦୟେ ଚଳାଏ ବାଣ,
କେତେବେଳେ ପୁଣି ଖିଙ୍କାରି ଉଠି ଚୋର ମୁହଁ ହୁଏ ଟାଣ।(୨)
କେବେ କେବେ ପୁଣି ସ୍ୱାର୍ଥ ସାଧନପାଇଁ ବ୍ୟବହାର ଗୁଲୁଗୁଲି,
ପୁଣି ନିସ୍ୱାର୍ଥତା ପରୋପକାରରେ ହୋଇଯାଏ ମଲିମଲି।(୩)
ଲାଗେ ସଂସାରରେ ମନୁଷ୍ୟ ମୁଠାଇ ଧରିଛି ଅନ୍ୟର କେଶ,
କିନ୍ତୁ ଲେଶ ମାତ୍ର ଜ୍ଞାନ ଥାଏ ଚେଷ୍ଟିତ ହେଲେ କରିବାକୁ ଅନ୍ୟକୁ ବଶ।(୪)
ନିୟନ୍ତ୍ରଣ ଅନ୍ୟକୁ କରିବା ଅଟଇ ମୁଠାଇ ରଖିବା ବାଲି,
ଜଣାପଡେ ନାହିଁ କେବେ ତାହା ମୁଠାରୁ ହୋଇଯାଏ ବନ୍ଧୁ ଖାଲି।(୫)
ମୋହର ପାଇଁ ପ୍ରାୟତଃ ସଂସାରେ ହୁଅନ୍ତି ମୋହରା ତୁଲ୍ୟ,
ସଂସାରରେ ପୁଣି ମନୁଷ୍ୟର ରହେନି ମାନବିକତାର ମୂଲ୍ୟ।(୬)
ଅତି ଭକ୍ତି ଅବା ଅନ୍ଧ ପ୍ରୀତି ପାଇଁ ଆଉ କେତେ ଯେ ମୋହରା,
କୁତ୍ସିତ ମାନସିକତା ସହିତ ହୃଦେ ଜ୍ୱାଳାମୁଖୀ ଭରା।(୭)

ISSN NO.
2582-208X

ସର୍ବସ୍ୱ ସମର୍ପି ନିଜ ଇଷ୍ଟ ପଦେ କରଇ ଯିଏ କର୍ତ୍ତବ୍ୟ,
ମୋହରା ନ ହୋଇ ସଂସାରରେ ସିଏ ହୋଇପାରେ ବନ୍ଧୁ ସଭ୍ୟ।(୮)
କ୍ଷଣ ଭଙ୍ଗୁର ପ୍ରତି ଚିଜ ଏଠି ଏହା ସଂସାର ନିୟମ,
ଶାଶ୍ୱତ କେବଳ ସମର୍ପଣ ଏଠି ତାହା ସହ ଈଶ୍ୱର ପ୍ରେମ।(୯)
ସେଥିପାଇଁ ଏହି ନଶ୍ୱର ସଂସାରେ ମନୁଷ୍ୟ ମୋହରା ହେବା ବା ବନାଇବା ଛାଡି,
ସମୁଚିତ ନିଜ କର୍ମ କର୍ତ୍ତବ୍ୟରେ ଜୀବନ ଦେଉ ସଜାଡି।(୧୦)

ନୟାପଲ୍ଲୀ, ଜୟଦେବ ବିହାର,
ଭୁବନେଶ୍ୱର

ISSN NO.
2582-208X

# ଅଂତରିକ୍ଷ ଦିବସ



ଡ. ସଦା ବିହାରୀ ସାହୁ

ଅଂତରିକ୍ଷ ଦିବସ ପାଳିବା ଆସ
ପ୍ରଗତି ପଥେ ଆମ ଦେଶ
ଚନ୍ଦ୍ର ପୃଷ୍ଠରେ କରି ଅବତରଣ
ବିଶ୍ୱରେ ରଚିଲା ନାଁ ଆମ ଚଂଦ୍ରାୟାଣ
ଚନ୍ଦ୍ରର ଦକ୍ଷିଣ ମେରୁ ପହଂଚି ରଚିଲା ଇତିହାସ
ବିଶ୍ୱ ଦରବାରରେ ଭାରତ ପ୍ରଥମ ଦେଶ
୫୦ ବର୍ଷର ପ୍ରୟାସ, ଗବେଷଣା ଓ ସମର୍ଥନ
ଯାହା ଦେଇଛି ଆମକୁ ଆଜି ଏ ସମ୍ମାନ
ସଫଳତା, ବିଫଳତା ଏବଂ ବିଶ୍ୱାସର ଏହି ପରିଚୟ
ଧର୍ଯ୍ୟ, ସଂକଳ୍ପ ଓ ନିଷ୍ଠାକୁ ନେଇ ନିଶ୍ଚେ ହେବା ବିଜୟ
ଗଢିଲେ କେତେ ପିଏସଏଲଭି, କ୍ରାୟୋଜେନିକ, ଆଇଆରଏନଏସଏସ ଆଦି ଯଂତ୍ର
ମାନବ ସେବାରେ ଆମେ ଜଡିତ ଏହାହିଁ ଆମ ମଂତ୍ର
ଆଦିତ୍ୟ କରିବ ସୂର୍ଯ୍ୟଙ୍କ ଗବେଷଣା
ଖୁଲିବ କେତେ ଅକୁହା ଗାଥ ଜଣା-ଅଜଣା

ISSN NO.
2582-208X

ଦେଶର ରକ୍ଷା ପାଇଁ ଗଢ଼ିଲୁ କେତେ ରୋକେଟ
ସଂଚାର ସେତୁ କଲୁ ସୁଗମ ଛାଡ଼ି ଅଂତରିକ୍ଷରେ ଉପଗ୍ରହ ଅନେକ
ପାଣିପାଗର ପୂର୍ବାନୁମାନ ବଢ଼ାଏ ଚାଷୀ ଭାଇର ଦମ୍ଭ ଆଜି
ମାନବ କଲ୍ୟାଣେ ଆମେ ସର୍ମପିତ ସବୁଠି ମାରିବୁ ବାଜି
ଗ୍ରହ, ଉପଗ୍ରହ, ଚନ୍ଦ୍ର, ସୂର୍ଯ୍ୟକ ଅକୁହା ଓ ଅଜଣା କଥା
ବଖାଣି ବାକୁ ଆହୁରି ରହିଛି ସମୟ ବାକି ॥

ସହାୟକ ମହା ପ୍ରବନ୍ଧକ,
ଭାରତୀୟ ଲଘୁ ଉଦ୍ୟୋଗ ବିକାଶ ବ୍ୟାଙ୍କ, ମୁମ୍ବାଇ
ଇ-ମେଲ: sadabihari@rediffmail.com

ISSN NO.
2582-208X

# କାମନା



ଆକୁଳାନନ୍ଦ ପୃଷ୍ଟି

ଆଶା ଆମ ବୈତରଣୀ
ନାଚେ ସେଠି କାମନାର ଢେଉ
ଅନେକ ଗାଇବା ପରେ
ଭାବୁ ଆମେ, ବାକି ଅଛି ଆଉ ।

ପ୍ରଭୁତ୍ଵ ବିସ୍ତାର ପାଇଁ
ଯାହା ସବୁ ଅଛି ଏ ଧରାରେ
ଦେଖି ତରଳିଲା ମନ
ଜଳିଲି ମୁଁ କାମନା ନିଆଁରେ ।
ଆଖିରେ ନାଚିଲା ମୋର
ସୁରା ସୁନା ଅର୍ଥ
ଭୁଲିଗଲି ଧର୍ମ କର୍ମ
ଘଟାଇଲି ଅନେକ ଅନର୍ଥ ।

ISSN NO.
2582-208X

ଏବେ ମୁଁ ଖୋଜୁଛି ଶାନ୍ତି
ଶାୟିତ ମୁଁ କଣ୍ଟକ ଶଯ୍ୟାରେ
ଶାନ୍ତି କିନ୍ତୁ ଯାଏ ଘୁଞ୍ଚି
ଦୂରେ ବହୁ ଦୂରେ ।

ଶୁଣିବାକୁ ଇଚ୍ଛା ହୁଏ
ହରିନାମ ଗୀତା ଭାଗବତ
ଦୂର ହେବ ଦୁଃଖ ଶୋକ
ଯାହା ସବୁ ନିଜ ଉପାର୍ଜିତ ।
ଏବେ ମୁଁ ଖୋଜୁଛି ସତ୍ୟ
ବୃଦ୍ଧକାଳେ ଚଷମା କାଚରେ
ସବୁ ଖାଲି ପ୍ରତିବିମ୍ବ
ପ୍ରହେଳିକା ତୁମ ଏ ସୃଷ୍ଟିର ।
ଏ ସବୁ ତୁମ ପରୀକ୍ଷା
ଆମେ ସବୁ ପରୀକ୍ଷାର୍ଥୀଗଣ
ତୁମରି ଚରଣ ତଳେ
ଅବଶେଷେ ଲଭିବୁ ବିଶ୍ରାମ ।

ଅବସରପ୍ରାପ୍ତ ପ୍ରଧାନଶିକ୍ଷକ
ମହାଳପଡ଼ା କଖଡି କଟକ

ISSN NO.
2582-208X

# ବିବର୍ତ୍ତିତ ସଭ୍ୟତାର ନଗ୍ନଚିତ୍ର : 'ସଂବୋଧି'

ରୁଦ୍ରନାରାୟଣ ସାହୁ

ସ୍ରଷ୍ଟା ସହିତ ସୃଷ୍ଟିର  ସମ୍ପର୍କ ଅତି ନିବିଡ । ସ୍ରଷ୍ଟା ନିଜର ବ୍ୟକ୍ତିଗତ, ସାମାଜିକ ଜୀବନରେ ଓ ସର୍ବୋପରି ନିଜ ପରିପାର୍ଶ୍ୱରେ ଯାହା ଅନୁଭବ କରେ ସେହି ଜ୍ଞାନକୁ ସେ ତାର ସୃଷ୍ଟିରେ ସଫଳ ଭାବରେ ରୂପାୟନ କରିଥାଏ । ଏହା ପଛରେ ସ୍ରଷ୍ଟାର ମୁଖ୍ୟ ଉଦ୍ଦେଶ୍ୟ ପ୍ରଚ୍ଛନ୍ନ ଭାବରେ ଲୁକ୍କାୟିତ ହୋଇରହିଥାଏ ।ଏ କ୍ଷେତ୍ରରେ କେବଳ ଜିଜ୍ଞାସୁ ପାଠକ ହିଁ ସେ ସନ୍ଧିକୁ ଭେଦ କରିବାରେ ସକ୍ଷମ ହୋଇଥାଏ । ପ୍ରାବନ୍ଧିକ ବ୍ରଜମୋହନ ମିଶ୍ରଙ୍କ ଡାଏରି ସାହିତ୍ୟ ହେଉଛି– ସଂବୋଧି  । 'ସଂବୋଧି' ଏକ ଡାଏରି ସାହିତ୍ୟ ହେଲେ ମଧ୍ୟ ଏହା ଡାଏରି ଭଳି ଗତାନୁଗତିକ ଧାରାରେ ଲିଖିତ ନୁହେଁ । ଏଥିରେ ସ୍ରଷ୍ଟା ନିଜର ବ୍ୟକ୍ତିଗତ ଜୀବନର ଚିତ୍ରକୁ ଲିପିବଦ୍ଧ କରିନାହାନ୍ତି, ଲିପିବଦ୍ଧ କରିଛନ୍ତି ସମାଜରେ ଘଟିଯାଉଥିବା ସତ୍ୟଘଟଣାର ସମୁଜ୍ଜ୍ୱଳ ଚିତ୍ର । ସଭ୍ୟତା ଓ ସଂସ୍କୃତିର କିଭଳି ଅବକ୍ଷୟ ଘଟୁଛି; ତାର ଚିତ୍ରକୁ ପ୍ରାବନ୍ଧିକ  ଯେଉଁ ଭଳି ଭାବରେ ଉପସ୍ଥାପନ କରିଛନ୍ତି, ତାହା ପାଠ କଲେ ସ୍ୱତଃ ପାଠକର ଚକ୍ଷୁ ଅଶ୍ରୁସିକ୍ତ ହୋଇଉଠେ । ଧର୍ମଠାରୁ ଆରମ୍ଭ କରି ରାଜନୀତି, ଚାଲିଚଳଣୀ, ଆଚାରବିଚାର, ଲୋକବିଶ୍ୱାସ, ପରମ୍ପରାର କିଭଳି ବିରାଟ ପରିବର୍ତ୍ତନ ଘଟିଛି, ତାହା ଏ ପୁସ୍ତକ ପାଠ କରିଥିବା ପ୍ରତିଟି ସଚେତନ ପାଠକ ନିବିଡ଼ଭାବରେ ଉପଲବ୍ଧି କରିପାରିବେ ।

ଆମର ସମୃଦ୍ଧ ସଂସ୍କୃତି ଧୀରେଧୀରେ ଅବକ୍ଷୟମୁଖୀ ହୋଇ ବର୍ତ୍ତମାନ ଲୋପ ହେବାକୁ ବସିଲାଣି । ଓଡ଼ିଆ ନବବର୍ଷକୁ ଛାଡି ଆଜିର  ଯୁବପିଢି ଇଂରାଜୀ ନବବର୍ଷକୁ ଯେ ଅଧିକା ଗୁରୁତ୍ୱ ଦିଅନ୍ତି, ଏହାକୁ ପ୍ରାବନ୍ଧିକ ମିଶ୍ର ଆଦୌ ସହ୍ୟ କରିପାରିନାହାନ୍ତି ।ଏ ସମ୍ପର୍କରେ ପ୍ରାବନ୍ଧିକ କୁହନ୍ତି– "ଆଉ ଦୁଇଦିନ ପରେ ଆସୁଥିବା ନୂଆବର୍ଷକୁ ସ୍ୱାଗତ ଜଣେଇବା ପାଇଁ

ISSN NO.
2582-208X

ଏ ଓଡ଼ିଶାର ସାହସିକମାନେ କେଉଁ କେଉଁ ପଦକ୍ଷେପ ନେବାକୁ ଯାଉଛନ୍ତି । × × × । ଖୋଦ ରାଜଧାନୀ ଭୁବନେଶ୍ୱରରେ କେତେ କିସମର ଯୋଜନା ତିଆରି ହେଉଛି। ନୂଆବର୍ଷକୁ ଉନ୍ମାଦିତ କରିବାପାଇଁ । ପଞ୍ଚ ତାରକା ହୋଟେଲ ଏବଂ ସାଧାରଣ ହୋଟେଲ ମାନଙ୍କରେ ବେଶ ପ୍ରଗଲ୍ଭ ଆଲୋକସଜ୍ଜା, ସହରସାରା ଗ୍ରିଷ୍ଟିଂକାର୍ଡର ଦୋକାନ, ଉପହାର ବିପଣି ଚାରିଆଡେ ଖାଲି କାମନାର ତରଳ ପ୍ରବାହ । ପୁରୁଣା ବର୍ଷକୁ ଛାଡି ନୂଆକୁ ଧରିବାକୁ ଲୋକେ ଯେପରି ଭୀଷ୍ମପ୍ରତିଜ୍ଞ । ନୂଆ କରି ଖୋଲାଯାଉଥିବା ସ୍ୱସ୍ତି ପ୍ଲାଜା ଏବଂ ମେ ଫେୟାର ଲାଗୁନ ଏଥିପାଇଁ ବେଶ ଚୋଖା କାର୍ଯ୍ୟକ୍ରମ ପ୍ରସ୍ତୁତ କରିସାରିଛନ୍ତି । ସ୍ୱସ୍ତି ଏକ ଫେସନ ଶୋର ର ଆୟୋଜନ କରିବ । ନାଚଗୀତ ମଧ୍ୟ ଅନୁଷ୍ଠିତ ହେବ । କଲିକତା ବମ୍ବେରୁ ଆମଦାନୀ ହୋଇ ଆସିବେ । ଅଧିକନ୍ତୁ ଦମ୍ପତିମାନଙ୍କ ମଧ୍ୟରେ ନାଚ ପ୍ରତିଯୋଗିତା ହେବ ।

× x ×

ଖାଲି ଏ ସ୍ଥାନ କାହିଁକି ଓଡ଼ିଶାର ଅନ୍ୟ ବହୁ ସ୍ଥାନ ରେ ନୂଆବର୍ଷ ପାଇଁ କେତେ ନିଶା । ସତେ ଅବା କଣ ଗୋଟାଏ ଅତିବାସ୍ତବ ଘଟଣା ଘଟିବାକୁ ଯାଉଛି । ନୂଆବର୍ଷ ପାଇଁ ଏଇ ଯେଉଁସବୁ ତଥାକଥିତ ନୂଆ କାମକମାଣ ଖଞ୍ଜା ଯାଇଛି, ତାହା ଅନେକ କଥା ଚିନ୍ତାକରିବାକୁ ଖୋରାକ ଯୋଗାଉଛି । ”(୧) ଏଥିରୁ ଅନୁମିତ ହୁଏ ଯେ ଆମ ସଭ୍ୟତା ଓ ସଂସ୍କୃତି କିଭଳି ପ୍ରଶ୍ଚାତ୍ୟଭିମୁଖୀ ହୋଇପଡିଛି । ଇଂରାଜୀ ନବବର୍ଷରେ ପୁଅମାନଙ୍କ ଠାରୁ ଆରମ୍ଭ କରି ଝିଅମାନଙ୍କ ପର୍ଯ୍ୟନ୍ତ, ଏପରିକି ଖୋଦ ଦମ୍ପତି ମାନେ ଅଶ୍ଳୀଳ ନୃତ୍ୟ ରେ କିପରି ମତ୍ତ ରହି ନିଜର ହିତାହିତ ଜ୍ଞାନ ଭୁଲିଯାଉଛନ୍ତି- ଏହାକୁ ଲେଖକ ବିସ୍ତୃତ ଭାବରେ ବର୍ଣ୍ଣନା କରିଛନ୍ତି ।

ସମାଜରେ ଯେଉଁ ପର୍ବପର୍ବାଣି ଓ ଦିବସମାନ ପାଳନ କରାଯାଉଛି, ତାର ଅବକ୍ଷୟର ଚିତ୍ର ଲେଖକଙ୍କୁ ମର୍ମାହତ କରିଛି । ଗୁରୁ ଦିବସ ଠାରୁ ଆରମ୍ଭ କରି ଶିଶୁ ଦିବସ, ସରସ୍ୱତୀ ପୂଜା, ଗଣେଶ ପୂଜା ଏପରିକି ବିଭିନ୍ନ ପର୍ବପର୍ବାଣି ରେ ଏହାର କ୍ଷୟିଷ୍ଣୁ ନଗ୍ନ ଚିତ୍ରକୁ ଲେଖକ ଦେଖାଇ ଦେଇଛନ୍ତି । ଗୁରୁ ଦିବସ ଯେଉଁ ଅର୍ଥରେ ବ୍ୟବହୃତ ହେଉଥିଲା, ତାହା ଆଜି ସେହି ଅର୍ଥରେ ବ୍ୟବହୃତ ହେଉନାହିଁ । ସେପ୍ଟେମ୍ବର ୫ ତାରିଖକୁ ସର୍ବପଲ୍ଲୀ ରାଧାକୃଷ୍ଣନଙ୍କ ଜନ୍ମଦିନ ନକହି ଗୁରୁ ଦିବସ କହିବାରେ ଯେଉଁ ତାତ୍ପର୍ଯ୍ୟ ନିହିତ ଥିଲା,

ISSN NO.
2582-208X

ତାହା ଆମର ଦେଶୀ ଗୁରୁମାନେ ବର୍ତ୍ତମାନ ସୁଦ୍ଧା ବୁଝିପାରିଲେ ନାହିଁ । ସାଧାରଣତଃ ଗୁରୁ ଦିବସ ହେଉଛି ଗୁରୁଛାତ୍ର-ବିଦ୍ୟା-ସେବାର ଦିବସ । ଏହା ଭିତରେ ଏକ ମାର୍ଜିତ ସମାଜର ସୁସ୍ଥ ସ୍ୱପ୍ନ ଫୁଟିଉଠେ ।ମାତ୍ର ବର୍ତ୍ତମାନ ଏହା ଯେପରି ବିପରୀତ ରୀତିରେ ପାଳିତ ହେଉଛି ସେଥିରୁ ରକ୍ଷା ପାଇବା ଆଉ ସମ୍ଭବ ନୁହେଁ । ଏ ସମ୍ପର୍କରେ ଲେଖକ କହିଛନ୍ତି - "ସାଧାରଣତଃ ଗୁରୁ ଦିବସ ରେ ଗୁରୁମାନଙ୍କୁ ଶିଷ୍ୟମାନେ ଫୁଲଫଳରେ ସନ୍ତୁଷ୍ଟ କରିବାର ଏକ ଅପସଂସ୍କୃତି ଏ ଦେଶରେ ବେଶ ଆସ୍ଥାନ ଜମେଇସାରିଲାଣି । ୟାର କାରଣ ବିଚାରହୀନତା । ନା ଗୁରୁ ବିଚାର କରିବାକୁ ଆଗଭର ନା ଶିଷ୍ୟ କୁ ବିଚାର କରିବାକୁ ଅନୁପ୍ରେରିତ କରିପାରୁଛି ।ବିଚାର କଥାଟି ସବାଆଗ ଗୁରୁ ଠାରୁ ଆରମ୍ଭ ହେବା କଥା, କିନ୍ତୁ ତାହାତ ଆଦୌ ଆରମ୍ଭ ହେଉନାହିଁ ବରଂ ତା ବଦଳରେ ଦିଆନିଆର ବ୍ୟବସାୟିକତାରେ ଏପରି ଏକ ଶୁଭ ଦିବସକୁ ତାମସିକ କରିଦିଆଯାଇଛି । ଗୁରୁମାନେ ଏଇ ପରମ୍ପରା ଟି ଗତ କେଇ ବର୍ଷ ହେଲା ବେଶ ଚକ୍ରାନ୍ତ କରି ମନମତାଣିଆ ଭାବରେ ରକ୍ଷା କରିବାକୁ ଜାଗ୍ରତ ହୋଇଛନ୍ତି । ଶିକ୍ଷାୟତନ ମଧ୍ୟରେ ଏହା ଯେତେ ପାଳିତ ନହେଉଛି କୋଚିଂ ସେଣ୍ଟର ମାନଙ୍କରେ କିମ୍ବା ଟ୍ୟୁସନ କରୁଥିବା ସାର୍ ମାନଙ୍କ ଘରେ ବେଶୀ ପାଳିତ ହେଉଛି। ଏହା ଏପରି ଏକ ଲାଭଜନକ ଦିନଟିଏ ହୋଇଯାଇଛି ଯେ ଉଭୟ ଗୁରୁ ଓ ଛାତ୍ର ସତେ ଯେପରି ଏ ଦିବସଟିର ସଦୁପଯୋଗ କରିବାକୁ, ନିଜକୁ ବଂଚିତ କରିବାକୁ ଆଦୌ ଚାହୁଁନାହାଁନ୍ତି । ଗୁରୁମାନେ ତ ଆପଣାର ପେଟ। ପିଠି ପାଇଁ ମାଲ ସଂଗ୍ରହ କରିପାରୁଛନ୍ତି ବୋଲି ଏ ଦିବସଟିକୁ ଭାରି ଆଗ୍ରହ ରେ ଅପେକ୍ଷା କରି ବସି ରହୁଛନ୍ତି । × × × । ସେ ଫଳ ଦେଲେ ଗୁରୁ ଫଳ ଦେବେ । ଫଳ ପାଇବାକୁ ଅଯୋଗ୍ୟ ହୋଇଥିଲେ ବି ଗୁରୁ ତାକୁ ପେଟଭର୍ତ୍ତି ଖୁଆଇ ଦେବେ । ଫେଲ ହେଉଥିବା ଛାତ୍ର ପ୍ରଥମ ଶ୍ରେଣୀ ପାଇଯିବ ଗୋଟିଏ ଚମତ୍କାର ମିଠା ପୁଡ଼ିଆ, ଦାମୀ କଲମ, ମନଲୋଭା ସୁଟଶାର୍ଟ କପଡା କି ସୁନା ମୁଦି ଦେଲେ । "(୨)

ସେହିପରି ବିଭିନ୍ନ ମହାପୁରୁଷମାନଙ୍କର ସ୍ମୃତିଚାରଣ କରିବା ପାଇଁ ଯେଉଁ ଦିବସମାନ ପାଳନ କରାଯାଉଛି, ତାର ଅନ୍ତରାଳରେ ରହୁଛି ମଉଜ ମଜଲିସର ଚିହ୍ନ । ତେଣୁ ବିବେକାନନ୍ଦଙ୍କୁ ମନେରଖିବା ପାଇଁ ଯେଉଁ ବିଶ୍ୱ ଯୁବ ଦିବସ ପାଳନ କରାଯାଉଛି, ତାହା କେବଳ ମଉଜ କରିବା ପାଇଁ ଏକ ମାଧ୍ୟମ । ଏ ସମ୍ପର୍କରେ ଲେଖକ ଲେଖିଛନ୍ତି- "ତେଣୁ ଏ ଦିନଟି ତୁଚ୍ଛା ଉତ୍ସବଟିଏ ହୋଇଯାଉନାହିଁ । ଯାହାହେଲେ ଖାନାପିନା, ଗାନା ବାଜଣା ଇତ୍ୟାଦି ସାଂସ୍କୃତିକ ବ୍ୟାପାର ମାନ ଚାଲନ୍ତା। × × × । ବିବେକାନନ୍ଦ ତେଣୁ ଏଠି

ISSN NO.
2582-208X

ବର୍ଷସାରା ଜାଗ୍ରତ ପୁରୁଷ ରୂପେ ଗୃହୀତ ହୋଇ କେତେ ପ୍ରେରଣା ଦେଉଛନ୍ତି। ଦେଶର ଚାରିଆଡେ ଏ ଦିନଟି ମଧ୍ୟ କେତେପ୍ରକାର ପାଳିତ ହୋଇଥିବ । କିଏ କେତେ ବେଶରେ, କେତେ ଭୂଷଣ ରେ, କେତେ ଚାତୁରୀରେ ଓ ଚମକରେ ସ୍ୱାମୀଙ୍କର ବାଣୀଗୁଡ଼ାକ ବାଣ କରି ଛାଡିଥିବେ ଶ୍ରୋତାମାନଙ୍କ ଉପରକୁ । ଶ୍ରୋତାମାନେ ବି କନ୍ଦର୍ପୀୟ ଫୁଲ ବାଣ ରେ ମୋହିତ ଓ ରୋମାଂଚିତ ହୋଇଯାଉଥିବେ । ତାପରେ ଭୁରିଭୋଜନ ଓ ପରେ ବିବେକର ବିଦାୟ, ଆନନ୍ଦର ବିଦାୟ ।"(୩)

ସାମ୍ପ୍ରତିକ ସମୟରେ ନାରୀଜାତିର ଅବକ୍ଷୟ ଯେପରି ତୀବ୍ର ରୂପ ନେଇଛି ତାହା ଦେଖିଲେ ଆଶ୍ଚର୍ଯ୍ୟ ଲାଗେ । ବେଶଭୂଷାରେ ଅଶ୍ଳୀଳତାକୁ ଲେଖକ ମିଶ୍ର ସହଜରେ ଗ୍ରହଣ କରିନାହାଁନ୍ତି । ପୁରୁଷମାନଙ୍କ ଅପେକ୍ଷା ନାରୀମାନେ ପ୍ରାଶ୍ଚାତ ବେଶଭୂଷା ପ୍ରତି କିପରି ଅଧିକ ଆକୃଷ୍ଟ ହୋଇପଡିଛନ୍ତି ଏବଂ ନଗ୍ନତାକୁ ଫେସନ ଭାବରେ ଗ୍ରହଣ କରିନେଇଛନ୍ତି, ତାହାକୁ ଲେଖକ ତୀବ୍ର ଭାବରେ ବିରୋଧ କରିଛନ୍ତି । ଲେଖକ ଅଧ୍ୟାପକ ଭାବରେ ଅଧ୍ୟାପନା କରିଥିଲାବେଳେ ଛାତ୍ରଛାତ୍ରୀମାନଙ୍କର ଏଭଳି ବେଶଭୂଷାରେ ଅତିଷ୍ଠ ହୋଇପଡିଛନ୍ତି । ପୁରୀ ମହିଳା କଲେଜରେ ଛାତ୍ରୀମାନଙ୍କୁ ଚିପା ଜିନପ୍ୟାଂଟ ଓ ଶାର୍ଟ ପିନ୍ଧି ଶ୍ରେଣୀକୁ ନ ଆସିବାକୁ ଅଧକ୍ଷ ମନା କରିବାରୁ, ଛାତ୍ରୀମାନେ ଏହା ବିରୋଧରେ ଯେଉଁ ପ୍ରତିବାଦ କରିଥିଲେ ତାହା ଲେଖକଙ୍କୁ ବହୁ କଷ୍ଟ ଦେଇଥିଲା । ଏ ସ୍ଥଳରେ ଲେଖକ କୋମଳମତି ଛାତ୍ରଛାତ୍ରୀମାନଙ୍କୁ ଉପଦେଶ ଦେବା ଛଳରେ ଯେଉଁ କଥା କହିଛନ୍ତି ତାହା ହେଉଛି- "ଏକ ସାମାଜିକ ପ୍ରାଣୀ ମନୁଷ୍ୟ, ତେଣୁ ସେଥିପାଇଁ ତାର ସ୍ୱାଧୀନତା ଆପେକ୍ଷିକ । ମୋର ମର୍ଜିରେ ମୁଁ ଯେପରି ଷଣ୍ଢଟିଏ ଧରି ଡାକ୍ତରଖାନାରେ ଦୌଡିପାରିବି ନାହିଁ ଠିକ ସେହିପରି ଜଣଙ୍କୁ ଭଲଲାଗୁଛି ବୋଲି ସେ କେବେବି ଲଙ୍ଗଳା ବା ଅଧା ଲଙ୍ଗଳା ହୋଇପାରିବ ନାହିଁ । ଛାତ୍ରୀମାନେ ଯେଉଁ ପ୍ରକାର ପୋଷାକ ପିନ୍ଧିଲେ ଶ୍ରେଣୀଗୃହ ଅଧ୍ୟାପନାର କ୍ଷେତ୍ର ନହୋଇ 'ଆହା', ଚୁଚୁ ର କ୍ଷେତ୍ର ହେବ, ସେମାନେ ସେପ୍ରକାର ପୋଷାକ ପିନ୍ଧିବାର ଅଧିକାର ପାଇଲେ କୋଉଠୁ ? ସ୍ୱାଧୀନତାର ଅର୍ଥ ନୁହେଁ ସ୍ୱେଚ୍ଛାଚାରଜନିତ ବ୍ୟଭିଚାର । ଯେଉଁ ବିକୃତ ମାନସିକତାର ଶିକାର ହୋଇ ଏବେର ସମସ୍ତ ଛାତ୍ରଛାତ୍ରୀ ସାମାଜିକ ପ୍ରାଣୀ ନହୋଇ କ୍ରମଶଃ ଅଧିକ ରୁ ଅଧିକ ଅସାମାଜିକ ହେବାକୁ ସୁଖ ମଣୁଛନ୍ତି, ତାହାଯେ କୌଣସି ସଭ୍ୟତା ଓ ସଂସ୍କୃତିର ଉଦବେଗ ର କାରଣ।"(୪)

ISSN NO.
2582-208X

ସେହିପରି ଲେଖକଙ୍କ ଦୃଷ୍ଟିରେ ସଂସାରରେ ପୋଷାକ ହେଉଛି ଏକ ଆବଶ୍ୟକତା, ଯାହା ଅଳଙ୍କାର ନୁହେଁ । ନିଜର ଦୀର୍ଘଦିନର ଶିକ୍ଷକତାରେ ଲେଖକ ଯାହା ଅନୁଭବ କରିଛନ୍ତି ସେ ସମ୍ପର୍କରେ କହନ୍ତି- " ଯେଉଁ ଛାତ୍ରଛାତ୍ରୀମାନେ ପୋଷାକରେ ଘାରି ହୁଅନ୍ତି; ସେମାନେ ନା ପାଠକୁ ଆପଣାର କରିପାରନ୍ତି ନା ଜୀବନର ରହସ୍ୟ ତଥା ଉଦ୍ଦେଶ୍ୟ ବୁଝନ୍ତି । ପୋଷାକ ରମଣୀକୁ ଯଦି ରମଣୀର ବସ୍ତୁ କରିଦେଲା ତାହାହେଲେ ପୋଷାକ ପିନ୍ଧାରେ କି ମୂଲ୍ୟ ? ଛାତ୍ରଛାତ୍ରୀମାନେ ଏହି ଅନ୍ଧବିଶ୍ୱାସରୁ ନିଜକୁ ମୁକ୍ତ କରନ୍ତୁ। × × × । ବିଦ୍ୟାର୍ଥୀ ସେହି ଜଗତର ପକ୍ଷୀ, ଯେ ଅହରହ ମୁକ୍ତିର ଆକାଶରେ ଉଡିବାର ପ୍ରସ୍ତୁତିରେ ଥାଏ । ତେଣୁ ସେ ପୋଷାକ ପଞ୍ଜୁରୀକୁ ସୁଖ ମଣିବ କିପରି ? ଏକଥା ଅଧ୍ୟକ୍ଷ କହିବା ପୂର୍ବରୁ ଆମ ପିଲାମାନେ ବୁଝିବେ ନାହିଁ କାହିଁକି ? କଲେଜକୁ କେଳିଘର ନକରି କ୍ରିୟାଯୋଗ ସ୍ଥଳ କରିବାକୁ ଚାହିଁଲେ ପୋଷାକର ହରିକାଠରେ ପିଲାଏ ଆପଣାଙ୍କୁ ଛନ୍ଦିଦେବେ କେମିତି।"(୫)

ବର୍ତ୍ତମାନ ମହାବିଦ୍ୟାଳୟ ସ୍ତରରେ ପିକନିକ କିଭଳି କଳୁଷିତ ହେବାରେ ଲାଗିଛି, ତାର ଚିତ୍ର ଏଠାରେ ଲେଖକ ମିଶ୍ର ବିସ୍ତୁତ ଭାବରେ ପ୍ରଦାନ କରିଛନ୍ତି। ପିକନିକ ସମ୍ପର୍କରେ ଲେଖକ କୁହନ୍ତି- "ଏଥିରେ କେବଳ ଛାତ୍ରମାନେ ନଯାଇ ଛାତ୍ରୀମାନଙ୍କୁ ସଙ୍ଗରେ ନିଅନ୍ତୁ ଠିକ ରାମଚନ୍ଦ୍ର ସୀତାଙ୍କୁ ବନବାସରେ ଗଲାବେଳେ ନେଲାପରି । ବେଳେବେଳେ ସୀତାମାନେ ଅନିଚ୍ଛା ପ୍ରକାଶ କଲେ ରାମମାନେ ଅଡ଼ି ବସନ୍ତି, ଅଝଟ କରନ୍ତି, ଅନଶନ କରନ୍ତି ସେମାନଙ୍କ ସଙ୍ଗରେ ବନଗମନ ପାଇଁ । × × × । ଅଶାଳୀନ ସଙ୍ଗୀତରେ କ୍ୟାସେଟ ନେବାଠାରୁ ଅଶାଳୀନ ଭାବସଙ୍ଗର ପର୍ଯ୍ୟନ୍ତ । ପରମ୍ପରା କ୍ରମେ କେଇଜଣ ଅଧ୍ୟାପକଙ୍କୁ ସାଙ୍ଗରେ ଯିବାକୁ ବି ବାଧ୍ୟରେ ଡାକନ୍ତି । କିନ୍ତୁ ସେମାନଙ୍କ ମନରେ ଥାଏ ସାର୍ ମନାକରିଦିଅନ୍ତେ କି ଆଉ ବିନା ସାର୍ ରେ ବନ ରମଣ କରିବାର ମହାର୍ଘ ଭାଗ୍ୟଲାଭ ହୁଅନ୍ତାକି । "(୬)

ବିଂଶ ଓ ଏକବିଂଶ ଶତାବ୍ଦୀର ରାଜନୀତି ର ବିକଟ ଚିତ୍ର ଆଲୋଚ୍ୟ ପୁସ୍ତକରେ ଦେଖିବାକୁ ମିଳେ । ରାଜନୈତିକ ନେତାମାନେ କ୍ଷମତା ଅନ୍ଧରେ ଅନ୍ଧ ହୋଇ କିଭଳି ନିଜର ନୈତିକତାକୁ ଭୁଲିଯାଇ ବିଳାଶବ୍ୟସନରେ ମସଗୁଲ ରହନ୍ତି, ତାହାର ଦୃଷ୍ଟାନ୍ତ ଏଥିରେ ଦେଖିବାକୁ ମିଳେ । ଲୋକମାନଙ୍କୁ ଦେଇଥିବା ପ୍ରତିଶ୍ରୁତି ପୂରଣ କରିବା ପରିବର୍ତ୍ତେ ନିଜର ସ୍ୱାର୍ଥକୁ ପୂରଣ କରିବାରେ ସେମାନେ ଆଗଭର ହୋଇଥାନ୍ତି । ଲେଖକ ତତ୍କାଳୀନ କଂଗ୍ରେସ

ISSN NO.
2582-208X

ଦଳ ବିରୋଧରେ ଯେଉଁ ବିଷୋଦଗାର କରିଛନ୍ତି ତାହା ଏଠାରେ ପ୍ରଦତ୍ତ । ସେ ଲେଖିଛନ୍ତି – "ସତରେ କଂଗ୍ରେସ ଏକ ଦଳ ନଥିଲା, କଂଗ୍ରେସ ଥିଲା ଏକ ବଳ– ଆଧ୍ୟାତ୍ମିକ ଦଳ ଯାହା ଭାରତୀୟ ଚୈତନ୍ୟର ଏକ ନବ ସଂସ୍କରଣ।ସେଠି ଅନେକ ସ୍ୱପ୍ନ, ଅସୁମାରୀ ସାଧନାର ମହାକାବ୍ୟ ରଚିତ ହୋଇଥିଲା, ଯାହାର ପ୍ରତି ଛତ୍ରେ ଛତ୍ରେ ଆତ୍ମସ୍ୱଗର ଛନ୍ଦ ଓ ଯତିପାତ ଭରି ରହିଥିଲା। ଦୃଶ୍ୟ ବଦଳି ଗଲା । ମହାକାବ୍ୟ ବଦଳରେ ରଚିତ ହେଲା ମହାଭାଣ୍ଡାମିର ଅଶ୍ଳୀଳ ଉପନ୍ୟାସ । ତାହାର କର୍ଣ୍ଣଧାର ହେଲେ ପୁଣି ସେହିମାନେ ଯେଉଁମାନେ ଏହି ମହାନ ଅନୁଷ୍ଠାନ ସହ ସଂଶ୍ଳିଷ୍ଟ ଥିଲେ । ଗାନ୍ଧୀ ଗଲେ ବି ଗାନ୍ଧୀ ଆଇଲେ। ଖାଲି ମହାତ୍ମା ଗଲେ ସିନା ଆଉ ଆସିଲେ ନାହିଁ। ହେଲେ ସେ ନାଁ ଟାରେ ଏତେ କିମିଆ ଥିଲାଯେ ଦୁରାତ୍ମାମାନେ ପିସି ସରକାର ପାଲଟିଗଲେ ଓ ଖାଲି ମ୍ୟାଜିକ ଦେଖେଇବାରେ ମାତିଲେ ।ମନେ ହେଲା ରାଜନୀତି ଏକ ମ୍ୟାଜିକ ଶୋ, ଆଉ ଏହି ଯାଦୁକର ମାନେ ଏହି ଶୋ ମାଧ୍ୟମରେ ସବୁ ମାରିଦେବାରେ ମହାମନ୍ତ୍ର ଜପକଲେ । ତା ନହୋଇଥିଲେ ଜଣେ ଅତ୍ୟନ୍ତ ଅପଗଣ୍ଡକୁ ନେତ୍ରୀ କରି ଏମାନେ ସ୍ୱାର୍ଥ– ବୈତରଣୀପାର ହେବାକୁ ମନ କରୁନଥାନ୍ତେ । "(୭)

ସେହିପରି ପ୍ରତିମା ପୂଜାକୁ ଲେଖକ ପ୍ରବଳ ବିରୋଧ କରିଛନ୍ତି । ତାଙ୍କ ଦୃଷ୍ଟିରେ ପ୍ରତିମା ପୂଜା ଅପେକ୍ଷା ବରଂ ଜୀବନ୍ତ ମଣିଷର ପୂଜା କରିବା ଅଧିକ ଶ୍ରେୟସ୍କର। ଆମର ସମାଜ କିପରି ପ୍ରତିମା ପୂଜାରେ ନିଜକୁ ସମ୍ପୂର୍ଣ୍ଣ ନିୟୋଜିତ କରିଦେଇଛି, ତାର ଚିତ୍ର ଏଥିରେ ବିପୁଳ ମାତ୍ରାରେ ଦେଖିବାକୁ ମିଳେ । ଏ ସମ୍ପର୍କରେ ଲେଖକ କୁହନ୍ତି – "ଏବେ କିନ୍ତୁ ଏ ରାଷ୍ଟ୍ର ରେ ଭକ୍ତମଣ୍ଡଳୀ ସେଇ ପ୍ରତିମା ପାଖରେ ସେମାନଙ୍କ ସକଳ ଆବେଦନ ନିବେଦନ ସାରି ଦେଉଛନ୍ତି।ପ୍ରତିମା ହିଁ ତାଙ୍କର ପ୍ରତିଭୂ ହୋଇଯାଇଛି । ନିର୍ଜୀବ ମୂର୍ତ୍ତି ଭିତରୁ ଭକ୍ତ ସର୍ବୋପରି ପ୍ରତିକୃତ ସଜୀବ ମୂର୍ତ୍ତିଗୁଡିକୁ ସମ୍ପୂର୍ଣ୍ଣ ଭୁଲି ଯାଉଛନ୍ତି । × × × । ଏଇ କଥା ବି କାଲି ସେଇ ସଭାରେ ବସି ସେ ମନ୍ଦିର, ଉପଗତ ଭଦ୍ରମଣ୍ଡଳୀ, ପ୍ରବଚକ ମଣ୍ଡଳୀକୁ ଦେଖିବା ଅବସ୍ଥାରେ ମୋ ଭିତରେ କେତେ କଣ ଭାବନା ସୃଷ୍ଟି କରିଥିଲା । କନ୍ଥା ଗୋଡେଇ ହୋଇ ଆଉ କେତେଦିନ ଏ ଭକ୍ତମାନେ ଶୋଇବେ। "(୮)

ଲେଖକ ଆଲୋଚ୍ୟ ପୁସ୍ତକର ବିଭିନ୍ନ ସ୍ଥଳରେ ବହୁ ସାମାଜିକ ସଚେତନତା ସମ୍ପର୍କରେ ମୂଲ୍ୟବାନ ମନ୍ତବ୍ୟ ପ୍ରଦାନ କରିଛନ୍ତି। ସମାଜରେ ଅନେକ ମଣିଷ ଅଛନ୍ତି, ଯେଉଁମାନେ କି

ISSN NO.
2582-208X

ଭଲରେ ଖାଇବାକୁ ବି ପାଉନାହାନ୍ତି, ସେମାନଙ୍କୁ ସାହାଯ୍ୟ କରିବାକୁ ଲେଖକ ବିନମ୍ର ନିବେଦନ କରିଛନ୍ତି । କାରଣ ତାଙ୍କର ଦୃଷ୍ଟିରେ ମାନବ ସେବା ହିଁ ପ୍ରକୃତ ମାଧବ ସେବା ।

ପ୍ରାନ୍ତ ସଙ୍କେତ :

୧- ମିଶ୍ର ବ୍ରଜମୋହନ, ସଂବୋଧି ।ପ୍ରଥମ ପ୍ରକାଶ, ଅଗ୍ରଦୂତ, ବାଙ୍କାବଜାର, କଟକ-୭୫୩୦୦୨,ପୃଷ୍ଠା-୧୫୪,୨୦୧୭ ।

୨- ତତ୍ରେବ ,ପୃଷ୍ଠା- ୭୩

୩-ତତ୍ରେବ,ପୃଷ୍ଠା-୧୭୦

୪-ତତ୍ରେବ,ପୃଷ୍ଠା-୧୪୧

୫-ତତ୍ରେବ,ପୃଷ୍ଠା-୧୪୨

୬-ତତ୍ରେବ,ପୃଷ୍ଠା-୧୩୪

୭-ତତ୍ରେବ,ପୃଷ୍ଠା-୧୨୮

୮-ତତ୍ରେବ,ପୃଷ୍ଠା-୨୭୪-୭୫

ସହକାରୀ ପ୍ରଫେସର
ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟବିଭାଗ,
ସରକାରୀ ସ୍ୱୟଂ ଶାସିତ ମହାବିଦ୍ୟାଳୟ, ଅନୁଗୋଳ
ଦୁରଭାଷ- ୬୩୭୨୧୭୭୬୩୭,୯୭୭୭୧୪୭୫୩୪

ISSN NO.
2582-208X

# ମଉଳା ଅପରାହ୍ନ



ହାସ୍ୟମୟୀ ରାଜ୍

ଆଜି ଅତୀତଟା
ହାତଠାରି ଡାକେ
ବୟସର ଅନେକ ଖୁଣ୍ଟି
ପାରହେଲା ପରେ
ଭାରି ନିଛାଟିଆ
ଭାରି ଏକା ଏକା
ହୃଦୟଟା ଲାଗେ
ମନେ ମନେ
ତାକୁହିଁ ଖୋଜେ
ସକାଳ କେବେ
ଅପରାହ୍ନ ଖୋଜିଥିଲା କି ନାଇଁ
ଜାଣେନା
ହେଲେ ଆଜି
ଅପରାହ୍ନ ଖୋଜେ ଖୁବ୍
ସେଇ ସୁନେଲି କଅଁଳ ସୂର୍ଯ୍ୟକୁ
ଚୂନା ଚୂନା ସ୍ୱପ୍ନ ମାନଙ୍କୁ
ହସିଲା ପୁରିଲା ଚୂଲ ବୁଲି
ସମୟ ପୃଷ୍ଠାରେ
ଆଙ୍କିଥିବା ଚିତ୍ରିତ ଅକ୍ଷର ସବୁକୁ

ISSN NO.
2582-208X

ମନର ପୃଷ୍ଠାରେ
ଚିର ସତେଜ୍ ସେ
ଆଜି କିନ୍ତୁ
ଖୁବ୍ ଶାନ୍ତ କାନ୍ତ
ଏ ଅପରାହ୍ନ
ହିସାବ କରୁଛି
ଚାଲି ଆସିଥିବା ରାସ୍ତାକୁ

ଏବେ ଏବେ
କଣ୍ଟା ଫୁଟେ ପାଦରେ
ରକ୍ତ ଝରେ
ହେଲେ ଲୁହ ଝରେନା ଆଖିରୁ
ସେଦିନ ପରି
ସକାଳରୁ ଅପରାହ୍ନ ଯାଏ
ବଦଳିଛି ଜୀବନ
ବଦଳିଛି କଳ କଳ ଛଳ ଛଳ ମନ
ତଥାପି ଶୂନ୍ୟ ନୁହେଁ
ଖାଲି ଯାହା ମଉଳା ମଉଳା ଲାଗେ ଅପରାହ୍ନ ।।

ଓଗ୍ଲକ, ହାଟଡିହି, କେନ୍ଦୁଝର

ISSN NO.
2582-208X

# ମୋ ଅନାବନା ଗୀତ



ନୀଳମଣି ଗୁନ୍ଧ

ହାତୀରେ ହାତୀ
ପେଙ୍କାଁଳି ମାରେ ଗଲେ ସେ ତାତି
ଗାଆଁମୁହାଁ ହୁଏ ହେଲେରେ ରାତି ।

ଭାଲୁରେ ଭାଲୁ
ଦେହେ ଲମ୍ବାବାଳ ସାଲୁବାଲୁ
ମହୁ ଦେଖି ନାଚେ ଦାଲୁଦାଲୁ ।

ବାଘରେ ବାଘ
ଦେହେ ରହିଛି ପଟାପଟା ଦାଗ
ହିଂସ୍ରଜନ୍ତୁ ବୋଲି ଭାରି ତା ରାଗ ।

ଓଟରେ ଓଟ
ଗଧିଆ ପରିରେ ନୁହେଁ ସେ ଛୋଟ
ସେ ମରୁଜାହାଜ ଉଠା ତା ଫଟ ।

ISSN NO.
2582-208X

ଘୋଡାରେ ଘୋଡା
ଛାଡିଦିଅ ଚରୁ ଯେଉଁଠି ଗୋଡା
ବିଭାଘର ବେଳେ ହୁଅଇ ଲୋଡା।

ବଣ ଯା ଘର
କାଟିକୁଟି ଆଉ ସଫା ନ କର
ବୁଲନ୍ତୁ ନିର୍ଭୟେ ନ ରହୁ ଡର।

ଅହିଂସା ନୀତି
ଆସ ଲଗେଇବା ତାଙ୍କରି ପ୍ରତି
ରୁହନ୍ତୁ ଧରାରେ ଖୁସିରେ ଅତି।

୨୭, ମନ୍ତ୍ର ମାନୋର,ଗୋଠପାଟଣା
ଭୁବନେଶ୍ୱର-୨୯,ମୋ:୯୫୮୩୨୦୨୩୫୭

ISSN NO.
2582-208X

# ପୂଜିତା ନା ପୀଡିତା ?



ଦେବସ୍ମିତା ମହାନ୍ତ

ଦେହର ଭୋକ ଆଉ କାମନାର ଶୋଷ
ଏକାଠି ହେଲେ ଦୁହେଁ ରହେନାହିଁ ମାନବିକତାର ଅବଶେଷ
ଭୁଲିଯାଏ ମଣିଷ ତା ମଣିଷପଣିଆ ଆଉ ଜାଳିଦିଏ ତାକୁ କାମନାର ନିଆଁ
ସତରେ ମଣିଷ କଣ ପଶୁ ସାଜିପାରେ ?
ଦେହର ଜ୍ୱାଳା କଣ ଏତେ ଉର୍ଦ୍ଧ୍ୱରେ ?
ଚାରିହାତ ଲମ୍ବା ଓଢଣୀ ପଛର ଫୁଙ୍ଗୁଳା ଶରୀର ସେ ଦେଖିଥାଏ
ଯେବେ ମଣିଷ ଦେହର ଲୋଭରେ ହିଂସ୍ର ସାଜିଥାଏ
ନାରୀ ଦେହର ବାସ୍ନା ନା ଯୌନକାଙ୍କ୍ଷୀ ମନର ତୃଷ୍ଣା?
ଏଥିପାଇଁ ଦାୟୀ କିଏ ?
ବୋଧେ ଉତ୍ତର ଖୋଜି ପାଇବା ସମ୍ଭବ ନୁହେଁ!
ଦୂର୍ଗା ରୂପରେ ଯାହାକୁ ପୂଜା କରାଯାଏ କାହିଁକି ସତୀତ୍ୱକୁ ତାର ଜାଳି ଦିଆଯାଏ ?
ଯେଉଁ ଶରୀରକୁ ବସ୍ତ୍ର ଦେଇ ଲଜ୍ଜ୍ୟା ନିବାରଣ କରାଯାଏ
କାହିଁକି ଅର୍ଦ୍ଧନଗ୍ନ କରି ତାକୁ ଫୋପାଡି ଦିଏଯାଏ ?
ଦୋଷ କାହାର
ଏଠି ଦୋଷୀ କିଏ ?

ISSN NO.
2582-208X

ଝିଅ ହୋଇ ଜନ୍ମ ନେଇଥିବା ଆତ୍ମାଟିଏ!

ନା ଝିଅଟିକୁ ଜନ୍ମ ଦେଇଥିବା ନିରୀହ ମାଆଟିଏ!

ଦୋଷୀ ଓ ଦୋଷର ସନ୍ଧାନ ଜାଲରେ ଛନ୍ଦି ହୋଇଯାଏ କେବଳ କୋମଳ ଝିଅଟିଏ...

ଆଜି ଭିକ୍ଷା ମାଗି ସମାଜକୁ କୋମଳ ଝିଅଟି କହିଯାଏ

ମୋର ସବୁ ମାଂସ ପଛେ ସମାଜକୁ ବିକିଦିଏ ଧର୍ଷଣ କଷ୍ଟରୁ ନିଜକୁ ବଞ୍ଚାଇନିଏ...

ଭୁବନେଶ୍ୱର, ଖୋର୍ଦ୍ଧା
ଭ୍ରାମ୍ୟଭାଷ -୮୯୧୭୬୮୧୬୪୭

ISSN NO.
2582-208X

# ପଲ୍ଲୀ ବଧୂ



ଦୀପକ ନାୟକ

ଲଜ୍ଜା ବାରି ପଣତ କାନିରେ ଘୋରା
ପଲ୍ଲୀ ବଧୂ ଜୀବନୀ ।
କାକଳୀ ସ୍ୱର ସାଥେ ଆରମ୍ଭ
ଦିନର ପହିଲି ପହର ତାର ।
ଯୌଥ ପରିବାର ସାଥେ
ଜଞ୍ଜାଳି ଜୀବନ ଯିଏ ସଦା ।
ପାହାଡ଼ ଉହାଡରେ ଲୁଚି ଯାନ୍ତି ରବି
ଧିରେ ଧିରେ ସନ୍ଧ୍ୟା ଆସେ ।
ଘଣ୍ଟ ଘଣ୍ଟା ଶୁଭେ ଦୂର ଦେଉଳେ
ଚୌରା ମୂଳେ ଜାଳେ ସଂଜବତୀ ।
ସଭୀଙ୍କ ଆଦର ଯତ୍ନ ନିଏ
ନିଜେ ନିଜ କଥା ଭୁଲି ।
ତ୍ୟାଗର ପ୍ରତିମା ସେ ଦେବୀ
ଜଳେ ନୀତି ହୋଇ ଦୀପ ।
ସଂସାର ସୁଖ ଶାନ୍ତି ପାଇଁ
ଖୋଲେ ନାହିଁ କେବେ କୋହର ପେଡ଼ି ।

ISSN NO.
2582-208X

ହାତେ ଓଢ଼ଣା ଟାଣି
ଥିରି ଥିରି ଚାଲେ ଗ୍ରାମୀୟ ପଥେ ।
ସମୟ ସାଥିରେ ଇସ୍ପାତ ପଥରେ
ଚାଲୁ ଥାଏ ସେ ସଦା ଧୀରେ ଧୀରେ ।
ସ୍ୱପ୍ନ ତାର ଅନେକ ଥାଏ ମନେ
ବାସ୍ତବେ ବହୁ ଦୂରେ ଜୀବନେ ।
ଦୀପରେ ସଳିତା ହୋଇ ଜଳେ
ଆତ୍ମିୟ ପ୍ରିୟଜନଙ୍କ ପାଇଁ ।
ତାର ଭିନ୍ନ ରୂପ ଧରା ବକ୍ଷରେ
ସେ ଦେବୀ ପାଳନ ହାରି ।

କୁସ୍ତିରା, ଧର୍ମଶାଳା, ଯାଜପୁର

ISSN NO.
2582-208X

# କ୍ରିଷ୍ଣାର ଅଭିସାର



ସୌମ୍ୟଶ୍ରୀ ବ୍ରହ୍ମା

ରାମପୁର ନାମକ ଗୋଟିଏ ଛୋଟିଆ ଗାଁ। ଗାଁର ଚତୁର୍ଦ୍ଦିଗରେ ଘେରି ରହିଛି ଜଙ୍ଗଲ, ମାଲାଡଙ୍ଗର ଏବଂ ଲୋକଙ୍କର ଚାଷ ଜମି। ସହରରେ ଲୋକଙ୍କ ଗାଡ଼ି ମଟରର କୋଳାହଳରେ ନିଦଭାଙ୍ଗିଲା ବେଳେ ତାର ବିପରୀତରେ ଏଇ ଗାଁରେ ଲୋକଙ୍କ ନିଦ ଭାଙ୍ଗେ କୁକୁଡା ରାବରେ, ଗାଈର ହମ୍ବା ରଡ଼ିରେ  ଏବଂ ସକାଳ ଆସେ ପକ୍ଷୀ ମାନଙ୍କ କିଚିରି ମିଚିରି ରାବରେ । ଗାଁଟି ଛୋଟ କିନ୍ତୁ ଏଇ ଛୋଟ ପରିବେଶରେ ଅନେକ ଜାତିର ଲୋକେ ବସବାସ କରନ୍ତି ଗୋଟିଏ ପରିବାର ଭଳି । ବ୍ରାହ୍ମଣ, ପାଇକ, ଭୂମିଆ, ହରିଜନ, କମାର, ଇତ୍ୟାଦି ଅନେକଙ୍କ ସଙ୍ଗମ ଦେଖିବାକୁ ମିଳେ ଏଇ ଗ୍ରାମରେ। ସେଇ ଗାଁର ମଝିରେ ଗୋଟିଏ ଛୋଟ ଘରେ ନିଜ ପରିବାର ସହ ରହେ ଗୋଟିଏ ଝିଅ । ନାମ ତାର କ୍ରିଷ୍ଣା। ଚୁଲବୁଲି ଝିଅଟି। ବୟସ  ଅନୁସାରେ ସେ ୨୫ ବର୍ଷର ହେଲାଣି କିନ୍ତୁ ତାର ଚିନ୍ତା କରିବାର ଶକ୍ତି ଆଉ ବ୍ୟବହାର ୧୦-୧୨ବର୍ଷର ପିଲାଙ୍କ ଭଳି । ନିଜ କଳ୍ପନା ଭିତରେ  ବୁଡ଼ିରହେ, ଥରେ କଥା କହିବା ଆରମ୍ଭ କଲେ ଚୁପ୍ ହେବା ଭାରି କଷ୍ଟ। ପାଖରେ ତା କଥା ଶୁଣିବାକୁ କେହି ନଥିଲେ କଣ ହେଲା ସେ ନିଜେହିଁ ବକ୍ତା ଓ ନିଜେ ହିଁ ଶ୍ରୋତା ପାଲଟି ଯାଏ। ଲୋକେ କୁହନ୍ତି ସେ କୁଆଡେ ଭାରି ସରଳ କିନ୍ତୁ ଚାଲାକ୍। କିନ୍ତୁ  କ୍ରିଷ୍ଣା ଜାଣେ ସେ ଭାରି ବୋକି ଟାଏ। ଅନ୍ୟ ଉପରେ ଭରସା କରିଯାଏ, ଖୁବ୍ ଅଳ୍ପ ସମୟରେ ଅନ୍ୟକୁ ନିଜ ଲୋକ ବୋଲି ଭାବିନିଏ। କିଏ କିଛି କହିଲେ ଅଳ୍ପକେ କାନ୍ଦିଦିଏ କିଛି କହିପାରେନା। ସେ ତା ଚାରି ପାଖରେ ଘଟୁଥିବା ଘଟଣାକୁ ନିଜ କଳ୍ପନାରେ ଜାଗା ଦିଏ। ସେ ନିଜ ଗାଁକୁ ଖୁବ୍ ଭଲ

ISSN NO.
2582-208X

ପାଏ, ଭଲ ପାଏ ସେଇ ପରିବେଶକୁ। ଛୋଟ ବେଳୁ ସେ ସେଇ ଗାଁରେ ବଢ଼ିଛି। ଯେଉଁ ମାଟିରେ ସେ ଜନ୍ମ ହେଇଚି ସେଇ ମାଟିରେ ଶେଷ ନିଃଶ୍ୱାସ ତ୍ୟାଗ କରିବାକୁ ଇଶ୍ୱରଙ୍କୁ ପ୍ରାର୍ଥନା କରିଛି। କିନ୍ତୁ କୌଣସି କାରଣରୁ ସେ ଏବେ ନିଜ ଗାଁଠୁ ଦୂରରେ ଗୋଟିଏ ସହରରେ ଯାଇ ରହୁଚି ।

ଅନେକ ଦିନ ପରେ ସେ ତା ଜନ୍ମ ମାଟିକୁ ଯିବା ଖୁସିରେ ତା ପାଦ ମାଟିରେ ଲାଗୁ ନଥାଏ। କିନ୍ତୁ ସେଇ ଖୁସି ତାରା ଅଳ୍ପ ସମୟର। ନିଜ ଜନ୍ମ ଭୂମିକୁ ଛାଡ଼ି କର୍ମ ଭୂମି ଦିଗରେ ଅଗ୍ରସର ହେଉଥିଲା କ୍ରିଷ୍ଣା। ନିଜ ଗାଁ ଛାଡି ସହରକୁ ଆସିଲାବେଳେ ତା ମନକୁ ବାରଂବାର ଗୋଟିଏ କଥା ଆସୁଥିଲା । ଆଖି ଆଗରେ ନାଚି ଉଠୁଥିଲା ବିନୋଦ ଚନ୍ଦ୍ରଙ୍କ ଗ୍ରାମପଥର ଦୃଶ୍ୟ, ମନେ ପଡୁଥିଲା ସଚ୍ଚି ରାଉତରାୟଙ୍କ ଛୋଟ ମୋର ଗାଁଟି ର କଥା। ସେ ଭାବିଛି - କେତେ ସୌଭାଗ୍ୟବାନ୍ ସେମାନେ ଯେଉଁ ମାନଙ୍କର ଜୀବନ ଏନ୍ତୁଡ଼ି ଶାଳରୁ ଆରମ୍ଭ କରି କୋକେଇରେ ବୋହା ହେବା ଯାଏଁ ନିଜ ମାଟି ନିଜ ଜନ୍ମଭୂମିରେ ରହିବାର ସୌଭାଗ୍ୟ ଅର୍ଜନ କରନ୍ତି । ନିଜ ଗ୍ରାମର ନଇ-ନାଳ-ପୋଖରୀ, ବଣ- ଜଙ୍ଗଲକୁ ଛାଡ଼ି ଯିବାର ଖେଦ ସେମାନଙ୍କର ନଥାଏ। ସେଇ ମାଟିରେ ନିଜର ପୂର୍ବ ଦୁଇ ପିଢ଼ିଙ୍କୁ ଏବଂ ପର ଦୁଇ ପିଢ଼ିକୁ ସେମାନେ ଦେଖନ୍ତି । ପହିଲି ବର୍ଷାରେ ମାଟିର ବାସ୍ନା, ଗାଁ ଭୂଆସୁଣୀଙ୍କ ପାଦର ପାଉଁଜିର ଶବ୍ଦ ସହ କାହିଁ କେତେ ସୁଖ ଦୁଃଖରେ ଜୀବନ ବଞ୍ଚିବାର ସୌଭାଗ୍ୟ ସେମାନେ ଅର୍ଜନ କରନ୍ତି । ଗୋଟେ ପଟେ ସେମାନେ ଥିଲାବେଳେ ଅନ୍ୟ ପଟେ ସେ ନିଜକୁ ଦେଖିଛି ଆଉ ଭାବିଛି କେଡେ ହତଭାଗିନିଟିଏ ସେ । ଯାହାକୁ ନିଜ ମାତୃଭୂମି, ନିଜ ପରିବାର ଆଉ ଗାଁକୁ ଛାଡ଼ି ଯିବାକୁ ପଡୁଛି, ସେ ଭାଙ୍ଗି ପଡ଼ିଛି। ପୁଣି କିଛି ସମୟ ପରେ ନିଜକୁ ଶାନ୍ତ୍ୱନା ଦେଇଛି । ନିଜକୁ ସେ ତା ଜେଜେମା, ମାଆ, ପିଉସୀ ଆଉ ଅନ୍ୟ ସ୍ତ୍ରୀ ମାନଙ୍କ ସହ ତୁଳନା କରିଛି । ସେ ଯେଉଁ ସ୍ତ୍ରୀ ମାନଙ୍କୁ ନିଜ ଆଖ ପାଖରେ ଦେଖୁଚି ସେ ବି ତା ନିଜ ପରିବାର ଠାରୁ ନିଜ ଜନ୍ମଭୂମିକୁ ଛାଡ଼ି ଦୂରରେ ରହିଛନ୍ତି । ସେଇ ସ୍ତ୍ରୀ ମାନଙ୍କ ଜାଗାରେ ନିଜକୁ ରଖି ସେ ପୁଣି ନିଜକୁ ଆଉ ଏକ ନୂଆ କଳ୍ପନାରେ ହଜାଇ ଦେଇଛି। ସେ ଭାବିଛି ନିଜ ବିବାହ ପରର କଥା।

ISSN NO.
2582-208X

ଝିଅ ଟିଏ ହେଲେ ତ ଅଧିକାଂଶ କ୍ଷେତ୍ରରେ ନିଜ ଗାଆଁ କୁ ଛାଡି ଅନ୍ୟତ୍ର ବିବାହ କରି ଯିବାକୁ ପଡ଼େ। ତା ପରେ ତା ମନକୁ ସମାଜର ନିୟମକୁ ନେଇ ଆସିଚି ଅନେକ ଅଭିଯୋଗ।

ଗୋଟେ ଝିଅକୁ କାହିଁକି ବିବାହ ପରେ ଘର ଛାଡ଼ି ଯିବାର ପରମ୍ପରା କରିଛି ଏଇ ସମାଜ ? କେବଳ ଝିଅଟିଏ ବାହା ହେଇ ପୁଅ ଘରକୁ ଯିବ ଅବା କାହିଁକି ? ଯଦି ବିବାହରେ ଝିଅ ଆଉ ପୁଅର ସମାନ ଦାୟିତ୍ୱ ତେବେ ଯେମିତି ଝିଅଟିଏ ପୁଅର ପରିବାରକୁ ଆପଣେଇ ନେଉଛି ସେମିତି ପୁଅ କାହିଁକି ଝିଅର ପରିବାରକୁ ଆପଣେଇ ନେଇ ପାରେନା ? ଯଦିଓ ପୁଅଟି ବିବାହ ପରେ ଝିଅର ପରିବାର ସହ ରହେ ତେବେ ପୁଅକୁ ଏଇ ସମାଜ ଅନ୍ୟ ଏକ ଆଖ୍ୟା ଦେଇଦିଏ "ଘରଜ୍ୱାଇଁ" । ପୁଅ ମାନେ ବି ତ କିଛି କମ୍ କଷ୍ଟ କରୁନାହାନ୍ତି ।

ଏମିତି ଅନେକ କଥା ଭାବି ଭାବି କେତେବେଳେ ସେ ନିଜର ଗନ୍ତବ୍ୟ ସ୍ଥଳରେ ଆସି ପହଁଚି ଯାଇଥିଲା ସେ ମଧ୍ୟ ଜାଣେନା। ସେଇ ଗାଁ ର ପରିବେଶକୁ ଛାଡ଼ି ଆସିଛି ସେ ନିଜକୁ ଖୋଜିବାକୁ।

ଦଣ୍ଡାବାଡ଼ି, କୋରାପୁଟ
୮୪୮୦୫୫୮୦୨୮

ISSN NO.
2582-208X

# ନାରୀର ଅସ୍ତିତ୍ୱ ? ?



ସାଇନା ମହାପାତ୍ର

ଯାର ରକ୍ତ ମାଂସେ ଗଢା ଏ ଶରୀର
ସେହି ନାରୀ ହୁଏ ଧର୍ଷଣ ଶିକାର,
ନାରୀ ସମ୍ମାନର ବାଜୁଛି ଡିଣ୍ଡିମ
ହେଲେ ତା ଲୁହକୁ କେ ଭଲା ପୋଛିବ ?

କେବେ ଭ୍ରୁଣହତ୍ୟା, କେବେ ବଳାତ୍କାର
କେଉଁଠି ଜଳୁଛି ନାରୀର ଶରୀର,
ଭୋଗ୍ୟବସ୍ତୁ ନା ସେ ଖେଳନା ବଜାରେ ?
ସମାଜକୁ ନିଜ ଅସ୍ତିତ୍ୱ ପଚାରେ ।

ଚରିତ୍ରକୁ ନେଇ ଉଠିଛି ଆଙ୍ଗୁଳି
ଇତିହାସ ଯାର ରହିଛି ସାକ୍ଷୀ,
ଖାଲି ନିନ୍ଦା ଆଉ ମିଥ୍ୟା ଅପବାଦେ
ଆଜୀବନ ଭିଜେ ତା ଦୁଇ ଆଖି ॥

ନାରୀକୁ ମିଳିବ ସମାନ ଗୁରୁତ୍ୱ
ନାରୀ ଶୋଷଣର ହୋଇବ କି ଅନ୍ତ ?
କେବେ ସେ ଉଇଁବ ସତ୍ୟର ସୂରୁଜ
ଧର୍ମ ରକ୍ଷା ଲାଗି ଉଠିବ ଗାଣ୍ଡିବ ॥

ପାଟନାଗଡ, ଓଡିଶା

ISSN NO.
2582-208X

# ନୁଆଁଖାଇ



ତପସ୍ୱିନୀ କସାନ

ନୁଆଁଖାଇ ଭାଇଚାରା ର ପରବ
ସେଦିନ ନଥାଏ କାହାରି ଗରବ।
ଯିଏ ଯେତେ ଦୂରରେ ଥାଉ
ନୁଆଁଖାଇ ପାଇଁ ଏକାଠି ହେଉ।
ଭାଦ୍ରବ ମାସର ଶୁକ୍ଳପକ୍ଷେ ପଞ୍ଚମୀ
ପ୍ରତିବର୍ଷ ନୁଆଁଖାଇ ଆସେଟି ପୁଣି।
ନିଜ ସଂସ୍କୃତିକୁ ଆଗେଇ ନେଇ
ଖୁସିରେ ନାଚନ୍ତି ସଭିଏଁ ଏକାଠି ହୋଇ।
ନୁଆଁଖାଇ ଦଶଦିନ ପୂର୍ବରୁ
ଘର ସାଜସଜ୍ଜାରେ ଲାଗିଥାନ୍ତି ଅନ୍ତରରୁ।
ନୁଆଁଖାଇ ଦିନ ସକାଳୁ ଉଠି
ଘର ସଫାକରି ଚିତା ପକାନ୍ତି ବସି।
ନୂଆବସ୍ତ୍ର ପରିଧାନ କରନ୍ତି
ନୂଆଧାନ ଆଣି ପୂଜା କରନ୍ତି।
ଫୁଲରେ ଟଗର, ମନ୍ଦାର, ଅପରାଜିତା

ISSN NO.
2582-208X

କାଶତଣ୍ଡି ସହ କେଡେ ସୁଶୋଭିତା।
କୁରେ ପତରର ବାସ୍ନାରେ ମୋହିତ
ମନହୁଏ ଅତ୍ୟନ୍ତ ପ୍ରଫୁଲ୍ଲିତ।
ପ୍ରଥମେ ସ୍ମରନ୍ତି ଗ୍ରାମ ଦେବତା, ଦ୍ୱିତୀୟରେ ମାଟିମା
ଇଷ୍ଟଦେବତାଙ୍କୁ ଭୋଗ ଲଗାଇ ଫସଲ କୁଶଳ କରନ୍ତି କାମନା।
ଆରିସା, କାକରା, ମଣ୍ଡାକୁ ଖିରି
ନୂଆଁଧାନ ଚୂଡ଼ା ଖାଆନ୍ତି ପୂଜା କୁ ସାରି।
ବଡ଼ ବଡୁଆଙ୍କୁ କରନ୍ତି ନୂଆଁଖାଇ ଜୁହାର
ସାନ ମାନଙ୍କୁ ସ୍ନେହ ଶ୍ରଦ୍ଧାରେ ଆଦର।
ପଶ୍ଚିମ ଓଡିଶାର ନୂଆଁଖାଇ
ଗଣପର୍ବ ଭାବେ ସଭିଏଁ ଜଣାଇ।
ସେଦିନ ଗାଁରେ ଝୁଣାର ବାସ୍ନା
ଭୁରୁ ଭୁରୁ ହୋଇ ପବନେ ଖେଳାଇ ଜ୍ୟୋସ୍ନା ।

ସ୍ନାତକୋତ୍ତର ଦ୍ୱିତୀୟ ବର୍ଷ ଛାତ୍ରୀ, ଓଡିଆ ବିଭାଗ, ରମାଦେବୀ
ମହିଳା ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର
Mob-9692724654

ISSN NO.
2582-208X

# ଭକ୍ତି ସୁମନ



ସ୍ୱର୍ଣ୍ଣରେଖା ପଣ୍ଡା

ଗିରିଜା ନନ୍ଦନ ବିଘ୍ନ ବିନାଶକ
ତୁମେ ମଙ୍ଗଳକାରକ ,,
ଅଗ୍ରପୂଜ୍ୟ ପ୍ରଭୁ ହେ ଗଣନାୟକ
ବିଦ୍ୟାଦାତା ବିନାୟକ ।୧।

ରିଦ୍ଧି ସିଦ୍ଧି ଦାତା କରୁଣା ସାଗର
କରେ ତୁମ ଆରାଧନା ,,
ଭକତି ଦୟଣା ସମର୍ପି ଦେଉଛି
ବନ୍ଦନା କର ହେ ଘେନା ।୨।

ବ୍ରହ୍ମା, ବିଷ୍ଣୁ, ଶିବ ତୁମରି ଆଶିଷେ
ଝରୁ କରୁଣାର ଝର ,,
କୋଟି ଜନମର ପୂଣ୍ୟ ଫଳେ ପ୍ରଭୁ
ଭକତି ପ୍ରଦାନ କର ।୩।

ISSN NO.
2582-208X

ସୃଷ୍ଟି କର୍ତ୍ତା ତୁମେ ପାଳନ କରତା
ସଂହାର କରତା ତୁମେ ,,
ତିନି ଭୁବନରେ ପାଉଅଛ ପୂଜା
ତ୍ରିନାଥ ଠାକୁର ନାମେ । ୪।

ତୁମ ନାମ ଧ୍ୟାୟୀ ଭକତି ସୁମନ
କରେ ପ୍ରଭୁ ସମର୍ପଣ ,,
ପ୍ରଣତି ଢାଳୁଛି ପୟରେ ତୁମର
ପରଂବ୍ରହ୍ମ ନାରାୟଣ ।୫।

ଜଗତ ଜନନୀ ମାଆ ମଙ୍ଗଳା ଗୋ
ବନ୍ଦଇ ତବ ଚରଣ ,,
ଦୂରେଇ ଦିଅ ମା ମନରୁ ମୋହର
ମାୟା ରୂପୀ ଆବରଣ ।୬।

ନୂଆପଡ଼ା

ISSN NO.
2582-208X

# ଅସ୍ତିତ୍ୱ



ଡ଼ଃ ସ୍ୱାଗତିକା ସାହୁ

ପାପୁଲିର
ମଝି ଭାଗରେ
ତୁମେ ଦୁଇ ଆଙ୍ଗୁଷ୍ଠିକୁ ଆଉଜି
ରକ୍ତର ଛିଟାରେ
ଅବା ଅପରାଜିତାର ଦାଗରେ
ଲେଖିଦିଅ ପ୍ରେମର ସତ୍କାର
ପୁଣି ବିରହର ଚିତ୍କାର...

ସମ୍ପର୍କର ସୂତା ବିଣ୍ଟୁଳାରେ
ଭାଙ୍ଗିଯାଉଥିବା ଫେରିବାଲାର
ଦଶ ଟଙ୍କିଆ ଦର୍ପଣକୁ ଯୋଡିଦିଅ ତୁମେ..

ସ୍ନେହଁର ପରଶରେ କେବେ ବୁଢୀମା' ସାଜ
କେବେ ପୁଣି ସଂସ୍କାରିତ ବାପାଙ୍କ ସ୍ୱାଭିମାନ

ISSN NO.
2582-208X

କେବେ ପୁଣି ମାଆର ତାଗିଦ ଆଉ
ଦାୟିତ୍ୱବୋଧତାର ନିଆରା ଅଭିମାନ..

ଏସବୁ ଫାଟିପଡ଼େ ଲୋଟି ହୋଇଯାଏ ଭାବନାର ମୁନରେ…
ତୋରଣ ପରି ସଜ୍ଜିତ ହୋଇଯାଏ
କବିତାର ଗୂଢ଼ ନିବୁଜ କୋଠରୀରେ..

ସତରେ କବିତା
ତୁମ ଅସ୍ତିତ୍ୱ କଣ କିପରି କେବଳ ତୁମକୁ
ଆଉ ତମକୁ ବୁଝୁଥିବା ରକ୍ତିମ ଜୀବନକୁ ହିଁ ଜଣା…

କେବେ ଜଣାପଡ
ଭାବରୁ ତ କେବେ ଅଭାବରୁ
କେବେ ବାଦରୁ ପୁଣି ବିବାଦରୁ
କେବେ ବିକଳରେ ଛଟପଟ ହେଉଥିବା ପେଟର ଭୋକରୁ ତ
କେବେ ପୁଣି ଭୂଗୋଳରୁ..
କେବେ ତରୁଣୀ ର ପ୍ରେମରୁ
ତ କେବେ ପ୍ରଣୟରୁ..
କେବେ ପୁଣି
ଆଖିରୁ ନିଗିଡିପଡୁଥିବା ଲୁହରୁ
ତ କେବେ ଲହୁରୁ..
କିଛି ସମ୍ବାଦରୁ ପୁଣି ବିସମ୍ବାଦରୁ..
ପୁଣି କିଛି ଭାଗରୁ ତ କିଛି ଭୋଗରୁ..
କିଛି କ୍ରିୟାରୁ ତ କିଛି ପ୍ରତିକ୍ରିୟାରୁ..

ISSN NO.
2582-208X

ଏବେ ତୁମେ କୁହ ତୁମର ଅସ୍ତିତ୍ୱ
କିପରି.. ?

ଭଲ ମନ୍ଦର ଦ୍ୱାହି ଦେଇ ଜିଣିଥିବା ଆଧିପତ୍ୟ ନା
ହାଟରେ ସୁଖ ଦୁଃଖର କାହାଣୀ ବିକୁଥିବା ଅଧୁରା ଆବେଗର ଶୋଷ ...
ନା  ପ୍ରକୃତିକୁ ଅଟ୍ଟହାସ୍ୟ କରୁଥିବା ବିଦ୍ରୋପ..

କବିତା, ତୁମେ କୁହ
ଆଉ ଦେଇଦିଅ ଉତ୍ତର
ଚତୁଃର୍ଦିଗ ରେ ଶୁଣାଯିବ
ନାରା ଆଉ ନିର୍ବିକାର..
ଚାହିଁରହିଛନ୍ତି ଲୋଲୁପଦୃଷ୍ଟି
କରିବାକୁ ତୁମକୁ ବ୍ୟବଚ୍ଛେଦ
ଆଉ ଚାହିଁରହିଛନ୍ତି ଭୋକିଲା କୁକୁର
କରିବାକୁ ଶବ୍ଦ ତୀର ଭେଦ..
ଏବେ ଦେଖାଇଦିଅ ତୁମ ଅସ୍ତିତ୍ୱ
ନିରବୀ ଯାଉ
କୁହୁଳୁଥିବା ପ୍ରହେଳିକାର ଚାତୁର୍ଯ୍ୟ...

ଶିକ୍ଷା ଅଧ୍ୟାପିକା
କନ୍ଧମାଳ

ISSN NO.
2582-208X

# ନବଚେତନାର କାବ୍ୟଧାରାରେ ମାନବବାଦୀ ଅନୁଚିନ୍ତା



ଡ଼କ୍ଟର ସଂଯୁକ୍ତା ଦାସ

'ମାନବବାଦ' ଏକ ମହତ୍ତର ଜୀବନ ଦୃଷ୍ଟି ତଥା ଉଚ୍ଚ ଚିନ୍ତାଧାରା ସମ୍ପନ୍ନ ସମାଜଦର୍ଶନ । ପ୍ରଚଳିତ ସମାଜରେ ହେତୁବାଦ, ସଂଶୟବାଦ, ନିରୀଶ୍ୱରବାଦ, ପ୍ରତ୍ୟକ୍ଷବାଦ, ଅସ୍ତିତ୍ୱବାଦ ଆଦି ଦାର୍ଶନିକ ମତବାଦ ମଧ୍ୟରେ ମାନବବାଦ କୁ ସର୍ବୋତ୍ତମ ଜୀବନଦୃଷ୍ଟି ଭାବରେ ଗ୍ରହଣ କରାଯାଏ । ମାନବ ହିଁ ସବୁର ମାନଦଣ୍ଡ । ସକଳ ନୀତି, ଆଦର୍ଶ, ମୂଲ୍ୟବୋଧ, ଜୀବନଶୈଳୀ ମନୁଷ୍ୟ ହିଁ ନିଜର ସାମାଜିକ ବିକାଶ ଧାରାରେ ସୃଷ୍ଟିକରିଛି । ସଭ୍ୟତା ର ସମସ୍ତ ବିକାଶ ଓ ପ୍ରଗତି, ମନୁଷ୍ୟର ଉତ୍ସାହ, ଉଦ୍ଦୀପନା, ବୁଦ୍ଧି, ବିଚାରଶୀଳତା ଯୋଗୁ ସମ୍ଭବପର ହୋଇ ଏକ ବିକଶିତ ସମାଜ ଦର୍ଶନ ର ଭିତ୍ତି ପଡିଛି । ମାନବିକ ଅଧିକାର, ବ୍ୟକ୍ତି ମର୍ଯ୍ୟାଦା ବୋଧ, ସମତା ଆଧାରିତ ସାମାଜିକ ଭାବନା ସଭ୍ୟ ଜୀବନଧାର ର ଅବିଚ୍ଛେଦ୍ୟ ଅଙ୍ଗ ହୋଇପଡିଛି । (1) ଏହା ମାନବବାଦ ର ପ୍ରତିଷ୍ଠା ପାଇଁ ବିଶେଷ ସହାୟକ ହୋଇଥିବା ଜଣାଯାଏ ।

ମନୁଷ୍ୟ ଏକ ସାମାଜିକ ପ୍ରାଣୀ । ସମାଜ ଜୀବନ ସହ ଅନ୍ତରଙ୍ଗ ଭାବେ ଜଡିତ । ସମାଜରେ ହେଉଥିବା ପରିବର୍ତ୍ତନ, ନୂତନତ୍ୱ ଓ ବିକାଶ କ୍ରମଧାରାରେ ମାନବର ଦାନ ଅତୁଳନୀୟ । ମନୁଷ୍ୟ ନିଜର ବୁଦ୍ଧି, ବିଚାରଶୀଳତା ଓ ବିବେକରେ ମହନୀୟତା ପ୍ରତିପାଦନ କରି ବିଶ୍ୱର ସମସ୍ତ ଜୀବମାନଙ୍କ ମଧ୍ୟରେ ଶ୍ରେଷ୍ଠ ସ୍ଥାନ ଅଧିକାର କରିଛି । ସ୍ନେହ, ପ୍ରେମ, ଦୟା, କ୍ଷମା

ISSN NO.
2582-208X

ଆଦି ସଦଗୁଣର ପରିପ୍ରକାଶ କରି ସମଗ୍ର ଜଗତର କଲ୍ୟାଣ ସାଧନ କରୁଛି । ଏଇ ଉତ୍ତମ ଭାବ ସମ୍ପନ୍ନ ମାନବୀୟ ପ୍ରବୃତ୍ତି ହିଁ 'ମାନବବାଦ ।

ମଣିଷର ଶ୍ରେଷ୍ଠ ବରଦାନ ହେଉଛି ତାର ଭାଷା । ବାକଶକ୍ତି ଯାହାଦ୍ୱାରା ମଣିଷ କେବଳ କଥା କହି ନିଜର ହୃଦୟର ଭାବକୁ ବ୍ୟକ୍ତ କରେନାହିଁ ବରଂ ଅନ୍ତର ର ଭାବକୁ ପ୍ରକାଶ କରେ ବିଭିନ୍ନ କଳା ଓ ସାହିତ୍ୟ ମାଧମରେ । ସାହିତ୍ୟ ଏକ ମହତ୍ୱପୂର୍ଣ୍ଣ ମାର୍ଗ । ସାହିତ୍ୟ ମାଧ୍ୟମରେ ବ୍ୟକ୍ତି ନିଜର ଅନ୍ତରର ଭାବ ଓ ଚିନ୍ତା ଚେତନାକୁ ବ୍ୟକ୍ତ କରିବାକୁ ସମର୍ଥ ହୁଏ । ସମାଜକୁ ସୁମାର୍ଗରେ ପରିଚାଳିତ କରିବାପାଇଁ ପ୍ରେରଣା ପ୍ରଦାନ କରେ । "କଳା ସାହିତ୍ୟ ସହ ମନୁଷ୍ୟ ଯେଉଁ ପରିମାଣରେ ଭାବ ସଂଯୋଗ କରିପାରେ ସେଇ ପରିମାଣରେ ସେ ଉନ୍ନତ ଓ ସମୃଦ୍ଧ ହୁଏ । ଏହା ଯେତେ ନିବିଡ଼ ହୁଏ ଓ ଯେତେ ଘନିଷ୍ଠ ହୁଏ ସେତେ ପରିମାଣରେ କାବ୍ୟ କବିତା ହୁଏ ଶାଶ୍ୱତ ଓ ଚିରନ୍ତନ "(2)

ଯୁଗେ ଯୁଗେ ମାନବବାଦୀ ଚିନ୍ତାଧାରା କବି ଓ କଳାକାରଙ୍କୁ ପ୍ରେରଣା ପ୍ରଦାନ କରିଛି ଉଚ୍ଚତର ସାହିତ୍ୟ ସୃଷ୍ଟି କରିବାକୁ । ସାଧାରଣ ମାନବ ଅପେକ୍ଷା କବି ଓ କଳାକାର ମଣିଷ ର ଦୁଃଖରେ ମ୍ରିୟମାଣ ହୋଇପଡନ୍ତି ପ୍ରଥମେ । ମଣିଷର ଯନ୍ତ୍ରଣା, ଦୁଃଖ, ଦୈନ୍ୟ କବିର ହୃଦୟରେ ସୃଷ୍ଟି କରେ ଗଭୀର ଆଲୋଡନ । ତେଣୁ ଏକ ସାର୍ବଜନୀନ ଉଦାର ମାନବିକ ଦୃଷ୍ଟିକୋଣ ନେଇ କବି ପ୍ରକାଶ କରେ ତାର ଅନ୍ତର ର ବେଦନବୋଧ କୁ ଏବଂ ଯେତେବେଳେ ସେ ତାର ବ୍ୟକ୍ତି -ବିଶ୍ୱ ଚେତନା କୁ ପ୍ରକାଶ କରେ ସେତେବେଳେ ତାହା ବିଶ୍ୱବ୍ୟକ୍ତି ଚେତନାରେ ରୂପାନ୍ତରିତ ହୋଇ ଅଗଣିତ ଜନତାର ହୃଦୟର ଭାବକୁ ମର୍ମାରିତ କରେ । (3)

କାବ୍ୟଧାରା ସର୍ବଦା ପରିବର୍ତ୍ତନଶୀଳ । ସମୟାନୁକ୍ରମେ ଯୁଗାନୁକୁଳ ପରିବର୍ତ୍ତନ ହେବା ସ୍ୱାଭାବିକ । ବ୍ୟକ୍ତିର ଜୀବନଧାରା ଯେପରି ବିଭିନ୍ନ ଅନୁକୂଳ ଓ ପ୍ରତିକୂଳାତ୍ମକ ପରିସ୍ଥିତି ମଧ୍ୟରେ ପରିବର୍ତ୍ତିତ ହୁଏ ଠିକ ସେହିପରି କାବ୍ୟଧାରା ସମସାମୟିକ ସମାଜ, ସଂସ୍କୃତି, ପାରିପାର୍ଶ୍ୱିକ ଅବସ୍ଥା, ମାନସିକ ସ୍ଥିତି, ବ୍ୟକ୍ତିର ଜୀବନ ଜିଜ୍ଞାସା ଓ ଯୁଗରୁଚି ଅନୁଯାୟୀ

ISSN NO.
2582-208X

ପରିବର୍ତ୍ତିତ ହୋଇଥାଏ । "ଯେଉଁ ସମୟର ସମାଜ ଯେତେ ବିକ୍ଷୁବ୍ଧ ହୁଏ ସମାଜ ଭିତରେ ସ୍ରୋତ ଓ ପ୍ରତିସ୍ରୋତର ସଂଘର୍ଷ ସେତେବେଶି ସୃଷ୍ଟି ହୁଏ, ସେହି ସମୟରେ ସାହିତ୍ୟ ନିଏ ନୂତନ ରୂପ, ତାରି ଭିତରୁ ଫୁଟିଉଠେ ଭବିଷ୍ୟତର ସଂକେତ "। (4)

କାବ୍ୟଧାରା ରେ ହେଉଥିବା ପରିବର୍ତ୍ତନ ଅତୀତର କାବ୍ୟ- ପରମ୍ପରା କୁ ସମ୍ପୂର୍ଣ୍ଣ ପରିହାର କରେନାହିଁ । ଅତୀତର ଯାହାକିଛି ଅପ୍ରୟୋଜନ, କୁସଂସ୍କାର ପ୍ରବଣ, ଓ ଯେଉଁ ଭାବସତ୍ତା ସମସାମୟିକ ଜୀବନ ସତ୍ୟ କୁ ଉଦଘାଟନ କରିବାରେ ଅସମର୍ଥ ହୁଏ ତାର ପରିବର୍ତ୍ତନ ଅଥବା ତାକୁ ଯୁଗୋପଯୋଗୀ ନୂତନ ରାଗରଙ୍ଗରେ ରଂଜିତ କରି ଆଧୁନିକ ଓଡ଼ିଆ କବିତା ବିକଶିତ । ଯୁଗଚେତନା ଓ ସଂକଟବୋଧକୁ ଅଭିବ୍ୟକ୍ତି କରିବା ହେଉଛି ତାର ମୁଖ୍ୟ ଭାବଧର୍ମ । ସମାଲୋଚକ ସୌରିନ୍ଦ୍ର ବାରିକ ଙ୍କ ମତରେ – " ନୂତନତ୍ୱ ର ପ୍ରୟୋଜନରୁ ଅନ୍ୟକଥାରେ ପରିବର୍ତ୍ତନର ପ୍ରୟୋଜନୀୟତାରୁ ଆଧୁନିକ ଓଡ଼ିଆ କବିତାର ସୃଷ୍ଟି। "(5)

ନବଚେତନା ର କାବ୍ୟଧାରା – କବି ସର୍ବଦା ନୂତନତ୍ୱ ର ଅନ୍ୱେଷଣ ରେ ସାଧନାରତ । କବିତାରେ ନବଚେତନାକୁ ସଞ୍ଚାର କରି ଯୁଗୀୟ ଅନୁଚିନ୍ତା କାବ୍ୟିକ ରୂପ ଦେବା କବିର ଧର୍ମ। ସମୟର ବିବର୍ତ୍ତନ ଓ ପାରିବେଶିକ ପରିବର୍ତ୍ତନରେ ପୂର୍ବ ପ୍ରଚଳିତ କାବ୍ୟଧାରା କ୍ରମେ ରୁଚିହୀନ ମନେହୁଏ । ସମସାମୟିକ ଚିନ୍ତାଧାରା ସହ ସମତଳ ରକ୍ଷା କରିନପାରି ନିଜସ୍ୱ ସତ୍ତା ହରାଏ । ନୂତନ ନୂତନ ଭାବଧର୍ମ ଓ ଶିଳ୍ପକଳାର ଆବଶ୍ୟକ ପଡେ । ତା'ର ପରୀକ୍ଷଣ ତଥା ସଂସ୍ଥାପନ ଦ୍ୱାରା କବିତା ନବଦିଗନ୍ତ କୁ ସ୍ୱର୍ଶ କରେ ।

ଉନ୍ନବିଂଶ ଶତାବ୍ଦୀ ର ଦ୍ୱିତୀୟାର୍ଦ୍ଧରେ ପାଶ୍ଚାତ୍ୟ ଶିକ୍ଷା ସଭ୍ୟତା ଓ ସାହିତ୍ୟ ର ପ୍ରଭାବରେ ନୂତନ ସ୍ପନ୍ଦନ ସଂଚାରିତ ହେଲା । ସମୟାନୁକ୍ରମେ 1870 ଖ୍ରୀ· ପରବର୍ତ୍ତୀ କାଳରେ ନୂତନ ଦୃଷ୍ଟି ଓ ଦର୍ଶନ ନେଇ ନବଚେତନାର କାବ୍ୟଧାରା ଆତ୍ମ ପ୍ରକାଶ କଲା । ମଧ୍ୟଯୁଗୀୟ ରୀତିକାବ୍ୟର ଆଦର୍ଶ କୁ ଏହା ଗ୍ରହଣ କଲାନାହିଁ । ରୀତିକୌଶଳ, ଆଳଙ୍କାରିକ ପ୍ରାଚୁଯ୍ୟ, ଶବ୍ଦ କସରତ, ନାୟକ ନାୟିକାଙ୍କ ଦେହଜ ପ୍ରେମଚର୍ଚ୍ଚା ପରିତ୍ୟକ୍ତ ହେଲା । ପୁରାଣ ବିଷୟକୁ ଆଧୁନିକ ଚିନ୍ତାଧାରା ସହିତ ମିଶାଇ କାବ୍ୟକବିତା ରଚିତ ହେଲା । ମାତୃଭାଷା

ISSN NO.
2582-208X

ପ୍ରୀତି, ଜାତୀୟତାବୋଧ, ସମାଜସଂସ୍କାର, ପଲ୍ଲୀଜୀବନ, ଓ ମାନବିକତାର ସ୍ୱର ଶୁଣାଗଲା ।

ନବଚେତନାର କାବ୍ୟଧାରା ରେ ଯେଉଁ କେତେଜଣ ବିଶିଷ୍ଟ ସ୍ରଷ୍ଟା ନିଜସ୍ୱ ସାଧନା ବଳରେ ଓଡ଼ିଆ ଭାଷା ସାହିତ୍ୟ କୁ ସମୃଦ୍ଧ କରିଯାଇଛନ୍ତି ସେମାନଙ୍କ ମଧ୍ୟରେ ମୁଖ୍ୟତଃ ରାଧାନାଥ ରାୟ, ଫକୀର ମୋହନ ସେନାପତି, ମଧୁସୂଦନ ରାଓ, ଗଙ୍ଗାଧର ମେହେର ଓ ନନ୍ଦକିଶୋର ବଳ ଅନ୍ୟତମ । ସେମାନଙ୍କ କାବ୍ୟ, କବିତା କୁ ବିଶ୍ଳେଷଣ କଲେ ମାନବବାଦର ନିର୍ଯାସ କୁ ଲକ୍ଷ୍ୟ କରିହେବ ।

(କ ) ମାନବୀୟ ସାହାଯ୍ୟ ଓ ସହାନୁଭୂତି –

ମାନବିକ ସାହାଯ୍ୟ ଓ ସହାନୁଭୂତି ମାନବୀୟ ଚିନ୍ତା ଚେତନାର ଅନ୍ୟତମ ସୁ-ପବୃତ୍ତି । ପ୍ରଚଳିତ ସମାଜରେ ଅନେକ ଅବହେଳିତ, ଗରିବ, ଦୁଃଖିଜନ ଓ ଦୃବଳ ଶ୍ରେଣୀ ବ୍ୟକ୍ତି ବହୁ ଦୁଃଖ, କଷ୍ଟ ରେ କାଳାତିପାତ କରନ୍ତି । ସମସାମୟିକ ସାମାଜିକ ଓ ରାଜନୈତିକ ଘୁର୍ଣ୍ଣିବାଳୟରେ ମାନବ ମଧ୍ୟ ଶୋଷଣ ର ଶିକାର ହୁଏ । ସେମାନଙ୍କୁ ସାହାଯ୍ୟ ଓ ସହାନୁଭୂତି ପ୍ରଦର୍ଶନ କରିବା ଯଥାର୍ଥ ମାନବିକତା ।

ନବଚେତନା ଯୁଗର ପ୍ରମୁଖ କବି ରାଧାନାଥ ରାୟ ଙ୍କ କାବ୍ୟ କବିତା କୁ ବିଶ୍ଳେଷଣ କଲେ ମାନବୀୟ ସାହାଯ୍ୟ ଓ ସହାନୁଭୂତି ର ଯଥାର୍ଥ ପରିଚୟ ମିଳେ । ସମାଜରେ ପ୍ରଚଳିତ ଅନ୍ୟାୟ, ଅନୀତି, ଅମାନବୀୟ ଗୁଣ କୁ କବି ସମାଲୋଚନା କରିବା ସହିତ ମାନବବାଦୀ ଚିନ୍ତାଧାରାକୁ ନିଜ ରଚନା ରେ ସ୍ଥାନ ଦେଇଛନ୍ତି ।

କବି ସାହାଯ୍ୟ ସହାନୁଭୂତି କୁ ବର୍ଣ୍ଣନା କରିବାକୁ ଯାଇ 'ମେଘଦୂତ 'କାବ୍ୟରେ କହିଛନ୍ତି ସାହାଯ୍ୟ ସହାନୁଭୂତି କେବେ ବ୍ୟର୍ଥ ଯାଏନାହିଁ । କବିଙ୍କ ଭାଷାରେ –

ISSN NO.
2582-208X

"ମହତ ଜନ ଠାରେ କରୁଣା କଲେ
ସେ କରୁଣା ନ ଯାଏ କେବେ ବିଫଳେ
ଆଶୁ ସୁଫଳ ଜାତ ନିଷ୍ଟେ ହୁଅଇ
କରୁଣା ପ୍ରଭା ପୁଣି ପ୍ରତି ଫଳଇ "। (ମେଘଦୂତ -ପୃ -3 )

ମାନବୀୟ ସାହାଯ୍ୟ ସହାନୁଭୂତି 'ପାର୍ବତୀ କାବ୍ୟ କୁ କରିଛି ମହନୀୟ । ଅସହାୟ ପିତୃମାତୃହୀନା ବାଳିକା ଅନ୍ନପୂର୍ଣ୍ଣା ପ୍ରତି ପାର୍ବତୀ ଙ୍କ ସହାନୁଭୂତି ହୃଦୟସ୍ପର୍ଶୀ । ସାହାଯ୍ୟ, ସହଯୋଗ ର ଅଭାବ ରେ ଦେଶ ତଥା ମାନବ ଜୀବନର ଅପୂରଣୀୟ କ୍ଷତି ହୋଇପାରେ । ଦେଶ ବାସୀ ଙ୍କୁ ସତର୍କ କରି କବି କହିଛନ୍ତି -

"ଏ ମାନ ଆମକୁ  ପ୍ରଭୁ ଦେଇଥିଲେ
ଦେଇଥିଲେ ବାହୁ ଦେଶରକ୍ଷଣେ
ଯେଦିନୁ  ହିନ୍ଦୁଏ  ଏକତା ଛାଡିଲେ
ପ୍ରମାଦ ପାଡିଲେ ଦୁଷ୍ଟ ଯବନେ ।

(ଶିବାଜୀଙ୍କ ଉତ୍ସାହ ବାକ୍ୟ -ଗ୍ରନ୍ଥାବଳୀ ପୃ -24 )

କବିଙ୍କ 'ଚିଲିକା 'କାବ୍ୟରେ କାବ୍ୟନାୟିକା ଚିଲିକା, ଉତ୍କଳ ଦେଶ କୁ ରକ୍ଷା କରିବାକୁ ଯାଇ ଶତ୍ରୁ ରକ୍ତବାହୁ କୁ ନିଜ ବକ୍ଷ୍ୟରେ ବୁଡାଇ ଦେଇଛି ।

ନବଚେତନା କାବ୍ୟଧାରାର ଅନ୍ୟତମ ସାର୍ଥକ କବି ଫକୀର ମୋହନ ସେନାପତି ତାଙ୍କ କାବ୍ୟ କବିତାରେ ସାହାଯ୍ୟ ସହାନୁଭୂତି ର ମନନଧର୍ମୀ ଚିତ୍ର ଅଙ୍କିଛନ୍ତ । ତାଙ୍କର 'ସତୀଲୁକ୍ରେସିଆ, ଭଣ୍ଡ ସନ୍ୟାସୀ, ବିଧବାର ଅଭିଶାପ, ଚନ୍ଦ୍ରପ୍ରଭାର ନିର୍ଜଳା ଉପବାସ, ହିନ୍ଦୁ ବିଧବା, ଉତ୍କଳ କୃଷକ, ପାତୁଆ ପାତୋଇ, ଘରବାହୁଡ଼ା ବାଟୋଇ, ବିପନ୍ନ ନାବିକ ପ୍ରଭୃତି କବିତାରେ ମାନବିକ ସହାନୁଭୂତିଶୀଳ ମନୋବୃତ୍ତି ର ପରିଚୟ ମିଳେ । ସମାଜ ରେ ଅବହେଳିତ ବେଶ୍ୟା ମାନଙ୍କ ପ୍ରତି ସମ୍ବେଦନ ଓ ସହାନୁଭୂତି ପ୍ରଦର୍ଶନ କରି କବି କୁହନ୍ତି କୌଣସି ନାରୀ ର ବେଶ୍ୟା ବୃତ୍ତି ପାଇଁ ସମାଜ ର ବିଧି ବିଧାନ ଦାୟି । କବିଙ୍କ ଭାଷାରେ -

ISSN NO.
2582-208X

"ମୋ ବିଶ୍ୱାସ ଏକା ତା'ର ନାହିଁ କିଛି ଦୋଷ
ସମାଜ ଏଥିକୁ ଦାୟି ଅଛନ୍ତି ଅବଶ୍ୟ
ସଂସର୍ଗ ଶିକ୍ଷାରେ ତୁହି ହେଲୁ ଏତେ ସରି
ସମାଜ ଉପେକ୍ଷା ତତେ କଲା ବା କିପରି । "

( ବାରବିଳାସିନୀ -ଅବସର ବାସରେ )

ମଧୁସୂଦନ ରାଓ ନବଚେତନା କାବ୍ୟ ଧାରାର ଜଣେ ବଳିଷ୍ଠ ବ୍ୟକ୍ତିତ୍ୱ । ନିଜର ସାଧୁ ବ୍ୟବହାର, ମିଷ୍ଟାଳାପ, ବିନୟ, ସତ୍ୟନିଷ୍ଠ ଓ ଐକାନ୍ତିକ ଈଶ୍ୱର ଭକ୍ତି ବଳରେ ନିଜର ଋଷି ପ୍ରତିମ ବ୍ୟକ୍ତିତ୍ୱର ପ୍ରତିଷ୍ଠା ସଂଗେ ସଂଗେ ଦେଶ ଓ ଜାତିର କଲ୍ୟାଣରେ ନିଜ ବ୍ୟକ୍ତିତ୍ୱର ସ୍ୱତଃପୂର୍ତ୍ତ ବିନିଯୋଗ କରି ଆସିଛନ୍ତି । ମାନବ ପ୍ରୀତି, ମୈତ୍ରୀ ଭାବ ତାଙ୍କ କବିତାର ସାରଧର୍ମ । ମାନବ ସମାଜ ପ୍ରତି ତାଙ୍କର ଥିଲା ସହାନୁଭୂତି । କବିଙ୍କ ଭାଷା ରେ -

"ପର ଦୁଃଖରେ ହୁଅ ଦୁଖୀ
ପର ସୁଖରେ ହୁଅ ସୁଖୀ
ଧନ୍ୟ ସେ ଧନ୍ୟ ନରନାରୀ
ଜଗତଜନ ହିତକାରୀ ।"

(ଜୀବେଦୟା -ଭକ୍ତ କବି ମଧୁସୂଦନ ଗ୍ରନ୍ଥାବଳୀ -ପୃ 7 )

ତାଙ୍କର 'ପତିତା ରମଣୀ 'କବିତା ମାନବୀୟ ସମ୍ବେଦନତାର ଏକ ସାର୍ଥକ ଦିଗଦର୍ଶନ । କବିଙ୍କ ଭାଷାରେ -

"ସତୀତ୍ୱ ଦେବୀତ୍ୱ ତାର ଲଲାଟେ ଲିଖିତ
କେ ତାକୁ ସେଥିରୁ ବିଶ୍ୱେ କରିବ ବଞ୍ଚିତ "।

(ପତିତା ରମଣୀ - ବସନ୍ତ ଗାଥା, ଗ୍ରନ୍ଥାବଳୀ -ପୃ 6୪ )

ISSN NO.
2582-208X

ଆଦର୍ଶବାଦ ସହ ମାନବବାଦ ର ଯୁଗ୍ମ ସମାବେଶ କବି ଗଙ୍ଗାଧର ଙ୍କ କାବ୍ୟ କବିତାକୁ କରିଛି ଗଣାଭିମୁଖୀ । ପର ଦୁଃଖ, ଅତ୍ୟାଚାର ପ୍ରତି ତାଙ୍କ ମନ ସର୍ବଦା ବିଦ୍ରୋହ କରି ଉଠିଛି । ଏକ ମାନବିକ ସହାନୁଭୂତି ପ୍ରଦର୍ଶନ କରି କବି କୁହନ୍ତି -

"ପରଦୁଃଖ ଦେଖି ଯାର ମନେ ହୁଏ ସୁଖ
ପରେ ଦୁଃଖ ପ୍ରଦାନେ ଯେ ନହୁଏ ବିମୁଖ
ଅତ୍ୟାଚାର କରିଥାଏ ପରନାରୀ ପ୍ରତି
ପରଧନ ଛଳେବଳେ ଗ୍ରହଣେ ଯା 'ମତି
ପଙ୍କରେ ମହିଷ ପ୍ରାୟେ ପାପେ ଯେ ମଗନ
ଭୀଷଣ ରାକ୍ଷସ ବୋଲି ସେ ଲୋକଙ୍କୁ ଗଣ । "

( ପଦ୍ମିନୀ - ସ୍ୱଭାବ କବି ଗଙ୍ଗାଧର ଗ୍ରନ୍ଥାବଳୀ, ପୃ ୧୨୨ )

ତାଙ୍କର 'ତପସ୍ୱିନୀ' କାବ୍ୟରେ ଦେବୀ ସୀତା ଙ୍କ ଦୁଃଖରେ ଦୁଃଖୀ ହୋଇ ପ୍ରକୃତି ମଧ୍ୟ ସାହାଯ୍ୟ, ସହଯୋଗ ଓ ସମବେଦନା ପ୍ରଦର୍ଶନ କରି ବାକୁ ଭୁଲି ନାହିଁ ।

ନନ୍ଦକିଶୋର ପଲ୍ଲୀ ଜୀବନ କୁ ନେଇ କାବ୍ୟ କବିତା ରଚନା କରିଥିଲେ ମଧ୍ୟ ତାଙ୍କ ରଚନା ରେ ମାନବୀୟ ସାହାଯ୍ୟ ଓ ସହାନୁଭୂତିର ଯଥାର୍ଥ ପରିଚୟ ମିଳେ । 'ବାଟୋଇ ଓ ନାଉରିଆ 'କବିତାଟି ଏଦିଗରେ ଏକ ସଫଳ କୃତି । ନିଜର ରୋଗଗ୍ରସ୍ତ ନୟନ ପିତୁଳା କୁ ଦେଖିବା ପାଇଁ ଦୂର ବାଟୋଇ ନଈ କୂଳରେ ପହଂଚି ଯାଇଛି । ଘୋର ଗର୍ଜନ ରେ ମେଘ ହେବା ସହ ନଈରେ ଡଙ୍ଗା ଚଳାଇବା ବିପଦପୂର୍ଣ । ମୃତ୍ୟୁ ର ଶଙ୍କା ଥିଲେ ମଧ୍ୟ ନାଉରିଆ ର ବାଟୋଇ ପ୍ରତି ମନରେ ସମ୍ବେଦନା ଓ ସହାନୁଭୂତିର ତରଙ୍ଗ ଉଠିଛି । କବିଙ୍କ ଭାଷାରେ -

"ବରଷୁ ପଛକେ ଘୋର ବରଷାରେ
ବହୁ ପଛେ ଖର ବାଆ
ସୁଅ ପାଣି ପଛେ ତଡି ନେଇଯାଉ
ତଳକୁ ତଳକୁ ନାଆ ।

ISSN NO.
2582-208X

ପଡ଼ୁ ଛେ ମୋତେ   ଘୋର ବିପଦରେ
ପାରିକରି ଦେବି ତୋତେ
ଦୟାମୟ ହରି   ଦୀନେ ଦୟା କରି
ଉଦ୍ଧାରିବେ ଭାଇ ମୋତେ । "(ବାଟୋଇ ଓ ନାଉରିଆ )

ଏତେତ ବ୍ୟତୀତ କବିଙ୍କର ପଲ୍ଲୀଚିତ୍ର, ନିର୍ଝରିଣୀ, କୃଷ୍ଣାକୁମାରି, ଶର୍ମିଷ୍ଠା, ଚାରୁଚିତ୍ର, ବସନ୍ତ କୋକିଳ, ପ୍ରଭାତ ସଂଗୀତ, ସନ୍ଧ୍ୟା ସଂଗୀତ ଆଦି କବିତା ସଂକଳନ ରେ ମାନବିକ ସାହାଯ୍ୟ ଓ ସହାନୁଭୂତି ର ଚିତ୍ର ମିଳେ ।

(ଖ) ମନୁଷ୍ୟର ଅବିଶ୍ୱାସ ଓ ଅହମିକାର କରୁଣ ପରିଣତି -

ସ୍ୱାର୍ଥ ହାସଲ ପାଇଁ କ୍ରମେ ମନୁଷ୍ୟ ଅନ୍ୟ ମନୁଷ୍ୟ ମାନଙ୍କ ପ୍ରତି ଅବିଶ୍ୱାସ ଓ ଗର୍ବ ଅହଂକାର ପ୍ରଦର୍ଶନ କରେ । ଯାହା ଫଳରେ ସମାଜ ଏକ ବିପର୍ଯ୍ୟୟ ପରିସ୍ଥିତି କୁ ଚାଲିଆସେ । କବି ସମାଜ ସହ ଜଡିତ । ସମାଜ ରୁ ରସ ସଂଗ୍ରହ କରି କବିତାରେ ତାକୁ ସ୍ଥାନ ଦିଏ । ମନୁଷ୍ୟ ମନର ଅବିଶ୍ୱାସ ଓ ଅହଂକାର କୁ ବର୍ଣ୍ଣନା କରିବା ସହିତ ଏହାର ନିରାକରଣ ପାଇଁ ମଙ୍ଗଳ ବାର୍ତା ପ୍ରଦାନ କରେ । ନବଚେତନା କାବ୍ୟଧାରାରେ ଏହାକୁ ଲକ୍ଷ୍ୟ କରିହେବ ।

ରାଧାନାଥ ରାୟ ଆଧୁନିକ ଓଡ଼ିଆ କବିତାର ଯୁଗସ୍ରଷ୍ଟା । ସମସାମୟିକ ସମାଜରେ ଅନ୍ୟାୟ, ଅନୀତି, ଖୋସାମଦି, ପରଶ୍ରୀକାତରତା ରାଧାନାଥ ଙ୍କୁ ଅଶେଷ ଦୁଃଖ ପ୍ରଦାନ କରିଥିଲା । ଇଂରେଜ ମାନଙ୍କର ଶୋଷଣ ମନୋଭାବ, ଅହଂକାର ଓ ସମାଜରେ କ୍ଷମତାଲୋଭୀ ବ୍ୟକ୍ତିବିଶେଷ ଙ୍କ ଅବିଶ୍ୱାସ ପୂର୍ଣ୍ଣ ମନୋଭାବ ରାଧାନାଥ ଙ୍କୁ ଉଦାସ କରିଦେଇଥିଲା । 'ଚିଲିକା 'କାବ୍ୟରେ କବି କହିଛନ୍ତି -

"ସଂସାରେ ଥାଇ ମୁଁ ସଦା ଉଦାସୀନ
ଉଦାସୀନ ପ୍ରାଏ କଟାଇଲି ଦିନ,

ISSN NO.
2582-208X

ସଂସାରୀ ସଙ୍ଗତେ ସଙ୍ଗୀ ହେବାପାଇଁ
କେବେ ହେଁ ମୋହର ମନ ବଳେନାହିଁ "। ( ଚିଲିକା )

ଗର୍ବ ଅହଂକାର ମଧ୍ୟ ଚିରସ୍ଥାୟୀ ନୁହେଁ । କାଳ ର କରାଳ ସ୍ପର୍ଶରେ ତାହା ଅବଲୁପ୍ତ ହୋଇଯାଏ । କବିଙ୍କ ଭାଷାରେ -

" କେହି ରହିନାହିଁ ରହିବେ ନାହିଁଟି
ଭବ-ରଙ୍ଗ-ଭୂମି- ତଳେ
ସର୍ବେ ନିଜ ନିଜ ଅଭିନୟ ସାରି
ବାହୁଡ଼ିବେ କାଳ ବଳେ । "(ପାର୍ବତୀ -ରା.ଗ୍ର, ପୃ ୪୦ )

ଫକୀର ମୋହନଙ୍କ 'ଚନ୍ଦ୍ର ପ୍ରଭାର ନିର୍ଜଳା ଏକାଦଶୀ, ରାମରଥ କଥା, ବିଧବାର ଅଭିଶାପ, ଉତ୍କଳ କୃଷକ ଆଦି କବିତାରେ ସମାଜରେ ପ୍ରଚଳିତ ଅନ୍ଧବିଶ୍ୱାସ, କୁସଂସ୍କାର, ଓ ଅହମିକା ର ଚିତ୍ର ଅଙ୍କିଛନ୍ତି । ସମାଜରେ ଷୋଡଶୀ କନ୍ୟା ଦୁର୍ଭାଗ୍ୟବସତ ବୈଧବ ଯନ୍ତ୍ରଣା ଭୋଗକଲେ ମଧ୍ୟ ସମାଜର ରୀତି, ନୀତିର ଅନ୍ଧ ଅହମିକା ରେ ଝିଅଟି ଅସରନ୍ତି ଦୁଃଖ ପାଏ । କବିଙ୍କ ଭାଷାରେ -

"ହେ ସମାଜ! କରୁଅଛି ଯେଉଁ ଅତ୍ୟାଚାର
ନିଶ୍ଚୟ ହେବଟି ପରଲୋକରେ ବିଚାର ।
× × × ×
ଯେ କଷ୍ଟଟା ଦେଉଅଛ ନିର୍ଦୋଷୀ କନ୍ୟାକୁ
ନିଶ୍ଚୟ ନିଶ୍ଚୟ ହେବ ଫଳ ଭୁଞ୍ଜିବାକୁ । "

(ଚନ୍ଦ୍ରପ୍ରଭାର ନିର୍ଜଳା ଏକାଦଶୀ -ଗ୍ର.ବ ପୃ 424 )

ମଧୁସୂଦନ ରାଓ ମାନବୀୟ ଅବିଶ୍ୱାସ ଓ ଅହମିକା କୁ ବର୍ଣ୍ଣନା କରିବାକୁ ଯାଇ 'ଆକାଶ ପ୍ରତି 'କବିତାରେ କହିଛନ୍ତି -

ISSN NO.
2582-208X

"ବଳିଷ୍ଠର ଅତ୍ୟାଚାର ,ଦୁର୍ବଳ ଦୁର୍ଗତି
ସ୍ୱାର୍ଥ-ଦ୍ୱେଷ -ଲୋଭାଦିର କ୍ରୁର ପ୍ରବଞ୍ଚନା
ଦେଖିଚୁ ସକଳ, ବ୍ୟୋମ ସକଳମୂରତି
ତୋପରି ବୁଝିବ କିଏ ପୃଥିବୀ ବେଦନା । "

(ଆକାଶ ପ୍ରତି -ମ. ସୁ. ଗ୍ରନ୍ଥାବଳୀ, ପୃ -36 )

କବି ଗଙ୍ଗାଧର ମେହେର ସର୍ବଦା ଆଦର୍ଶର କଥା କହିଲେ ମଧ୍ୟ ଗର୍ବ, ଅହଂକାର ପ୍ରତି ସତର୍କ ରହିବାକୁ ପରାମର୍ଶ ଦେଇଛନ୍ତି । କବି 'ବଳରାମଦେବ 'କବିତାରେ କହିଛନ୍ତି -

"ରାଜା ବୋଲି ଅହଂ - କାର ନକରିବୁ
ନ ହରିବୁ ପରଦାର
ନିରୀହ ସାଧବ ପରଜାଙ୍କ ପ୍ରତି
ନ କରିବୁ ଅତ୍ୟାଚାର । "(ଗ୍ରନ୍ଥାବଳୀ -ପୃ 51 )

ଗର୍ବ ଅହଂକାର ଚିରସ୍ଥାୟୀ ନୁହେଁ । ଏହା ମାନବ କୁ ନିମ୍ନଗାମୀ କରିଥାଏ । କବିଙ୍କ ଭାଷାରେ -

"ନକର ମାନବେ ଖୁଦ୍ର ଯିବେ ଉପହାସ
ନିଜର ଜୀବନ ଜ୍ୟୋତି କର ପରାକାଶ । "

( ଖଦ୍ୟୋତର ଖେଦ -ଅର୍ଘ୍ୟଥାଳି, ପୃ 292 )

ପଲ୍ଲୀ କବି ନନ୍ଦକିଶୋର ବଳ ମନୁଷ୍ୟ ଜୀବନର ଅବିଶ୍ୱାସ ଓ ଅହମିକା କୁ ନିଜ କାବ୍ୟ କବିତାରେ ସ୍ଥାନ ଦେଇଛନ୍ତି । 'ପଲ୍ଲୀଚିତ୍ର' ସଂକଳନ ର ଉତ୍କଳଶିଳ୍ପୀ, ଉତ୍କଳ କୃଷକ, ଉତ୍କଳ ଲଳନା, ବାଲ୍ୟ ବିଧବା, ପଲ୍ଲୀର ଖୁଦ୍ରତା, ପଲ୍ଲୀର କୁସଂସ୍କାର, ଭିକ୍ଷୁକ, 'ବସନ୍ତ କୋକିଳ 'ସଂକଳନ ର ଜେମାଦେଇ ଏବଂ' ନିର୍ମାଲ୍ୟ ସଂକଳନର, 'ସିନ୍ଧୁପ୍ରତି 'ଆଦି କବିତା

ISSN NO.
2582-208X

ମାନଙ୍କରେ ଅହମିକା, ଅବିଶ୍ୱାସ ର ହୃଦୟସ୍ପର୍ଶୀ ଚିତ୍ର ଦେଖିବାକୁ ମିଳେ । କବିଙ୍କ ଭାଷାରେ– –

"ନୟନ ପିତୁଳା ତରୁଣୀ ତନୟା ତାହାରି ନୟନ ଆଗେ
ନିଷ୍ଠୁର ସମାଜ ବର୍ବର ବିଧାନେ ସ୍ମଶାନକୁ ଠାଇଁ ମାଗେ
ସମାଜରେ ଯେବେ ନ୍ୟାୟ ଦୟା ଥାନ୍ତା ଦାନ୍ତହୀନ ବୃଦ୍ଧବର
ଛାର ଅର୍ଥ ଦେଇ ଯୁବତୀ କନ୍ୟାକୁ କରୁଥାନ୍ତା ହରବର । "

( ବାଲ୍ୟ ବିଧବା –ନନ୍ଦକିଶୋର ଗ୍ରନ୍ଥାବଳି, 1955 ପୃ 75 )

(ଗ) ନୀତିହୀନତାର ଦୁଃଖଦ ଦୁର୍ଗତି –

ଗର୍ବ ଓ ଅହଂକାର ରେ ବଳିୟାନ ମାନବ ନିଜର ମାନବିକ ନୀତି ଓ ଆଦର୍ଶ କୁ ଜଳାଞ୍ଜଳି ଦେଇଥାଏ । ଭାରତୀୟ ସମାଜ, ସଂସ୍କୃତି ଓ ପରମ୍ପରା ସର୍ବଦା ମାନବିକ ନୀତି କୁ ଗୁରୁତ୍ୱ ଦେଇଛି । ସମାଜରେ ଶୋଷଣ, ଦମନ, ଅନୀତି, ଅତ୍ୟାଚାର ଦେଖାଦେଲେ ମଧ୍ୟ ନୈତିକତା ଲୋପ ପାଇନାହିଁ । କବି ଓ ସାହିତ୍ୟିକ ମାନେ ଏ ଦିଗରେ ଲେଖନୀ ଚାଳନା କରି ସମାଜର ମଙ୍ଗଳ ପାଇଁ ଅନବରତ ଚେଷ୍ଟା କରିଥାନ୍ତି ।

ମାନବ ଜୀବନର ନୀତିହୀନତାର ଚିତ୍ର ରାଧାନାଥ ରାଏ ଙ୍କ 'ବେଣୀ ସଂହାର 'କବିତାରେ ମନୋଜ୍ଞ ଭାବରେ ବର୍ଣ୍ଣିତ । ଦୁଃଶାସନ ଦ୍ରୋପଦୀଙ୍କୁ କୁରୁ ସଭା ତଳେ ବିବସ୍ତ୍ର କରିବାକୁ ଚେଷ୍ଟା କରିଛି । ଅବଳା ମନରେ ଆଘାତ ମହାପାପ । ଦୃଢ଼ମାନା ଦ୍ରୋପଦୀ ଦୁଃଶାସନର ରକ୍ତରେ ବେଣୀ ସଜାଡ଼ିବାକୁ ଶପଥ ନେଇଛି । କବି ମାନବ ଜୀବନର ନୀତିହୀନତା ସମ୍ପର୍କରେ କହିଛନ୍ତି –

"ଅଧର୍ମୀ ସହିତେ ଧର୍ମ ନୁହେଁ ପାଳିବାର
କପଟୀ ସହିତ ଯୁକ୍ତ କପଟ ବେଭାର । "

(ବେଣୀ ସଂହାର –ରାଧାନାଥ ଗ୍ରନ୍ଥାବଳୀ, ପୃ 24 )

ISSN NO.
2582-208X

ରାଧାନାଥ 'ନନ୍ଦିକେଶରୀ 'କାବ୍ୟ ରେ କହିଛନ୍ତି ନୀତିଧର୍ମ ରେ ମନୁଷ୍ୟ ରହିଲେ ଶତ୍ରୁ ମଧ୍ୟ ମିତ୍ର ହୋଇପାରିବ ।

ଫକୀର ମୋହନ ସେନାପତି ସମାକାଳୀନ ସମାଜରେ ପ୍ରକଟିତ ଅନ୍ୟାୟ, ଅନୀତି, ଅବିଚାର କୁ ନିଜ କାବ୍ୟ କବିତାରେ ସ୍ଥାନ ଦେଇ ମାନବବାଦର ପରିଚୟ ଦେଇଛନ୍ତି । 'ବୌଦ୍ଧାବତାର ' କାବ୍ୟରେ କବି କହିଛନ୍ତି –

"କଲେ କର୍ମ ପଶୁପରି ପଶୁ ଜନ୍ମ ଲାଭ
ଲଭିବ ଦେବତା ଜନ୍ମ ଧର ଦେବ ଭାବ
ଆସୁରିକ କର୍ମେ ଲାଭ ଅସୁର ଜନମ
ତୀର୍ଯ୍ୟକ କର୍ମରେ ହେବ ତିର୍ଯ୍ୟକ ଅଧମ । "(ବୌଦ୍ଧାବତାର କାବ୍ୟ)

ସୁନୀତି ଓ ସୁରୁଚିର ପ୍ରବର୍ତ୍ତକ ମଧୁସୂଦନ ରାଓ । ତାଙ୍କ ମଧୁମୟ ସୃଷ୍ଟିରେ ନୈତିକତାର ପ୍ଲାବନ ଘଟିଛି । ମାନବ ଜୀବନରେ ଅହଂକାର, ହିଂସା, କ୍ରୋଧ କୁଟିଳତା, ସ୍ୱାର୍ଥ କୁ ନ ରଖି ଜୀବନକୁ ନୀତିନିଷ୍ଠ କରିବାକୁ କବି ଉପଦେଶ ଦେଇଛନ୍ତି । କବିଙ୍କ ଭାଷାରେ –

"କ୍ଷୁଦ୍ର ନୀଚ ଅହଂକାର, ହିଂସା କ୍ରୋଧାଦି ବିକାର
କୁଟିଳ ସ୍ୱାର୍ଥ ବିଚାର ନ ରହୁ କାହାରି ମନେ
କ୍ଷମାସିନ୍ଧୁ ହରି ନିଜେ ହୃଦୟେ କରନ୍ତୁ ବିଜେ
ବିକାଶନ୍ତୁ କ୍ଷମା–ବିଜେ ସନ୍ତାନ ହୃଦ –କାନନେ । "

( ସଂଗୀତମାଳା –10ମ ସଂଗୀତ ମ. ସୂ.ଗ୍ରନ୍ଥାବଳୀ ପୃ 37 )

ଗଙ୍ଗାଧର ତାଙ୍କ କାବ୍ୟ କବିତାରେ ସର୍ବଦା ମାନବୀୟ ଆଦର୍ଶ ଓ ନୀତିର କଥା କହିଛନ୍ତି । କବିଙ୍କ ଭାଷାରେ –

"ଜୀବଧର୍ମ ବଡଧର୍ମ ଜାଣିବା ଶକତି
ମାନବ କୁ ଦେଇଛନ୍ତି ବିଭୁ ବିଶ୍ୱପତି

ISSN NO.
2582-208X

ସର୍ବ ଧର୍ମ ସମନ୍ୱୟ ମାନବ-ଧରମ
ସ୍ୱତନ୍ତ୍ର ପ୍ରକାର ପୁଣି ତାହାର ମରମ ।"

( ଧର୍ମ -କବିତାମଳା, ଗଙ୍ଗାଧର ଗ୍ରନ୍ଥାବଳୀ ପୃ 342 )

କବି ନନ୍ଦକିଶୋର ତାଙ୍କ କାବ୍ୟ କବିତାରେ ନୀତିହୀନ ସମାଜର ଚଳନ୍ତି ସମସ୍ୟା ସମ୍ପର୍କରେ ଆଲୋଚନା କରିଛନ୍ତି । 'ବୃଦ୍ଧାବିବାହ' କବିତାରେ ଷୋଡଶୀ କନ୍ୟାର ବୃଦ୍ଧ ଙ୍କ ସହିତ ବିଭାହ କେଉଁ ପ୍ରକାର ନ୍ୟାୟନୀତି । କବିଙ୍କ ଭଷାରେ -

"ବୃଦ୍ଧକୁ ବିବାହ ବିଧି ବାଳିକାକୁ ନାହିଁ
କେଉଁ ନ୍ୟାୟ ନୀତି ଏହା ସାମାଜିକ ଭାଇ
ଏସନ ବୈଷମ୍ୟପୂର୍ଣ୍ଣ ଯେବେଣ ସମାଜ ।
ସଂସ୍କାର ନକରି ଜୟଗାଅ, ନାହିଁ ଲାଜ "? I

(ବୃଦ୍ଧବିଭାହ - ଚାରୁଚିତ୍ର, ଗ୍ରନ୍ଥାବଳୀ ପୃ -284 )

(ଘ ) ନାରୀପ୍ରତି ସମ୍ମାନ -

ନାରୀର ସୃଷ୍ଟି ପ୍ରକୃତିର ଅମୂଲ୍ୟ ଦାନ । ନାରୀ ଦୟା, କ୍ଷମା, କରୁଣାର ମୂର୍ତ୍ତିମନ୍ତ ପ୍ରତୀକ । ନାରୀ ଜାତି ପ୍ରତି ଅନ୍ୟାୟ, ଅତ୍ୟାଚାର କରିବା ଅମାନବିକତାର ପରିଚୟ । ଏହା ଦ୍ୱାରା ମାନବ ସମାଜର ବହୁ କ୍ଷତି ହୁଏ । ନାରୀ ଜାତି ପ୍ରତି ସମ୍ମାନ ପ୍ରଦର୍ଶନ କରିବା ମାନବର ଏକ ଶ୍ରେଷ୍ଠ ଗୁଣ ।

କବିବର ରାଧାନାଥ ରାୟଙ୍କ କାବ୍ୟ କବିତାକୁ ବିଶ୍ଳେଷଣ କଲେ ନାରୀ ପ୍ରତି ସମ୍ମାନ ର ପରିଚୟ ମିଳେ । ତାଙ୍କ କବିତାରେ ନାରୀ, ମଙ୍ଗଳମୟୀ, ସ୍ନେହ -ଶ୍ରଦ୍ଧାରେ ଶୁଭଦାୟିନୀ, ବୀରତ୍ୱର ଅଧିକାରିଣୀ, ପ୍ରେମରେ ଗରୀୟସୀ ଓ ବିଶ୍ୱକଲ୍ୟାଣରେ ମହିୟସୀ । ନାରୀ ର ଲାଂଛନା ସମାଜରେ ଅସରନ୍ତି ଦୁଃଖ ଟାଣି ଆଣେ । କବିଙ୍କ ଭାଷାରେ -

ISSN NO.
2582-208X

"ସ୍ତ୍ରୀ ବାଳକ ଦଶା       କି ହେବ ସୁମର
ଶୁର ତୁମ୍ଭେ, ନିଜ ନାରୀ -ଲାଞ୍ଛନା
କେମନ୍ତ ସହିବ?       ଏ ଜୀବ ଦେହରେ
ଥାଉଁ କି ଭୋଗିବ ଏଡ଼େ ଯନ୍ତ୍ରଣା ।"

( ଶିବାଜୀଙ୍କ ଉତ୍ସାହ ବାକ୍ୟ -କବିତାବଳୀ, ରା. ଗ୍ର. ପୃ 24 )

ଫକୀର ମୋହନ ତାଙ୍କ 'ପୂଜଫୁଲ, ଧୂଳି, ପୁଷ୍ପମାଳା, ଅବସର ବାସରେ ଆଦି ଗୀତି କବିତା ସଂକଳନରେ ନାରୀ ଜୀବନରେ ଘଟୁଥିବା ଦୁଃଖ, ଦୈନ୍ୟ, ଶୋଷଣ, ଅତ୍ୟାଚାରକୁ ବର୍ଣ୍ଣନା କରିବା ସହିତ ନାରୀ ମାନଙ୍କ ପ୍ରତି ସମ୍ମାନ ପ୍ରଦର୍ଶନ କରିବାକୁ କହିଛନ୍ତି । ମଧୁସୂଦନ ରାଓ ଙ୍କ କବିତାରେ ନାରୀ ମାନଙ୍କ ପ୍ରତି ସମ୍ମାନପ୍ରଦ ଚିନ୍ତାଧାରା କୁ ଦେଖିବାକୁ ମିଳେ । ଏକ 'ପତିତା 'ନାରୀ ପ୍ରତି ସମ୍ମାନ କରିବାକୁ ଯାଇ କବି କୁହନ୍ତି -

"କେ ଚାହିଁବ ଚାଁହୁ ତୋତେ ଗର୍ବ ଅବଜ୍ଞାରେ
କିନ୍ତୁ ଲୋ ଭଗିନୀ ମୁହିଁ ତୋ ଦୁଃଖେ କାତର
ଆହତ ମୋ ପ୍ରାଣ ତୋର ମର୍ମ  ହାହାକାରେ
କାନ୍ଦଇ ବିକଳେ ମୋର ବ୍ୟଥିତ ଅନ୍ତର ।"

( ପତିତା ରମଣୀ- ବସନ୍ତ ଗାଥା -ଗ୍ରନ୍ଥାବଳୀ, ପୃ 68 )

ନବଚେତନା କାବ୍ୟଧାରାରେ ରେ କବି ଗଙ୍ଗାଧର ଓ ନନ୍ଦକିଶୋର ଙ୍କ କାବ୍ୟ କବିତାରେ ନାରୀପ୍ରତି ସମ୍ମାନ ର ଚିତ୍ର ମିଳେ । ଗଙ୍ଗାଧର ଙ୍କ କାବ୍ୟ କବିତାରେ ନାରୀ ଆଦର୍ଶବତୀ । ସୀତା, ଦ୍ରୌପଦୀ, ସଂକୁତଳା, ଇନ୍ଦୁମତୀ, ପଦ୍ମିନୀ ଚରିତ୍ର ରେ ନାରୀ ପତିବ୍ରତା, କରୁଣାମୟୀ, ଓ ସ୍ନେହଶୀଳା । ନାରୀ ମାନଙ୍କୁ ଅତ୍ୟାଚାର କଲେ ପୃଥିବୀ ଧ୍ୱଂସ ପାଇଯିବ । କବି 'କିଚକବଧ 'କବିତାରେ କହିଛନ୍ତି -

ISSN NO.
2582-208X

"ସାମାନ୍ୟ ନୁହେଁ ପତିବ୍ରତା ମହିମା
ରହିନପାରେ କାହା ଗାରିମା ।"(କିଚକବଧ -ଗ୍ର. ପୃ 67)

ନାରୀ ପ୍ରତି ସର୍ବଦା ଶ୍ରଦ୍ଧା ଓ ସମ୍ମାନ ନନ୍ଦକିଶୋର ଙ୍କ କବିତାରେ ଦେଖିବାକୁ ମିଳେ । ନାରୀ ପ୍ରତି ନିର୍ଯାତନାକୁ କବି ସହିପାରୁ ନଥିଲେ । କବିଙ୍କ ଭାଷାରେ –

ଶୁଣ ଶୁଣ ଆରେ ଆର୍ଯ୍ୟ କୁଳାଙ୍ଗାର ହିନ୍ଦୁ
ପ୍ରାଣେ ତୋର ନାହିଁ କିରେ କରୁଣାର ବିନ୍ଦୁ
× × × × ×
ନର ଗଳା ରତ୍ନହାର ନାରୀ ସୁକୁମାରୀ
କି ଘୋର ଯାତନା ଦେଉ ପରାଣେ ତାହାରି ।"(ବାଳ ବିଧବା )

(ଙ) ସେବା ଓ ତ୍ୟାଗ –

ମାନବସେବା ଭାରତୀୟ ସଂସ୍କୃତି ଓ ପରମ୍ପରା ର ମୂଳ ଆଧାର । ଭାରତବର୍ଷର ଇତିହାସ ସତ୍ୟ, ନିଷ୍ଠା, ଓ ତ୍ୟାଗ ଦ୍ୱାରା ମହିମାନ୍ୱିତ । ନବଚେତନାର କାବ୍ୟ କବିତାରେ ସେବା ଓ ତ୍ୟାଗର ମହତ୍ୱ କୁ ଲକ୍ଷ୍ୟ କରିହେବ । କବିମାନେ ଦେଶ ସେବା, ଓ ମାନବୀୟ ତ୍ୟାଗ ଭାବନା ପ୍ରତି ଗୁରୁତ୍ୱ ଦେଇଛନ୍ତି ।

ରାଧାନାଥ ରାୟ ଙ୍କ କାବ୍ୟ କବିତାରେ ଦେଶ ସେବା ସହ ମାତୃଭାଷା, ଉତ୍କଳୀୟ ସଂସ୍କୃତି, ମାତୃଭୂମି ପ୍ରୀତି ସର୍ବତ୍ର ପରିଦୃଶ୍ୟ । ଫକୀରମୋହନ ନିଜ କବିତା ମାଧ୍ୟମରେ ଜନମାନସ ରେ ଜାତୀୟତା ଭାବ ସୃଷ୍ଟି କରୁଥିଲେ । ତାଙ୍କର "ଜନ୍ମଭୂମି" କବିତା ଏ ଦିଗରେ ଏକ ସଫଳ କୃତି । କବିଙ୍କ ଭାଷାରେ –

"ମାତାକୁ ସମ୍ମାନ ନକରେ ଯେ ଜାଣ
ସେଇତ ଅଧମ ସୁତ
ସେଇ ସର୍ବସ୍ଥାନେ ଥାଏ ଅପମାନେ
ସମାଜରେ ଅନାଦୃତ "।

ISSN NO.
2582-208X

ମଧୁସୂଦନ ମାନବ ସମାଜ ପ୍ରତି ସେବା ଧର୍ମ କରିବାକୁ କବିତା ମାଧ୍ୟମରେ କହିଛନ୍ତି । କବିଙ୍କ ଭାଷାରେ -

"ଜଗତର ସେବା ବ୍ରତେ ବିସର୍ଜି ଜୀବନ
ଧନ୍ୟ ହୁଅ, ବିଧିର ଏ ଆଶିଷ ବଚନ "। (ନବବର୍ଷ -ବସନ୍ତଗାଥା )

କବି ଗଙ୍ଗାଧର ଙ୍କ ମତରେ ମାନବସେବା ମହତ ଜନର ପରମ ଧର୍ମ । କବିଙ୍କ ମତରେ -

"ବିପଦ ସାଗରେ ବୁଡନ୍ତି ମହତ
ବିପନ୍ନ ସାହାଯ୍ୟ ପାଇଁ
ତୃଷାତୁର ପାନ୍ଥ ତୃଷା ନାଶେ ପାନ୍ଥ
ତରୁ ମରୁଭୂମେ ଥାଇ ।" (ମହିମା, ଗ୍ରନ୍ଥାବଳୀ -ପୃ 250)

ନନ୍ଦକିଶୋର ଙ୍କ 'ଶର୍ମିଷ୍ଠା 'କାବ୍ୟରେ ଦୟା, କ୍ଷମା, ସେବା ଆଦି ମାନବୀୟ ଗୁଣ ର ପରିପ୍ରକାଶ ଘଟିଛି । କବିଙ୍କ' ଗଛ କାଠୁରିଆ 'କବିତାଟି ମାନବିକ ତ୍ୟାଗ ର ସଫଳ ଦୃଷ୍ଟାନ୍ତ । କବିଙ୍କ ଭାଷାରେ -

"କାଠୁରିଆ ନ ହାଣ ସେ ଗଛ ରହ ରହ
ଦେଖିଅଛି ଏ ଗଛ ମୋ ପିତୃ ପିତାମହ
× × × ×
ଯାହା ନେବୁ ତାହା ଦେବି, ଏ ଗଛ ନ ହାଣ
ମୁଁ ଥାଉଁ ଏ ହଣା ହେବ, ନ ସହିବ ପ୍ରାଣ ।"(ଗଛ କାଠୁରିଆ )

(ଚ) ପ୍ରେମ ପ୍ରଣୟ -

ପ୍ରେମ ପ୍ରଣୟ ମାନବୀୟ ଚିନ୍ତା ଚେତନାର ଅନ୍ୟତମ ସାର୍ଥକ ସୁ-ପ୍ରବୃତି । ପ୍ରେମପୂର୍ଣ୍ଣ ଜୀବନ ସ୍ୱର୍ଗତୁଲ୍ୟ । ଏହା ମନରୁ କଳୁଷିତ ଭାବନା କୁ ଦୂର କରିଦିଏ । ଜୀବନ ପ୍ରୀତିପୁର୍ଣ୍ଣ

ISSN NO.
2582-208X

ଲାଗେ । ପ୍ରେମ ବିହୀନ ଜୀବନ କଣ୍ଟକ ସଦୃଶ । ନବଚେତନା ର କାବ୍ୟଧାରାରେ ମାନବୀୟ ପ୍ରେମ ପ୍ରଣୟ ର ନିଦର୍ଶନ ମିଳେ ।

ରାଧାନାଥ ରାୟ ଙ୍କ ମେଘଦୂତ, କେଦାରଗୌରୀ, ଚନ୍ଦ୍ରଭାଗା ଉଷା ଆଦି କାବ୍ୟରେ ପ୍ରେମ ପ୍ରଣୟ ର ଚିତ୍ର ମିଳେ । ଫକୀର ମୋହନ ଙ୍କ ପ୍ରେମ ସ୍ୱକୀୟ ତଥା ତ୍ୟାଗପୂର୍ଣ୍ଣ । ମଧୁସୂଦନ ଙ୍କ କବିତାରେ ପ୍ରେମର ଶୁଦ୍ଧତା କୁ ଲକ୍ଷ୍ୟ କରାଯାଏ । ଗଙ୍ଗାଧର ଙ୍କ ଦୃଷ୍ଟିରେ ପ୍ରେମ ମହାନ, ଶାଶ୍ୱତ, ଅବିନଶ୍ୱର ଏବଂ ଚିରନ୍ତନ ।କବିଙ୍କ ଭାଷାରେ –

"କାନ୍ତ –ପ୍ରେମ ଯେବେ, ସାଗର –
ମୋ ' ପ୍ରେମ ହେବତ ସରିତ ପରି
ସାଗର ଅଙ୍କକୁ ସରିତ ଯିବାକୁ
ନଥାଏ ତ ଅପସରି । "(ପ୍ରଣୟ ବଲ୍ଲରୀ –ଗ୍ର · ବ– 164 )

ନନ୍ଦକିଶୋର ଙ୍କ ମତରେ ସ୍ୱଚ୍ଛ ପ୍ରୀତ ଚିରନ୍ତନ । କବିଙ୍କ ଭାଷାରେ – "ନଶ୍ୱର ଯୌବନ ପୁଣି ନଶ୍ୱର ଜୀବନ ନିଷ୍କପଟ ପ୍ରୀତି କିନ୍ତୁ ଅଟେ ଚିରନ୍ତନ । "(ପ୍ରବାସୀ – ବସନ୍ତ କୋକିଳ )

ଏତଦ ବ୍ୟତୀତ ସ୍ନେହ, ଶ୍ରଦ୍ଧା, ଆଧ୍ୟାତ୍ମିକତା, ମାନବେତର ଜୀବ ପ୍ରତି ଦୟା ମନୋଭାବ ଆଦି ମାନବିକ ଅନୁଚିନ୍ତା ଗୁଡିକ ନବଚେତନା କାବ୍ୟଧାରା ରେ ଦେଖାଯାଏ ।

## ସହାୟକ ଗ୍ରନ୍ଥସୂଚୀ

---------------

1· mohit walia –Humanism and Elithic–p – 1

2· ଡ଼· ହରେକୃଷ୍ଣ ମହତାବ –"ଝଙ୍କାର " ସମ୍ପାଦକୀୟ 21ବର୍ଷ ବିଷୁବ ସଂଖ୍ୟ

3·ଡ଼ ବୈଷ୍ଣବ ଚରଣ ସାମଲ –"ମୋ ଦୃଷ୍ଟିରେ ସାମ୍ପ୍ରତିକ ଓଡ଼ିଆ କବିତାରେ ମାନବବାଦୀ ଚିନ୍ତାଧାରା –ମୋ ଦୃଷ୍ଟିରେ ସାମ୍ପ୍ରତିକ ସାହିତ୍ୟ·" ପୃ 457(ସମ୍ପାଦନା –ପରୀକ୍ଷିତ ନନ୍ଦ )

ISSN NO.
2582-208X

4. ଡ଼ ବୈଷ୍ଣବ ଚରଣ ସାମଲ -"ଏକବିଂଶ ଶତାବ୍ଦୀର ସାହିତ୍ୟ" -ଇସ୍ତାହାର, ଅକ୍ଟୋବର /ଡିସେମ୍ବର -1993 .ପୃ -3

5. ଡ଼ ସୌରିନ୍ଦ୍ର ବାରିକ -"ଆଧୁନିକତା, ଆଧୁନିକ ଚେତନା ଓ ଓଡ଼ିଆ କବିତାରେ ଆଧୁନିକତା "-ଆଧୁନିକ ଓଡ଼ିଆ କବିତାର ଦିଗଦର୍ଶନ, ସମ୍ପାଦନା -ଅପୂର୍ବରଞ୍ଜନ ରାୟ, ପୃ -3

6. ଗ୍ରନ୍ଥାବଳୀ -ରାଧାନାଥ, ଫକୀର ମୋହନ, ମଧୁସୂଦନ, ନନ୍ଦକିଶୋର, ଗଙ୍ଗାଧର ।

**ଅଧ୍ୟାପିକା, (ଓଡ଼ିଆ ବିଭାଗ)**
**ରଘୁନାଥ ସମବାୟ ମହାବିଦ୍ୟାଳୟ (ଓଡଗାଁ)**
**ନୟାଗଡ**

ISSN NO.
2582-208X

# ଦେଶ ନିର୍ମାତା ଶ୍ରମିକ



ବାସନ୍ତୀ ଲତା ଜେନା

ଦେଶର ନିର୍ମାତା ଶ୍ରମକ ଆମେରେ
ପରିଶ୍ରମ ମୁଖ୍ୟ କାମ
ଶ୍ରମ କରୁ ଆମେ ପରିବାର ପାଇଁ
ପ୍ରତିପୋଷଣର ନାମ ।

ଏ ଜାତି ଆମର ଆମେ ସ୍ୱଦେଶର
କର୍ମ ଆମ ନିତି ପୂଜା
ଆମ ଶ୍ରମ ପାଇଁ ଦେଶର ଉନ୍ନତି
ଉଡୁଛି ବିଜୟ ଧ୍ୱଜା ।

ଚାଷ ବାସ କରୁ ମନ୍ଦିର ତୋଳାଉ
ରାସ୍ତା ଘାଟ କରି ଥାଉ
ଖରା ବର୍ଷା ଶୀତ ସବୁ ସହି ଆମେ
ଦେଶ ପ୍ରଗତିରେ ଧାଉଁ ।

ISSN NO.
2582-208X

ଖଟି ଖିଆ ଆମେ ଖଟିଲେ ଖାଇବୁ
ନ ହୋଇବୁ ଅଳସୁଆ
ଆମରି ହାତରେ ରଙ୍ଗ ତୂଳି ପରା
ସୁନ୍ଦର ହେବ ଦୁନିଆ ।

ଅଳପରେ ଆମେ ହୋଇ ଥାଉଁ ଖୁସି
ବେଶୀ ଆମ ଲୋଡ଼ା ନାହିଁ
ସ୍ନେହ ଶ୍ରଦ୍ଧା ଟିକେ ଆମକୁ ନ ମିଳେ
ଦୁଃଖ ଆମ ଏଥି ପାଇଁ ।

ବଡ଼ ଠାକୁରଙ୍କୁ ଆଶ୍ରା କରି ଆମେ
କଟି ଥାଉଁ ଦିନ ରାତି
ଅର୍ଥର ଅଭାବ ସଦାବେଳେ ଥାଏ
ରୋଗ ଦିଅଇ ଅଶାନ୍ତି ।

ଭାରତ ମାତାର ସୁଯୋଗ୍ୟ ସନ୍ତାନ
ଓଡ଼ିଆରେ ପରିଚିତ
ଓଡିଶା ଏ ମାଟି ଆମ ପାଇଁ ସ୍ୱର୍ଗ
ରଖିବୁ ତାର ମହତ ।

ଗାନ୍ଧୀନଗର, ନବରଙ୍ଗପୁର

ISSN NO.
2582-208X

# ଶିଖି ଚାଲିଥିବା ସଦାଚାର



ରଘୁନାଥ ତ୍ରିପାଠୀ

ଯେତେ ନଦୀଜଳ ସାଥେ ମିଶିଲେ ବି
ସିନ୍ଧୁ ଲଂଘେ ନାହିଁ ନିଜ କୂଳ
ଖରା ବରଷାରେ ଲବଣାକ୍ତ ରହି
ମେଘ ସରଜଇ ତାର ଜଳ ॥

ତଟିନୀର ତନୁ ଫୁଲେ ବରଷାରେ
ନିଦାଘରେ ଯାଇଥାଏ ଶୁଖି
ମନା କରେ ନାହିଁ ତା ଜଳ କାହାକୁ
ହେଉ ପଛେ ନର ପଶୁ ପକ୍ଷୀ ॥

ଦିବାକର ଉଦେ ହୁଏ ପ୍ରଭାତରେ
ପ୍ରଦୋଷରେ ହୁଏ ଅସ୍ତମିତ
ଯିବା ଆସିବାରେ କରେ ନାହିଁ ଡେରି
ଆଲୋକ ବାଣ୍ଟଇ ଅବିରତ ॥

ଘଡି ମାରି ଜହ୍ନ ଆସେ ଆକାଶରେ
ଉଆଁସରେ ଲୁଚି ଯାଏ କାହିଁ
ପୁନେଇଁ ତିଥିରେ ଢାଳଇ ଜୋଛନା
ନିଜ କାମେ ତାର ହେଳା ନାହିଁ ॥

ISSN NO.
2582-208X

ଖରା ବରଷାରେ ପାଦପଟି ସଦା
ମେଲି ରଖିଥାଏ ତାର କାୟା
ବିନା ଆଶାରେ ସେ ବଡ଼ ଶରଧାରେ
ଦାନ କରେ ଫୁଲ ଫଳ ଛାୟା ॥
ପିଲାବେଳୁ ଆମେ ଭୁଲିବାନି କେବେ
ପାଇଥିବା କା'ର ଉପକାର
କୃତଜ୍ଞତା ସାଥେ କାମ କରି ଯିବା
ଶିଖି ଚାଲିଥିବା ସଦାଚାର ॥

ବାଲିସାହି, ମଧୁପାଟଣା,
କଟକ/8763343263

ISSN NO.
2582-208X

# କାହା ପାଇଁ?

ସ୍ୱାଗତିକା ନାଏକ

ମୋ ଆଖିର ସବୁ ସପନ ଚୋରାଇ
ସପନ ସଜାଅ କାହା ପାଇଁ?
ମୋ ଓଠରୁ ସବୁ ହସକୁ ଚୋରାଇ
ଓଠରେ ହସ ବୁଣ କାହା ପାଇଁ?
ମୋ ଜୀବନର ସବୁ ଖୁସିକୁ ଚୋରାଇ
ଖୁସି ରଚ କାହା ପାଇଁ?
ମୋ ଠାରୁ ମୋତେ ଚୋରାଇ
ଏକ ଅଭିଶପ୍ତା ଜୀବନ
ଉପହାର ଦିଅ କାହାପାଇଁ?

ଟୁଟୁସିଙ୍ଗା, ବୌଦ୍ଧ

ISSN NO.
2582-208X

# ବୋଇତ କଖାରୁ ଫୁଲ ମୁଁ ଅଟଇ



ଜୟନ୍ତ କୁମାର ମଲ୍ଲିକ୍

ଠାକୁର ପୂଜାରେ ଲାଗେନାହିଁ ସିନା
ଲାଗିଥାଏ ପେଟ ପୂଜାରେ -
ହଳଦୀ ରଙ୍ଗର ନରମ ଫୁଲ ମୁଁ
ମିଳିଥାଏ ହାଟ ବଜାରେ,
ବୋଇତ କଖାରୁ ଫୁଲ ମୁଁ ଅଟଇ
ଚାଷୀଘରେ ଖୁସି ଭରଇ -
ଅଣ୍ଡିଆ ଫୁଲଯେ ତୋଳା ହୁଏ ନିତି
ମାଇଫୁଲେ କଷି ଧରଇ,
ସକାଳୁ ସକାଳୁ ସତେଜ ଦିଶଇ
ଝାଉଁଳି ପଡ଼ଇ ଖରାରେ -
ପିଠୋଉ ବେସନେ ଗୋଳାହୋଇ ମୁଁଯେ
ପରିଣତ ହୁଏ ବରାରେ,
ପିଲାଠାରୁ ବୁଢ଼ା ସଭିଙ୍କ ପାଖରେ
ସଦାମୁଁ ଆଦର ପାଏତ -

ଲୋକଙ୍କ ଦେହରେ ଭରି ଖାଦ୍ୟସାର
ସୁସ୍ଥତାର ଗୀତ ଗାଏତ,
ସୁଯୋଗ ପାଇଲେ ମତେ ଆଣିଖାଅ
ଭଜା, ତୁଣ, ବରା କରିକି -
ଜୀଇଁଥିବାଯାଏଁ ଭଲରେ ରହିବ
ନିରୋଗ ଶରୀର ଧରିକି।

ଶୁରଡିହ, ନନ୍ଦିପୁର,
ଦଶରଥପୁର,ଯାଜପୁର
ମୋ;~୯୪୩୭୮୬୫୭୨୭

ISSN NO.
2582-208X

# ବ୍ୟାସକବି ଫକୀରମୋହନ ସାହିତ୍ୟର ଏକ ଦର୍ପଣ



ତେଜସ୍ୱିନୀ ସାମଲ

ଜୀବନର ସାର୍ଥକତା ପ୍ରମାଣିତ ହୁଏ ଦେଶ ଓ ଜାତିର ସେବା କରିବାରେ। ନିଜର ସୁଖ ସ୍ୱାଛନ୍ଦ୍ୟକୁ ପଛରେ ପକାଇ ପ୍ରତିଟି ମୁହୂର୍ତ୍ତକୁ ଦେଶ ଓ ଜାତି ଗଠନରେ ସମର୍ପି ଦେଇଥିବା କାଳଜୟୀ କ୍ରାନ୍ତିକାରୀ ସ୍ରଷ୍ଟା, ଦେଶର ଜାତୀୟତା ଫକୀରମୋହନ ସେନାପତି। ଯାହାଙ୍କ ପାଇଁ ମହାକାଳର କଷଟି ପଥର ହାର ମାନିବାକୁ ପଡିଥିଲା ।

ସ୍ୱର୍ଣ୍ଣଦ୍ୟୁତି ଅଗଣିତ ଜନମାନସରେ ଉକୁଟି ଉଠିଥିଲା ଏହି ନାମ ଯାହା ଦ୍ୱାରା ସେ ମାନବରୁ ସାଜିଥିଲେ ମହାମାନବ । ଯାହାଙ୍କ ଚେଷ୍ଟା, ନିଷ୍ଠା, ଓ ପ୍ରଚେଷ୍ଟାରେ ଉତ୍କଳର ସ୍ୱାଭିମାନ ଫେରିପାଇବା ସହ "ଉତ୍କଳ ସ୍ୱତନ୍ତ୍ର ପ୍ରଦେଶ ଗଠନ" ସମ୍ଭବ ହୋଇଥିଲା। ତାଙ୍କ ଜୀବନର ମୂଳମନ୍ତ୍ର ଥିଲା -

"ଉତ୍କଳ ଜନନୀ ଅଛନ୍ତି ଚାହିଁ
କର କିଛି କାର୍ଯ୍ୟ ଲୋକଙ୍କ ପାଇଁ
ପଛଘୁଞ୍ଚା ଦେଲେ କାର୍ଯ୍ୟ ସାଧନେ
କିବା ପ୍ରୟୋଜନ ସେହି ଜୀବନେ। "

ଏହି ମହାନ ଅମୃତ ସନ୍ତାନ ୧୩ ଜାନୁଆରୀ ଶୁକ୍ରବାର, ୧୮୪୩ରେ ଅବିଭକ୍ତ ବାଲେଶ୍ୱର ଜିଲ୍ଲାର ମଲ୍ଲିକାଶପୁର ଗାଁରେ ଲକ୍ଷ୍ମଣ ଚରଣ ସେନାପତି ଓ ତୁଳସୀ ଦେବୀ ସେନାପତିଙ୍କ ଔରସରୁ ଜନ୍ମଗ୍ରହଣ କରିଥିଲେ । ତାଙ୍କୁ ମାତ୍ର ଏକ ବର୍ଷ ପାଞ୍ଚ ମାସ ବୟସ ହୋଇଥିବା

ISSN NO.
2582-208X

ବେଳେ ତାଙ୍କ ପିତାମାତାଙ୍କୁ ହରାଇଥିଲେ । ବାପା ମା ଛେଉଣ୍ଡ ଫକୀରମୋହନ ଲାଳିତପାଳିତ ହୋଇଥିଲେ ପିତାମହୀ କୁଚିଳା ଦେଈଙ୍କ ଦ୍ୱାରା । ଫକୀରମୋହନଙ୍କ ପ୍ରକୃତ ନାମ ଥିଲା ବ୍ରଜମୋହନ । ଶିଶୁ ବୟସରୁ ପ୍ରାୟତଃ ଅସୁସ୍ଥ ରହୁଥିବାରୁ ତାଙ୍କ ଜେଜେମା ତାଙ୍କୁ ଫକୀରମାନଙ୍କ/ପୀରବାବାଙ୍କ ପାଖକୁ ନେଇଯାଉଥିଲେ । ସେହି ଫକୀରମାନଙ୍କ ସମ୍ମାନାର୍ଥେ ତାଙ୍କ ଜେଜେମା' ତାଙ୍କ ନାଁ ବଦଳାଇ କରିଦେଲେ ଫକୀରମୋହନ ।

ଶୈଶବସ୍ଥାରେ ସର୍ବଦା ରୋଗାକ୍ରାନ୍ତ ଥିବାରୁ ୯ ବର୍ଷ ବୟସରେ ଫକୀରମୋହନ ଚାହାଳିରେ ବିଦ୍ୟା ଶେଷ କରି ଏକ ପାର୍ସୀ ସ୍କୁଲରେ ନାମ ଲେଖାଇ ପାଠ ପଢିଥିଲେ ଏହାପରେ ବାରବାଟୀ ହାଇସ୍କୁଲରେ ପଢି ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିଲେ ସୁଦ୍ଧା ସ୍କୁଲ ଫିସ୍ ଦେଇ ନ ପାରିବାରୁ ପାଠ ପଢା ବନ୍ଦ କରି ଦେଇଥିଲେ। ପରେ ପରେ ଶିକ୍ଷକତା ବୃତ୍ତିରେ ନିଜକୁ ନିୟୋଜିତ କଲେ।

୧୮୬୮ ଖ୍ରୀଷ୍ଟାବ୍ଦରୁ ୧୮୭୦ ଖ୍ରୀଷ୍ଟାବ୍ଦ ମଧ୍ୟରେ ଓଡ଼ିଶାରେ ଓଡ଼ିଆ ଭାଷାକୁ ନେଇ ଦେଖାଦେଇଥିବା ସଙ୍କଟ ଅର୍ଥାତ୍ ଓଡ଼ିଆ ଭାଷାକୁ ବିଲୋପ କରିବା ନିମନ୍ତେ ବଙ୍ଗାଳୀ ଚକ୍ରାନ୍ତକାରୀ ବାଲେଶ୍ୱର ଜିଲ୍ଲା ସ୍କୁଲର ସଂସ୍କୃତ ପଣ୍ଡିତ କାନ୍ତିଚନ୍ଦ୍ର ଭଟ୍ଟାଚାର୍ଯ୍ୟ "ଓଡ଼ିଆ ସ୍ୱତନ୍ତ୍ର ଭାଷା ନୟ" ପୁସ୍ତକ ଲେଖି ଯେଉଁ ଭାଷା ବିଲୋପ ଆନ୍ଦୋଳନର ସୂତ୍ରପାତ କରିଥିଲେ, ତାହାକୁ ଦୃଢ ରୂପେ ଖଣ୍ଡନ କରି ଓଡ଼ିଆ ଭାଷାକୁ ସୁରକ୍ଷା ଦେବା କ୍ଷେତ୍ରରେଫକୀରମୋହନଙ୍କ ଅବଦାନ ଗୁରୁତ୍ୱପୂର୍ଣ୍ଣ। ଏହି ପରିପ୍ରେକ୍ଷୀରେ ଫକୀରମୋହନଙ୍କୁ 'ବେଟା ରଙ୍ଗ ଲିଡ଼ର' ବୋଲି କୁହାଯାଇଥିଲା।

ଓଡ଼ିଆ ଭାଷା ସାହିତ୍ୟକୁ ପଡ଼ୋଶୀ ବଙ୍ଗଳା ଭାଷା ସାହିତ୍ୟ ସହ ସମକକ୍ଷ କରିବା ନିମନ୍ତେ ଓଡ଼ିଆ ଭାଷାରେ ପାଠ୍ୟପୁସ୍ତକ, ସମ୍ବାଦପତ୍ର ଓ ସାହିତ୍ୟ ପତ୍ରିକା ସୃଷ୍ଟି କରିବା ନିହାତି ଆବଶ୍ୟକ ମନେକରି ଉତ୍କଳ ପ୍ରେସ ନାମକ ଏକ କମ୍ପାନୀ ଗଠନ କରି ବାଲେଶ୍ୱର ପ୍ରେସ୍ ସ୍ଥାପନ କରିଥିଲେ। ଏହି ପ୍ରେସରୁ ଓଡ଼ିଆ ପାଠ୍ୟପୁସ୍ତକର ଅଭାବ ଦୂର କରିବା ଉଦ୍ଦେଶ୍ୟରେ କିଛି ପୁସ୍ତକ ଲେଖା ହୋଇଥିଲା ସେଗୁଡିକ ହେଲା – ଭାରତ ବର୍ଷର ଇତିହାସ

ISSN NO.
2582-208X

(ପ୍ରଥମ ଭାଗ 1869), ଦ୍ୱିତୀୟ ଭାଗ (1870), ଅଙ୍କମାଳା( 1870), ପୁଷ୍ପମାଳା, ଓଡିଆ ବାକ୍ୟରଣ, ଜୀବନ ଚରିତ ଓ ରଚିତାବଳୀ ପ୍ରଭୃତି। ଏହାଛଡା ସମ୍ବାଦ ବାହିକା, ବୋଧଦାୟିନୀ ନାମକ ସାହିତ୍ୟ ପତ୍ରିକା ପ୍ରକାଶ ପାଇଥିଲା।

ଅସାଧାରଣ ଶକ୍ତିର ଅଧିକାରି ଫକୀରମୋହନ ଯେଉଁ ଶକ୍ତି ହେଉଛି ଜଡ଼ ଓ ଛାୟାକୁ ଜୀବନ୍ତ କରି ଠିଆ କରାଏ। ଫକୀରମୋହନ ସେନାପତି ଓଡ଼ିଆ ଗଳ୍ପ ସାହିତ୍ୟର ଜନକ ତଥା ଭାଷା ସାହିତ୍ୟର ରକ୍ଷା କବଚ। ଫକୀରମୋହନ ତାଙ୍କ ଜୀବନର ଶେଷ ୨୧ ବର୍ଷ ମଧ୍ୟରେ ଗଳ୍ପ ଏବଂ ଉପନ୍ୟାସ ରଚନା କରିଛନ୍ତି । ୧୮୬୦ରେ ଫକୀରମୋହନଙ୍କ ରଚିତ କ୍ଷୁଦ୍ରଗଳ୍ପ 'ଲଛମନିଆ', ତାଙ୍କରିଦ୍ୱାରା ସମ୍ପାଦିତ ଓ ବାଲେଶ୍ୱରରୁ ପ୍ରକାଶିତ ବୋଧଦାୟିନୀ ପତ୍ରିକାରେ ପ୍ରକାଶିତ ହୋଇଥିଲା । ୧୮୯୮ରେ ତାଙ୍କ ରଚିତ 'ରେବତୀ' ଉତ୍କଳ ସାହିତ୍ୟ ପତ୍ରିକାରେ ପ୍ରକାଶିତ ହୋଇଥିଲା। ପ୍ରଥମ ଓଡ଼ିଆ ଗଳ୍ପର ମାନ୍ୟତା ପାଇଥିଲା । ତାଙ୍କ ରଚିତ କ୍ଷୁଦ୍ରଗଳ୍ପଗୁଡିକ:

ରେବତୀ (୧୮୯୮)-"ଗଳ୍ପଟିରେ ଗୋଟିଏ ଛୋଟ ଝିଅର ପାଠ ପଢିବାର ଉତ୍ସାହ ଓ ଏଥିରେ ତା'ର ଅନ୍ତରାୟ ସାଜୁଥିବା ପାରମ୍ପରିକ ଅନ୍ଧବିଶ୍ୱାସପୂର୍ଣ୍ଣ ଗ୍ରାମୀଣ ସମାଜର ଚିତ୍ରଣ କରାଯାଇଛି । ପରେ ଯେବେ ଗାଁରେ ମହାମାରୀ ବ୍ୟାପିଛି ଏଥିପାଇଁ ତା'ର ଅଧ୍ୟୟନକୁ ଦାୟୀ କରାଯାଇଛି ।" ବାଲେଶ୍ୱରୀ ପଙ୍ଗାଲୁଣ (୧୯୦୭), ବାଲେଶ୍ୱରୀ ରାହାଜାନୀ (୧୯୦୭), ମୌନାମୌନୀ (୧୯୦୭), ପୁନର୍ମୂଷିକୋଭବ (୧୯୦୯), ଡାକମୁନିସୀ (୧୯୧୨), କାଳିକାପ୍ରସାଦ ଗୋରାପ (୧୯୧୩), କମଳାପ୍ରସାଦ ଗୋରାପ (୧୯୧୩), ଧୂଳିଆ ବାବା (୧୯୧୩),ପେଟେଣ୍ଟ ମେଡିସିନ (୧୯୧୩), ସୁନାବୋହୂ (୧୯୧୩), ବିରେଇ ବିଶାଳ (୧୯୧୩), ରାଣ୍ଡିପୁଅ ଅନନ୍ତା (୧୯୧୩), ବଗଲାବଗୁଲୀ (୧୯୧୪) ସଭ୍ୟ ଜମିଦାର (୧୯୧୪), ଅଜାନାତି କଥା (୧୯୧୫), ମାଧମହାନ୍ତିଙ୍କ କନ୍ୟାସୁନା (୧୯୧୫), ଅଧର୍ମ ବିତ୍ତ (୧୯୧୫), ପାଠୋଇ ବୋହୂ (୧୯୧୫), ଗାରୁଡିମନ୍ତ୍ର (୧୯୧୬) ଇତ୍ୟାଦି ।

ISSN NO.
2582-208X

ସାହିତ୍ୟର ବିଭିନ୍ନ ବିଭାଗ ଯଥା ଅନୁବାଦ ସାହିତ୍ୟ (ସଂଅସ୍କୃତରୁ), କାବ୍ୟ-କବିତା ଇତ୍ୟାଦିରେ ସେ ସାହିତ୍ୟ ସୃଜନ କରିଥିଲେ ହେଁ ସେ ମୁଖ୍ୟତଃ ଓଡ଼ିଆ ଉପନ୍ୟାସ ସାହିତ୍ୟର ସୃଷ୍ଟିକର୍ତ୍ତା ରୂପେ ସୁପରିଚିତ । ୧୮୯୭ରୁ ୧୯୧୫ ମଧ୍ୟରେ ରଚିତ ତାଙ୍କର ଚାରୋଟି ଉପନ୍ୟାସ - 'ଛ' ମାଣ ଆଠ ଗୁଣ୍ଠ', 'ମାମୁଁ', 'ପ୍ରାୟଶ୍ଚିତ' ଓ 'ଲଛମା' ତତ୍କାଳୀନ ଅଷ୍ଟାଦଶ ଓ ଊନବିଂଶ ଶତାବ୍ଦୀର ଓଡ଼ିଶାର ସାମାଜିକ ଅବସ୍ଥାର ନିଛକ ଦର୍ପଣ। ଛ' ମାଣ ଆଠ ଗୁଣ୍ଠ ଉପନ୍ୟାସରେ ଜମିଦାରମାନଙ୍କ ଦେଇ ଗରିବ ଚାଷୀମାନଙ୍କର ଶୋଷଣର କାହାଣୀ ବର୍ଣ୍ଣିତ ହୋଇଛି । ଓଡ଼ିଆର ପ୍ରଥମ ଆତ୍ମଜୀବନୀର ମଧ୍ୟ ସେ ଥିଲେ ରଚୟିତା । ଏହାର ନାମ ଥିଲା 'ଆତ୍ମ ଜୀବନ ଚରିତ' ।

ଫକୀରମୋହନଙ୍କ ପ୍ରଥମ କବିତା ସଙ୍କଳନ 'ଉତ୍କଳ ଭ୍ରମଣ' ୧୮୯୨ରେ ପ୍ରକାଶ ପାଇଥିଲା। ତାଙ୍କର ଅନ୍ୟାନ୍ୟ ପଦ୍ୟ କୃତିମାନଙ୍କ ମଧ୍ୟରେ 'ପୁଷ୍ପମାଳା', 'ଉପହାର', 'ପୂଜା ଫୁଲ', 'ପ୍ରାର୍ଥନା' ଓ 'ଧୂଳି' ପ୍ରଧାନ । ନିଜସ୍ୱ କୃତି ବ୍ୟତୀତ ସେ ମଧ୍ୟ ସଂସ୍କୃତ 'ମହାଭାରତ' ଓ 'ରାମାୟଣ'କୁ ଓଡ଼ିଆରେ ଅନୁବାଦ କରିଥିଲେ । ଏ ଦୁଇଟିଯାକ ଆକ୍ଷରିକ ଅନୁବାଦ ନୁହେଁ ବରଂ ଭାବାନୁବାଦ । ତାଙ୍କର ପ୍ରଥମ ସ୍ତ୍ରୀ ରୋଗଶଯ୍ୟାରେ ଥିବାବେଳେ ରାମାୟଣ ଓ ମହାଭାରତକୁ ଓଡ଼ିଆରେ ଶୁଣିବାକୁ ଇଚ୍ଛା କରିବାରୁ ସେ ଏହି ଅନୁବାଦ ସ୍ୱୟଂ କରିଥିଲେ । ତେବେ ତାଙ୍କର ଏହି ରଚନା ଦ୍ୱୟ ଓଡ଼ିଆ ସାହିତ୍ୟକୁ ସମୃଦ୍ଧ କରିଥିବାରୁ ତାଙ୍କର ଏହି ମହତ ପ୍ରଚେଷ୍ଟା ଲାଗି ତାଙ୍କୁ ବ୍ୟାସକବିର ଆଖ୍ୟା ଦିଆଯାଇଛି । ତତ୍କାଳୀନ ବାମରାର ରାଜାଙ୍କଦ୍ୱାରା ସେ ମଧ୍ୟ "ସରସ୍ୱତୀ" ଉପାଧିରେ ଭୂଷିତ ହୋଇଥିଲେ।

ଓଡ଼ିଆ ଭାଷାର ଉନ୍ନତି ଓ ପ୍ରଚାର ନିମନ୍ତେ ସେ ୧୮୬୭ରେ "ଉତ୍କଳ ଭାଷା ଉନ୍ନତି ବିଧାନି ସଭା" ନାମକ ଏକ ସଙ୍ଗଠନ ଗଢ଼ିଥିଲେ । 'ଉତ୍କଳ ସାହିତ୍ୟ ସମାଜର' ୧୯୧୨ ଓ ୧୯୧୭ର ବାର୍ଷିକ ସଭାରେ ସେ ସଭାପତି ଦାୟିତ୍ୱ ତୁଲାଇଥିଲେ । ୧୯୧୫ ମସିହାରେ ଫକୀରମୋହନ ସତ୍ୟବାଦୀ ବିଦ୍ୟାଳୟକୁ ପରିଭ୍ରମଣରେ ଯାଇଥିଲେ ଏବଂ ସେଠାରେ ଉତ୍କଳମଣି ଗୋପବନ୍ଧୁ ଦାସଙ୍କର କାର୍ଯ୍ୟ ଦେଖି ଅତ୍ୟନ୍ତ ଖୁସି ହୋଇଥିଲେ । ଫକିର

ISSN NO.
2582-208X

ମୋହନ ସେନାପତି, ଉତ୍କଳ ଗୌରବ ମଧୁସୂଦନ ଦାସ, ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ, କବିବର ରାଧାନାଥ ରାୟ, ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ସହ ଓଡ଼ିଆ ଭାଷା ଆନ୍ଦୋଳନର ପୁରୋଧା ଭାବରେ ଓଡ଼ିଆ ଭାଷାକୁ ବିଦେଶୀମାନଙ୍କ କବଳରୁ ବଞ୍ଚାଇବା ପାଇଁ ଲଢ଼ିଥିଲେ ।

ଯଥାର୍ଥରେ ଫକୀରମୋହନ ତତ୍କାଳୀନ ସାମାଜିକ, ରାଜନୈତିକ ଓ ସାଂସ୍କୃତିକ ଭାବାବେଗକୁ ଗ୍ରହଣ କରି ଓଡ଼ିଶାର ପାଣି ପବନରେ ପରିପୃଷ୍ଟ ହୋଇଛନ୍ତି। ଦୀର୍ଘ ଦିନର ସାହିତ୍ୟ ସାଧକଙ୍କର ୧୯୧୮ ଜୁନ୍ ୧୪ ରେ ରଜ ସଂକ୍ରାନ୍ତିରେ ମହାପ୍ରୟାଣ ଘଟିଥିଲା।

ଅଧ୍ୟାପିକା
ତୁଳସୀ ମହିଳା ମହାବିଦ୍ୟାଳୟ, କେନ୍ଦ୍ରାପଡା

ISSN NO.
2582-208X

# ମଙ୍ଗଳ ମୟୀ ମାଆ



ଗୁପ୍ତେଶ୍ୱର ଗନ୍ଧ୍

ତୁମେ ଆସ ବୋଲି ଶରତ କାଳରେ
ହସି ଉଠେ ଧରାଧାମ ।
ହରିନିଅ ମାଗୋ ସବୁରି ବେଦନା
ଯିଏ ଜପେ ତୁମ ନାମ ।।୧
ଚମକି ଉଠଇ ଆଲୋକ ମାଳାରେ
ପଲ୍ଲୀ ସହର ନଗର ।
ସବୁରି ହୃଦୟେ ଆନନ୍ଦ ଲହରୀ
ସିନ୍ଧୁ ରେ ଯେହ୍ନେ ଜୁଆର ।।୨
ମାଆ କୋଳେ ଶିଶୁ ଶଶୀ ସାଥେ ନିଶି
ତପନ ଘେନି ଦିବସ ।
ଜଳ ମଧ୍ୟେ ମୀନ ସଦା ପରସନ୍ନ
ସବୁରି ମନ ହରଷ ।।୩
ତୁମେ ନଥିଲେ ମା ମଣିଷ ଜୀବନେ
ଭରିଯାଏ ହା,'ହା'କାର ।
ତୁମରି କୃପାରେ ନିମିଷକେ ଦୂର
ହୁଏ ଅମା ଅନ୍ଧକାର ।।୪

ISSN NO.
2582-208X

କରୁଣା କଟାକ୍ଷେ ଚାହିଁଲା ମାତ୍ରକେ
ରୁହେ ନି କେଉଁ ଅଭାବ ।
ଶୋଭା ବିମଣ୍ଡିତ ଏ ମରତ ପୁର
ହୃଦେ ଜାଗେ ଭକ୍ତି ଭାବ ।।୫
ଫଳ ପୁଷ୍ପେ ଶୋହେ କାନନ କେଦାର
ଗୁଞ୍ଜନ କରେ ମଧୁପ ।
ମହ ମହ ବାସେ ମନ୍ଦିର ଦୁଆର
ଭକ୍ତ ହସ୍ତେ ଧୂପ ଦୀପ ।।୬
ଭକତ ଗହଳି ଲାଗିଯାଏ ମା ଗୋ।
ଶୁଣ ଦୁଃଖୀଙ୍କ ଗୁହାରୀ।
ପୂରଣ କର ମା ସନ୍ତାନ ର ଅଳି
ଦୁଷ୍ଟ ଦାନବ ସଂହାରି ।।୭
କର ଯୋଡ଼ି କରୁଅଛି ମୁଁ ମାଗୁଣି
ହରିନିଅ ରୋଗ ଶୋକ।
ଦୀନ ଜନ ପ୍ରତି କରୁଣା ର ବାରି
ଢାଳି ଦିଅ ମେଣ୍ଟୁ ଭୋକ ।।୮
ହିଂସା ଦ୍ୱେଷ ତେଜି ପରସ୍ପର ମଧ୍ୟେ
ରହି ଥାଉଁ ସ୍ନେହ ଶ୍ରଦ୍ଧା।
ସୁଗମ କର ମା ପ୍ରଗତି ର ପଥ
ଦୂର ହେଉ ସର୍ବ ବାଧା ।।୯
ମମତା ମୟୀ ଗୋ ଦିଅ ସଦ୍ ବୁଦ୍ଧି
ତୁମେ ଏକା ମୋର ସାହା ।
ମାନବ ଜୀବନ କରିବ ସଫଳ
ହେ ମଙ୍ଗଳ ମୟୀ ମାଆ ।।୧୦

ସମାସିଂହା; ଝାରସୁଗୁଡ଼ା
ଦୂର ଭାଷ :୭୬୮୩୮୪୧୦୬୪

ISSN NO.
2582-208X

# ତମେ କେଉଁଠି ଥିବ ସ୍ମୃତିରେଖା



ବିଶ୍ୱନାଥ କର

ବେଶ୍ ଏଇ କେଇଦିନ ହେଲା ମୁଁ ଭାବି ଚାଲୁଛି
ତମେ କେଉଁଠି ଥିବ ସ୍ମୃତିରେଖା
ଆର୍ଦ୍ର ଶ୍ରାବଣରେ
ମଧୁ ଫଗୁଣରେ
କେଉଁଠି ଥିବ ତମେ
କେବେ ଯଦି ମେଘ ଆସେ
କେବେ ଯଦି ଜହ୍ନର ନିଆଁ ଝୁଲ ଆକାଶରୁ ଖସେ ।

ଅଳସ ସଞ୍ଜରେ
ନିଶାଗ୍ରସ୍ତ ଆଦ୍ୟ ପାହାନ୍ତି ରେ
କିଏ ତମକୁ ବାଟ କଢେଇ ନେଉଥିବ ଆଙ୍ଗୁଳି ଧରି
ଯେଉଁଠି ନଈର କୁଳୁ କୁଳୁ ଗୀତ ସାଥେ
ଶୁଭୁଥିବ ଜାତି ଜାତି ପକ୍ଷୀଙ୍କ କାକଳି ।

କୃଷ୍ଣଚୂଡା ତଳେ
ଡହ ଡହ ଖରା ଛାଇ ଖେଳରେ
ତମେ ଅଟକି ଯାଇନ ତ
ଆହତ ପ୍ରଜାପତିର ଡେଣାରେ ନିଜ ସ୍ୱପ୍ନକୁ ଖୋଜି ଖୋଜି
ଅଟକି ଯାଇନ କି ତମେ

ISSN NO.
2582-208X

ଝଡି ପଡିଥିବା ଫୁଲ ର ଲାଲ୍ ଗାଲିଚାରେ
ବିନିଦ୍ର ଆଖି ମଳି ମଳି ।

ଏବେ ତମେ କେଉଁଠି ଅଛ ସ୍ମୃତିରେଖା
ବାହାରେ କାଳ ବୈଶାଖୀ ର ଝଡ
ଘର ଭିତରେ ଘମା ଘୋଟ ଅନ୍ଧାର
ନିଦ୍ରାହୀନ ଆଖି ତାରା ହୀନ ଆକାଶ
ତମର କାଳେ ରାସ୍ତା ପାରି ହେଲେ ଘର ।

ଏବେ ତ ଖୋଲି ଗଲାଣି ଚାରିଦ୍ୱାର
ଧର୍ମ ଅର୍ଥ କାମ ମୋକ୍ଷ
ତମେ କେଉଁ ଦ୍ୱାରରେ ଯାଉ ଥିବ ଶ୍ରୀମନ୍ଦିର ଭିତରକୁ
କେଉଁ କାମନାରେ
କେଉଁ ବାହାନାରେ ।

ପ୍ରେମ ପ୍ରତାରଣା ଛଳନା ପ୍ରବଞ୍ଚନା
ଏସବୁ ତ ଗୋଟେ ଗୋଟେ ଦୁର୍ଘଟଣା
ଜୀବନ ତ ଗପଟିଏ
କେଉଁ ସୁନା ମିରିଗ ପଛରେ ତମେ ଦୌଡୁଥିବ ସ୍ମୃତିରେଖା
କେଉଁଠି ଥିବ ତମେ
ବେଶ୍ ଏଇ କେତେଦିନ ହେଲା ମୁ ଭାବି ଚାଲୁଛି
ତମେ କେଉଁଠି ଥିବ ସ୍ମୃତିରେଖା ।

ସାଇ କଲୋନୀ, ଦେଉଳସାହି,
ତୁଳସୀ ପୁର, କଟକ୭୫୩୦୦୮
ସମ୍ପର୍କ 9776332639
ମେଲ୍ biswanathkar1956@gmail.com

ISSN NO.
2582-208X

# ତୁ ।।



ସୁଧୀର ମେହେର

ସୂରୁ ଯଉଇଁଲେ
ତୁ ମନେପଡୁ...
ସଞ୍ଜ ନଇଁଲେ ତୁ,
ରାତ୍ରର ଗାଢ ଅନ୍ଧାରରେବି ତୁ....
ସପନ ଭିତରେ ତୁ,
ତୁହିଁ ତୁ....
ସମଗ୍ର ସତ୍ତାରେ ମୋର
ବ୍ୟାପି ରହିଥାଉ ।।

ତୋ' ବିନାସରେ ନାହିଁ ଦିନ,
କଟେନାହିଁ ବସନ୍ତ, ଫଗୁଣ....
ରାତିଦିନ ଏକା ଲାଗେ-
ସବୁକିଛି ତୁଚ୍ଛ ଲାଗେ,
ଫିକାଫିକା ଲାଗେବି ଏଇ
ରଙ୍ଗ ବୋଳା ନୀଳ ଦିଗନ୍ତ ।।

ISSN NO.
2582-208X

ତୋ'ଠାରୁ
କିଛି ପାଇବାର ଆଶା ନାହିଁ ମୋର,
ନାହିଁବି ତତେ ନେଇ କିଛି ସ୍ୱପ୍ନ,
ତଥାପି ମନ କହେ- ତୁ
ହିଁ ମୋର ସବୁକିଛି, ପ୍ରାଣର ସ୍ପନ୍ଦନ ।।

କେଜାଣି,
ମୋତେ ନେଇ ତୁ କ'ଣ କ'ଣ ଭାବୁ ସତେ!
ଭାବୁକି ମୁଁ ଗୋଟେ ପାଗଳ...
ସତ ସତ,
ପାଇବାର କିଛି ଆଶା ନଥାଇ
କାହାକୁ ଏତିକି ଭଲ ପାଇବା
ନୁହେଁକି ଗୋଟେ ପାଗଳପଣ !!

ଜାଣେ,
ଏବେ ତୋ'ର ସହରରେ ଫୁଲର ଋତୁ,
ଡେଣା ତୋ''ର ବେଶ୍ ଚଳଚଞ୍ଚଳ,
ଆଖିରେ ନୀଳ ଦିଗନ୍ତକୁ ଛୁଇଁବାର ଅଦମ୍ୟ ନିଶା
ତଥାପି, ନିଜର ଭାବୁଚୁ ଯଦି
କଥାଟିଏ ମନେ ରଖିଥିବୁ,
ଆଜିକାଲି ସମୟଟା ଜମ୍ମା ଭଲ ନୁହଁ ।।

ISSN NO.
2582-208X

ଦିନର ରକ୍ଷକ
ରାତ୍ରର ଭକ୍ଷକ ସାଜି ଲୁଟିନେବ
ତୋ'ଜୀବନର ସମସ୍ତ ଅଭୀପସା,
ତତଲା ନିଶ୍ୱାସରେ ତା'ର ପୋଡିଯିବ
ତୋ' ଦେହର ରଙ୍ଗୀନ ପର ସବୁ
ତୁ ଆଉ ପାରିବୁନି ଉଡି ।।

ଏଣୁଁ , ତୁ-
ହାତେ ମାପି ଚାଖଣ୍ଡ ଚାଲିବୁ....
ପ୍ରତିଟି ମୋଡରେ ନିଜକୁ ଜଗି ରହିଥିବୁ
ଦୁନିଆଟା ବଡ ବେଇମାନ,
ଏଇ ଝାଟିମାଟିର କୁଡିଆ ହିଁ ସ୍ୱର୍ଗ ତୋ'ର /ମର୍ତ୍ତ୍ୟ ତୋ'ର,
ବାକି ସବୁ ମିଛ ମାୟା
କ୍ଷଣିକର/କଳିକର ।।

ଚର୍ଚେଗୁଡା, ଜୁନାଗଡ଼,
କଳାହାଣ୍ଡି,ପିନ୍-୭୬୬୦୧୪
ସଂପର୍କ-୯୫୮୩୫୮୮୮୭

ISSN NO.
2582-208X

# ରତ୍ନାକର ଚଇନିଙ୍କ ଉପନ୍ୟାସ: ଏକ ଅନୁଶୀଳନ



ଡକ୍ଟର ବିକ୍ରମ ବେହେରା

ଉପନ୍ୟାସ ଆଧୁନିକ ଯୁଗର ଏକ ବିଶିଷ୍ଟ ସାରସ୍ୱତ କଳା । ଆଧୁନିକ ମାନବ ଜୀବନ ସହିତ ଏହାର ନିବିଡ ସମ୍ପର୍କ ରହିଛି । କାରଣ ଏହା ବାସ୍ତବ ଓ ପୂର୍ଣ୍ଣାଙ୍ଗ ଜୀବନର ଏକ ଗଦ୍ୟ କାହାଣୀ କହିଲେ ଅତ୍ୟୁକ୍ତି ହେବ ନାହିଁ । ଏହା ସମାଜର ରୀତିନୀତି ଏବଂ ଆଗ୍ରର ବ୍ୟବହାର ପ୍ରକାଶ କରିବା ସଙ୍ଗେ ସଙ୍ଗେ କଳାତ୍ମକ ଭଙ୍ଗୀରେ ଲୋକ ଚରିତ୍ରର ପରିପ୍ରକାଶ କରିଥାଏ । ଯେଉଁ କଥାକାରଙ୍କର ଲୋକ ଜୀବନ ସମ୍ପର୍କୀୟ ଧାରଣା ଯେତେ ସୂକ୍ଷ୍ମ, ତାଙ୍କ ରଚନା ସେତେ ବାସ୍ତବ ରୂପକୁ ପରିପ୍ରକାଶ କରିବାରେ ସକ୍ଷମ ।

ଇଂରାଜୀ ଶବ୍ଦ Novel କୁ ଉପନ୍ୟାସର ପ୍ରତିଶବ୍ଦ ଭାବରେ ଗ୍ରହଣ କରାଯାଏ । ଏହି Novel ଶବ୍ଦଟି ଏକ ଇଟାଲୀୟ ଶବ୍ଦ Novella ର ଇଂରାଜୀ ରୂପାନ୍ତର । 'ପୂର୍ଣ୍ଣଚନ୍ଦ୍ର ଭାଷା କୋଷ' ରେ ଉପନ୍ୟାସର ଅର୍ଥ କରାଯାଇଛି କଳ୍ପିତ ବୃତ୍ତାନ୍ତ ବା ଉପକଥା ।

ଉପନ୍ୟାସ ୨ ନିର୍ଦ୍ଦିଷ୍ଟ ସ୍ୱରୂପ ନିର୍ଦ୍ଧାରଣ କରିବା ସହଜସାଧ୍ୟ ନୁହେଁ । ଉପନ୍ୟାସ ଏପରି ଏକ କଳା, ଯେଉଁଥିରେ ମଣିଷ ପ୍ରକୃତିର ଟିକିନିଖି ବର୍ଣ୍ଣନା ଥାଏ । ସୁଖ ସମୃଦ୍ଧିର ବିଭିନ୍ନ ଦିଗ, ଜ୍ଞାନ, ଦର୍ଶନ ଓ ହାସ ପରିହାସର ଜୀବନ ଚିତ୍ର, ସହଜ ସ୍ୱଚ୍ଛନ୍ଦ ଭାଷାରେ ସମଗ୍ର ପୃଥିବୀକୁ ଜଣାଇ ଦିଏ । ଫଳତଃ ମାନବ ଅନ୍ତରର ସଫଳତା, ସତ୍ୟତା ପ୍ରକାଶ କରିବାରେ ଓ ସମାଜ ଗଠନ କରିବାରେ ଏହା ସହାୟକ ହୋଇଥାଏ ।

ISSN NO.
2582-208X

ଉପନ୍ୟାସ ଆଧୁନକ କାଳରେ ଏକ ସାହିତ୍ୟ ଶିଳ୍ପ । ପାଶ୍ଚାତ୍ୟ ସାହିତ୍ୟରେ ସର୍ବ ପ୍ରଥମେ ଅଷ୍ଟାଦଶ ଶତାବ୍ଦୀରେ ଆଧୁନକ ଉପନ୍ୟାସର ପ୍ରତିଷ୍ଠା ହେଲ୍ । ୧୭୪୦ ଖ୍ରୀଷ୍ଟାଦ୍ଧରେ ପ୍ରକାଶିତ ରିଚ୍ଛାର୍ଡସନଙ୍କ ଉପନ୍ୟାସ 'ପାମେଲ୍' ଇଂରାଜୀ ସାହିତ୍ୟର ସର୍ବ ପ୍ରଥମ ଉପନ୍ୟାସ ।

ଉନବିଂଶ ଶତାବ୍ଦୀରେ ଭାରତୀୟ ସାହିତ୍ୟରେ ଉପନ୍ୟାସର ଜନ୍ମ । ବଙ୍ଗଳା ସାହିତ୍ୟରେ ବଙ୍କିମ ଚନ୍ଦ୍ର ଚାଟାର୍ଜୀଙ୍କ "ଦୁର୍ଗେଶ ନନ୍ଦିନୀ" (୧୮୬୫) କୁ ପ୍ରଥମ ଐତିହାସିକ ଉପନ୍ୟାସ ଭାବେ ଗ୍ରହଣ କରାଯାଏ । ସେହିପରି ମରାଠୀ ସାହିତ୍ୟରେ ବାବା ପଦ୍ମନନୀଙ୍କ ଉପନ୍ୟାସ 'ଯମୁନା ପର୍ଯ୍ୟଟନ' (୧୮୫୭) ଓ ମାଲାୟାଲମ୍ ସାହିତ୍ୟ ରେ ଅଷ୍ଟୁନି ହୁଙ୍ଗଡିଙ୍କ ଉପନ୍ୟାସ 'କୁନ୍ଦୁଲତା'(୧୮୮୭) ଉପନ୍ୟାସ ରଚନା ପ୍ରଥମ ପ୍ରୟାସ ।

ଓଡିଆ ସାହିତ୍ୟରେ ଉପନ୍ୟାସ ସୃଷ୍ଟି ପୂର୍ବରୁ ଖ୍ରୀଷ୍ଟୀୟ ଅଷ୍ଟାଦଶ ଶତାବ୍ଦୀରେ ବ୍ରଜନାଥ ବଡଜେନାଙ୍କ 'ଚତୁର ବିନୋଦ' ଓଡିଆ ଉପନ୍ୟାସର ଆଦ୍ୟାଭାସ ଦେଖିବାକୁ ମିଳେ । ଉମେଶଚନ୍ଦ୍ର ସରକାରଙ୍କ 'ପଦ୍ମମାଳୀ'(୧୮୮୮) ଖ୍ରୀଷ୍ଟାଦ୍ଧରେ ପ୍ରକାଶିତ ହୋଇଥିଲ୍ । ଏହା ଥିଲ୍ ଏକ ସ୍ୱୟଂ ସମ୍ପୂର୍ଣ୍ଣ ପ୍ରଥମ ଓଡିଆ ଉପନ୍ୟାସ । ୧୮୯୮ ଖ୍ରୀଷ୍ଟାଦ୍ଧରେ ରଚତ ଗୋପାଳବଲ୍ଲଭ ଦାସ 'ଭୀମାଭୂୟାଁ' ପ୍ରକାଶିତ ହେଲ୍ ୧୯୦୮ ଏବଂ ଏହା ପ୍ରଥମ ଆଦିବାସୀ ଉପନ୍ୟାସର ମାନ୍ୟତା ପାଇଲ୍ ।

ଫକୀର ମୋହନ ସେନାପତି ଓଡିଆ ଉପନ୍ୟାସ କ୍ଷେତ୍ରରେ ଅବତୀର୍ଣ୍ଣ ହୋଇ ଓଡିଆ ଉପନ୍ୟାସର ଯେଉଁ ଭିତ୍ତି ସ୍ଥାପନ କଲେ ତାହା ସ୍ୱତନ୍ତ୍ର । ତାଙ୍କର ପ୍ରଥମ ଉପନ୍ୟାସର ଯେଉଁ ଭିତ୍ତି ସ୍ଥାପନ କଲେ ତାହା ସ୍ୱତନ୍ତ୍ର । ତାଙ୍କର ପ୍ରଥମ 'ଛ' ମାଣ ଆଠଗୁଣ୍ଠ' ଧାରାବାହିକ ଭାବରେ ୧୮୯୭ ଖ୍ରୀଷ୍ଟାଦ୍ଧରୁ ଉତ୍କଳ ସାହିତ୍ୟ ପତ୍ରୀକାରେ ପ୍ରକାଶିତ ହୋଇ ୧୯୦୭ ଖ୍ରୀଷ୍ଟାଦ୍ଧରେ ପୁସ୍ତକ ଆକାରରେ ପ୍ରକାଶିତ ହେଲ୍ । ତାପରେ 'ଲଛମା' (୧୯୦୧), 'ମାମୁଁ'(୧୯୧୩) ଓ 'ପ୍ରାୟଶ୍ଚିତ'(୧୯୧୫) ରେ ଉପନ୍ୟାସ ତିନୋଟି ପ୍ରକାଶିତ ହୋଇଥିଲ୍ ।

ଓଡିଆ ଉପନ୍ୟାସରେ ଧାରାବାହିକତା ଓ ପରିବର୍ତ୍ତନଶୀଳତା ହାତ ଧରାଧରି ହୋଇ ଅନେକ ଦିନ ପରେ ଏଠାରେ ଉପନୀତ ହୋଇଛନ୍ତ । ସ୍ୱାଧିନତା ପ୍ରାପ୍ତି ପରେ ଭାରତୀୟ

ISSN NO.
2582-208X

ଜନଜୀବନରେ ଯେଉଁ ସ୍ୱପ୍ନ ଭଙ୍ଗ ଦେଖାଦେଇଛି ତାହା ମଧ୍ୟ ଉପନ୍ୟାସ ଭାବଧର୍ମକୁ ବହୁ ଦୃଷ୍ଟି କୋଣରୁ ପ୍ରଭାବିତ କରିଛି । ସାମ୍ପ୍ରତିକ ଦୁର୍ନୀତି, ଭ୍ରଷ୍ଟାଚାର, ଅନ୍ୟାୟ, ଶୋଷଣ, ହିଂସା, ବିଛିନ୍ନତାବାଦ, ସାମ୍ପ୍ରଦାୟୀକତା ପ୍ରଭୃତି ସାହିତ୍ୟର ମନୋଭୂମିକୁ ଆଚ୍ଛନ୍ନ କରି ରଖିଛି । ତହିଁ ରେ ନାରୀ ଜିବନ ଚର୍ଯ୍ୟା, ସମସ୍ୟ ଆଦିକୁ ଔପନ୍ୟାସିକ ପ୍ରାଧାନ୍ୟ ଦେଇଛନ୍ତି । ବହୁ ବିଦ୍ୱାନ, ବିଦଗ୍ଧ, କଥାଶିଳ୍ପି ଗୋଟିଏ ପରେ ଗୋଟିଏ ଆସି ଏହି ଜଗତରେ ନଜର କଳା ମଣ୍ଡନ କରିଛନ୍ତି । ଗୋପୀନାଥ ମହାନ୍ତି, ସୁରେନ୍ଦ୍ର ମହାନ୍ତି, କାହ୍ନୁଚରଣ ମହାନ୍ତି, ଶାନ୍ତନୁ କୁମାର ଆଚାର୍ଯ୍ୟ, ବିଭୁତି ପଟ୍ଟନାୟକ ଆଦି ଉପନ୍ୟାସ ରଚନା କରୁଥିଲେ ହେଁ ଔପନ୍ୟାସିକ ରତ୍ନାକର ଚଇନ ଉପନ୍ୟାସ ରଚନାରୁ ବରତି ଲାଭକରି ନାଟକ ରଚନାରେ ମନୋନବେଶ କରିଛନ୍ତି ।

ନିର୍ଦ୍ଧିଷ୍ଟ ଏକ ପୃଷ୍ଠଭୂମି ନ ଥାଇ ରଚନା କରିବା ଅସମ୍ଭବ । ଏକ ପରିକଳ୍ପିତ ପୃଷ୍ଠ ଆଧାରକରି ଲେଖକ ତାର ସୃଷ୍ଟି ସର୍ଜନା କରେ । ଏହି ଦଷ୍ଟିକୋଣରୁ ଔପନ୍ୟାସିକ ରତ୍ନାକର ଚଇନଙ୍କର ପ୍ରତ୍ୟେକଟି ଉପନ୍ୟାସ ସମ୍ଭାର, ସଭ୍ୟତାର ଅଗ୍ରଗତି ସର୍ବତ୍ର ସମତାଳରେ ଘଟି ନାହିଁ । ସାହିତ୍ୟର ଆଧୁନକତା ତେଣୁ ପୃଥିବୀର ସବୁଠି ଏକା ସାଙ୍ଗରେ ଆସି ନାହିଁ । ପାଶ୍ଚାତ୍ୟ ସାହିତ୍ୟରେ ଆଜି ଯାହା ଘଟୁଛି ଭାରତୀୟ ସାହିତ୍ୟରେ ତାହା ଆସିବ କିଛି ଦିନ ପରେ । ଏବଂ ଯାହା ଏବେ ସବୁ ଏଠାରେ ଘଟୁଛି ତାହା ବିଶ୍ୱ ସାହିତ୍ୟ ସ୍ତର ରେ ପହଞ୍ଚିବ କିଛିଦିନ ପରେ । ଠିକ୍ ସେହିଭଳି ଓଡିଆ ଉପନ୍ୟାସ କ୍ଷେତ୍ରରେ ଦେଖାଦେଇଛି ନୂତନତା ।

## ଔପନ୍ୟାସିକ ରତ୍ନାକର ଚଇନଙ୍କ ଜୀବନୀ ଓ ସାହିତ୍ୟକୃତି:

ପ୍ରାୟ ସବୁ ଘଟଣାରେ ଏକ ସାମୟିକ ମୂଲ୍ୟ ଥାଏ । ଏକ ନିର୍ଦ୍ଦିଷ୍ଟ ସମୟପରେ ସେ ଘଟଣା ହୋଇଯାଏ ଗଣତାନ୍ତ୍ରିକ । ମଣିଷର କୌଣସି ଗୋଟିଏ ଘଟଣା ଯେ ଜୀବନର ମହାସ୍ରୋତରୁ ବିଚ୍ଛିନ୍ନ ହୋଇଯିବ ତାହାର କୌଣସି ଠିକଣା ନାହିଁ । ବାସ୍ତବିକ ଔପନ୍ୟାସିକ ରତ୍ନାକର ଚଇନଙ୍କ ଉପନ୍ୟାସ ମାନଙ୍କର ଅଧିକାଂଶ କଥାବସ୍ତୁ ଜୀବନର ଏଭଳ ଗୋଟିଏ ଗୋଟିଏ ଘଟଣାକୁ ତୋଳ ଆଧାରିତ । ଏହି ପରି ବାସ୍ତବାଶ୍ରୟୀ ଘଟଣାବଳୀକୁ ତାଙ୍କର କଲମ ମୁନରେ ଧରି ତୋଳଛନ୍ତି ।

ISSN NO.
2582-208X

ସମାଜର ନିମ୍ନ ବର୍ଗୀୟ, ମଧ୍ୟବିତ୍ତ, ନିମ୍ନମଧ୍ୟବିତ୍ତ ପରିବାରବର୍ଗର, ଅନୁଭୂତି ସମ୍ଭାର, ଅନୁଭୂତିର ଆନ୍ତରିକତା ସହ ନିଷ୍କପଟ ରଚନାଶୈଳୀ ପୁଣି ବାସ୍ତବ ଘଟଣା ଚରିତ୍ର ଓ ଅନୁଭୁତିର ସ୍ୱଚ୍ଛନ୍ଦ ରଚନାଶୈଳୀ ତାଙ୍କୁ ଏକ ସଫଳ ଔପନ୍ୟାସିକ ଭାବରେ ଗଢିତୋଳେ । ଛୋଟ ଛୋଟ ସଂଳାପ,ସରଳ ଶବ୍ଦ ଓ ଭାଷାର ସାରସ୍ୱତା କୁ ସେ ତାଙ୍କ ଉପନ୍ୟାସରେ ସାର୍ଥକ ରୂପ ଦେଇଛନ୍ତି ।

ଔପନ୍ୟାସିକ ରତ୍ନାକର ଚଇନି ଓଡିଆ ଉପନ୍ୟାସ କ୍ଷେତ୍ରରେ ଏକ ସୁପରିଚିତ ନାମ । ସ୍ୱାଧିନତା ପରବର୍ତ୍ତୀ କାଳରେ ବିଶେଷତଃ ୧୯୫୦ ପରବର୍ତ୍ତୀ କାଳର ଜଣେ ସାର୍ଥକ ଔପନ୍ୟାସିକ । ରତ୍ନାକର ଚଇନିଙ୍କୁ 'କଳଙ୍କିତ ସୂର୍ଯ୍ୟ' ପାଇଁ ଓଡିଆ ସାହିତ୍ୟ ଏକାଡେମୀ, ୧୯୭୭ ମସିହାରେ ପୁରସ୍କୃତ ଓ ସମ୍ମାନିତ କରିସାରିଛନ୍ତି । ସେ ଏକ ବିଶିଷ୍ଟ ନାଟ୍ୟକାର ଓ ସମାଲୋଚକ ଭାବରେ ସମ୍ମାନିତ । ସେ ୧୯୮୨ ମସିହାରେ ଝଙ୍କାର ପୁରସ୍କାର ଲାଭ କରିଛନ୍ତି ।

ଏଯାବତ୍ ଔପନ୍ୟାସିକ ରତ୍ନାକର ଚଇନିଙ୍କର ଉପନ୍ୟାସ ଗୁଡିକ ହେଲା;- 'ଲୁହ ଲହରୀ' (୧୯୫୪), 'ରାତ୍ରୀର ରଜନୀଗନ୍ଧା'(୧୯୫୭), 'ବିଷ ବଳୟ', 'ଫୁଲର ଫଗୁଣ'(୧୯୭୦), 'ଅବ୍ୟକ୍ତ ଗୋଧୁଳି'(୧୯୭୨) ଓ 'ଉପନ୍ୟାସ ମାଳା'(୨୦୧୪)ପ୍ରମୁଖ ଉପନ୍ୟାସ ପ୍ରକାଶିତ ହୋଇଛି ।

## ବିଷୟବସ୍ତୁ

ଏହି ଉପନ୍ୟାସ ଗୁଡିକ ସମାଜରେ ଘଟୁଥିବା ନାରୀ ନିର୍ଯ୍ୟାତନା, ନାରୀର ସାମାଜିକ ସମ୍ମାନ, ନାରୀତ୍ୱର ସମ୍ମାନ, ନାରୀର ମୁକ୍ତି, ସ୍ୱାଧିନତା, ନାରୀର ସତୀତ୍ୱ ପ୍ରଭୃତି ସମ୍ପର୍କୀତ କାହାଣୀ କୁ କେନ୍ଦ୍ରକରି ରଚିତ ହୋଇଛି । ନାରୀର ଅପର ପାର୍ଶ୍ୱରେ ଯେ ଜଣେ ପୁରୁଷ ରହିଛି ତାହା ନାରୀ ନିର୍ଯ୍ୟାତନା, ନୀରତ୍ୱ, ନାରୀ ସ୍ୱାଧିନତା, ନାରୀ ସତୀତ୍ୱ ପ୍ରମୁଖ ଘଟଣା ନିମନ୍ତେ ସ୍ୱତନ୍ତ୍ର ଭାବରେ ଦାୟୀ । କେବଳ ପୁରୁଷ ନାରୀ ନିର୍ଯ୍ୟାତନାର ପ୍ରମୁଖ ଭୂମିକା ଗ୍ରହଣ କରିନାହିଁ । ସେହି ନାରୀ ଶାଶୁ,ନଣନ୍ଦ ରୂପରେ ମଧ୍ୟ ନାରୀ ନିର୍ଯ୍ୟାତନାକୁ ପ୍ରଶ୍ରୟ ଦେଇଥାଏ ।

ISSN NO.
2582-208X

କିନ୍ତୁ ପୁରୁଷ ହିଁ ନାରୀ ନିର୍ଯ୍ୟାତନାର କେନ୍ଦ୍ରବିନ୍ଦୁ ଭାବରେ ବିବେଚନା କରିଛନ୍ତି ଔପନ୍ୟାସିକ ତାଙ୍କର ଉପନ୍ୟାସ ମାଧ୍ୟମରେ । 'ଲୁହଲହରୀ' ଉପନ୍ୟାସର ଔପନ୍ୟାସିକ ଆଧୁନିକ ଯୁଗରେ କିଭଳି ପରିବାର ମଧ୍ୟରେ ସ୍ନେହ, ପ୍ରେମ, ଭଲପାଇବାର ଅଭାବ ଦେଖାଦେଇଛି ତାହା ସ୍ପଷ୍ଟ ଭାବରେ ପ୍ରକାଶ କରିଛନ୍ତି । ଗୋପୀମୋହନ ବାବୁ ତାଙ୍କର ବଡ ପୁଅକୁ ନେଇ କେଉଁ ସୁଦୂରକୁ ଚାଲିଯାଇଛନ୍ତି । ରାଧା ଦେବୀ ସାନ ପୁଅ ଚନ୍ଦ୍ରକୁ ଧରି ପୁରୀରେ ନିଜ ଘରେ ଚାହିଁ ରହିଛନ୍ତି ସ୍ୱାମୀ ଓ ପୁଅର ଫେରିବା ବାଟକୁ । କମଳାକାନ୍ତ ଦାସଙ୍କ 'ବୋଉ' ଉପନ୍ୟାସରେ ବ୍ରଜ ଅଳ୍ପ ବୟସରେ ମାତୃହରା ହୋଇଛି । ସାବତ ମାଆର ଚିରନ୍ତନ ଅତ୍ୟାଚାରକୁ ସହ୍ୟ ନ କରି ସେ ଘର ଛାଡିଛି । ମା ହେବ କିଏ ? ବିଶେଷ କରି ଉତ୍କଳୀୟ ଜନନୀ ନିଜେ ନଖାଇ ସନ୍ତାନକୁ ଖୁଆଇବା ସତସତ ବିପଦ କୁ ନିଜ ମଥାକୁ ଟେକି ନେଇ ସନ୍ତାନକୁ ସେଥିରରୁ ଦୁରେଇ ରଖିବାକୁ ଚେଷ୍ଟା କରେ । ତାର ଯେଉଁ ଆତ୍ମତ୍ୟାଗ ତାହା ଅନ୍ୟ କାହାଠାରେ ଦେଖାଯାଏ ନାହିଁ । ଠିକ୍ ସେହିପରି 'ଲୁହ ଲହରୀ' ଉପନ୍ୟାସର ବିଜୟ ସେଥିରୁ ବଞ୍ଚିତ ହୋଇ ଯେଉଁ ଯନ୍ତ୍ରଣା ଭୋଗ କରିଛି ତାହା କେବଳ ସେ ଜଣେ । ସାନ ଭାଇ ଚନ୍ଦ୍ର, ନିଜ ବାପା, ଭାଇର ପରିଚୟ ନ ପାଇ ନିଜ ପ୍ରେମ କୁ ପାଇବା ପାଇଁ ପ୍ରେମିକା ବନି ସହିତ କରିଥିବା ପ୍ରତିଜ୍ଞାକୁ ପାଳନ କରିଛି । ଶେଷରେ ଅଣବାପୁଆର ତିରସ୍କାର ସହି ନ ପାରିବାର ଦୁଃଖ ବନି ଆଉ ଚନ୍ଦ୍ର ଦୁଇ ପରିବାରର ସମ୍ମାନ କୁ ଆଖି ଆଗରେ ରଖି କେଉଁ ଆଡେ ଚାଲିଯାଇ ନାହାନ୍ତି । ସେମାନେ ସବୁଦିନ ପାଇ ବିଷ ଖାଇ ଆତ୍ମହତ୍ୟା କରିଛନ୍ତି । ଗୋପୀ ମୋହନ ବାବୁ ନିଜର ଭୁଲ ଜାଣିପାରି ଫେରି ଆସିଛନ୍ତି । ସେତେବେଳେ ବଡ ପୁଅ, ବୋହୂକୁ ପାଇ ରାଧାଦେବୀଙ୍କର ଖୁସିରେ ପ୍ରାଣ ବାୟୁ ଚାଲି ଯାଇଛି । ଗୋଟିଏ ପଟେ ସାନ ପୁଅର ବିଚ୍ଛେଦ, ଅନ୍ୟପଟେ ବଡ ପୁଅର ଓ ସ୍ୱାମୀର ଆଗମନ ବାସ୍ତବରେ ନାରୀର ଅସୀମଶକ୍ତି ଧୈର୍ଯ୍ୟ ନିକଟରେ ସ୍ୱୟଂ ଭଗବାନ ହାର ମାନିଯାଇଛନ୍ତି । ଯେପରି ନାରୀର ଅସହାୟତା ନୁହେଁ ବରଂ ଅପରିକଳ୍ପନୀୟ ଶକ୍ତିର ଫଲଗୁ ପ୍ରକାଶ ପାଇଛି ଏହି ଉପନ୍ୟାସଟିରେ ।

'ଅବ୍ୟକ୍ତ ଗୋଧୂଳି' ଉପନ୍ୟାସରେ ବୀଣା ତା' ସ୍ୱାମୀକୁ ଖୁସି କରିବା ପାଇଁ ତାର ମଦ୍ୟପ ବନ୍ଧୁ ଆଗରେ ନୃତ୍ୟ କରିଛି ଅଥଚ ସ୍ୱାଧିନତ୍ୱ, କର୍ତ୍ତୁତ ଜାହିର କରି ଶେଷରେ ମନ୍ଦର(ବୀଣାର ସ୍ୱାମୀ) ନିଜ ସ୍ତ୍ରୀର ଇଜ୍ଜତ ବିବିମୟରେ ସମସ୍ତ ଋଣ ପରିଶୋଧ କରିଛି । ବୀଣାପାଣି ମହାନ୍ତିଙ୍କ 'କୁନ୍ତୀ କୁନ୍ତଳା ଶକୁନ୍ତଳା' ଉପନ୍ୟାସରେ ରାଧୁ ମହାଜନ ନିଜର

ISSN NO.
2582-208X

ନପୁଂସକତ୍ୱକୁ ଠିକ ଭାବରେ ଅନୁଭବ କରି ନିଜର ବିବାହିତ ସ୍ତ୍ରୀ କୁନ୍ତକୁ ଅନାୟସରେ ଗୃଧ୍ରୁ ହାତରେ ସମର୍ପଣ କରିଦେଇଛି । ଠିକ୍ ସେହିପରି ଭାବରେ ମନ୍ଦର ନିଜର ସମସ୍ତ ଋଣରୁ ମୁକ୍ତ ହେବା ନିମନ୍ତେ ନିଜର ସ୍ତ୍ରୀକୁ ଅନ୍ୟ ହାତରେ ଟେକି ଦେଇଛି ।

ବୀଣା ବଞ୍ଚିବାକୁ ଚେଷ୍ଟା କରି ହାର ମାନିଛି । ନିଜ ସ୍ୱାମୀକୁ ହତ୍ୟାକରି ନିଜେ ସ୍ୱାଧୀନ ହେବାକୁ ଚେଷ୍ଟା କରିଛି ହେଲେ ପ୍ରତାରକ ରୂପୀ ପୁରୁଷ ସମାଜ କେବେ ନାରୀକୁ ସମ୍ମାନର ସହ ବଞ୍ଚିବାକୁ ଦିଏ ନାହିଁ । ଆଖିରେ ତାଙ୍କର କାମର ଜ୍ୱାଳାରେ ନାରୀ ସମାଜ ଆଜି ଜର୍ଜରିତ । ବାଣୀ ସ୍ୱାମୀଠାରୁ ଆସି ସମାଜର ପ୍ରତିଷ୍ଠିତ ବ୍ୟକ୍ତିମାନଙ୍କ ଦ୍ୱାରା ହେଲା ଗର୍ଭବତୀ । ହେଲେ ସମସ୍ତଙ୍କ ଆଖିରେ ସେ ରହିଲା, ହେଲେ ତାର ଆଖି ଆଗରେ କେହି ନାହାନ୍ତି ନିଜର ବୋଲି କହିବାକୁ । ବାସ୍ତବିକ ଔପନ୍ୟାସିକ ଏଠାରେ ନାରୀର ଅସହାୟତାକୁ ପ୍ରକାଶ କରିଛନ୍ତି ।

'ଗମ୍ଭୀର ରଜନୀଗନ୍ଧା' ଉପନ୍ୟାସରେ ଔପନ୍ୟାସିକଙ୍କ ଗୋଟିଏ ଭାରତୀୟ ନାରୀର ଆଦର୍ଶ, ଆଚାର,ବ୍ୟବହାର ଓ ଭଲପାଇବା ଆଦିକୁ ପରିପ୍ରକାଶ କରିବାରେ ବେଶ ସଫଳ ହୋଇଛନ୍ତି । ନାୟିକା ଫୁଲର ବିବାହ କିଛିଦିନ ହସଖୁସିରେ ଚାଲିଗଲା । କିନ୍ତୁ ହଠାତ୍ ଦିନେ ବନ୍ୟା ଆସି ସବୁ ଧୋଇ ନେଇଗଲା । ଚାଷୀ କୂଳ ହତାଶ, ସ୍ୱାମୀ ବିଶିଆ ରାଉରକେଲା ଚାକିରି କରିବାକୁ ଯାଇ ସେଠାରେ ବିବାହ କରି ରହିଯାଏ । ଗାଁ ରେ ବୁଢ଼ୀ ମା'ଟି ତାରି କଥା ଭାବି ଭାବି ପ୍ରାଣ ଛାଡି ଯାଏ । କିନ୍ତୁ ପୁଅର ଦେଖା ନାହିଁ । ଘରେ କେବଳ ଫୁଲ । ନାରୀର ଅସହାୟତାରେ ତାକୁ ଅବାଟରେ ନେବାକୁ ଅନେକ ପୁରୁଷ ଆସନ୍ତି । ଚକଣିଆ କଥାରେ ମନ ଚହଲେ, କାମନାର ଦାବାଗ୍ନିରେ ଯୌବନ ଜଳେ, ମାଂସର ଡାକରେ ମନର କ୍ଷୁଧା ବଢ଼େ, ଆକର୍ଷଣର ଉତ୍ତେଜନାରେ ହୃଦୟ ତାତେ, ଦେହର ବିନିମୟରେ ସବୁ ନିର୍ବାପିତ କରିବାକୁ ମନ ଡାକେ । କିନ୍ତୁ ଫୁଲ ଏସବୁ କରିନାହିଁ ହେଲେ ଦିଅର ଅମର ସତିତ୍ୱକୁ ଲୁଣ୍ଠନ କରିବାକୁ ଆସି ବିଫଳ ହୁଏ । ହେଲେ ନାରୀ ମାଂସ ଲୋଭୀ ଦିଗୁଡିଆ ମଣିଷ ଗୋକୁଳା ଦାଦି ତାର ସର୍ବସ୍ୱସ୍ୱ ଲୁଟି ନେଲା । ଏଥିପାଇଁ ଦାୟୀ କିଏ ? ପୁରୁଷ, ନାରୀ ନୁହେଁ । ଦେହକୁ ନେଇ କେତେ ସତୀତ୍ୱ ସଜ୍ଞା ଓ ସ୍ୱରୂପ ନିରୂପିତ କରେ ପୁରୁଷ ସମାଜ । ହେଲେ ନିଜେ ନାରୀକୁ ସଜାଇ ଦିଏ ରକ୍ଷିତା, ପତିତା, ଅସତୀ । ଯେଉଁ ନାରୀକୁ ପୁରୁଷ ମାନେ ବଳାତ୍କାର କରନ୍ତି ସେଠାରେ ନାରୀ କଣ ଅସତୀ। ଯେଉଁଠି

ISSN NO.
2582-208X

ପୁରୁଷ ଗଣଧର୍ଷଣର ଯଜ୍ଞ କୁଣ୍ଡକୁ ଆପଣାର ସ୍ତ୍ରୀକୁ ବଳ ଭାବରେ ନିର୍ବିକାର ଭାବରେ ଆହୁତି ଦେଇପାରେ ସେଠାରେ ସତୀତ୍ୱର ସ୍ୱରୂପ କଣ ଦେହ । ସତୀ, ଅସତୀ ଏହି ସଂଘର୍ଷର ଚିତ୍ର ଔପନ୍ୟାସିକ ରତ୍ନାକର ଚଇନି ଦର୍ଶାଇଛନ୍ତି ତାଙ୍କର ଏହି ଉପନ୍ୟାସ ମାଧ୍ୟମରେ ।

'ଫୁଲର ଫଗୁଣ' ଉପନ୍ୟାସରେ ଔପନ୍ୟାସିକ ଛନ୍ଦା ଚରିତ୍ର ମାଧ୍ୟମରେ ସମାଜକୁ ଜଣେଇ ଦେବାକୁ ଚାହାଁନ୍ତି ଯେ, ସେ ତାଙ୍କର ବଞ୍ଚିବାର ଅଧିକାର ଛଡାଇନେବାକୁ ଚେଷ୍ଟା କରନ୍ତି । ଛନ୍ଦା ବିବାହର କିଛି ଦିନ ହସ ଖୁସିରେ ବିତି ଯାଏ । ହଠାତ୍ ଦିନେ ତାର ସଂସାରକୁ କଳାହାଣ୍ଡିଆ ମେଘ ଘୋଟି ଆସିଲା । ସ୍ୱାମୀ ଶିଶିର ବାବୁଙ୍କର ଅକାଳ ବିୟୋଗ ହେବାରୁ ଶାଶୁ, ସାଇପଡିଶାର ଲୋକମାନେ ତାକୁ ଡାହାଣୀ କହି ଘରୁ ବାହାର କରିଦେଲେ। ହେଲେ ନାରୀ ସର୍ବଦା ସର୍ବସଂହା ହୋଇପାରେ, ମାତ୍ର ଅନ୍ୟାୟ ସମର୍ପିତା ନୁହେଁ । ସେ ବଞ୍ଚିବାକୁ ଚେଷ୍ଟା କଲା, ହେଲେ ସମାଜ ତାକୁ ବଞ୍ଚାଇବାକୁ ବାରଣ କଲା । ପୁରୁଷ ବନ୍ଧୁ ସହିତ ନ ମିଶିବାକୁ, କାରଣ ସେ ବିଧବା । ତାର ସ୍ୱତନ୍ତ୍ରତା ନାହିଁ ବଞ୍ଚିବାରେ। ନାରୀର ଏହି ମୁକ୍ତି କାମନା ସାମ୍ପ୍ରତିକ ସମାଜରେ ଏକ ନିଷ୍ଫଳ କାମନା ମାତ୍ର । କିନ୍ତୁ ଯେତେ ବେଳେ ନାରୀ ହୁଏ ଚେତନାଶାଳୀ ସେତେବେଳେ ତାକୁ ରୋକି ପାରନ୍ତିବା କିଏ ? ଠିକ୍ ସେହିପରି ଛନ୍ଦା ତାର ଜୀବନର ଆରମ୍ଭ କରେ ନୂତନ ଶୈଳୀ ମାଧ୍ୟମରେ । ସମାଜଠାରୁ ଲାଞ୍ଛନାର ପାଇ ସେ ଏକ ସ୍କୁଲରେ ଚାକରି ଜୀବନ ଆରମ୍ଭ କରେ । କିନ୍ତୁ ଛୋଟ ଛୋଟ ପିଲା ମାନଙ୍କୁ ଦେଖି ଭାବେ ଅଭିଶପ୍ତ ବୃକ୍ଷରେ ଫୁଲ ଫୁଟେଇବାର ଅଧିକାର ଥିଲେବି ଫଳ ପାଇବାର ଦାବି ନାହିଁ। ଅଭିଶକ୍ତ ଜୀବନ ରେ କେବଳ ହାହୁତାସର ଜାଳେଣି ଭଳି ଜଳଯାଏ ଜୀବନଟା । କିନ୍ତୁ ଏହି ଅନ୍ଧାରି ଶାସନ ବିରୁଦ୍ଧରେ ସଂଗ୍ରାମ କରିବାକୁ ଅଣ୍ଟାଭିଡିଛି ଛନ୍ଦା । ମାଆ ହେବାକୁ ଆରତ ଚିତ୍କାର କରିଛି ସମସ୍ତ ପୁରୁଷ ସମାଜ ପାଖରେ, ହେଲେ କେହି ଆଗେଇ ଆସି ନାହାଁନ୍ତି ବୁଢୀ ଗଙ୍ଗଶିଉଳୀ ଗଛରେ ଫଳ ଫଳେଇବାକୁ । ବାସ୍ତବିକ ଔପନ୍ୟାସିକ ଏଠାରେ ଛନ୍ଦା ମାଧ୍ୟମରେ ସମାଜରେ ନାରୀ ମାନଙ୍କୁ ହାରି ନ ଯାଇ ସମାଜ ବିରୋଧରେ ଲଢେଇ କରିବାକୁ ସାହାସ ଯୋଗୋଇ ଦେଇଛନ୍ତି ।

'ବିଷବଳୟ' ଉପନ୍ୟାସଟି ଏକ ସ୍ୱତନ୍ତ୍ର ଧରଣର । ଏଠାରେ ଅତ୍ୟାଚାର ଶୋଷିତ ଗୋଷ୍ଠୀ ବିରୁଦ୍ଧରେ ଏକ ସ୍ୱର ଉତ୍ତୋଳନ କରିବାର ବଳିଷ୍ଠ ନିରବଧାରା ପ୍ରକାଶ ପାଏ । ଗୋପୀନାଥ ମହାନ୍ତିଙ୍କର ଉପନ୍ୟାସ 'ପରଜା'ରେ ଯେପରି ଭାବେ ଶୁକ୍ରୁଜାନୀ ଉପରେ ଦୁଃଖ ଘୋଟି

ISSN NO.
2582-208X

ଆସିଛି, ଜେଲ ମୁହଁରୁ ମୁକୁଳ ଗୋଟି ଖଟିଛନ୍ତି । ନଜର ସର୍ବସ୍ୱ ଜମିଦାରଙ୍କ ନକଟରେ ବନ୍ଧା ପଡିଛି । ଠିକ ସେହିପରି ବିଷବଳୟ ଉପନ୍ୟାସରେ ରାଜୁର ପରିବାର ଉପରେ କଳାହାଣ୍ଡିଆ ମେଘ ଘୋଟି ଆସିଛି । ରାଜୁ ସହରରେ ପାଠ ପଢୁଥିବା ସମୟରେ ତାର ବୁଢୀ ମାଆର ହତ୍ୟାକାରୀ ଭାବେ ରାଜୁକୁ ଜେଲ ପଠାଇ ଦିଆଯାଇଛି । ଜେଲରୁ ଫେରି ଭାରତ ହୋଟେଲରେ ଗୋଟି ଖଟିଛି । ରିକ୍ସା ଟାଣିଛି ନଜେ ସ୍ୱାଧିନ ଭାବରେ । ସେ କେବେ ଗର୍ବ କରିନାହିଁ । ଗ୍ରାଜୁଏଟ୍ ପ୍ରମାଣପତ୍ରକୁ ନେଇ କାରଣ ଏହି ପ୍ରମାଣପତ୍ର ତାକୁ ବଞ୍ଚିବାର ରାହା ଦେଖାଇନାହିଁ । ଶେଷରେ ସତ୍ୟର ହିଁ ବିଜୟ ହେଲା । ରାଜୁର ମାଆକୁ ହତ୍ୟା କରିଥିବା ଅପରାଧରେ ଜେଲ ଗଲେ ଚକରା ଦାଦି । ବାସ୍ତବିକ କହିବାକୁ ଗଲେ ଏକ ପକ୍ଷରେ ନାରୀ ଶକ୍ତିର ପରିପ୍ରକାଶ ଓ ଅନ୍ୟପକ୍ଷରେ ନାରୀ ନର୍ଯ୍ୟାତନା ।

## ଚରିତ୍ର

ଉପନ୍ୟାସର ପ୍ରଧାନ ଅଙ୍ଗ ହେଉଛି ଚରିତ୍ର । ଏମାନେ ପାଠକ ସମ୍ମୁଖରେ ଘଟଣା ଉପସ୍ଥାପନା କରନ୍ତି । ଚରିତ୍ର ମାନଙ୍କ ଦ୍ୱାରା ଉପନ୍ୟାସର ମୁଖ୍ୟ ଘଟଣା ସହିତ ଉପଘଟଣା ଗୁଡିକର କ୍ରମ ବିକାଶ ଘଟେ । ପାତ୍ର-ପାତ୍ରୀ ମାନଙ୍କର ଆତଯାତ ଫଳରେ ଉପନ୍ୟାସ ଜୀବନ୍ତ ଓ ପ୍ରାଣସ୍ପର୍ଶୀ ହୁଏ । ଯଥାର୍ଥ ଚରିତ୍ରଚତ୍ରଣ ଫଳରେ ଔପନ୍ୟାସିକ ସମାଜ ସତ୍ୟତା ଦୃଢ ଭାବେ ଉପସ୍ଥାପନା କରନ୍ତି । ଚରିତ୍ରମାନଙ୍କର ସୂକ୍ଷ୍ମତା ସୂକ୍ଷ୍ମ ବିଶ୍ଳେଷଣରେ ସେମାନଙ୍କ ହୃଦୟରେ ଦୟା, କ୍ଷମା, କରୁଣା, ଘୃଣା ଓ ପ୍ରତାରଣା ଭାବ ସୃଷ୍ଟି କରିବାରେ ଚରିତ୍ରମାନେ ଜୀବନ୍ତ ହୁଅନ୍ତି । ଉପନ୍ୟାସ ଜୀବନ୍ତ ବା ବାସ୍ତବଧର୍ମୀ ହୁଏ ।

'ଲୁହଲହରୀ' ଉପନ୍ୟାସରେ ରାଧାଦେବୀ ମୁଖ୍ୟ ଚରିତ୍ର ଓ ଗୌଣ ଚରିତ୍ର ଭାବେ ଗୋପୀମୋହନ, ବିଜୟ, କବିତା, ବନ,ଚନ୍ଦ୍ର,ସୁଶୀଳା ଦେବୀ ସମେତ ଉପନ୍ୟାସର ଅନ୍ୟାନ୍ୟ ଚରିତ୍ର । ସେହିଭଳି ପ୍ରତିନଧି ସ୍ଥାନୀୟ ଚରିତ୍ର ଭାବେ ଗୌର ପ୍ରସାଦ, ଦେବରାଜ, ହୃଷିକେଶ ପ୍ରମୁଖ ଚରିତ୍ର ମଧ୍ୟ ଚତ୍ରିତ କରିଛନ୍ତି । 'ରାତ୍ରୀର ରଜନୀଗନ୍ଧା' ଉପନ୍ୟାସରେ ଫୁଲକୁ ମୁଖ୍ୟ ଚରିତ୍ରର ସ୍ଥାନ ଦେଉଥିବା ବେଳେ ଗୌଣ ଚରିତ୍ର ଭାବେ ରତି, ବିଶିଆ, ସାବିତ୍ରୀ ଦେବୀ, ଭଜନୀ ବୁଢା ପ୍ରମୁଖକୁ ଗହଣ କରିଛନ୍ତି । ଉପନ୍ୟାସରେ

ISSN NO.
2582-208X

ସାମାଜିକ ପରିବେଶ ସୃଷ୍ଟି କରି ଔପନ୍ୟାସିକ କାହାଣୀର ଗତିଶୀଳତା ପାଇଁ ପ୍ରତିନଧି ଚରିତ୍ର ଭାବେ ମିଷ୍ଟର ପଟ୍ଟନାୟକ, ସୁନୀଲ ବାବୁ, ଶରତବାବୁଙ୍କୁ ଦେଖିବାକୁ ମିଳେ ।

'ବିଷ ବଳୟ' ର ମୁଖ୍ୟ ଚରିତ୍ର ଭାବେ ରାଜୁକୁ ସ୍ଥାନ ଦେଉଥିବା ବେଳେ ଗୌଣ ଚରିତ୍ର ଭାବେ ନଳନୀ, ଦାମା, ପୁଲିନ, ସତୀ, ଚକ୍ରାଦି, ରଘୁବାବୁ, ବିମଳା ଦେବୀ ଚରିତ୍ର ବେଶ ଚଞ୍ଚଳ ଏବଂ ନମ୍ନ ବର୍ଗୀୟ ଚରିତ୍ର ଭାବେ ରିକ୍ସାବାଲା ସତୁର୍, କନ, ହରିଆ ଇତ୍ୟାଦି ଚରିତ୍ରକୁ ଦେଖିବାକୁ ମିଳେ । 'ଫୁଲର ଫଗୁଣ'ଉପନ୍ୟାସରେ ମୁଖ୍ୟ ଚରିତ୍ର ଭାବେ ଛନ୍ଦାକୁ ଦେଖିବାକୁ ମିଳେ । ଗୌଣ ଚରିତ୍ର ଭାବେଶିଶିର ବାବୁ, ଶଶାଙ୍କ ବାବୁ, ଅରୁନ୍ଧତୀ, ଲଳତା, ସୁନନ୍ଦା, ଅଶୋକ ଅନ୍ୟାନ୍ୟ ଚରିତ୍ର ମଧ୍ୟ ମିଶ୍ରିତ ହୋଇଥିବା ସ୍ଥଳେ ପ୍ରତିନାୟକ ଚରିତ୍ର ଭାବେ ତୁଷାର ବାବୁଙ୍କୁ ଦେଖିବାକୁ ମିଳେ ।

'ଅବ୍ୟକ୍ତ ଗୋଧୂଳ' ରେ ମୁଖ୍ୟ ଚରିତ୍ର ଭାବେ ଅରୁଣ, ବୀଣା, ଅଜନ୍ତାକୁ ଦେଖିବାକୁ ମିଳେ ଏବଂ ଗୌଣ ଚରିତ୍ର ଭାବେ ନରିବାବୁ, ସାବିତ୍ରୀ, ଦୁଃଖି, ରାଧୀ ଅନ୍ୟତମ । ଠିକ୍ ସେହିପରି ପ୍ରତିନଧି ସ୍ଥାନୀୟ ଚରିତ୍ର ଭାବରେ ଅକ୍ଷୟବାବୁ, ଅସିତ ବାବୁ, ରାନୀ ପ୍ରମୁଖ ପ୍ରଭାବଶାଳୀ ଚରିତ୍ର ଗୁଡିକ ଦେଖିବାକୁ ମିଳେ ।

ଔପନ୍ୟାସିକ ନନ୍ଦଙ୍କ ସାମାଜିକ ଓ ବାସ୍ତବ ଅନୁଭୂତିକୁ ନେଇ ବର୍ଣ୍ଣିତ ଚରିତ୍ର ଗୁଡିକ ଅଧିକ ପ୍ରାଣସ୍ପର୍ଶୀ ମନେ ହୁଏ । ବିଶେଷତଃ ଔପନ୍ୟାସିକ ନାରୀ ଚରିତ୍ର ବା ନାୟୀକାକୁ ମୁଖ୍ୟ ଚରିତ୍ର ଭାବରେ ସ୍ଥାନ ଦେଇ ପାଠକ ମହଲରେ ଏକ ଚମକ ସୃଷ୍ଟି କରିଛନ୍ତି । ନାରୀ କଭଳ ସର୍ବସୁହା ତାହା ଛନ୍ଦା, ବୀଣା, ନଳନୀ, ଫୁଲ ମାଧ୍ୟମରେ ପ୍ରକାଶ କରିଛନ୍ତି । ଘଟଣା ଅପେକ୍ଷା ବିଶେଷତଃ ଚରିତ୍ରକୁ ପ୍ରାଧାନ୍ୟ ଦେଇଛନ୍ତି ବା ସାମାଜିକ ପୃଷ୍ଠଭୂମିରୁ ବାସ୍ତବ ଚରିତ୍ର ଗୁଡିକୁ ସାଉଁଟି ଆଣି ଉପନ୍ୟାସ ପାଞ୍ଚଟିକୁ ଜୀବନ୍ତ ଓ ବାସ୍ତବଧର୍ମୀ କରିଛନ୍ତି ।

## ପରିବେଶ

ଏହା ଉପନ୍ୟାସର ଅନ୍ୟ ଏକ ବିଶେଷ ଉପାଦନ । ଉପନ୍ୟାସରେ ବର୍ଣ୍ଣିତ କାହାଣୀ, ସମସାମୟିକ ସାମାଜିକ ଚନ୍ଦ ତଥା ପ୍ରାକୃତିକ ପରିବେଶ ବର୍ଣ୍ଣନା ଦେଶ, କାଳ ବା

ISSN NO.
2582-208X

ପରିବେଶ ଅନ୍ତର୍ଭୁକ୍ତ । 'ଲୁହଲହରୀ' ଉପନ୍ୟାସରେ କଟକ, ପୁରୀ ସହରର ଚିତ୍ର ଦେଖିବାକୁ ମିଳୁଥିବା ବେଳେ 'ଗ୍ରନ୍ଥିର ରଜନୀଗନ୍ଧା' ଉପନ୍ୟାସରେ ଗାଆଁ ପରରିବେଶର ନିଚ୍ଛକ ରୂପ ଦେଖିବାକୁ ମିଳେ । ଭଜନା ବୁଢ଼ାର ଭଜନ ଗାଁ ଠାକୁରାଣୀ ପୀଠରେ ସଂଞ୍ଜ ସକାଳ ଆଳତୀର କୋଳାହଳମୟ ପରିବେଶ, ପୋଖରୀ ତୁଠ, ବିଲବାଡୀ ଆଦି ପ୍ରାକୃତିକ ଚିତ୍ର ଦେଖିବାକୁ ମିଳେ । 'ଅବ୍ୟକ୍ତ ଗୋଧୂଳି' ଉପନ୍ୟାସରେ ମଧ୍ୟ ଗାଁ ପରିବେଶ ବର୍ଣ୍ଣନା ସହିତ ସହରୀ ମଣିଷ ମାନଙ୍କର ପ୍ରତାରଣ ,ଛଳନାର ଚିତ୍ର ପ୍ରକାଶ ପାଇଛି । ଔପନ୍ୟାସିକ ଏହି ଉପନ୍ୟାସ ଗୁଡିକରେ ଦୁର୍ଭିକ୍ଷ, ମରୁଡି, ନଦନଦୀ ଓ ଗାଁର ପ୍ରାକୃତିକ ଚିତ୍ର ବର୍ଣ୍ଣନା କରିବାସହିତ ସହରର ସଭ୍ୟ ମଣିଷ ମାନଙ୍କର ସଠତାକୁ ପ୍ରକାଶ କରିବାକୁ ଭୁଲି ନାହାନ୍ତି।

## ଉଦ୍ଦେଶ୍ୟ ବା ମର୍ମବାଣୀ

ଏହା ଉପନ୍ୟାସର ଏକ ପ୍ରମୁଖ ଅଂଶ । ଔପନ୍ୟାସିକ ସମାଜରୁ ଆହରଣ କରିଥିବା ଅନୁଭୂତିକୁ କଲମ ମୁନରେ ରୂପ ଦେବା ବା ନିଜର ଅଭିଜ୍ଞତାକୁ ନିଖୁଣ ଭାବରେ ଫୁଟାଇବାକୁ ଚେଷ୍ଟାକରି ଉପନ୍ୟାସକୁ ରଚନା କରିଛନ୍ତି । ଏହି ପରି ରୂପ ପାଇଥିବା ଉପନ୍ୟାସରେ ବହୁ ଦୈନିକ ସମସ୍ୟାର ସମାଧାନ ହୋଇଥାଏ ବା ସମାହିତ ହେବାର ସଙ୍କେତ ଥାଏ । ଔପନ୍ୟାସିକ ଏହି ଉପନ୍ୟାସରରେ ନାରୀର ମାନସିକ ଅତ୍ୟାଗ୍ଚର ସାମଜିକ ନିର୍ଯ୍ୟାତନା ଉପରେ ସ୍ୱର ଉତ୍ତୋଳନା କରିଛନ୍ତି ଏବଂ ତାଙ୍କ ଅଧିକାର ପ୍ରତି ସଚେତନା ସୃଷ୍ଟି କରିଛନ୍ତି । ଏହା ହିଁ ଏ ଉପନ୍ୟାସର ମର୍ମବାଣୀ । ଉଦାହରଣ ସ୍ୱରୂପ ଅରୁନ୍ଧତୀ କହିଲେ, "ପୁରୁଷ ସହିତ ସବୁ କ୍ଷେତ୍ରରେ ସମକକ୍ଷ, ସେ ବି ଶୂନ୍ୟରେ ଉଡିପାରିବ, ଜଳରେ ବୁଡି ପାରିବ ଆଉ ଭୋଟରେ ଲଢିପାରିବ" ।(ଫୁଲର ଫଗୁଣ- ପୃ:୫୦)

## ଭାଷାଶୈଳୀ

ସବୁ ଔପନ୍ୟାସିକଙ୍କର ଶୈଳୀ ସମାନ ନୁହେଁ । ପ୍ରତ୍ୟେକଙ୍କ ଶୈଳୀରେ କିଛି ନା କିଛି ବିଶେଷତ୍ୱ ପରିଲକ୍ଷିତ ହୁଏ । ଶୈଳୀରେ ଏହି ସ୍ୱତନ୍ତ୍ରତା ହିଁ ଔପନ୍ୟାସିକଙ୍କ ବ୍ୟକ୍ତିତ୍ୱର

ISSN NO.
2582-208X

ପରିଚୟ ଦିଏ । ପୁନଶ୍ଚ ଉପନ୍ୟାସର ସଫଳତା ବା ବିଫଳତା ତାହାର ସାଧାରଣ ଜନତାର ଭାଷାକୁ ନିଜ ଉପନ୍ୟାସରେ ସ୍ଥାନ ଦେଇଛନ୍ତି । ତତ୍ ସହିତ ହିନ୍ଦୀ, ଇଂରାଜୀ କଥିତ ଭାଷାର ପ୍ରୟୋଗ, ଲୋକ ଉକ୍ତି, ରୂଢ଼ି ପ୍ରୟୋଗ ଓ ବର୍ଣ୍ଣନା ଧର୍ମୀ ଶୈଳୀ ପ୍ରୟୋଗ ସେ ଏକ ବଳିଷ୍ଠ ରୂପ ଦେଇଛନ୍ତି । ତେଣୁ ସଫଳତା ପାଠକୀୟ ଆକର୍ଷଣର କେନ୍ଦ୍ର ବିନ୍ଦୁ ପାଲଟିଯାଇଛି । ତାଙ୍କର ଶବ୍ଦ ବିନ୍ୟାସ ଓ ଚିତ୍ରକଳ୍ପ ଧର୍ମୀ ଭାଷାର ପ୍ରୟୋଗ ଅତ୍ୟନ୍ତ ତାତ୍ପର୍ଯ୍ୟ ପୂର୍ଣ୍ଣ । ଉପନ୍ୟାସ ଗୁଡିକର ପ୍ରୟୋଗ, ଭାଷା ଶୈଳୀ ନିମ୍ନ ରେ ଆଲୋଚନା କରାଗଲା ।

## ବର୍ଣ୍ଣନାତ୍ମକ ଭାଷା ଶୈଳୀ:

ବର୍ଣ୍ଣନାତ୍ମକ ଶୈଳୀରେ ଔପନ୍ୟାସିକ ଚରିତ୍ର, କାହାଣୀ ଓ ପରିବେଶର ନିଖୁଣ ଚିତ୍ର ଦେବା ପାଇଁ ସୁବିସ୍ତୃତ ପଟ୍ଟଭୂମି ପାଇଥାଏ । ଉଦାହରଣ ସ୍ୱରୂପ, "ରାଜୁ! ମୁଁ ଏ ନାରୀ ଜାତିଟାର ଅନ୍ତର ବାହାର ଛିନ୍ନଭିନ୍ନ କରି ଦେଖିଲି । ଦେହର ପ୍ରତି ଅଙ୍ଗକୁ ଖଣ୍ଡଖଣ୍ଡ କରି କାଟିଲି । ତଥାପି ମୁଁ ଏ ନାରୀ ଜାତିଟାକୁ ଚିହ୍ନି ପାରିଲି ନାହିଁ । ଆହୁରି ବାକି ରହିଗଲା, ଅନେକ....... ।" ('ବିଷବଳୟ-ପୃ:୧୫୧')

## ବିଶ୍ଳେଷଣାତ୍ମକ ଶୈଳୀ :

ବିଶ୍ଳେଷଣାତ୍ମକ ଶୈଳୀ ଅନ୍ୟ ଏକ ପ୍ରକାର ଶୈଳୀ । ଯେଉଁଥିରେ ଚରିତ୍ରମାନଙ୍କର ଜରିଆରେ ଔପନ୍ୟାସିକ ନିଜ ମନୋଭାବ ପ୍ରକାଶ କରିବାକୁ ସମର୍ଥ ହୋଇଥାନ୍ତି । ଉଦାହରଣ ସ୍ୱରୂପ ରାଧାଦେବୀ କାନ୍ଦୁ କାନ୍ଦୁ କହିଲେ, "ମାଆ ବୋଲି କେଉଁ ମୁହଁରେ ଡାକୁଛୁ! ଶୁଣ ଦାଣ୍ଡର ଲୋକ କହିବେ ଅଣବାପୁଆ ପୁଅ, କୁଳଟାର ପୁଅ । ମୁଁ ସବୁ ସହିପାରିବି,ହେଲେ ତୁ ସହିପାରିବୁନି । ଛାତି ପଥର କରି ଉଣେଇଶି ବର୍ଷ ହେଲା ସବୁ ସହି ଆସିଛି । ତୋରି ପାଇଁ,କେବଳ ତୋରି ମୁହଁକୁ ଚାହିଁ । କିନ୍ତୁ ଆଜି........ ।"(ଲୁହ ଲହରୀ-ପୃ:୩୧୧)

ISSN NO.
2582-208X

## ଲୋକୋକ୍ତି:

କଟକୀ ଘୋଡୀ - 'ଫୁଲର ଫଗୁଣ' ପୃ.୨୪

କୁଆ ଉଡିଆବାକୁ ତାଳ ପଡିବା ନ୍ୟାୟ - 'ଅବ୍ୟକ୍ତ ଗୋଧୂଳ'ପୃ.୫

ଦେଲ୍ ନାରୀ ହେଲ୍ ପାରି - 'ଗ୍ରନ୍ଥିର ରଜନୀଗନ୍ଧା'ପୃ.୫୯

ସାତ କଥାରେ ସତୀ ଭୁଲେ - 'ବିଷବଳୟ'ପୃ.୧୪୬

## ରୂଢ଼ି ପ୍ରୟୋଗ:

ଆତୁରେ ନୟମ ନାସ୍ତି - 'ବିଷବଳୟ' ପୃ.୯

ମାଗି ଆଣିଲ୍ ତିଅଣ ସୋଡକାଏ - 'ବିଷବଳୟ'ପୃ.୧୫୮

ବାର ବର୍ଷର ତପସ୍ୟା ଶୁଖାଆ ପୁଡାରେ ଗଲ୍ - 'ଉପନ୍ୟାସମାଳା' ପୃ.୩୯

## ଚିତ୍ରକଳ୍ପଧର୍ମୀ ଭାଷାର ପ୍ରୟୋଗ:

ଆକାଶରେ ଭାସୁଛନ୍ତ ଛେନା ରଙ୍ଗର ମେଘ - 'ଫୁଲର ଫଗୁଣ' ପୃ.୯୯

ତମେ ସବୁ ସେଇ ଦୂଷିତ ନଈର ଧାର - 'ଗ୍ରନ୍ଥିର ରଜନୀଗନ୍ଧା'ପୃ.୧୭୫

କୁକୁର ମାନେ ଅଭଦ୍ର ଭାଷାରେ ଗାଳଗୁଲଜ କଲେ - 'ବିଷବଳୟ'ପୃ.୮

## ସଂସ୍କୃତ ଶବ୍ଦର ପ୍ରୟୋଗ:

ସୁଜଳାଂ, ସୁଫଳାଂ,ମଳୟଜ,ଶୀତଳ('ଅବ୍ୟକ୍ତ ଗୋଧୂଳ-ପୃ.୫୫)'

ନାରୀଣାଂ ଭୂଷଣ ପତି ଇତ୍ୟାଦି (ଫୁଲର ଫଗୁଣ-ପୃ.୪୯)

ISSN NO.
2582-208X

### ହିନ୍ଦୀ ଶବ୍ଦର ପ୍ରୟୋଗ:

ରୂପୟା, ଜୱାନ୍, ଜିଗର, ଜାନ୍‌ୱର, କଜଲ, ସାଦି, ଜାହିର, ତାଗିଦ୍ ଇତ୍ୟାଦି

### ଇଂରାଜୀ ଶବ୍ଦର ପ୍ରୟୋଗ:

ରେଡିଓ, ଟ୍ରାଜିଷ୍ଟର, ଟ୍ରେନ୍, ପ୍ଲିଜ୍, କମ୍ପାନୀ, ରୁମ, ପ୍ଲାଟଫର୍ମ ଇତ୍ୟାଦି ।

### ଉପସଂହାର

ବାସ୍ତବିକ ସାମ୍ପ୍ରତିକ କାଳରେ ବଧୂହତ୍ୟା, ଭୃଣହତ୍ୟା, ଯୌତୁକପ୍ରଥା, ଧର୍ଷଣ, ପାଶବିକ ହିଂସା, କର୍ମ କ୍ଷେତ୍ରରେ ଶୋଷଣ ପ୍ରଭୃତି ଯାବତୀୟ ନାରୀ ନିର୍ଯ୍ୟାତନାର ସାମାଜିକ କଳଙ୍କ ରୂପେ ଭାରତୀୟ ନାରୀର ଆଭିଜାତୀୟ ସ୍ଥିତିକୁ ସଙ୍କଟ କରି ବସିଛି । ଏ ସବୁର ମାର୍ମିକ ଅଭିବ୍ୟକ୍ତ ଅଧିକାଂଶ ଉପନ୍ୟାସରେ ଦେଖିବାକୁ ମିଳେ । ଅପରପକ୍ଷରେ ନାରୀ ଭାଗ୍ୟ ବାଦୀ ସଭ୍ୟତା ଦ୍ୱାରାପ୍ରଭାବିତ ହୋଇ ନାରୀ ଶକ୍ତିର ଅପଚୟ ଘଟାଉଛି । ଜୀବନ ଓ ସମୟ ସହିତ ଅହରହ ସଂଗ୍ରାମ କରୁଥିବା ନାରୀ ମାନଙ୍କର ବେଦନା ବିଧୂର କିଏ କହି ପାରିବ । ପ୍ରେମ ଓ କରୁଣାର ଶାକାର ବିଗ୍ରହ ନାରୀ ନିର୍ମୋହ ମୃତ୍ୟୁର ପାଥିବ ଭଙ୍ଗୁରତାକୁ ଅସ୍ୱୀକାର କରି ଶାସ୍ୱତ ସ୍ରୋତରେ ପ୍ରବାହିତ । ଯାହା ଔପନ୍ୟାସିକ ରତ୍ନାକର ଚଇନଙ୍କ ମୁଖ୍ୟ ଉପଜୀବ୍ୟ ବସ୍ତୁ । ସମାଜର ବାସ୍ତବ ଘଟଣାକୁ ଆଧାର କରି ତାଙ୍କର ଉପନ୍ୟାସ ଗୁଡିକ ଗତିଶୀଳ । ନାରୀର ସାମାଜିକ ସମସ୍ୟାକୁ ଆଖି ଆଗରେ ରଖି ସେ ତାଙ୍କର ସ୍ୱତନ୍ତ୍ର ରଚନା ଶୈଳୀ ସୃଷ୍ଟି କରିଛନ୍ତି ।

ଅଧ୍ୟାପକ ଓଡିଆ ଭାଷା - ସାହିତ୍ୟ ବିଭାଗ
ଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟ
ନାଉଗାଁହାଟ, ଜଗତସିଂହପୁର-୭୫୪୧୧୩
ଫୋନ ନଂ -୯୭୭୮୨୨୪୮୯୧

ISSN NO.
2582-208X

# କାହିଁକି ବାନ୍ଧିବ ରାକ୍ଷୀ ...?



ଦୀନବନ୍ଧୁ ବେଜ

ଭାଇ ଟିଏ ଜଦି ଭଉଣୀ ଆଖିରୁ
ପୋଛି ପାରୁ ନାହିଁ ଲୁହ
ସୁରକ୍ଷା ଦେବାରେ ବିଫଳ ହୋଇ
ଶୁଖିଯାଏ ତାର ମୁହଁ,
କୁହ ଏହା କି ପରବ କି ପ୍ରହସନ
କେଉଁ ଖୁସି ରହୁଅଛି
କେଉଁ ସୌହାର୍ଦ୍ଦ୍ୟ ରଖିକି ଭଉଣୀ
କାହିଁକି ବାନ୍ଧିବ ରାକ୍ଷୀ ...?

ରାକ୍ଷୀ ପୂର୍ଣ୍ଣିମା ବରଷକେ ଥରେ
ଆସେ କେତେ ଉଲ୍ଲାସରେ
ସିନ୍ଦୁର ଚ଼ନ୍ଦନ ଗୁଆ ଚାଉଳରେ
ରାକ୍ଷୀ ବନ୍ଧା ହୋଇଥାଏ ,
ରାକ୍ଷୀକୁ ବାନ୍ଧି ମିଠା ଦିଏ ମୁଖେ
ସୁରକ୍ଷାର ଏହା ସାକ୍ଷୀ
ସୁରକ୍ଷା ଯେଉଁଠି ପାଏନି ଭଉଣୀ
କାହିଁକି ବାନ୍ଧିବ ରାକ୍ଷୀ ...?

ରାକ୍ଷୀ ବାନ୍ଧିଥିଲେ ଶାଢ଼ୀ କାନି ଚ଼ିରି
କୃଷ୍ଣଙ୍କ ହାତେ ଦ୍ରୌପଦୀ

ISSN NO.
2582-208X

ଗୋଟେ ଗୋଟେ ସୁତା ଖିଅର ମୂଲ୍ୟ
ସୁଝିଥିଲେ ଜଦୁ ପତି,
ବଳ ତେଜହୀନ ଭାଇଟିଏ ଏବେ
ପାରୁନି ତା' କଥା ରଖି
ଭଉଣୀ ଜଦି ଖଣ୍ଡା ଦାଢ଼ରେ ଚ଼ାଲିବ
କାହିଁକି ବାନ୍ଧିବ ରାକ୍ଷୀ ...?

ଅସୁର ମାନଙ୍କ ଶକ୍ତି ବୃଦ୍ଧି ଏବେ
ଚ଼ିନ୍ତା ବଢ଼ାଏ ଜଗତେ
ରାକ୍ଷୀ ପୂର୍ଣ୍ଣିମା ତ ପ୍ରତୀକ ମାତର
ନାରୀଟିଏ ବଂଚ଼େ ଭୀତେ,
ନାରୀ ସୁରକ୍ଷାରେ ସର୍ବେ ବିଚ଼ଳିତ
ସଭିଏଁ ହୁଅନ୍ତି ଦୁଃଖି
ସଠିକ ନ୍ୟାୟ ନପାଇଲେ ଭଉଣୀ
କାହିଁକି ବାନ୍ଧିବ ରାଖି ...?

ସମସ୍ତ ଙ୍କ ଚକ୍ଷୁ ଆଦ୍ର ହେଉଛି
ଝରୁନି କାହାରି ଲୁହ
ମିଛଟାରେ କିଏ ଛାତି ଫଟାଉଛି
ଦେଖାଇ କୁତ୍ରିମ କୋହ,
କାହାକୁ କହିବ କିଏ ଭାଇ ହେବ
ହୋଇ କରି ସର୍ବଶକ୍ତି
ଠିକ କରିଦେବ ଦୁଷ୍ଟ ମତି ଗତି
ଭଉଣୀ ବାନ୍ଧିବ ରାକ୍ଷୀ ...?

କବିତାଟି ଦିବଂଗତ ଡାକ୍ତର ମୋମିତା ଦେବନାଥ ଙ୍କ ପାଇଁ ଉତ୍ସର୍ଗୀକୃତ,
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ସହ ଓମ୍ ଶାନ୍ତିଃ

ମାଲାକାନଗିରି, ଓଡ଼ିଶା

ISSN NO.
2582-208X

# କାରାଗାରର ସନ୍ତାନ




ଯଶ୍ମିତା ପ୍ରଧାନ

ମାନବ ଜାତିକୁ କରିବା ପାଇଁ ଉଦ୍ଧାର
ହରି ନେଇଥିଲେ ଭିନ୍ନ ଭିନ୍ନ ଅବତାର
ଦେବତାଙ୍କ ଅନୁରୋଧେ ଜନ୍ମ ନେଲେ  ଶ୍ରୀକୃଷ୍ଣ
ଦ୍ୱାପର ଯୁଗେ ମହୀରେ ହେଲେ ଅବତୀର୍ଣ୍ଣ
ପ୍ରବଳ ପ୍ରତାପୀ କଂସକୁ ବଧ କରିବା ନିମନ୍ତେ
ମାନବ ରୂପରେ ଜନ୍ମ ହେଲେ ସେ ଦିନାନ୍ତେ
ଭାଦ୍ରବ ମାସ କୃଷ୍ଣପକ୍ଷ ଅଷ୍ଟମୀ ତିଥିରେ
ଜନ୍ମ ନେଲେ ବସୁଦେବ ଓ ଦେବକୀଙ୍କ କୋଳରେ
ସ୍ୱଚକ୍ଷୁରେ ଦେଖି ବିଧାତାଙ୍କୁ ହେଲେ ଚକିତ
ଜନ୍ମ ଦେଇ ଦେବକୀ ହେଲେ ଅଚେତ
ନୀଳ ବର୍ଣ୍ଣ ତାଙ୍କରି ସତେ କି ମନୋହର
ବିଜୁଳି ଘଡ଼ଘଡ଼ି ରେ ମଥୁରା ହୁଏ ଥରଥର
ସ୍ୱୟଂ ହରି ହୋଇଥିଲେ ଆବିର୍ଭାବ
ଚକିତ ହୋଇ ଚାହିଁରହିଲେ ବସୁଦେବ
ହରିଙ୍କ ଠାରୁ ଶୁଣି ଜନ୍ମ ବୃତ୍ତାନ୍ତ
ବସୁଦେବ ହୋଇଥିଲେ ଶାନ୍ତ

ISSN NO.
2582-208X

ପୃଥିବୀରୁ ପାପୀ ଙ୍କୁ କରିବା ପାଇଁ ସଂହାର
ଯୁଗେ ଯୁଗେ ମହୀରେ ନିଏ ମୁଁ ଅବତାର
ଛିଣ୍ଡିଗଲା ପାଦର ବେଢ଼ି ଖୋଲିଲା ଦ୍ୱାର
ଯମୁନା ନଦୀରେ ଯାଇ ପହଞ୍ଚିଲେ ଗୋପପୁରେ
ନନ୍ଦ ଯଶୋଦାଙ୍କ ହୋଇ ତନୟ
ବାଲ୍ୟକାଳ କାଟିଲେ ସେଠି ଲୀଳାମୟ

ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ଭୁବନେଶ୍ୱର,
ସ୍ନାତକୋତ୍ତର
ଫୋନ୍ ନମ୍ବର – 7326837101

ISSN NO.
2582-208X

# ଭ୍ରାତୃ ହୃଦୟର ବିଳାପ



ନନ୍ଦିଘୋଷ ଭୋଇ

ହସି ଉଠୁଥିଲା ମୋ ସୁନା ସଂସାର
କୋଇଲିର କୁହୁ ତାନେ,
ବିନା ବସନ୍ତ ରେ ମଳୟ ପବନ
ଖେଳୁଥିଲା ମୋର ମନେ ।

କେବେ ଉଡୁଥିଲୁ ପ୍ରଜାପତି ହୋଇ
ମନ ଉପବନେ ମୋର,
କେବେ ପୁଣି ତୁହି ଟିକି ଫୁଲ ସାଜି
ହୋଇଥିଲୁ ଗଳାହାର ।

ପୁନେଇ ତିଥି ଟି ମୋ ପାଇଁ କି ଆଜି
ଅମା ଅନ୍ଧକାର ରାତି,
ମନ ଉପବନ ଉଜାଡି ଦେଇଛି
ରାକ୍ଷସ ମାନବ ଜାତି ।

ଗଲା ସନ ତତେ କଥା ଦେଇଥିଲି
ରଖିବି ତୋହରି ମାନ,
ଶୁଭାଶିଷ ମୋର ପିଶାଚ ନିକଟେ
ହୋଇଯାଇଅଛି ହୀନ ।

ISSN NO.
2582-208X

ତ୍ୟାଗ ଓ ସେବା ର ଏ କି ପ୍ରତିଦାନ
ଦେଲ ହେ ଭାରତବାସୀ,
ଭଗିନୀ ମୋହର କରୁଣ କଣ୍ଠରେ
ପଚାରେ ନିକଟେ ଆସି ।

ଦ୍ୱିତୀୟ ଈଶ୍ୱରୀ ସାଜିଥିଲା ସିଏ
ଜଗତ କଲ୍ୟାଣ ହେତୁ,
ଯୌନ ପିଶାଚ ର କ୍ଷୁଧାରେ ଭାଙ୍ଗିଛି
ଭ୍ରାତା ଭଗିନୀ ର ସେତୁ ।

ନୀରବଦ୍ରଷ୍ଟା ଯେ କେମିତି ସାଜିଲ
କହ ହେ ଜଗତ ସାଇଁ,
ଦ୍ରୌପଦୀ କୁ ଯେବେ କୋଟି ବସ୍ତ୍ର ଦେଲ
ମୋ ଭଗ୍ନୀ କୁ କାହିଁ ନାହିଁ ?

ଚଉବାହା ଖାଲି ସୁଭଦ୍ରା ପାଇଁ କି
କୁହ ହେ କଳା ବାମନ,
ମୋ ସୁରକ୍ଷା ଯଦି ନିଅଣ୍ଟ ପଡ଼ିଲା
କାହିଁ ଗଲା ସୁଦର୍ଶନ ?

ତୁମ ପାଖେ ସିନା ଅଛି ସୁନାମୁହିଁ
ହାତେ ବାନ୍ଧିଦେବ ଡୋର,
ମୋ ହଳଦୀମୁହିଁ ମୋ ପାଖରେ ନାହିଁ
ହୋଇଅଛି ସାତପର ।

ଚକ୍ ମକ୍ ଯୋରୀ, ବରଗଡ଼
ମୋ - ୮୧୪୪୦୪୪୮୪୫

ISSN NO.
2582-208X

# ତୃପ୍ତି



ରଶ୍ମିତା ନାୟକ

ନିରୋଳା ନିଶବ୍ଦ ନିଝୁମ ନିଶାରେ
ନୀଳ ନଭେ ନିଶାକର
ନିଦ୍ରା ପରିହରି ନୟନେ ନିରେଖେ
ଆତ୍ମ ତୃପ୍ତି ମିଳେ ମୋର ॥

ନିଦ ହଜିଯାଏ ଜହ୍ନ ଜୋଛନାର
ସ୍ୱଚ୍ଛ ଶୀତଳ ପରଶେ
କେତେ ଅନାବନା ମିଠା ମିଠା ସ୍ୱପ୍ନ
ନେତ୍ର ପଟଳେ ଝଲସେ ॥

ସପନରେ ସାଜେ ମୁଁ ଅଳସୀ କନ୍ୟା
କୁଆଁରୀ ମନରେ ଲଜ୍ୟା
ପୁଣି ମୁଁ ସାଜଇ ନବବଧୂ ବେଶେ
ସୁସଜ୍ଜିତ ମଧୁଶଯ୍ୟା ॥

ISSN NO.
2582-208X

ସୁନ୍ଦର ସୁଠାମ ମାନସ ପୁରୁଷ
ଭାବନାରେ ଉଦ୍ଭାସିତ
ଶ୍ୟାମଳ ବର୍ଣ୍ଣର ବଳିଷ୍ଠ ଚେହେରା
ପ୍ରିୟ ମୋର ତେଜୋଦୀପ୍ତ ॥

ପ୍ରୀତି ସମ୍ମୋହନେ ସମ୍ମୋହିତ କଲେ
ସମ୍ମହିତ ହୁଏ ମୁହିଁ
ତୃପ୍ତି ହୁଏ ମନ ପ୍ରେମ ଭାବନାରେ
ଜହ୍ନ ହେ ତୁମକୁ ଚାହିଁ ॥

କିଛି ସପନ ମୋ ସତ ହୋଇଗଲା
କିଛି ରହିଗଲା ବାକି
ସୁପ୍ତ ଅବସ୍ଥାରେ ସପନ ଦେଖଇ
ସତରେ ମୁଁ କେଡେ ବୋକୀ ॥

ଜଗତସିଂହପୁର

ISSN NO.
2582-208X

# ତୁଳସୀ ଦୁଇ ପତ୍ର ରୁ ବାସେ



ପ୍ରଜ୍ଞା ପରମିତା ଦାଶ

ମୁରଲୀ ବୟସ ଦଶ ବର୍ଷ। ତୃତୀୟ ଶ୍ରେଣୀ ରେ ପଢେ। ସେ ଭାରି ଚାଗଲା, ଚତୁର ବୁଦ୍ଧି ମାନ ପିଲା। ମୁରଲୀ ସେ କେଉଁଠି ଅପରିଷ୍କାର ରଖିବାକୁ ଭଲ ପାଏ ନାହିଁ କି ନିଜେ ବି ଅପରିଷ୍କାର ହୁଏ ନାହିଁ। ତାର ହାତ ଗୋଡ଼ ଦୁଇ ଟା ସବୁ ବେଳେ ଚାଲି ଥାଏଘର କୁ ପରିଷ୍କାର କରିବାରେ ।

ସେ ଚାଟ ଶାଳୀରେ ପାଠ ପଢ଼େ। ସେଠିବି ସେ ଅଳିଆ ଅପରିଷ୍କାର କାହାରିକି କରେଇ ଦିଏ ନାହିଁ । ସେ ସବୁବେଳେ ସ୍ୱଚ୍ଛ ରହିବାକୁ ଆଉ ପରିବେଶ କୁ ସ୍ୱଚ୍ଛ ରଖିବାକୁ ଭଲ ପାଏ। ଏତେ ଛୋଟ ପିଲା ର ଗୁଣ "ତୁଳସୀ ଦୁଇ ପତ୍ର ରୁ ବସିଲା ପରୀ ମୁରଲୀ ର ଗୁଣ ମହକି ଉଠିଲା।

ମୁରଲୀ ର ଦୁଇଟି ସ୍ୱପ୍ନ ଥିଲା। ପ୍ରଥମ ଗାଁ ସ୍ୱଚ୍ଛ ଗାଁ କରିବ ଦ୍ୱିତୀୟ ଗାଁ ରେ ସ୍କୁଲ କରିବ। ଏ କଥା ସବୁ ବେଳେ ମୁରଲୀ ତା ମାଆ ଙ୍କୁ କହେ ମାଆ ମୁଁ ବଡ଼ ହେଲେ ଗାଁ କୁ ସ୍ୱଚ୍ଛ ଗାଁ କରିବି ଆଉ ଗାଁ ରେ ସ୍କୁଲ ଖୋଲିବି ଆଉ ସେ ସ୍କୁଲ ରେ ମୋ ଭଳି ଛୋଟ ଛୋଟ ପିଲା ମାନେ ପାଠ ପଢି ବଡ଼ ମଣିଷ ହେବେ। ମୁରଲୀ ର ମାଆ ଏ କଥା ଶୁଣି ଯେତିକି ହସେ ସେତିକି କାନ୍ଦେ ମଧ୍ୟ। କାରଣ ମୁରଲୀ ର ବାପା ଆଉ ପାରିକି ଚାଲି ଯାଇଛନ୍ତି। ତାଙ୍କର ସାହା ଭରଷା ବୋଲି କେହି ନାହାଁନ୍ତି ।

ISSN NO.
2582-208X

ଗୁଜୁରାଣ ମେଣ୍ଟିବା ଲାଗି ମୁରଲୀ ର ମା ନିଜର ବାଡ଼ି ରେ କିଛି ପରିବା ଲଗେଇ ବିକ୍ରି କରି ନିଜର ପେଟ ପୋଷନ୍ତି । ହେଲେ କାହାର ପାଖରେ ହାତ ପତେଇବାକୁ ଯାଆନ୍ତି ନାହିଁ। ପୁଅ ର ଏ ସବୁ କଥା ଶୁଣି ମାଆ ସବୁ ଭଗବାନ ଙ୍କ ଉପରେ ଛାଡି ଦେଇଛନ୍ତି ।

ଦିନକର କଥା ମୁରଲୀ ସକାଳୁ ବିଛଣା ରୁ ଉଠି ଘର ଦୁଆର ମୁହଁରେ ବସି କାନ୍ଦୁଥିଲା। ମୁରଲୀ ର ମାଆ ମନ୍ଦିରକୁ ଯାଉ ଘରକୁ ଫେରୁଥିଲେ ଆସି ଦେଖିଲା ବେଳକୁ ମୁରଲୀ ବସି କଇଁ କଇଁ ହୋଇ କାନ୍ଦୁଚି। ମାଆ ପଚାରିଲେ କଣ ହେଇଛିକି ଧନ...? କଣ ପାଇଁ ବସି କାନ୍ଦୁଚୁ...? ମୁରଲୀ ମାଆଙ୍କୁ କହିଲା ମାଆ ମୁଁ କାଲି ଗାଁ କୁ ଭାରି ଖରାପ ସପନ ଦେଖିଚି ।

ମାଆ ହସି କି କହିଲେ କହିଲୁ ତୁ କଣ ଦେଖିଛୁ। ମୁରଲୀ କହିଲା ମା ମୁଁ ସପନ ଦେଖିଲି ଆମ ଗାଁ ମରୁଭୂମି ରେ ପରିଣତ ହୋଇ ଯାଇଛି। ଗାଁ ର ଲୋକ ମାନେ ଖାଇବାକୁ ପାଉନାହାନ୍ତି। କେତେ ଲୋକ ଭୋକ ଉପାସରେ ରହୁଛନ୍ତି। କିଛି ଲୋକ ଭୋକ ସହି ନପାରି ମରି ଯାଇଛନ୍ତି। ଏମିତି ବହୁତ କଥା ମୁରଲୀ ମାଆ ଙ୍କୁ କହିଲା। ମାଆ ମୁରଲୀ ର ଏକଥା କୁ ମାଆ ଗୁରୁତ୍ୱ ଦେଲେ ନାହିଁ। ଓଲଟି କହିଲେ ବାପା ରେ... ଆମର ଆଖି ଅଛି ସ୍ୱପ୍ନ ଆମେ ବହୁତ ଦେଖିବା। ଆଉ ସେଇ ସ୍ୱପ୍ନ କୁ ଦେଖି ଯଦି ଆମେ ଏମିତି କାନ୍ଦିବା ତାହେଲେ କଣ ହେବ ବାପା...

ଆମେତ ଗରିବ ଗୁରୁବା ଆମକୁ ସ୍ୱପ୍ନ ଦେଖିବା ମନା। ଆମେ ଖଟିଲେ ଖାଇବା ନ ଖଟିଲେ ଓପାସ ରେ ଘରେ ଶୋଇବା। ଏସବୁ କଥା ଶୁଣି ମୁରଲୀ ରାଗିକି ଘରୁ ଗାଁ କୁ ପଳାଇଲା ଛଅ ସାତ ଜଣ ସାଙ୍ଗ କୁ ଡାକି ଗାଁ ଅପରିଷ୍କାର, ଅଳିଆ, ଆବର୍ଜନା ପ୍ଲାଷ୍ଟିକ ପାଲଥିନ ସବୁ ସଫା କରି ଗାଁ ରେ କିଛି ଗଛ ଲଗାଇଲା, ଗାଁ ର ଲୋକ ମାନଙ୍କୁ ଏକାଠି କରି କହିଲା..

ଆପଣ ମାନେ ପଦୂଷଣ ରୁ ନିଜକୁ ନିଜ ପରିବାର କୁ ଚାହୁଁଛନ୍ତି ତାହେଲେ ନିଜ ଆପଣ ଆପଣ ଙ୍କ ପରିବେଶ କୁ ସ୍ୱଚ୍ଛ ରଖିନ୍ତୁ। ଆପଣ ଆପଣଙ୍କ ଘର ପାଖରେ କିଛି ଗଛ ଲଗାନ୍ତୁ। ପ୍ଲାଷ୍ଟିକ ଠାରୁ ନିଜକୁ ନିଜ ପରିବାର କୁ ଦୂରେଇ ରଖନ୍ତୁ। ତାହେଲେ ଯାଇଁ ଆପଣ ଙ୍କ ପରିବାରକୁ ଆଉ ନିଜକୁ ପ୍ରଦୂଷଣ ରୁ ବଞ୍ଚାଇ ପାରିବେ ଆଉ ସୁରକ୍ଷିତ ରଖି ପାରିବେ।

ISSN NO.
2582-208X

ମୁରଲୀ ର ଏସବୁ କଥା ଶୁଣି ଗାଁ ଲୋକ ଚକିତ ହେଲେ। ଏତେ କମ ବର୍ଷ ର ପିଲା ଏତେ ବୁଦ୍ଧି। ମୁରଲୀ କି ଗାଁ ଲୋକ ବହୁତ ପ୍ରଶଂସା କଲେ।

ସେହି ପିଲା 22 ବର୍ଷ ପରେ ସେ ଜଣେ ସଚୋଟ ପୋଲିସ ଅଫିସର ହେଲା। ଦେଶ ବିଦେଶ ରେ ବହୁତ ନାଁ, ଖ୍ୟାତି ଅର୍ଜନ କଲା । ମୁରଲୀ ତା ଗାଁ କୁ ସ୍ୱଚ୍ଛଗାଁ କଲା ଆଉ ଗାଁ ରେ ବିଦ୍ୟାଳୟ ଟିଏ କରିଲା ସେଇ ବିଦ୍ୟାଳୟ ଟିର ନାଆ ""ମୁରଲୀଧର ହାଇ ସ୍କୁଲ ""

ସେ ବିଦ୍ୟାଳୟ ଟି ବହୁତ ନାଆ ଖ୍ୟାତି ଅର୍ଜନ କଲା। ମୁରଲୀ ଦେଖି ଥିବା ସ୍ୱପ୍ନ ବି ସାକାର ହେଲା। ମୁରଲୀ ମାଆ ଏସବୁ ଦେଖି ବହୁତ ଖୁସି ହେଲେ। ମୁରିଲୀ ମାଆ ଙ୍କୁ କହିଲା ମାଆ ତୁମେ କହିଥିଲନା ଆଖି ଅଛି ତ ସ୍ୱପ୍ନ ବି ଅଛି ଏକଥା ସତ। ହେଲେ ମନରେ ସାହସ ଇଚ୍ଛା ଶକ୍ତି ଆଗ୍ରହ ଥିଲେ ମଣିଷ ଅସମ୍ଭବ କାମ ବି କରି ପାରିବ। ତା ପାଇଁ କଠିନ ପରିଶ୍ରମ କରିବା ଦରକାର।

ଯାଜପୁର
ବନ୍ଧମୁଣ୍ଡା

ISSN NO.
2582-208X

# ସମ୍ପର୍କ

ସରସ୍ୱତୀ ମିଶ୍ର

ସଂପର୍କର କାଠଗଡାରେ
ଛିଡା ହୋଇ
କଛି କହିବି କବିବି ବୋଲି
ତୁନ ମାରିଯାଏ ମୁଁ
ଯେତେବେଳେ ଦେଖେ
ସମ୍ପର୍କକୁ ବଞ୍ଚାଇବାକୁ ଚେଷ୍ଟାକରି
ଝୁକ ଝୁକ
ମୁଁ ହଜାଇ ବସିଛି
ମୋର ଆତ୍ମ ସମ୍ମାନ ଆଉ
ଇଜ୍ଜତ୍ ॥

ସମ୍ପର୍କ
ଅଧୁନକ ଯୁଗର
କେବେ ହସାଏ ତ କେବେ
ସ୍ୱପ୍ନିଳ ନୟନ ଦ୍ୱୟେ
ଭରିଦିଏ ଲୋତକର ବନ୍ୟା
କେବେ ଦୁଃଖର ଘନଘୋର ସମସାରେ
ସାଥୀଟିଏ ହୋଇ
କ୍ଷରେ ନଉସ୍ପ୍ରିନ୍ ମଲମ
ଲଗାଇ ଯାଏ
ତ କେତେବେଳେ

ISSN NO.
2582-208X

ନଜେ ଦେଇଯାଏ
ସମସ୍ତ ସହସ୍ର କ୍ଷତ ॥

ଯେତେବେଳେ
ବିଶ୍ୱାସ ଧରି ଆସେ
ପ୍ରଗାଢ଼ ରଙ୍ଗର ରଙ୍ଗିମାକୁ
ସେତେବେଳେ
ହଠାତ୍ କଏ,
ବିଶ୍ୱାସରେ ବିଷ ଦେଇଯାଏ
ଯେଉଁଠାରେ
ଅନ୍ତରରୁ ଫିଟିପଡେ
ସ୍ନେହର ମୁକୁଳା,
ନର୍ଝରିଣୀ ଟିଏ
ସେଇଠାରୁ ପଡେ
ଏକ ଶକ୍ତ ଧକ୍କା
ଅଜବ ଏ ମଣିଷ
ଭଲକୁ ଭୁଲିବାକୁ
ଏକ ସେକେଣ୍ଡ ବି ଲାଗେନାହିଁ
ମନ୍ଦକୁ ସାଙ୍ଗେ ସାଙ୍ଗେ
ଲୁଗାକାନରେ ଗଣ୍ଠିପରି ରଖିଥାଏ ।

ସମ୍ପର୍କ
ଆଜି ଓ କାଲିର ଭଳି ଅଦ୍ଭୁତ
ଭଳି ବିଚନ୍ତ୍ର
କେଉଁଠାରେ ନଇଁଦେଲେ
ଟିକେ ଗାଢ଼ ହୋଇଯାଏ
ତ କେଉଁଠାରେ ଆହୁରି ଆହୁରି

ISSN NO.
2582-208X

ନଇଁଯାଉ ବୋଲି ଜଣେ
ଭରପୁର ଫାୟଦା ଉଠାଏ ॥

ତଥାପି ଏ ସମ୍ପର୍କ
ଜୀବନରୁ କାଟିହୁଏ ନାହିଁ
ସୁଖେ-ଦୁଃଖେ ସବୁଠି ଦରକାର ହୁଏ
ସମ୍ପର୍କଟିଏ ସାଥୀଟିଏ
ନହେଲେ ଆସେନାହିଁ
ଦୁଃଖ-ଲୁହ, କଷ୍ଟ-ସୁଖର
ନଟୋଳ ପୂର୍ଣ୍ଣିମା ଶର୍ବରୀର
ଜୋଛନାରେ
ଗାଧୋଇବାର ମଜା ॥

ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ
ଲମ୍ବିଯାଇଥାଏ
ଯେଉଁ ଅଙ୍କାବଙ୍କା ପଥ
ସେଥିରେ ଯୁଟିଯାନ୍ତି
ଅନେକ ସାଥୀ ବାଟୋଇ
ସେଥିରୁ ଜନ୍ମନଏ ଅନେକ ସମ୍ପର୍କ
କେଉଁଟା ଜୀବନର ଶେଷ ପର୍ଯ୍ୟନ୍ତ
କେଉଁଟିବା, ଅଳ୍ପବର୍ଷ,
ଅଳ୍ପଦିନ ପର୍ଯ୍ୟନ୍ତ
କିନ୍ତୁ ଏଇ ଜୀବନର
ରଙ୍ଗିନ ଚଳଚ୍ଚିତ୍ର
ବନିପାରେନାହିଁ
ପାଞ୍ଚଟା ସମ୍ପର୍କର ବିନା
ବିନା ସମ୍ପର୍କରେ ଏ ମଣିଷ

ISSN NO.
2582-208X

ଜିଇଁବା ତ ଜିଇଁବା
ତିଷ୍ଠିବା ବି ଅସମ୍ଭବ ॥

ସବୁ ଜାଣିବି,
ଏ ମଣିଷ ହେଉଥାଏ ଦିଗହରା
କେଉଁଠି ନିଜ ସୁଖ-ଦୁଃଖର
ସହଭାଗିନୀ ପତ୍ନୀକୁ ଜାଳିଦିଏ
ଯୌତୁକର ଜ୍ୱଳନ୍ତ ଅଗ୍ନିଶିଖାରେ
ତ କେଉଁଠି
ନିଜ ଦେବତୁଲ୍ୟ ବାପା ମାଙ୍କୁ
ଅଣଦେଖା କରି
ସ୍ୱାର୍ଥପର ହୋଇ ଦିଏ
ଅସଂଖ୍ୟ ବେଦନା ॥

ତଥାପି କଦାଚ,
ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ
ଭିନ୍ନ ଭିନ୍ନ ସମ୍ପର୍କର
ଡୋରିରେ ବନ୍ଧାଏ ମନୁଷ୍ୟ
କେଉଁଠି,
ଏ ସମ୍ପର୍କ ପାଇଁ
ମଣିଷ ମନର ନିଶୂନ୍ ରାତ୍ରୀରେ
ଅଭିସାର ରଚେ
ତ କେଉଁଠାରେ
ଏ ସମ୍ପର୍କ ହିଁ ହୁଏ
ତା ମୃତ୍ୟୁର ଏକମାତ୍ର
ଅନିବାର୍ଯ୍ୟ କାରଣ ॥

ଫୋନ - ୮୮୯୫୫୫୮୯୭୬

ISSN NO.
2582-208X

# ମା'ର ଚିଠି



ଡ଼ଃ ଶୁଭେନ୍ଦୁ ମେହେର

ପୁଅରେ.....!
ସ୍ନେହ ନେବୁ ମୋ ଗଣ୍ଠିଧନ
ଏଡିଟିଏ ରୁ ଏଡୁଟିଏ କଲି
ଆଜି ନାହିଁ ମୋ ବଳ,
ଶୁଖିଯାଇଛି ମୋ ସ୍ତନ !
ମୋ ଦେହର ମାଂସ ଗୁଡାକ
ବାଦୁଡି ପରି ଝୁଲୁଛି ।

ଏତିକ କହିବି,
ମୁଁ ମଲାପରେ
କାନ୍ଧେ ବୋହି ନେବୁ ମଶାଣୀକୁ
ସେଠି,
ଅଧାପୋଡ଼ା ମୋ ଶରୀରରୁ ବାହାରୁଥିବା
ଚଡିଚଡି ଶବ୍ଦ ଦେଇ
ମୁଁ ତୋତେ ଆଶୀର୍ବାଦ ଦେବି।

ତୁ କାହୁଁ ବୁଝିପାରିବୁ...!
ପାଠ ପଢେଇଲି
ବଡ଼ ହାକମ ହେଲୁ

ISSN NO.
2582-208X

ମଲା ବେଳକୁ ମୋ ମୁହଁରେ
ଟିକଏ ନଆଁ ଦେବୁ ବୋଲି
ବିଶ୍ୱାସ ଅଛି ମୋର ।

ଏଇ ହାତେ....!
ଖୁଦ ମଲୁଖୁରୁ ତୋତେ ଖୁଆଇଛି
ମୋ ପେଟକୁ ମାରି
କୋଳରେ ହଗିଛୁ କୋଳରେ ମୁତିଛୁ
ସବୁତ ସହିଛି ।
ତଥାପି,
ତଥାପି ତୁ ପାଖରେ ରଖିଲୁନ
ହାତରେ ମାରି ନଥିଲି ଭାତରେ ମାରିଲୁ
ମାଇପ ବୁଦ୍ଧିରେ ଭୁଲିଗଲୁ
ମା'ର ମମତା।
ମୋ ପିଣ୍ଡରୁ ପ୍ରାଣ ବାୟୁ ଟିକକ
ଉଡିଯିବା ଆଗରୁ
ନିଶ୍ଚୟ ଆସିବୁ।
ଇତି
ତୋର ମାଆ

ଯାଏଲେ, ସୁବର୍ଣ୍ଣପୁର

ISSN NO.
2582-208X

# ନିଃସ୍ୱାର୍ଥ ପ୍ରେମ

ସୁଜାତା ପାହାନ

ପ୍ରାଚୀ ଆକାଶର ସୁନୀଳ ଦିଗବଳୟରେ ସ୍ୱର୍ଣ୍ଣ ପଦକ ପରି ପ୍ରତୀୟମାନ ସୂର୍ଯ୍ୟୋଦୟ ପ୍ରାତଃ ମୁହୂର୍ତ୍ତକୁ କରେ ମହନୀୟ । ପକ୍ଷୀ ମାନଙ୍କର କାକଳି ସତେକି ପ୍ରଭାତର ସୁସମ୍ବାଦ ପ୍ରଚାର କରିବାରେ ବ୍ୟସ୍ତ ଆଉ ବିବ୍ରତା ସବୁଜ ବନାନୀର ଚାରୁତା ସତେକି ହୃଦୟରେ ପ୍ରସନ୍ନତା ଭରିଦିଏ । ଏହି ସବୁଜିମାର ଶୀର୍ଷ ଭାଗରେ ଶୋଭା ପାଉଥାଏ ଏବଂ ମୁକ୍ତାର ଭ୍ରମ ସୃଷ୍ଟି କରିଥାଏ ନିହାର ବିନ୍ଦୁ ଗୁଡିକ ଯାହାକି ପ୍ରକୃତିର ଶୋଭାକୁ କରେ ବହୁଗୁଣିତ ।

ପ୍ରସ୍ଫୁଟିତ ପୁଷ୍ପ ଗୁଡିକ ବିନା ସ୍ୱାର୍ଥରେ ବିତରି ଚାଲିଥାନ୍ତି ତାଙ୍କ ଶରୀରର ସୌନ୍ଦର୍ଯ୍ୟ ଆଉ ସୁବାସ ଯାହା ମନରେ ପ୍ରସନ୍ନତା ଭରିଦିଏ ପ୍ରତି ମୁହୂର୍ତ୍ତରେ । ବୃକ୍ଷ ମଧ୍ୟ ନିଜ ଶାଖା ପ୍ରଶାଖା ବିସ୍ତାରି ମାନବ ସମାଜ ପାଇଁ ଦାନ କରିଚାଲେ ତାର ପ୍ରତ୍ୟେକଟି ଅଙ୍ଗକୁ ନିଃସ୍ୱାର୍ଥ ଚିତରେ । ପ୍ରତି ବଦଳରେ ସେ କିଛି ଚାହେଁନାହିଁ, କେବଳ ଦେଇଚାଲେ ନିଜର ସର୍ବସ୍ୱ ବିନା ପ୍ରତିବାଦରେ ।

ମାଆ ଯେପରି ନିଜକୁ ନିଜ ସନ୍ତାନ ସନ୍ତତି ମାନଙ୍କ ସୁଖ ଶାନ୍ତି ନିମନ୍ତେ ନିଜ ଜୀବନକୁ ଉତ୍ସର୍ଗ କରିଦିଏ ବିନା ଦ୍ୱିଧାରେ ନିଃସ୍ୱାର୍ଥ ଭାବରେ । ନିଜେ ଦୁଃଖ କଷ୍ଟ ସହି ନିଜ ପିଲାମାନଙ୍କୁ ମଣିଷ କରିବା ନିଶାରେ ସେ ନିଜ ଜୀବନକୁ ନର୍କରେ ମଧ୍ୟ ଠେଲି ଦେଇଥାଏ । କିନ୍ତୁ ସେଇ ପିଲାମାନେ ବଡ ହୋଇ ତା ଠାରୁ ଦୂରେଇ ଯାଆନ୍ତି ଯାହା ତାକୁ ବହୁତ କଷ୍ଟ ଦେଇଥାଏ । ମାଆ କେବେ ବି ତା ସନ୍ତାନ ମାନଙ୍କଠାରୁ କିଛି ପାଇବାର ଆସ ରଖି ନଥାଏ । କେବଳ ସେମାନଙ୍କ ଉନତି ଏବଂ ସୁଖ କାମନା କରିଥାଏ । ଯାହା ତାର ନିଃସ୍ୱାର୍ଥ ପ୍ରେମର ପରିଭାଷା ।

ପକ୍ଷୀଟିଏ ଯେତେବେଳେ ଅଣ୍ଡା ଦିଏ ତା ବସାରେ ପ୍ରତି ମୁହୂର୍ତ୍ତରେ ସେ ତାକୁ ଜଗି ବସିଥାଏ । ଛୁଆ ଫୁଟିବା ପରେ ଦିନରାତି ଲାଗିଥାଏ ତାଙ୍କ ପାଇଁ ଆହାର ସଂଗ୍ରହରେ ଯାହା ଖାଦ୍ୟ ମିଳେ ଅତି ଆଦର ଯତ୍ନରେ ସମସ୍ତଙ୍କ ଥଣ୍ଟର ଖାଦ୍ୟ ଛୁଆଇ ଦିଏ । ଟିକେ ବଡ

ISSN NO.
2582-208X

ହୋଇଗଲେ ତାଙ୍କୁ ଉଡିବା ସିଖେଇଦିଏ । ଆଉ ସେଇ ଛୁଆମାନେ ଉଡିବା ଶିଖିଗଲା ପରେ ଆକାଶର ବୁକୁ ଚିରି ଉଡି ବୁଲନ୍ତି ମହା ଆନନ୍ଦରେ । ତାଙ୍କୁ ଦେଖି ତାଙ୍କ ମା ର ଆନନ୍ଦ କହିଲେ ନସରେ । ତାକୁ ମନେହୁଏ ଯେମିତି ସେ ସ୍ୱର୍ଗ ସୁଖ ଲାଭ କରିଛି । କିନ୍ତୁ ଏଇ ଖୁସି ତାର ବେଶି ଦିନ ରହେନି । ପିଲାମାନେ ବଡ ହୋଇଗଲେ ସେମାନେ ନିଜପାଇଁ ଆଉ ନୂତନ ବସା ବାନ୍ଧିବାକୁ ମା କୁ ଛାଡି ଚାଲିଯାଆନ୍ତି କେଉଁ ଅଜଣା ରାଇଜକୁ । କିନ୍ତୁ ମା ତାର ପିଲାଙ୍କ ଫେରିବା ବାଟକୁ ଚାହିଁ ରହିଥାଏ ପ୍ରତି ସନ୍ଧ୍ୟାରେ । ବିନା ସ୍ୱାର୍ଥରେ କିଏ ଆଉ ମମତାର ପ୍ରତିମୂର୍ତ୍ତି ସାଜି ବାଣ୍ଟି ଚାଲେ ତାର ନିଃସ୍ୱାର୍ଥ ସ୍ନେହ, ପ୍ରେମକୁ ତାର ସନ୍ତାନ ସନ୍ତତି ମାନଙ୍କ ମଧ୍ୟରେ ।

ସେହି ପରି କରୁଣାମୟୀ ଏ ପୃଥିବୀ ଆମ ମା ପରି ସେ ମଧ୍ୟ ସମସ୍ତ ଦୁଃଖ କଷ୍ଟ ଯନ୍ତ୍ରଣା ସହି ତାର ସନ୍ତାନ ଅର୍ଥାତ୍ ଜୀବଜଗତକୁ ନିଜ କୋଳରେ ସ୍ଥାନ ଦେଇଛି । ସେ ପ୍ରତି ବଦଳରେ କିଛି ବି ଚାହେଁନି । କିନ୍ତୁ ନିଃସ୍ୱାର୍ଥ ଭାବରେ ଦେଇଚାଲେ ଉତ୍ସର୍ଗ କରିଚାଲେ ନିଜ ଜୀବନକୁ ଏହି ମାନବ ସମାଜର ଆବଶ୍ୟକତା ପୂରଣ କରିବା ପାଇଁ। ଏହି ମାଟିରେ ମଣିଷ କେତେ ବିରାଟ ପ୍ରସାଦ ନିର୍ମାଣ କରେ, ତାକୁ ଖୋଳି କେତେ ଉନ୍ନତମାନର କାର୍ଯ୍ୟ ସମ୍ପାଦନ କରେ ନିଜର ସୁଖ ସୁବିଧା ଲାଗି । କୃଷକ ମଧ୍ୟ ବହୁ ପରିଶ୍ରମ କରି ଏହି ମାଟିକୁ ଚାଷ କରିବା ଉପଯୋଗୀ କରେ ଏବଂ ଏହି କ୍ଷେତରେ ସୁନାର ଫସଲ ଫଳାଏ । ମନୁଷ୍ୟ ସମାଜ ପାଇଁ ଖାଦ୍ୟର ବ୍ୟବସ୍ଥା ମଧ୍ୟ ଏହି ମାଟି ମାଆର କରୁଣା, ଦୟା ଏବଂ ନିଜ ସନ୍ତାନ ମାନଙ୍କ ପାଇଁ ଥିବା ନିଃସ୍ୱାର୍ଥ ପ୍ରେମରୁ ସମ୍ଭବ ହୋଇପାରିଛି ।

ଭଗବାନଙ୍କ ସୃଷ୍ଟି ସତରେ କେତେ ବିଚିତ୍ର, କେତେ ସୁନ୍ଦର, କେତେ ପବିତ୍ର । ନଦୀର ପ୍ରଖର ସ୍ରୋତ ପରି ଜୀବନ ସ୍ରୋତ ପ୍ରବାହିତ । କେତେବେଳେ ଏହି ସ୍ରୋତରେ ବନ୍ୟା ଆସେ ତ କେତେବେଳେ ନଦୀ ପାଣି ଶୂନ୍ୟ ହୋଇଯାଏ । ସେହିପରି ଜୀବନ ସ୍ରୋତରେ ମଧ୍ୟ ଆସେ ସୁଖଦୁଃଖ ହସକାନ୍ଦର ମୁହୂର୍ତ୍ତ । କେତେବେଳେ ମଣିଷ ଖୁସିରେ ବିଭୋର ହୁଏ ତ ପୁଣି କେତେବେଳେ ଦୁଃଖ ଯନ୍ତ୍ରଣାରେ ଭାଙ୍ଗିପଡେ ।

କିନ୍ତୁ ପ୍ରତି ମୁହୂର୍ତ୍ତରେ ମଣିଷ ଅନ୍ୟଠାରୁ ପାଇବାକୁ ଚାହେଁ ସ୍ନେହ, ପ୍ରେମ, ଶ୍ରଦ୍ଧା ଓ ସମ୍ମାନ । ଆମେ ଯାହା ପାଇବାକୁ ଚାହୁଁ ତାହା ମଧ୍ୟ ଅନ୍ୟକୁ ଦେବାକୁ ପଡିଥାଏ । ଆମେ ସବୁବେଳେ ଅନ୍ୟଠାରୁ ଭଲ ଆଶା କରୁ କିନ୍ତୁ ପ୍ରତିବଦଳରେ ଭଲ ବ୍ୟବହାର କରୁନାହିଁ ।

ISSN NO.
2582-208X

ଯାହା ଫଳରେ ମଣିଷ ଦୁଃଖ, କଷ୍ଟ ଯନ୍ତ୍ରଣା ଭୋଗ କରିଥାଏ । ତେଣୁ ଯେଉଁ ପର୍ଯ୍ୟନ୍ତ ଆମେ ସ୍ୱାର୍ଥ ସର୍ବସ୍ୱ ହୋଇ କାର୍ଯ୍ୟ ସମ୍ପାଦନ କରିବା ଆମେ ଦୁଃଖ, କଷ୍ଟ, ଯନ୍ତ୍ରଣା ଲାଭ କରିବା । କିନ୍ତୁ ନିଃସ୍ୱାର୍ଥ ପ୍ରେମ ସର୍ବଦା ସ୍ନେହ ଶ୍ରଦ୍ଧା ଏବଂ ଆନନ୍ଦ ପ୍ରଦାନ କରିଥାଏ ।

ଯେମିତି ଭଗବାନ ସର୍ବଦା ଆମକୁ ନିଃସ୍ୱାର୍ଥ ଭାବରେ ପ୍ରେମ କରନ୍ତି ସେ ଆମଠାରୁ କିଛି ବି ଚାହିଁ ନଥାନ୍ତି । ସଂସାରର ପ୍ରତ୍ୟେକ ବ୍ୟକ୍ତିଙ୍କୁ ସେ ନିଜ ସନ୍ତାନ ଭାବରେ ଶ୍ରଦ୍ଧା କରନ୍ତି । ମଣିଷ ପାଇଁ କେଉଁଟା ଠିକ୍ ଆଉ କେଉଁଟା ଭୁଲ୍ ସେ ହିଁ ଜାଣନ୍ତି ଆଉ ତା ପାଇଁ ଠିକ୍ ରାସ୍ତା ଦେଖେଇ ଦିଅନ୍ତି । କିନ୍ତୁ ସାଧାରଣ ମଣିଷ ଭଗବାନ୍ ଙ୍କ ଏହି ନିଃସ୍ୱାର୍ଥ ପ୍ରେମକୁ ବୁଝିପାରିନଥାଏ । ଭଗବାନ୍ ଆମଠାରୁ କିଛି ଚାହିଁ ନଥାନ୍ତି କେବଳ ତାଙ୍କ ପ୍ରତି ଟିକେ ଭକ୍ତି ଏବଂ ନିଃସ୍ୱାର୍ଥ ପ୍ରେମ ଭାବ ପ୍ରତି ସେ ଆକୃଷ୍ଟ ହୋଇଥାନ୍ତି ।

ତେଣୁ ସମସ୍ତେ ଭଗବତ୍ ଚିନ୍ତାଧାରାମୁଖୀ ହୋଇ ପ୍ରତ୍ୟେକଙ୍କ ପ୍ରତି ଶ୍ରଦ୍ଧା, ଏବଂ ନିଃସ୍ୱାର୍ଥ୍ ପ୍ରେମ ମନୋଭାବ ପୋଷଣ କରିବା ଦ୍ୱାରା ହିଁ ସାରା ବିଶ୍ୱରେ ଆଧ୍ୟାତିକତର ବଳୟ ସୃଷ୍ଟି ହୋଇ ପାରିବ ଯାହାଦ୍ୱାରା ବିଶ୍ୱର ପ୍ରତ୍ୟେକ ମନୁଷ୍ୟ ସତ୍, ଚିତ୍, ଆନନ୍ଦର ଅଧିକାରୀ ହୋଇପାରିବ । ବିଶ୍ୱକୁ ସଚ୍ଚିଦାନନ୍ଦମୟ କରିବା ଦିଗରେ ପ୍ରତ୍ୟେକଙ୍କ ପ୍ରତି ନିଃସ୍ୱାର୍ଥ ପ୍ରେମଭାବ ରହିବା ଏକାନ୍ତ ଅନିର୍ବାଯ୍ୟ । ଯହା ଜୀବନକୁ ସରଳ, ସହଜ, ସୁଖମୟ ଏବଂ ଆନନ୍ଦ ପ୍ରଦାନ କରିଥାଏ ।

ଅଧ୍ୟାପିକା
ଓଡିଆ ଭାଷା ଓ ସାହିତ୍ୟ ବିଭାଗ
ଶ୍ରୀ ସତ୍ୟସାଇ ମହିଳା ମହାବିଦ୍ୟାଳୟ
ପୋଖରୀପୁଟ, ଭୁବନେଶ୍ୱର

ISSN NO.
2582-208X

# ପ୍ରଭୁ ଗଜାନନ



ପ୍ରକାଶ କୁମାର ଗୁନ୍ଦ

ଗଣପତି ଗଣନାଥ
ପ୍ରଭୁ ଗଜାନନ
ଯୋଡୁଅଛୁ ଦୁଇହାତ
ଦିଅ ଦରଶନ ।।

ବୁଦ୍ଧିଦାତା ସିଦ୍ଧି ଦାତା
ପାଠର ଠାକୁର
ଅଜ୍ଞାନ କୁ ନାଶ କର
ମହେଶ କୁମର ।।

ଜାଣିନାହୁଁ ମନ୍ତ୍ରପାଠ
ଅବା ପୂଜା ବିଧି
ଆଶିଷରେ ହେଉ ତୁମ
ଆମ୍ଭ କାର୍ଯ୍ୟ ସିଦ୍ଧି ।।

ISSN NO.
2582-208X

ତୁମେ ପ୍ରଭୁ ଅଟ ପରା
ଶ୍ରେଷ୍ଠ ଏ ଜଗତେ
ସେଥିପାଇଁ ପୂଜା ପାଅ
ଆଗୁଆ ମରତେ ।।

ତୁମ ଲାଗି ମଣ୍ଡପକୁ
ରଖିଛୁ ସଜେଇ
ଆମ ଲାଗି ମରତକୁ
ଆସ ହେ ଓହ୍ଲେଇ ।।

ଧୂପ ଦୀପ ନୈବେଦ୍ୟ
ରଖିଛୁ ସଜାଡି
ତୋଳିଅଛୁ ଫୁଲ ପାଦେ
ଦବାକୁ ଅଜାଡି ।।

ଏଇଦିନେ ତୁମ ଦୃଷ୍ଟି
ଆମ ପରେ ପଡୁ
ରଖିଅଛୁ ପ୍ରଭୁ ତୁମ
ପ୍ରିୟ ଖସାଲଡୁ ।।

ଜୟପୁର ଶାସନ ପିପିଲି ପୁରୀ
ମୋ-୯୮୫୩୩୫୪୯୩୮

ISSN NO.
2582-208X

# ରାକ୍ଷୀ ନୁହେଁ ରେଶମ ଡୋର

ପ୍ରକାଶ କୁମାର ପାଣିଗ୍ରାହୀ

ରାକ୍ଷୀବନ୍ଧା ହାତ ନଜାଳୁ ମହମ
ଜାଳୁ ସେ ରାକ୍ଷସ ଦେହ
ଯେଉଁ ରାକ୍ଷସଟା ମାଆର ମନରେ
ସୃଷ୍ଟି କରିଅଛି କୋହ,
ଛଡାଇ ନେଇଛି ଭଉଣୀକୁ ତାର
ବିଲୁଆ କୁକୁର ସାଜି
ପ୍ରତି ଅଙ୍ଗ ତାର କାଟିଦେଉ ହାତେ
ଦେଖୁଏ ଦୁନିଆ ଆଜି,
ଆସଏ ବିଶ୍ବର ପ୍ରତି ଭାଇ କର
ମାରି ମରିବାର ପଣ
ରାକ୍ଷୀ ସୂତା ନୁହେଁ ରେଶମ ଡୋରଟେ
ଜାଣନ୍ତୁ ରାକ୍ଷସ ଗଣ,
ମଥାଟେକି ଚାଲୁ ପ୍ରତିଟି ଭଉଣୀ
ଆଖିରୁ ପୋଛି ତା ଲୁହ ....
ରାକ୍ଷୀବନ୍ଧା ହାତ ନଜାଳୁ ମହମ
ଜାଳୁସେ ରାକ୍ଷସ ଦେହ ।।

ଚକାପଦା(ଖୋର୍ଦ୍ଧା)
୯୧୭୮୪୭୫୪୩୭

ISSN NO.
2582-208X

# ଶ୍ରାବଣ ହଟେଇ
# ଆସିଚି ଶରତ



ପ୍ରଶାନ୍ତ କୁମାର ଦାଶ

ଆକାଶେ ଭାସୁଚି ଧଳା ମେଘମାଳା
ମେଲାଣି ନେଇଚି ମେଘ
କାମିଲାଣି ମେଘ ବରଷା ବତାସ
ତାତି ପବନର ବେଗ ।।

ନଇଦେହେ ସୁଅ ଡଅଁର ଖେଳଇ
ସୁଅକାଟି ଛୁଟେ ନାଆ
ସଞ୍ଜଗଡିଗଲେ ଥରାଉଛି ଦେହ
ପୂରୁବ ଦିଗର ବାଆ ।।

ଶ୍ରାବଣ ହଟେଇ ଆସିଚି ଶରତ
କାଶତଣ୍ଡୀ କରେ ନାଚ
କୁଳୁ କୁଳୁ ନଈ ଜଳରେ ପହଁରି
ଖେଳଇ ଖୁସିରେ ମାଛ ।।

ISSN NO.
2582-208X

ଜହ୍ନିଫୁଲ ଫୁଟି ଦିଶେ ଜକ ଜକ
ମେଲାଏ ପସରା ତାର
ସକାଳୁ ଉଠିକି ଅପା ଫୁଲତୋଳି
ଗୁନ୍ଥିଦିଏ ଫୁଲହାର ।।

ଗାଆଁରୁ ସହର ଛବି ମନୋହର
ଜଳ ଦିଶେ ନିରିମଳ
ଗଛଟି ସୁନ୍ଦର ପକ୍ଷୀର ହୁନ୍ଦର
ଦେଖି ଡାଳେ ଫୁଲ ଫଳ ।।

ହୁଏ ପୂଜାଛୁଟି ଗାଆଁପିଲା ଜୁଟି
ଖେଳନ୍ତି ଦାଣ୍ଡରେ ଖେଳ
ନାଲି ନେଳି କଇଁ ତୋଳନ୍ତି ପାଣିରୁ
ଆସିଗଲେ ସଞ୍ଜବେଳ ।।

କହନ୍ତି ପିଲାଙ୍କୁ ଘନଅଜା ଆସି
ଦେବୀପୂଜା ବେଳହେଲା
ଦେବୀ ଦେଖି ଯିବା ଭୋଜିବି କରିବା
ଯେତେ ଅଛ ସବୁପିଲା ।।

କୁଞ୍ଜର ସଙ୍ଗଳାଇ
ପିପିଲି ପୁରୀ
Mobile -9668822190

ISSN NO.
2582-208X

# ସୁଇଟିର ସ୍ୱପ୍ନ



ହର ପ୍ରସାଦ ସୁଆର

ତା'ର ରୂପାନ୍ତରିତ ନାମ ହେଉଛି ସୁଇଟି । ଝିଅପିଲାଙ୍କ କ୍ଷେତ୍ରରେ ଆଜିକାଲିକା ଦିନରେ ସୁଇଟି ଏକ ମଧୁର ନାମ । ସେ ଦେଖିବାକୁ ପାଞ୍ଚ ଫୁଟ ଦଶ ଇଞ୍ଚ ଲମ୍ବା, ଗୋରା, ଚେହେରାରେ ପୁରୁଷର ଲକ୍ଷଣ ଥିଲେ ହେଁ ନାମ ସହ ମେଳ ରଖିବାକୁ ଯାଇ ପୋଷାକ ପରିଧେୟ ଦେହର ସାଜସଜ୍ଜା ମଧ୍ୟ ତଦନୁରୂପ । ଉଜ୍ଜ୍ୱଳ ମୁଖମଣ୍ଡଳରେ ଆତ୍ମବିଶ୍ୱାସ ଏବଂ ସାହସର ଛାପ ରହିଛି । କମନୀୟ ଚେହେରା ଏବଂ ଉତ୍ତମ ସ୍ୱାସ୍ଥ୍ୟ । ବିଶ୍ୱବିଦ୍ୟାଳୟ ସ୍ତରରୁ ସଫଳ ହୋଇଥିବା କୌଣସି ଏକ ପୁରୁଷ ବା ନାରୀଙ୍କ ଭଳି କଥାବାର୍ତ୍ତାରେ ଚାତୁରୀ। କେହି କହିବ ନାହିଁ ଯେ ସେ ଅଳ୍ପ ଶିକ୍ଷିତ ଏକ ମନୁଷ୍ୟ ବୋଲି । ହାତର ଦଶ ଆଙ୍ଗୁଳିରେ ସୁନ୍ଦର ରଙ୍ଗର ନେଲ୍ ପାଲିସ୍ । କଲରଟା ଯେ କାହାର ପସନ୍ଦ ହେବ । ଗୋଡ଼କୁ ମାନିଲା ଭଳି ଆଧୁନିକ ଡିଜାଇନର ଲେଡ଼ିସ୍ ଯୋତା । ଦେହର ପୋଷାକ ମଧ୍ୟ ଯେ କୌଣସି ବଡ଼ ଘରର ଝିଅ ବୋହୂଙ୍କ ପୋଷାକକୁ ହାର ମନେଇବ । କୃଷ୍ଣବାବୁ ସେଦିନ ଗୁଣୁପୁର - କଟକ ମେମୁ ଟ୍ରେନରେ ଭୁବନେଶ୍ୱର ଯିବା ଉଦ୍ଦେଶ୍ୟରେ ପାରଳାଖେମୁଣ୍ଡି ଷ୍ଟେସନରେ ଟ୍ରେନ୍ ଚଢ଼ି ଝରକା ପାଖରେ ନିଜର ପସନ୍ଦ ମୁତାବକ ସିଟରେ ବସିଲେ । ପାରଳାରୁ କଟକ ଅଭିମୁଖେ ଟ୍ରେନଟି ଛାଡ଼ିବା ପୂର୍ବରୁ ଯେଉଁ ମନୁଷ୍ୟ ଜଣକ କୃଷ୍ଣବାବୁଙ୍କ ସାମନା ଝରକା ପାଖରେ ଅର୍ଥାତ୍ ମୁହାଁମୁହିଁ ହୋଇ ବସିଲା ତା'ସହ ଆଳାପ ପରିଚୟରୁ ଜଣାପଡିଲା ତା' ନାମଟି ହେଉଛି ସୁଇଟି । ତା'ର ଦୁଇ ସାଥିଙ୍କ ସହ କୌଣସି କାମରେ


www.vedantimagazine.com

ISSN NO.
2582-208X

ବାହାରିଛି କଟକ ଯିବାପାଇଁ । ତା' ସାଥି ଦୁହେଁ ଏକା ଡବାର ଅନ୍ୟତ୍ର ବସିଥାଆନ୍ତି । ଏଣେ କୃଷ୍ଣବାବୁ ଓ ସୁଇଟି ସାମନାସାମନି ବସି ଟ୍ରେନ୍ ଯାତ୍ରା କରୁଥାଆନ୍ତି । ବାକି ସବୁ ସିଟ୍ ଖାଲି ପଡ଼ିଥାଏ । କାରଣ ସମୟଟା ଥିଲା ଭୋର ରାତ୍ର ।

ମନରେ ପ୍ରଶ୍ନ ଆସିବା ସ୍ୱାଭାବିକ, ତା'ର ରୂପାନ୍ତରିତ ନାମଟି ଯଦି ହୋଇଥାଏ ସୁଇଟି ତାହାହେଲେ ତା'ର ଅସଲ ନାମଟି ବା କ'ଣ ? ଅସଲ ନାମଟି ହେଉଛି ଗଣେଶ ସାହୁ । ତା' ବାପାମାଆଙ୍କ ନିଜ ସ୍ଥାନ ହେଉଛି ସମ୍ବଲପୁର ଜିଲ୍ଲାର ବଉଦ ଗ୍ରାମରେ । କିନ୍ତୁ ତା' ବଡ ଭାଇ, ଭାଉଜ, ଅପା ଭିଣୋଇ ଓ ମାଆବାପା ସବୁ ଗୁଣୁପୁରରେ ରହନ୍ତି । ଗଣେଶର ଅନୁମାନିକ ବୟସ ପଞ୍ଚତିରିଶ । ସେ ନବମ ଶ୍ରେଣୀଯାଏଁ ପାଠ ପଢିଛି । ଛୋଟ ବୟସରୁ ତା' ବାପାମାଆଙ୍କୁ ଯେତେବେଳେ ଜଣାପଡିଲା ତାଙ୍କ ଛୋଟ ପୁତ୍ର ମଧ୍ୟରେ ପୁରୁଷର ବା ନାରୀର କୌଣସି ଲକ୍ଷଣ ଦେଖାଯାଉନାହିଁ, ଜନ୍ମ ଦେଇଥିବା ବାପା-ମାଆ ସେତେବେଳେ ମନରେ ପ୍ରମାଦ ଗଣିଲେ । ସେମାନେ ଠିକ୍ କଲେ ଏଭଳି ଜଣେ ସନ୍ତାନକୁ ଘରେ ରଖିବା ଠିକ୍ ହେବନାହିଁ । ତେଣୁ ଘର ଲୋକେ ମିଶି ସବୁବେଳେ ତା'କୁ ଗାଳି ଗୁଲଜ, କଟାକ୍ଷ, ଅପମାନ, ଅବହେଳା, ପାତରଅନ୍ତର ଆଦି କରନ୍ତି । ଏମିତିକି ଜନ୍ମଦାତା ପିତା ମଧ୍ୟ ଗଣେଶକୁ ସବୁବେଳେ ମାରନ୍ତି, ପିଟନ୍ତି ଏବଂ ବହୁତ ଦଣ୍ଡ ଦିଅନ୍ତି । ଏସବୁ ଦୁଃଖ, ଯନ୍ତ୍ରଣା ଓ ଅପମାନ ପ୍ରତିଦିନ ସହିବାକୁ ପଡେ଼ । କେବଳ ବୋଉ ହିଁ ତା'ର ଏକମାତ୍ର ସାହା ଭରସା । କିନ୍ତୁ ଘରେ ବୋଉ ବା ଏକା କଣ କରିପାରିବ ? ଫଳରେ ଗଣେଶ ବୁଝିପାରେ, ଏ ଘରେ ତାହାରି କୌଣସି ସ୍ଥାନ ନାହିଁ । ଅନ୍ୟତ୍ର ଚାଲିଯିବାକୁ ହିଁ ହେବ କାରଣ ସେ ହେଉଛି ତୃତୀୟ ଲିଙ୍ଗ, ହିଞ୍ଜଡ଼ା ବା ହିଜଡ଼ା । ତା' କହିବା ଅନୁଯାୟୀ ପାରଳାଖେମୁଣ୍ଡିରେ ଶତାଧିକ ତୃତୀୟଲିଙ୍ଗୀ ବାସ କରନ୍ତି । ଏଣୁ ସେ ସେମାନଙ୍କ ସହ ଯୋଗାଯୋଗ କରେ ଏବଂ ପରିଶେଷରେ ସେମାନଙ୍କ ନିକଟକୁ ଚାଲିଯାଏ ।

ଗଣେଶର କହିବା କଥା ହେଲା ଥରଟିଏ ଯଦି ସେମାନେ କୌଣସି ଦୂରଗାମୀ ଟ୍ରେନରେ ଚଢନ୍ତି ତାହାହେଲେ ଯାତ୍ରୀଙ୍କଠାରୁ ସଂଗ୍ରହ ବାବଦକୁ ଅନ୍ତତଃ ଦଶହଜାର ଟଙ୍କା ମିଳିଯାଏ । ସେଥିରେ ସେମାନେ ଘରଭଡ଼ା, ଖାଇବା, ନିଜନିଜ ସାଜସଜ୍ଜା ଓ ପୋଷାକ ଆଦି ବାବଦରେ

ISSN NO.
2582-208X

ଖର୍ଚ୍ଚ କରନ୍ତି । ତୃତୀୟଲିଙ୍ଗୀ ହୋଇ ସୁଦ୍ଧା ସେମାନଙ୍କ ମଧ୍ୟରୁ ପ୍ରାୟ ପ୍ରତ୍ୟେକଙ୍କର ପରିବାର ରହିଛି । ମନରେ ପ୍ରଶ୍ନ ଆସେ ଏହା କିପରି ସମ୍ଭବ ? ହଁ ସମ୍ଭବ । ସେମାନେ ନିଜନିଜ ମଧ୍ୟରେ ବାହା ହୋଇ କାହାକୁ ସ୍ୱାମୀ ରୂପରେ ତ ଅନ୍ୟ କାହାରିକୁ ସ୍ତ୍ରୀ ରୂପେ ଗ୍ରହଣ କରନ୍ତି । କାହାରିକୁ କନ୍ୟା ଅଥବା ପୁତ୍ର ରୂପରେ । ଯେଉଁମାନେ ବୟସ୍କ ହିଜଡ଼ା ସେମାନେ କାହାରି ମାଆ ଅଥବା ବାପା କିମ୍ବା ଅଜା, ଆଇ ଏଭଳି ବନିଯାଆନ୍ତି । ଗୋଟେ ହିଜଡ଼ା ସହ ଅନ୍ୟ ହିଜଡ଼ାର ବାହାଘର ବେଳେ ଐକ୍ୟବଦ୍ଧ ହୋଇ ଅନ୍ୟାନ୍ୟ ସମସ୍ତ ହିଜଡ଼ା ବିବାହ ଉତ୍ସବରେ ଯୋଗଦେଇ ଖୁସି ଓ ଆନନ୍ଦ ମନାନ୍ତି । ଶୁଣାଯାଏ, ହିଜଡ଼ାଙ୍କ ଠାରୁ ଏକ ଟଙ୍କା ବା ଦୁଇଟଙ୍କା କଏନଟିଏ ନେଇ ନିଜ ପକେଟ୍ କିମ୍ବା ମନିପର୍ସରେ ରଖିଲେ ଶୁଭହୁଏ । କେହି ଯଦି ହିଜଡ଼ାଙ୍କୁ କିଞ୍ଚିତ୍ ଅର୍ଥ ସାହାଯ୍ୟ କରନ୍ତି ତାହାହେଲେ କୃତଜ୍ଞତା ବା ବଦାନ୍ୟତା ସ୍ୱରୂପ ସେମାନେ ସେହି ବ୍ୟକ୍ତିର ମୁଣ୍ଡରେ ହାତ ରଖି ଆଶୀର୍ବାଦ କରନ୍ତି । ଟ୍ରେନରେ ଚଢିଥିବା ହିଜଡ଼ା ଦଳ ସାଧାରଣତଃ ବୟସ୍କ ପୁରୁଷ ବା ମହିଳାଙ୍କ ନିକଟରେ ହାତ ପାତିନଥାନ୍ତି । ସେମାନଙ୍କ ମୂଳ ଲକ୍ଷ୍ୟ କମ୍ ବୟସର ଯୁବକଙ୍କ ଠାରୁ ଅର୍ଥ ସଂଗ୍ରହ । ଟଙ୍କା ଦେବାରୁ ବର୍ତ୍ତିବା ନିମନ୍ତେ କିଛି ଯୁବ ଯାତ୍ରୀ ଟ୍ରେନର ବାଥରୁମରେ ଯାଇ ଲୁଚି ରହନ୍ତି ତ କେହି ଚଳନ୍ତ ଟ୍ରେନର ଏଣେତେଣେ ଚାଲିଯାଆନ୍ତି କିମ୍ବା କେହି ନିଦରେ ଶୋଇପଡ଼ିଥିବାର ବାହାନା କରି ଶୋଇରହନ୍ତି । ଫଳରେ ସେମାନଙ୍କୁ ଆଉ ଟଙ୍କା ଦେବାକୁ ପଡ଼େନାହିଁ । ସେମାନେ ଟ୍ରେନ୍ କିମ୍ବା ବସରେ ଚଢି  ସର୍ବପ୍ରଥମେ ହାତତାଳି ମାରି ଯାତ୍ରୀଙ୍କୁ ସେମାନଙ୍କ ଉପସ୍ଥିତିର ସଙ୍କେତ ଦିଅନ୍ତି । ଏହା ଛଡ଼ା,ବଡ଼ବଡ଼ ସହରର ରାଜରାସ୍ତାରେ, ଟୋଲ୍ ପ୍ଲାଜା ମାନଙ୍କରେ କିମ୍ବା କାହାରି ଘରେ ଯଦି ନୂତନ ସନ୍ତାନ ପ୍ରସବ ହୋଇଥାଏ ତାହାରି ଘରେ ଅର୍ଥାତ୍ ଏସବୁ ସ୍ଥାନରେ କିନ୍ନର ମାନଙ୍କୁ ଅର୍ଥ ସଂଗ୍ରହ କରୁଥିବା ଦେଖାଯାଏ ।

ବେଳେବେଳେ ରେଳଷ୍ଟେସନ୍ ପରିସରରେ କିମ୍ବା ଟ୍ରେନ୍ ଭିତରେ କିଛିକିଛି କୁରୁଚିକର ଯୁବକ ଏମାନଙ୍କ ହାତକୁ ଧରି ଟଣାଓଟରା କରନ୍ତି ,ଦେହରେ ହାତ ରଖନ୍ତି କିମ୍ବା ଖରାପ ଭାଷାରେ ଗାଳି କରନ୍ତି । ତା'ର ପ୍ରତ୍ୟୁତ୍ତରରେ ହିଜଡାମାନେ ମଧ୍ୟ ସାମୟିକ ହିଂସ୍ର

ISSN NO.
2582-208X

ହୋଇଉଠନ୍ତି । ତୁଣ୍ଡରେ ଉଚ୍ଚାରଣ କରି ହେବନି ଏଭଳି କଦର୍ଯ୍ୟ ଓ ଅଶ୍ରାବ୍ୟ ଭାଷାରେ ଦୀର୍ଘ ସମୟ ଧରି ଗାଳିଗୁଲଜ କରନ୍ତି ବା ଆବଶ୍ୟକ ସ୍ଥଳେ ନିଜେ ପିନ୍ଧିଥିବା ଶାଢ଼ୀକୁ ଜନ ସମକ୍ଷରେ ଉପରକୁ ଟେକି ଦିଅନ୍ତି ..... ଇତ୍ୟାଦି । ହିଜଡ଼ାଙ୍କ ମଧ୍ୟରୁ ଏକ ବୃହତ୍ ଅଂଶଙ୍କ ଦୌରାତ୍ମ୍ୟର କଳନା କରିହେବ ନାହିଁ ।

ଥରେ କୃଷ୍ଣବାବୁ ଓ ତାଙ୍କ ଜ୍ୟେଷ୍ଠ ପୁତ୍ର ଦୂରଗାମୀ ଏକ ଟ୍ରେନରେ ଯାତ୍ରା କରୁଥିଲେ । ତାଙ୍କ ପୁଅର ବୟସ ମାତ୍ର କୋଡିଏ । ସେ ଜଣେ ଛାତ୍ର । ବାପ ପୁଅ ଉଭୟେ ଟ୍ରେନ୍ କମରାର ଝରକା ନିକଟରେ ସାମନାସାମନି ବସିଥାଆନ୍ତି । ଏପରି ସମୟରେ ଜଣେ ହିଜଡ଼ା ଆସି ତାଙ୍କ ପୁତ୍ରକୁ ଟଙ୍କା ମାଗିଲା । ସେ ଟଙ୍କା ନଦେଇ ଚୁପ୍ ହୋଇ ରହିଲା । ଟଙ୍କା ନପାଇବା ହେତୁ ହିଜଡ଼ାଟି ରାଗିଯାଇ ବାପାଙ୍କ ସାମନାରେ ତାଙ୍କ ପୁତ୍ରର ଗାଲରେ ଜୋରରେ ଚାପୁଡ଼ାଏ ମାଇଲା, ଫଳରେ ଗାଲଟା ଲାଲ ହୋଇଗଲା । ଆଖିରେ ଲୁହ ଛଳଛଳ ହୋଇଗଲା । ଏହାଦେଖି କେଉଁ ବାପାଙ୍କୁ ବା ଭଲ ଲାଗିବ ? କିନ୍ତୁ ପ୍ରତିବାଦ କରିବାର ଉପାୟ ନାହିଁ । କିଂ କର୍ତ୍ତବ୍ୟ ବିମୂଢ଼ ହୋଇ ସହିବାକୁ ପଡ଼ିଲା କାରଣ ପ୍ରତିବାଦ କଲେ ଫଳ ଓଲଟା ହେବ। ହିଜଡ଼ାମାନଙ୍କ ମଧ୍ୟରୁ କେତେକଙ୍କ ନିକଟରେ ପ୍ରଚୁର ଅର୍ଥ ରହିଛି । ଯେଉଁମାନେ ଯାତ୍ରୀଙ୍କଠାରୁ ଏକରକମ ଜୋରକରି ଟଙ୍କା ଆଦାୟ କରନ୍ତି କିମ୍ବା ଯାହାର ଗ୍ଲାମର୍ ରହିଛି,ସେମାନେ ଅଧିକା ଅର୍ଥ ଉପାର୍ଜନ କରିପାରନ୍ତି । ହିନ୍ଦୀ ଚଳଚ୍ଚିତ୍ରର ଜଣେ ସୁପରଷ୍ଟାର୍ ଥରେ ଏଲାହାବାଦ ଲୋକସଭା ଆସନ ପାଇଁ ଉପନିର୍ବାଚନ ଲଢିଥିଲେ । ସେ ସେଠାକାର ଭୋଟରଙ୍କୁ ଆକର୍ଷିତ କରିବା ଉଦ୍ଦେଶ୍ୟରେ ସହସ୍ରାଧିକ ହିଜଡ଼ାଙ୍କୁ ବ୍ୟବହାର କରିଥିଲେ । ଦେଶରେ ଏଭଳି ଆହୁରି ଅନେକ ଦୃଷ୍ଟାନ୍ତ ରହିଛି । ଏମାନଙ୍କୁ ଅର୍ଥ ସଂଗ୍ରହ ନିମନ୍ତେ ବିଭିନ୍ନ ସ୍ଥାନକୁ ଯାତ୍ରା କରିବାକୁ ପଡ଼ିଥାଏ । ତେଣୁ ଏମାନେ ଅନ୍ତତଃ ପକ୍ଷେ ତିନି ଚାରୋଟି ଭାଷାରେ କଥା କହି ପାରନ୍ତି । ଗଣେଶର କହିବା କଥାହେଲା, କିନ୍ନର ମାନଙ୍କୁ ଦେଖି ସାଧାରଣ ଲୋକେ ମୁରୁକି ହସନ୍ତି । ବ୍ୟଙ୍ଗ, ବିଦ୍ରୁପ କରନ୍ତି । ସାଧାରଣ ଲୋକଙ୍କ ଭଳି ସେମାନଙ୍କ ସହ କେହି ମିଶନ୍ତି ନାହିଁ । ନିଜଠାରୁ ସେମାନଙ୍କୁ ଦୂରେଇ ରଖନ୍ତି । ଭାରତର ପାଣି ପବନରେ ଜନ୍ମି ବଡ଼ ହୋଇ ମଧ୍ୟ ସେମାନେ ସମାଜରୁ ସୁବିଚାର ପାଆନ୍ତି

ISSN NO.
2582-208X

ନାହିଁ । ସେମାନଙ୍କୁ ନାନା ପ୍ରକାର କଟୁକ୍ତି ଶୁଣିବାକୁ ପଡ଼ିଥାଏ । ଏପରିକି ସେମାନେ ଯଦି କୌଣସି ପୂଜାପାର୍ବଣ ପାଳନ କରନ୍ତି ଏବଂ ପୂଜାର ଭୋଗ ପ୍ରସାଦ ଦେବା ଉଦ୍ଦେଶ୍ୟରେ ସେମାନେ ରହୁଥିବା ଘର ସାମନା ଦେଇ ଯାଉଥିବା ପଥଚାରୀ ମାନଙ୍କୁ ଡାକନ୍ତି, ଲୋକେ ସେମାନଙ୍କ ହାତରୁ ଭୋଗ ପ୍ରସାଦ ନେବା ନିମନ୍ତେ ଆଗ୍ରହ ପ୍ରକାଶ କରନ୍ତି ନାହିଁ, ନାନା ଆଳ ଦେଖାଇ ଦୂରେଇ ଯାଆନ୍ତି । ନିଜର ମାଆବାପା, ଆତ୍ମୀୟ ସ୍ୱଜନ, ବନ୍ଧୁବାନ୍ଧବ କେହିହେଲେ ସେମାନଙ୍କୁ ପାଖକୁ ପୁରେଇ ଦିଅନ୍ତି ନାହିଁ । ଲୋକଙ୍କ ଏହି ଧରଣର ଆଚରଣ ଯୋଗୁଁ ସେମାନେ ମନରେ ନାନାବିଧ କଷ୍ଟ ପାଆନ୍ତି । ଅଥଚ ଟ୍ରାନ୍ସଜେଣ୍ଡର୍ ହୋଇ ଜନ୍ମିବାରେ ସେମାନଙ୍କର କୌଣସି ପ୍ରକାର ଭୂମିକା ନଥାଏ । ବେଳେବେଳେ ସେମାନଙ୍କ ମଧ୍ୟରେ କୌଣସି ବିଷୟକୁ ନେଇ ଯଦି ମତଭେଦ ଘଟେ ତାହାହେଲେ କଳି ଝଗଡ଼ା ବା ଗଣ୍ଡଗୋଳ କେତେ କଅଣ ଘଟିଯାଏ । ବାହାରକୁ ଟଙ୍କା ସଂଗ୍ରହ ନିମନ୍ତେ ଗଲାବେଳେ ଯାତ୍ରୀଙ୍କଠାରୁ ଟଙ୍କା ଆଦାୟକୁ କେନ୍ଦ୍ରକରି ବଚସା ଏବଂ ବଚସାରୁ ମାରପିଟ ପର୍ଯ୍ୟନ୍ତ ଘଟଣା ଘଟେ । ଫଳରେ ଏମାନେ ଦୈନନ୍ଦିନ ଜୀବନରେ ବହୁ ବାଧାବିଘ୍ନର ସମ୍ମୁଖୀନ ହୁଅନ୍ତି । ସମାଜର ଆଉ ଚାରିଜଣଙ୍କ ଭଳି ସମ୍ମାନ ପ୍ରଦର୍ଶନ କରିବା ତ ଦୂରେ ଥାଉ, ଏମାନଙ୍କ ପ୍ରତି କେହିହେଲେ ସାମାନ୍ୟ ସହାନୁଭୂତି ଦେଖାନ୍ତି ନାହିଁ । ଏଣୁ ସତରେ ଏମାନଙ୍କ ଜୀବନ ଖୁବ୍ ପଙ୍କିଳ ଓ ଦୁର୍ବିସହ ।

କିନ୍ନରଙ୍କ ମଧ୍ୟରୁ କେହିକେହି ଉଚ୍ଚ ଶିକ୍ଷିତ । ସେମାନେ ଯଦି ଉପଯୁକ୍ତ ସୁଯୋଗ ପାଆନ୍ତି ତାହାହେଲେ ସରକାରୀ କାର୍ଯ୍ୟାଳୟ ତଥା କଳକାରଖାନାରେ କାମ କରିବାକୁ ସକ୍ଷମ । ମାତୃଗର୍ଭରେ ଥିବା ସମୟରେ ଦେହରେ ହରମୋନର ପ୍ରଭାବ ଯୋଗୁଁ ଜନ୍ମ ହେବାପରେ ଏମାନଙ୍କ ଗୋପନାଙ୍ଗ ଅସାର ହୋଇଯାଏ । ଫଳରେ ଲୋକେ ଏମାନଙ୍କୁ ହିଜଡ଼ା ବୋଲି ଡାକନ୍ତି । କିନ୍ତୁ ବାସ୍ତବରେ ହିଜଡ଼ା ଡାକ ଶୁଣିଲେ ଏମାନଙ୍କ ମନରେ ଖୁବ୍ କଷ୍ଟ ହୁଏ ଏବଂ ଲଜ୍ଜା ଅନୁଭୂତ ହୁଏ । କିନ୍ନର ହୋଇସୁଦ୍ଧା ସେମାନଙ୍କ ମଧ୍ୟରୁ ଅନେକେ ପୁରୁଷ କିନ୍ନରଙ୍କ ଭଳି କାଳାତିପାତ କରନ୍ତି ଓ ପୁଣି ଅନ୍ୟ କିଛି କିନ୍ନର ଯାହାଙ୍କର ଝିଅ ବା ନାରୀ କିନ୍ନର ହୋଇ ବଞ୍ଚିରହିବାର ବାସନା ରହିଛି, ଦେହରେ କିଛିଟା ଗ୍ଲାମର୍ ରହିଛି ଏବଂ ହାତରେ

ISSN NO.
2582-208X

ପ୍ରଚୁର ଅର୍ଥ ରହିଛି ସେମାନେ ବମ୍ବେ ଯାଇ ସେଠାରେ ଅଢେଇ ଲକ୍ଷ ବା ତିନି ଲକ୍ଷ ଟଙ୍କା ଖର୍ଚ୍ଚ କରି ଅସ୍ତ୍ରୋପଚାର ମାଧ୍ୟମରେ ନିଜନିଜ ଲିଙ୍ଗ ପରିବର୍ତ୍ତନ କରନ୍ତି । ଏହି ଅସ୍ତ୍ରୋପଚାର ଫଳରେ ସେମାନଙ୍କୁ ଅସହ୍ୟ କଷ୍ଟ ଓ ଯନ୍ତ୍ରଣା ଭୋଗିବାକୁ ପଡ଼ିଥାଏ ତଥାପି ସେମାନେ କଷ୍ଟ ସ୍ୱୀକାର କରି, ଆର୍ଥିକ ଖର୍ଚ୍ଚାନ୍ତ ହୋଇ ନିଜକୁ ନାରୀ ସଜାନ୍ତି । ସ୍ୱାଭାବିକ ନାରୀଟିଏ ହେଲାପରେ ଉଦାର ମନର ଉପଯୁକ୍ତ ପାତ୍ରର ସନ୍ଧାନ ମିଳିଲେ ତା'କୁ ବାହାହୋଇ ଅନ୍ୟମାନଙ୍କ ଭଳି ସ୍ୱାଭାବିକ ଜୀବନଯାପନ କରନ୍ତି । ଏଣୁ ଅନ୍ୟ କିଛି କିନ୍ନରଙ୍କ ଭଳି ଗଣେଶ ମଧ୍ୟ ବମ୍ବେ ଯାଇ ସେଠାରେ ଅସ୍ତ୍ରୋପଚାର କରି ଫେରିଆସି ବର୍ତ୍ତମାନ ସାକ୍ଷାତ ନାରୀଙ୍କ ଭଳି ଦେଖାଯାଉଛି । ଫଳରେ ସେ ନିଜ ନାମକୁ ପରିବର୍ତ୍ତନ କରି ସୁଇଟି ହୋଇ ବଞ୍ଚିରହିବାକୁ ଚାହୁଁଛି । ସେ ସ୍ଥାନୀୟ ପୌରସଭାରେ ଅସ୍ଥାୟୀ କର୍ମୀରୂପେ କାର୍ଯ୍ୟରତା । ସୁଇଟି ମଧ୍ୟ ସ୍ୱପ୍ନ ଦେଖୁଛି, ଯେକୌଣସି ଏକ ସାଧାରଣ ଘରର ଉଦାର ମନସ୍କ ପୁରୁଷକୁ ବାହାହୋଇ ସୁଖୀ ଜୀବନଯାପନ କରିବ । ଗତ କିଛିବର୍ଷ ହେଲା କିନ୍ନରମାନେ ସେମାନଙ୍କର ଦୈନ୍ୟରୁ କିଛିଟା ମୁକୁଳିବା ନିମନ୍ତେ ଐକ୍ୟବଦ୍ଧ ହୋଇ ସରକାରଙ୍କ ନିକଟରେ ସେମାନଙ୍କ ଦାବୀକୁ ପେଶ୍ କରିଛନ୍ତି । ଏପରିକି ଦାବୀ ଆଦାୟ ନିମନ୍ତେ ରାଜରାସ୍ତାକୁ ଓହ୍ଲାଇ ସରକାରଙ୍କ ବିରୁଦ୍ଧରେ ଆନ୍ଦୋଳନ କରିଛନ୍ତି; ସେମାନଙ୍କର ସାମାଜିକ ସୁରକ୍ଷା, ରାଶନ୍ କାର୍ଡ, ଆବଶ୍ୟକୀୟ ସ୍ଥଳେ ଭତ୍ତା ପ୍ରଦାନ, ସରକାରୀ ତଥା ବେସରକାରୀ ଚାକିରୀ କ୍ଷେତ୍ରରେ ସଂରକ୍ଷଣ, ରହିବା ନିମନ୍ତେ ବାସସ୍ଥାନ ସହ ଅନ୍ୟକିଛି ଦାବୀକୁ ନେଇ । ସମ୍ଭାବ୍ୟ କ୍ଷେତ୍ରରେ କତିପୟ ସରକାର ସେମାନଙ୍କ ଦାବୀଗୁଡିକ ପ୍ରତି ସମବେଦନା ଜଣାଇବାକୁ ଯାଇ କିଛି ସୁଯୋଗସୁବିଧା ଦେବା ନିମନ୍ତେ ଘୋଷଣା କରିଛନ୍ତି । କେହିକେହି ଚାକିରୀ ମଧ୍ୟ ପାଇଛନ୍ତି । ଭାରତର ବଡବଡ ସହର ଯଥା ବମ୍ବେ, ଦିଲ୍ଲୀ, କୋଲକାତା, ଚେନ୍ନାଇ ଆଦି ସହରରେ ସେଠାକାର ସରକାର କିନ୍ନରଙ୍କ ରହିବା ନିମନ୍ତେ ବାସସ୍ଥାନର ବ୍ୟବସ୍ଥା କରିଛି । ପ୍ରତିଟି ଜିଲ୍ଲା ମହକୁମା ଓ ଅନ୍ୟାନ୍ୟ ସହରରେ ବିନା ପଇସାରେ ରହିବା ନିମନ୍ତେ କିନ୍ନରଙ୍କ ପାଇଁ ବାସସ୍ଥାନ ଏପର୍ଯ୍ୟନ୍ତ ହୋଇପାରିନାହିଁ । ଫଳରେ ସେମାନେ ସ୍ଥାନୀୟ ଭାବେ ନିଜନିଜ ଆନ୍ଦୋଳନକୁ ଜାରି ରଖିଛନ୍ତି । ସେମାନେ ବି ଚାହାଁନ୍ତି, ଅନ୍ୟମାନଙ୍କ ଭଳି ମୁଣ୍ଡ ଟେକି ରହିବାକୁ । ସେମାନେ ହିଜଡା ସମ୍ବୋଧନକୁ

ISSN NO.
2582-208X

ପସନ୍ଦ କରନ୍ତି ନାହିଁ ବରଂ କିନ୍ନର କହିବାରେ ସେମାନଙ୍କର ଆପତ୍ତି କିଛିନାହିଁ । ଏଥର ଓଡ଼ିଶା ବଜେଟ􏰀ରେ କିନ୍ନରଙ୍କ ଭଳି ଦୁର୍ବଳ ଗୋଷ୍ଠୀଙ୍କ ଆବାସିକ ସହାୟତାର ଗୁଣବତ୍ତାରେ ଉନ୍ନତି ଆଣିବା ଲାଗି ଜିଲ୍ଲା ସଦର ମହକୁମାରେ ସମନ୍ୱିତ ଭିତ୍ତିଭୂମି କମ୍ପ୍ଲେକ୍ସ ପ୍ରତିଷ୍ଠା ନିମନ୍ତେ ସାମାନ୍ୟ ଅର୍ଥ ମଞ୍ଜୁର କରାଯାଇଛି ଯାହା ସମୁଦ୍ରକୁ ଶଙ୍ଖେ ।

ଦେଖୁଦେଖୁ ଟ୍ରେନଟି ଯଥେଷ୍ଟ ବିଳମ୍ବରେ ଆସି ଖୋର୍ଦ୍ଧାରେ ପହଞ୍ଚିଲା । ଭୁବନେଶ୍ୱରରେ ଓହ୍ଲାଇବାକୁ ପଡିବ । ଏଣୁ କୃଷ୍ଣବାବୁଙ୍କ ଶେଷ ପ୍ରଶ୍ନର ଉତ୍ତରରେ ସୁଇଟି କହିଲା ଯେ ସେ ଅନ୍ୟ ନାରୀଙ୍କ ଭଳି ସନ୍ତାନ ପ୍ରସବ କରିବାରେ ଅକ୍ଷମ । ତେବେ ସେ ନିଜ ଜୀବନସାଥିକୁ ପରିପୂର୍ଣ୍ଣ ଶାରୀରିକ ସୁଖ ଓ ତୃପ୍ତି ଦେବାରେ ସକ୍ଷମ । ଏଣୁ ଇତିମଧ୍ୟରେ ସେ ନିଜର ଭାବୀ ସ୍ୱାମୀକୁ ଚୟନ କରିସାରିଛି । ଗଜପତି ଜିଲ୍ଲାର ଭିନଳା ଗ୍ରାମର ଏକ ପରିବାର ତାଙ୍କ ପୁତ୍ରର ବାହାଘର ହେବାପରେ ତା'ଠାରୁ କୌଣସି ସନ୍ତାନ ପ୍ରାପ୍ତିର ଆଶା କରନ୍ତିନାହିଁ। ସୌଭାଗ୍ୟକୁ ସେହି ପରିବାର ସହ ସୁଇଟିର ଯୋଗାଯୋଗ ଘଟିଛି । ପୁତ୍ରର ମାଆଙ୍କ ସମ୍ମତି ରହିଛି, ତାଙ୍କ ପୁତ୍ର ସହ ସୁଇଟିର ବାହାଘର କରାଇବେ । ଅର୍ଥାତ୍ ସୁଇଟିକୁ ଘରର ବୋହୂ କରି ଆଣିବେ । ଏଥିରେ ସୁଇଟି ନିଜର ସମ୍ମତି ଜଣାଇଛି । ସୁଇଟି କେବଳ ନିଜ ମାଆଙ୍କୁ ଅନ୍ତରରୁ ଭଲ ପାଏ ଏବଂ ଫୋନ୍ କରି କଥାହୁଏ । ତଥାପି ସେ ଘରେ କାହାରିକୁ ଏ ବିଷୟରେ ଜଣାଇନାହିଁ । ଶୀଘ୍ର ବାହାହେବାର ସ୍ୱପ୍ନ ଦେଖି ମନେମନେ ଖୁବ୍ ଖୁସିରେ ରହିଛି । ଆଉ ହୁଏତ ବେଶୀ ସମୟ ନାହିଁ ସୁଇଟିର ସ୍ୱପ୍ନ ପୂରଣ ହେବାରେ । ସମୟ ବଡ ବଳବାନ । ଏଣୁ ଆଗାମୀ ଦିନରେ ସମୟ କହିବ ରୂପାନ୍ତରିତ ହୋଇଥିବା ସୁଇଟିର ସ୍ୱପ୍ନ କେତେଟା ସାକାର ହୋଇଛି । ଯଦି ଏହା ବାସ୍ତବରେ ପରିଣତ ହୁଏ ତାହାହେଲେ ସେ ମଧ୍ୟ ଅନ୍ୟମାନଙ୍କ ଭଳି ନିଜର ସାଂସାରିକ ଜୀବନ ଭଲରେ ବିତାଇପାରିବ ଏବଂ କିନ୍ନର ଡାକରୁ ମୁକ୍ତି ପାଇବ ଯାହା ଅନ୍ୟ କିନ୍ନରଙ୍କ ପାଇଁ ପ୍ରେରଣାଦାୟକ ହେବ ଓ ଭବିଷ୍ୟତ ସ୍ୱପ୍ନ ପୂରଣ ପାଇଁ ବାଟ ଫିଟିବ ।

ଚଳଭାଷ : ୭୦୦୧୦୫୦୪୯୧

ISSN NO.
2582-208X

# କାଳିଆ ସାଆନ୍ତ



ସତ୍ୟନାରାୟଣ ପ୍ରସାଦ ନାୟକ

ଉଡେ ଫର ଫର ତୁମରି ନେତ
ମନ୍ଦିର ବେଢାରେ କେତେ ଭକତ,
ଚାହିଁ ଦେଲେ ତୁମ ପତିତପାବନ
କୋଟି ଜନ୍ମ ପୁଣ୍ୟ ହୁଏ ପ୍ରାପତ ।

ତୁମରି ମହିମା ଅଟେ ଅପାର
ତୁମ ବିନା ଲାଗେ ସବୁ ଅସାର,
ଭାବ ବନ୍ଧନ ରେ ବାନ୍ଧି ରଖିଥିଲେ
ଆଉ ମୋତେ ଅବା କାହାକୁ ଡର !

ଦୟା ର ସାଗର କଳା ଠାକୁର
ଲୀଳାମୟ ତୁମ ଲୀଳା ଅପାର,
ତୁମରି ବନ୍ଦନା ଗାଇବାକୁ ହେଲେ
ସାଲବେଗ ପରି ଭକ୍ତି ଦରକାର ।

ISSN NO.
2582-208X

ଭାବାବେଗ ଆଉ ଭକତି ଭରି
ନିତି ଜପୁଥିବି ନାମ ତୁମରି,
ପାଖେଥିଲା ପରି ଦରଶନ ଦିଅ
ଲୀଳାମୟ ହରି ବିଶ୍ୱ ବିହାରୀ ।

ଅନନ୍ତ, ଅସୀମ ତୁମ ମହିମା
କେ କହି ପାରିବ ତୁମ ବଡ଼ିମା,
ତୁମରି କରୁଣା ଟିକିଏ ମିଳିଲେ
ପଙ୍ଗୁ ଲଙ୍ଘି ପାରେ ପର୍ବତ ସୀମା ।

ତୁମ ଶ୍ରୀ ପୟରେ ଢାଳେ ପ୍ରଣତି
ଦୟା କର ବାରେ ଜଗତ ପତି,
ତୁମରି ମହିମା ଗାନ କରି କରି
ମିଳିଯାଉ ଦିନେ ମୋତେ ମୁକତି ॥

ଜୟ ଶ୍ରୀ ଜଗନ୍ନାଥ

ରଥ ରୋଡ, ଭୁବନେଶ୍ୱର
Mob.-9437764014

ISSN NO.
2582-208X

# ମାଣିକେ୍ୟ ମାଣିକ୍ୟ ମଣ୍ଡିତା



ଦିନେଶ ମେହେର

ଇନ୍ଦ୍ରାବତୀ ର କୁଳୁ କୁଳୁ ନାଦରେ
ଥୁଆମୂଳ ରାମପୁର ଚମ୍ପା ବନରେ
ତୋ ଆବିର୍ଭାବ ର କାହାଣୀ ଥରେ ଶୁଣିଲେ
କେଡ଼େ ସୁନ୍ଦର ନ ଲାଗେ ସତରେ!

ଶରତ ର ଶୁଭ୍ର କାଶତଣ୍ଡି ବାର୍ତ୍ତା ଦିଏ
ମାଁ ଆସିବାର ବେଳ ହେଲାଣି,
ଏବେ ଆରମ୍ଭ କରି ଦିଅ ପ୍ରସ୍ତୁତି,
ତାକୁ ସ୍ୱାଗତ କରିବା ପାଇଁ
ବାହାରି ଆସ ସାଜ ସିଙ୍ଗାର ଧରି!

ସେ ଆସିବ,
ତା ଆଗରେ ବାଜୁଥିବ ଢ଼ହ ଢ଼ହ ଘଣ୍ଟ
ଟିନି ଟିନି ଘଣ୍ଟି
ଢୋଲ, ନିଶାନ, ମାଦଳ ମହୁରୀ
କେତେ କଅଣ!
ରକ୍ତ ରଞ୍ଜିତ ହେଇ ଉଠିଥିବ

ISSN NO.
2582-208X

ମାଣିକ୍ୟପାଟଣା,
ଧୂପ ଦୀପ ଗୁଗୁଲ ର ବାସ୍ନାରେ
ମହକି ଉଠିବ ସମଗ୍ର କଳାହାଣ୍ଡି,
ଜନତା ର ଜନ ସମୁଦ୍ରରେ ହଳି ହଳି, ଝୁଲି ଝୁଲି
ଜେନାଖାଳ ରୁ ଶୋଭାଯାତ୍ରା ନେଇ
ଲେଉଟି ଆସିବ ମାଁ,
ତା ବିଜୟର ପ୍ରତୀକ ଛତର ଧରି!

ଏକାକ୍ଷରୀ ମନ୍ତ୍ରରେ ଜୀବନ୍ୟାସ ପାଇ
ଦଶମହାବିଦ୍ୟା କୁ ନିଜ ଠାରେ ସ୍ଥାନ ଦେଇ
ରକ୍ତ ଜର୍ଜରିତ ମନ୍ଦାର ଫୁଲରେ,
ଝିକିମିକିଆ  ଲାଲ ବସ୍ତ୍ରରେ
କେଡ଼େ ସୁନ୍ଦର ଦିଶୁଥିବ ମୋ ମାଁ,
ସତରେ
ସେ ବିଶ୍ୱ ସୁନ୍ଦରୀ,
ଅପରୂପା ସୋନ୍ଦର୍ଯ୍ୟ ଧାରିଣୀ
ଜଗତଧାତ୍ରୀ, ଜଗନ୍ମାତା
ମାଁ ମହାମାୟୀ, ଆସିବ ନିଜ ପଣତ ମେଳେଇ
ଦୀନ ହୀନ କୁ ଆସରା ଦେଇଯିବ
ନିଜ କୋଳରେ!

ଜୁନାଗଡ଼ କଳାହାଣ୍ଡି

ISSN NO.
2582-208X

# ଶ୍ରୀ ଜଗନ୍ନାଥ



ନମିତା ନାୟକ

ଜଗତର ନାଥ ଆହେ ଜଗନ୍ନାଥ,
ପରଂବ୍ରହ୍ମ ପରାତ୍ପର ।
ତୁମ୍ଭ ବିନା ନାହିଁ ଗତି କି ମୁକତି,
ଏହି ସଂସାର ତୁମର ।।
ସୃଷ୍ଟିର ଆରମ୍ଭେ ସୃଷ୍ଟି ର ବିଲୟେ,
ଆଦି ଅନ୍ତେ ଖାଲି ତୁମେ ।
ସେହି ଯଶ ଆଜି ବିଶ୍ୱେ ପ୍ରତିପାଦ,
ତୁମ ନାମ ଦଶଦିଗେ ଶୁଭେ।।
ପତିତ ମାନଙ୍କୁ ଉଦ୍ଧାରୁଛ ବୋଲି,
ତୁମେ ପତିତପାବନ।
ଦୁଃଖିଙ୍କର ଦୁଃଖ ନିବାରଣ କର,
ଆହେ ପ୍ରଭୁ ଭଗବାନ ।।
ବାରମାସେ ତେର ଯାତରା ପାଳୁଛ,
ବାଣ୍ଟୁଛ ଖୁସିର ଲହରି।
ନୀଳଚକ୍ର ଦେଖି ପ୍ରଣିପାତ କରେ,
ଜଣାଇ ଦୁଃଖୀର ଗୁହାରି।।

ISSN NO.
2582-208X

ରତ୍ନ ସିଂହାସନେ ବଡ଼ ଦେଉଳରେ,
ପ୍ରଭୁ ତୁମେ ବିରାଜିତ ।
ଭାତୃ ଭଗ୍ନୀ ସଙ୍ଗେ ସପ୍ତ ଦେବଦେବୀ,
ସିଂହାସନେ ଅଧିଷ୍ଠିତ ।।
ନିତ୍ୟ ଲୀଳା କର ଶିରି ମନ୍ଦିରରେ,

ମଣିଷ ମାନଙ୍କ ପରି।
ହେଲେ ତୁମେ ପ୍ରଭୁ ସ୍ୱଂୟ ଅବତାରୀ,
ଆହେ ଶଙ୍ଖ, ଚକ୍ର, ଗଦା,ପଦ୍ମ ଧାରୀ ।।
ଆନନ୍ଦ ବଜାରେ ବାଣ୍ଟୁଛ ପ୍ରଭୁ ହେ,
ତୁମର ଅମାପ ପ୍ରସାଦ ।
ଲକ୍ଷ୍ମୀ ମାଆଙ୍କର ରାନ୍ଧଣା ଖାଇ ଯେ,
ଭକ୍ତ ଜଗତ ଆନନ୍ଦ ।।
ଟଙ୍କତୋରାଣି ରେ ଶୋଷ ମେଣ୍ଟାଉଛ,
ଅଜସ୍ର ଲୀଳା ତୁମର ।
ହାତ ଗୋଡ ବିନୁ କାଳିଆ ଠାକୁରେ,
ସଭିଙ୍କ କର୍ମ ବିଧାନ କର।।
ଚକା ଆଖି ବୋଲି ସବୁକିଛି ଦେଖି,
ଧର୍ମ ସତ୍ୟର କର ଜୟ ।
ପିଣ୍ଡ ବ୍ରହ୍ମାଣ୍ଡ ରେ ସୃଷ୍ଟି ତୁମେ ପ୍ରଭୁ,
ତୁମେ ଅମର ଅଜେୟ।।
ବୀର କାଳୀଦାସ ଉପଇନ୍ଦ୍ର ଭଞ୍ଜ,
ଦୀନକୃଷ୍ଣ କଲେ ତୁମ ବର୍ଣ୍ଣନା।
ସାରା ଜଗତର କବିଙ୍କ ଲେଖନୀ

ISSN NO.
2582-208X

ତୁମ୍ଭଠାରେ ନତମସ୍ତକ,
ଅନନ୍ତ ତୁମର ମହିମା ।।
ଶଙ୍ଖକ୍ଷେତ୍ରେ ନୀଳସୁନ୍ଦର ପର୍ବତେ,
ଶ୍ରୀ ମନ୍ଦିର ଅଧିଷ୍ଠିତ।
ହେଲେ ତୁମେ ପ୍ରଭୁ ଜଗତର ନାଥ,
ସଭିଙ୍କ ହୃଦେ ବିରାଜିତ ।।

ସ୍ନାତକୋତ୍ତର ଦ୍ୱିତୀୟ ବର୍ଷ ର ଛାତ୍ରୀ,
ଓଡ଼ିଆ ଭାଷା ସାହିତ୍ୟ ବିଭାଗ,
ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର

ISSN NO.
2582-208X

# ଆହୁତି



ଡାଃ. ଅନିତା ପଣ୍ଡା

## ଲେଖକୀୟ ଅଭିବ୍ୟକ୍ତି

ଦୁଇହଜାର ଚବିଶ ମସିହା ଜାନୁଆରୀ ମାସ । ମୋର ପଚାଶତମ ପୁସ୍ତକ ଅର୍ଦ୍ଧଶତକାର୍ଘ୍ୟ ପ୍ରକାଶକଙ୍କ ନିକଟରୁ ମୋର ହସ୍ତଗତ ହେଲା । ଖୁବ୍ ଇଚ୍ଛା ହେଲା, କେମିତି ଶ୍ରୀ କ୍ଷେତ୍ର ଯାଇ ଶ୍ରୀ ଜଗନ୍ନାଥଙ୍କ ଚରଣ କମଳରେ ପୁସ୍ତକଟି ଅର୍ପଣ କରି ନିଜର ମନୋଭାବ ପ୍ରକାଶ କରନ୍ତି; ଏଇଠି ମୋର ପୁସ୍ତକ ଲେଖିବାର ସଂପୂର୍ଣ୍ଣ ବିରତି । କେବଳ ସେତିକି ନୁହେଁ ତୋ ଦ୍ୱାରା ପ୍ରଦତ୍ତ ଏମିତିଗୋଟାଏ ଅମାୟିକ ସରଳ ଜୀବନକୁ ଦୀର୍ଘ ପଚସ୍ତରି ବର୍ଷ ଅଡ଼ାଇ ଥିବାବେଳେ କପଟୀ ଦୁନିଆର ଯେଉଁ ସବୁ ତାଡ଼ନା ନିଜ ଅଙ୍ଗେ ନିଭାଇ ଆସୁଛି ତା'ର ମଧ୍ୟ ବିରତିଶ୍ରେୟ ।

ପ୍ରତିଟି ପଦକ୍ଷେପରେ ପ୍ରତିବନ୍ଧକ, ତାଡ଼ନା, ଦୋଷୀ ସାବ୍ୟସ୍ତ ଦୁଃଖ ମାନଙ୍କୁ ବନ୍ଦ ଆଖିରେ ସହ୍ୟ କରିବା ସମୟରେ ତୋର ସେଇ ବଡ଼ ବଡ଼ ଦୁଇଟି ଆଖି ମୋ ସାମ୍ନାରେ ପ୍ରତିଭାତ ହୋଇଛି । କାରଣ ହେଲା ଦୁଃଖ ସିନା ଖଞ୍ଜିଛୁ, ସେ ସବୁ ସହ୍ୟ କରିବା ପାଇଁ ମତେ ଅମାପ ଶକ୍ତି ମଧ୍ୟ ପ୍ରଦାନ କରିଛୁ । ଯାହାଦ୍ୱାରା ସମାଜ ମତେ ଗ୍ରହଣ କରି ନେଇଛି ସବୁଠାରୁ 'ସୁଖୀ ମଣିଷ' ।

ତୋରି ଦତ୍ତ ସାହସ ସଞ୍ଚୟ କରି ମୁଁ ଶ୍ରୀକ୍ଷେତ୍ର ଦର୍ଶନ ପାଇଁ ପାଦ ବଢ଼ାଇଲି । ଦର୍ଶନ ନିମନ୍ତେ ଦୀର୍ଘ ଛଅ ଘଣ୍ଟାର ଅବଧି ପ୍ରୟୋଜନ । ସାହସ କୁଲାଉ ନ ଥାଏ । ବୟସ ବି ହେଲାଣି । ଭିଡ଼ ଭିତରେ ଛିଡ଼ା ହୋଇ 'ଭାସୋ ଭାଗାଲ ଆଟାକ' ଆକ୍ରାନ୍ତର ପୂର୍ବ ଅନୁଭୂତି

ISSN NO.
2582-208X

ରହିଛି । ଧୈର୍ଯ୍ୟ ଏକତ୍ରିତ କରି ଆଗକୁ ପାଦ ବଢାଇଲି । ପ୍ରଭୁଙ୍କ ପାଇଁ ଉଦ୍ଦିଷ୍ଟ ପୁସ୍ତକ ଦୁଇଖଣ୍ଡ ହାତରେ ଧରି ଏବଂ ପାଣି ବୋତଲ ଥିବା ବ୍ୟାଗଟିକୁ ହାତରେ ଗଳାଇ ଦେଇ ଭିତରକୁ ଯିବାର ପ୍ରତୀକ୍ଷାରେ ଛିଡ଼ାହୋଇ ରହିଲି । ଦିନ ପ୍ରାୟ ଗୋଟାଏ ହେବ । ଗୋଟାଏ ଲୁହା ବାଡ଼କୁ ଆଉଜି ପ୍ରବେଶ ସମୟର ପ୍ରତୀକ୍ଷା କରିଥାଏ । କେତେବେଳେ ଗାର୍ଡ ଭିତରକୁ ଯିବା ପାଇଁ ଅନୁମତି ଦେବେ । ଏଇ ଭିଡ଼ ଭିତରେ ପ୍ରାୟ ତିନିଘଣ୍ଟା ବିତି ଗଲାଣି ବୋଲି ମନକୁ ମଧ୍ୟ ଆସୁ ନ ଥାଏ । ଠିକ୍ ସେଇମିତି ଛିଡ଼ା ହୋଇଥିଲି, ଆଖିରେ ପଡ଼ିଲା ଅଳ୍ପ ସମୟ ପୂର୍ବରୁ ଭିଡ଼ ଭିତରକୁ ପ୍ରବେଶ କରି ମୋ ଆଖ ପାଖରେ ଛିଡ଼ା ହୋଇଥିବା ବ୍ୟକ୍ତି ଜଣକ କାହିଁ ଅଦୃଶ୍ୟ ହୋଇଗଲେଣି । ଦୂରକୁ ଦୃଷ୍ଟି ଲମ୍ବାଇଲି । ସେମାନେ ସପରିବାରେ ପ୍ରବେଶ ଦ୍ୱାର ଅତିକ୍ରମ କରି ବହୁ ଆଗରେ । ଦୃଷ୍ଟି ଫେରାଇଲି । ମନକୁ ମନ କହି ପକାଇଲି "ଜୋର୍ ଯାର ମୂଲକ ତାର" ।

କେହି ଜଣେ ସଜ୍ଜନଙ୍କ ସ୍ୱରରେ ଚିନ୍ତା ରାଜ୍ୟରୁ ଫେରି ଆସିଲି । ବର୍ଦ୍ଦୀ ପିନ୍ଧା ବାବୁ ଜଣକ ମୋ ଆଡ଼କୁ ଲକ୍ଷ୍ୟ କରି କହିଲେ, "ଆପଣ ସିନିଅର ସିଟିଜେନ" ଲାଇନ୍‌ରେ ନ ରହି ଭିଡ଼ ଭିତରେ କାହିଁକି ପଶିଲେ ? ତିନି ଘଣ୍ଟା ହେଲା ଦେଖୁଛି । ଧକ୍କା ଖାଇ ଖାଇ ଆପଣ ଆଗକୁ ଯାଉ ନାହାନ୍ତି ତ ପଛକୁ ପଛକୁ ଯାଉଛନ୍ତି । ଆପଣଙ୍କର ଆଉ ବଳ ବୟସ ଅଛି ! କେତେବେଳେ କୋଉ କଥା ! ସାଥିରେ ଆଉ କେହି ନାହାନ୍ତି !

ଅନର୍ଗଳ ଏ ସବୁ ଗାଇ ଯାଉଥିବା ବାବୁ ଜଣଙ୍କ ମୁହଁକୁ ଚାହିଁଲି । ଏଇ ତ ସେଇ ବାବୁ । ବର୍ଦ୍ଦୀରେ ଦେଖି ସାହାଯ୍ୟ ମାଗିଥିଲି । "କେଉଁ ଲାଇନରେ ଯିବି ଆଜ୍ଞା ?" ସେତେବେଳେ ତ କେବଳ ଲାଇନରେ ଅପେକ୍ଷା କର ବୋଲି କହିଥିଲେ । ପୁଣି ମନକୁ ବୁଝାଇଲି ସେତେବେଳେ ମନର ଦମ୍ଭ ମତେ ଯୁବା କିମ୍ବା ପ୍ରୋଢ଼ କରିଦେଇଥିଲା । ତିନିଘଣ୍ଟାର ପ୍ରତୀକ୍ଷା ପୁଣି ମତେ ମୋର ନିଜ ବୟସକୁ ନେଇ ଆସିଛି । 'ସିନିଅର ସିଟିଜେନ୍' ମାନଙ୍କ ଲାଇନକୁ ଚାହିଁଲି । ସେ ଲାଇନରେ ଲାଗିବାକୁ ହେଲେ ଏଠାରୁ ବାହାରକୁ ଯିବାକୁ ହେବ । ତାହା ମଧ୍ୟ ବର୍ତ୍ତମାନ ମୋ ପାଇଁ ସମ୍ଭବପର ନୁହେଁ । ଚୁପ୍ ଚାପ୍ ଲୁହା ବାଡ଼ର ସହାୟତାନେଇ ଛିଡ଼ାହୋଇ ରହିଲି ।

ISSN NO.
2582-208X

ମୋର ନିତିଦିନିଆ ପ୍ରକୃତି । ସେ ଗାଡ଼ି ଚଳାଇବା ସମୟରେ ହେଉ ଅବା ଗାଡ଼ି, ଉଡାଜାହାଜରେ ବସି ନୀରବରେ ଯାତ୍ରା କରିବା ସମୟରେ ହେଉ, ମନ ଭିତରେ କିଛି ବର୍ଣ୍ଣନା ଅଡୁଆ ତଡୁଆ ହୋଇ ଜାଗରୁକ ହୋଇଥାଏ । ଯାହା ଆସନ୍ତା ବ୍ରାହ୍ମ୍ୟ ମୁହୂର୍ତ୍ତରେ ହାତର ଲେଖନୀ ପାଇଁଖୋରାକ ଯୋଗାଇ ଥାଏ ।ସେଇଠି ଛିଡ଼ାହୋଇ ମାନସ କାନଭାସରେ ମୁଁଦେଖି ପାରୁଥିଲି । ଅନଳ କୁଣ୍ଡ ଭିତରେ ଗୋଟିଏ ନିରୀହା ମହିଳା । ମନକୁ ସାନ୍ତ୍ୱନାଦେଲି । ନାଁ.....ନାଁ... ପୁସ୍ତକ ଲେଖାରୁ ବିରତି ନେଇଛି । ଏ ସବୁ ଚିନ୍ତାରୁ ନିଜକୁ ଦୂରରେ ରଖିବି ।

ମୋ ସାମ୍ନାରେ ଛିଡ଼ା ହୋଇଥିବା ଜଣେ ବ୍ୟକ୍ତିଙ୍କର ବୟସ ଖୁବ୍ ବେଶୀରେ ପଚାଶ ପଞ୍ଚାବନ ହେବ । ହଠାତ୍ କେମିତି ତାଙ୍କର ମୁହଁଟା ଚିନ୍ତା ଶୂନ୍ୟ ହୋଇ ଶେଥା ଦେଖାଗଲା। ପାଖରୁ ଜଣେ ଯୁବକର କଣ୍ଠ ସ୍ୱର ଶୁଣାଗଲା । "ମୋ ହାତଟାକୁ କାହିଁକି ଛାଡ଼ି ଦେଲ ଭାଇନା ! ଭିଡ଼ି କରି ଧର ।" ଆଖି ପିଛୁଡାକେ ପ୍ରୌଢ଼ ଜଣକ ଗଡ଼ି ପଡ଼ିଲେ। ମୋ ଶରୀରରେ ଶତ ସିଂହର ବଳ ଯେମିତି ମାଡ଼ି ଆସିଲା । ବ୍ୟକ୍ତି ଜଣଙ୍କର ପାଦ ଦୁଇଟା ଉପରକୁ କରି ତଳିପା ଦୁଇଟାକୁ ଖୁବ୍ ଜୋରରେ ଘଷିବା ଆରମ୍ଭ କରିଦେଲି । ଦୁଇ ତିନିଜଣ ମତେ ଧକ୍କା ମାରି କହି ଚାଲିଥିଲେ, 'ମୁଣ୍ଡ ବୁଲେଇ ଦେଇଥିବ । ପାଣି ଟୋପାଏ ପିଆଇ ଦିଅନ୍ତୁ । ଇଏ କ'ଣ କରୁଛନ୍ତି ! ପାଣି ବିନା ବିଚରା ମରିଯିବ ।

"ଷ୍ଟପ....... ଲେଟ୍‌ମି ଡୁ ହ୍ୱାଟ ଆଇ ଆମ୍ ଡୁଇଙ୍ଗ ବନ୍ଦ କର । ମୁଁ ଯାହା କରୁଛି ମତେ କରିବାକୁ ଦିଅ ।" ଖୁବ୍ ଜୋରରେ ଏତିକି କହି ସେଇଠି ବସି ପଡ଼ି ତାଙ୍କର ଗୋଡ଼ ଦୁଇଟିକୁ ମୋ ହାତର ହାତଗଣ୍ଠି ଉପରକୁ ରଖି ତଳିପା ଘଷି ଚାଲିଥାଏ । କିଛି ସମୟ ବାଦ ବ୍ୟକ୍ତି ଜଣକ ଆଖି ଖୋଲି ଉଠି ବସିବା ପାଇଁ ପ୍ରୟାସ କଲେ । ବାରଣ କଲି । ଏ ମଧ୍ୟରେ ଲକ୍ଷ୍ୟ କଲି 'ଭାଇନା' ସମ୍ବୋଧନ କରୁଥିବା ଯୁବକ ଜଣକ ସେଠାରେ ନ ଥିଲେ । ହୁଏତ ଭାଇନାଙ୍କ ପାଇଁ ବହୁ କିଛି କରିବାକୁ ହେବ, ତେଣୁ ଭୟ ପାଇ ଦୂରୀଭୂତ ହୋଇଯାଇଥିଲେ । ପ୍ରଭୁ ଜଗନ୍ନାଥଙ୍କ ଘଣ୍ଟି ଶବ୍ଦ ଶୁଣି ଜନତା ଆଗକୁ ବଢିଲା । ବ୍ୟକ୍ତି

ISSN NO.
2582-208X

ଜଣକ ଦୁଇ ପାଖରେ ଥିବା ଅନ୍ୟ ଭକ୍ତମାନେ କହି ଚାଲିଥାନ୍ତି ; "ତୁମେ ଆଉ ଆଗକୁ ଯାଅନା ଭାଇନା । ଏଇଠି ରହି ଯାଅ ।"

ଏମିତି ହଟ୍ଟଗୋଳ ମଧ୍ୟରେ ମୁଁ ଯେ କେମିତି ପ୍ରାୟ ସିଂହାସନର ବହୁ ନିକଟତର ହୋଇ ଯାଇଥିଲି ମତେ ଜଣା ପଡ଼ିଲାନି । କେହି ଜଣେ ମୋ ହାତରୁ ପୁସ୍ତକ ଦୁଇଖଣ୍ଡି ନେଇ ଶ୍ରୀ ଜଗନ୍ନାଥଙ୍କୁ ଅର୍ପଣ କରିବା ଆରମ୍ଭ କରି ଦେଇଥିଲେ । ପୁସ୍ତକ ଦୁଇଟିକୁ ହାତରେ ଧରିଥିଲି ସତ ମାତ୍ର ମୁଁ ତ ଏ ଯାବତ୍ ପୁସ୍ତକ ସମର୍ପଣ ବିଷୟ ନେଇ କାହାକୁ ଗୁହାରି କରିନି । ତେବେ ? ପୁଣି ଦେଖିଲି ମୋ ହାତରୁ ପୁସ୍ତକ ନେଇଥିବା ବ୍ୟକ୍ତି ଜଣକ ଥିଲେ 'ଭାସୋ ଭାଗାଲ ଆଟାକ୍' ରେ ଆକ୍ରାନ୍ତ ହୋଇଥିବା ସେଇ ନନା ଜଣକ । ଆଖି ମଳି ଚାହିଁବାର ପ୍ରୟାସ କରୁଥିଲି । ଦେଖିଲି ମୁଁ ତୁଳସୀ ନେବା ପାଇଁ କର ପ୍ରସାରଣ କରିଥିବା ସମୟରେ କେତେଜଣଙ୍କ ଧକ୍କାରେ ଛିଟକି ଦୂରକୁ ପଡ଼ି ଯାଉ ଯାଉ ଖୁଣ୍ଟକୁ ଧରି ଛିଡ଼ା ହୋଇଗଲି । ପ୍ରଭୁଙ୍କର ଇଚ୍ଛା ନାହିଁ । ଦର୍ଶନ ସିନା ଖୁବ୍ ଭଲରେ ହୋଇଗଲା । ତାଙ୍କ ଛଡ଼ା ତୁଳସୀ ମୋ ଭାଗ୍ୟରେ ନାହିଁ ।

ଏଇ ନିଅମା ତମ ବହି ଆଉ ଜଗାର ଛଡ଼ା ଫୁଲ ତୁଳସୀ ।

ଆଶ୍ଚର୍ଯ୍ୟ ହୋଇ ନନା ଜଣଙ୍କ ମୁହଁକୁ ଚାହିଁ କହିଲି ; "ଆପଣ ତ ମୋ ହାତରୁ ବହି ନେଇ ନ ଥିଲେ ନନା । ମତେ ଚିହ୍ନିଲେ କେମିତି !"

ସେ ବହି ଉପରେ କାଳିଆକୁ ଅର୍ପଣ କରୁଥିବା ବେଳେ ଥିବା ଫଟୋଟିକୁ ଦେଖି । ମତେ ଏଥିରୁ ଖଣ୍ଡିଏ ଦବ ?

ମନକୁ ଆସିଲା, ବହିର ପ୍ରଚ୍ଛଦ ପଟରେ ଥିବା ଫଟୋ ଦେଖି ନନା ମତେ ଚିହ୍ନି ପକାଇଛନ୍ତି। କେତେ ଚାଲାକ୍ । କିଛି ନ କହି ନନାଙ୍କ ହାତକୁ ପୂଜା ପାଇଁ ସଂରକ୍ଷିତ ରଖିଥିବା ନୋଟ ସହ ବହି ଖଣ୍ଡିଏ ଧରାଇଲି ।

ଏଇଟା ତ ମୋ ପାଉଣା । ଆଉ ପୂଜା କରିଥିବା ପୂଜାରୀ ଜଣଙ୍କ ପାଇଁ ?

ISSN NO.
2582-208X

ମୁଁ ପର୍ସରେ ହାତ ବୁଲାଇ ଦୁଇଶହ ଟଙ୍କାର ନୋଟ ଖଣ୍ଡେ ଖୋଜୁଥିଲି । ମନକୁ ଆସୁଥିଲା ସଂପୂର୍ଣ୍ଣ ପୂଜା ପାଇଁ ତ ମୁଁ କେବଳ ଏଇତକ ରଖିଥିଲି । ତଥାପି ଖୋଜି ଚାଲିଥିଲି ଯଦି ଆଉ କିଛି ମିଳିଯାଏ !

ଥାଉ ମା' । ଏଇଥେରୁ ତାଙ୍କୁ ଦେଇଦେବି ।

ଆଶ୍ଚର୍ଯ୍ୟର ଶିଖରରେ ପହଞ୍ଚି ଗଲି । କୁହନ୍ତି ନନାମାନେ ଲୋଭୀ । ମାତ୍ର...... ଭାବ ବିହ୍ୱଳା ହୋଇ ଯାହା କିଛି ନୋଟ ହାତରେ ପଡ଼ିଲା ଉଠାଇ ନନାଙ୍କ ହାତରେ ଦେଲି । କଲ୍ୟାଣ କରି ନନା ଚାଲି ଯାଉଥିଲେ; "ୟାର ହଜାର, ଲକ୍ଷେ ଗୁଣ ତମୁକୁ କାଳିଆର ଦାନ ରହିବ ମା ।"

ନୂଆ କରି ଗଢି ଉଠିଥିବା ଶ୍ରୀ ମନ୍ଦିର ପରିକ୍ରମାକୁ ପରିକ୍ରମ କରି ଗାଡ଼ି ପାଖରେ ପହଞ୍ଚିବା ସମୟକୁ ପ୍ରାୟ ସନ୍ଧ୍ୟା ସାତଟା ପାଖାପାଖି । ଭୁବନେଶ୍ୱର ଅଭିମୁଖେ ଗାଡ଼ି ଚାଲିଥିଲା । ଗୋଟିଏ ଅପରିଚିତ ନମ୍ବରରୁ ଫୋନ ଦେଖି ମୋବାଇଲ ଫୋନ୍‌ଟିକୁ ଉଠାଇଲି ।

"ଆପ ଅନୀତା ଜୀ ବୋଲ ରହୀ ହେଁ ।"

ଜୀ....

(ହିନ୍ଦୀ ଆଲୋଚନାକୁ ଏଠାରେ ଓଡ଼ିଆରେ ଲେଖୁଛି)

ମୁଁ କାଦମ୍ବିନୀ ପତ୍ରିକାରୁ କହୁଛି । ଆପଣଙ୍କର ସଦ୍ୟ ପ୍ରକାଶିତ ତିନିଟି ପୁସ୍ତକ 'ସୋଚ କୀ ସତ୍ତା', 'ୟାଦୌଁ କା ସୌରଭ' ଏବଂ 'ମଶାଲ' ପାଠ କରିବାର ସୌଭାଗ୍ୟ ଅର୍ଜନ କଲି । ପୂର୍ବରୁ ଆପଣଙ୍କ ଦ୍ୱାରା ଲିଖିତ 'ଲୁଟ୍‌କେ ବାଦ୍‌ଭୀ' ଏବଂ 'ତିସରା ଜନମ' ଉପନ୍ୟାସ ଦୁଇଟି ପାଠ କରି ମୁଁ ବାସ୍ତବରେ ବିଚଳିତ ହୋଇ ଉଠି ଆପଣଙ୍କର ସାକ୍ଷାତକାର ପାଇଁ ଅନୁରୋଧ କରିଥିଲି । ମାତ୍ର ଆପଣଙ୍କର ଉତ୍ତର ଥିଲା, ମୁଁ ହିନ୍ଦୀ ଜଗତରେ ଏତେଟା ପରିଚିତା ନୁହେଁ, ଉଚିତ୍ ପ୍ରାପ୍ୟ ଠାରୁ ଅଧିକ ସମ୍ମାନ ପ୍ରଦର୍ଶାଇଲେ ଆପଣଙ୍କୁ ବହୁ ଆକ୍ଷେପ ଶୁଣିବା ପାଇଁ ହୋଇପାରେ । ତେଣୁ ଭବିଷ୍ୟତ ପାଇଁ ଅପେକ୍ଷା କରିବା । ବର୍ତ୍ତମାନର ତିନିଟି ଯାକ ପୁସ୍ତକ ଏକକୁ ଆରକ, 'ମଶାଲ'ରେ ଅରୁଣିମା ମାଧ୍ୟମରେ ଆପଣ

ISSN NO.
2582-208X

ଦର୍ଶାଇଛନ୍ତି ନାରୀମାନଙ୍କ ପାଇଁ ସମାଜର ଅବମାନନା ଏବଂ ପରିଶେଷରେ ନାରୀ ସଶକ୍ତିକରଣ ନିମନ୍ତେ ଏକ ଝଲକ ଦେଖାଇ ସମାଜକୁ ମଶାଲ ପ୍ରଦର୍ଶାଇଛନ୍ତି । 'ସୋଚ କୀ ସତ୍ତା' ପୁସ୍ତକରେ ଆପଣ ସମାଜର ସମସ୍ତ ଅନୀତି ଦୁର୍ନୀତିକୁ ଏକାଠି କରିଛନ୍ତି କବିତା ମାଧ୍ୟମରେ । ପ୍ରତ୍ୟେକଟି କବିତା ଦାର୍ଶନିକ । ଏପରିକିପ୍ରେମର ପରିଭାଷାକୁ ମଧ୍ୟ ଦର୍ଶନରେ ରୂପାନ୍ତରିତ କରିଛନ୍ତି ।'ୟାଦୋଁ କାସୌରଭ' ସଂସ୍ମରଣାତ୍ମକ ଗ୍ରନ୍ଥରେ କେବଳ ଚିକିତ୍ସା-ଧର୍ମ କିଂବା ସାହିତ୍ୟରେ ଯୋଡ଼ିହୋଇଥିବା ବ୍ୟକ୍ତି ବିଶେଷ ନୁହନ୍ତି–ସଙ୍ଗୀତ, ଅଭିନୟ, ସମାଜ ସେବା ଏପରିକି ରାଜନୀତିଜ୍ଞ ମାନଙ୍କ ସହ ସମ୍ୟକ ଆଲୋଚନା ପାଠକ ମାନଙ୍କ ଅନ୍ତରରେ ଗଭୀର ଉନ୍ମାଦନା ପ୍ରକାଶ କରିପାରେ । ହିନ୍ଦୀ ସାହିତ୍ୟରେ ଏ ଧରଣର ସଂସ୍ମରଣାତ୍ମକ ପୁସ୍ତକ ବହୁ ସ୍ୱଳ୍ପ, ଯେଉଁଥିରେ ସାହିତ୍ୟିକ ମାନଙ୍କୁ ବାଦ ଦେଇ ଅନ୍ୟ ହସ୍ତୀ ମାନଙ୍କର ଅନୁଭବ ମଧ୍ୟ ଚିତ୍ରିତ । ଏତାଦୃଶ ସାର ଗର୍ଭକ ବିଷୟମାନଙ୍କୁ ପାଠ କରି ଆପଣଙ୍କୁ କାଦମ୍ବିନୀ ନିମନ୍ତେ ଏକ ଧାରାବାହିକ ଲେଖା ଦେବାର ଅନୁଗ୍ରହ ପାଇଁ ମୁଁ ଅନୁରୋଧ କରିବି । ଆଶା କରେ ପୂର୍ବଥର ସଦୃଶ ମତେ ନିରାଶ କରିବେନି ।

ଅପରିଚିତ ଜଣଙ୍କର ଲମ୍ବା ଭାଷଣ ଶୁଣି ମୋ ମୁଣ୍ଡ ଚକ୍କର ଖାଇ ଯାଇଥିଲା । ଖୁବ୍ ଧୀର ସ୍ୱରରେ କହିଲି; "କ୍ଷମା କରିବେ ଆଜ୍ଞା, ମୋର ପଚାଶତମ ପୁସ୍ତକ ପ୍ରକାଶନ ବାଦ ମୁଁ ପୁସ୍ତକ ପ୍ରକାଶ ନ କରିବାର ନିର୍ଣ୍ଣୟ ନେଇଛି ।"

ଝଟ କରି ଅପରିଚିତ ଜଣକ କହି ପକାଇଥିଲେ, "ମୁଁ ଆପଣଙ୍କୁ ପୁସ୍ତକ ପ୍ରକାଶ ନିମନ୍ତେ ନିବେଦନ କରୁନାହିଁ ମାଡାମ । ଧାରାବାହିକ ସ୍ତରରେ ପତ୍ରିକାରେ ପ୍ରକାଶ କରାହେବ । ଆପଣ ଜାଣିଥିବେ ପାଞ୍ଚ ଦଶକରୁ ନିରନ୍ତର ପ୍ରକାଶିତ ହେଉଥିବା ପତ୍ରିକାଟିରେ ସଂସ୍କୃତି, ସାହିତ୍ୟ, କଳା, ସ୍ୱାସ୍ଥ୍ୟ ସମ୍ବନ୍ଧରେ ପ୍ରଭାବଶାଳୀ ପ୍ରସ୍ତୁତି ଏହାର ପରିଚୟ । ବହୁ ଆନନ୍ଦର ବିଷୟ ଏହି ଯେ ସମସ୍ତ ବିଷୟ ଉପରେ ଆପଣଙ୍କର ତାଜୁରବା ରହିଛି । ମୁଁ ଆପଣଙ୍କ ହ୍ୱାଟସଆପ୍‌ରେ ଏକ ସ୍ୱତନ୍ତ୍ର ମୋବାଇଲ ନମ୍ବର ଏବଂ ଇମେଲ ଆଇଡ଼ି ପଠାଉଛି । ଖୁବ୍ ଶୀଘ୍ର ପ୍ରଥମ ପର୍ଯ୍ୟାୟର ଶୁଭାରମ୍ଭ କରିବେ ବୋଲି ମୋର ଏକାନ୍ତ ଅନୁରୋଧ ଏବଂ ବିଶ୍ୱାସ ସହ ପ୍ରତୀକ୍ଷା କରୁଛି ।"

ISSN NO.
2582-208X

ଅପରିଚିତ ଜଣଙ୍କର ଫୋନ୍ ରଖିବାର ବହୁ ସମୟ ହୋଇଯାଇଥିଲା । ଚିନ୍ତା କରୁଥିଲି, କାଦମ୍ବିନୀ....... ମେଘମାଳା.... ବାଦଲର ଲେଖିକା ସରଣୀ, କି ସୁନ୍ଦର ନାମଟିଏ ବାଛି ବାଛି ରଖିଛନ୍ତି । ଏ ସବୁ ଚିନ୍ତା ମଧ୍ୟରେ ଅପରିଚିତ ବ୍ୟକ୍ତି ଜଣଙ୍କର ନାମଟି ମଧ୍ୟ ଭଲରେ ଶୁଣି ପାରି ନ ଥିଲି । ଫୋନ୍ ନମ୍ବରଟି 'ଅପରିଚିତ' ଶୀର୍ଷକରେ ଫିଡ଼ କରିଦେଲି । ମନକୁ ଆସୁଥିଲା, ହୁଏତ ଏହା ମଧ୍ୟ ସେଇ ମାୟାବୀ ଠାକୁରଙ୍କର ଏକ ବୈଚିର୍ତ୍ୟ । ଭିଡ଼ରେ ଛିଡ଼ା ହୋଇ ମନକୁ ଆସୁଥିବା ବିଷୟାବଳୀର ସମୀକ୍ଷା କରୁଥିଲି । ଠିକ୍ ଅଛି, ଏମିତି ଏକ ରଚନା ଛିଡ଼ା କରିବି ଯାହା ଶିଶୁ, ଯୁବା, ପ୍ରୋଢ଼ ଏବଂ ବୃଦ୍ଧ ମାନଙ୍କ ମନକୁ ମଧ୍ୟ ସ୍ପର୍ଶ କରିବ ।

ବ୍ୟାସଦେବଙ୍କ ଦ୍ୱାରା ଲିଖିତ ଅଷ୍ଟାଦଶ ଅଧ୍ୟାୟର ସଂକ୍ଷିପ୍ତ ମହାଭାରତ ନାରୀ ଉପରେ ଆଧାରିତ । ନିଜକୁ ନିଜେ ଭାବପୂର୍ଣ୍ଣା ହୋଇଗଲି । ମହାଭାରତ ଯୁଦ୍ଧର '୧୮ ସଂଖ୍ୟା' ର ମହତ୍ୱ ଖୁବ୍‌ବେଶୀ ।କେବଳ ଅଠର ଅଧ୍ୟାୟକୁନେଇ ନୁହେଁ, ଅଠର ଦିନ ବ୍ୟାପୀ ଭଗବାନ ଶ୍ରୀକୃଷ୍ଣ ମଧ୍ୟଯୋଦ୍ଧା ଅର୍ଜୁନଙ୍କୁ ଅଠର ଦିନ ଗୀତା ଜ୍ଞାନ ଦେଇଥିଲେ । ଶ୍ରୀ ଗଣେଶଙ୍କ ସହାୟତା ଦ୍ୱାରା ବେଦବ୍ୟାସ ଅଠର ଦିନରେ ଉକ୍ତ ଗ୍ରନ୍ଥର ନିର୍ମାଣ କରିଥିଲେ । ବାସ୍ତବରେ ଏ ଗ୍ରନ୍ଥ ଲିଖିତ ସମୟକୁ ମହାଭାରତ ଯୁଦ୍ଧ ହୋଇନଥିଲା । ବେଦବ୍ୟାସ ଶ୍ରୀ ଗଣେଶଙ୍କ ଆଶୀର୍ବାଦ ପ୍ରାପ୍ତ କରି ନିଜର ଦିବ୍ୟ ଦୃଷ୍ଟି ଦ୍ୱାରା ଯୁଦ୍ଧକୁ ଅବଲୋକନ କରି ଗ୍ରନ୍ଥ ଲେଖିଥିଲେ । ବର୍ତ୍ତମାନର ସମ୍ପୂର୍ଣ୍ଣ ଘଟଣାଟିର ନାୟିକା ଦ୍ରୁପଦ ରାଜାଙ୍କ କନ୍ୟାଦ୍ରୌପଦୀ ନୁହନ୍ତି, ଯାଜ୍ଞସେନଙ୍କର କନ୍ୟା ଯାଜ୍ଞସେନୀ ନୁହନ୍ତି ସେ ହେଉଛି 'ଜୀବନ' କନ୍ୟା ଅରୁନ୍ଧତୀ । ଆହୁରି ମଧ୍ୟ ସେ ଅଗ୍ନିକୁଣ୍ଡରୁ ନିର୍ଗତ ଅଗ୍ନିସମ୍ଭୂତା ନୁହନ୍ତି, ଯଜ୍ଞ ସମାପ୍ତିର ଆହୁତି, 'ଅରୁନ୍ଧତୀ' ।

ଶିବପୁରାଣ ଅନୁସାରେ କୁହାଯାଇଥାଏ ଯଜ୍ଞ ସମାପ୍ତିରେ ମେଧାତିଥି ଋଷି ତାଙ୍କର କନ୍ୟାକୁ ଯଜ୍ଞ କୁଣ୍ଡରେ ଶୋଇ ରହି ଗୋଟିଏ ସୁନା ମୁଣ୍ଡ ସଦୃଶ ପ୍ରଜ୍ୱଳିତ ହେବାର ଦେଖି ଋଷି ତାଙ୍କର ନୂତନ ନାମ ରଖିଥିଲେ 'ଅରୁନ୍ଧତୀ' । ଅର୍ଥାତ କୌଣସି ମତେ ମଧ୍ୟ ପବିତ୍ର

ISSN NO.
2582-208X

ସଂସ୍କାରରେ ଆଞ୍ଚ ନ ଆଣୁଥିବା ବସ୍ତୁ । ଠିକ୍ ସେହିପରି ଆଜିର 'ଅରୁନ୍ଧତୀ' ନିଜକୁ ଆହୁତି ଦେଇ ଦେଇଛି ସିନା ଅନ୍ୟ ପାଇଁ ପ୍ରତିବନ୍ଧକ ସୃଷ୍ଟି କରିନି ।

ଶ୍ରୀ ବେଦବ୍ୟାସ ହେଉଛନ୍ତି ଈଶ୍ୱର ସ୍ତରୀୟ ଏବଂ ଶ୍ରୀ ଗଣେଶ ତାଙ୍କର ସହାୟତା କରିଥିଲେ । ମୁଁ ମାତ୍ର ଲେଖନୀ ହାତରେ ଧରିଥିବା ଗୋଟିଏ ନାରୀ । ମୋ ସାମ୍ନାରେ ବର୍ଣ୍ଣିତ ହୋଇଛି ଏକ ନାରୀର ଅଭିଶପ୍ତ ଜୀବନ । ଯାହା ଦିନେ ଏକ ଅଗ୍ନିକୁଣ୍ଡ ଭିତରେ ଜଳି ଭସ୍ମ ହୋଇଯାଇଛି । ଆଜିର ସମାଜରେ ପ୍ରଚଳିତ ଧର୍ଷଣ ଉପରାନ୍ତେ ଧର୍ଷଣକାରୀମାନଙ୍କ ଦ୍ୱାରା ଅମ୍ଳ (ଏସିଡ୍) ପ୍ଲାବିତ ଶରୀରଟିକୁ ଇନ୍ଧନ ଯୋଗାଇ ନୁହେଁ, ଦୁର୍ବୃତ୍ତମାନଙ୍କ ବାସନାକୁ ପ୍ରତ୍ୟାଖ୍ୟାନ କରି କାଠ ପଥର ଛେଚାରେ ପ୍ରାଣ ହରାଇଥିବା ମର ଶରୀରରେ ଅଗ୍ନି ସଂଯୋଗ କରି ନୁହେଁ ଅଥବା ବର୍ଷ ପୁରୁଣା 'ସତୀ ଦାହ' ପ୍ରଥାକୁ ଦୋହରାଇ ସ୍ୱାମୀଙ୍କର ଚିତା ମଧ୍ୟରେ ନୁହେଁ, ସ୍ୱପତିପରମେଶ୍ୱରଙ୍କର କୌଣସି କୂଟନୀତି ସାମ୍ନାରେ ପ୍ରତିବନ୍ଧକ ରୂପେ ଛିଡ଼ା ହୋଇଥିବା ନାରୀଟିକୁ ତାର ସାଥି ବାହାନଟି ସହ ଚିରକାଳ ପାଇଁ ଜଳାଇ ଦେଇ ଭସ୍ମ କରି ଦିଆଯାଇଛି । ସେଇ ପାଉଁଶ ମୁଠାକୁ ମାନସପଟରେ ରଖି ଜୀବନୀଟିକୁ ଅଷ୍ଟାଦଶ ପରିଚ୍ଛଦରେ ବର୍ଣ୍ଣନା କରି ସମାଜକୁ ନାରୀର ଦୁର୍ଦ୍ଦଶାମାନ ସ୍ପଷ୍ଟ କରାଇବି, ଯାହା ନାରୀ ଗୋଷ୍ଠୀଙ୍କୁ 'ଅଭିଶପ୍ତା ଅରୁନ୍ଧତୀ' ନୁହେଁ, 'ସଂରକ୍ଷିତ ଅରୁନ୍ଧତୀ' ରୂପେ ଗଢ଼ିବ । ନାରୀ ମାନଙ୍କର ଅନ୍ତଃ 'ଆହୁତି' ନୁହେଁ 'ଅଖଣ୍ଡ' ହୋଇ ବିରାଜିବ ।

ପୁସ୍ତକଟି ଯେ ପାଠକୀୟ ଆଦୃତି ଲାଭ କରିବ ଏଇ ବିଶ୍ୱାସ ନେଇ ମୋର କଲମ ଆଗକୁ ମାଡ଼ି ଚାଲିଲା ... ଗଢି ଉଠିଲା ପୁସ୍ତକ ... 'ଆହୁତି' ପୁସ୍ତକ ନିମନ୍ତେ ।

ଲେଖିକା

ବସନ୍ତ କୁଞ୍ଜ, ନୂଆ ଦିଲ୍ଲୀ

ISSN NO.
2582-208X

# ନଥିଲେ



ଯଜ୍ଞଦତ୍ତ ସାମନ୍ତରାୟ

ଆଖି ଏତେ
ସୁନ୍ଦର ଦିଶେ ନାହିଁ ।
କଷ୍ଟ ନଥିଲେ
ଖୁସିର ମୂଲ୍ୟ
ଜଣାପଡେ ନାହିଁ ।
ଚାହିଁବାରେ ଯଦି
ସବୁ କିଛି ମିଳି ଯାଏ
ଦୁନିଆକୁ
ଈଶ୍ୱରଙ୍କ
କିଛି ଦରକାର ନାହିଁ ।

ସଂପାଦକ: ଗୁଞ୍ଜନ
କବିସୂର୍ଯ୍ୟନଗର, ଗଞ୍ଜାମ-୭୬୧୧୦୪
ମୋ.୯୩୩୭୪୪୯୨

ISSN NO.
2582-208X

# ଭାଷା-ସଂସ୍କୃତି



ପ୍ରତିଭା ଦାସ

ସେମାନେ ସାଥିରେ ନେଇ ଆସିଥିଲେ
ନିଜର ଇତିହାସ ସଂପୂର୍ଣ୍ଣ ଭାଷା ସଂସ୍କୃତି,
ବାର ମାସରେ ତେର ପର୍ବପର୍ବାଣୀ
ଏବଂ ଲୋକ ଗୀତ ଆଉ ଲୋକ କାହାଣୀ,
ହେଲେ, ସମୟ ଗର୍ଭରେ ସବୁ ସେ ହଜି ଯାଇଛି।

ସମୟ କଷାଘାତରେ ଛନ୍ଦିହୋଇ
ନିଜକୁ ବିଶ୍ୱରଂଜନ ଦେଇ
ସେମାନେ କେବଳ ଛକମାରି ବଞ୍ଚି ରହିଛନ୍ତି
ଭାଗ୍ୟ ବିଡ଼ମ୍ବନା କହି !

ଆଶ୍ଚର୍ଯ୍ୟ !
ଶୋଷଣ ଅବସାନ କରିବା ପାଇଁ
ଏବେବି ସେମାନେ ଜାଗ୍ରତ ନୁହଁନ୍ତି,
ରାଜନୈତିକ ଆଢୁଆଳରେ ଯୁଗ ଯୁଗ ଧରି ଚାଲି ଆସୁଥିବା
ଶୋଷଣ ବଞ୍ଚନାରେ ଦିନ କାଟୁଛନ୍ତି,
ଅଥଚ ଜାଣିବାକୁ ଇଚ୍ଛୁକ ନୁହନ୍ତି
ନିଜର ଇତିହାସ ସଂପୂର୍ଣ୍ଣ ଭାଷା ସଂସ୍କୃତି ପରମ୍ପରା ରକ୍ଷା ପାଇଁ।

ISSN NO.
2582-208X

ଏଭଳି ସ୍ଥିତିରେ କେମିତି
ଶିକ୍ଷା-ଦୀକ୍ଷାରେ ଆଗକୁ ବଢ଼ିବେ
କେମିତି ସମାଜ ବ୍ୟବସ୍ଥାକୁ ସୁଦୃଢ଼ କରିବେ ?

ଏମିତି କ'ଣ ବଞ୍ଚିପାରେ,
ଗୋଟିଏ ଜାତିର ଇତିହାସ ପୁର୍ଣ୍ଣ ବୈଭବ ସଂପନ୍ନ ପରିଚୟ ?

ଭାଷା ସଂସ୍କୃତି ପରମ୍ପରା
ହେଉଛି ଗୋଟିଏ ଜାତିର
ସମ୍ପୂର୍ଣ୍ଣ ପରିଚୟ,
ଆଉ ଯଦି ପରିଚୟ ହିଁ ନଥିବ,
ତାହା ହେଲେ ସେ ଜାତିର
ଅସ୍ତିତ୍ୱ କେତେ ଦିନ ବଞ୍ଚି ରହିବ ?

ଭାଷା-ସଂସ୍କୃତି ମଣିଷର ଜୀବନ
ତାହା ଅବିହନେ
ମେରୁଦଣ୍ଡ ହୀନ ଜୀବନ ।

ତାହାହେଲେ!
ବର୍ତ୍ତମାନ ସଭ୍ୟତା ଯୁଗରେ
ଭାଷା ସଂସ୍କୃତି ଅବିହନେ
କ'ଣ ଗୋଟିଏ ଜାତି
ଗୌରବ ସହିତ  ନିଜକୁ ସଭ୍ୟ ବୋଲି କହି ପାରିବ ?

ବିଶ୍ୱନାଥ ଗୁରିଆଲି
ଆସାମ

ISSN NO.
2582-208X

# ଆକର୍ଷଣ - ବିକର୍ଷଣ



ନରଞ୍ଜନ ସାହୁ

ଗାଆଁରେ ରହିଛି ଏତେ ଆକର୍ଷଣ
ବିଦେଶରୁ ଟାଣି ଆଣେ
ସହରର ଚାକଚକ୍ୟ ପରିବେଶ
ଗାଆଁର କଥା କି ଜାଣେ ?

ସହରରେ ସବୁ ସୁବିଧା ଥାଇକି
ଗାଆଁ ପ୍ରତି ଥାଏ ମାୟା
ଗାଆଁ କଥା ଯେବେ ମନେ ପଡ଼ିଯାଏ
ଗ୍ରାମୀଣ ମଣିଷ ବାୟା
ଗାଁ ମାଟି ମମତା ହାତ ଠାରି ଡାକେ
ଚୁମ୍ବକ ପରାୟେ ଟାଣେ ।

ଗ୍ରାମୀଣ ମଣିଷ ସହରେ ରହିବ
ମନରେ ବାନ୍ଧଇ ବସା
ସହରେ ରହିକି ଗାଆଁକୁ ଝୁରଇ
ହେଉ ପଛେ ଲୋକହସା

ISSN NO.
2582-208X

ଆଖି ଆଗେ ଗାଆଁ ଭୂଇଁ ନାଚୁଥାଏ
ମାନସ୍ତାପେ ମୁହଁ ହାଣେ ।

ଗାଆଁ ପରିବେଶ, ପ୍ରାକୃତିକ ଦୃଶ୍ୟ
ସମ୍ପର୍କର ଭାଇଚାରା
ପ୍ରଥା, ପରମ୍ପରା, ଚାଲିଚଳଣିକୁ
ଭୁଲେ କେ' ଜୀବନ ସାରା
ଗାଆଁ କଥା ମନେପଡିଗଲେ ଲାଗେ
ପଡିଲା କି ମାଆ ରାଣେ ।

ନିହଲପ୍ରସାଦ, ଗନ୍ଧିଆପାଟଣା, ଢେଙ୍କାନାଳ
ମୋ :-- ୯୯୩୮୭୪୧୫୮୩

ISSN NO.
2582-208X

# ୧୯୮୦ ପରବର୍ତ୍ତୀ ଓଡିଆ କ୍ଷୁଦ୍ରଗଳ୍ପରେ ସାମାଜିକ ସମସ୍ୟାର ଚିତ୍ର



ସୀମା ସ୍ୱାଇଁ

ଓଡିଆ ଗଳ୍ପ ସାହିତ୍ୟ ଆରମ୍ଭରୁ ବାସ୍ତବଧର୍ମୀ ପ୍ରଥାକୁ ଅବଲମ୍ବନ କରିଛି । ଗଳ୍ପ ସାହିତ୍ୟ ଆରମ୍ଭରୁ ହିଁ ଆମେ ସାମାଜିକ ସମସ୍ୟାର ଜୀବନ୍ତ ଚିତ୍ର ଦେଖିବା ପାଇଁ ପାଇବା ଫକୀରମୋହନଙ୍କର ଗଳ୍ପ ସାହିତ୍ୟରୁ । ସମାଜ ହିଁ ସମ୍ପୂର୍ଣ୍ଣ ତଥ୍ୟ ଅଂଗ୍ରହ କରି ତାକୁ ରୂପ ଦେବାରେ ଗାଳ୍ପିକମାନେ ସିଦ୍ଧହସ୍ତ । ୧୯୮୦ ପରବର୍ତ୍ତୀ ସମୟରେ ଯେଉଁ ଗଳ୍ପ ଗୁଡିକ ଗାଳ୍ପିକ ରଚନା କରିଛନ୍ତି, ତାହାକୁ ଗଳ୍ପଶ୍ରଷ୍ଟା ଆଙ୍ଗିକ ଦୃଷ୍ଟିରୁ ନିଜେ ପରୀକ୍ଷା ନିରୀକ୍ଷାକରିଛନ୍ତି । ଆଙ୍ଗୀକକୁ ପରୀକ୍ଷା ନିରୀକ୍ଷା କରିବା ଅମୟରେ ଗାଳ୍ପିକ ଯେତେବେଳେ ବିଷୟ ଚୟନ କରୁଛନ୍ତି ସାମାଜିକ ସମସ୍ୟାକୁ ସିଧାସଳଖ ଭାବରେ ଗଳ୍ପ ମଧ୍ୟରେ ଦେଖାଇଛନ୍ତି । ୧୯୮୦ ପୂର୍ବବର୍ତ୍ତୀ ସମୟରେ ଗାଳ୍ପିକମାନଙ୍କର ସାମାଜିକ ସମସ୍ୟା ମୁଖ୍ୟତଃ ପରିବାରକୁ ନେଇ ରଚିତ ହେଉଥିଲା । କିନ୍ତୁ ୧୯୮୦ ପରବର୍ତ୍ତୀ ଅମୟରେ ଗଳ୍ପ ମୁଖ୍ୟତଃ ବ୍ୟକ୍ତିକୈନ୍ଦ୍ରିକ ହୋଇଯାଇଛି । ପ୍ରେମ ଓ ପରିବେଶଗତ ସମସ୍ୟାରେ ବିଭିନ୍ନ ଚିତ୍ରକୁ ଗାଳ୍ପିକ ଗଳ୍ପ ମଧ୍ୟରେ ଦେଖାଇବା ପାଇଁ ଚେଷ୍ଟା କରୁଛନ୍ତି । ବେକାରୀ ସମସ୍ୟା, ବନ୍ୟା ବିପର୍ଯ୍ୟୟର ସମସ୍ୟା, ଅଭାବ ମଧ୍ୟବିତ୍ତ ଜୀବନ ହୈଳୀ, ରାଜନୀତିକ କଳହ, ସହରୀକରଣ, ଦୁର୍ନିତୀ, ଶିଳ୍ପନିତୀ, ଗ୍ରାମ୍ୟ ଜୀବନକୁ ଝୁରିହେବା, ନାରୀ ମୁକ୍ତିବାଦର ସ୍ୱର ଉଜ୍ଜ୍ୱଳ ହୋଇଛି । ନିମ୍ନରେ ଏହି ବିଷୟରେ ଆଲୋଚନା କରାଯାଇଛି ।

(କ) ବେକାରୀ ସମସ୍ୟା – ଦେଶରେ ଉଚ୍ଚଶିକ୍ଷିତ ବ୍ୟକ୍ତି ଥାଇ ମଧ୍ୟ ଠିକ୍ ଭବରେ ଚାକିରୀ ପାଉନାହାଁନ୍ତି, ଗରିବ ମାନଙ୍କର ସଂଖ୍ୟା ବୃଦ୍ଧି ପାଉଛି । ଚୋରୀ, ସାମ୍ପ୍ରଦାୟିକ

ISSN NO.
2582-208X

ଦଙ୍ଗା, ପରିବାର ମଧ୍ୟରେ କଳହ ବୃଦ୍ଧି ହେଉଛି । ଯାହା ଫଳରେ ସେମାନେ ଚୋରି ଡକାୟତି କରୁଛନ୍ତି ଏବଂ ଧରା ପଡିଲେ ଜେଲ ମଧ୍ୟ ଯାଉଛନ୍ତି । ପିଲାଟି ଉଚ୍ଚଶିକ୍ଷିତ ହୋଇ ଯଦି ତାର ପରିବାରର ଦାୟିତ୍ୱ ଠିକ୍ ଭାବରେ ନେଇପାରୁନାହିଁ ମାନସିକ ସ୍ତରରେ ଦୁର୍ବଳ ହୋଇ ପଡୁଛି । ସେତେବେଳେ ସେ ଆତ୍ମହତ୍ୟା କରିଦେଉଛି । ଏହାର ଜ୍ୱଳନ୍ତ ଉଦାହରଣ ଆମେ ଦେଖିପାରିବା କରୋନା ସମୟରେ ଯେତେବେଳେ ଶହଶହ ଲୋକ ଓଡିଶା ଫେରିଆସିଲେ । ପୂର୍ବ କାମ ଛାଡିକି ପୁଣି ଏକ ନୂଆ କାମ ଆରମ୍ଭ କରିଲେ, ସେହି ସମୟରେ ସେମାନଙ୍କୁ ମଧ୍ୟ ଅନେକ ସମସ୍ୟାର ସମ୍ମୁଖୀନ ହେବା ପାଇଁ ପଡିଲା । ଯାହା ଫଳରେ ସେ ସମୟରେ ଅନେକ ଲୋକ ବେକାର ହୋଇଗଲେ । ଏହି ସମସ୍ୟାକୁ ଆଧାର କରି ଗାୟତ୍ରୀ ସରାଫ, ଗିରିଶଚନ୍ଦ୍ର ସାହୁ, ପାରମିତା ଶତପଥୀ ଆଦି ଅନେକ ଗଳ୍ପ ରଚନା କରିଛନ୍ତି ।

(ଖ) ବନ୍ୟା ବିପର୍ଯ୍ୟରର ସମସ୍ୟା – ଓଡିଆ ଗଳ୍ପ ସାହିତ୍ୟ ଆରମ୍ଭରୁ ପ୍ରାକୃତିକ ବିପର୍ଯ୍ୟୟ ଯୋଡି ହୋଇ ରହିଛି ଗଳ୍ପ ମଧ୍ୟରେ । ଏମିତି କୌଣସି ବର୍ଷ ନାହିଁ ଯେଉଁ ସମୟରେ ବାତ୍ୟା, ବନ୍ୟା, ମରୁଡି ଓଡିଶାର କ୍ଷତି କରୁନାହିଁ । ଯହା ଫଳରେ ଲୋକମାନେ ତାହାର ଶିକାର ହେଉଛନ୍ତି । ୧୯୯୯ ମସିହାର ବାତ୍ୟା ଆଜି ମନେ ପଡିଲେ ହୃଦସ୍ପନ୍ଦନ ବଢିଯାଏ କାରଣ ସେ ସମୟର ଦୃଶ୍ୟକୁ ଆଜି ପର୍ଯ୍ୟନ୍ତ ଲୋକମାନେ ଭୁଲି ପାରିନାହାଁନ୍ତି । ଏହାକୁ ଆଧାର କରି ରାଜ୍ୟବର୍ଦ୍ଧନ ଧଳ ମହାପାତ୍ର, ଅରବିନ୍ଦ ରାୟ, ବିଜୟ ନାୟକ, ଭୀମପୃଷ୍ଟି, ନିତ୍ୟାନନ୍ଦ ପଣ୍ଡାଙ୍କ ଗଳ୍ପରେ ଆମେ ଦେଖିବାରିବା ବିପର୍ଯ୍ୟୟର ସମସ୍ୟା ।

(ଗ) ଅଭାବ ମଧ୍ୟବିତ୍ତ ଜୀବନ ଶୈଳୀ – ସେମାନେ ଅଧିକ ଧନି ନୁହଁନ୍ତି କି ଅଧିକ ଗରୀବ ମଧ୍ୟ ନୁହଁନ୍ତି । କିଛି କାମ କରିବା ପୂର୍ବରୁ ସେମାନଙ୍କୁ ଶହେଥର ଭାବିବା ପାଇଁ ପଡିଥାଏ । ଠିକ୍ ସେହିପରି କାହାର ଯଦି ଯୌଥ ପରିବାର ହୋଇଥାଏ, ସେମାନଙ୍କୁ ତ ଅନେକ ଗୁଡିଏ ଅସୁବିଧାର ସମ୍ମୁଖୀନ ହେବାପାଇଁ ପଡିଥାଏ । ଯେପରି ତାଙ୍କ ପିଲାମାନଙ୍କୁ ଚାହିଁକି ମଧ୍ୟ ଭଲ ସ୍କୁଲରେ ପଢାଇ ପାରନ୍ତି ନାହିଁ । ତାଙ୍କର ଝିଅମାନଙ୍କୁ ମଧ୍ୟ ଭଲ ଜାଗାରେ ବିବାହ କରିପାରନ୍ତି ନାହିଁ । ପ୍ରତ୍ୟେକ ମୁହୂର୍ତ୍ତରେ ସେମାନେ କଷ୍ଟ କରନ୍ତି । ଯଦି

ISSN NO.
2582-208X

ବେପାର କରିବେ ତାହେଲେ ଧନୀ ଲୋକମାନେ ତାଙ୍କୁ ଲୁଟି ନେଇଯିବେ । ସେମାନେ ଗୋଟିଏ ଓଳି ଖାଇବା ଖାଇ ଅନ୍ୟ ଓଳି ଓପାସରେ କାଟିଦିଅନ୍ତି । ଏହାକୁ ଆଧାର କରି ଜଗଦୀଶ ମହାନ୍ତି, ଚିରଶ୍ରୀ ଇନ୍ଦ୍ରସିଂ ଅନେକ ଗଳ୍ପ ରଚନା କରିଛନ୍ତି ।

(ଘ) ରାଜନୀତିକ କଳହ - ସାମ୍ପ୍ରତିକ ସମୟରେ ପ୍ରଚଳିତ କ୍ଷମତାର ଅପବ୍ୟବହାର, ଗଣତନ୍ତ୍ରର ଅବକ୍ଷୟ ହେବା, ଯାହାପାଇଁ ପିଲାମାନେ କିମ୍ବା ଅନ୍ୟ ବ୍ୟକ୍ତିମାନେ ପ୍ରଭାବିତ ହେଉଛନ୍ତି । ଲୋକମାନେ ମଧ୍ୟ ଶାସନ ଦଳକୁ ବିରୋଧ କରୁଛନ୍ତି । ଜାତି, ଧର୍ମ ଉପରେ ଆକ୍ଷେପ କରାଯାଉଛି ଯାହା ଫଳରେ ଲୋକମାନଙ୍କ ମଧ୍ୟରେ ଭେଦଭାବ ରହୁଛି, ଯାହାପାଇଁ ଦେଶର ଶାସନ ବ୍ୟବସ୍ଥାରେ ଅସ୍ଥିରତା ଦେଖାଯାଉଛି । ଯାହା ଫଳରେ ଦେଶ ଉନ୍ନତୀ ନ ହୋଇ ଅବନ୍ନତି ଆଡକୁ ଅଗ୍ରସର ହେଉଛି । ତେଣୁ ଲୋକମାନେ ସମସ୍ତେ ମିଳିମିଶି ରହିବା ଫଳରେ ଦେଶର ଏକତା ବୃଦ୍ଧି ପାଇବ । ଏହାକୁ ଆଧାର କରି ଗଣେଶ୍ୱର ମିଶ୍ର ଗଳ୍ପ ରଚନା କରିଛନ୍ତି ।

(ଙ) ସହରୀକରଣ – ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାର ପ୍ରଭାବ ଓ ଶିକ୍ଷାରେ ବିକାଶ ଫଳରେ ଏବେ ଗ୍ରାମ ଗୁଡିକ ଯେପରି ସହରରେ ପରିଣତ ହେବାରେ ଲାଗିଛନ୍ତି । ଗାଁ ର ଯେଉଁ ସବୁଜ ଶସ୍ୟ ଶ୍ୟାମଳ ପରିବେଶ ଆଉ ଦେଖିବା ପାଇଁ ମିଳୁନାହିଁ । ମନୁଷ୍ୟ ଏବେ ସବୁ ସୁବିଧା ସୁଯୋଗ ପାଇ ପାରୁଛି ସହରୀକରଣର ବିକାଶ ହେବା ଫଳରେ । ଏଥିରେ କିଛି ମାତ୍ରାରେ ଲାଭ ହେଉଥିଲେ ମଧ୍ୟ କ୍ଷତି ବି ସହିବା ପାଇଁ ପଡୁଛି । ସହରୀକରଣ ହେବା ଫଳରେ ଲାଭ ହେଉଛି ଯଥା – ଶିକ୍ଷାରେ ବିସ୍ତାର, ନୂତନ ରାସ୍ତାଘାଟ ନିର୍ମାଣ – ଯାହା ଫଳରେ ଲୋକମାନଙ୍କର ଯାତାୟତର ସୁବିଧା ହୋଇପାରିଚି । ପୂର୍ବରୁ ଯେଉଁ ମାଟି କାଦୁଅ ରାସ୍ତା ଥିଲା, ତାହା ଆଉ ଦେଖିବାପାଇଁ ମିଳୁନାହିଁ । ସ୍ୱାସ୍ଥ୍ୟ ସେବାରେ ଉନ୍ନତି ହେଉଛି କାରଣ ମେଡିକାଲ ସୁବିଧା ଏବେ ପାଖରେ ଉପଲବ୍ଧ ହୋଇପାରୁଛି । ପୂର୍ବରୁ ଯେଉଁ ମାଟି କାଦୁଅ ରାସ୍ତାଥିଲା ତାହା ଆଉ ଦେଖିବା ପାଇଁ ମିଳୁନାହିଁ । ସ୍ୱାସ୍ଥ୍ୟ ସେବାରେ ଉନ୍ନତି ହେଉଛି କାରଣ ମେଡିକାଲ ସୁବିଧା ଏବେ ପାଖରେ ଉପଲବ୍ଧ ହୋଇପାରୁଛି । ଗଣମାଧ୍ୟମର ସେବା ମଧ୍ୟ ଲୋକମାନଙ୍କୁ ପାଖରେ ମିଳୁଛି ଯାହା ଫଳରେ ଦେଶବିଦେଶର ସବୁ ସୂଚନା

ISSN NO.
2582-208X

ସହଜରେ ଲୋକମାନଙ୍କ ପାଖରେ ପହଞ୍ଚି ପାରୁଛି । ସହରୀକରଣ ହେବା ଫଳରେ କ୍ଷତି ହେଉଛି ମନବିକ ମୂଲ୍ୟବୋଧର ଅବକ୍ଷୟ ଘଟୁଛି । ଯୌଥ ପରିବାର ମଧ୍ୟ ଭାଙ୍ଗି ଯାଉଛି କାରଣ ଲୋକମାନେ ପରିବାର ଏକତାର କ୍ଷୟ ହେଉଛି । ସଂସ୍କୃତିର ଅବକ୍ଷୟ ଘଟୁଛି, କାରଣ ଗାଁ ଯେତେବେଳେ ସହରରେ ପରିଣତ ହେଉଛି ଆଉ ପର୍ବପର୍ବାଣୀ ଯାନିଯାତ୍ରା ଏତେ ପରିମାଣରେ ଦେଖିବା ପାଇଁ ମିଳୁନାହିଁ । ଚାଳଘର ଆଉ ଦେଖିବା ପାଇଁ ମିଳୁନାହିଁ, ସବୁଆଡେ ସୌଧ ଅଟ୍ଟାଳିକା ନିର୍ମିତ ହେଉଛି । ପ୍ରାଚୀନ ଖାଦ୍ୟର ସମ୍ପୂର୍ଣ୍ଣ ବିଲୟ ଘଟି ଯାଉଛି, ପାଶ୍ଚାତ ଖାଦ୍ୟକୁ ଲୋକମାନେ ଆପଣେଇ ନେଉଛନ୍ତି । ସେଥିପାଇଁ ଏହାର ବିକାଶରେ ଲାଭ ଅଛି କ୍ଷତି ମଧ୍ୟ ଅଛି ।

(ଚ) ଦୁର୍ନୀତି – ଏହା ହେଉଛି ମନୁଷ୍ୟର ଏକ ମାନବିକ ବ୍ୟାଧି । ଏହି ରୋଗରେ ଥରେ ଯଦି ମନୁଷ୍ୟ ପଡିଯାଏ, ତେବେ ବାରମ୍ବାର ସେ ସେହି କାର୍ଯ୍ୟ ହିଁ କରୁଥାଏ । ମନୁଷ୍ୟର ଅଭାବ ପଡିଲେ କିମ୍ବା ସେ ଅନ୍ୟର ଆବଶ୍ୟକତାକୁ ପୂରଣ କରି ନପାରିଲେ ଏହି ପଥକୁ ହିଁ ଆପଣେଇଥାଏ । ସାମ୍ପ୍ରତିକ ସମୟରେ ଦୁର୍ନୀତି ଅତ୍ୟନ୍ତ ବିସ୍ତାରିତ ଅଟେ । ଏହାକୁ ତ ସମ୍ପୂର୍ଣ୍ଣ ବନ୍ଦ କରାଯାଇପାରିବ ନାହିଁ । କିନ୍ତୁ ଏହାକୁ ଅଟକାଯାଇ ପାରିବ । ମନୁଷ୍ୟ ଯେତେବେଳେ ତାର ନୀତି ଓ ଆଦର୍ଶରୁ ଦୂରେଇଯାଏ, ସେତେବେଳେ ଦୁର୍ନିତୀ ପଥକୁ ଆପଣେଇ ନେଇଥାଏ । ଏହାକୁ ଆଧାର କରି ମଧ୍ୟ ଗାଳ୍ପିକମାନେ ଗଳ୍ପ ରଚନା କରୁଛନ୍ତି ।

(ଛ) ଶିଳ୍ପନୀତି – ଶିଳ୍ପନୀତିର ପ୍ରଭାବରେ କେତେକ ସ୍ଥାନରେ ଲାଭ ହେଉଛି ତ କେତେକ ସ୍ଥାନରେ କ୍ଷତି ହେଉଛି । ଶିଳ୍ପ ପାଇଁ ବେକାରୀ ହୋଇ ବୁଲୁଥିବା ଯୁବକମାନଙ୍କୁ ରୋଜଗାର କରିବାର ମାଧ୍ୟମ ଯୋଗାଇଛି । ରୋଜଗାରୀ ମାନଙ୍କର ସଂଖ୍ୟା ବଢିଛି ଯାହା ପାଇଁ ରାଜ୍ୟ ଓ ଦେଶରେ ସମୃଦ୍ଧଶାଳୀ ହେବାର କ୍ଷମତା ବଢି ବଢି ଚାଲିଛି । ଏହା ଫଳରେ ଲାଭ ହେଉଛି କ୍ଷତି ମଧ୍ୟ ସହିବା ପାଇଁ ପଡୁଛି । ଯେପରି ଅଧିକ ଶିଳ୍ପର ବିକାଶ କଳଖାରଖାନା ମାନଙ୍କର ବିଷାକ୍ତ ଧୂଆଁ ଓ ଦୂଷିତ ଜଳବାୟୁ ପାଇଁ ଶସ୍ୟ ଶ୍ୟାମଳାରେ ଭରପୁର ପରିବେଶ ନଷ୍ଟ ହୋଇଯାଉଛି ।

ISSN NO.
2582-208X

(ଜ ଗ୍ରାମ୍ୟ ଜୀବନକୁ ଝୁରିହେବା – ଆଜିକାଲିର ଲୋକମାନେ ପଇସା ଲୋଭରେ ଗାଁକୁ ଛାଡି ସହରମୁଖୀ ହେଉଛନ୍ତି, ଯେତେବେଳେ ପ୍ରଥମେ ସହରର ଚାକଚକ୍ୟ ଦେଖୁଛନ୍ତି, ସେହି ସମୟରେ ଅଧିକ ଖୁସି ହେଉଛନ୍ତି ସତ, କିନ୍ତୁ ତାଙ୍କର ସେଇ ଖୁସି ଅଧିକ ଦିନ ପର୍ଯ୍ୟନ୍ତ ରହୁନାହିଁ। ଯେତେବେଳେ କଳକାରଖାନା ମାନଙ୍କର ବିଷାକ୍ତ ଧୂଆଁ, ପ୍ରତ୍ୟେକ ସମ୍ୟରେ ଗାଡି ମଟରର କେଁ କାଁ ଶବ୍ଦ, ସବୁଆଡେ ଖାଲି ବିରାଟ ବିରାଟ କୋଠାବାଡି ଏବଂ ଅପରିଚିତ ରୋଗ । ଏହାକୁ ଯେତେବେଳେ ଦେଖିଦେଉଛନ୍ତି, ସେତେବେଳେ ସେମାନେ କେବଳ ନିଜ ଗାଁ କୁ ଝୁରି ହେଉଛନ୍ତି । କାରଣ ଗାଁ ର ସବୁଜ ଧାନକ୍ଷେତ, ନଈର ପ୍ରବାହିତ କୁଳୁକୁଳୁ ସ୍ରୋତ, ସକାଳ ସମୟରେ ସିନ୍ଦୁରା ଫାଟି କଅଁଳ ସୂର୍ଯ୍ୟ କିରଣରେ ଗାଁର ସବୁଜିମା ପରିବେଶ ଇତ୍ୟାଦି । ଏହିସବୁ ପରିବେଶକୁ ଯେଉଁମାନେ ଛାଡି ଚାଲିଯାଇଛନ୍ତି ଆଜି ସହରକୁ, ସେମାନେ ଚାହିଁଲେ ମଧ୍ୟ ଆଉ ଫେରିପାରୁ ନାହାଁନ୍ତି ଗାଆଁକୁ । ଖାଲି ପରିବେଶକୁ ମନେ ପକାଇ ଏବେ ଝୁରି ହେବା ଛଡା ଆଉ କିଛି ଉପାୟ ନାହିଁ । ଗାଳ୍ପିକ ଅଜୟ ସ୍ୱାଇଁ, ଅଭୟ ନାୟକ, ସଦାନନ୍ଦ ତ୍ରିପାଠୀ, ମୃତ୍ୟୁଞ୍ଜୟ ଷଡଙ୍ଗୀଙ୍କ ଗଳ୍ପ ମଧ୍ୟରେ ଏହାର ଜୀବନ୍ତ ଚିତ୍ର ଦେଖିବା ପାଇଁ ପାଇବା ।

(ଝ) ନାରୀ ମୁକ୍ତିବାଦର ସ୍ୱର – ପୂର୍ବରୁ ନାରୀମାନଙ୍କୁ ଘରର ଚାରିକାନ୍ଥ ମଧ୍ୟରେ ଆବଦ୍ଧ କରି ରଖାଯାଉଥିଲା । ସେ ଘର ଭିତରେ ରହିବ ଓ ଘର କଥା ଖାଲି ବୁଝିବ । କିନ୍ତୁ ଏବେ ଏହାର ସମ୍ପୂର୍ଣ୍ଣ ବିପରୀତ କଥା ହେଉଛି ନାରୀମାନେ ପୁରୁଷମାନଙ୍କ ସହିତ ସମାନ ଭାବରେ କାମ କରୁଛନ୍ତି । ସେମାନେ ମଧ୍ୟ ପୁରୁଷମାନଙ୍କ ଭଳି ଅଫିସ ରେ ବସିକି ଦିନସାରା କାମ କରିପାରୁଛନ୍ତି । ଯଦି ପୁରୁଷମାନେ ତାଙ୍କ ଉପରେ କିଛି ଅନ୍ୟାୟ ଓ ଅତ୍ୟାଚାର କରୁଛନ୍ତି, ତାକୁ ବିରୋଧ କରିବାର କ୍ଷମତା ମଧ୍ୟ ରଖୁଛନ୍ତି । ପୁରୁଷମାନଙ୍କର ବିରୋଧରେ ସ୍ୱର ଉତ୍ତୋଳନ କରୁଛନ୍ତି । ବିଭିନ୍ନ ଆନ୍ଦୋଳନରେ ମଧ୍ୟ ସେମାନେ ଅଂଶ ଗ୍ରହଣ କରୁହନ୍ତି । ନାରୀ ନେତ୍ରୀ ଭାବରେ ରାଜନୀତିରେ ଯୋଗ ଦେଉଛନ୍ତି । ଆଧୁନିକ ଯୁଗରେ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାର ପ୍ରସାର ଘଟିଛି ଏବଂ ଏଥିପ୍ରତି ମଧ୍ୟ ନାରୀମାନେ

ISSN NO.
2582-208X

ଆଗ୍ରହ ସୃଷ୍ଟି କରୁଛନ୍ତି । ଏହାକୁ ଆଧାର କରି ଗାୟତ୍ରୀ ସରାଫ, ମହାଶ୍ୱେତା ସାହୁ, ଚିରଶ୍ରୀ ଇନ୍ଦ୍ରସିଂ ଅନେକ ଗଳ୍ପ ରଚନା କରିଛନ୍ତି ।

ଊନବିଂଶ ଶତାବ୍ଦୀର ଗଳ୍ପ ମଧ୍ୟରେ ସାମାଜିକ ସମସ୍ୟାର ଚିତ୍ର ଦେଖିପାରିବା । ଗଳ୍ପ ସାହିତ୍ୟ ବିକାଶ ହେବା ଫଳରେ ସାମାଜିକ ସମସ୍ୟା ମଧ୍ୟ ବିକଶିତ ହେବାରେ ଲାଗିଛି । ଏକବିଂଶ ଶତାବ୍ଦୀରେ ମଧ୍ୟ ବେକାରୀ ସମସ୍ୟା ଓ ବନ୍ୟା ବିପର୍ଯ୍ୟୟର ଜୀବନ୍ତ ଚିତ୍ର ଦେଖିବା ପାଇଁ ପାଉଛୁ । ଶିଳ୍ପନିତୀରେ ବିକାଶ ହୋଇଛି, କିନ୍ତୁ ଶହଶହ ବେକାରୀମାନେ ବୁଲୁଛନ୍ତି । ଅଭାବ ଭିତରେ ଜୀବନଯାପନ ନ କରି ପାରି ଦୂରକୁ ଚାଲିଯାଉଛନ୍ତି ଅର୍ଥ ଉପାର୍ଜନ କରିବା ପାଇଁ । କିନ୍ତୁ ଗ୍ରାମ ପରିବେଶକୁ ଝୁରି ହେଉଛନ୍ତି ସେଠାରେ ମଧ୍ୟ ରହି । ଓଡିଶାର ସାମାଜିକ ସମସ୍ୟାର ଚିତ୍ର ଗଳ୍ପ ଧାରାକୁ ଅଧିକ ଶସକ୍ତିକରଣ କରିପାରେ ଏହା ବିନା ଦ୍ୱିଧାରେ କୁହାଯାଇପାରେ ।

ସହାୟକ ଗ୍ରନ୍ଥସୂଚୀ –

୧. ମହାରଣା ଡକ୍ଟର ସୁରେନ୍ଦ୍ର କୁମାର, ଓଡିଆ ସାହିତ୍ୟର ଇତିହାସ, ଓଡିଶା ବୁକ୍ ଷ୍ଟୋର, ବିନୋଦ ବିହାରୀ, କଟକ (ତୃତୀୟ ସଂସ୍କରଣ ୨୦୦୫ )
୨. ସାମନ ପ୍ରଫେସର ବୈଷ୍ଣବ ଚରଣ, ଓଡିଆ କ୍ଷୁଦ୍ରଗଳ୍ପ ଇତିବୃତ୍ତ, ଫ୍ରେଣ୍ଡସ୍ ପବ୍ଲିଶର୍ସ, ବିନୋଦ ବିହାରୀ, କଟକ ।
୩. ବାରିକ ଡକ୍ଟର କବିତା, ଶହେ ବର୍ଷର ଆଧୁନିକ ଓଡିଆ କ୍ଷୁଦ୍ରଗଳ୍ପ : ଏକ ତାତ୍ତ୍ୱିକ ବିଶ୍ଳେଷଣ (୧୮୯୮-୧୯୯୮ ), ବିଦ୍ୟାପୁରୀ, ବାଲୁବଜାର, କଟକ ।
୪. ମହାପାତ୍ର ଡକ୍ଟର ପ୍ରେମାନନ୍ଦ, ଓଡିଆ ସାହିତ୍ୟର ଇତିହାସ, ସତ୍ୟନାରାୟଣ ବୁକ୍ ଷ୍ଟୋର, ବିନୋଦ ବିହାରୀ, କଟକ – ୨, ପଞ୍ଚମ ସଂସ୍କରଣ (୨୦୧୯)

କଳାବିଭୂଷଣ ଗବେଷିକା, ଓଡିଆ ବିଭାଗ
ଉତ୍କଳ ବିଶ୍ୱବିଦ୍ୟାଳୟ, ବାଣୀବିହାର
ଭୁବନେଶ୍ୱର

ISSN NO.
2582-208X

# ତୁମେ ସହସ୍ରାଂଶୁ



ଶଶିରେଖା ଜେନା

ତୁମେ ସହସ୍ରାଂଶୁ ସମ ଉତ୍ତପ୍ତ ଆଭାସ ।
ମୃଗାଙ୍କ ସମ ଶୀତଳ ଜ୍ୟୋସ୍ନା ର ଆବାହନ।
ଦୁହିଁଙ୍କ ଅନୁପସ୍ଥିତି ଘୋର ଅନ୍ଧକାର କୁ
କରେ ଆଲୋକର ମହତ୍ତ୍ୱକୁ ଦ୍ୱିଗୁଣିତ ।
ତୁମେ ମୋ ଜୀବନର ସେହି ଆଲୋକ
ଯାହା ବିନା ମୋ ଜୀବନ ଛାରସମ ।
ତୁମ ଚକ୍ଷୁ ରେ ମୁଁ ନିଜର ନିକଟ ତର ହୋଇ
ନିଜକୁ ସଫଳ ହେବାର ଦେଖୁଛି
ତୁମେ ସ୍ଥିର ହୋଇ ସେମିତି ଛିଡାହୋଇଛ ।
ତୁମେ ଅଣିଦେଇଛ ମୋ ଭିତରେ
ଅସଜ୍ର ସାହାସର ଜ୍ୱାଳାମୁଖୀ ।
କେତେ କାହିଁ ରାତି
କେତେ କଷ୍ଟ ଭରା ଦିନର ମୁହୂର୍ତ୍ତ ।
ଶେଷରେ ମୁଁ ପାଇଛି ତୁମ ମୁହଁରେ
ଏକ ନିର୍ମାୟ୍ଯା ର ସ୍ମିତହାସ୍ୟ ।
ତୁମ ଭିତରେ ମୁଁ ଦେଖୁଛି
ଅଥଳ ମହୋଦଧିର ଗହ୍ୱରତାକୁ ।
ପୁଣି ଦେଖୁଛି ତୁମ ଭିତରେ ଥିବା

ISSN NO.
2582-208X

ସେହି ଆଶାବାଦୀ ମଣିଷଟାକୁ ।
ଯିଏ ନିଜର ସବୁ କିଛି ବଳିଦାନ ଦେଇ ଦେଇଛି ।
ତୁମର ଅସଜ୍ର ପରିଶ୍ରମ ମତେ ଆଣିଦେଇଛି
ସଫଳ ହେବାର ଏକ ନୂତନ ପାହାଚ ।
ତୁମ ନେତ୍ର ରେ ମୁଁ ପାଇଛି
ଜୀବନର ପ୍ରତିଟି ଦ୍ୱନ୍ଦର ଉତ୍ତରକୁ ।
କିନ୍ତୁ ତୁମେ ସ୍ଥାଣୁ ପରି
ସ୍ଥିରହୋଇ ରହିଛ ଅପେକ୍ଷା ରେ ।
ଇଶ୍ୱରଙ୍କୁ ତ ଦେଖିନି ପାଖରେ
ଇଶ୍ୱରଙ୍କ ଉପସ୍ଥିତି ମୁଁ ତୁମ ଠାରେ ପାଇଛି ।
ତୁମ ପାଖରେ ଦେଖିଛି ଧୈର୍ଯ୍ୟ ର ପରିଧିକୁ
ବୀର ସମ ମହାଭାରତର କର୍ଣ୍ଣ ଙ୍କୁ ।
ତୁମେ ସଦା ସର୍ବଦା ଆଣିଦେଇଛ
ମୋ ଭାବନା ଠାରୁ ଅନେକ କିଛି ।
ତୁମେ ସଦା ଚେଷ୍ଟା କରିଛ
ମତେ ଦେଖିବାକୁ ଏକ ସଫଳ ନାୟିକା ପରି ।
ତୁମ ପରିଶ୍ରମ ଭରା ହାତ ପାପୁଲି
କୋହ ଭରା ହୃଦୟ ର ଅଭିଲିପି ।
ତୁମେ ଏପରି ଜଣେ ମହାନାୟକ
ଯାହାର ଇତିହାସ ପୃଷ୍ଠାରେ ଚିହ୍ନ ବର୍ଣ୍ଣ ନାହିଁ ।
କିନ୍ତୁ ମୋ ଜୀବନ ର ତୁମେ
ହୋଇଯାଇଛ ମହାନାୟକ ।

ସ୍ନାତକୋତ୍ତର
ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର
ମୋ ଜୀବନର ମହାନାୟକ

ISSN NO.
2582-208X

# ଶ୍ରୀପତି ଶ୍ରୀମତୀ ପତି



ଡ. ଅର୍ଜୁନ ଚରଣ ବାରିକ୍

ଶ୍ରୀପତି ଶ୍ରୀମତୀ ପତି ଯଦୁପତି
ନୀଳମଣି ଦାମୋଦର ।
ଜୟ ଜଗଦୀଶ ପରମ ପୁରୁଷ
କେଶବ କୃପାସାଗର ।।
ଗଧ ପାଦ ଧରା ମୁକତି ପସରା
ନରହରି ଶ୍ରୀୟା ବର ।
ନାଦ ବ୍ରହ୍ମ ହରି ମୁକୁନ୍ଦ ମୁରାରୀ
ନଟରାଟ ରମାବର ।
ଥୟ ଧରି ମନ ଜପ ନାରାୟଣ
ଭବ କ୍ଳେଶ ହେବ ଦୂର ।
ଙ୍କର ଲେଉଟାଇ ଦେଲେ ହୁଏ ରଙ୍କ
ନିଧି ସେ ପରା ନନ୍ଦର ।।
ବଂଶୋରୀ ବଦନ ଯଶୋଦା ନନ୍ଦନ
ଶ୍ରୀକୃଷ୍ଣ ଶ୍ୟାମସୁନ୍ଦର ।
କରୁଣାର ଉସ୍ଵ ଦେବ ଶୀରିବସ୍ଵ
ଲାଞ୍ଛନ ନାମ ଯାହାର ।

ISSN NO.
2582-208X

ଚୂର୍ଣ୍ଣ କୁନ୍ତଳରେ ଶିଖିପୁଚ୍ଛ ପର
ଦିଶେ କେଡେ ମନୋହର ।
ଡାକୁ ସରଦାର ସେ ନନ୍ଦ କୁମର
ହରଇ ଦୁରୀତ ଭାର ।।
ବେଣୁଧର ଗୋପୀ ବଲ୍ଲଭ ଶ୍ରୀଧର
ରାଧାବର କମ୍ବୁ କର ।
ଶରଣ ସୋଦର କମଲାରବର
ପଦେ କୋଟି ନମସ୍କାର ।।

ଗ୍ରାମ ମହୁ, ଡାକ ମହୁ,
ଭାୟା ନମୌଜା,କେନ୍ଦ୍ରାପଡ଼ା /ମୋ: ୯୯୩୭୯୯୦୫୯୯

ISSN NO.
2582-208X

# ତୁମେ



ପୂଜା ସାହୁ

ତୁମେ ସୌନ୍ଦର୍ଯ୍ୟ ର ଗୋଟିଏ ସୁନ୍ଦର ଉପମା ।
ତୁମେ ଅବସାଦଗ୍ରସ୍ତ ଅନ୍ଧାର ରାତିର ଶୀତଳ ଚନ୍ଦ୍ରମା,
ତୁମ ଓଠର ହସ ହିଁ ମୋ କଳ୍ପନା ର ଶେଷ ଠିକଣା ।
ତୁମ ଉପସ୍ଥିତି ହିଁ ମୋର ମୂଲ୍ୟବାନ ପାଉଣା.......

ତୁମେ ମେଘାଚ୍ଛନ୍ନ ଆକାଶ ରେ ଚିକମିକ ମିଠା ଖରା,
ତୁମେ ମୋର ସବୁ ଅଭିଯୋଗ ର ପ୍ରେମ ଭରା ସାନ୍ତ୍ୱନା ...
ତୁମେ ଏକ ସ୍ମୃତି ଭରା ପଂକ୍ତି ପୂର୍ଣ୍ଣ କବିତା
ତୁମେ ଇନ୍ଦ୍ରଧନୁ ର ବର୍ଣ୍ଣାଢ୍ୟ ସପ୍ତରଙ୍ଗୀ ଆଭା,...... ।

ଏକ ଆଲୋକବର୍ତ୍ତିକା ସତତ ପ୍ରଜ୍ୱଳିତ ରଶ୍ମି ପରି ,
ଚିର ପ୍ରସ୍ଫୁଟିତ ହୁଅ ଶତଦଳ ର ସୁଶୋଭିତ ହରି ....
ତୁମେ ଅନ୍ତସଲ୍ଲିଳ ଫଲଗୁ ର ରକ୍ତିମ ମିଶ୍ରିତ ଭାବନା ,
ତୁମେ ବିସ୍ମୃତ ଯନ୍ତ୍ରଣା ର ଅଶ୍ରୁ ସିକ୍ତ ଆଶ୍ୱସନା,.......।

ISSN NO.
2582-208X

ତୁମେ ନିସ୍ତବ୍ଧ ରାତିର ଉଜ୍ଜ୍ୱଳିତ ଟିକି ତାରା,
ଯାହାକୁ ଦେଖି ମନ ରେ ଖେଳେ ମର୍ମସ୍ପର୍ଶୀ ମୂର୍ଚ୍ଛନା...
ତୁମ କଥା ବସନ୍ତ ଋତୁର କୁହୁତାନ,
ଯାହାର ଶ୍ରବଣ ମାତ୍ରକେ ଭାଙ୍ଗେ ମୋର ସବୁ ଅଭିମାନ..... ।

ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ଓଡିଆ ବିଭାଗ,
ଭୁବନେଶ୍ୱର (ଦ୍ୱିତୀୟ ବର୍ଷ)
ଫୋନ୍ ନଂ -୯୩୩୭୧୨୦୪୭୩

ISSN NO.
2582-208X

# କପଟିଆ କାଳିଆ



ଗାୟତ୍ରୀ ବେହେରା

ବାହୁଡ଼ି ଆସ ହେ ବାହୁଡ଼ା ବ୍ରହ୍ମ
କିମ୍ପାଇ କରୁଛ ଏତେ ଡେରି
ତୁମ ଆସିବା ବାଟକୁ ଚାହିଁ ରହିଛନ୍ତି
ମାଆ ଚଞ୍ଚଳା ନୟନ ପାରି।।

ନଅଦିନ ହେଲା ମଉଜ କରୁଛ
ଜନ୍ମବେଦିରେ ପୋଡପିଠା ଖାଇ
ଘର ଘରଣୀ କଥା ଭୁଲି କି ଗଲ ହେ
ମାଉସୀ ମାର ସେନେହ ପାଇ।।

ବିବାହ ହେବାର ଦିନ କେଇଟା
ହୋଇନାହିଁ ବଡ଼ଦେଉଳେ
ନୂଆ ବୋହୂଟାକୁ ଏକାକୀ କିପରି
ଛାଡି ଆସିଲ ନିଜ ଆଳୟେ।।

ଭାଇଭଉଣୀ ସାଥେ ରଥେ ଚଳିଗଲ
ପତ୍ନୀଙ୍କୁ ନ ନେଲ ସାଙ୍ଗରେ
ପର ଝିଅ ବୋଲି ଇର୍ଷା କଲ ବୋଧେ
ଭାରି କପଟିଆ ତୁମେ ସତରେ।।

ISSN NO.
2582-208X

ସ୍ୱାମୀ ନଣନ୍ଦ କେହି ହେଲେ ଥରେ
ନ ପୁଛିଲେ ଆସି ମାଆରମାଙ୍କୁ
ଡାକିଥିଲେ କଣ ନୁଆ ବୋହୂଟା
ଚାଲି ଆସିଥାନ୍ତେ ବଡ଼ଦାଣ୍ଡକୁ । ।

ଅଭିମାନ ସବୁ ହୃଦୟେ ସାଇତି
ରହିଛନ୍ତି ମାଆ ତୁମ ଅପେକ୍ଷାରେ
ପହଞ୍ଚିବ ଯେବେ, ଦ୍ୱାର କିଳି ଦେବେ
ଗୃହେ ପାଦ ନ ପଡ଼ିବ ସହଜରେ । ।

ତୁମେ ବି ପ୍ରଭୁ ଭାରି ସିଆଣା
ରସଗୋଲା ପୁଞ୍ଜେ ଧରି ହାତରେ
ନିଜ ଦୋଷ ଜାଣି ମନାଇବ ପୁଣି
କେତେ କୌଶଳ ଭାବ ଭଙ୍ଗୀରେ । ।

ଅଭିମାନ ସବୁ ଯିବେ ଭୁଲି ମାଆ
ତୁମ କଉତୁକ କଥା ଶୁଣି କାନରେ
ହାତ ଧରି ସେ ଯେ ପାଛୋଟି ନେବେ
ବଡ଼ଦେଉଳକୁ ଯିବ ପ୍ରଭୁ କେତେ ଚତୁରେ । ।

ସ୍ନାତକୋତ୍ତର ପ୍ରଥମବର୍ଷର ଛାତ୍ରୀ
ଓଡ଼ିଆ ଭାଷା-ସାହିତ୍ୟ ବିଭାଗ
ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ

ISSN NO.
2582-208X

# ମୃତ୍ୟୁର ଅନୁଭୂତି



ପ୍ରିୟଦର୍ଶିନୀ ଓଝା

ମଣିଷ ଜୀବନର
ଏକ ଅଜଣା ଉତକ୍ଷିପ୍ତ ଅତୀତ
ମନେ ପକାଇ ଦିଏ ଜୀବନର
ଅବା ମୃତ୍ୟୁର ଅଭୁଲା ଚୋଟ
ଜୀବନ ପ୍ରତି ଏକ ପରିହାସ।

ଖାଲି କୁହେ,
ଜୀବନର ଆନନ୍ଦ ମରିବାରେ
ନା ବଞ୍ଚିବାରେ
ହୁଏ ତ ମରି ମରି ବଞ୍ଚିବାରେ

ସ୍ନିଗ୍ଧ ଜହ୍ନର ଜ୍ୟୋତ୍ସ୍ନା ଦିଏ ଶୀତଳତା
ଖରାବେଳର ସୂର୍ଯ୍ୟ କିରଣ ପ୍ରଦାନ କରେ ଦଗ୍ଧତା
ମଣିଷର ପ୍ରବୃତ୍ତି ଭଳି ତା ମଧ୍ୟରେ କେତେଯେ ବିଚିତ୍ରତା ।

ISSN NO.
2582-208X

ମୃତ୍ୟୁକୁ ପରିହାସ କଲା ଛଳରେ କୁହେ
ରହ ରହ କ୍ଷଣେ
ତୋ ସ୍ପର୍ଶରେ ଅଛି କେତେ କ୍ଷତ
ତୋ ଦେହେ ଅଛି ଯେତେ ଯନ୍ତ୍ରଣାର ଦାଗ
ସବୁକୁ କରିବାକୁ ଚାହେଁ ମୁଁ ଅନୁଭବ ।

ଏଣୁ ସେ ଜଳେଇ ଚାଲେ ନିଜକୁ
କୁହେ ଏଇ ଯେ ଜୀବନର ଆନନ୍ଦ ।

ନା ସେ ବର୍ଷାରେ ଅଛି ନା ବସନ୍ତରେ
ବର୍ଷା ତାକୁ ଭିଜେଇ ପାରୁନି
ବସନ୍ତ ତାକୁ ସ୍ପର୍ଶ କରି ପାରୁନି ।

ବର୍ଷା ତାକୁ ସୃଜନଶୀଳ କରିପାରୁଛି
ନା ବସନ୍ତରେ ସେ ପ୍ରେମିକ ସାଜି ପାରୁଛି ,
ସେ କେବଳ ଋତୁ ଚେତନାର ଶୀର୍ଷରେ
ମୃତ୍ୟୁକୁ ସ୍ଥାପନ କରୁଛି ।

ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ
ସ୍ନାତକୋତ୍ତର ଦ୍ୱିତୀୟ ବର୍ଷର ଛାତ୍ରୀ
ମୋବାଇଲ୍ – 8984456244

ISSN NO.
2582-208X

# ପୃଥିବୀ ପେଟର ଭୟଙ୍କର ରୂପ ଓ ଭୂମିକମ୍ପ



ଡକ୍ଟର କମଳାକାନ୍ତ ଜେନା

ପୃଥିବୀ ଉପରେ ଆମେ ବାସ କରୁ । ଏହାର ନଦୀ, ସମୁଦ୍ର, ପାହାଡ, ପର୍ବତ, ଗଛଲତା, ବଣଜଙ୍ଗଲ ଓ ସବୁଜ ଶସ୍ୟକ୍ଷେତ୍ର ଦେଖିଲେ ଆମର ମନ ପୂରିଯାଏ । ପୃଥିବୀର ଶାନ୍ତ ପରିବେଶ ଆମକୁ ଶାନ୍ତି ଦିଏ । ଆମେ ରହୁ ପୃଥିବୀର ପିଠି ଉପରେ, ଯାହାକୁ ବୈଜ୍ଞାନିକମାନେ ପୃଥିବୀର ପୃଷ୍ଠତଳ ବୋଲି କହନ୍ତି । ଅର୍ଥାତ୍, ପୃଥିବୀର ପୃଷ୍ଠତଳ ବେଶ୍ ଶୀତଳ ଓ ଶାନ୍ତ ମନେହୁଏ । କିନ୍ତୁ ପୃଥିବୀର ପେଟ ଭିତରଟା ଅତି ଉତପ୍ତ ଓ ଭୟଙ୍କର । ପୃଥିବୀର ପେଟକୁ ଅଣ୍ଡାର ଖୋଳପା ପରି ଘୋଡେଇ ରଖିଛି ଭୂତ୍ୱକ୍ । ପୃଥିବୀର ଭୂତ୍ୱକ୍ ମାଟି, ଗୋଡି, ପଥରରେ ତିଆରି । ପୃଥିବୀର ଆକାରକୁ ଦେଖିଲେ ଭୂତ୍ୱକ୍ ଅତି ପତଳା । ପୃଥିବୀର ଭୂତ୍ୱକ୍ କଣା କରି ଭିତରକୁ ପଶିଲେ ଗରମ ଲାଗିବ । ଯେତେ ଭିତରକୁ ଭିତରକୁ ଯିବା, ତାପମାତ୍ରା ସେତେ ବଢି ବଢି ଚାଲିବ । ମାତ୍ର କିଛି ବାଟ ଗଲା ପରେ ତାପମାତ୍ରା ଏତେ ବଢିଯିବ ଯେ, ଆମେ ଆଉ ଆଗେଇ ପାରିବା ନାହିଁ । ପୃଥିବୀ ଗର୍ଭରେ ବିଭିନ୍ନ ଧାତୁପଦାର୍ଥ ଅତି ଉତପ୍ତ ଓ ତରଳ ଅବସ୍ଥାରେ ରହିଛି । ତା' ଭିତରକୁ ପଶିଲେ ଲୁହା ଓ ଷ୍ଟିଲ୍ ଯନ୍ତ୍ରପାତି ବି ତରଳି ଯିବ, ଆମେ ଜଳିପୋଡି ପାଉଁଶ ହେଇଯିବା । ଏଥିରୁ ସହଜରେ ବୁଝାପଡୁଛି, ଉପରୁ ଦେଖିଲେ ପୃଥିବୀ ଟାଣ ଓ ଶୀତଳ, କିନ୍ତୁ ଏହାର ଭିତରଟା ଭୟଙ୍କର । ଆଜି ଆମେ ପୃଥିବୀ ବାହାରେ କାହିଁ କେତେ ଦୂରରେ ରହିଥିବା ଗ୍ରହ ଉପଗ୍ରହକୁ ଯାଇ ପାରିଛୁ । କିନ୍ତୁ ପ୍ରଚଣ୍ଡ ତାତି ପାଇଁ ପୃଥିବୀର ପେଟ ଭିତରକୁ ଯିବା ସମ୍ଭବ ହୋଇପାରି ନାହିଁ । ପୃଥିବୀ ଭିତରେ ଅତି ଉତପ୍ତ ତରଳ ପଦାର୍ଥ ରହିଥିବାରୁ

ISSN NO.
2582-208X

ଅନେକ ସମୟରେ ବିଭିନ୍ନ ଦୁର୍ଘଟଣା ଘଟିଥାଏ । ପୃଥିବୀର ଏଭଳି ଗଠନ ସକାଶେ ଭୂମିକମ୍ପ ଓ ଆଗ୍ନେୟଗିରି ଭଳି ଭୟଙ୍କର ପରିସ୍ଥିତି ସୃଷ୍ଟି ହୁଏ ।

ପୃଥିବୀର ଗଠନକୁ ଦେଖିଲେ ଭୂକମ୍ପନ କିଛି ବିଚିତ୍ର କଥା ନୁହେଁ । ମାଟି ପଥରରେ ତିଆରି ଭୂତ୍ୱକ୍‌ର ଠିକ୍ ତଳେ ବିଭିନ୍ନ ପଦାର୍ଥ ଅଧା ତରଳ ତଥା ଉତପ୍ତ ଅବସ୍ଥାରେ ରହିଛି। ଏହାକୁ କୁହାଯାଏ ମାଂଟେଲ୍ ସ୍ତର । ଏହା ଗରମ କାଦୁଅ ପରି । ସେହି କାଦୁଅକୁ ମାଗ୍ମା କୁହାଯାଏ । ଅର୍ଥାତ୍ ଗରମ ମାଗ୍ମା ଉପରେ ଆମର ପତଳା ଭୂତ୍ୱକ୍ ଭାସମାନ ଅବସ୍ଥାରେ ରହିଛି । କେବଳ ସେତିକି ନୁହେଁ, ଫଟା ଅଣ୍ଡା ଖୋଳ ପରି ଆମର ଭୂତ୍ୱକ୍ ୭ଟି ବଡ ବଡ ଓ ୧୪ଟି ଛୋଟ ଛୋଟ ଖଣ୍ଡରେ ବିଭକ୍ତ । ସେହି ଖଣ୍ଡଗୁଡିକୁ ପ୍ଲେଟ୍ ବୋଲି କୁହାଯାଏ । ପ୍ଲେଟ୍‌ଗୁଡିକ ସ୍ଥିର ନଥାନ୍ତି । ବହଳିଆ ମାଂଟେଲ୍ ସ୍ତର ଉପରେ ସେଗୁଡିକ ଅତି ଧୀରେ ଧୀରେ ଏପଟ ସେପଟ ଗତି କରନ୍ତି । ଏମିତି ଗତି କରିବା ସମୟରେ ଗୋଟିଏ ପ୍ଲେଟ୍ ଆଉ ଗୋଟିଏ ପ୍ଲେଟ୍ ଉପରେ ଚଢିଯାଇପାରେ । କୌଣସି ପ୍ଲେଟ୍ ତଳକୁ ଦବି ଯାଇପାରେ। ଅଥବା ଦୁଇଟା ପ୍ଲେଟ୍ ପରସ୍ପର ସହିତ ବାଡେଇପାରେ । ଏପରି ହେଲେ ସଙ୍ଘର୍ଷ ସ୍ଥାନରେ ତୀବ୍ର କମ୍ପନ ସୃଷ୍ଟି ହୁଏ । ପୃଥିବୀର ଭୂପୃଷ୍ଠ ଉପରେ ଥିବା ଗଛଲତା, କୋଠାବାଡି ଓ ପାହାଡପର୍ବତ ଥରିଯାଏ । ଏହାକୁ ଆମେ କହୁ ଭୂକମ୍ପନ ବା ଭୂମିକମ୍ପ (ଆର୍ଥ୍‌କ୍ୱେକ୍) । ଏଥିରୁ ଯାହା ବୁଝାପଡୁଛି, ପୃଥିବୀର ପେଟ ଭିତରେ ତରଳ ପଦାର୍ଥ ନଥିଲେ ଓ ଭୂପୃଷ୍ଠ ଭଙ୍ଗାରୁଜା ହୋଇ ନଥିଲେ ଭୂମିକମ୍ପ ହୁଅନ୍ତା ନାହିଁ ।

ଭୂମିକମ୍ପ ପ୍ରସଙ୍ଗ ପଡିଲେ ଓଡ଼ିଶାର ଭୂମିକମ୍ପ କଥା ମନେ ପଡେ । ୨୦୧୪ ମସିହା ମଇ ୨୧ ତାରିଖ ବୁଧବାର ରାତି ୯ଟା ୫୨ ମିନିଟ୍‌ରେ ଅନୁଭୂତ ଭୂମିକମ୍ପ ଓଡିଶାବାସୀଙ୍କୁ କେମିତି ଭୟଭୀତ କରିଥିଲା, ସେକଥା କେହି ଭୁଲି ନାହାନ୍ତି । ଭୁବନେଶ୍ୱରଠାରୁ ୩୧୦ କି.ମି. ଦୂରରେ ବଙ୍ଗୋପସାଗର ଶଯ୍ୟାରେ ୧୦ କି.ମି. ତଳେ ପ୍ରାୟ ୪୦ ସେକେଣ୍ଡ ପାଇଁ ଏହି ଭୂକମ୍ପନ ସୃଷ୍ଟି ହୋଇଥିଲା । ଉତ୍ପତିସ୍ଥଳ ନିକଟରେ ରିକ୍ଟର ସ୍କେଲରେ ଏହାର ତୀବ୍ରତା ୬ ଥିଲା । ଏହି କମ୍ପନ ଭାରତର ପୂର୍ବ ଫାଳକୁ ଦୋହଲାଇ ଦେଇଥିଲା । ଓଡିଶାର

ISSN NO.
2582-208X

ବର୍ଷୀୟାନ ଲୋକେ ସେମାନଙ୍କ ଜୀବନକାଳ ଭିତରେ ଏଭଳି କମ୍ପନ ଅନୁଭବ କରି ନଥିଲେ।

ଭୂମିକମ୍ପକୁ 'ସାଇସ୍ମୋଗ୍ରାଫ୍' ଯନ୍ତ୍ର ଦ୍ୱାରା ମାପ କରାଯାଏ । ଭୂମିକମ୍ପର ତୀବ୍ରତା ବା ଇଂଟେନ୍ସିଟି କହିଲେ ଭୂକମ୍ପନ କେତେ ଅଧିକ ବା କମ୍, ସେକଥାକୁ ବୁଝାଏ । ଭୂକମ୍ପନ ତୀବ୍ରତାକୁ ଯେଉଁ ସ୍କେଲରେ ପ୍ରକାଶ କରାଯାଏ, ତାହା ହେଉଛି 'ରିକ୍ଟର ସ୍କେଲ' । ଏହାକୁ ୧୯୩୫ ମସିହାରେ ଆମେରିକାର ଭୂତତ୍ତ୍ୱ ବିଜ୍ଞାନୀ ଚାର୍ଲସ୍ ଫ୍ରାନ୍ସିସ୍ ରିକ୍ଟର ପ୍ରଥମେ ତିଆରି କରିଥିଲେ । ରିକ୍ଟର ସ୍କେଲ ଦେଉଥିବା ପାଠାଙ୍କକୁ ତୁଳନା କରିବା ପାଇଁ ଟି.ଏନ୍.ଟି. ବିସ୍ଫୋରକର ଉଦାହରଣ ନେବା । ଟ୍ରାଇନାଇଟ୍ରୋ ଟୋଲୁଇନ୍ (ଟି.ଏନ୍.ଟି.) ହେଉଛି ଏକ ବିସ୍ଫୋରକ, ଯାହାର ବିସ୍ଫୋରଣ ହେଲେ ପ୍ରଚଣ୍ଡ କମ୍ପନ ସୃଷ୍ଟି ହୁଏ । କୋଠାବାଡି ଧ୍ୱଂସ ହୁଏ । ପ୍ରାୟ ୨୦୦ ଟନ୍ ଟ୍ରାଇନାଇଟ୍ରୋ ଟୋଲୁଇନ୍ (ଟି.ଏନ୍.ଟି.) ବିସ୍ଫୋରକରୁ ଯେତିକି କମ୍ପନ ଜାତ ହୁଏ, ରିକ୍ଟର ସ୍କେଲରେ ତାହାର ମୂଲ୍ୟ ୪.୯ ହେବ । କହିବା ବାହୁଲ୍ୟ, ଏତିକି ତୀବ୍ରତାର ଭୂମିକମ୍ପକୁ ସାମାନ୍ୟ ଭୂମିକମ୍ପ କୁହାଯାଏ । କମ୍ପନର ତୀବ୍ରତା ୮ ବା ତାଠାରୁ ଅଧିକ ଥିଲେ ତାହାକୁ ଅତି ଭୟଙ୍କର ଭୂମିକମ୍ପ ବୋଲି ଧରାଯାଏ । ଆମର ଭଙ୍ଗାରୁଜା ଭୂପୃଷ୍ଠ ଭାସମାନ ଅବସ୍ଥାରେ ଥିବାରୁ ସବୁ ସମୟରେ ଅଳ୍ପ ବହୁତ ଥରୁଥାଏ । କିନ୍ତୁ ସବୁ କମ୍ପନକୁ ଆମେ ଆନୁଭବ କରିପାରୁନାହିଁ ।

ଦୁଃଖର କଥା, ଭୂମିକମ୍ପ କେତେବେଳେ ହେବ ଓ କେଉଁ ଅଂଚଳରେ ହେବ, ତାହାର ପୂର୍ବାନୁମାନ ଆମେ କରିପାରିବା ନାହିଁ । ଆମର ଗବେଷଣା ସେହି କ୍ଷେତ୍ରରେ ଅଦ୍ୟାବଧି ସଫଳତା ପାଇପାରି ନାହିଁ । ତେବେ ଭୂମିକମ୍ପ ସମୟରେ ଆମର ସଚେତନତା ଓ ସତର୍କତା ବଳରେ ଆମେ ଧନଜୀବନ ହାନୀକୁ କିଛି ମାତ୍ରାରେ କମ୍ କରି ପାରିବା । ଅତି କମ୍‌ରେ ନିଜର ଜୀବନ ତ ବଂଚେଇ ପାରିବା । ସବୁଠାରୁ ବଡ କଥା, ଭୂମିକମ୍ପ ସମୟରେ ଘର ଭିତରେ ନରହି ହଠାତ୍ ବାହାରକୁ ବାହାରି ଆସିବା ଜରୁରି । ଯଦି ଘରୁ ବାହାରିବା ସମ୍ଭବ ନୁହେଁ, ତାହେଲେ ଘର ଭିତରେ କବାଟ ଓ ଝରକାଠାରୁ ଦୂରରେ ରହିବା ଉଚିତ କିମ୍ବା ଶକ୍ତ ଟେବୁଲ ତଳେ ବସିରହିବା ଉଚିତ । ପରେ ସୁବିଧା ଦେଖି ସତର୍କତାର ସହିତ

ISSN NO.
2582-208X

ବାହାରକୁ ଚାଲିଆସିବା ଉଚିତ । ଉଚ୍ଚ କୋଠାଘରେ ରହୁଥିଲେ ସେତେବେଳେ ଲିଫ୍ଟ୍ ସାହାଯ୍ୟରେ ତଳକୁ ନଆସି ପାହାଚରେ ଚାଲି ଚାଲି ଆସିବା ଦରକାର । କାରଣ, ଭୂକମ୍ପନ ସମୟରେ ବିଜୁଳି ଚାଲିଯିବାର ଯଥେଷ୍ଟ ସମ୍ଭାବନା ରହିଥାଏ । ବାହାରେ ଥିଲେ ବଡ ଗଛ ଓ ବିଜୁଳିଖମ୍ବଠାରୁ ଦୂରରେ ରହିବା ଉଚିତ । ଭୂମିକମ୍ପ ସମୟରେ କାର ଭିତରେ ଥିଲେ ଖୋଲା ଜାଗା ଦେଖି ସଙ୍ଗେ ସଙ୍ଗେ ଗାଡିକୁ ରଖିଦେବା ଉଚିତ । ଆମେ ଭୂକମ୍ପନ ଅନୁଭବ କରିବା ଆଗରୁ ପ୍ରାଣୀମାନେ ତାହା ଅନୁଭବ କରିପାରନ୍ତି ଓ ଅଜବ ବ୍ୟବହାର ପ୍ରଦର୍ଶନ କରନ୍ତି । ସେମାନେ ଉଚ୍ଚସ୍ୱରରେ ରଡି କରନ୍ତି । ସରୀସୃପମାନେ ଗାତରୁ ବାହାରି ଆସନ୍ତି ଓ ପକ୍ଷୀମାନେ କିଚିରିମିଚିରି ଶବ୍ଦ କରି ଆକାଶରେ ଉଡନ୍ତି । ସେମିତିକା କିଛି ଆଗୁଆ ସୂଚନା ପାଇ ଆମେମାନେ ସତର୍କତା ଅବଲମ୍ବନ କରିପାରିଲେ ଆହୁରି ଭଲ ।

???

ଓଡିଶା ଶିକ୍ଷା ସେବା (ଏ), ବିଜ୍ଞାନ ଏକାଡେମୀ ସଦସ୍ୟ,
ସଂଯୋଜକ, ସ୍ନାତକୋତ୍ତର (ପି.ଜି.) ଆପ୍ଲାଏଡ୍ ଫିଜିକ୍ସ୍ ବିଭାଗ,
ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟ, ଭଦ୍ରକ-୭୫୬୧୦୦

ISSN NO.
2582-208X

# ତୁମ ବିନା



ନନ୍ଦିତା ବଢ଼ାଇ

ତୁମ ବିନା ଆଜି ଏ ଜୀବନ ବିଷାକ୍ତ
କାହିଁକି କେଜାଣି ?
କ୍ଷଣେ ମଧ୍ୟ ବଞ୍ଚିବା ଅସମ୍ଭବ
ତୁମ ବିନା ଏ କଣ ଗୋଟେ ଜୀଇଁବା ?
ତୁମ ଭାବନାରେ ରହେ ସବୁ ରାତି ଅନିଦ୍ରା
ସତେ ଆଖିରୁ ନିଦ ହଜିଯାଏ ଯେପରି
ଏ ଭାବନରେ ମୁଁ ଛଟପଟ୍
ଲାଗେ ଏପରି ସତେ ଯେପରି
ତୁମେ ଶୀଘ୍ର ଫେରି ଆସନ୍ତ
ଯେବେ ତୁମେ ପାଖେ ଥାଅ
ନା ଜୀବନରେ ଥାଏ କିଛି ଚିନ୍ତା
ନା ଥାଏ କିଛି ବ୍ୟଥା
ମୋ ଦିନ ବେସ୍ ଖୁସି ରେ କାଟିଥାଏ
ତୁମେ ତ ଜାଣ, ତୁମ ବିନା ଏ ଜୀବନ ଅଭିଶପ୍ତ
ତୁମ ବିନା ଏ ପୃଥିବୀ ମୋ ପାଇଁ ରଙ୍ଗହୀନ
ତୁମ ବିନା କେବେ ମୋ ଜୀବନରେ

ISSN NO.
2582-208X

ନା ରହିଛି କେବେ ମଳୟ ପବନ
ନା ରହିଛି ସେଫଳୀର ସୁଗନ୍ଧ
ତୁମ ବିନା ମୋ ମନ ଫିକା
କାହିଁକି କେଜାଣି ?
ଏହା ବୋଧେ ମୋ ଭଲପାଇବା।

କଦଳୀମୁଣ୍ଡା,
ପଡ଼ିଆବହାଲ, ସମ୍ବଲପୁର

ISSN NO.
2582-208X

# ଗୁରୁ ବନ୍ଦନା



ଅକ୍ଷୟ ମହାନ୍ତ (ନିର୍ମାଲ୍ୟ)

ଚିର ବନ୍ଦିତ
ଗୁରୁଦେବ ମୋର
ପ୍ରଣାମ ଘେନା ମୋ'କର
ଜ୍ଞାନର ଆଲୋକ
ଭରି ଦେଲ ବୋଲି
ଆସିଗଲି ଏତେ ଦୂର।

ମଞ୍ଜୁଆତି ଛାଟ
ଧରି ପିଟୁଥିଲ
ମାର୍ଜିତ କଲ ମୋତେ
କଥା କହିବାରେ
ପାଠ ପଢିବାରେ
ଭୂମିକା ନେଇଛ କେତେ।

ଶାଳୀନତା ତୁମେ
ଶିଖେଇ ଦେଇଛ
ଜୀବନୀ କାହାଣୀ କହି
ସମାଜ ଆଗରେ
ଠିଆ ମୁଁ ହୋଇଛି
ସାହାସ ଧୈର୍ଯ୍ୟ ବହି।

ସହନଶୀଳତା
ଶିଖାଇଛ ତୁମେ
ସବୁ ମୁଁ ଯାଉଛି ସହି
ହସି ମୁଁ ଦେଉଛି,
ଯାହା ବି ଯେମିତି
ଯିଏ ଯାଉଛନ୍ତି କହି।

ତୁମେ ଶିଖାଇଛ
ଯିଏ ଯାହା ଦିଏ
ଫେରି ସିଏ ପାଇଥାଏ

ISSN NO.
2582-208X

ଯିଏ ଗାଳି ଦିଏ
ଜମା ମୁଁ ନିଏନି
ତା'ପାଖକୁ ଫେରି ଯାଏ।

ମୋହ ହସ ଆଉ
ନମସ୍କାର ପାଇଁ
ନରମି ଯାଆନ୍ତି ସିଏ
କ୍ରୋଧ ବି ତାଙ୍କର
ଶାନ୍ତ ହୋଇଯାଏ
କ୍ରୋଧୀ ହୋଇଥାନ୍ତି ଯିଏ।

କାହାରି ଠାରୁ ମୁଁ
ଋଣ କରେ ନାହିଁ
ବହୁ କଷ୍ଟେ ଚଳିଯାଏ
ଧାଆର ଉଧାର
ଯଦି କେବେ କରେ
ତୁରନ୍ତ ମୁଁ ସୁଝି ଦିଏ।

ତୁମେ ଶିଖାଇଛ
ପିତା ମାତାଙ୍କର
ସେବା ଯତ୍ନ କରିବାକୁ

ତାଙ୍କ କଥା ମୁହିଁ
ଆଗ ବୁଝିଥାଏ
ପଡ଼େ ନାହିଁ କହିବାକୁ।

ତୁମ ଆଶୀର୍ବାଦ
ମିଳୁଛି ହେ ଗୁରୁ
ଉପଦେଶ ତୁମ ମାନେ
ତୁମେ ନ ଥିଲେ ବି
ତୁମ ଉପଦେଶ
ଶୁଭିଯାଏ ମୋର କାନେ।

ଗୁରୁ ଦିବସରେ
ତୁମକୁ ହେ ଗୁରୁ
ପ୍ରଣିପାତ ମୁହିଁ କରେ
ଆଶୀର୍ବାଦ ଟିକେ
ପାଇବାକୁ ସିନା
ନିତି ମୁଁ ତୁମକୁ ଝୁରେ।

ମୋ:9937462507

ISSN NO.
2582-208X

# ମିଛ ଅନୁରାଗ



ସୀମାଞ୍ଚଳ ରଣା

ମନଗଢ଼ା କାହାଣୀର
ଉପାନ୍ତ ପୃଷ୍ଠାରେ ଲେଖାଥିଲି ଗପ,
ନିରବ ରାତି, ନୀଳ କଇଁ
ଆଉ  ଓଦା ରାତି ଅଶ୍ୱିନ,
ସ୍ୱପ୍ନର ପାହାଚରେ ଶେଷ ବନସୀ ଶାନ୍ତ;
ଖାଲି ଯାହା ମାୟାର ଜହ୍ନଟେ ନିର୍ମଳ ଅଥଚ।

ତମେ ଜାଣିଛ ?
ସମାହିତ ପ୍ରଶ୍ନବାଚୀର ଅବଶିଷ୍ଟତା
ନୁଖୁରା ଦେହ ଏବେ ଜରାଜୀର୍ଣ୍ଣ,
ଅଳସରେ ନିର୍ଯ୍ୟାତିତ ରାତିମାନଙ୍କ ଦୌରାତ୍ମ୍ୟ,
ଲୁହରେ ସମୁଦ୍ର ମାନଙ୍କ ରୋଷ,
ତମେ ଗଳ୍ପରେ ସବୁ ଯେମିତି ନିଜର;
ଏକାନ୍ତ ଓ ଆନୁଗତ୍ୟର ନିର୍ଜନ।

ତମେ ବି ତ ଆସିଥିଲ ଜହ୍ନ ପରି
ଓଦା ଆଖିରେ ବସନ୍ତ ଭେଟି,
ଶୁଖିନଥିଲି ନିଦାଘର ଘେସେରା ଦାଗ;

ISSN NO.
2582-208X

ଖୋଲି ନଥିଲ୍ ମୂଦା ଲଫାପାରୁ
ଶେଷ ଶୋଷର ଚଠିଏ ଦୁଃଖ।

ସମୁଦାୟ ବୟସତେ ଥିଲ୍
ଅଥଚ ମୁଁ କେବଳ ଭେଟିଲି ବସନ୍ତ,
ବର୍ଷା ଥିଲ୍, ଚଇତ ଥିଲ୍,
ଥିଲ୍ ମରୁଗ୍ରତିର ଝଡ଼;
ତମେ ପ୍ରେମ ଋତୁ କଥା କହିଲ/
ମୁଁ କେବଳ ବିଜନ ପ୍ରଭୃତତେ କେବଳ।

ତମ ଦେହ ମିଛ ଥିଲ୍
ଉଷ୍ଣତାର ଆଲିଙ୍ଗନରୁ,
ମିଛ ଥିଲ୍ ଆଖିଏ ଲୁହରୁ,
ସ୍ୱପ୍ନରୁ ମିଛ ଥିଲ୍ ତୁମ ପ୍ରତିବିମ୍ବ;
ଏମିତି ତୁମେ ଥିଲ ମିଛ ଏକ ବର୍ଷର ଗପ।

ବାଙ୍ଗାଲୋର, କର୍ଣ୍ଣାଟକ

ISSN NO.
2582-208X

# ଅନାମିକା ପ୍ରେମିକା



ବିରଞ୍ଚି ନାରାୟଣ ମିଶ୍ର

ପ୍ରେମିକାର ନାଁ ମୁଁ ଜାଣିଛି । ସଭିଙ୍କୁ କହିବାର ସାହସ ହେଉନି । କେମିତି କହିପାରିବି ।

ଜୀବନଟି ବି ମୋର ସେମିତି । ଜୀବନ ମୋର ଅଜସ୍ର ଅପାସୋରା ସ୍ମୃତିର ଉପହାର । କେବେ କେବେ ଗୋପନ ସ୍ମୃତିର ଶରଶଯ୍ୟା ମୋ ମନ, ପ୍ରାଣ ଓ ଚେତନାକୁ ମଥିଥିତ କରେ, ଅବ୍ୟକ୍ତ ବେଦନାରେ ମୁଁ ମ୍ରିୟମାଣ ହୋଇପଡ଼େ । ମୋର ଏହି ଆନ୍ତର୍ଦହନକୁ ଈଶ୍ୱର ଓ ମୁଁ ବ୍ୟତୀତ ଆଉ କିଏ ବା ବୁଝିପାରିବ ସ୍ମୃତି ପାଉଁଶ ତଳର ନିଆଁ । ଟିକେ ସହୃଦୟତା, ଚିରୁଟାଏ ସହାନୁଭୂତି ତାକୁ ପ୍ରଜ୍ୱଳିତ କରିପାରେ । ସ୍ରଷ୍ଟା ଯଦି ଆପଣା ଭିତରେ ଏ ଦହନକୁ ସହି ଯେଉଁ ସର୍ଜନା କରେ ତାହା ସ୍ୱର୍ଗୀୟ ଶତଦଳ ସମ ଚିରଅମ୍ଳାନ ଓ କାଳଜୟୀ ହୋଇଯାଏ ।

ତେଣୁ ମୋ ପ୍ରେମିକାର ନାଁ ଟି ଗୋପନ ରଖି ମୋର ଏଇ ଆତ୍ମଲିପି ଲେଖିବାକୁ ଇଚ୍ଛା କଲି । ଦୁଇଟି କରୁଣ ଚରିତ୍ର ଗୋଟିଏ ମୁଁ ଓ ଅନ୍ୟଟି ମୋର ପ୍ରେୟସୀ (ଯାହାର ନାଁ ଲେଖିବାର ସାହସ ମୋ ପାଖେ ନାହିଁ) ପାଠକଙ୍କ ହୃଦୟକୁ କରୁଣ ରସରେ ଦ୍ରବିଭୂତ କରିଦେବ ବୋଲି ମୋର ଆଶା ଓ ବିଶ୍ୱାସ ରଖି ଆରମ୍ଭ କରୁଛି ।

ଆତ୍ମଲିପି ଲେଖିଲା ବେଳେ ବାରମ୍ବାର ପ୍ରେମିକା ଲେଖିବାର ଇଚ୍ଛାକୁ ମୋର ପ୍ରଶମିତ କରିବା ପାଇଁ ଏକ କଳ୍ପନା ନାଁ ରେ ତାକୁ ମୁଁ ନାମିତ କରି ଆତ୍ମଲିପି ଲେଖିବା ଆରମ୍ଭ କଲି । ଧର ମୋ ପ୍ରେମିକାର ନାଁ ଆଞ୍ଜେଲ (ଏପରି ନାଁ ପଛରେ କାରଣ ଯେ ଯଦି ମୁଁ ପ୍ରଚଳିତ

ISSN NO.
2582-208X

ଝିଅମାନଙ୍କ ନାଁ ଟି ଲେଖିଦେଇଥାନ୍ତି କାଳେ ସେଇ ନାଁ ରେ ଥିବା ଝିଅଟି ମନରେ କି ଭାବନା ସୃଷ୍ଟି ହେବ ତା ମୋ କଳ୍ପନା ବାହାରେ) ଆମ ଦୁହିଁଙ୍କ ଭଲପାଇବା ନିକଟରେ ଆଞ୍ଜେଲ ମୋ ନିକଟରେ ନିଜକୁ ଉତ୍ସର୍ଗ କରିଦେବା ପରେ ପ୍ରତି ମୁହୂର୍ତ୍ତ ପାଲଟି ଯାଇଛି ସବୁଜ ସ୍ୱପ୍ନ ଓ ଗୋଲାପୀ ନିଶାର ମୁହୂର୍ତ୍ତ। ପରସ୍ପର ପ୍ରତି ଆନୁଗତ୍ୟ, ଅନୁରାଗ କ୍ରମେ ନିବିଡ଼ ଭଲ ପାଇବାରେ ପରିଣତ ହୋଇଛି। ତା ସହ ଏକାନ୍ତରେ ବାର୍ତ୍ତାଳାପ କରିବାକୁ ପୁରୀ ସମୁଦ୍ରକୂଳରେ ବୁଲିବା, ହୋଟେଲରେ ଏକାଠି ଭୋଜନ କରିବା ବି ଆମେ କରିଛୁ। ଉଭୟଙ୍କ ଅବାଧ ମିଳାମିଶା ଭିତରେ ସମ୍ପର୍କ ଆମର ପ୍ରେମର ରୂପ ନେଇ ଯାଇ ବିଭାବ ପ୍ରସ୍ତାବ ନିଷ୍ପତ୍ତି ଯାଏଁ ଚାଲି ଯାଇଛି। ହେଲେ ଶେଷ ନିଷ୍ପତ୍ତି ନେବା ମୋ ପାଖେ ଅସମ୍ଭବ ହୋଇପଡିଛି। ତାର ଦୁଇଟି ଚିଠି ମୋତେ ମର୍ମାହତ କରିଛି। ମୁଁ କିନ୍ତୁ ନିରୁତ୍ତର। ସମାଜର ରକ୍ଷଣଶୀଳତା, ପରିବାର ଓ ନିଜର ଆତ୍ମସମ୍ମାନ ମୋତେ ନିଷ୍ପତ୍ତି ନେବାରେ ବାଧା ସୃଷ୍ଟି କରିଛି। ମୋର ଦୀର୍ଘ ନୀରବତ୍ତା ଆଞ୍ଜେଲ କୁ ଶକ୍ତ ଧକ୍କା ଦେଇଛି। ସ୍ମୃତି ସବୁ ହଜିଗଲା। ହେଲେ ସ୍ମୃତି ହୋଇଗଲା ଅଧିକ ଜୀବନ୍ତ।

\+ + + + +

ଜୀବନର ପ୍ରଥମ ଚାକିରୀ ମୋର ହୋଇଗଲା କଟକ ସହର ବୋର୍ଡ଼ ଅଫିସରେ। କଟକ ସହର ମୋ ପାଇଁ ଥିଲା ନୂଆ। ବୋର୍ଡ଼ ଅଫିସର ଦୋଳମୁଣ୍ଡାଇଠାରେ ଏକ ଭଡାଘରେ text book ସେକ୍ସନରେ join କଲି। ସେକ୍ସନ ଅଫିସର ଥିଲେ ପ୍ରସନ୍ନ ବାବୁ, ଅନ୍ୟ କର୍ମଚାରୀ ଭିତରେ ଯୋଗୀ ବାବୁ, ଧୁରନ୍ଧର ବାବୁ, ବାଳକୃଷ୍ଣ ବାବୁ, ପୂର୍ଣ୍ଣ ବାବୁ, ରସାନନ୍ଦ ବାବୁ ଓ ଚତୁର୍ଥ ଶ୍ରେଣୀ କର୍ମଚାରୀ ଭିତରେ ଶ୍ୟାମ, ମାୟାଧର ଓ ରମେଶ ଥିଲେ। ସମସ୍ତେ ବହୁତ ଭଲ ଓ ସ୍ନେହି ମଣିଷ ଥିଲେ। ତେଣୁ ମୋତେ ନୂଆ ଚାକିରୀର କିଛି ଭୟ ଲାଗିଲା ନାହିଁ। ପ୍ରସନ୍ନ ବାବୁ ମୋତେ ଆମ ଗାଁ ଓ ପରିବାର ବିଷୟରେ କିଛି ପଚାରି, ବାଳକୃଷ୍ଣ ବାବୁଙ୍କୁ ତାଙ୍କ ମେସରେ ରହିବାର ମୋର ବନ୍ଦୋବସ୍ତ କରିଦେଲେ। ସେତେବେଳେ ଅଫିସ time ଥିଲା 10 ଟାରୁ 4ଟା ପର୍ଯ୍ୟନ୍ତ ଥିଲା। 4ଟା ପରେ ମୁଁ ବାଳକୃଷ୍ଣ ବାବୁଙ୍କ ସହ ତାଙ୍କ ମେସକୁ ଗଲି। ସେ ମେସରେ ଆଉ 2 ଜଣ ବି ରହୁଥିଲେ। ମୋତେ ମିଶାଇ 4 ଜଣ ରହିବୁ। ବଡ଼

ISSN NO.
2582-208X

ରୁମଟେ 4 ଟି ଖଟ ପଡି ଆଉ ଟିକେ ଜାଗା ବି ଥିଲା । ବାଳକୃଷ୍ଣ ବାବୁଙ୍କ ଗାଁ ପୁରୀ ଜିଲ୍ଲା ବାଳକାଟୀ ପାଖରେ । ବହୁତ ଭଲ ଲୋକ ପ୍ରଥମ ଦେଖାରୁ ସେ ମୋତେ ଭଲ ଲାଗିଥିଲେ । ତେଣୁ ତାଙ୍କ ପାଖରେ ରହିଲେ ମୋର କିଛି ଅସୁବିଧା ହେବନି ଭାବି ସେଠାରେ ରହିବାକୁ ହଁ କଲି । ମୁଁ କିନ୍ତୁ ସାଙ୍ଗରେ କିଛି ଆଣିନଥିଲି ରହିବି କିପରି ।ବାଳକୃଷ୍ଣ ବାବୁଙ୍କୁ କହିଲି ମୁଁ ଆଜି ଭୁବନେଶ୍ୱର ଫେରି ଯାଉଛି କାଲି କଟକ ଆସିଲେ ଶନିବାରଦିନ ଗାଁକୁ ଯାଇ ମୋର ରହିବା ପାଇଁ ଶେଜ ତକିଆ ବେଡ଼ଶୀଟ ଚାଦର ଓ ଚଳିବା ପାଇଁ ସବୁ ଜିନିଷ ସାଙ୍ଗରେ ଧରି ସୋମବାର ଦିନ ଆସିବି । ଏହାକହି ଭୁବନେଶ୍ୱର ଫେରି ଆସିଲି । ଶନିବାର ଦିନ ଅଫିସ ସାରି ଗାଁକୁ ଆସିଲି । ଘରେ ସମସ୍ତେ ଖୁସି କହିଲେ ନସରେ । ମୋ ମନ ବି ଖୁସିରେ କୁଣ୍ଢେମୋଟ ହୋଇଗଲା । ସାନନନା ମୋର ମେସରେ ରହିବା କଥା ଶୁଣି କହିଲେ ତୁ ମେସରେ ନରହି ହାଲୁ ଭାଇନାଙ୍କ ଘରେ ରହିବୁ । ମୁଁ ତୋ ସହ ସୋମବାର ଦିନ କଟକ ଯାଇ ତାଙ୍କ ସହ କଥା ହୋଇ ସେଠାରେ ରହିବାର ଠିକ କରି ଆସିବି । ସୋମବାର ଦିନ ଆମେ କଟକ ଆସିଲୁ ।

ମୁଁ ଅଫିସ ଗଲି ଓ ନନା ହାଲୁ କକେଇଙ୍କ ଘରକୁ ଗଲେ । ମୁଁ ଅଫିସରେ ପହଞ୍ଚି ବାଳକୃଷ୍ଣ ବାବୁଙ୍କୁ ରହିବା କଥା ସବୁ କହିଲି । ମୋ କଥା ଶୁଣି ସେ ହସିକି କହିଲେ ଭଲ ହେଲା କକେଇଙ୍କ ଘରେ ରହିଲେ ତୁମର କିଛି ଅସୁବିଧା ହେବନି । ଯେତେବେଳେ ଚାହିଁବ ମୋତେ କହିଲେ ମୁ ତୁମକୁ ଆମ ମେସରେ ରଖିଦେବି । ସେଦିନ ଅଫିସ କାମ ସାରି ସିଧାଗଲି ହାଲୁ କକେଇଙ୍କ ଘରକୁ । କକେଇଙ୍କ ଘରେ ମୋ ଚାକିରୀ କଥା ଶୁଣି ସମସ୍ତେ ଭାରି ଖୁସି ହେଲେ । କକେଇ କହିଲେ ମୋର ଆଉ ଗୋଟିଏ ଘର ଅଛି । ସେ ଘରକୁ ଆମେ ଟିକେ ପରେ ଯିବୁ । ସେ ଘରେ ଏବେ ବାଜିଆ ଓ ନୃସିଂହ ଅଛନ୍ତି ତୁ ସେଠାରେ ରହିବୁ । ସେଦିନ କକେଇଙ୍କ ଘରେ ନନାଙ୍କ ସହ ରହି ତା ପର ଦିନ ମୁଁ ଅଫିସ ଆସିଲି । କକେଇଙ୍କ ନୂଆ ଘର ଆମ ଅଫିସରୁ ଟିକେ ଦୂରରେ ଥିଲା । ମୁଁ ସବୁଦିନ ଭୁବନେଶ୍ୱର କଟକ ବସରେ ମଧୁପଟଣା ଛକରୁ ଅଫିସ ଆସେ । ବାଜିଆ ଭାଇନା ସକାଳୁ ସବୁ କାମ ସାରି ରୋଷେଇ କରନ୍ତି । ମୁଁ ସକାଳେ ଓ ରାତିରେ ତାଙ୍କ ପାଖେ ଖାଏ ।

ISSN NO.
2582-208X

## ଆଞ୍ଜେଲ ସହ ପ୍ରଥମ ଦେଖା

ସବୁଦିନ ସକାଳେ ମୁଁ ଘର ପାଖାପାଖି ବୁଲାବୁଲି କରେ । କିଛିକିଛି ନୂଆ ଲୋକଙ୍କ ସହ ପରିଚୟ ହେଲାଣି । ସେଠାକାର ବାଟଘାଟ ବିଷୟରେ ବି ଜଣାଶୁଣା ହେଲିଣି । କକେଇଙ୍କ ଘର ମୋତେ ଏବେ ଭଲ ଲାଗିଲାଣି । ଆମ ପଡୋଶୀ ମାନଙ୍କ ସହ ପରିଚୟ ହେଲାଣି । ଆମ ଘରକୁ 4 କି 5 ଘର ଛାଡି ଗୋଟିଏ କେରଳି ପରିବାର ରୁହନ୍ତି । ଟିକେ ଥିଲାବାଲା ପରିବାର । ମା,15 16 ବର୍ଷର ଝିଅଟିଏ ଓ driver । ଘର କାମ ପାଇଁ ଜଣେ ଆଉ ରୋଷେଇ କରିବା ପାଇଁ ଜଣେ ଏମିତି ଦୁଇ ଜଣ ସ୍ତ୍ରୀ ଲୋକ ସବୁଦିନ ଆସନ୍ତି । ଝିଅଟି କନଭେଣ୍ଟ ରେ ପଢେ । ବସ୍ ରେ ସବୁଦିନ ସ୍କୁଲ ଯିବା ଆସିବା କରେ । ମା ଜଣଙ୍କ ଭାରି ନମ୍ର ଓ ସ୍ନେହୀ ସ୍ତ୍ରୀ ଲୋକ ଜଣେ.. ତାଙ୍କ ସହ ମୋର ସବୁଦିନ ପ୍ରାୟେ ସକାଳେ ଦେଖାହୁଏ । କକେଇଙ୍କ ଘରେ ଗୋଟେ ପୁରୁଣା ହାରମୋନିୟମ ଥାଏ । ମୁଁ ସବୁଦିନ ସକାଳେ ଓ ଅଫିସ ରୁ ଫେରି ସନ୍ଧ୍ୟାରେ ହାରମୋନିୟମ ବଜାଏ । ମୁଁ ହାରମୋନିୟମ ସୁନ୍ଦର ବଜାଇପାରେ । ଦିନେ ମୁଁ ବାଟରେ ଯାଉ ଯାଉ ସେଇ କେରଳି ସ୍ତ୍ରୀ ଲୋକଙ୍କ ସହ ଭେଟ ହୋଇଗଲା । ସେ ମୋତେ ରାସ୍ତାରେ ଅଟକାଇ ପଚାରିଲେ ଆପଣଙ୍କର ଏ ଘର କଣ ନିଜର । ଆଗରୁ ତ ମୁଁ ଆପଣଙ୍କୁ ଏଠାରେ ଦେଖିନି । ଆପଣ କଣ କରନ୍ତି ଇତ୍ୟାଦି ଇତ୍ୟାଦି । ମୁଁ ଟିକେ ଆଶ୍ଚର୍ଯ୍ୟ ହୋଇଗଲି କାରଣ ମୁଁ ସ୍ୱପ୍ନରେ ସୁଦ୍ଧା ଭାବିନଥିଲି ଯେ ସ୍ତ୍ରୀ ଲୋକ ଜଣଙ୍କ ଆଗ ମୋ ସହ ରାସ୍ତାରେ କଥା ହୋଇ ଏତେ କଥା ପଚାରିବେ । ତଥାପି ମୁଁ ତାଙ୍କୁ କହିଲି ଯେ ଏ ଘର ମୋ କକେଇଙ୍କର ମୁଁ ବୋର୍ଡ଼ ଅଫିସରେ ଚାକିରୀ ଏବେ ପାଇଲି, କକେଇଙ୍କ ଘର ଖାଲି ଥିବାରୁ ଏଇଠି ରହି ଅଫିସ ଯିବା ଆସିବା କରୁଛି । ସେ ପୁଣି ପଚାରିଲେ ତୁମେ ତ ସୁନ୍ଦର ହାରମୋନିୟମ ବଜାଇ ପାରୁଛ. ମୁଁ ଦୁଇ ଓଳି ଶୁଣେ. ବହୁତ ଭଲ ଲାଗେ । ନମ୍ରତାର ସହ ଟିକେ ହସିଦେଇ ମୁଁ ଘରକୁ ଫେରି ଆସିଲି ।

ଆଜିକାଲି ପ୍ରାୟେ ସବୁଦିନ ମୋର ସେ କେରଳି ସ୍ତ୍ରୀ ଲୋକଙ୍କ ସହ ଦେଖାସାକ୍ଷାତ ହୁଏ । ତାଙ୍କୁ ଦେଖିଲେ Good morning madam କହି ମୁଁ ଅଫିସ ବାହାରି ଯାଏ । ସେ ବି ହସ ହସ ମୁହଁରେ welcome କହି ଦିଅନ୍ତି । ଆମେ ଦୁହେଁ ଏବେ ଟିକେ ଉଭୟଙ୍କ ପାଖେ ସହଜ

ISSN NO.
2582-208X

ହୋଇଗଲୁଣି । ଉଭୟଙ୍କ ପରିବାର ବିଷୟରେ ଦୁହେଁ କିଛିକିଛି କଥା ହେଲୁଣି । ସ୍ତ୍ରୀ ଲୋକଙ୍କର ନାଁ ଚିତ୍ରଲେଖା ସ୍ୱାମୀଙ୍କ ନାଁ ପ୍ରଶାନ୍ତ ଚୌହାନ, ଝିଅ ନାଁ ଆଞ୍ଜେଲ । ସ୍ତ୍ରୀ ଲୋକ ଜଣଙ୍କ ଟିକେ ଭାବ ପ୍ରବଣତା ହୋଇ କହିଲେ ଆମ ପରିବାର ହିନ୍ଦୁ ଥିଲୁ । ସ୍ୱାମୀ ଙ୍କର ଅନେକ ଖ୍ରୀଷ୍ଟିଆନ ସାଙ୍ଗ ଥିଲେ । ସେମାନଙ୍କ ପ୍ରରୋଚନାରେ ସେ ଖ୍ରୀଷ୍ଟ ଧର୍ମକୁ ଭଲପାଇବା ଆରମ୍ଭ କରି ଶେଷକୁ ଖ୍ରୀଷ୍ଟ ଧର୍ମାଲମ୍ବୀ ହୋଇଗଲେ । ବିଶପ ୟାଙ୍କୁ ବହୁତ ଭଲ ପାଉଥିଲେ । ଶେଷକୁ ଓଡ଼ିଶାରେ ଖ୍ରୀଷ୍ଟ ଧର୍ମର ପ୍ରଚାର କରିବା ପାଇଁ ମୁଖ୍ୟ କରି ଓଡିଶା ପଠାଇ ଦେଲେ । ଆଞ୍ଜେଲ ଏଇ କଟକରେ ହିଁ ଜନ୍ମ ଗ୍ରହଣ କରିଛି । ଓଡିଶା ଆସିବା ଆମର 17 18 ବର୍ଷ ହୋଇଗଲାଣି । ଆମେ ପରିବାର ସହ ଅନେକବାର କେରଳ ଯାଇଛୁ । 1ବର୍ଷ ତଳେ ଗୋଟେ କାର accident ରେ ଏଙ୍କର ଦେହାନ୍ତ ହୋଇଗଲା । କଟକରେ ବାକି ଜୀବନ ରହିବାକୁ ଇଛା କରି ଏଠାରେ ଘର କରି ରହିଗଲୁ । ଆଞ୍ଜେଲ କନଭେର୍ଟ ରେ ଦଶମ ଶ୍ରେଣୀରେ ପଢୁଛି । ଭଲ ପାଠପଢୁଛି । ଆପଣଙ୍କ ପରିବାର ବିଷୟରେ କିଛି କୁହନ୍ତୁ । ମୁଁ ମୋ ନାଁ ସହ ମୋ ପରିବାର ବିଷୟରେ ସବୁ କହିଦେଲି । ମୋ ନାଁଟିକୁ ଭଲ ଭାବରେ ସେ ଉଚ୍ଚାରଣ କରିନପାରି କହିଲେ ମୁଁ ଆଣଙ୍କୁ ମିଶ୍ରାଜି ଡାକି ପାରିବି କି? ମୋତେ ହସ ମାଡିଲା । ମୁଁ କହିଲି ଆପଣ ଙ୍କ ଇଛା । ଆମେ ତାଙ୍କ ଗେଟ ମୁହଁରେ କଥା ହେଉଥିଲୁ ସେ ମୋତେ ଘର ଭିତରକୁ ଡାକି କଥା ହେବାକୁ କହିଲେ । ମୁଁ ଭିତରକୁ ଯାଇ ସୋଫାରେ ବସିଲି । ଚା ପିଇବାକୁ କହି ରୋଷେଇ ଘରକୁ ଗଲେ । ଘରକୁ ସୁନ୍ଦର ଭାବେ ସଜାଇଛନ୍ତି ଯୀଶୁଙ୍କର ଗୋଟେ ତୈଳ ଚିତ୍ର କାନ୍ଥରେ ଟଙ୍ଗା ହୋଇଛି । ଦୁଇଟି ଚା କପ ଧରି ମୋ ପାଖ ସୋଫା ଉପରେ ବସି ଚା ପିଇବାକୁ ଅନୁରୋଧ କରିଲେ ମୁଁ ପଚାରିଲି ଆଞ୍ଜେଲ ଘରେ ନାହିଁ କି । ମାମ କହିଲେ ବସ୍ ଫେରିଲା ସମୟରେ ବହୁତ ଡେରିରେ ତାକୁ ଘରେ ଛାଡେ ତେଣୁ ମୁଁ driver କୁ ପଠାଇଛି । କହୁ କହୁ ଆଞ୍ଜେଲ ଆସି ଘରେ ପହଂଚି ଗଲା । ମୋତେ ଦେଖି ସେ ଟିକେ ଅପ୍ରସ୍ତୁତ ହୋଇଗଲା । ମାମ ତାକୁ ମୋ ବିଷୟରେ ସବୁକଥା କହି ବୁଝାଇ ଦେଲେ । ଆଞ୍ଜେଲ ମୋତେ ନମସ୍କାର ଜଣାଇ ତା ରୁମକୁ ଚାଲିଗଲା । ମୁଁ କିଛି ସମୟ ପରେ ଘରକୁ ଫେରିଆସିଲି ।

ISSN NO.
2582-208X

ଦିନେ ଚିତ୍ରା ମାମ ମୋତେ କହିଲେ ଆପଣ ଯଦି କିଛି ମାଇଣ୍ଡ କରିବେନି ମୁଁ ଗୋଟିଏ କଥା କହିବି· ମୁଁ କହିଲି କୁହନ୍ତୁ· ସେ କହିଲେ ଆପଣ ଆଞ୍ଜେଲ କୁ ହାରମୋନିୟମ ଶିଖାଇବାକୁ ଆସିଲେ ଭଲ ହୁଅନ୍ତା· ତାର ସଙ୍ଗୀତ ପ୍ରତି ଅହେତୁକ ଭଲ ପାଇବା ଅଛି । ସେବି ଆଗରୁ ଏକ ସଙ୍ଗୀତ ସ୍କୁଲ ରେ ଶିଖୁଥିଲା ।ଏହା ଶୁଣି ମୁଁ କିଛି ନଭାବି ହଁ କରିଦେଲି ।

ଶନିବାର ଦିନ ସନ୍ଧ୍ୟାରେ ମାମ ଙ୍କ ଘରକୁ ଗଲି । ଆଞ୍ଜେଲ କହିଲା ଚାଲନ୍ତୁ ଏବେ ମାର୍କେଟ ଯିବା ଗୋଟେ ହାରମୋନୀୟମ କିଣିକି ଆଣିବା । ମୁଁ ପ୍ରଥମ ଥର ମାମଙ୍କ କାରରେ ବସିଲି । କୃଷ୍ଣ ଚିତ୍ରାଳୟକୁ ଯାଇ ସେଠାରୁ ଗୋଟେ ଭଲ ହାରମୋନିୟମ କିଣି ପାଖ ହୋଟେଲରେ ଖାଇ ଘରକୁ ଫେରିଲୁ । ଆଞ୍ଜେଲ ମନ ବହୁତ ଖୁସି ହେଲା ।ରବିବାର ଦିନ ସେମାନେ ଚର୍ଚ୍ଚ ବାହାରିଲେ । ମୋତେ ସାଥିରେ ନବାକୁ ଆଞ୍ଜେଲ ବହୁତ କହିଲା । ମୁଁ ମନା କରିବାରୁ ତା ମନଦୁଃଖ ହୋଇଗଲା । ବାଧ୍ୟ ହୋଇ ଜୀବନର ପ୍ରଥମ ଥର ମୁଁ ସେମାନଙ୍କ ସହ ଚର୍ଚ୍ଚ ଗଲି । ବିଶପ ବାଇବେଲ ପଢ଼ିସାରିଲା ପରେ ସମୂହ ପ୍ରାର୍ଥନର ରେକର୍ଡ ବାଜିଲା । ମୁଁ କିଛି ବୁଝିପାରୁ ନଥାଏ । ଚୁପଚାପ ଠିଆ ହୋଇ ରହିଥାଏ । କିଛି ସମୟ ସେମାନେ ଚର୍ଚ୍ଚ ରେ ରହି ଘରକୁ ଫେରିଆସିଲୁ । ବାଟରେ ମାମ କହିଲେ ଆଜି ଆଞ୍ଜେଲର ହରମୋନିୟମ ଶିଖା ଆରମ୍ଭ ହେଉ । ଆପଣ ଆମ ଘରେ dinner କରିବେ । ସନ୍ଧ୍ୟାରେ ସାଙ୍ଗୀତ class ଆରମ୍ଭ ହେଲା । ଆଗରୁ ସାରେଗାମା ସହ ପରିଚିତ ଥିବାରୁ ମୋତେ ଟିକେ ଶିଖାଇବାକୁ ଅସୁବିଧା ହେଲାନି । ସେ ସୁନ୍ଦର ଓ ନିର୍ଭୁଲ ଭାବରେ ବଜାଇ ପାରୁଥିଲା । ତା କଣ୍ଠ ବି ବହୁତ ମଧୁର ଥିଲା । ଏଣିକି ଆଞ୍ଜେଲ ମୋତେ ମିଶ୍ର uncle ଡାକିଲା । ମୁଁ ସବୁଦିନ ଶିଖାଇ ଚାଲିଲି ମୋର ସମୟ ଭଲରେ କଟିଲା । ଆଞ୍ଜେଲ ବି ଖୁସି ହେଲା । ଆଞ୍ଜେଲ ର ପରୀକ୍ଷା ପାଖେଇ ଆସୁଥିବାରୁ ମୁଁ କହିଲି ଏଣିକି କେବଳ ରବିବାର ଦିନ ମୁଁ ଶିଖାଇବି ତୁମେ ଅନ୍ୟଦିନ ପାଠପଢ଼ିବ । ସେଇୟା ହିଁ ହେଲା । ମୁଁ କିନ୍ତୁ ସବୁଦିନ ତାଙ୍କ ଘରକୁ ଯାଏ । ଆଜିକାଲି ଆଞ୍ଜେଲ ମୋ ପାଖେ ଆବଶ୍ୟକତାଠାରୁ ଅଧିକ free ହୋଇଗଲାଣି । ବେଳେ ବେଳେ ଟିକେ ଟିକେ ଦୁଷ୍ଟାମୀ କରିବା ଆରମ୍ଭ କଲାଣି ।

ISSN NO.
2582-208X

ଏବେ ଜାଣିଶୁଣି ହାରମୋନିୟମର ରିଡ ଭୁଲ କରି ଚିପି ବେସୁରା ବଜାଉଛି । ମୁଁ ଟିକେ ମିଛ ରାଗ ଦେଖାଇ ତାର ହାତକୁ ଧରି ପକାଇଲି କହିଲି ଆଜି ଏସବୁ କଣ କରୁଚ.ପ୍ରଥମ ଥର ତାର ସ୍ପର୍ଶ ପାଇଲି । ଆନନ୍ଦରେ ଅଧିର ହୋଇଗଲି । ଘରକୁ ଆସିଲି । ଅନେକ ସମୟ ମନଟା ଅସ୍ଥିର ରହିଲା । ଆଜି କାହିଁକି ନିଛାଟିଆ ଲାଗୁଚି । ଭାବି ଭାବି କେତେବେଳେ ନିଦ ଆସିଯାଇଛି । ଦିନେ ଚାରିଟା ବେଳେ ଆଞ୍ଜେଲ ଡକାଇ ପଠାଇଲା । ମୁଁ ତାଙ୍କ ଘରକୁ ଗଲି । ସେ କହିଲା ଆଜି କିଛି ବଜାଇବିନି । ମୋ ସହ ଆପଣ ସନ୍ଧ୍ୟା ଭ୍ରମଣରେ ଯିବେ । ମହାନଦୀ କୂଳ ବିଶେଷ ଦୂରନାହିଁ । ଏବେ ଆଞ୍ଜେଲ କ୍ରମଶଃ ମୋର ନିକଟତର ହେବାକୁ ଲାଗିଲାଣି । ଚାଲି ଚାଲି ଯିବାବେଳେ ଦେହକୁ ଦେହ ବାଜି ଯାଉଛି । ସଙ୍ଗୀତ ବ୍ୟତୀତ ବିଭିନ୍ନ ଅସଂଲଗ୍ନ ଆଳାପ ବି ହେଉଛି । ନଦୀକୂଳେ ବସି ଉଭୟେ ଅନ୍ତରଙ୍ଗ ଆଳାପ କଲୁ । ଗୋଡି ଗୋଟେଇ ପାଣିକୁ ଫୋପାଡ଼ିଲୁ । ସୂର୍ଯ୍ୟାସ୍ତ ହେବା ଉପରେ. ଚାଲି ଚାଲି ଘରକୁ ଫେରିଲୁ ।

ଆଜି ରବିବାର ଆଞ୍ଜେଲର ଅନୁରୋଧରେ ସାରାଦିନ ତା ସହ ରହିବି । ବ୍ରେକଫାଷ୍ଟରୁ ଡିନର ପର୍ଯ୍ୟନ୍ତ । ଉପମା ଚଟଣି ଏବଂ ଚା ପିଇ ଚର୍ଚ୍ଚ ବାହାରିଲୁ । ଆଜି କାହିଁକି ଆଞ୍ଜେଲ ଟିକିଏ ଚିନ୍ତିତ ଜଣା ପଡୁଛି । ମୁହଁରେ ଅସ୍ୱାଭିବିକ ଗାମ୍ଭୀର୍ଯ୍ୟ ବେଶ ବାରି ହେଉଛି । ଖୁବ କମ କଥା କହୁଛି । ମୋତେ ଟିକେ ଭୟ ଲାଗିଲା । ମୋର ଏ ଅବାଧ ମିଳାମିଶାକୁ କାଳେ ସେ ପସନ୍ଦ କରୁ ନଥିବ । କିନ୍ତୁ ସେତ ନିଜେ ପ୍ରଶୟ ମୋତେ ଦେଇଛି । ତା mummy ଙ୍କ ଅନୁମତି ନେଇ ଅନେକଥର ସିନେମା ଯିବାକୁ, ବୁଲି ଯିବାକୁ ନିଜ ଆଡୁ ପ୍ରସ୍ତାବ ଦେଇଛି । ତାଙ୍କ ଘରକୁ ଗଲେ ଆମେ ଦିଜଣ ଏକାନ୍ତରେ ରହିବା ପାଇଁ ସହମତି ଦେଇଛି । ମୋତେ ଆଜି ଲାଗିଲା ଆଞ୍ଜେଲ ର mummy ଆମର ଏଇ ଅବାଧ ମିଳାମିଶା ବିଷୟରେ ସବୁ ଜାଣିଛନ୍ତି । ତାଙ୍କ ସହମତି ବିନା ଆଞ୍ଜେଲ ଏପରି ଦୁଃସାହସ କେବେବି କରିପାରିବ ନାହିଁ । ଭୟ ମୋର ଟିକେ କମ ହେଲାପରି ମୋତେ ଲାଗିଲା ।

ଆଜି ଚର୍ଚ୍ଚରେ ଆକର୍ଷଣୀୟ ସାଜସଜ୍ଜା । ସମୂହ ପ୍ରାର୍ଥନା ପରେ ଆମେ ଚର୍ଚ୍ଚରେ ଥିବା କିଛି ଧର୍ମପୁସ୍ତକ ପଢ଼ାରେ ମନନିବେଶ କଲୁ । ତାଙ୍କ ସଂପ୍ରଦାୟର ଏକ ବିଭାହ କାର୍ଯ୍ୟରେ ଯୋଗ

ISSN NO.
2582-208X

ଦେଲୁ । ଆଞ୍ଜେଲ ବାରମ୍ବାର ମୋତେ କେମିତି ଲାଗୁଚି ପଚାରୁଛି । ମୁଁ ମୁଣ୍ଡହଲେଇ ଉତ୍ତର ଦେଲି । ମିଠା ପ୍ୟାକେଟ ସାଙ୍ଗରେ ଧରି ଘରକୁ ଫେରିଲୁ ।

ଆଜିକାଲି ଆଞ୍ଜେଲ ଖୁବ ସଜେଇ ହେଉଛି । ନୂଆ ନୂଆ ଡ୍ରେସ ପିନ୍ଧୁଚି । ଦାମୀ ପରର୍ଫ୍ୟୁମ ବ୍ୟବହାର କରୁଛି । ପ୍ରତିଥର ପଚାରେ କେମିତି ଦେଖାଯାଉଛି ବୋଲି । ମୁଁ ମଧ୍ୟ ତାକୁ ପ୍ରଶଂସା କରେ । କେତେଥର ମୁଁ ପ୍ରଶଂସା କଲାବେଳେ ମୋତେ କୁଣ୍ଢେଇଧରି ତୁମେ ବି ଖୁବ ହ୍ୟାଣ୍ଡସମ କହେ । ତାକୁ ପରୀକ୍ଷା ନିକଟ ହେଲାଣି କହି ଶିକ୍ଷକ ସୁଲଭ ତାଗିଦ କରି ପଢ଼ାରେ ମନନିବେଶ କରିବାକୁ ଉପଦେଶ ଦେଲି ।

ଆସନ୍ତା କାଲି ତାର ପରୀକ୍ଷା ଆରମ୍ଭ ହେବ । ସକାଳୁ ସକାଳୁ ଉଠି ନିତ୍ୟକର୍ମ ସାରି ଠାକୁରଙ୍କ ପାଖେ ଆଞ୍ଜେଲର ପରୀକ୍ଷା ପାଇଁ ପ୍ରାର୍ଥନା କରି ଗୋଟେ ପୂର୍ଣ୍ଣ କଳସ ଟିଏ ଠାକୁରଙ୍କ ଘରେ ରଖି ଆଞ୍ଜେଲ ଘରକୁ ଗଲି । ସମସ୍ତେ ପ୍ରସ୍ତୁତି ହୋଇଥାନ୍ତି । ଆମେ ମିଶି ଗାଡ଼ିରେ ଆଞ୍ଜେଲ କୁ ପରୀକ୍ଷା ହଲରେ ଛାଡ଼ିଦେବାକୁ ବାହାରିଲୁ । ବାଟରେ ଚର୍ଚ୍ଚ ଗଲୁ । ଯୀଶୁଙ୍କ ଆଗରେ ମୁଣ୍ଡ ନୁଆଇଁ ପ୍ରାର୍ଥନା କଲୁ । ପରୀକ୍ଷା ହଲରେ ତାକୁ ଛାଡି ମାମଙ୍କ ସହ ପୁଣି ଚର୍ଚ୍ଚକୁ ଫେରି ଚୁପଚାପ ଯୀଶୁଙ୍କ ପାଦ ତଳେ ବସି ରହିଲୁ । ଆଞ୍ଜେଲ ର ପରୀକ୍ଷା ସରିଲା ପରେ ତାସହ ଆମେ ଘରକୁ ଫେରିଲୁ । ଏମିତି ପରୀକ୍ଷା ଶେଷଦିନ ପର୍ଯ୍ୟନ୍ତ ଚାଲିଲା । ଆଜି ତାର ପରୀକ୍ଷା ସରିଲା । ମନ ବହୁତ ଖୁସି ତାର । Mummy ଙ୍କୁ କହିଲା ଆଜି ସିନେମା ଦେଖି ଯିବା Mummy ଙ୍କ ସମ୍ମତି ନେଇ ।

First show ପାଇଁ ଟିକେଟ book କରିଦେଲା । ସନ୍ଧ୍ୟା 5 ଟା ରେ ଆମେ ଗ୍ରାଣ୍ଡ ସିନେମା ସିନେମା ହଲକୁ ବାହାରିଲୁ । ବହୁତ ପୁରୁଣା ହିନ୍ଦୀ ସିନେମା ସୁଜାତା ଆମେ ଦେଖିଲୁ ।

ଆଞ୍ଜେଲ କୁ ଦିନେ ପୁରୀ ଯିବା ପାଇଁ କହିଲି । ସେ ବହୁତ ଖୁସି ହୋଇଗଲା । ସେଇଦିନ ରାତିରେ mummy କୁ ପଚାରି ପୁରୀ ଯିବା କଥା sure ହୋଇଗଲା । ତା ପରଦିନ ପୁରୀ ଯିବା ପାଇଁ ମୋତେ କହିଲା । ମୁଁ ମାମ ଙ୍କୁ କହିଲି ଆଜି ଆମେ ପୁରୀ ଯିବା । ମାମ କହିଲେ ମୋ ଦେହ ଟିକେ ଭଲ ଲାଗୁନି ତୁମେ ଦୁଇଜଣ driver ସହ ପୁରୀ ଯାଅ । ଆମେ ସେଇଦିନ

ISSN NO.
2582-208X

ପୁରୀ ବାହାରିଗଲୁ । ଆଞ୍ଜେଲ ଜିଦି କଲା ପୁରୀ ମନ୍ଦିର ଭିତରକୁ ଯିବା ପାଇଁ । ତାକୁ ସାଙ୍ଗରେ ନେଇ ମୁଁ ମନ୍ଦିର ଭିତରକୁ ଗଲି । ଜଗନ୍ନାଥ ଙ୍କୁ ଦେଖି ସେ ପ୍ରଣାମ କଲା । ବେଢାଭିତର ସବୁ ଦେବାଦେବୀଙ୍କୁ ଦର୍ଶନ କରି ଆନନ୍ଦ ବଜାରରେ ଅନ୍ନ ମହାପ୍ରସାଦ ଖାଇଲା । ଭିର୍ଣ୍ଣ ସଂପ୍ରଦାୟ ପାଇଁ କିଛି ଆପତ୍ତି କଲାନାହିଁ । ତାପରେ ସମୁଦ୍ର କୂଳ ବୁଲିବାକୁ ଗଲୁ । ସମୁଦ୍ର ଦେଖି ଆନନ୍ଦରେ ବିଭୋର ହୋଇଗଲା । ଆମେ ଏକାନ୍ତରେ ସମୁଦ୍ର କୂଳରେ ବସିଥିବା ବେଳେ ମୋ ପାଖକୁ ଲାଗିଆସି ଚୁପ ହୋଇ କହିଲା ମୁଁ ଅନେକ ଦିନରୁ ଆପଣ ଙ୍କୁ ଗୋଟେ କଥା କହିବି କହିବି ଭାବି କହି ପାରୁନଥିଲି ଆଜି ଏବେ ମୋ ମନକଥା ଆପଣ ଙ୍କୁ କହିଦେବି । ମୁଁ କିଛି ଭୟ ଆଶଙ୍କା ମିଶ୍ରିତ ମାନସିକତା ଭିତରେ ତା କଥା ଶୁଣିବାକୁ ଅପେକ୍ଷା କାଲି । ସେ କହିଲା ମୁଁ ଆପଣ ଙ୍କୁ ଭଲ ପାଉଛି , like କରୁଛି । ଏଣୁ ମୁଁ ଭାବୁଛି ଆପଣ ସବୁଦିନ ମୋ ସାଥିରେ ରୁହନ୍ତୁ । ମୋ ଭିତରଟା ଦୋହଲି ଗଲା । ପାଦ ତଳର ମାଟି ତଳକୁ ତଳକୁ ଯାଉଛି । ସର୍ବାଙ୍ଗରେ ଏକ ପ୍ରକାର କମ୍ପନ ଅନୁଭବ କଲି । ପାଟି ଅଠା ମାରି କଣ୍ଠ ଶୁଖିଯାଉଛି । କି ଉତ୍ତର ଦେବି ? ସେ କହିଲା ମୁଁ ବି ଜାଣେ ତୁମେ ମୋତେ ଭଲପାଅ । କିନ୍ତୁ ତୁମ ଧର୍ମ ଏ ଭିତରେ ଆନ୍ତରାୟ ସୃଷ୍ଟି କରିପାରେ । ଟିକିଏ ବ୍ରଡ଼ ମାଇଣ୍ଡେଡ ହୁଅ । ଆମେ ସମସ୍ତେ ମଣିଷ । ଏକଥା କହିବା ପାଇଁ କିଛି ଦିନ ହେଲା ସାହସ ସଞ୍ଚୟ କରୁଥିଲି । ମୋ ମନଟା ଏବେ ହାଲକା ଲାଗିବ । ସେ ଏବେ ସହଜ ହୋଇ ମୋ ମନଟାକୁ ଭାରାକ୍ରାନ୍ତ କରିଦେଲା ।

ସେ ପୁଣି କହିଲା Take it easy dear । ନିଷ୍ପତ୍ତି ଆପଣଙ୍କ ଉପରେ ରହିଲା । ଭାବିବା ପାଇଁ ସମୟ ନିଅ । ତୁମ ପରିବାର କଥା ବି ଭାବିବ । ଆଞ୍ଜେଲ ଆଡେ ଚାହିଁ ପାରିଲିନି । ସେ ସଂପୂର୍ଣ୍ଣ ଭିନ୍ନ ଲାଗୁଥିଲା । ଦୁହେଁ ନୀରବରେ ବସି ରହିଲୁ । ଆଞ୍ଜେଲର ବି ଆଉ ପାଟିଖୋଲୁନି । ବିବାହ ବୟସ ତାର ହୋଇନଥିଲେ ବି ଏ ବିଷୟରେ ଜାଣିବା ବୁଦ୍ଧି ତା ପାଖରେ ଅଛି ।

ସେଦିନ ସନ୍ଧ୍ୟାରେ ଆମେ କଟକ ଫେରି ଆସିଲୁ । ତାପର ଦିନ ଅଫିସ ଗଲି । ଚିଠି ପାଇଲି ମୋର ଜୟପୁର ଟ୍ରାନ୍ସଫର ହୋଇଛି । 5 ଦିନ ଭିତରେ ସେଠି join କରିବାକୁ କୁହାଯାଇଛି ।

ISSN NO.
2582-208X

ମନଟା ମୋର ବହୁତ ଦୁଃଖ ହୋଇଗଲା । ଆଞ୍ଜେଲ କୁ ଛାଡି ଚାଲିଯିବାର ଦୁଃଖ ମୋତେ ବେଶୀ ବ୍ୟସ୍ତବିବ୍ରତ କରିଦେଲା । ତଥାପି ମୋତେ ଜୟପୁର ଯିବାକୁ ପଡିବ । ସନ୍ଧ୍ୟାରେ ଘରେ ବାଜିଆ ଭାଇନା ଓ ନୃସିଂହ ଙ୍କୁ ଏକଥା କହିଲି । ସେମାନେ ମନଦୁଃଖ କରିଲେ । ଟିକେ ଫ୍ରେସ ହୋଇ ଆଞ୍ଜେଲ ଘରକୁ ଗଲି । ମାମ ଓ ଆଞ୍ଜେଲ ବସି କଥା ହେଉଥିଲେ । ମୋତେ ଦେଖି ଆଞ୍ଜେଲ ଖୁସି ହୋଇଗଲା । ମାମ ଚା କରିବା ପାଇଁ ରୋଷେଇ ଘରକୁ ଗଲେ । କିଛି ସମୟ ପରେ ଚା ନେଇ ଆସିଲେ । ଆମେ ସମସ୍ତେ ଚା ପିଇବା ସମୟରେ ମୋର ଜୟପୁର ଟ୍ରାନ୍ସଫର ହେବା କଥା କହିଲି । ସେମାନେ ସ୍ତବ୍ଧ ହୋଇଗଲେ । ପାଟିରୁ ତାଙ୍କର କଥା ବାହାରିଲାନି । ମୋର ଆସନ୍ନ ବିଚ୍ଛେଦରେ ଆଞ୍ଜେଲ ଭାବୁକ ହୋଇପଡୁଛି । ତାର ଆଖି ଛଳଛଳ ହେବା ମୁଁ ଲକ୍ଷ୍ୟ କରିଛି । ଆଞ୍ଜେଲ ତା ପଢାଘରକୁ ଡାକି ଥରେ ଦି ଥର ତା ପ୍ରସ୍ତାବରେ ମୋ ନିଷ୍ପତ୍ତି ଜଣାଇବାକୁ ଅନୁରୋଧ କରିଛି । କହିଲା ମୁଁ ଆଶାୟୀ ହୋଇ ରହିଛି । ମାମ ବି ବହୁତ ଦୁଃଖିତ ହୋଇ ପଡିଲେ । ଆଖି ତାଙ୍କର ବି ଲୁହରେ ଛଳଛଳ ହୋଇଗଲା ।

ଆଜି ସନ୍ଧ୍ୟାରେ ଟ୍ରେନରେ ଜୟପୁର ଯିବି । ଯଥେଷ୍ଟ ପୂର୍ବରୁ ମୁଁ ମୋର ଆଟାଚିରେ ସବୁ ସଜାଡି ସାରିଲିଣି । ମାମ ଓ ଆଞ୍ଜେଲ ମୋ ସହ ଷ୍ଟେସନ ଯିବେ । ଆଞ୍ଜେଲ ସହ ପଛ ସିଟରେ ବସିବାକୁ କହି ନିଜେ ଆଗରେ ବସିଲେ । ଆଜି ଆଞ୍ଜେଲର ଅନ୍ତିମ ସାନିଧ୍ୟ । ତା ଦେହକୁ ଲାଗି ବସିଲି । ତାର ଉଷ୍ମତାକୁ ଅନୁଭବ କଲି । ସମସ୍ତେ ନୀରବ । ହୃଦୟ କଥା କହିଲେ ଓଠ ନୀରବି ଯାଏ । ଷ୍ଟେସନ ପାଖେଇ ଆସିଲା । ଆଞ୍ଜେଲ ମୋ ହାତ ପାପୁଲିରେ ହାତ ରଖି ମୁଠେଇ ଧରିଲା । ସତେ ଯେମିତି ସ୍ପର୍ଶ ମାଧ୍ୟମରେ ତା ମନକଥା କହି ଦେଉଛି । ଷ୍ଟେସନ ପାଖରେ ଗାଡି ଅଟକିଲା । Driver ମୋର ଦୁଇଟି ଆଟାଚି ଧରି ମୋ ସିଟ ତଳେ ରଖିଲା । ଆଞ୍ଜେଲ ମୋ ଖାଦ୍ୟ ଥିବା ବ୍ୟାଗନେଇ ସିଟ ଉପରେ ରଖିଲା । ଟ୍ରେନ ଛାଡ଼ିବା ସମୟ ନିକଟ ହେଲାଣି । ବିଦାୟ ନେଲାବେଳେ ମାମଙ୍କ ଚରଣ ସ୍ପର୍ଶ କରି ମୁଣ୍ଡରେ ଲଗେଇଲି । ତାଙ୍କ ଆଖିରେ ଲୁହ ଦେଖିଲି । ଆଞ୍ଜେଲ ସଂକୋଚକୁ ପଛରେ ପକାଇ ମୋତେ କୁଣ୍ଢେଇ ଧରି କାନ୍ଦିଲା । ମାମ ତାକୁ ମୁକୁଳେଇ ମୋ କପାଳରେ ଚୁମା ଦେଲେ । ହାତ

ISSN NO.
2582-208X

ହଲେଇ ବିଦାୟ ନେଲେ । ଟ୍ରେନ ଛୁକ ଛୁକ ଶବ୍ଦ କରି ଆଗକୁ ଗଡ଼ିବା ଆରମ୍ଭ କଲା । ପଛରେ ରହିଗଲେ ହାଲୁକକେଇଙ୍କ ଘର, ବାଜିଆ ଭାଇନା, ନୃସିଂହ, ମାମ, ଆଞ୍ଜେଲ, driver ଓ ମୋ ପବିତ୍ର ମହାନଦୀ । ସମସ୍ତଙ୍କ ଛବି ମୋ ମାନସ ପଟରେ ଉଦଭାସିତ ହେଲା । ଇତିହାସ ହୋଇଗଲେ ମାମ ଆଉ ଆଞ୍ଜେଲ ।

ଘରେ ବୋଉ ମୋର ବାହାଘର ପାଇଁ ବହୁତ ବ୍ୟସ୍ତ ହେଲାଣି । ଝିଅ ଖୋଜା ଚାଲିଛି । ଆଞ୍ଜେଲର ପ୍ରସ୍ତାବ ବିଷୟରେ ମୁଁ କିଛି କହିନାହିଁ । ମୁଁ ଜାଣେ ଏ ପ୍ରସ୍ତାବରେ କେହି ରାଜି ହେବେନାହିଁ । ଗାଁ ରେ ଅଛୁଆଁ ହୋଇଯିବୁ । ସମ୍ପର୍କୀୟମାନେ ଘୋର ଆପତ୍ତି କରିବେ । ମୁଁ ତ୍ୟଜ୍ୟ ହୋଇଯିବି । ବରଂ ନୀରବ ହୋଇଯିବା ଉଚିତ ହେବ ।

ଆଞ୍ଜେଲର ଟେଲିଗ୍ରାମ ଆସିଛି ଶତକଡା ତେୟାନବେ ନମ୍ବର ରଖି ପାସ କରିଛି । ତୁରନ୍ତ ଟେଲିଗ୍ରାମ ମାଧ୍ୟମରେ ମୁଁ ବଧେଇ ଜଣାଇଲି· ।ଆଞ୍ଜେଲର ସ୍ମୃତି ମୋତେ ବେଳେବେଳେ ବିବ୍ରତ କରୁଛି ।

ଆଞ୍ଜେଲର ଆଜି ଚିଠି ଆସିଛି । ଚିଠିଟି ଛାତି ପକେଟରେ ରଖିଲି ।ଏକାନ୍ତରେ ପଢ଼ିବି ବୋଲି । ମନରେ ବହୁତ ଭୟ । ଚିଠି ଖୋଲିଲି ।

ପ୍ରିୟ ମିଶ୍ର uncle

ପ୍ରଣାମ ଜଣାଉଛି । ତୁମଠାରୁ ଚିଠି ପାଇବି ଆଶା କରି ଅନେକ ଦିନ ଅପେକ୍ଷାରେ ଥିଲି । ତୁମର ଏ ଦୀର୍ଘ ନୀରବତା ମୋତେ କି ପ୍ରକାର ଯନ୍ତ୍ରଣା ଦେଉଛି, ତୁମେ ଭାବି ପାରିବ ନାହିଁ । କାରଣ ଏଠାରେ ଥିଲା ବେଳେ ମୋର ସାକ୍ଷାତ ପାଇଁ, ମୋର ସାନିଧ୍ୟ ପାଇଁ ତୁମର ଉତ୍କଣ୍ଠାକୁ ମୁଁ ଜାଣିପାରୁଥିଲି । ସତରେ ତୁମେ ଜୟପୁର ଯିବା ପରେ ବଦଳି ଗଲଣି uncle । ମୋ ଠାରୁ ବିଦାୟ ନେବାର ଦେଢ଼ ମାସ ହେଲାଣି, ତୁମେ କେମିତି ଏତେ ନିର୍ଦ୍ଦୟ ହୋଇଗଲ । ଥରଟିଏ ବି ଦିପଦ ଲେଖି ଜଣାଇବାକୁ କାହିଁକି ଇଛା ହେଲାନି । ଆମ ଘରେ ଏମିତି ଗୋଟିଏ ଦିନ ନାହିଁ, ଯେଉଁଦିନ ତୁମକଥା mummy ଏବଂ ମୁଁ ଆଲୋଚନା

ISSN NO.
2582-208X

କରିନାହୁଁ। ହୋଇପାରେ, ତୁମ ପାଇଁ ଏତିକି ସମୟ ସଂକ୍ଷିପ୍ତ । ମୋତେ କିନ୍ତୁ ଏତିକି ସମୟ ଖୁବ ଦୀର୍ଘ ଲାଗୁଚି। ପ୍ରଥମେ ପ୍ରଥମେ ଭାବିଥିଲି, ଆମ ଭଲ ପାଇବାରେ mummy ସହଯୋଗ କରିବେ ନାହିଁ ଏବଂ ପ୍ରତିବାଦ କରିବେ । ପରେ ପରେ ଜାଣିପାରିଲି, ତାଙ୍କର ଏଥିରେ ଆପତ୍ତି କରିବାର କିଛି ନାହିଁ। ଏକାନ୍ତରେ ତୁମ ସହ କିଛି ସମୟ କଟାଇବା ପାଇଁ ମୋତେ ଛାଡି ଦିଅନ୍ତି। ବିଶ୍ୱାସ କର ମୋର ତୁମ ପାଖରେ ସଙ୍ଗୀତ ଶିଖିବା ଗୋଟିଏ ବାହାନା ମାତ୍ର ଥିଲା। ତୁମେ ଯେଉଁ ଶିକ୍ଷା ମୋତେ ଦେଉଥିଲ, ତୁମ ପାଖରେ କିଛି ଶିଖୁ ନଥିଲି ବରଂ ଅନ୍ୟବେଳେ ଘରେ ତାକୁ ଆୟତ୍ତ କରୁଥିଲି। ତୁମ ସାଥିରେ ଅନ୍ୟ ବିଷୟ ଆଲୋଚନା ନିହାତି ଗୌଣ ମନେ ହେଉଥିଲା। ଅବଶ୍ୟ ତୁମର ଶିକ୍ଷାଦାନ ଯୋଗୁ ସଂଗୀତରେ ମୁଁ ଜଣେ ଉତ୍ତମ ଛାତ୍ରୀ ବିବେଚିତ ହୋଇଛି । ଏହା ପଛରେ ତୁମ ଅବଦାନକୁ ନତମସ୍ତକରେ ସ୍ୱୀକାର କରୁଛି । ମୋର କୃତିତ୍ୱର ସମସ୍ତ ଶ୍ରେୟ ତୁମର । କେବଳ ସେତିକି ନୁହେଁ, ତୁମ ଯୋଗୁ ମୋ ଜୀବନର ଦର୍ଶନ ବଦଳି ଯାଇଛି। ତୁମେ ହିଁ ମୋ ଭବିଷ୍ୟତ ଜୀବନର ମାର୍ଗଦର୍ଶକ। ଅନେକ ମୋର ପିଲାଳିଆମୀ ଏବଂ ଦୁଷ୍ଟାମୀଙ୍କୁ ତୁମେ ସହ୍ୟ କରିଛ । ସେଥିପାଇଁ ବେଳେବେଳେ ମୋର ସୀମା ଅତିକ୍ରମ କରିବାକୁ ଇଛା ହୋଇଯାଏ, ମୋର ଚପଳ ମାନସିକତା ତଥା ବୟସର ଦୋଷ ହେତୁ ମୁଁ କେତେଥର ଅନାବଶ୍ୟକ ତଥା ନିଜେ ଅମୋଦିତ ହେଲା ଭଳି ପ୍ରସଙ୍ଗ ଉପରେ ଆଳାପ କରିଛି । ମହାନଦୀ କୂଳରେ ଅନେକଥର ଅନ୍ତରଙ୍ଗ ଭାବେ ବସିଥିଲା ବେଳେ ଆନମନା ହୋଇଯାଉଥିଲି। ପୁରୀ ଯିବା ପରେ ଆଉ ଏଇ ଦେଢ଼ ମାସ ଭିତରେ ମୋର ବୟସ ଖୁବ ବଢିଯାଇଛି । ସତେ ଯେପରି ମୁଁ ଏକ ଅଭିଜ୍ଞ ମହିଳା ପାଲଟି ଯାଇଛି । ତୁମର ବିବେକ ଏବଂ ମୋର ମନ ବିପରୀତ ଥିଲା। ତୁମର ଓ ମୋର ନିଜର ମନ ଯେବେ ଏକ ହୋଇଗଲା ସେତେବେଳେ ଆମେ ଦୁହେଁ କିଛି ଅବାଟରେ ଯାଇଥିଲେ। ଏବେ ଭାବୁଛି ଈଶ୍ୱରଙ୍କ କୃପାରୁ ଆମେ ସେଥିରୁ ନିବୃତ ହୋଇପାରିଥିଲେ । ତୁମର ମହାନତା ମୋତେ ତୁମ ଆଡକୁ ଟାଣି ନେଉଛି । Mummy ସହ ତୁମ ବିଷୟରେ ଆଲୋଚନା କଲାବେଳେ ଧୀରେ ଧୀରେ ଉଭୟ ଅନୁମାନ କରୁଛୁ ତୁମେ ଦୂରେଇଯାଉଚ । ତୁମ ନୀରବତା ହିଁ ଏହାର ପ୍ରମାଣ । ଏ ଦୂରତାକୁ ଅତିକ୍ରମ କରିବା ଚେଷ୍ଟାରେ ମୁଁ କ୍ଲାନ୍ତ ହୋଇପଡୁଛି। ଆମ ଦୁହିଁଙ୍କ ଭବିଷ୍ୟତ ସ୍ୱପ୍ନ କଥା, ତୁମ ପାଖରେ

ISSN NO.
2582-208X

ବଖାଣି ଦେଇ ମୁଁ ସିନା କିଛି ସମୟ ପାଇଁ ହାଲକା ହୋଇଯାଇଥିଲି, ଏବେ କିନ୍ତୁ ନିଜେ ଭୁଲ କରି ଦେଇଥିବା ଭଳି ଭାବି ଅନୁତପ୍ତ ହେଉଛି । ରାତିରେ ଶୋଇଲା ବେଳେ ଲୁହର ସ୍ପର୍ଶ ମୁଁ ପାଏ । Uncle ମୋର ଏ ପ୍ରକାର ଅଭିଳାଷ ତୁମ ପାଖରେ ପ୍ରକାଶ କରିବା ଆଦୌ ଆକସ୍ମିକ ଅଥବା ଅପ୍ରତ୍ୟାଶିତ ନଥିଲା । ବହୁ ସମୟ ପର୍ଯ୍ୟନ୍ତ ଆମର ମିଳାମିଶା ଏବଂ ବ୍ୟବହାରକୁ ଅନୁଧ୍ୟାନ କରି ଓ ମୋର ମନୋଭାବକୁ ବୁଝିପାରି ଅନେକ ଦିନ ଭାବିଲା ପରେ ଏହି ପ୍ରସ୍ତାବ ଦେଇଥିଲି । ସେ ମୁହୂର୍ତ୍ତଟି ଅବିସ୍ମରଣୀୟ । ମୋ ମନ ପକ୍ଷୀ ଭବିଷ୍ୟତ ମାର୍ଗର ଅନେକ ବାଟ ଉଡିଯାଇଥିଲା । ଗୋଟିଏ ମୁହୂର୍ତ୍ତରେ ଗୋଟିଏ ଯୁଗର କଳ୍ପନା କରି ଦେଇଥିଲି । ଏବେ ଲାଗୁଚି, ସେ ପକ୍ଷୀ ଯୋଜନ ଯୋଜନ ଦୂରକୁ ଚାଲିଯାଇ କ୍ଳାନ୍ତ ହୋଇ ଆଉ ଫେରି ପାରୁନାହିଁ । Uncle ପ୍ଲିଜ ତୁମର ମତାମତ ଜଣେଇ ମୋତେ ଚିନ୍ତାମୁକ୍ତ କର । ଆଦୌ ଭାବିବ ନାହିଁ ଯେ, ତୁମଠୁ ନାସ୍ତିବାଣୀ ଶୁଣି ମୁଁ ଦୁଃଖିତ ହେବି । ଆଶା କରି ଦେଇଥିଲି ତେଣୁ ତୁମ ନକାରାତ୍ମକ ନିଷ୍ପତ୍ତି କିଛିଦିନ ପାଇଁ ମୋଠାରେ ଭାବାନ୍ତର ସୃଷ୍ଟି କରିପାରେ । ପରେ ପରେ ସ୍ୱାଭାବିକ ହେବାକୁ ଚେଷ୍ଟା କରିବି ।

ତୁମ ସ୍ୱାସ୍ଥ୍ୟର ଯତ୍ନ ନେଉଥିବ । ତୁମେ ବିବେକବାନ । ନିଜେ ନିଜର ଦାୟିତ୍ୱ ନେବ । ପ୍ରଭୁ ଯୀଶୁ ତୁମର ମଙ୍ଗଳ କରନ୍ତୁ । ଉଚିତ ମନେକଲେ, ନୀରବତା ଭାଙ୍ଗି ଦିପଦ ଲେଖି ଜଣେଇବ । ବିଗତ ଦିନର ମୋ ଆଚରଣ ଓ ଉଚ୍ଚାରଣ ତୁମ ମନରେ କଷ୍ଟ ଦେଇଥିଲେ, ନିଜ ଗୁଣରେ ମୋତେ କ୍ଷମା କରି ଦିଅ । ସଦା ସୁଖି ରୁହ ।

ଇତି

ତୁମର ଆଞ୍ଜେଲ

ଚିଠି ପଢିବା ପରେ ଭାବପ୍ରବଣ ହୋଇପଡ଼ିଲି । ଚିଠିରୁ ଆଞ୍ଜେଲର ମାନସିକ ଅବସ୍ଥାକୁ ବୁଝିପାରୁଥିଲି । ତାର ପ୍ରତ୍ୟେକ ବାକ୍ୟ ଶକ୍ତ ପ୍ରହାର ଭଳି ଲାଗିଲା· ପ୍ରକୃତରେ ଏଥିପାଇଁ ମୁଁ ଯୋଗ୍ୟ । ମୋର ବିଶ୍ୱାସ, ଯିଏ ଆଞ୍ଜେଲର ହାତ ଧରିବ ସିଏ ଭାଗ୍ୟବାନ । ଚିଠିର ଉତ୍ତର

ISSN NO.
2582-208X

ଦେବି କି ନାହିଁ, ଏକ ପ୍ରକାର ଦ୍ୱନ୍ଦ୍ୱ ଭିତରେ ବେଶ କିଛି ଦିନ ବିତିଗଲା । ଆଜି ତାର ଆଉ ଏକ ଚିଠି ଆସିଛି । ଚିଠି ଖୋଲି ପଢ଼ିଲି ।

ପ୍ରିୟ ଅଙ୍କଲ

ମୁଁ ଜାଣେ ମୋ ଚିଠି ତୁମକୁ ବିରକ୍ତ କରୁଥିବ । ବିଶ୍ୱାସ କର, ତୁମକୁ ବିରକ୍ତ କରିବାକୁ ଚାହୁଁନି । ତୁମ ଠାରୁ ଉତ୍ତର ପାଇବା ପାଇଁ ଅପେକ୍ଷା କରି ନିରାଶ ହେବା ପରେ ପୁଣି ଲେଖୁଛି । ହୋଇପାରେ ଏହା ତୁମ ପାଇଁ ମୋର ଶେଷ ଚିଠି । ମୁଁ ଚାହିଁଥିଲେ, mummy ଙ୍କ ସହ ତୁମ ପାଖରେ ପହଞ୍ଚି ତୁମ ସହ ସାକ୍ଷାତ କରିପାରିଥାନ୍ତି । ଇଚ୍ଛା ବି ହେଉଥିଲା ତୁମକୁ ଦେଖିବା ପାଇଁ, କିନ୍ତୁ ଆମ ଧର୍ମର ମଣିଷଙ୍କୁ ତୁମ ସମାଜ ସାହଜରେ ଗ୍ରହଣ ନକରି ପାରନ୍ତି । ପୁଣି ଆମେ ଗଲେ ତୁମ ସାମାଜିକ ପ୍ରତିଷ୍ଠାରେ ମଧ୍ୟ ଆଞ୍ଚ ଆସିପାରେ । ଏସବୁ ଦୃଷ୍ଟିକୁ ଆଖି ଆଗରେ ରଖି ନିଜକୁ ସମ୍ବରଣ କଲି । ଯଦି ଏକ ସପ୍ତାହ ମଧ୍ୟରେ ତୁମର ଉତ୍ତର ନପାଏ, ଧରି ନେବି ତୁମେ ମୋ ପ୍ରସ୍ତବରେ ରାଜି ନୁହଁ । ଅବଶ୍ୟ ମୁଁ ଅନୁମାନ କରି ପାରୁଛି, ତୁମେ ଏଥରକ ବି ନୀରବ ରହିବ । ତଥାପି ଶେଷଥର ପାଇଁ ମୋର ଏହି ଅନୁରୋଧ ଚିଠିକୁ ପଢି ଚିରି ଫୋପାଡ଼ି ଦେବ । ତୁମେ ଭଲରେ ଥାଅ । ଯୀଶୁଙ୍କ ନିକଟରେ ମୋର ଏତିକି ପ୍ରାର୍ଥନା । ବିଦାୟ ପ୍ରିୟ ମିଶ୍ର ଅଙ୍କଲ ।

ତୁମର କେହି ଜଣେ ଆଞ୍ଜେଲ

ଚିଠିଟି ସଂକ୍ଷିପ୍ତ ତଥାପି ମର୍ମସ୍ପର୍ଶୀ । ମୋର ନୀରବତା ମୋ ନିଷ୍ପତ୍ତି ତା ପାଖେ ପହଞ୍ଚି ଯିବ । ଚିଠିଟିକୁ ଚିରି ପବନରେ ଉଡାଇ ଦେଲି । ବିସ୍ମୃତ ନହେଲେ ବି ମଧ୍ୟ ଆଞ୍ଜେଲ ରହିଗଲା ଇତିହାସ ପୃଷ୍ଠାରେ ।

ହଠାତ ବାଜିଆ ଭାଇନାଙ୍କ ଠାରୁ ଚିଠି ପାଇଲି । ଚିଠି ପଢିଲା ପରେ ସତେ ଯେମିତି ମୋ ପାଦତଳର ମାଟି ରସାତଳକୁ ଚାଲିଯାଉଛି । ହେ ଭଗବାନ ! ଏକି ଦାରୁଣ ଦୁଃସମ୍ବାଦ ! ଆଞ୍ଜେଲର ବ୍ରେନ ଷ୍ଟ୍ରୋକ ! ଦୁଇଦିନ ICU ରେ ରହି ଶେଷ ନିଶ୍ୱାସ ତ୍ୟାଗ କରିଚି । ମୋର

ISSN NO.
2582-208X

ସର୍ବାଙ୍ଗ ଥରିବାକୁ ଲାଗିଲା । ମୂର୍ଚ୍ଛାଗଲା ଭଳି ଅନୁଭବ କଲି । ଲୁହଧାର ଶୁଖୁ ନାହିଁ । ପ୍ରଭୁ ଯୀଶୁ ! ଏ କଣ କଲ ! କି ଅପରାଧ ସେ କରିଥିଲା ! ଅକାଳରେ ସୃଷ୍ଟିର ଏକ ସୁନ୍ଦର ମଣିଷକୁ ଦଳି ଚକଟି ନିଷ୍ଚିହ୍ନ କରିଦେଲ । ଚିଠିଟିକୁ ମକଚି ଈଶ୍ୱରଙ୍କ ଉପରେ ପ୍ରତିଶୋଧ ନେଲି । ପ୍ରତିଦିନର ସବୁକଥା ଭୁଲି ଯିବାକୁ ମୁଁ ଚେଷ୍ଟା କରୁଛି । ଯାହା କଥା ଭାବୁଥିଲି ସେ ତ ଆଉ ନାହିଁ । କାହାକଥା ଆଉ ଭାବିବି? ବେଳେବେଳେ ଭାବନା ଆସିଯାଏ । ମୋ ଅନୁପସ୍ଥିତିରେ ଅତ୍ୟଧିକ ଚିନ୍ତାକରି ତାର ଏ ଅବସ୍ଥା ହେଲାକି ଯଦି ହୋଇଥାଏ, ତା ହେଲେ ମୁଁ ତାର ହତ୍ୟାକାରୀ । ପାଗଳ ପ୍ରାୟ ଲାଗୁଚି । ଆଜି ପୁଣି ବାଜିଆ ଭାଇନାଙ୍କର ଚିଠି ଆସିଛି । ଖୋଲିବାକୁ ଇଛା ହେଲାନାହିଁ । ତଥାପି ପଢ଼ିଲି । ଆଞ୍ଜେଲକୁ ହରାଇଲା ପରେ ଚିତ୍ରଲେଖା ମାମ କଟକରେ ରହିବାକୁ ଇଛା କଲେନି । ସମସ୍ତ ସମ୍ପତ୍ତି ବିକ୍ରି କରି କେରଳ ଫେରିଗଲେ । ମୋତେ ଏ ସମ୍ବାଦ ଜଣାଇ ଦେବାକୁ କହିଛନ୍ତି ।

ଭାବିଥିଲି ମୋ ଆତ୍ମଲିପି ଏଠାରେ ସଂପୂର୍ଣ୍ଣ କରିବି । ଆଉ ଲେଖିବି ନାହିଁ । ପରୋକ୍ଷ ଭାବେ ମୋ ଆତ୍ମକାହାଣୀ ମାଧ୍ୟମରେ ଯାହାର ସାନିଧ୍ୟର କଳ୍ପନା କରି ଲେଖୁଥିଲି ସେ ଆଜି ନାହିଁ । ମରିଯାଇ ସତେ ଯେମିତି ମୋର ସମସ୍ୟାର ସମାଧାନ କରିଦେଲା । ତାର ମୃତ୍ୟୁରେ ମୁଁ ଅନୁଭବ କଲି, ତାର ନୁହେଁ ମୋର ମୃତ୍ୟୁ ହୋଇଛି । ଠିକ ଅଛି, ପ୍ରତି ମୁହୂର୍ତ୍ତରେ ଜଳିବା ଅପେକ୍ଷା ଗୋଟିଏ ଥରରେ ସବୁ ଜଳିଗଲା ।

ଭୁବନେଶ୍ୱର
9439011063

ISSN NO.
2582-208X

# ମୁଁ ସେହି ଝିଅଟି



ପ୍ରଶାନ୍ତ ବ୍ରହ୍ମା

ସେହି ଝିଅଟି ମୁଁ ଅତି ପରିଚିତ
ସଭିଙ୍କ ପାଖରେ ପରା
ତଥାପି ମନରେ ଲାଗେ କାହିଁ ଭୟ
ସୁଖ ଦିଏ ନାହିଁ ଧରା

ମୁଁ ସେହି ଝିଅଟି ପାଠରେ ଟପ୍ପର
ସଭିଏଁ ପାଆନ୍ତି ଭଲ
ତଥାପି ମନରେ ଲାଗେ କାହିଁ ଭୟ
ଅନେକ ଖୋଜନ୍ତି ଭୁଲ ।

ମୁଁ ସେହି ଝିଅଟି ଅଛି ବାପଘରେ
କାଲି ଯିବି ଶାଶୁ ଘର
ମନରେ ଟିକିଏ ଜାଗଇ କଳ୍ପନା
ଗଢ଼ିବି ନୂଆ ସଂସାର ।

ISSN NO.
2582-208X

ମୁଁ ସେହି ଝିଅଟି କରୁଥାଏ ସେବା
ସଦା ଦେଶବାସୀଙ୍କର
ତଥାପି ମନରେ ଲାଗେ କାହିଁ ଭୟ
ସବୁଠି ଦୁଷ୍ଟ ନଜର ।

ମୁଁ ସେହି ଝିଅଟି କାହାର ଭଉଣୀ
ଆଉ କାହାର ମୁଁ ଝିଅ
ବୁଝାମଣା ଯଦି ରହିବ ସଂସାରେ
ଛାଡ଼ି ଯିବ ମୋର ଭୟ ।

ପଳାଶପୁର
ଖୋର୍ଦ୍ଧା

ISSN NO.
2582-208X

# ଜୀବନ ହାଟ



ବିନୟ କୁମାର ମିଶ୍ର

ଜୀବନ ହାଟରେ ବୁଲିବାକୁ ଯାଇ
ଆସିଥିଲି  ଦେଖିବୁଲି,
ଅଣ୍ଟାରେ ପଇସା ନଥାଇ ସଉଦା
କିଣିବାକୁ ମନକଲି,
ହିନସ୍ତାରେ ସଢ଼ୀଗଲି,
ଗୋଟାଏ କାମକୁ କରିବାକୁ ଯାଇ
ଆଉଗୋଟେ କାମକଲି ।

ଜୀବନ ହାଟରେ ନିର୍ଜୀବ ଦରବ
ମିଛମାୟା ମୋହଲୋଭ,
ଇର୍ଷା ଦ୍ୱେଷ ହିଂସା କୁଟକପଟତା
ବିକିଲେ ମିଳଇ ଲାଭ,
ଖାଲି ବୁଲି ଆସିଥିଲେ,
ଭଲ ହୋଇଥାନ୍ତା କିଣି ନଥିଲେ ମୁଁ
ବଞ୍ଚିଥାନ୍ତି ଅବା ଭଲେ ।

ଲୁଣିଆ ସମୁଦ୍ର ମଝିରେ ଥାଇଯା
ମଧୁର ଜଳ ଖୋଜିଲି,

ISSN NO.
2582-208X

କେଉଁଠୁ ପାଇବି କିଏଅବା ଦେବ
ମିଛରେ ପାଗଳ ହେଲି,
ଭଲ ବୁଲିବାକୁ ଗଲି,
ଆଘାତ ଦେଇଛି ପ୍ରତିଘାତ ଯାହା
କିଣିବା କଥା କିଣିଲି ।

ବୁଲିବା ଦେଖିବା ବେଳେ ଜୀବନକୁ
ଯେବେ ଭଲ ପାଇଗଲି,
ସଉଦା କରିବା ମନମୋର ହେଲା
ଶୂନ୍ୟ କଟି ଦରାଣ୍ଡିଲି,
କପର୍ଦ୍ଦକ ଶୂନ୍ୟ ଥିଲି,
ଏଣୁ ହସବିନା ଲୁହର ସଉଦା
ସାଧ୍ୟମତେ ମୁଣ୍ଡାଇଲି ।

ସରି ଆସିଲାଣି ହାଟ କରିବାର
ବେଳହେଲା ରତରତ,
ଅବଶ ହେଲାଣି ମାଟିର ଦେହଟା
ଥରିଲାଣି ଗୋଡହାତ,
ମଶାଣିବା କେତେ ବାଟ,
ଦିନ ଗଣୁଗଣୁ ଜୀବନ ନଉକା
ଛାଡ଼ିବ ପରାଏ ଘାଟ ।

ପାହୁଲାଏ ନାହିଁ ଡଙ୍ଗା ମୂଲପାଇଁ
ନାଉରୀକି ଦେବି କିସ,
ପାରିକରିବକି ନକରିବ ସିଏ
ନାହିଁ ମୋ ମନେ ବିଶ୍ୱାସ,
ମୂଢ କିକଲି କିକଲି,

ISSN NO.
2582-208X

ଗର୍ବ ଦମ୍ଭ ଅହଙ୍କାର ଧନଜନେ
ସମୟଯା ବିତାଇଲି ।

ମିଛମାୟା ମୋହ ମିଛ ଅଭିନୟ
କରୁକରୁ ଦିନ ଗଲା,
ଜୀବନର ଅଙ୍କ କଶୁକଷୁ ସବୁ
ଫଳ ଭୁଲ ହେଇଗଲା,
ଯବନିକା ପଡ଼ିଯିବ,
ମାଟିରେ ମିଶିବା କାଳ ଆସିଗଲା
ଏଦୁନିଆ ଭୁଲିଯିବ ।

ହିସାବ କରିବେ ପୁତ୍ର କନ୍ୟା ଜାୟା
କେତେ କାହାପାଇଁ କଲି,
ମନକୁ ବୁଝାଇ ନିନ୍ଦା ପ୍ରଶଂସାରେ
ଦୁଇଦିନେ ଯିବେ ଭୁଲି,
ଭଲ ହାଟକୁ ଆସିଲି,
କଳାକାର ହୋଇ ଅଭିନୟ ସାରି
ଖାଲି କଲବଲ ହେଲି ।

ନଆଳ ଖୋର୍ଦ୍ଧା

ISSN NO.
2582-208X

# ସାହିତ୍ୟ ନିଶା



ନରେନ୍ଦ୍ର ପ୍ରସାଦ ବେହେରା

କବିତା ଲେଖିବା    କବିତା ପଢିବା
ଅଟଇ ଯାହାର ନିଶା।
ଯେତେ ଦୂର ବାଟ    ହେଲେ ହେଉ ପଛେ
ଯିବାକୁ କରଇ ଆଶା ।୧।

ସାହିତ୍ୟ ଶିକ୍ଷାରେ    ଥାଏ ଯାର ମନ
ଦିଏନାହିଁ ପଛଘୁଞ୍ଚା।
ଗୁଣି ଜ୍ଞାନୀ ଜନ    ମହତ୍ୱ ବାଣୀକୁ
ଶୁଣିବାରେ ହୁଏ ସଚ୍ଚା ।୨।

ଜୀବନରେ କିଛି    ଶିଖିବାର ଅଛି
ଧାଉଁଛି ମୁଁ ଚାରିଆଡ଼େ
ବରିଷ୍ଠ ସାଧକ    ସାଧିକା ମାନଙ୍କୁ
ଦେଖିଲେ ମୁଁ ହାତଯୋଡେ ।୩।

ISSN NO.
2582-208X

କେବେ ମୁଁ କାହାକୁ ଭାବେ ନାହିଁ ପର
ସମସ୍ତେ ମୋ ଆପଣାର
ଶିଖିବାର ଇଚ୍ଛା ଅଛି ମୋ ମନରେ
ପଥକୁ ନାହିଁ ମୋ ଡ଼ର ।୪।

ସାହିତ୍ୟକୁ ଯିଏ ଥରେ ଭଲପାଏ
ଭୁଲିଯାଏ ଘରଦ୍ଵାର
ବହୁ ଆନନ୍ଦରେ ଆନନ୍ଦିତ ହୁଏ
କବିତା କରି ନିଜର ।୫।

କେତେ ଗୁରୁଜନ କେତେ ଲଘୁଜନ
ଅଛନ୍ତି ଏହି ସଭାରେ
ସେମାନଙ୍କ ବାଣୀ ଶୁଣିଲେ କର୍ଣ୍ଣରେ
ଉନ୍ନତି ହେବ ଶିକ୍ଷାରେ ।୬।

ସାନ ବଡ଼ ବୋଲି ହୃଦୟେ କାହାକୁ
ନଥାଏ କେବେ ମୁଁ ଭାବି
ସାହିତ୍ୟ ସଭାରେ ଉପସ୍ଥିତ ଯେତେ
ଜଣେ ଜଣେ ଆମ୍ଭେ କବି ।୭।

ଭୁଲ୍ ଥିଲେ କ୍ଷମା ଦେବେ ନିଜ ଗୁଣେ
ନିବେଦନ ଏହି ମୋର
କୁସୁମିତ କର ସର୍ବ ଚଲାପଥ
ଆହେ ଜଗତ ଠାକୁର ।୮।

ଆଳଦା, ଖଇରା, ବାଲେଶ୍ୱର

ISSN NO.
2582-208X

# କେବେ କେରଳ ତ କେବେ ଅରୁଣାଚଳ



ପ୍ରିୟବ୍ରତ ପାତ୍ର

## ଲବଙ୍ଗ ଦ୍ୱୀପର କଥା

ମଟାଞ୍ଚେରୀର ପୁରୁଣା ବଜାର ଅଞ୍ଚଳ ବି ଗୋଟିଏ ଦେଖିବା ଜାଗା । ନଡିଆ କତାର ବଜାର, ଶସ୍ୟ ବଜାର, ମସଲା ବଜାର, ପ୍ରାଚୀନ ଚିଜମାନଙ୍କର ବଜାର ଇତ୍ୟାଦି । ଜୀଉ ଟାଉନ୍ ରେ ପ୍ରବେଶ କଲେ ଦିଶେ ଡଚ୍ ମାନଙ୍କର ପୁରୁଣା ନଅର । କୋଚିନ୍ ର ରାଜା ତାକୁ ଉପହାର ସୂତ୍ରରେ ପାଇଥିଲେ । ସେଇ ନଅର ଭିତରେ ରହିଛି ଭାରତୀୟ ସାମାଜିକ ଜନଜୀବନ ଓ ପୌରାଣିକ ବିଷୟ ଚିତ୍ର ।

ଇହୁଦୀମାନେ ବିଭିନ୍ନ ପର୍ଯ୍ୟାୟରେ, ଗଲା ଦୁଇ ହଜାର ବର୍ଷ ଧରି ଏଠାକାର ଜୀଉ ଟାଉନ୍ ରେ ଆସି ରହିଥିଲେ । "ପରଦେଶୀ ସିନାଗଗ୍" ସେମାନଙ୍କ ଧାର୍ମିକ ଉପାସନାର ସ୍ଥଳ । ସେମାନେ ଇସ୍ରାଏଲ୍ ଚାଲିଯିବା ପରେ ଏହା ପାଲଟି ଯାଇଛି ଏକ ଐତିହ୍ୟ ।

ଜୀଉ ଟାଉନ୍ ରେ ଏକଦା ଗୋଲମରିଚ, ଲବଙ୍ଗ, ଡାଳଚିନି, ଅଲେଇଚ ଆଦି ମସଲା ତଥା ନଡିଆ କତାର ବଡ ବଜାର ଥିଲା । ଏହି ବ୍ୟବସାୟରେ ଇହୁଦୀମାନେ ପ୍ରମୁଖ ଥିଲେ । ଆଜି ସିନାଗଗ୍ ପାଖ ଅଞ୍ଚଳରେ ସେ ବ୍ୟବସାୟ ଚାଲିଛି, କିନ୍ତୁ ଇହୁଦୀମାନେ ନାହାନ୍ତି ।

ଆମେ ସିନାଗଗ୍ ପାଖଆଖ ଦୋକାନରେ ପଶି ବର୍ତ୍ତମାନର କାରବାର ସମ୍ପର୍କରେ ଜାଣିବାକୁ ଚାହିଁଥିଲୁ । ସବୁ ଦୋକାନ ଗୋଟିଏ ଗୋଟିଏ ମ୍ୟୁଜିଅମ୍ କହିଲେ ଅତ୍ୟୁକ୍ତି ହେବନାହିଁ । ପ୍ରାୟ ପ୍ରତି ଦୋକାନରେ ଗୋଟିଏ ଗୋଟିଏ କଫି ବାର୍ । ଆଶ୍ଚର୍ଯ୍ୟ, ତା ଭିତରେ ଏମିତି କିଛି ହୋଟେଲ୍ ଥିଲା ଯେଉଁଠାକୁକ୍ ଆମ ଭାରତୀୟମାନଙ୍କୁ ଅନୁମତି ନଥିଲେ । ଖାସ୍ କରି

ISSN NO.
2582-208X

ବିଦେଶୀମାନେ ନିଜର ସ୍ୱାଚ୍ଛନ୍ଦ୍ୟ ଓ ଅୟସ ପାଇଁ ସେସବୁକୁ ସଂରକ୍ଷିତ ଓ ନିୟନ୍ତ୍ରିତ କରିଥାନ୍ତି । ଆଜି ସ୍ୱାଧୀନ ଭାରତରେ ଯଦି ଏ ବ୍ୟବସ୍ଥା, ତେବେ ଅସ୍ତ୍ରଶସ୍ତ୍ରରେ ବଳୀୟାନ ହୋଇ ଏମାନେ ଯେବେ କ୍ଷମତାର ଶୀର୍ଷରେ ଥିଲେ, ଆମକୁ କି ବ୍ୟବହାର ନ ଦେଖେଇଥିବେ ?

କିଛି ଇହୁଦୀ ସୁଦୂର ଇସ୍ରାଏଲ୍ ରୁ ଆସି, ଲମ୍ବା ଲମ୍ବା ଲେନ୍ସ ଲଗା କ୍ୟାମେରାରେ ଫଟୋ ଉଠାଉଥିଲେ । ତାଙ୍କର ବଂଶଧରମାନେ ଏହି ଜାଗାରେ ନିଜର ଜାଜ୍ଜ୍ୱଲ୍ୟମାନ ସନ୍ତକ ଛାଡି ଯାଇଛନ୍ତି, ଏକଥା ଭାବି ଉଲ୍ଲସିତ ବି ହେଉଥିଲେ ।

ଅପରାହ୍ନ ଆଗତପ୍ରାୟ । କ୍ଲାନ୍ତ ସୂର୍ଯ୍ୟ ଧୀରେ ଧୀରେ ଲୁଚିଯିବାରେ ଲାଗିଥିଲେ । ଆମେ ଏହି ସମୟଟି ଫୋର୍ଟ କୋଚିରେ କଟାଇବାକୁ ଚାହିଁଲୁ । କାରଣ ସନ୍ଧ୍ୟାରୁ ମଧ୍ୟ ରାତ୍ରି ପର୍ଯ୍ୟନ୍ତ ଫୋର୍ଟକୋଚିର ଏହି ଐତିହ୍ୟ-ଜାଗାଟି ଅଦ୍ଭୁତ ଭାବେ ଜୀବନ୍ତ ହୋଇଉଠେ । ସମୁଦ୍ର ପରି ଦିଶୁଥିବା ବ୍ୟାକ୍ ୱାଟର୍ କଡରେ କଡରେ ଠିଆ ହୋଇଥାନ୍ତି କତିପୟ ଚୈନିକ ମାଛଧରା ଜାଲ । ସେଇଠୁ ଭୂଭାଗ ଦିଗେ ଆସିଲାବେଳେ ଦେଖାଯାନ୍ତି ଦୁଇ ପ୍ରାଚୀନ ଗିର୍ଜାଘର । ସେ ଫ୍ରାନସିସ୍ ଚର୍ଚ୍ଚ, ଭାରତରେ ନିର୍ମିତ ସର୍ବପ୍ରାଚୀନ ଗୀର୍ଜାଘର । ଚର୍ଚ୍ଚ ଭିତରେ, ଗୋଟିଏ କୋଣରେ ରହିଛି ଭାସ୍କୋଡାଗାମାଙ୍କ କବର । ଜଳପଥର ଆବିଷ୍କାର ପରେ ପର୍ତ୍ତୁଗାଲ ରାଜାଙ୍କ ତରଫରୁ ଭାଇସରାଏ ଭାବେ ଏଠାରେ ରହିଥିଲେ ଭାସ୍କୋଡାଗାମା । ମ୍ୟାଲେରିଆରେ ଆକ୍ରାନ୍ତ ହୋଇ ସେ ଏଇଠି ହିଁ ପ୍ରାଣତ୍ୟାଗ କରିଥିଲେ । ଗୀର୍ଜାଘରେ ହାତଟଣା ପଙ୍ଖା ଏବେ ବି ରହିଛି । ସର୍ଭିସ୍ ସମୟରେ ଲୋକେ ଏବେ ବି ସେହି ପଙ୍ଖାର ମଜା ନିଅନ୍ତି । ଅନ୍ୟ ଏକ ପ୍ରାଚୀନ ଗୀର୍ଜାଘର ହେଲା ସାନ୍ତାକ୍ରୁଜ୍ ବାସିଲିକା । ଏହାର ଭିତର ଡିଜାଇନ୍ ଓ କାଚ ଝରକା ସବୁ ଚମତ୍କାର ରଙ୍ଗରେ ଆଚ୍ଛାଦିତ ।

ଚର୍ଚ୍ଚରୋଡ୍ ରେ ଥିବା ଏକ ପୁରୁଣା ବଂଲୋକୁ ଯାଇଥିଲୁ । ତାହା ଥିଲା ବ୍ରିଟିଶ୍ କମ୍ପାନୀ ଅନ୍ତର୍ଗତ ଏକ ଘର । ସେ ସମୟର କଥା, ରହୁଥାନ୍ତି ସେଠାରେ ଜଣେ ଇଂରେଜ ସାହେବଙ୍କ ପରିବାର । ଚାରିପାଖେ ଥିଲା ଧୂଳିଧୂସରିଆ ମାଟିରାସ୍ତା । ସାହେବଙ୍କ ସ୍ତ୍ରୀ ଆଜମା ରୋଗୀ

ISSN NO.
2582-208X

ଥିଲେ ଏବଂ ଧୂଳି ଯୋଗୁଁ ବଡ କଷ୍ଟ ପାଉଥିଲେ । ଇଂରେଜ ସାହେବ ସେଇଠୁ ପିଚୁ ପକାଇ ଚାରିପଟ ରାସ୍ତା ପକ୍କା କରିଦେଲେ । ତାହା ଥିଲେ ସେକାଳର ପ୍ରଥମ ପିଚୁରାସ୍ତା । ଲୋକେ ମଜାରେ କହନ୍ତି, ମମତାଜଙ୍କ ପାଇଁ ନିର୍ମିତ ତାଜମହଲ ଅପେକ୍ଷା ଏହି ପିଚୁରାସ୍ତା ସବୁ ଭାରତୀୟ ଜନଜୀବନକୁ ଅଧିକ ମାତ୍ରାରେ ପ୍ରଭାବିତ କରିଛି ।

ସେଇ ଚର୍ଚ୍ଚରୋଡରେ ଚାଲିଥାଏ ପାରମ୍ପରିକ କେରଳୀ ସମରକୌଶଳ ଓ କଥାକଳି ନୃତ୍ୟର କାର୍ଯ୍ୟକ୍ରମ । ଟିକଟ କରି ଦେଖିବାକୁ ପଡେ । ନୂଆବର୍ଷ ଉପଲକ୍ଷେ କାର୍ଯ୍ୟକ୍ରମମାନଙ୍କ ଅବଧି ଆଶାତୀତ ଭାବେ ସଂକ୍ଷିପ୍ତ । ଅତଦଦ୍ୱାରା ଅଧିକ ବ୍ୟାଚ୍ ମାଧ୍ୟମରେ ରୋଜଗାର ବି ଅଧିକ । ଶୂନ୍ୟକୁ ଡିଆଁମାରି ଅସୀଚାଳନା କରିବା ଏବଂ ସେଇ ଶୂନ୍ୟରେ ଢାଲ ସାହାଯ୍ୟରେ ବର୍ଚ୍ଛା ବା ଖଡଗକୁ ପ୍ରତିରୋଧ କରିବା ସେଇ ରଣକୌଶଳର ଶ୍ୱାସରୋଧକାରୀ ଅଂଶ । ଅବଶ୍ୟ ଏଭଳି ଷ୍ଟେଜ୍ ଶୋ ସବୁରେ ସବୁ ପ୍ରତିଦ୍ୱନ୍ଦ୍ୱୀ ଜଣେ ଜଣେ ସହଯୋଗୀ ।

କଥାକଳି ନୃତ୍ୟରେ ଶରୀରର ଗତିଶୀଳତା ଏକଦମ୍ ଓଲଟା । ଓଜନଦାର ନୃତ୍ୟ ପୋଷାକରେ ଅଙ୍ଗମାନଙ୍କରେ ଦ୍ରୁତ ସଞ୍ଚାଳନ ଏକରକମ ଅସମ୍ଭବ । ଅତଏବ କେବଳ ଭ୍ରୂଲତା ନଚାଇ, ଆଖିକୁ ଘୂରାଇ ବା ଆଖିକୁ ସାନବଡ କରି ପୁଣି ଓଠକୁ କମ୍ପିତ କରାଇ ଆଭାସ ବା ଇଙ୍ଗିତ ଦ୍ୱାରା ପରିବେଷଣ କରାଯାଉଥିବା ନୃତ୍ୟନାଟିକା ହେଲା କଥାକଳି । ଜଣେ ନୃତ୍ୟ-ଅପରିଚିତ ବ୍ୟକ୍ତିଭାବେ ଆମକୁ ସେସବୁ ଠାର ବା ଇଙ୍ଗିତର ଅର୍ଥ ବୁଝିବା କଷ୍ଟ ହୋଇଥାନ୍ତା । କିନ୍ତୁ ନୃତ୍ୟ ପୂର୍ବରୁ ଜଣେ ଆସି କାହାଣୀ ଓ ସଂଳାପମାନଙ୍କୁ ପ୍ରାଞ୍ଜଳ ଭାବେ ବୁଝାଇଦେଲା । ଆମେ ଦେଖୁଥିବା ନୃତ୍ୟନାଟିକାରେ ଖଳନାୟକ ଜଣକର ଆଖି ରକ୍ତିମ ଥିଲା ଏବଂ ଦାଢି ସବୁ ଲାଲ ରଙ୍ଗର ହୋଇଥିଲା ।

କେରଳର ପ୍ରତି ଗଳି ଓ ବଜାରରେ ଧାର୍ମିକ ଅନୁଷ୍ଠାନ ସବୁ ଅବଶ୍ୟ ମିଳିଥାନ୍ତି । କଥାକଳି ପ୍ରାଚୀନ ଭାରତବର୍ଷର ଧାର୍ମିକତାର ଏକ ବିକଳ୍ପ ପରିପ୍ରକାଶ ମାତ୍ର । ଦିନ ଥିଲା ମନ୍ଦିରମାନଙ୍କରେ ସାରା ରାତି କଥାକଳି ହିଁ ଚାଲୁଥିଲା । ଧୀରେ ଧୀରେ ତାହା ମନ୍ଦିରର ଅର୍ଗଳି ଡେଇଁ ଷ୍ଟେଜ୍ ଶୋରେ ପରିଣତ ହୋଇଗଲା । କୁହାଯାଏ ହସ୍ତ ଓ ଅଙ୍ଗୁଳି ଦ୍ୱାରା

ISSN NO.
2582-208X

ଚବିଶି ପ୍ରକାରର ମୁଦ୍ରା ପ୍ରଦର୍ଶନ ହୋଇଥାଏ । ତା ଛଡା ଶହ ଶହ ପ୍ରକାରର ଛୋଟବଡ ଅଙ୍ଗଚାଳନା ରହିଛି, ଯାହାର କି ବିଭିନ୍ନ ପ୍ରକାର ଅର୍ଥ ରହିଛି । କଥାକଳିକୁ ପୂର୍ଣ୍ଣ ରୂପେ ବୁଝିବା ପାଇଁ ସମଗ୍ର ଜୀବନ ନିଅଣ୍ଟ ପଡିପାରେ ।

ଫୋର୍ଟ କୋଚିର ଉପକୂଳରେ ସମସ୍ତେ ଆଶ୍ଚର୍ଯ୍ୟ ହୋଇ ଚୀନା ଜାଲ ସବୁକୁ ଦେଖୁଥିଲେ । ବିଶାଳ ବିଶାଳ ଅକଟୋପସ୍ ପରି ବାହୁ ବିସ୍ତାର କରି ସେମାନେ ସମୁଦ୍ର ଭିତରେ ପଶୁଥିଲେ ଏବଂ ମୁଦିହୋଇ ଡେଣା ଜାକିଲା ଭଳି ଉପରକୁ ଉଠୁଥିଲେ । ସେଇ ମୁଦା ଭିତ୍ରେ ରହି ଯାଉଥିଲେ କିଛି ମାଛ, କଙ୍କଡା । ଦିନ ଥିଲା କୁଆଡେ ଏକ ହଜାରରୁ ଉର୍ଦ୍ଧ୍ବ ଚାଇନା ଜାଲ ଏଇ ଉପକୂଳରେ ସଗର୍ବେ କାର୍ଯ୍ୟରତ ଥିଲେ । ଆଜିକାଲି ସେମାନଙ୍କ ସଂଖ୍ୟା ଦଶରେ ସୀମିତ । ସରକାର ବିଜ୍ଞପ୍ତି ଲଗାଇଛନ୍ତି-ବିଲୁପ୍ତିର ସ୍ରୋତରେ ବହି ଚାଲିଥିବା ଏହି ଚୀନା ଜାଲସବୁକୁ ସଂରକ୍ଷଣ କରନ୍ତୁ । କିନ୍ତୁ ଆମେ ବୁଝି ପାରୁନଥିଲୁ ଯେ ଜଣେ ସାଧାରଣ ଟୁରିଷ୍ଟ ଭାବେ କି ଉପାୟରେ ଏହି ସଂରକ୍ଷଣରେ ସହାୟକ ହୋଇପାରିବୁ! ତେବେ ଏ ଫଳକ ପୁଣି କାହାପାଇଁ? ଚୀନ୍ ରେ କୁବଲାଲ ଖାଁଙ୍କ ଶାସନ ଅମଳରେ ଉପହାର ସୂତ୍ରରେ ଏଭଳି କିଛି ଜାଲ କୋଚିନ୍ ଆସିଥିଲା । ଆଜି ବି ଆଠଶହ ବର୍ଷ ଧରି ସେଇ ଏକା କୌଶଳ କାଏମ ରହିଛି । ଜାଲମାନଙ୍କ କାର୍ଯ୍ୟକାରିତା ଦେଖିଲେ ପଦାର୍ଥବିଜ୍ଞାନର ନିୟମ ସବୁ କିଭଳି ବାସ୍ତବ କ୍ଷେତ୍ରରେ କାର୍ଯ୍ୟ କରିଥାଏ ତାହା ଜଣାପଡେ ।

ଖାଦ୍ୟକୁ ଓ ତାର ପ୍ରସ୍ତୁତି ପ୍ରଣାଳୀକୁ ନେଇ କେରଳ ଖୁବ୍ ରୁଚିସମ୍ପନ୍ନ ଓ ସଂସ୍କୃତିବନ୍ତ । ଫୋର୍ଟ କୋଚିର ସେଇ ଚାଇନା ଜାଲ ପାଖରେ କାର୍ଯ୍ୟରତ ଡଜନ ଡଜନ ମାଛଭଜାର ଦୋକାନ । ଗୋଟିଏ ଦୋକାନରେ ପଶିଲୁ । ସାଇନ୍ ବୋର୍ଡରେ ଲେଖାଥିଲା – ୟୋଉ ବ୍ରିଙ୍ଗ୍, ଆଇ ଫ୍ରାଇ । ସଦ୍ୟ ଧରା ଜୀବନ୍ତା ମାଛଟିଏ ବଜାରରୁ ଆଣ ଏବଂ ଆମକୁ କୁହ କିଭଳି ରୂପରେ ତୁମେ ତାକୁ ଉଦରସ୍ଥ କରିବାକୁ ଚାହୁଁଛ?

ISSN NO.
2582-208X

ଚୂଲୀରେ ତେଲ କଡେଇ ବସିଥାଏ । ଜୀଅନ୍ତା ମାଛ, ଚିଙ୍ଗୁଡି ବା କଙ୍କଡାକୁ ସିଧା ସମୁଦ୍ରରୁ ଧରିଆଣି ତେଲ କଡେଇରେ ପକାଯାଏ ଏବଂ ସେଇଠୁ ତାହା ଧୀରେ ଧୀରେ ବିଭିନ୍ନ ବ୍ୟଞ୍ଜନ ସହ ଗରାଖରେ ପେଟକୁ ଚାଲିଯାଏ । ସମୁଦ୍ର ମାଛର ଆଇଁଷିଆ ଗନ୍ଧରେ ପୂରା ରାସ୍ତା ଓ ଦୋକାନ କମ୍ପୁଥିଲା । କାହାକୁ ବିରକ୍ତିକର ତ କାହାକୁ ପ୍ରୀତିକର । ପାଖରେ ଥାଏ ଭଳିକି ଭଳି ଆକ୍ୱାରିଅମ । କୋଉଠି ଲମ୍ବା ଲମ୍ବା ନିଶକୁ ଟେକି ପ୍ରକାଣ୍ଡ ଚିଙ୍ଗୁଡିମାନେ ବୁଲୁଥିଲେ ତ କୋଉଠି ଅନ୍ୟ କୋଉ ପ୍ରକାରର ମାଛ । ଗରାଖ ଆସି, ନିରେଖି ଆକ୍ୱାରିଆମ୍ କାଚରେ ଟିପ ରଖି କହନ୍ତି, ଅମୁକ ମାଛଟା ଦରକାର । ଦୋକାନୀ ତାକୁ ଚିମୁଟାରେ ଧରିଆଣି ତେଲ କଡେଇରେ ଛାଡିଦିଏ । ନିଜ ବିଶାଳ ସମୁଦ୍ର ଛାଡି ସୀମିତ୍ କଳେବରର ଆକ୍ୱାରିଆମ୍ ଭିତରେ ଅଭ୍ୟସ୍ତ ହେଉ ହେଉ କାହୁଁ ଆସି ପହଞ୍ଚିଯାଏ ଏ ତେଲ କଡେଇ ! ବିଚରା ମାଛକୁ ଭାବିବାକୁ ବି ସମୟ ମିଳେନା ।

ଫୋର୍ଟ କୋଚିରେ ଡିସେମ୍ବର୍ ୩୧ ର ସନ୍ଧ୍ୟା । ଗୋରା ବିଦେଶୀଙ୍କ ସଂଖ୍ୟା ଯାହାକୁ ଯେତେ । ସେମାନେ ପରିଶ୍ରମ ଯେଭଳି କରନ୍ତି ମଉଜ ବି ସେମିତି କରନ୍ତି ।ଆସନ୍ତା ୩୧ ବେଳକୁ ଥିବୁ କି ନଥିବୁ – ଏଣୁ ଯାହା ମଉଜ କରିବା କଥା ଏବେ ହିଁ କରିଦିଆଯାଉ । ଏଭଳି ଏକ ଦର୍ଶନରେ ସମସ୍ତେ ବିଶ୍ୱାସୀ । ପରଜନ୍ମ ବା କର୍ମଫଳ ବୋଲି କିଛି ନାହିଁ, ଯାହା ଭୋଗ କରିବାକୁ ଚାହୁଁଛ ଏ ଜନ୍ମରେ ହିଁ ସାରିପକାଅ । ଏହା ହିଁ ପୂରା ଇଉରୋପରେ ସାର୍ବଜନୀନ ମୂଳ ବିଶ୍ୱାସ । ଆନନ୍ଦ ଅନ୍ୱେଷଣର ଏକ ପ୍ରହେଳିକା ହେଲା ଭୋଗସର୍ବସ୍ୱ ଜୀବନ । ଆଧୁନିକ ମଣିଷ ଏମିତି ଏକ ଜୀବନକୁ ସଫଳ ଜୀବନ ବୋଲି ଭାବି କେତେ କାଳ କୁହୁଡିରେ ପହଁରି ଚାଲିଥିବ ?

ରାତି ବଢି ଚାଲିଥିଲା । ଫୋର୍ଟ କୋଚିର ନିଅନ୍ ବତୀ ସବୁ ଏକଆଖିଆ ରହସ୍ୟମୟ ଜାଦୁକର ପରି ରାତ୍ରି ଆକାଶରେ ଲଟକି ରହିଥିଲେ । ଦିନମାନର ବିଶ୍ରାମହୀନ କ୍ରମାଗତ ଚାଲବୁଲ ପରେ ଏବେ ଶରୀର ଏକରକମ ଅସମର୍ଥ । ସମସ୍ତେ ଦାବି କଲେ ତୁରନ୍ତ କଫି ପିଆଯାଉ ।

ISSN NO.
2582-208X

ରାସ୍ତାସାରା ଗଦା ଗଦା ଖାଇବା ହୋଟେଲ୍ । ଖାଦ୍ୟମାନଙ୍କର ସମ୍ଭାବ୍ୟ ସ୍ୱାଦଠାରୁ ହୋଟେଲ୍ ମାନଙ୍କର ନାମ ସବୁ ଅଧିକ ସ୍ୱାଦିଷ୍ଟ ଥିଲା । ଯେମିତିକି – ତାଜ୍ ମାଲବାର୍, ୱାଟର ଫ୍ରାଣ୍ଟ କେଫ୍, ପେଣ୍ଡାଲ ତ୍ୟାଦି । ସାନ୍ତାକ୍ରୁଜ୍ ବାସିଲିକା ଗୀର୍ଜାଘର ପାଖରେ ବିଚ୍-ଚାରିଏଟ୍ ରେଷ୍ଟୁରାଣ୍ଟ । ଅନେକ ବର୍ଷା ଓ ଚଲାପଥର ସନ୍ତାସରୁ ରକ୍ଷା ପାଇବା ପାଇଁ କଫି ତ ନିହାତି ଜରୁରୀ । ତେବେ ସେଇଠି କଫି ପିଇବାର ଅନ୍ୟ ଏକ କାରଣ ହେଲା, ସେଇଠି ବସି ଭାସ୍କୋଡାଗାମାଙ୍କ ଘରଟିକୁ ଦେଖିହେବ ।

ରେଷ୍ଟୁରାଣ୍ଟ୍ ପାଖରେ ତାଳପତ୍ର ଘେର ପୁରୁଣା ଟାଇଲ୍ ଘରଟିଏ । ଆଜକୁ ପାଞ୍ଚ ଶହ ବର୍ଷ ତଳେ ସେଇଠି ରହୁଥିଲେ ଜଣେ ବିଶିଷ୍ଟ ନାବିକ ଭାସ୍କୋଡାଗାମା । ସେ ଯାହା କରିଥିଲେ, ପୃଥିବୀର ସର୍ବଶ୍ରେଷ୍ଠ ଆବିଷ୍କାରମାନଙ୍କ ଭିତରେ ତାହା ଗଣାଯାଏ । OS Lusiadas ହେଉଛି ସେଇ ଐତିହାସିକ ଦୁଃସାହସିକ ଅଭିଯାନର ଛନ୍ଦରୂପୀ ମହାକାବ୍ୟ, ଯାହାକି ପର୍ତ୍ତୁଗାଲରେ ଜାତୀୟ ସାହିତ୍ୟ ରୂପେ ସ୍ୱୀକୃତ ।

ଭାସ୍କୋଡାଗାମା ତିନିଥର ପର୍ତ୍ତୁଗାଲରୁ ଭାରତ ଆସିଥିଲେ । ତୃତୀୟଥର ଦଶଗୋଟିଏ ବଡ ବଡ ପୋତରେ ସାମାନ ଭର୍ତ୍ତି କରି ଆସୁଥିବାବେଳେ ଉତ୍ତମାଶା ଅନ୍ତରୀପ ପାଖରେ ଭୟଙ୍କର ଝଡତୋଫାନରେ ପ୍ରାୟ ସବୁକିଛି ବୁଡିଗଲା । ଜୀବନ ବଞ୍ଚାଇ ସେ କୋଚିନ୍ ପହଞ୍ଚି ଯାଇଥିଲେ । କିନ୍ତୁ ତାର ତିନିମାସ ପରେ, ମ୍ୟାଲେରିଆରେ ଆକ୍ରାନ୍ତ ହୋଇ ମୃତ୍ୟୁବରଣ କରିଥିଲେ । ତାଙ୍କର ସାତ ପୁଅଙ୍କ ପରବର୍ତ୍ତୀ ବଂଶଧରଙ୍କ ବିଷୟ କ୍ରମେ ଅଜ୍ଞାତ ହୋଇଗଲା । କିନ୍ତୁ ଏକମାତ୍ର କନ୍ୟା ଡୋରା ଇସାବେଲାଙ୍କ ବଂଶବୃକ୍ଷ ଏବେ ବି ସ୍ପଷ୍ଟ । କିଛି ମାସ ତଳେ ସେଇ ବଂଶର ଜଣେ ଯୁବକ ଏଇ ଘରେ ରହୁଥିଲେ । ଭାସ୍କୋଡାଗାମାଙ୍କ ଘରେ ତାଙ୍କୁ ରହିବାକୁ ଦିଆଯାଉ ବୋଲି ପର୍ତ୍ତୁଗାଲ ସରକାରଙ୍କଠାରୁ ନିବେଦନ ପତ୍ରଟିଏ ସାଥିରେ ଆଣିଥିଲେ । କେରଳ ସରକାର ରହିବାର ବ୍ୟବସ୍ଥା ବି କରିଦେଲେ ।

ISSN NO.
2582-208X

କିନ୍ତୁ ପ୍ରତି ରାତ୍ରିରେ ସେ ଭଦ୍ରଲୋକ ସ୍ୱପ୍ନ ଦେଖନ୍ତି, ସେ ଯାଉଥିବା ବିମାନଟି ଅଧାରାସ୍ତାରେ ବିସ୍ଫୋଟନ ଘଟି ସମୁଦ୍ରରେ ପଡିଯାଉଛି ଏବଂ ସେ ଯାଇ ପଡି ଯାଉଛନ୍ତି କୌଣସି ପୋତର ମାସ୍ତୁଲ ସହ ବନ୍ଧା ଥିବା ଏକ ଜାଲ ଉପରେ । ତାହା ପୁଣି କୌଣସି ପ୍ରକାର ଶାରୀରିକ ଆଘାତ ବ୍ୟତିରେକ । ବାରବାର ଏ ସ୍ୱପ୍ନ ଦେଖିବା ପରେ ସ୍ଥାନୀୟ ସ୍ୱପ୍ନ-ନିଦ୍ରା ବିଶାରଦଙ୍କୁ ଏହାର ଅର୍ଥ ପଚାରିଲେ । ବିଶାରଦ କହିଲେ-ହେଇପାରେ ସୂକ୍ଷ୍ମଜଗତରୁ ଭାସ୍କୋଡାଗାମାଙ୍କ ନିର୍ଦ୍ଦେଶ ଆସୁଛି-ସବୁବେଳେ ବାୟୁପଥ କାହିଁକି, କେବେକେବେ ଜଳପଥର ମଜା ନିଆଯାଉ ।

ଭଦ୍ରବ୍ୟକ୍ତି, ଅର୍ଥାତ୍ ଭାସ୍କୋଡାଗାମାଙ୍କ ନାତିଙ୍କ ନାତିଙ୍କ ନାତି.... ନାତି କଣ କଲେ ଜଣାନାହିଁ । କିନ୍ତୁ କଫି ପିଉ ପିଉ ମୋ ଭିତରେ ଇଚ୍ଛାଟିଏ ଅବଶ୍ୟ ଉଙ୍କି ମାରୁଥିଲା- କୋଚିନ୍ ରୁ ପର୍ତ୍ତୁଗାଲ ଥରେ କେବେ ସେଇ ଐତିହାସିକ ଜଳପଥରେ ଯାଇପାରନ୍ତି କି?

କ୍ରମଶଃ......

ଭାରତୀୟ ଜୀବନ ବୀମା ନିଗମ,
କୋରାପୁଟ, ଓଡିଶା

ISSN NO.
2582-208X

# ଜୀବନ - ମୃତ୍ୟୁ



ଜନ୍ମଜୟ ନାୟକ

କେହିବି ରହେ ନାହିଁ ଅମର ହୋଇ,
ଜୀବନ ପାଣି ଫୋଟୋକାଟେ ଅଟଇ ।
କେତେ ଦିନ ପାଇଁ ଏ ଧନ ଗରବ,
ମୃତ୍ୟୁ ଦିନେ ନା ଦିନେ ନିଶ୍ଚେ ଆସିବ ।୧।

ମିଛ ମୋହମାୟାର ମିଛ ସଂସାର,
ସ୍ୱାର୍ଥ ପୂରଣ ପରେ କରିବେ ପର ।
ସୁଖ ପଛରେ ତୁମେ ଯେତେ ଧାଇଁବ,
କାଳ ଯମ ସହିତ ଶୀଘ୍ର ଭେଟିବ ।୨।

ଆଜି ଯିଏ ନିଜର କାଲି ଅଜଣା,
ବଦଳେ ଜୀବନ ରାସ୍ତାର ଠିକଣା ।
ଅତି ଲୋଭେ ବହୁତ କ୍ଷତି ସହିବ,
ଶେଷରେ ମୃତ୍ୟୁ ପାଖକୁ ଡାକିବ ।୩।

ISSN NO.
2582-208X

ଲୋଭ ଓ ସ୍ୱାର୍ଥ ଜାଲରେ ପଡିଯାଇ,
ବିଚରା ପ୍ରାଣୀଟି ବହୁ କଷ୍ଟ ପାଇ ।
କାଳର କରାଳ ଗର୍ଭେ ପଡ଼ିଥାଇ ,
ନିଃଶ୍ୱାସ ବି ତାହାକୁ ଧୋକା ଦିଅଇ।୪।

ଯେତେ ଦିନ ବଞ୍ଚିଛ ଧରମ କର,
ମାନବ ଜୀବନକୁ ସାର୍ଥକ କର ।
ପାଇବାର ଲାଳସା ହଟାଇ ଦିଅ,
ସତ୍ କରମ କରି ସୁଫଳ ପାଅ ।୫।

ଗୋପୀନାଥଜୀଉ ସରକାରୀ ଉଚ୍ଚବିଦ୍ୟାଳୟ
ଜଗତସିଂହପୁର
ଫୋନ-୯୩୩୭୮୦୦୫୬୫

ISSN NO.
2582-208X

# ଆସିବି ଆସିବି କହୁଥିଲ



ଚତରଞ୍ଜନ ବେହେରା

ଆସିବି ଆସିବି କହୁଥିଲ ହେଲେ
ଏ ଯାଏଁ ଆସିଲ ନାହିଁ......
କହୁଥିବା ସ୍ଥାନେ ଏକୁଟିଆ ବସି
ଅପେକ୍ଷା କରୁଛି ମୁହିଁ......!!

କହିଥିଲ ତମେ ଆସିଲେ ମୋ ପାଖେ
ବସି ମିଠା କଥା କହିବ......
ଚୁପି ଚୁପି ଆସି ମୋ କାନରେ
ମିଠା ପ୍ରେମ ଗୀତ ଗାଇବ....!!
ତମକୁ ରହିଛି ଚାହିଁ.......
ଆସିବି ଆସିବି କହୁଥିଲ ହେଲେ
ଏ ଯାଏଁ ଆସିଲ ନାହିଁ......!!!!!!!!

କହିଥିଲି ମୁଁ ଗୋଲାପ ରାଣୀ କୁ
ଫୁଲର ଶେଯ ଆଣିବା ପାଇଁ....
ଝରଣା ରାଣୀ ବି କଥା ଦେଇଥିଲା
ପ୍ରେମର ସଙ୍ଗୀତ ଗାଇବା ପାଇଁ.....!!
ହେଲେ ତମର ତ ଦେଖା ନାହିଁ......
ଆସିବି ଆସିବି କହୁଥିଲ ହେଲେ
ଏ ଯାଏଁ ଆସିଲ ନାହିଁ......!!!!!!!!

ବୌଦ୍ଧ
ମୋ - 9438710387

ISSN NO.
2582-208X

# ନାରୀ ନୁହେଁ ସୁରକ୍ଷିତ

ଅର୍ପିତା ମହାପାତ୍ର

ସ୍ୱାଧୀନତା ବିତିଗଲା ଏତେ ବର୍ଷ
ନାରୀ ସୁରକ୍ଷିତ ନୁହଁ ।
ସ୍ୱାଧୀନ ଦେଶର ସନ୍ତାନ ମୁଁ ବୋଲି
କି ଗର୍ବ କରିବି କୁହ ?
ପୁରୁଷ ହସ୍ତରେ ନାରୀ ଭୋଗ୍ୟବସ୍ତୁ
ସାଜିଛି ସମାଜେ ଆଜି ।
କେବେ ସେ ଉଡିବ ରଙ୍ଗୀନ ଆକାଶେ
ମୁକ୍ତ ବିହଙ୍ଗମ ସାଜି ॥
କେବେ ଭ୍ରୁଣହତ୍ୟା କେବେ ବଳାତ୍କାର
ସହେ କେତେ ଅତ୍ୟାଚାର ।
ଜୀବନଟା ତାର ସଂଘର୍ଷରେ ବିତେ
ପାଇବାକୁ ଅଧିକାର ॥
କ୍ରିଡନକ ପରି ଖେଳନା ବଜାରେ
ପଚାରେ ନିଜ ଅସ୍ତିତ୍ୱ ।
କେବେ ସେ ଫେରିବ ରାମରାଜ୍ୟ ପୁଣି
ଶୋଷଣର ହେବ ଅନ୍ତ ॥
ପ୍ରତିକ୍ଷଣେ ହୁଏ ନାରୀ ବଳାତ୍କାର

ISSN NO.
2582-208X

ସମାଜ କରେ ଭର୍ତ୍ସନା ।
ଦେହ ଲୋଭୀ ନର ରାକ୍ଷସ ପାଇଁକି
ନାରୀ ପାଏ ନିର୍ଯ୍ୟାତନା ॥
କରୁଣ ଚିତ୍କାର ଶୁଭେନି କାହାକୁ
ଲିଭେ ଜୀବନର ଦୀପ ।
ଲାଗୁଛି ଏମିତି ସତେକି ଯେମିତି
ଝିଅ ଜନ୍ମ ନେବା ପାପ ।
ସାରା ସମାଜଟା କଳୁଷିତ ଏଠି
ବଢି ଚାଲିଛି ଅନ୍ୟାୟ ।
କେତେ ଯେ ପୀଡିତା ହାରନ୍ତି ଜୀବନ
କିଏ ଦେବ ତାଙ୍କୁ ନ୍ୟାୟ ? ॥

ଶ୍ରୀରାମପୁର, ରାମଗଡ, ବୌଦ୍ଧ

ISSN NO.
2582-208X

# ଅନ୍ଧାର କାହିଁକି ଗୁରୁତ୍ୱପୂର୍ଣ୍ଣ ?



ଅସିତ ମହାନ୍ତ

ବିଦ୍ୟୁତ୍ ବଲ୍ବ ଉଦ୍ଭାବନ ହେବା ଦିନଠାରୁ, ଦୁନିଆରେ ଆଲୋକ କ୍ରମାଗତ ଭାବରେ ବୃଦ୍ଧି ପାଇବାରେ ଲାଗିଛି । କିନ୍ତୁ ବର୍ତ୍ତମାନ ରାତିରେ କୃତ୍ରିମ ଆଲୋକ ଯୋଗୁଁ ସମସ୍ୟା ଦେଖାଦେଇଛି । ଏହାକେବଳ ଆମ ସ୍ୱାସ୍ଥ୍ୟ ଉପରେ ନୁହେଁ ପରିବେଶ ଉପରେ ମଧ୍ୟ ବହୁତ ଖରାପ ପ୍ରଭାବ ପକାଉଛି । ବୈଜ୍ଞାନିକମାନେ ବର୍ତ୍ତମାନ କୃତ୍ରିମ ଆଲୋକର ଅତ୍ୟଧିକ ବ୍ୟବହାରକୁ ପ୍ରକାଶ ପ୍ରଦୂଷଣ ଏବଂ ଏହାର ଖରାପ ପ୍ରଭାବ ବିଷୟରେ ଚେତାବନୀ ଦେଉଛନ୍ତି। ଯଦି ହଠାତ୍ ଲାଇଟ୍ ବନ୍ଦ ହୁଏ, ଆମେ ଭୟଭୀତ ହୋଇଯିବା । ବାସ୍ତବରେ, ଆମ ମନରେ ଅନ୍ଧକାର ବିଷୟରେ ଅନେକ ପ୍ରକାରରଭୟ ଥାଏ । ସାଧାରଣତଃ ଅନ୍ଧକାର ସର୍ବଦା ଅଜ୍ଞତା ସହିତ ଜଡିତ, କିନ୍ତୁ ବର୍ତ୍ତମାନ ଅନ୍ଧକାର ଲୋପ ପାଇବାରେ ଲାଗିଛି ଏବଂ ଦୁନିଆରେ ବିରଳ ହୋଇଯାଉଛି । କିନ୍ତୁ ପ୍ରଶ୍ନ ହେଉଛି ଆମ ପୃଥିବୀପାଇଁ ଅନ୍ଧକାର ଆବଶ୍ୟକ ଏବଂ ଅତ୍ୟଧିକ ଆଲୋକ ବିପଜ୍ଜନକ ହୋଇପାରେ କି? ଊନବିଂଶ ଶତାବ୍ଦୀରେ ଏହା ଏକ ବିପ୍ଳବ ଥିଲା । ରାତି ହଠାତ୍ ଦିନରେ ପରିଣତ ହେଲା । ବୈଦ୍ୟୁତିକ ଆଲୋକ ହେତୁ ଆମେ ଦିନ କିମ୍ବା ରାତି ବିଷୟରେ ଚିନ୍ତା ନକରି ଯାତ୍ରା କରିପାରିବା ଏବଂ ଅନ୍ୟାନ୍ୟ କାର୍ଯ୍ୟ ମଧ୍ୟ ।ଏପରିକି ବଲ୍ବ ନିର୍ମାତାମାନେ ଭାବି ନଥିବେ ଯେ ସେମାନଙ୍କର ଉଦ୍ଭାବନ ଏତେ ପରିମାଣରେ ସାରା ବିଶ୍ୱରେ ବ୍ୟାପିଯିବ । ବର୍ତ୍ତମାନ ଅନେକ ସ୍ଥାନରେ ବିଦ୍ୟୁତ୍ ଆଲୋକ ଯୋଗୁଁ ପ୍ରାକୃତିକ ଅନ୍ଧକାର ମଧ୍ୟ ଲୋପ ପାଇଛି । ଆଜି, ବିଶ୍ୱର ୮୦% ରୁ ଅଧିକ ଲୋକ ଅନ୍ଧକାର ଆକାଶ ଦେଖି ପାରୁ ନାହାନ୍ତି । ଯେପରି

ISSN NO.
2582-208X

ସିଙ୍ଗାପୁରରେ ଏତେ ଆଲୋକ ଅଛି ଯେ ଲୋକମାନେ ଅନ୍ଧକାର ଦେଖିବାକୁ ଭୁଲି ଯାଇଛନ୍ତି । କିନ୍ତୁ ବର୍ତ୍ତମାନ ରାତିରେ କୃତ୍ରିମ ଆଲୋକର ବିପଦ ବିଷୟରେ ବୈଜ୍ଞାନିକମାନେ ଚେତାବନୀ ଦେଉଛନ୍ତି । ସେମାନେ ବର୍ତ୍ତମାନ ରାତିରେ କୃତ୍ରିମ ଆଲୋକକୁ ଏକ ପ୍ରକାର ପ୍ରଦୂଷଣ ବୋଲି କହୁଛନ୍ତି । ଗତ ଶତାବ୍ଦୀରେ ଶିଳ୍ପାୟନ ହେତୁ କୃତ୍ରିମ ଆଲୋକର ବ୍ୟବହାର ବିଶେଷ ଭାବରେ ଏସୀୟ ଦେଶମାନଙ୍କରେ ବହୁଗୁଣିତ ହୋଇଛି । ଯଦି ଆମେ ଭାରତ ବିଷୟରେ କହିବା, ୨୦୧୨ ରୁ ୨୦୧୬ ମଧ୍ୟରେ କେତେ କୃତ୍ରିମ ଆଲୋକ ସ୍ଥାପନ କରାଯାଇଛି, ଯାହାର ଚିତ୍ର ଉପଗ୍ରହରୁ ନିଆଯାଇଥିବା ଫଟୋରୁ ଦେଖିବାକୁ ମିଳେ । ଆବଶ୍ୟକତାଠାରୁ ଅଧିକ ପ୍ରକାଶ ପ୍ରଦୂଷଣ ସୃଷ୍ଟି କରିଥାଏ, ଯାହାକୁ ଇଂରାଜୀରେ ଲାଇଟ ପାଲ୍ୟୁସନ କୁହାଯାଏ । ଏହା ଆମ ତଥା ଆମ ପରିବେଶ ଉପରେ ବହୁତ ପ୍ରଭାବ ପକାଇଥାଏ । ଏହାର ପ୍ରଭାବ କଣ ଜାଣିବା ପୂର୍ବରୁ, ଏକ କାହାଣୀ ଶୁଣିବା ।

ପ୍ରକୃତରେ ଘଟଣାଟି ୧୯୯୪ ର, ଜାନୁଆରୀ ୧୭ ରେ ଆମେରିକାର ଲସ୍ ଆଞ୍ଜେଲସ୍ ସହରରେ ଏକ ଭୂକମ୍ପ ଘଟିଥିଲା, ସେହି ଲସ୍ ଆଞ୍ଜେଲସ୍ ଯେଉଁଠାରେ ହଲିଉଡ୍ ଚାଲିଥାଏ ଏବଂ ଏହାର କେସିନୋ ଏବଂ ଗ୍ଲାମର ପାଇଁ ବିଶ୍ୱରେ ପ୍ରସିଦ୍ଧ । ଭୂମିକମ୍ପ ୬.୭ ତୀବ୍ରତାରେ ଥିଲା, ସେଠାରେ ବିଶୃଙ୍ଖଳା ହୋଇଥିଲା । ଲୋକମାନେ ଅସନ୍ତୋଷ ପ୍ରକାଶ କରିଥିଲେ। ଭୂକମ୍ପକୁ ନେଇ ଲୋକମାନେ ପୂର୍ବରୁ ଡରି ଯାଇଥିଲେ, କିନ୍ତୁ ଆକାଶକୁ ଦେଖିବା ପରେ ସେମାନେ ଅଧିକ ଭୟଭୀତ ଅନୁଭବ କରିଥିଲେ ଆକାଶରେ କିଛି ଉଜ୍ଜ୍ୱଳ । ବାସ୍ତବରେ ଏହି ଲୋକମାନେ ଆକାଶରେ ପରିପୂର୍ଣ୍ଣ ତାରା ଦେଖିବା ପରେ ଭୟଭୀତ ହୋଇଥିଲେ । ବାସ୍ତବରେ, ବିଦ୍ୟୁତ୍ ବିଫଳତା ହେତୁ, ଏତେ ଅନ୍ଧକାର ଥିଲା ଯେ ସେମାନେ ମିଲ୍କି ୱେକୁ ଅତି ସ୍ପଷ୍ଟ ଭାବରେ ଦେଖିପାରିଥିଲେ । ଅନେକ ଲୋକ ଏହି ଦୃଶ୍ୟକୁ ପ୍ରଥମ ଥର ଦେଖିଲେ । ତେଣୁ ଆମକୁ ବୁଝି ବାକୁ ପଡିବ ଯେ ଅନ୍ଧକାର କେତେ ମହତ୍ୱପୂର୍ଣ୍ଣ । ବୈଜ୍ଞାନିକ ଅଧ୍ୟୟନରୁ ଜଣାପଡିଛି ଯେ କୃତ୍ରିମ ଆଲୋକ କେବଳ ଆଖିରେ ସମସ୍ୟା ସୃଷ୍ଟି କରେ ନାହିଁ ବରଂ ଏହା ନିଦ୍ରାହୀନତା, ମୋଟାପା ଏବଂ ବେଳେବେଳେ

ISSN NO.
2582-208X

ଉଦାସୀନତା ଭଳି ସମସ୍ୟା ମଧ୍ୟ ସୃଷ୍ଟି କରେ । ରାତ୍ରି ଶିଫ୍ଟରେ କାର୍ଯ୍ୟ କରୁଥିବା ମହିଳାମାନଙ୍କରେ କୃତ୍ରିମ ଆଲୋକର ସଂସ୍ପର୍ଶରେ ଆସିବା ସ୍ତନ କ୍ୟାନ୍ସର ବିପଦକୁ ବଢ଼ିଥାଏ । କୃତ୍ରିମ ଆଲୋକ ଆମ ଶରୀରର ଗତି ଉପରେ ପ୍ରଭାବ ପକାଇଥାଏ, ଏହା ରକ୍ତଚାପ ଏବଂ ହଜମ ପ୍ରକ୍ରିୟା ସହିତ ଜଡିତ ସମସ୍ୟା ସୃଷ୍ଟି କରିପାରେ । ରାତିରେ ଅନ୍ଧକାର ପରିବର୍ତ୍ତେ ଆଲୋକ ଥିବାବେଳେ କୋରାଲ, ପକ୍ଷୀ ଏବଂ ଅନେକ ଜୀବମାନେ ସମସ୍ୟାର ସମ୍ମୁଖୀନ ହୁଅନ୍ତି । ଅଣ୍ଡାରୁ ବାହାରୁଥିବା ଶିଶୁ କଇଁଛମାନଙ୍କୁ ସମୁଦ୍ରକୁ ଯିବାକୁ ପଡେ । କୃତ୍ରିମ ଆଲୋକ ହେତୁ ସେମାନେ ରାସ୍ତା ହରାଇ ପାରନ୍ତି ଏବଂ ମରିପାରନ୍ତି । ରାତିରେ କୃତ୍ରିମ ଆଲୋକ ଯୋଗୁଁ କୀଟମାନଙ୍କ ସଂଖ୍ୟାରେ ବହୁତ ହ୍ରାସ ଘଟିଛି । ଏକ ଅଧ୍ୟୟନରୁ ଜଣାପଡିଛି ଯେ ଜର୍ମାନୀରେ ଗ୍ରୀଷ୍ମ ଋତୁରେ ୧୦୦ ବିଲିୟନ କୀଟ ମରିଯାଆନ୍ତି। କୀଟ ପତଙ୍ଗ ଯଦି ନରହନ୍ତି ତେବେ ପରାଗଣ ଅସମ୍ଭବ । ପରାଗଣ ନହେଲେ ଶଷ୍ୟ ଉତ୍ପାଦନ ବାଧା ପ୍ରାପ୍ତ ହେବ ଯାହା ଉପରେ ବିଶ୍ୱର ଖାଦ୍ୟ ଉତ୍ପାଦନର ଏକ ତୃତୀୟାଂଶ ନିର୍ଭର କରେ । କୃତ୍ରିମ ଆଲୋକ ଗଛ ଉପରେ ମଧ୍ୟ ଅନେକ ପ୍ରତିକୂଳ ପ୍ରଭାବ ପକାଇଥାଏ । ମୁମ୍ବାଇରେ ରହୁଥିବା ନୀଲେଶ ଦେଶାଇ ପ୍ରକାଶ ପ୍ରଦୂଷଣ ବିରୋଧରେ ଏକ ଅନ୍ୟତମ ସ୍ୱର ମଧ୍ୟରୁ ଜଣେ ଥିଲେ । ସେ ତାଙ୍କ ପରିବାର ସହିତ ସପ୍ତମ ମହଲାରେ ରୁହନ୍ତି, କିନ୍ତୁ ତାଙ୍କ ଘର ନିକଟରେ ଏକ ଷ୍ଟାଡିୟମ ଅଛି ଯାହାର ଶକ୍ତିଶାଳୀ ଲାଇଟ ରାତି ୧୨ ଟା ପର୍ଯ୍ୟନ୍ତ ରହି ସକାଳ ୩ ଟାରେ ପୁଣି ଜାଳିବା ଆରମ୍ଭ କରୁଥିଲା । ତାଙ୍କ ପାଇଁ ଶୋଇବା କଷ୍ଟକର ହୋଇପଡିଥିଲା। ପର୍ଦା କିମ୍ବା ଶୋଇବା ମାସ୍କ କାମ କଲା ନାହିଁ । ସେମାନେ ଅଭିଯୋଗ କରିଥିଲେ ମଧ୍ୟ କିଛି ଘଟି ନଥିଲା। ତା'ପରେ ସେମାନଙ୍କୁ ଏକ ଦୀର୍ଘ ଯୁଦ୍ଧ କରିବାକୁ ପଡିଲା, ଯାହା ପରେ ଷ୍ଟାଡିୟମକୁ ନିର୍ଦ୍ଦେଶ ଦିଆଗଲା ଯେ ରାତିରେ ଷ୍ଟାଡିଅମର ଲାଇଟ ବନ୍ଦ ରଖାଯାଉ । ବର୍ତ୍ତମାନ ଆଲୋକ ପ୍ରଦୂଷଣ ବିଷୟରେ ସଚେତନତା ସୃଷ୍ଟି କରୁଛନ୍ତି । କିନ୍ତୁ ପ୍ରକାଶ ପ୍ରଦୂଷଣ ବିଷୟରେ ଆପଣ ଏବଂ ମୁଁ କଣ କରିପାରିବି? ଆବଶ୍ୟକ ସମୟରେ ଲାଇଟ୍ ଚାଲୁ କରନ୍ତୁ ଏବଂ କାମ ସରିବା ପରେ ସେଗୁଡ଼ିକୁ ବନ୍ଦ କରନ୍ତୁ । ଏକ ପ୍ରଦୀପ ଛାଇ (lamp shed) ବ୍ୟବହାର

ISSN NO.
2582-208X

କରନ୍ତୁ ଯାହା ଦ୍ୱାରା ଆଲୋକ ବାହାରକୁ ନଯାଉ । ଏକ ହାଲୁକା ଆଲୋକକୁ ଆଲୋକିତ କରନ୍ତୁ, କମ୍ ଆଲୋକ ହେବ ସତେ ଭଲ ହେବ । ହାଲୁକା ଆଲୋକରେ ଅଭ୍ୟସ୍ତ ହୁଅନ୍ତୁ । ସମଗ୍ର ଦେଶ ଏହି ଜିନିଷଗୁଡ଼ିକୁ କାର୍ଯ୍ୟକାରୀ କରିପାରିବ । ଯେମିତି ଫ୍ରାନ୍ସରେ ସମସ୍ତ ବିମ୍ ବ୍ୟାନ କରାଯାଇଛି । ପରିବେଶଗତ ସମ୍ବେଦନଶୀଳ ଅଞ୍ଚଳରେ ବିଶେଷ ଯତ୍ନ ନିଆଯାଉଛି ଯେଉଁଥିରେ ଅଧିକ ଆଲୋକ ରହିବା ଉଚିତ୍ ନୁହେଁ । ଅନେକ ସ୍ଥାନରେ, ସମୟ ସ୍ଥିର କରାଯାଇଛି ଯେତେବେଳେ ସର୍ବସାଧାରଣ ସ୍ଥାନରେ ଲାଇଟ୍ କୁ କାମ କରିଦିଆ ଯାଏ କିମ୍ବା ସଂପୂର୍ଣ୍ଣ ବନ୍ଦ କରିଦିଆଯାଏ । ଆମକୁ ଅନ୍ଧକାରର ମହତ୍ୱ ବୁଝିବାକୁ ପଡିବ । ଏହାର ଅର୍ଥ ନୁହେଁ ଯେ ଆମେ ଅନ୍ଧାରରେ ରହିବା । ଏହା ସତ୍ୟ ଯେ ଅନ୍ଧକାରରେ ଦେଖିବା ପାଇଁ ଆଲୋକ ଆବଶ୍ୟକ, କିନ୍ତୁ ଆଲୋକକୁ ଯେତିକି ଆବଶ୍ୟକ, ସେତିକି ବ୍ୟବହାର କରିବା ଉଚିତ । ଆପଣଙ୍କୁ ଏହା ନିଜେ ବୁଝିବାକୁ ପଡିବ ଏବଂ ଏହାକୁ ଅନ୍ୟମାନଙ୍କୁ ମଧ୍ୟ ବୁଝାଇବାକୁ ପଡିବ । କୌଣସି ପ୍ରଦୂଷଣ ଭଲ ନୁହେଁ, ବାୟୁ ପ୍ରଦୂଷଣ, ଜଳ ପ୍ରଦୂଷଣ, ଶବ୍ଦ ପ୍ରଦୂଷଣ କିମ୍ବା ଆଲୋକ ପ୍ରଦୂଷଣ । ବାସ୍ତବରେ ଆମର ଶରୀର ଏକ ନିୟମ ଦ୍ୱାରା ପରିଚାଳିତ । ଏହା କୌଣସି ଜିନିଷ ଅଧିକ ସହ୍ୟ କରିପାରେ ନାହିଁ । ତେଣୁ ଶରୀରକୁ ସନ୍ତୁଳିତ ରଖିବାକୁ ହେଲେ ଏସବୁ ବିଷୟରେ ଧ୍ୟାନ ଦେବାକୁ ପଡିବ, ତାନହେଲେ ଏହାର ଦୁସପ୍ରଭାବ ବିପଦ ଜନକ ହୋଇପାରେ ।

ଆବାହକ, ଓଡ଼ିଆ ଭାଷା ସୁରକ୍ଷା ଅଭିଯାନ,
ସୁଜନପୁର, ଯାଜପୁର/୯୩୪୮୭୬୮୮୧୨

ISSN NO.
2582-208X

# ଭୁଲି ଗଲା ପରେ ଭଲରେ ଅଛି



ପ୍ରଶାନ୍ତ କୁମାର ନାଥ

ଭୁଲି ଗଲା ପରେ ଭଲରେ ଅଛି ମୁଁ
କେମିତି କହିବି ସତେ
ହୃଦୟ ଯନ୍ତ୍ରଣା ବଢି ଯାଇଅଛି
ଦୁଃଖ ସହୁଛି ମୁଁ କେତେ ।

ନିଜେ ମୁଁ ଜାଣେନା ନିଜର ଠିକଣା
ତୋତେ ଭୁଲି ଗଲା ପରେ
ନିଜ ପାଖେ ନିଜେ ଭଲ ମୁଁ ହେଉଛି
ହୃଦୟ ଯନ୍ତ୍ରଣା ଡରେ ।

ଦୁନିଆଁ ଆଗରେ ଭୁଲି ଯାଇଛି ମୁଁ
ତୋଠାରୁ ଦୂରେଇ ଯାଇ
ମନ କି ଚାହୁଁଛି ତୋତେ ଭୁଲିବାକୁ
ହୃଦୟ ଚୋରାଇ ନେଇ ।

ଉପରେ ହସୁଛି ଭିତରେ କାନ୍ଦୁଛି
ଅଭିନୟ କରି ଖାଲି
ଜୀବନ ଆମର ଶୂନ ଛକି ଖେଳ
ସମୟ ସାଜିଛି ପାଲି ।

ISSN NO.
2582-208X

ଭୁଲି ଗଲା ପରେ ଭଲରେ ଅଛି ମୁଁ
ହୃଦୟକୁ ବାଜି ଦେଇ
ଶୂନ୍ୟ ହୃଦୟରେ ବାଟ ମୁଁ ଚାଲୁଛି
ତୋ ସ୍ମୃତିକୁ ଆପଣାଇ।

ବିଧିର ବିଧାନ ଲେଖା ଥିଲା ବୋଧେ
ତୋତେ ଭୁଲି ଯିବା ପାଇଁ
ଆମ ଏ ଜୀବନ ଅଧୁରା ଏ ପ୍ରେମ
ସଂଜ୍ଞା ଗଲା କିବା ନଇଁ।

ଭସା ବାଦଲର ଠିକଣା ଯେପରି
ଚାଲୁଛି ଆଜି ସେପରି
କେବେ ହଜି ଯାଏ କେବେ ଭିଜିଯାଏ
ନିଜ ପାଖେ ନିଜେ ହାରି।

ଭୁଲି ଗଲା ପରେ ଭଲରେ ଅଛି ମୁଁ
ମନ ମୋ ଯାଇଛି ଶୋଇ
ଉଡୁ ନାହିଁ ଆଉ ନୀଳ ଆକାଶରେ
ପ୍ରେମ ପକ୍ଷୀଟିଏ ହୋଇ।।

(ଜୁଣଗଡି)
ରାଜନଗର କେନ୍ଦ୍ରାପଡ଼ା

ISSN NO.
2582-208X

# ଦେଓମାଳ

ହରିଶ୍ଚନ୍ଦ୍ର ବେହେରା

ଦେଖିବତ ଦେଖ
ସବୁବେଳେ ତ ଖୋଲା ରଖିଛି ଦରଜା କବାଟ
କେବେ ଛୁଇଁବନାହିଁ ମୋ ପରମାୟୁ
ସ୍ନେହପାଳିତ ପଶୁପକ୍ଷୀଙ୍କୁ କରିବ ନାହିଁ  ଶିକାର
ହୋହାଲ୍ଲା ଘୋଘୋରେ
ଭାଙ୍ଗିବନାହିଁ ମୋ ତପୋବନର ଶାନ୍ତି

ଯାଯାବରୀ ମେଘଙ୍କୁ ଥୟଦିଏ ଥକ୍କା
ମେଂଟେଇବା ପାଇଁ
କେବେ ଗର୍ଭିଣୀ ମେଘମତୀଙ୍କୁ ମନା କରେନାହିଁ
ମନଇଚ୍ଛା ବର୍ଷିଯିବାକୁ

ମୋତେ ବର୍ଷେ  ନା ଗାଧୋଇ  ଦିଏ
ମା'ଟିଏ ପରି

ଖୁବ୍ ହାତ ପାହାନ୍ତାରେ ଥାଏ ସ୍ୱର୍ଗ
ମୋକ୍ଷକି ନିର୍ବାଣ ମୋର କେଉଁ  ଲୋଡ଼ା
ସ୍ନେହସିକ୍ତ  ମାଟିର ମମତାକୁ ଛାଡ଼ି

ISSN NO.
2582-208X

ମୋ ନିଦରେ  ଖଚିତ ଥାଏ  ରାତି ପକ୍ଷୀର କାକଳି
ରାଣୀ ଡୁଡୁମାର ପାଉଁଜିର ରୁଣୁଝୁଣୁ
କୋଟିଆ କନ୍ଧର ଆଡ଼-ବଇଁଶୀ
ଚଇତି ରାତିର ଢେମସା ନାଚ

ଯିବତ ଯାଅ କୁନ୍ଦୁଲି ହାଟ
ଲୁଟିନେବ ନାହିଁ ତା'ର ସବୁଜ ଉଲ୍ଲାସ

ବଣ୍ଡା ଘରକୁ ଯିବତ
ଖାଇବାକୁ ଦେବ ମାଣ୍ଡିଆ କ୍ଷୀରି ଆଉ ସୁଆଁ ଲଡୁ
ଚାହିଁବ ଯଦି ପରଷିଦେବ ସଳପ ସୋମରସ
ହସିବନାହିଁ ଅନାଘ୍ରାତ  ଆଦିମତାକୁ ଦେଖି

କୋଟିଆକୁ ଯିବତ ଯାଅ
ତା' ଦୋସ ମାଳିପଥର ପାଖେ ଠିଆହୋଇ
କରିବନାହିଁ ରାଜନୀତି

ପଟ୍ଟାଙ୍ଗିର ପୁସ୍ପୁନି ଦେଖିବତ ଦେଖ
ତା' ଡୁଙ୍ଗଡୁଙ୍ଗାକୁ ଛୁଇଁବ ନାହିଁ

ବିକାଶ ନାଁରେ କେଉଁ କମ୍ପାନିକୁ  ଆଣିବନାହିଁସାଥିରେ
ଯିଏ କାଟି ଦେଇପାରେ ମୋ କଳିଜାକୁ ଫାଳଫାଳ କରି

ISSN NO.
2582-208X

ଉଜାଡ଼ି ଦେଇପାରେ ମୋର ଚନ୍ଦନ ଚର୍ଚ୍ଚିତ କଳେବର
ମୋ ପିଲାଙ୍କ  ନିରାପଦ ନୀଡ଼

ଫେରିବାବେଳେ ଟିକେ ସାଉଁଳି ଦେବ
କାକିରୀ ଗୁମା ନୁଖୁରାବାଳ
ବାରାକୁଟି ନର ଗଭାରେ ବାନ୍ଧିଦେବ
ମହକ ଭରା ବଣଦେଶର ଫୁଲଗଜରା।

ତମକୁ ସୂର୍ଯ୍ୟଚନ୍ଦ୍ରଙ୍କ କୋଟିକୋଟି ରାଣ
ମୋତେ ଏମିତି ଲଙ୍ଗଳାହୋଇ ରହିବାକୁ ଦିଅ
ଚିରକାଳ  ।।

କଲ୍ୟାଣ ନଗର, ବାଲେଶ୍ୱର-୧
ମୋ-୯୪୩୭୮୧୩୭୦୮

ISSN NO.
2582-208X

# ମୋ ପିଲାଦିନ



ଟିକେୱଜ ସାହୁ

ସାଙ୍ଗସାଥି ମେଳେ କେତେ ଯେ ଖେଳ
ଖେଳୁଥିଲି ମୁହିଁ ମୋ ପିଲାଦିନେ
କ୍ରିକେଟ୍ ସଙ୍ଗେ କବାଡି ଖେଳ
ନିତିଦିନ ମୋତେ ପଡୁଥାଏ ମନେ ॥

କାଚବାଟି ସଙ୍ଗେ ଚୋର ପୁଲିସ
ଲୁକାଚୁପି ଆଉ ଦୌଡ ଡିଆଁ ଖେଳ
ମନେପଡେ ଆଜି ମୋ ପିଲାଦିନ
ମେଳହୋଇ ଆମେ ହେଉଥିଲୁ ଗେଲ ॥

ଜେଜେବାପା ଆଉ ମାଆଙ୍କ ବାଣୀ
ଶୁଣୁଥିଲୁ ଗପ ବୁଢ଼ି ଅସୁରୁଣୀ
ରାଜାରାଣୀ ସଙ୍ଗେ ଭୂତବାୟାଣୀ
ବାଇଚଢ଼େଇର ପ୍ରେମ କାହାଣୀ ॥

ISSN NO.
2582-208X

ବାଡି ବଗିଚାର ଫଳ ବରକୋଲି
ଲୁଚି ଛପି କରି ନିତି ତୁଲଇ
ସାଇକେଲ ଚଲା ଅଭୁଲା ସ୍ମୃତି
ସରଗୁ ଖସିଲା ପରି ଲାଗଇ ॥

ନୀଳ ଆକାଶରେ ଉଡାଇ ଗୁଡ଼ି
ସାଙ୍ଗସାଥି ସବୁ ଏକାଠି ମିଶି
ମାଟିପିଣ୍ଡୁଲାରେ କେତେ ପ୍ରତିମୂରତି
ଗଢି ଭାଙ୍ଗୁଥିଲୁ ମନ ହରସି ॥

ନଥିଲା ଟିଭି ଆଉ ଯେ ଫୋନ୍
ଚାଟଶାଳୀ ପାଠ ଖେଳରେ ମନ
ନାହିଁ ରାଗରୋଷ ନାହିଁ ଅଭିମାନ
ଫେରିଆସନ୍ତା କି ମୋ ପିଲାଦିନ ॥

ଭୁଷଲଡ଼, ବଲାଙ୍ଗିର
୮୭୫୮୫୫୫୫୭୨

ISSN NO.
2582-208X

# ଅନୁଭବର ଠାକୁର ମୋ ମଣିମା



ଡ. ଅଭିମନ୍ୟୁ କାନୁନଗୋ

ପ୍ରତିଦିନ ମଙ୍ଗଳ ଆଳତୀ ସରିବା ପରେ କୋଠାରୀ ରାମଚନ୍ଦ୍ର ମେକାପ ମହାଶୟ ମୁକ୍ତି ମଣ୍ଡପ ତଳେ ତୁଳସୀ ଆଳତୀ ଭକ୍ତମାନଙ୍କୁ ବାଣ୍ଟି ଦେଉ ଦେଉ କେତେ ଯେ ମହାପ୍ରଭୁଙ୍କ ଲୀଳା କହିଯାନ୍ତି ତାର ସୀମା ନାହିଁ ।

ଦିନେ ସେ ଲେଖକଙ୍କୁ ତାଙ୍କ ପାଖେ ବସି ମହାପ୍ରଭୁଙ୍କ କଥା ଶୁଣୁଥାନ୍ତି । କୋଠାରୀ ମହାଶୟ ଜଣକ କହିଲେ "ସବୁ ଲୋକମାନେ ସେବାୟତ ଙ୍କୁ ଦୋଷ ଦିଅନ୍ତି, ନୀତି ବନ୍ଦ ହେଲେ, କଣ ଗୋଟେ ଅଘଟଣ ଘଟିଲେ ସବୁ ଦୋଷ ସେବକ ଙ୍କ ଉପରେ ଲଦି ଦିଆ ଯାଇଥାଏ। କିନ୍ତୁ ମହାପ୍ରଭୁ କଣ କରନ୍ତି ଜାଣ, ସବୁ ତାଙ୍କ ସେବକ ଉପରେ ପକେଇ ଦେଇ ନିଜେ ଭକ୍ତମାନଙ୍କ ମନବାଞ୍ଛା ପୂର୍ଣ୍ଣ କରନ୍ତି। ଏହା କହି ମହାଶୟ ନିଜ କଥା ଆରମ୍ଭ କରନ୍ତି। ମଙ୍ଗଳ ଆଳତୀ ପରେ ସବୁଦିନ ଜଣେ ବିଧବା ବ୍ରାହ୍ମଣୀ ମୋ ପାଖରେ ଆସି ବସନ୍ତି । ବହୁତ କଥା ମହାପ୍ରଭୁଙ୍କ ବିଷୟରେ ପଚାରନ୍ତି। ବେଳେ ବେଳେ ପଇଡ଼, ନଡ଼ିଆ ଆଣି ମହାପ୍ରଭୁଙ୍କୁ ଭୋଗ ଲଗାଇବାକୁ ଦିଅନ୍ତି। ଦିନକର କଥା, ଉକ୍ତ ବିଧବା ବ୍ରାହ୍ମଣୀ ଘରେ ଗୋଟିଏ ଗାଈ ନୂଆକରି ଜନ୍ମ କରିଥାଏ। ବୁଢ଼ୀ ଭାବିଲା ନୂଆ ଗାଈ କ୍ଷୀର ଟିକିଏ ପ୍ରଥମ କରି ଦହି ପକାଇ ମହାପ୍ରଭୁଙ୍କୁ ଅବକାଶରେ ଦେବ। ଠିକ୍ ୨୨ ଦିନ ପରେ ବୁଢ଼ୀ ନୂଆ ବଢ଼ା ଟିଏ କିଣିଲା । ଅତି ଯତ୍ନର ସହ କ୍ଷୀର ଦୁହିଁଲା । ଦହି ପ୍ରସ୍ତୁତ କଲା ।

ISSN NO.
2582-208X

ତା ପରଦିନ ସକାଳୁ ତର ବର ହୋଇ ଗାଧୁଆ ପାଧୁଆ ସାରି ଦହି ନେଇ ମହାପ୍ରଭୁଙ୍କୁ ଦେବ ବୋଲି ଦେଉଳକୁ ଆସିଲା । ସେ ବୁଢ଼ୀ ପ୍ରତିଦିନ ଏକ ମଟର ଗାଡ଼ି ରେ ସକାଳୁ ପୁରୀ ଆସିଥାଏ। ଦୁର୍ଭାଗ୍ୟ ଜନକ ସେହି ଦିନ ମଟର ଗାଡି ଚକା ଫାଟିଗଲା । ବୁଢ଼ୀ ଆସି ପୁରୀରେ ପହଁଚିଲା ବେଳେକୁ ଦିନ ବାରଟା ।ଦିନ ୧୨ଟା ରେ ବୁଢ଼ୀ ପହଁଚି କାନ୍ଦୁଣୁ ମାନ୍ଦୁଣୁ ହୋଇ ଦେଉଳରେ ବୁଲୁଥାଏ।ଭାବୁଥାଏ ଦିନ ୧୨ଟା ହେଲାଣି , ଆଉ ଅବକାଶ ଥିବ ଯେ ତାର ଦହି ମହାପ୍ରଭୁ ପାଇବେ ।

ଏହା ଭାବି ବୁଢ଼ୀ ଗାରଦ ଘର ଆଡ଼କୁ ଦହି ନେଇ ଯିବା ବେଳେ ହଠାତ ମତେ(କୋଠାରୀ) ଦେଖି ପକେଇ କହିଲେ, " ଠାରିଏ ଦହି ଟିକିଏ ମହାପ୍ରଭୁଙ୍କ ପାଇଁ ଆଣି ଥିଲି ଅବକାଶ ପାଇଁ, ଅବକାଶ ତ ସରିଯିବଣି କେଉଁ ଭୋଗରେ ହେଲେ ଲଗେଇ ଦେବ। ନିଆଁ ଲଗା ମଟର ଟା ଖରାପ ହୋଇଯାଇ ମତେ ଏତେ ଡେରି କରିଦେଲା ।

ମୁଁ (କୋଠାରୀ ମହାଶୟ) ବୁଢ଼ୀକୁ ଚାହିଁ ଦେଇ କହିଲେ, " ମା ତୁମ ଦହିକୁ ମହାପ୍ରଭୁ ଅପେକ୍ଷା କରିଛନ୍ତି ।"

ବୁଢ଼ୀ କିଛି ବୁଝିପାରିଲା ନାହିଁ। ବଲବଲ କରି କୋଠାରୀ ଙ୍କୁ କହିଲା, "କଣ ରହସ୍ୟ କରୁଛ ହେ । ତୁମେ କଣ କହୁଛ ମୁଁ ବୁଝିପାରୁ ନାହିଁ ।"

କୋଠାରିଏ ଏହା ଶୁଣି କହିଲେ "ଏ ପର୍ଯନ୍ତ ମହାପ୍ରଭୁଙ୍କ ଅବକାଶ ହୋଇନାହିଁ। ଆଣନ୍ତୁ ଆପଣଙ୍କ ଦହି ଆଜି ଆବିକାଶ ରେ ଲାଗିବ। ସବୁ ଶୁଣି ବୁଢ଼ୀ କାନ୍ଦ କାନ୍ଦ ହୋଇ ଦହି ବଢ଼ାଟିକୁ କୋଠାରୀ ଙ୍କ ହାତକୁ ବଢ଼େଇ ଦେଇ କହିଲା, "ହଉ ସବୁ ତାଙ୍କ ଇଚ୍ଛା"। ଲେଖକ କଥାଟିକୁ ନ ବୁଝି ପାରି କୋଠାରୀ ଙ୍କୁ ପଚାରିଲେ ସେହି ଦିନ ଅବକାଶ କାହିଁକି ଏତେ ଡେରି ହୋଇଥିଲା । କୋଠାରୀ କହିଲେ, "ବୁଝିପାରୁନ ମହାପ୍ରଭୁ ବୁଢ଼ୀର ଦହି ପାଇଁ

ISSN NO.
2582-208X

ଅପେକ୍ଷା କରି ସେଦିନ ସେବକଙ୍କ ମଧ୍ୟରେ କଳହ ଲଗେଇ ଦେଇଥିଲେ। ପାଳିଆ ସେବକ ଯେଉଁମାନେ ଅବକାଶ କରିଥାନ୍ତେ ତାଙ୍କ ଭିତରେ ହଠାତ୍ କଳି ଲାଗିଲେ ସେମାନେ କେହି ୧୨ଟା ଯାଏଁ ଆସିଲେନି। ୧୨ଟା ବାଜିବା ପରେ ମନକୁ ମନ ସବୁ ଆରମ୍ଭ କଲେ ।

ଏଇତ ମହାପ୍ରଭୁଙ୍କ ବୈଚିତ୍ର୍ୟତା, ଅନୁଭବରେ ଆଣନ୍ତୁ, ସବୁ ବୁଝି ପାରିବେ ।

ଆକାଶବାଣୀ ପୁରୀ
ମୋବାଇଲ ୮୮୯୫୪୫୦୧୧୭

ISSN NO.
2582-208X

# ଶବ୍ଦ ମାୟାରେ..



ନରଞ୍ଜନ ମହାରଣା

ଯେବେଠୁ ପଡ଼ିଛି ଶବ୍ଦ ମାୟାରେ,
ସେବେଠୁ ସାଥୀ ହୁଏ ଏକାନ୍ତରେ।।

ଏହି ଶବ୍ଦରେ ମୁଁ ଖୋଜେ ନିଜକୁ,
ଅତୀତ ବର୍ତ୍ତମାନ ଭବିଷ୍ୟକୁ।।

ଶବ୍ଦରେ ଗଢ଼ିଥାଏ ପ୍ରତିମୂର୍ତ୍ତି,
ପାଠକ ମନରେ ଭରାଏ ପ୍ରୀତି।।

ଶବ୍ଦଠାରେ ରଖିଥିଲେ ଲୟ,
ଶବ୍ଦ ହୋଇବ ମୋର ପରିଚୟ।।

ବେଳେବେଳେ ଏ ସିଆଣିଆ ଶବ୍ଦ,
ଛକାପଞ୍ଝାରେ ହୁଅଇ ନିଃଶବ୍ଦ।।

ଶବ୍ଦବି ଅଟଇ ଅମୃତ ସମ,
ବିଷାକ୍ତ ହୋଇବ ନଦେଲେ ଧ୍ୟାନ।।

ISSN NO.
2582-208X

ଭୋଜନତୁଲ୍ୟ ହିଁ ଶବ୍ଦ ଅଟଇ,
ଗ୍ରାସିବା ଆଗରୁ ଚାଖି ନିଅଇ।।

କହିବାକୁ ଥିଲେ ଭାବେ ଟିକିଏ,
ଭାବିବା ପୂର୍ବରୁ ପଢିମୁଁ ନିଏ।।

ନିଜକୁ ଯଦିବା ଭଲ ନଲାଗେ,
ଅନ୍ୟକୁ ପରସେ ନାହିଁମୁଁ କେବେ।।

ଶବ୍ଦରେଶବ୍ଦମାରିଥିଲେତୀର,
ଲେଉଟିବାଜିବବକ୍ଷରେମୋର।।

ଶବ୍ଦ ମୋର ଶବ୍ଦମୟ ବ୍ରହ୍ମସ୍ତ୍ର,
ସତ୍ୟ ଶାନ୍ତି ଅହିଂସା ବୀଜମନ୍ତ୍ର।।

ଶବ୍ଦ ବିନାସରେ ନା ଦିନ ଅବା ରାତି,
ସବୁଲାଗେ ଶୂନ୍ୟ ତୁହି ଏକା ଶକ୍ତି ।।

ଶବ୍ଦ ମୋ ଜୀବନର ଗତିମୁକ୍ତି,
ତୁ ଶବ୍ଦ ଦିନେ ହୋଇବୁ ମୋ ପୋଥି।।

ଅଧ୍ୟାପକ
ଅଳଯୋଡ଼ା, ମାହାଙ୍ଗା, କଟକ

ISSN NO.
2582-208X

# "ଭରସା"



ଜଗନ୍ନାଥ ରଥ

ଅକାତକାତ ପାଣିକୁ
ଖାତିର ନକରି
ନୌକାରେନଇପାରି ହେଲାବେଳେ
ଆମକୁ ଡର ଲାଗେନି
କାରଣ , ସେ ନାଉରୀ ଉପରେ
ଆମର ଭରସା ଅଛି ।।

ନିଜ ପିଲାର ଖୁସିପାଇଁ
ନିଜ ଇଚ୍ଛାକୁ ସାତଗଣ୍ଠି ପକେଇ
ମୁଣ୍ଡର ଝାଳକୁ ତୁଣ୍ଡରେ ମାରି
ବାପା ମାଆ ମାନେ
ନିସ୍ୱାର୍ଥ ଭାବେ
ସର୍ବସ୍ୱ ତ୍ୟାଗ କରନ୍ତି
କାରଣ , ତାଙ୍କ ସନ୍ତାନ ଉପରେ
ସେମାନଙ୍କର ଭରସା ଅଛି ।।

ଛୋଟରୁ ବଡ଼ କରିଥିବା
ଜନ୍ମ କଲା ବାପା ମାଆ
ନିଜ ପରିବାରକୁ ଛାଡ଼ି
ଝିଅଟିଏ, ଗୋଟିଏ ଅଜଣା ଲୋକର

ISSN NO.
2582-208X

ହାତଧରି ଜୀବନସାଥୀ
ପାଲଟିଯାଏ
କାରଣ, ସେ ଲୋକ ଉପରେ
ଝିଅଟିର ଭରସା ଅଛି।।

ହଜାର ହଜାର ଲୋକଙ୍କ ଭିତରେ
ଯେତେବେଳେ ଅସହାୟ ଲୋକଟିଏ
ତମକୁ ସାହାଯ୍ୟ ମାଗୁଛି
ତମକୁ ବୁଝିବାକୁ ହେବଯେ
ସେ ଅସହାୟ ଲୋକଟିର
ତମ ଉପରେ, ଭରସା ଅଛି।।

ବିଶ୍ୱାସ ଅବିଶ୍ୱାସର ଦ୍ୱନ୍ଦ ଭିତରେ
ହୃଦୟର ନିଷ୍ପତିରୁ
ଜନ୍ମନିଏ ଭରସା
ଯଦି ବିଶ୍ୱାସ ଅଛି
ତେବେ ଭରସା ଅଛି
ଯଦି ଭରସା ଅଛି
ତେବେ ସଫଳତାର ଚାବିକାଠି
ଅତି ପାଖରେ ଅଛି।।

ଘୁ.ଉଦୟଗିରି, କନ୍ଧମାଳ, ୭୬୨୧୦୦
Ph - ୯୪୩୭୫୨୩୯୨୭

ISSN NO.
2582-208X

# ଜନମ ମାଟିକୁ ଫେରିଛି ପାଦ

ଜ୍ୟୋତିର୍ମୟୀ ସାସମଲ

ସରିଛି ଷାଠିଏ ବର୍ଷର ଚାକିରୀ ଜୀବନ ।
ଆଉ ଗାଁକୁ ଫେରିଆସିଛି ସେ ବୁଢା କାଳିଆ କୁନିକୁନି ପାଦମାନ ।
ବୋଉ ମରିବାର ଆଜିକୁ ବିତିଗଲାଣି ଅନେକ ଦିନ ।
ତଥାପି ତା କଅଁଳିଆ ଡାକ ଶୁଣୁଛି ଏ କାନ ।
ପୁରୁଣା ସ୍ମୃତିଗୁଡିକ ହେଉଛି ରୋମନ୍ଥନ ।
ଲାଗୁଚି ସାଙ୍ଗମାନେ ଡାକୁଛନ୍ତି ମୋତେ, ଖେଳିବୁ ଆସେ ମୋହନ, ମୋହନ ।
ମନେ ହେଉଛି ସେ ଦାମୀ ସହରଠାରୁ ବୋଧେ ମୋ ଗାଁର ମହକ ନିହାତି ଭିନ୍ନ ।
ଗତକାଲି ପରି ଲାଗୁଛି ସେ ପୁରୁଣା ଦିନ ।
ହୁଏତ ମୋ ଗାଁ ଆଜି ବେଶ ପରିବର୍ତନ ।
ତଥାପି ଏଠି ହଜିଯାଇନି ସରଳତାର ଜୀବନ ।
ସେଥିପାଇକି ବୋଧେ ମନଟା ଆଜି କହୁଛି, ଫେରି ଆସନ୍ତାନି ସେ ପିଲାଦିନ ।
ଏତେ ଦିନ ଗାଁଠୁ ଦୂରେଇ ରହି ପାଇଲି ଅବା କଣ ?
ସେ ଯାହା ହେଉ, ମୋର ଗୋଟିଏ ଶେଷଇଚ୍ଛା ଏଇ ମାଟିରେ ହିଁ ମୋର ଚାଲିଯାଉ ଜୀବନ ।

ସ୍ନାତକୋତ୍ତର ଦ୍ୱିତୀୟ ବର୍ଷର ଛାତ୍ରୀ
ଓଡ଼ିଆ ଭାଷା – ସାହିତ୍ୟ ବିଭାଗ
ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ
ଫୋନ ନମ୍ବର -୬୩୭୧୭୪୮୨୮୭

ISSN NO.
2582-208X

# ଶ୍ରୀ ଲକ୍ଷ୍ମୀ ଠାକୁରାଣୀ ଙ୍କ ପ୍ରିୟ ସ୍ଥାନ



ଜୟନ୍ତୀ ଦେବୀ

ତାଙ୍କର ଦୁଇ ସଖି ଶଙ୍ଖନିଧି ଓ ପଦ୍ମନିଧି ଥରେ ମହାଲକ୍ଷ୍ମୀ ଙ୍କୁ ପଚାରିଲେ ତାଙ୍କର ପ୍ରିୟ ସ୍ଥାନ ବିଷୟରେ। ମହାଲକ୍ଷ୍ମୀ କହୁଛନ୍ତି ଯେଃ-

ଯାହାର ଗୃହରେ କଳି ଦ୍ୱନ୍ଦ ନଥାଏ।
ଯାହାର ସ୍ୱଭାବ ସୁମିଷ୍ଟ ଅଟେ।
ଯେଉଁ ଜନ ସବୁ ବେଳେ ବୃଦ୍ଧ ମାନଙ୍କୁ ସେବା କରନ୍ତି ଆନନ୍ଦ ରେ।
ଯାହାର ମୃଦୁ ହାସ କୋକିଳ ସଦୃଶ ଅଟନ୍ତି।
ଯାହାର ମତି ଧର୍ମରେ ଥାଏ।
ଯେଉଁ ଜନ ନିମିଷେ ସାରେ ପ୍ରହରକ କାର୍ଯ୍ୟ।
ଯେଉଁ ଜନ କେବେ ବି ଗର୍ବ କରନ୍ତି ନାହିଁ।
ଯେଉଁ ଜନ ବିନୟ ଓ ବିଦ୍ୟାବନ୍ତ ଅଟେ।
ଯେଉଁ ଜନ ସବୁ ବେଳେ ପରୋପକାର ରେ ମତି ରହିଥାଏ।
ଯେଉଁ ଜନ ପ୍ରାଣୀ ମାନଙ୍କ ଉପରେ ସବୁବେଳେ ସ୍ନେହ ରଖିଥାଏ।
ଯେଉଁ ଜନ ଗୋବିନ୍ଦ ଚରଣେ ସଦା ମତି ଥାଏ।
ଯେଉଁ ଜନ ନିତ୍ୟ ସ୍ନାନ କରି ଦେହ ପରିଷ୍କାର କରେ।
ଯେଉଁ ଜନ ଅଳ୍ପ ଆହାର ଓ ଚଞ୍ଚଳ ଭୋଜନ କରନ୍ତି।

ISSN NO.
2582-208X

ଯେଉଁ ଜନ ଖରାପ ଜିନିଷ ଦର୍ଶନ କରେ ନାହିଁ।
ଯେଉଁ ଜନ ସବୁ ବେଳେ ସତ୍ୟ କଥା କୁହେ।
ଯେଉଁ ଜନ ଦାନ ଦିଏ ଶୁଚିମନ୍ତ ଦିନ ରେ।
ଯେଉଁ ଜନ ର ବ୍ୟବହାର ଅତ୍ୟନ୍ତ ମଧୁର ଥାଏ।
ଯେଉଁ ଜନ କିଛି କାର୍ଯ୍ୟ କରିବା ସମୟରେ ଦେଶ କାଳ ପାତ୍ର ର ଧ୍ୟାନ ରଖେ।
ଯେଉଁ ଜନ ଗୋମୟ ରେ ଲିପେ ଘର ଦ୍ୱାର।
ଲକ୍ଷ୍ମୀ ଠାକୁରାଣୀ ଙ୍କ ନିବାସ ଥାଏ ଶଙ୍ଖ ରେ ଓ ପଦ୍ମରେ।
ତାଙ୍କର ସବୁ ଠାରୁ ପ୍ରିୟ ହେଉଛି ଶୁକ୍ଳ ବସନ।
ତାଙ୍କର ସବୁ ଠାରୁ ପ୍ରିୟ ନୀଳପଦ୍ମ।
ସେ ସବୁବେଳେ ଥାଆନ୍ତି ଚନ୍ଦ୍ର ମଣ୍ଡଳ ରେ।
ତାଙ୍କର ବାସସ୍ଥାନ ଥାଏ ମହେଶ୍ୱର ଙ୍କ ପୁରରେ।
ସେ ନାରାୟଣ ଙ୍କ ପାଦ ସେବାରେ ନିରନ୍ତର ଥାଆନ୍ତି।
ଯେଉଁ ଜନ ସଦା ରଖିଥାଏ ଭକ୍ତି ଗୁରୁଜନଙ୍କ ଠାରେ।
ଯେଉଁ ଜନ ଗୁରୁ ଙ୍କ ବଚନ ମାନି ଦିନ କଟାଏ।
ଯେଉଁ ନାରୀ ପତି ଙ୍କ ଆଜ୍ଞା କୁ ସଦା ମାନି ଥାଆନ୍ତି।

ସଂଗ୍ରାହିକା: ଜୟନ୍ତୀ ଦେବୀ
ମହୁ, ଆଳ, କେନ୍ଦ୍ରାପଡ଼ା। ପିନ୍ ୭୫୪୨୩୧

ISSN NO.
2582-208X

# କଳାକାର

କରିଶ୍ମା ତ୍ରିପାଠୀ

ମୁଁ ଗୋଟେ କଳାକାର,
ଅଭିନୟ ମୋର କଳା..
କଳା ପାଇଁ କରିଛୁ ସଂଘର୍ଷ,
ପାଇବା ପାଇଁ ଦର୍ଶକମାନଙ୍କ ବାହା ବାହା...
କେତେ ହସିବା, କେତେ କାନ୍ଦିବା
କେତେ ଯେ ନାଟକ ଏଠି...
ନାଟକ କରି ଭୁଲି ଗଲିଣି ନିଜକୁ,
ଖୋଜି ଆଉ ପାରୁ ନାହିଁ....
ମିଛ ମାୟା ଦୁନିଆଁ ରେ,
କଣ ସତ କଣ ମିଛ ???
ସଭିଏ କରନ୍ତି ଏଠି ନାଟକ..
ମିଛ ନାଟକ ପଛେ ଲୁଚି ଅଛି କେତେ ଯେ ସତ୍ୟ ଜୀବନ ର...
ଯିଏ ବୁଝୁଛି,ସିଏ ଜାଣୁଛି,
କେତେ କଷ୍ଟ ଏ ଅଭିନୟ...
ପେଟ ପାଇଁ କରିବାକୁ ପଡେ ନାଟକ ଏଠି,
ଏବେ ତାଳି ମିଳେ ତ ଆଉ କେବେ ଗାଳି...
କେବେ ପ୍ରଶଂସା କରନ୍ତି ତ ଆଉ କେବେ ନିନ୍ଦା ରେ ଦିଅନ୍ତି ପୋତି...
କେତେ ମିଛ ହସ ,କେତେ ମିଛ କାନ୍ଦ
କେତେ ମିଛ ପ୍ରତିଶ୍ରୁତି...
ଅଭିନୟ କରି କରି ଏ ଜୀବନେ ଏଠି,
ଆଉ କିଛି ଜଣା ପଡୁନାହିଁ,
ଜୀବନ ପାଲଟି ଗଲାଣି ଗୋଟେ ରଙ୍ଗମଞ୍ଚ ଏଠି....

ଭୁବନେଶ୍ୱର

ISSN NO.
2582-208X

# ବ୍ରାହ୍ମଣ ଝିଅ



ସିଦ୍ଧେଶ୍ୱର ତ୍ରିପାଠୀ

କେତେ ସୁନ୍ଦର ବ୍ରାହ୍ମଣ ଶାସନ ଗାଁ ଏଇ ବୃନ୍ଦାବନ ପୁର । ଗାଁରେ ଷାଠିଏ ଘର ବ୍ରାହ୍ମଣ । ଲମ୍ବା ଚଉଡା ଦାଣ୍ଡ ଆଉ ଉଚାପିଣ୍ଡା । ଦାଣ୍ଡ ଦୁଆରେ ଗୁଆ ନଡ଼ିଆ ଗଛ । ଗାଁରେ ସମସ୍ତେ ବ୍ରାହ୍ମଣ ଲୋକ ରହନ୍ତି । ନନ୍ଦ ତ୍ରିପାଠୀ ହୋତା ମିଶ୍ର ଷଡଙ୍ଗୀ ଶତପଥୀ ରଥ ଦାଶ ମହାପାତ୍ର ଏମିତି କେତେ ସାଙ୍ଗିଆ ଧାରୀ ବ୍ରାହ୍ମଣ ମାନେ ଏଠାରେ ରହନ୍ତି ।

ସେମିତି ରଘୁନାଥ ହୋତା ଏଇ ଗାଁର ଲୋକ । ଗାଁରେ ତାଙ୍କର ଭାରି ଖାତିରି । ଦଶ ବାଟି ବିଲ ପୁରୁଣା କାଳର ଦୋତାଲା କୋଠା । ହଳିଆ ଚାକର କେତେ କ'ଣ । ରଘୁନାଥ ହୋତାଙ୍କର ଦୁଇ ପୁଅ, ବହୁ ଖୋଜାଖୋଜି କରି ବଡ଼ ପୁଅଟାକୁ ବାହାଦେଲେ। ହେଲେ ଏଇ ସାନ ପୁଅଟା ପାଇଁ ମନ ପସନ୍ଦର ଝିଅଟିଏ ମିଳୁନି । ପୁଅକୁ ଏବେ ଚାଳିଶି ହେଲାଣି । ତା ମୁଣ୍ଡରେ କେଶ ଗୋଟେ ଗୋଟେ ପାଚି ଆସିଲାଣି । ଗୁଡାଏ ପ୍ରସ୍ତାବ ଆସିଲାଣି କୋଉଠି ଏପଟୁ ମନ ମାନୁନି କୋଉଠି ସେପଟୁ । କେତେ ଭଦ୍ରଲୋକ କେତେ ପ୍ରସ୍ତାବ ଆଣି ଆସିଲେଣି କିଛି ଫଳ ମିଳୁନି । ଏମିତି ଗୁଡାଏ ଦିନ ବିତି ଗଲାଣି ।

ଏଇ ଶିବ ମନ୍ଦିର ପାଖ ଦୋଳବେଦୀ ଉପରେ ବସି ଏବେ ଦିନେ ଚାରି ପାଁ ଜଣ ଲୋକ କଥା ହେଉଥିଲେ । ଦେଖମ ଏବେତ ସବୁ ଜାତିରେ ଝିଅ ସଂଖ୍ୟା କମ୍। ଆଉ ବ୍ରାହ୍ମଣ ଝିଅ ତ ଆହୁରି କମ୍ । ଇଆଡ଼େ ହୋତେ ଖାଲି ଚାଖୁଛନ୍ତି । କେତେ ଭଲ ଭଲ ପ୍ରସ୍ତାବ ଆସୁଛି । ଇଏ କହିବେ ମୁଁ ଶ୍ୟାମ ବେଦୀ ବ୍ରାହ୍ମଣ ଆଉ ସେ ପୂଜାରୀ ଘରେ ମୁଁ ବନ୍ଧୁ

ISSN NO.
2582-208X

କରିବି । ଏବେ ଗୋଟେ ପ୍ରସ୍ତାବ କୁ ନାହାକ ଗ୍ରହ ବିପ୍ର କହି ଦୁରେଇ ଦେଲେ । ଜାନୁ ଘଣ୍ଟିଆ ବୈଷ୍ଣବ ଯୋଗୀ ବି ଏବେ ଆଉ ମିଳୁ ନାହାନ୍ତି । ବ୍ରାହ୍ମଣ ପରା ମାଳି ଗଉଡ଼ ଖଣ୍ଡାୟତ ଘରୁ ଝିଅ ଆଣିଲେଣି ।

ଏବେ ଦୁଇବର୍ଷ ହେଲା ହୋତେ ଆରପାରିକୁ ଚାଲିଗଲେଣି।  ଖାଲି ତାଙ୍କ ପୁଅ ନୁହଁ ତାଙ୍କ ପୁଅ ଭଳି ଅନେକ ବ୍ରାହ୍ମଣ ପୁଅ ଓଥରା ବସିଛନ୍ତି । ଶହେ ପୁଅକୁ ସତୁରି ଝିଅ ହେବେ ବୋଧେ । ତା ଭିତରୁ କୋଡିଏ ତ ଅଲଗା ଜାତିରେ ଭଲପାଇ ବାହା ହେଲେ । ଆଉ ଯିଏ ସବୁ ରହିଲେ ସିଏ ସରକାରୀ ଚାକିରିଆଙ୍କୁ ବାହାହେବେ । ଆଉ ଏଇ ବେସରକାରୀ ଜମିଦାର ଆଉ ଜଜମାନି କାମ କରୁଥିବା ବରପାତ୍ରକୁ କିଏ ପଚାରେ । ଏବେ ପରା ବ୍ରାହ୍ମଣ ଝିଅକୁ ଖୋଜି ଖୋଜି ଭଲ ବ୍ରାହ୍ମଣ ବର ଟଙ୍କା ପଇସା ହାତରୁ ଖର୍ଚ୍ଚ କରି ବାହା ହେଉଛନ୍ତି।

ଶେଷରେ ସେଇଆ ହେଲା ଏବେ ହୋତେ ଙ୍କ ସାନ ପୁଅ ଗୋଟେ ଅଲଗା ଜାତିର ଝିଅ ସହିତ ବେଦୀରେ ବସି ବାହାହେଲା । ଗାଁ ଲୋକ ଜାତି ଭାଇଙ୍କୁ ସନ୍ତୁଷ୍ଟ କରିବାକୁ ଯାଇ ସିଏ କୁଆଡେ ମୁକ୍ତି ମଣ୍ଡପ ଯାଇ  ନୂଆ ବୋହୂକୁ ଜାତି କରି ଆଣିଛି । ଛି ଛି ଛି ଏ ବ୍ରାହ୍ମଣ ଶାସନ ମାରା ହେଇଗଲା ଯାହା ।  ଛାଡ଼ହୋ ପରଘର କଥାରୁ ଆମକୁ କଣ ମିଳୁଛି । ହଉ ଭାଇନା ମୋ ଶଳା ପାଇଁ ଗୋଟେ ଝିଅଟିଏ ଦେଖିବ । ଇଆଡୁ ସିଆଡୁ ନୁହଁ ମ ବ୍ରାହ୍ମଣ ଝିଅଟିଏ ଦରକାର । ମୋ ଶଳା ପରା ସରକାରୀ ଚାକିରୀ କରିଛି ।

କବିର ଘର
କୁଣ୍ଡିଲୋ କେରଙ୍ଗ ଖୋର୍ଦ୍ଧା
7008315040

ISSN NO.
2582-208X

# ପାହାଡ ତଳର ପଲ୍ଲୀ



ସୁହଂସ ଭୋଇ

ଶିଖରୀ ଚରଣ ଛୁଇଁଛି ଶରୀର
ଘେରିଛି ଘନ ବିପିନ
ଅନତି ଦୂରରେ ବହେ ତରଙ୍ଗିଣୀ
ବହେ ମୃଦୁ ପବମାନ...
ପଶ୍ଚିମେ ସରସୀ ଲାଖି ଅଛି ଆଖି
ଜହ୍ନ ଜୋଛନାକୁ ଚାହିଁ
ଶୀତଳ ପରସ ପାଇଲେ ଅଳିକା
ହସି ଫୁଟି ହେବ କଇଁ...
ମାଟି କାଦୁଆର ନଡା ଛପରର
ଗଢା ଛୋଟ ଛୋଟ ଘର
ଗୋବର ପାଣିରେ ଲେପା ହୋଇଅଛି
ଅତି ଯତନେ ଦୁଆର...
ଦୂର ତାଳବଣେ ତପନ ହଜିଲେ
ଶୁଭେ ଶୃଗାଳର ସ୍ୱର
କାମିନୀ କାଞ୍ଚନ ବ୍ୟଞ୍ଜନ ବାଢଇ
ହୋଇ ତହୁଁ ତତପର...
ଗାଁଆ ମୁଣ୍ଡେ ସ୍ଥାନ ରହିଛି ଶ୍ମଶାନ

ISSN NO.
2582-208X

ଶ୍ୱାନ ଶିଆଳର ବାସ
ଶାଗୁଣା ଶ୍ରାବକ ଘୁରନ୍ତି ଅନେକ
ପେଟ ଚାଖଣ୍ଡେକେ ଆଶ...
ଘର ଲାଗି ବାଡି ହୋଇ ଛାଡି ଛାଡି
ଲାଗିଛି ସଜନା ଶିମ୍ବ
ହାତ ପାହାନ୍ତରେ କରଲା ଝୁଡଙ୍ଗ
ପିଜୁଳି ପଣସ ଆମ୍ବ...
ପାଷାଣେ ସିନ୍ଦୁର ଲାଲ ଜରଜର
ମନ୍ଦାର ମାଳେ ଭୂଷିତ
ଅନାଦି କାଳରୁ ପୂଜା ପାଉଛନ୍ତି
ଠାକୁରାଣ୍ ନାମେ ଜ୍ଞାତ...
ନିରଳସ ବାସ ମନ ନିଷ୍କପଟ
ଭାବ ବନ୍ଧନ ଅତୁଟ
ବିଶ୍ୱାସରେ ବନ୍ଧା ନିଷ୍ପାପ ଜୀବନ
ଗୃହେ ନ ପଡେ କବାଟ...

ପହଣ୍ଡି, ବରଗଡ଼

ISSN NO.
2582-208X

# ଶ୍ରୀଦୁର୍ଗା ଆରତୀ



ଅଭିଳାଷ ବାରିକ୍

ଓଁ ଜୟ ଅମ୍ବେ ଗୌରୀମୈୟା ଜୟ ଶ୍ୟାମାଗୌରୀ
ତୁମକୋ ନିଶିଦିନ ଧ୍ୟାଓ୍ୱତ ହରି ବ୍ରହ୍ମାଶିବରି

ମାଂଗ ସିନ୍ଦୁର ବିରାଜ ତଟିକୋ ମୃଗମଦକୋ
ଉଜ୍ଜ୍ୱଲ ସେ ଦୋନେନା ଚନ୍ଦ୍ରବଦନନୀକୋ

କନକ ସମାନ କଲେ ବର ରକ୍ତାମ୍ବର ରାଜେ
ରକ୍ତ ପୁଷ୍ପ କି ମାଲା କଣ୍ଠ ନପର ସାଜେ

କେ ହରିବାହନ ରାଜତ ଖଡଗ ଖପରଧାରୀ
ସୁରନର ମୁନୀଜନ ସେ ଓ୍ୱତଇନକେ ଦୁଃଖହାରି

କାନନକୁଣ୍ଡଲ ଶୋଭିତ ନାସାଗ୍ରେ ମୋତି
କୋଟିକ ଚନ୍ଦ୍ର ଦିବାକର ରାଜତ ସମ ଜ୍ୟୋତି

ଶୁମ୍ଭନିଶୁମ୍ଭ ବିଦାରେ ମୋହିଁସାସୁର ଘାତି
ଧୂମ୍ର ବିଲୋଚନନେନା ନିଶିଦିନ ମଧୁମାତି

ISSN NO.
2582-208X

ଚଣ୍ଡମୁଣ୍ଡ ସଂଘାରେ ଶୋଣିତ ବୀଜହରେ
ମଧୁକେଟଭ ଦୌମାରେସୁର ଭୟ ହୀନକରେ

ବ୍ରାହ୍ମଣୀ ରୁଦ୍ରାଣୀ ତୁମ୍କମଲାରାନୀ ଆଗମନି
ଗମବଖାନୀତୁଶମିବ ପାଟରାନୀ

ଚୌଷଠୟଗିନ ମଙ୍ଗଲନୃତ୍ୟ କରତଭେରୋ।
ବାଜତ ତାଲମୃଦଂଗାଓର ବାଜତ ଡମରୁ

ତୁମହିଁ  ଜଗକିମାତା ତୁମେହିଁ ହୋ ଭରତାଭକ୍ତନକି
ଦୁଃଖହରତା ସୁଖ ସମ୍ପତ୍ତି କରତା

ଭୁଜାଚାର ଅତିଶୋଭିତକର ମୁଦ୍ରାଭାରୀ
ମନବାଂଛିତ ଫଳପାଓ୍ୱତ ଶେଓ୍ୱତନର ନାରୀ

କଞ୍ଚନଥାଲ ବିରାଜତ ଅଗରକପୁରବାତୀ
ଶ୍ରୀମାଲକେତୁମ୍ରାଜତ କୋଟିରତନ ଜୋତି

ଶ୍ରୀଅମ୍ବେଜୀକି ଆରତୀ ଜୋକୋଇନର ଗାଓ୍ୱେ
କେହେତ ଶିବାନନ୍ଦ ସ୍ୱାମୀ ସୁଖ ସମ୍ପତ୍ତି ପାଓ୍ୱେ

ଜୟ ଅମ୍ବେଗୌରୀ ମେଁୟା ଜୟ ଶ୍ୟାମାଗୌରୀ
ତୁମକୋ ନିଶିଦିନ ଧ୍ୟାଓ୍ୱତ ହରିବ୍ରହ୍ମାଶିବରି

ସଂଗ୍ରାହକ: ଅଭିଳାଷ ବାରିକ୍, ଗ୍ରାମ ମହୁ,
ପୋଷ୍ଟ ମହୁ, ଥାନା ଆଲ୍, କେନ୍ଦ୍ରାପଡ଼ା

ISSN NO.
2582-208X

# ଶିବ ପଂଗୃକ୍ଷରି ସ୍ତୋତ୍ରମ୍



ଅଧ୍ୟାପିକା ରେ୍ଜାଲିନ୍ ବାରିକ୍

ଓଂ ନମଃ ଶିବାୟ ଶିବାୟ ନମଃ ଓଂ

ନାଗେଂଦ୍ରହାରାୟ ତ୍ରିଲୋଚନାୟ ଭସ୍ମାଂଗରାଗାୟ ମହେଶ୍ୱରାୟ ।
ନିତ୍ୟାୟ ଶୁଦ୍ଧାୟ ଦିଗଂବରାୟ ତସ୍ମୈ "ନ" କାରାୟ ନମଃ ଶିବାୟ ॥

ମଂଦାକିନୀ ସଲିଲ ଚଂଦନ ଚର୍ଚିତାୟ ନଂଦୀଶ୍ୱର ପ୍ରମଥନାଥ ମହେଶ୍ୱରାୟ ।
ମଂଦାର ମୁଖ୍ୟ ବହୁପୁଷ୍ପ ସୁପୂଜିତାୟ ତସ୍ମୈ "ମ" କାରାୟ ନମଃ ଶିବାୟ ॥

ଶିବାୟ ଗୌରୀ ବଦନାବ୍ଜ ବୃଂଦ ସୂର୍ଯ୍ୟାୟ ଦକ୍ଷାଧ୍ୱର ନାଶକାୟ ।
ଶ୍ରୀ ନୀଲକଂଠାୟ ବୃଷଭଧ୍ୱଜାୟ ତସ୍ମୈ "ଶି" କାରାୟ ନମଃ ଶିବାୟ ॥

ବଶିଷ୍ଠ କୁଂଭୋଦ୍ଭବ ଗୌତମାର୍ଯ୍ୟ ମୁନୀଂଦ୍ର ଦେବାର୍ଚିତ ଶେଖରାୟ ।
ଚଂଦ୍ରାର୍କ ବୈଶ୍ୱାନର ଲୋଚନାୟ ତସ୍ମୈ "ବ" କାରାୟ ନମଃ ଶିବାୟ ॥

ଯକ୍ଷ ସ୍ୱରୂପାୟ ଜଟାଧରାୟ ପିନାକ ହସ୍ତାୟ ସନାତନାୟ ।
ଦିବ୍ୟାୟ ଦେବାୟ ଦିଗଂବରାୟ ତସ୍ମୈ "ୟ" କାରାୟ ନମଃ ଶିବାୟ ॥

ପଂଚାକ୍ଷରମିଦଂ ପୁଣ୍ୟଂ ୟଃ ପଠେଚ୍ଛିବ ସନ୍ନିଧୌ ।
ଶିବଲୋକମବାପ୍ନୋତି ଶିବେନ ସହ ମୋଦତେ ॥

ସଂଗ୍ରାହିକା: ଅଧ୍ୟାପିକା ରେ୍ଜାଲିନ୍ ବାରିକ୍
ମହୁ, ଆଳି, କେନ୍ଦ୍ରାପଡା/ମୋ୮୮୯୫୪୫୦୧୧୦

ISSN NO.
2582-208X

# ଓଳାଶୁଣୀର ସନ୍ଥ


ବିଜୟଲକ୍ଷ୍ମୀ ସାମଲ

ଉତ୍କଳର ଧାର୍ମିକ ଏବଂ ସାରସ୍ୱତ ବଳୟର ମହାନ-ପୂଜ୍ୟାସ୍ପଦ ପ୍ରତିଭା ହେଉଛନ୍ତି ସନ୍ଥ ଅରକ୍ଷିତ ଦାସ। ଓଡ଼ିଆ ସାହିତ୍ୟର ପଞ୍ଚସଖା ଯୁଗର ପରବର୍ତ୍ତୀ ସମୟରେ ସମ୍ଭବତଃ ରୀତିଯୁଗର ଧାରାରେ ଏହି ବରିଷ୍ଠ ସନ୍ଥଙ୍କ ସାରସ୍ୱତ ଲେଖନୀ ମାଧ୍ୟମରେ ଓଡ଼ିଆ ସାହିତ୍ୟ ଉଭୟ ଧାର୍ମିକ ଏବଂ ମାର୍ମିକ ଭାବଧାରାରେ ପରିପୃଷ୍ଟ ରୂପ ଧାରଣ କରିଛି। ଅରକ୍ଷିତ ଦାସ ଯେ ସନ୍ଥ ଭାବରେ କିପରି ପରିଚିତ ହେଲେ ତା'କୁ ସ୍ୱଷ୍ଟ ଭାବରେ ବୁଝିବାକୁ ହେଲେ ଆମର ପ୍ରଥମ କର୍ତ୍ତବ୍ୟ ଆମେ ତାଙ୍କ ଜୀବନର ଅୟମାରମ୍ଭକୁ ବୁଝିବା । ଏପରି ନ କଲେ ଆମେ ତଥ୍ୟରୁ ବିଚ୍ୟୁତ ହେବା । ଯେପରି ପୁସ୍ତକର ମୁଖବନ୍ଧକୁ ବାଦ୍ ଦେଲେ ସମଗ୍ର ବିଷୟ ଅସ୍ତିତ୍ୱହୀନ ହୋଇପଡେ ।

ଜଣେ ରାଜପୁତ୍ର କିପରି ସନ୍ନ୍ୟାସୀ ହେଲେ ସେହି ତ ପ୍ରମୁଖ ଅଲୌକିକ ଗାଥା । ମହାନ ଉତ୍କଳ ମାଟିର ଗଞ୍ଜାମ ଜିଲ୍ଲାର ବଡ଼ଖେମୁଣ୍ଡି ରାଜବଂଶର ରାଜପୁତ୍ର ଥିଲେ ବଳଭଦ୍ର ଦେବ। ସନ୍ତାନହୀନ ବଡଖେମୁଣ୍ଡିର ରାଜା ଏବଂ ରାଣୀ ଦୁଃଖରେ ଦିନ କାଟୁଥିଲେ । ଅହେତୁକ ଅମାପ ଐଶ୍ୱର୍ଯ୍ୟ ମଧ୍ୟରେ ଥାଇ ମଧ୍ୟ ତାଙ୍କ ଜୀବନରେ ସନ୍ତାନର ଶୂନ୍ୟସ୍ଥାନ ରହିଯାଇଥିଲା ।

ISSN NO.
2582-208X

ଦାନଦକ୍ଷିଣା ପ୍ରଦାନ, ଦେବାର୍ଚ୍ଚନ କରିବାରେ ଟିକେ ବି ଅବହେଳା କରିନଥିଲେ । ଏକଦା ରାତ୍ର ସମୟରେ ରାଣୀଙ୍କୁ ଜଣେ ସାଧୁ ସ୍ୱପ୍ନ ଛଳରେ ଦେଖାଦେଇ କହିଲେ - "କାହିଁକି ଦୁଃଖ କରୁଛ ମା ! ତୁମକୁ ତ ଭଗବାନ ରାଜ ଐଶ୍ୱର୍ଯ୍ୟ, ଧନସମ୍ପଦ, ରାଜ ଅଟ୍ଟାଳିକା ସବୁ ଦେଇଛନ୍ତି କ'ଣ ତୁମର ଅଭାବ ଯେ, ତୁମେ ଦିନରାତି ଚିନ୍ତାଗ୍ରସ୍ତ ଅଛ ? କ'ଣ ତୁମେ ଚାହଁ?"

ଦୁଃଖିନୀ ରାଣୀ ସେ ସାଧୁଙ୍କ ପାଦ ତଳେ ଲୋଟିପଡ଼ି କାନ୍ଦି କାନ୍ଦି କହିଲେ- "ଏ ରାଜ ଐଶ୍ୱର୍ଯ୍ୟର ମୂଲ୍ୟ କ'ଣ ? ସାଂସାରିକ ଜୀବନରେ ଗୋଟିଏ ସନ୍ତାନ ଯଦି ନାହିଁ, ଇନ୍ଦ୍ର ସମ୍ପଦ ମଧ୍ୟ ମଣିଷକୁ ସୁଖଶାନ୍ତି ଦେଇପାରେନା । ଯଦି ଆପଣ ଦର୍ଶନ ଦେଇଛନ୍ତି, ତେବେ ଏ ଅଭାଗିନୀ କୋଳରେ ଗୋଟିଏ ସନ୍ତାନ ଜନ୍ମ ପାଇଁ ଆଶୀର୍ବାଦ କରନ୍ତୁ । ତା' ନହେଲେ ଏ ଜୀବନ ରଖି ଲାଭ ନାହିଁ । ବରଂ ଆତ୍ମହତ୍ୟା ଶତ ଗୁଣରେ ବାଞ୍ଛନୀୟ ।"

ସାଧୁ ହସି ହସି କହିଲେ - "ଅଧର୍ଯ୍ୟ ହୁଅନା ମା, ମୁଁ ଆଶୀର୍ବାଦ କରୁଛି, ତୁମ ଗର୍ଭରେ ଗୋଟିଏ ପୁତ୍ର ସନ୍ତାନ ଜନ୍ମ ନେବ। କିନ୍ତୁ ୧୬ ବର୍ଷ ବୟସରେ ସେ ମୃତ୍ୟୁବରଣ କରିବ।" ଏତିକି କହିଥିଲେ ସାଧୁ । ରାଣୀଙ୍କ ନିଦ ଭାଙ୍ଗିଗଲା । ହୁଏତ ଏହା ଏକ ସ୍ୱପ୍ନର କଥା ଥିଲା କିନ୍ତୁ ଏ କଥା ଦ୍ୱାରା ରାଣୀ ଦୁଃଖରେ ଅଧିର ହୋଇ ଭଗବାନଙ୍କ ଇଚ୍ଛା ଉପରେ ସବୁ ନ୍ୟସ୍ତ କରି ସମର୍ପଣ କରିଦେଲେ ।

ଦଶମାସ ଦଶଦିନ ପରେ ଏକ ଦିବ୍ୟ ସୁନ୍ଦର ପୁତ୍ର ଜନ୍ମ ନେଲା । ସାରା ରାଜ୍ୟରେ ଖୁସିର ଲହରୀ ଖେଳିଗଲା । ରାଜ୍ୟରେ ଅଦିନିଆ ଉତ୍ସବର ପରିବେଶ ହୋଇଗଲା । ରାଜପୁତ୍ରଙ୍କ ନାମ ଦିଆଗଲା ବଳଭଦ୍ର ଦେବ। କିନ୍ତୁ ସମୟର ଚକ୍ର ଗତିକଲା ପରି ରାଜପୁତ୍ରଙ୍କ ବୟସ ମଧ୍ୟ ଗତିଶୀଳ ହେଉଥାଏ । ରାଣୀଙ୍କ ମନରେ କିନ୍ତୁ ଭୟ ଆଶଙ୍କାର ଧାରା ଦେଖା ଦେଉଥାଏ ପୁତ୍ରର ଜୀବନ ପ୍ରତି ଥିବା ବିପଦକୁ ନେଇ ।

ISSN NO.
2582-208X

ରାଜପୁତ୍ର ବଳଭଦ୍ର ଦେବ କିନ୍ତୁ ପିତାଙ୍କ ନିସ୍ତେଜ ହୃଦୟର ଭାବନା ଓ ମାତୃ ହୃଦୟର ଶୋକଗ୍ରସ୍ତ ଦୁଃଖ ଭାବନାକୁ ଦେଖି ଏହାର କାରଣ ପଚାରିଥା'ନ୍ତି । ଏକଦା ରାଣୀ ସତ୍ୟ କଥା କହିବାକୁ ବାଧ୍ୟ ହେଲେ ପୁତ୍ରକୁ କହିବାକୁ । ରାଣୀ କହିଲେ - "୧୬ ବର୍ଷ ପୂର୍ଣ୍ଣ ହେଲେ ତୁ ଆଉ ବଞ୍ଚିବୁ ନାହିଁ ।" ରାଜପୁତ୍ର ବଳଭଦ୍ର କିନ୍ତୁ କହିଲେ - "ମା ଏଇ ସାମାନ୍ୟ କଥାରେ ତୁମେ ଏତେ ଅସ୍ଥିର କାହିଁକି ? ଜନ୍ମମୃତ୍ୟୁ ତ ବିଧାତାର ନିୟମ । କିନ୍ତୁ ମା ତୁମେ ଯଦି ଆଶୀର୍ବାଦ କରିବ, ମୁଁ ମୃତ୍ୟୁ ସହିତ ଯୁଦ୍ଧ କରି ବିଜୟ ଲାଭ କରିବି । "

ମା ଆଶୀର୍ବାଦ ଦେଲେ । କିନ୍ତୁ ସେଇଦିନ ରାତିରେ କାହାକୁ କିଛି ନ ଜଣାଇ ଅତୁଳ ରାଜ ଐଶ୍ୱର୍ଯ୍ୟ ତ୍ୟାଗ କରି ମରଣ ସହ ଯୁଦ୍ଧ କରିବାକୁ ଅଗ୍ରସର ହେଲେ ବଳଭଦ୍ର । ମନରେ ତାଙ୍କର ସେଇ ପ୍ରଭୁଙ୍କ ଚିନ୍ତା, ଜନନୀଙ୍କ ଆଶୀର୍ବାଦ । ତହିଁ ଆରଦିନ ରାଜ୍ୟସାରା ଚହଳ ପଡ଼ିଗଲା ରାଜକୁମାର କୁଆଡେ ଚାଲି ଯାଇଛନ୍ତି । ରାଜ୍ୟରେ ଶୋକର ଛାୟା ଖେଳିଗଲା । ମା କେବଳ ବିଶ୍ୱାସ ରଖିଛନ୍ତି ପୁଅ ମରଣକୁ ଜୟ କରିବ ।

ଚାହୁଁ ଚାହୁଁ ୧୬ ବର୍ଷ ପୂର୍ଣ୍ଣ ହେଲା,୧୭ ବର୍ଷ ସମାପ୍ତ ହେଲା, ୧୮ ବର୍ଷ ଚାଲିଲା । କିନ୍ତୁ ବଳଭଦ୍ରଙ୍କ ସମ୍ପର୍କରେ କିଛି ସୂଚନା ନାହିଁ । ପୁନର୍ବାର ରାଣୀ (ବଳଭଦ୍ର ଦେବ ଙ୍କ ମା) ସ୍ୱପ୍ନରେ ଦେଖୁଛନ୍ତି ଜଣେ ଗୈରିକ ବସନଧାରୀ ଗମ୍ଭୀର ସାଧୁ, ସେ ସାଧୁଙ୍କ ଠାରେ ଶାନ୍ତିର ବାର୍ତ୍ତା, ସାନ୍ତ୍ୱନା- "ମା ପୁତ୍ର ତୁମର ମରଣକୁ ଜୟ କରିଛି । ଶହ ଶହ ପତିତ ଅଧମ ମନୁଷ୍ୟଙ୍କୁ ସତ୍ ମାର୍ଗରେ ନେବାରେ ପୁଅ ତୁମର ତ୍ୟାଗର ମହିମାମୟ ଆଲୋକ ବାଟର ପଥିକ ।" ମା ଶାନ୍ତ ହେଲେ । ସ୍ୱପ୍ନ ଭାଙ୍ଗିଗଲା । ତା ' ପରେ ବଳଭଦ୍ର ଦେବ କିଛିଦିନ ପରେ ଅରଣ୍ୟ, ପର୍ବତ, ଦୁର୍ଗମ ରାସ୍ତା ଅତିକ୍ରମ କରି ଅଗ୍ରସର ହେଉଥା'ନ୍ତି ।

ପୁରୀରେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଦର୍ଶନ ପ୍ରାପ୍ତ କରିବାର ସୌଭାଗ୍ୟ ମଧ୍ୟ ସେ ଅର୍ଜନ କରିଥିଲେ । ବିଭିନ୍ନ ନିର୍ଜନ-ଦୁର୍ଗମ ପଥ ଅତିକ୍ରାନ୍ତ କରି ଯେବେ ସେ ଖାଦ୍ୟ ସନ୍ଧାନରେ ପହଞ୍ଚିଲେ ଏବଂ ଏକ ବାଡିରୁ କଦଳୀ ପତ୍ର କାଟି ସେଥିରେ ଖାଦ୍ୟ ଗ୍ରହଣ କରିବାର ଚିନ୍ତା

ISSN NO.
2582-208X

କଲେ । ଏକ ବୁଢ଼ୀ ମାଉସୀ ଆସି ଡାକ ଦେଲା - "କିଏରେ ଅରକ୍ଷିତ ?" ଅରକ୍ଷିତ ଏ ନାମଟି ରାଜପୁତ୍ର ବଳଭଦ୍ର ଦେବ ଙ୍କୁ ଏପରି ମନକୁ ଛୁଇଁ ଗଲା ଯେ ସେ ନିଜ ନାମ ବଳଭଦ୍ର ଦେବ ରୁ ପରିବର୍ତ୍ତନ କରି ଅରକ୍ଷିତ ଦାସ ବୋଲି ଗ୍ରହଣ କରିନେଲେ । "ଅରକ୍ଷିତ"- ଯାହାର ଏ ଦୁନିଆରେ କେହି ନାହିଁ, ଭଗବାନ ହିଁ ରକ୍ଷକ ଅରକ୍ଷିତ ର ।

ଓଳାଶୁଣୀ ପାହାଡ଼ ନିକଟବର୍ତ୍ତୀ ଅକରପଡା ଗ୍ରାମରେ ମୁସଲମାନ ମିର୍ଜା ଙ୍କ ଗୃହରେ ଯେତେବେଳେ ଭୋଜନ ପ୍ରସ୍ତୁତ କରାଯାଇ କନା ଘୋଡାଇ ମହାପୁରୁଷ ସନ୍ଥ ଅରକ୍ଷିତଙ୍କୁ ଅର୍ପଣ କରାଗଲା ସେଥିରେ କିନ୍ତୁ ଗୋମାଂସ ରହିଥିଲା । କିନ୍ତୁ ସନ୍ଥ ଅରକ୍ଷିତ ଭୋଜନ ଥାଳିରୁ କନା ଉଠାଇବା ମାତ୍ରେ ତାହା ହିନ୍ଦୁ ଦେବଦେବୀ ଅର୍ପିତ ସାତ୍ୱିକ ମିଷ୍ଟାନାଦି ରେ ପରିଣତ ହୋଇଗଲା । ଏହା ଦେଖି ମୁସଲମାନ ମିର୍ଜା କ୍ଷମା ପ୍ରାର୍ଥନା କଲେ ଏହି ଅପରାଧର । ପରବର୍ତ୍ତୀ ସମୟରେ କେନ୍ଦ୍ରାପଡ଼ା ରାଜା ରାଧେଶ୍ୟାମ ନରେନ୍ଦ୍ରଙ୍କ ଅନୁମତି କ୍ରମେ ଅରକ୍ଷିତ ଦାସ ଓଳାଶୁଣୀ ପର୍ବତକୁ ନିଜ ସାଧନାର ପୀଠ ରୂପେ ଗ୍ରହଣ କଲେ । କିନ୍ତୁ ପାହାଡ଼ର ଆରାଧ୍ୟ ଦେବୀ ମା ଓଳାଶୁଣୀଙ୍କ ମାତୃ ହୃଦୟକୁ ପୁଅ ଅରକ୍ଷିତ କିଣି ପାରିଥିଲେ ନିଜ ତ୍ୟାଗ ଓ ସ୍ନେହ ବଳରେ । ତେଣୁ ସନ୍ଥ ଅରକ୍ଷିତ ଓଳାଶୁଣୀ ପାହାଡ଼ର ଶୀର୍ଷରେ ନିଜର ସାଧନା ପୀଠରେ ରହିଲେ ସମାଧି ଗ୍ରହଣ କରିଥିଲେ ସେହିଠାରେ ।

ପାହାଡ଼ର ପାଦ ଦେଶରେ ମା ଓଳାଶୁଣୀ ନିଜର ଶକ୍ତିପୀଠରେ ପୂଜିତ ହେଲେ ପୁଅ ଅରକ୍ଷିତର ରକ୍ଷାକବଚ ରୂପେ । ମା ଓଳାଶୁଣୀ ଙ୍କ ନାମାନୁସାରେ ଏହି ପାହାଡ଼ର ନାମକରଣ । ଏଇ ତ ମା - ପୁଅର ଅତୁଳନୀୟ ଅମୂଲ୍ୟ ସମ୍ପର୍କ । ଅନାବିଳ ସ୍ନେହ ଗୋଟେ ପୁଅ ପ୍ରତି ମା' ର । ସେହିଦିନ ଠାରୁ ପ୍ରତିବର୍ଷ ଓଳାଶୁଣୀ ପୀଠରେ ସନ୍ଥ ଅରକ୍ଷିତ ଦାସଙ୍କ ମହାପ୍ରୟାଣ ଦିବସ (ମାଘ ମାସ କୃଷ୍ଣ ପକ୍ଷ ଏକାଦଶୀ ତିଥି) ରେ ପାଳିତ ହେଉଅଛି । ମହାପୁରୁଷ ସନ୍ଥ ଅରକ୍ଷିତ ଦାସଙ୍କ ସ୍ଥୂଳ ଶରୀର ହୁଏ ତ ଆଜି ନାହିଁ କିନ୍ତୁ ତାଙ୍କ ଲେଖନୀର ଭାବଧାରାରେ- "ଭକ୍ତିଟୀକା", "ମହୀମଣ୍ଡଳ ଗୀତା" ଇତ୍ୟାଦି ତତ୍ତ୍ୱ ଏବଂ ତଥ୍ୟ ଗର୍ଭକ ରଚନାବଳୀ ଆଜି ମଧ୍ୟ ନିଜର ବଳିଷ୍ଠତା ବଜାୟ ରଖି ପାରିଛି ଏବଂ

ISSN NO.
2582-208X

ଭବିଷ୍ୟତରେ ରଖି ପାରିବ । ଅବିଭକ୍ତ କଟକ ଜିଲ୍ଲା ବର୍ତ୍ତମାନର ଯାଜପୁର ଜିଲ୍ଲାରେ ଏହି ଓଳାଶୁଣୀ ପର୍ବତ ରହିଅଛି । କଟକ-ଯାଜପୁର-କେନ୍ଦ୍ରାପଡା ତିନୋଟି ଜିଲ୍ଲାର ତ୍ରିବେଣୀ ସଙ୍ଗମ ର ସ୍ଥଳ କହିଲେ ଓଳାଶୁଣୀ ପୀଠକୁ ଅତ୍ୟୁକ୍ତି ହେବନାହିଁ। ଅବଧୂତ ସନ୍ଥ ଅରକ୍ଷିତ କେଉଁଥିରେ ବି ନା ଜାତିରେ, ନା ଖାଦ୍ୟରେ ବାଛ ବିଚାର କରି ନାହାଁନ୍ତି।

ତେଣୁ ଓଳାଶୁଣୀ ପୀଠ ରେ ପୋଡ଼ପିଠା,ଶୁଖୁଆ ଅର୍ପଣ କରାଯାଇଥାଏ ସନ୍ଥ ଅରକ୍ଷିତଙ୍କ ନିକଟରେ ଓ ଭକ୍ତ ମାନେ ମଧ୍ୟ ଏହି ପ୍ରସାଦ ଗ୍ରହଣ କରିଥା'ନ୍ତି । ଓଳାଶୁଣୀ ନିକଟବର୍ତ୍ତୀ ଲଳିତଗିରି- ରତ୍ନଗିରି-ଉଦୟଗିରି (ପ୍ରସିଦ୍ଧ ବୌଦ୍ଧ ବିହାର ର) ତ୍ରିବେଣୀ ସଙ୍ଗମ ଏଠାରେ ବିଦ୍ୟମାନ । ଅତି ସଂକ୍ଷେପରେ କହିବାକୁ ଗଲେ ଏହି ତ ସେ ଗାଥା ର ବର୍ଣ୍ଣନା କିପରି ରାଜପୁତ୍ର ବଳଭଦ୍ର ଦେବ ସନ୍ଥ ଅରକ୍ଷିତ ଦାସ ରୂପେ ପରିଚିତ ହେଲେ।

"ଜୟ ଜୟ ପୂର୍ଣ୍ଣ ବ୍ରହ୍ମ ପରମ ପୁରୁଷ,
ଯିଏ ପୂର୍ଣ୍ଣ ବ୍ରହ୍ମ ସିଏ ଅରକ୍ଷିତ ଦାସ।"

ଜୟ ଜଗନ୍ନାଥ, ଜୟ ଅରକ୍ଷିତ

ସ୍ନାତକୋତ୍ତର ଦ୍ୱିତୀୟ ବର୍ଷର ଛାତ୍ରୀ
ଓଡିଆ ଭାଷା-ସାହିତ୍ୟ ବିଭାଗ
ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ

ISSN NO.
2582-208X

# ଜନ ପଥ



ମନୋରଞ୍ଜନ ସୁରୁଜାଲ

ପଥିକର ସାହା ଗନ୍ତବ୍ୟର ରାହା
ସୀମାହୀନ ଅନ୍ତରେଖା,
ଲମ୍ବିଛି ଦୂରକୁ ଆଗକୁ ଆଗକୁ
ବନ୍ଧୁ ପରିଜନ ସଖା ।

ଦିନେ ଥିଲା ଯାହା ନିଘଞ୍ଚ ବନାନୀ
ଦୁରୁଗମ ବନ ଗିରି,
ଦୁର୍ଭେଦ୍ୟକୁ ଭେଦି ଜଳ ସ୍ଥଳ ନଭ
ପର୍ବତର ବୁକୁ ଚିରି ।

ଦୂରକୁ ନିକଟ କରେ ଜନପଥ
ସବୁରି ସାହା ଭରସା,
ନବ ସ୍ୱପ୍ନ ରଚେ ନବୀନ ଆଲୋକେ
ମନରେ ନୂତନ ଆଶା ।

ISSN NO.
2582-208X

ଅଙ୍କା ବଙ୍କା ପୁଣି ଉଠାଣି ଗଡ଼ାଣି
ବତାଏ ଜୀବନ ମାନେ,
ସୁଖ ଦୁଃଖ ସବୁ ଜୀବନ ରହସ୍ୟ
ମିଳଇ ତା' ପ୍ରତିଦାନେ ।

ମାଟି କାଦୁଅରେ ଗଢ଼ା ଥିଲା ଦିନେ
ଚାଲୁଥିଲା ପଥାରୋହୀ,
ଯାନ ବାହନରେ ଆଜି ପରିପୂର୍ଣ୍ଣ
ଭିଡ଼ ଜମେ ରହି ରହି ।

କେବଳ ପାଦପ ଦୁଇ କଡେ ଛିଡା
ନିର୍ଜନ ଏକାକୀ ସତ,
ତରୁ ଲତା ଗଣ ବସର୍ଜି ଜୀବନ
ସ୍ମୃତି ଚାରଣରେ ପଥ ।

ଶଗଡିଆ ଗୀତ ଶୁଭୁ ନାହିଁ କର୍ଣ୍ଣେ
କାହିଁ କୋଇଲିର ତାନ,
ବ୍ୟସ୍ତ ବିବ୍ରତ ଏ ଜନ ମାନସ କି
ଚିହ୍ନି ପାରେ ନା ତା ମନ ।

ନଭ-ଚୁମ୍ବି ଦର୍ପେ ଅହଂକାର ଗର୍ବେ
ଅଟ୍ଟାଳିକା ମାନ ଛିଡା,
ପାନ୍ଥ ହୃଦୟର ବେଦନା କେ ବୁଝେ
ପାଲଟି ଗଲାଣି ମଡ଼ା ।

ISSN NO.
2582-208X

କେତେ ଆସିଥିଲେ କେତେଗଲେ ଫେରି
ଯିବା ଆସିବାର ବାଟ ,
ନବଜାତ ଶିଶୁ ହେଲାଣି ବୟସ୍କ
ହଜିଲାଣି ଥାଟବାଟ ।

ଗାଆଁ ଚାହାଳିର ରୂପରେ ଅନ୍ତର
ଛଣ ଛପରର ଘର,
ଜନପଦ ସାଜି ଅଚିହ୍ନା ସତେକି
ପୋଛିବାକୁ ଆଖି ଝର ।

ପରିବର୍ତ୍ତନର ଏ ସାରା ଜଗତ
ମରମେ ସାଇତି ଧରେ ,
ଗାଆଁ ଚାଟଶାଳୀ ପାଠ ନିରନ୍ତର
ତାହାକୁ ଏ ପଥ ଝୁରେ ।

ଆଇଁଲ୍‌ପାଲି, ଧମା, ସମ୍ବଲପୁର

ISSN NO.
2582-208X

# ଶେଷ ଚିଠି



ଦୁଷ୍ମନ୍ତ ବେହେରା

ଫରଦ କହୁଛି ମୋ ଶେଷ ପୃଷ୍ଠା
ମନ ଅକ୍ଷର କହେ ଝାପ୍ସା
ହେବାକୁ ମୋର ଅଳପ ବାକି
ପଢିଲେ ଝରେ ଶ୍ରାବଣ ଏଇ !!

ମନ ପକ୍ଷୀ ତୁମ ପ୍ରେମ ଝୁରେ
ହୃଦୟ ରଖିଛି ସାଇତି ଲଫାପା
ପୁରୁଣା ହେଲାଣି ସନ୍ତକ ତୁମର
ଲିଭି ନାହିଁ ହୃଦୟରୁ ସ୍ମୃତି ଦାଗ !!

ପ୍ରେମ ଝରକା ଏପାଖେ ଚାହିଁଛି
ଆସିବ ତୁମେ ପ୍ରେମ ପରଶ ନେଇ
ମିଛରେ କହି ମନକୁ ବୁଝେଇଲ
ସମୟ ଶେଷ ରେ ଇତି ଲେଖି !!

ISSN NO.
2582-208X

ମୁଁ ଏଠି ଦିନର ଅପେକ୍ଷା ରେ
ସମୟ ବିତେ ତୁମେ ଗଲାପରେ
ଶେଷ ଚିଠି କୁ ଧରି କହେ
ଜୀବନ ସରେ ଶେଷ ବାଟକୁ ଚାହିଁ !!

ପ୍ରେମ ପ୍ରକୃତି ର ଦାନ ଚିଠି ଆଜି
ଅଛି କାଲି ଚିରି ଯିବ ରହିଥିବ
ତୁମ ପ୍ରେମ ଦାଗ ବେଳ ଥିଲେ
ଖୋଲି ପଢିବ ଶେଷ ଚିଠି !!

ରାତି ର ତାତି ରେ ଦେହ ତାତେ
ଯଉବନ କହେ କାକର ଛୁଇଁ
ଆସିବ ଥରେ ପ୍ରିୟା ସାଥି
ହୋଇ ପଢିବା ଶେଷ ଚିଠି !!

ତୁମ ବାଟର ମନ ସାକ୍ଷୀ
ଏଇ ଇଏତ ଶେଷ ଚିଠି.......

ସ୍ୱସୋଳ (ମୁଣ୍ଡିଆପଷି)
ଢେଙ୍କାନାଳ

ISSN NO.
2582-208X

# ବଡ଼ କିଏ ?



ଅଭୟ କୁଣ୍ଡ

ବୀର ଭୋଗ୍ୟା ବସୁନ୍ଧରା । ପ୍ରବୃତ୍ତିର ବଶବର୍ତ୍ତୀ ହୋଇ ମଣିଷ ନିଜକୁ ବଡ଼ ବୋଲି ଦେଖେଇ ହୁଏ। ବାହୁ ବଳ ଅଶୋକଙ୍କୁ ଚଣ୍ଡାଶୋକରେ ଓ ଧର୍ମ ବଳ ଅଶୋକଙ୍କୁ ଧର୍ମାଶୋକରେ ପରିଚିତ କରାଇଥିଲା । ଅସ୍ତ୍ରର ଜୟ ଠାରୁ ହୃଦୟର ଜୟ ମହତ୍ତର । ଏହାର ଏକ ଉଦାହରଣ ବୌଦ୍ଧ ଜାତକରୁ ମିଳେ । ଭଗବାନ ବୁଦ୍ଧ ପୂର୍ବ ଜନ୍ମରେ ବାରଣାସୀ ରାଜାଙ୍କ ପୁତ୍ର ରୂପରେ ଜନ୍ମ ଗ୍ରହଣ କରିଥିଲେ । ତାଙ୍କର ନାମ ବ୍ରହ୍ମଦତ୍ତ ଥିଲା। ତୁଳସୀ ଦୁଇ ପତ୍ରରୁ ବାସେ ଆଉ ମହତ ଜନର ସୁଗୁଣ ଶିଶୁ ଅବସ୍ଥାରୁ ଜଣାପଡ଼ିଥାଏ ।

ରାଜପୁତ୍ର ବ୍ରହ୍ମଦତ୍ତ ଶିଶୁ ବୟସରୁ ଶାନ୍ତ ଶିଷ୍ଟ ଥିଲେ । ସମସ୍ତଙ୍କୁ ସ୍ନେହ ଆଦର କରୁଥିଲେ ଓ ଗୁରୁଜନଙ୍କୁ ସମ୍ମାନ କରୁଥିଲେ । ବୟସ ବଢିବାରୁ ସେ ପ୍ରଜାମାନଙ୍କୁ ନମ୍ର ବ୍ୟବହାରରେ ବଶ କରୁଥିଲେ । ସରଳ ଜୀବନ ଯାପନ ତଥା ପରୋପକାରରେ ସମୟ ଦେଉଥିଲେ ।

ପିତାଙ୍କ ଅନ୍ତେ ବ୍ରହ୍ମଦତ୍ତ ବାରଣାସୀର ରାଜା ହେଲେ । ପ୍ରଜାମାନେ ବ୍ରହ୍ମଦତ୍ତଙ୍କୁ ଖୁବ୍ ସମ୍ମାନ କରୁଥିଲେ । ବ୍ରହ୍ମଦତ୍ତ ପ୍ରଜାମାନଙ୍କ ସୁଖ ଦୁଃଖ ଜାଣିବା ପାଇଁ ଛଦ୍ମ ବେଶରେ ରାଜ୍ୟ ଭ୍ରମଣ କରୁଥିଲେ । ପ୍ରଜାଙ୍କ ସହ ମିଶି ତାଙ୍କର ବାସ୍ତବ ଅବସ୍ଥା ଦେଖି ତାର ପ୍ରତିକାର କରୁଥିଲେ । ବାରଣାସୀର ପଡୋଶୀ ରାଜ୍ୟ କୋଶଳ ଥିଲା । ଥରେ ବ୍ରହ୍ମଦତ୍ତ ରାଜ୍ୟ ଭ୍ରମଣ ପାଇଁ ରଥରେ ବସି ରାଜ୍ୟ ସୀମାକୁ ଏକ ସଂକୀର୍ଣ୍ଣ ପଥରେ ଯାଉଥିଲେ । ଯୋଗକୁ କୋଶଳର ରାଜା ରଥରେ ସେହି ପଥରେ ବିପରୀତ ଦିଗରୁ ଆସୁଥିଲେ । ଦୁଇ ରାଜା ସାମ୍ନା ସାମ୍ନା ହେଲେ ମାତ୍ର ସଂକୀର୍ଣ୍ଣ ପଥରେ ଏକ ସମୟରେ ଦୁଇ ରଥ ବିପରୀତ ଦିଗକୁ ଯିବା ସମ୍ଭବ ହେଲାନାହିଁ । ଜଣେ କେହି ନିଜ ରଥକୁ ପଛକୁ ଫେରାଇବାକୁ ହେବ।

ISSN NO.
2582-208X

ବାରଣାସୀ ଓ କୋଶଳ ଦୁଇଟି ବିଶାଳ ରାଜ୍ୟ । ନିଜ ରାଜ୍ୟର ସମ୍ମାନରେ ପ୍ରଶ୍ନ ଯେ ଯିଏ ପଛକୁ ଫେରିବ ସିଏ ନିନ୍ଦିତ ହେବ । କିଏ ବଡ ଏହାକୁ ନେଇ ବାକ୍ ଯୁଦ୍ଧ ଆରମ୍ଭ ହେଲା। ଉଭୟ ରଥର ସାରଥି ନିଜ ରାଜ୍ୟ, ରାଜା, ଧନସମ୍ପଦ ଶକ୍ତି ସାମର୍ଥ୍ୟକୁ ନେଇ ତର୍କ କଲେ ।

ସମ୍ମାନର ଆଧିକ୍ୟ ସାଧାରଣତଃ ରାଜାଙ୍କର ବୟସ, ବିଦ୍ୟା, ବୁଦ୍ଧି, ଅର୍ଥ, ସାମର୍ଥ୍ୟ ଓ ରାଜ୍ୟର ଆକାରକୁ ନେଇ ନିର୍ଦ୍ଧାରିତ ହୋଇଥାଏ । ଯୁକ୍ତି ତର୍କ ଆରୋପ ପ୍ରତ୍ୟାରୋପ ଚାଲିଲା । ବ୍ରାହ୍ମଦତ୍ତଙ୍କ ସାରଥି କୋଶଳ ରାଜାଙ୍କର ଗୁଣାବଳୀକୁ ନେଇ ପ୍ରଶ୍ନ ପଚାରିଲେ । କୋଶଳ ରାଜାଙ୍କ ସାରଥି କହିଲେ କୋଶଳ ରାଜା ଯେତିକି ଶାନ୍ତ ସେତିକି କଠୋର । ସାଧୁ ସରଳ ନିରୀହ ଲୋକଙ୍କୁ ସାଧୁ ବ୍ୟବହାର କରନ୍ତି ମାତ୍ର ଶଠ ପ୍ରତି ଶଠତା କରନ୍ତି । ତାଙ୍କ ବଳ ବିକ୍ରମ ଦେଖି ଶତ୍ରୁମାନେ ଭୟ କରନ୍ତି । କଠୋର ଶାସନରେ ପ୍ରଜାମାନେ ବଶୀଭୂତ ଓ ଅପରାଧୀମାନେ ଶଙ୍କିତ ହୁଅନ୍ତି । ରାଜ୍ୟରେ ଶାନ୍ତି ଶୃଙ୍ଖଳା ବଳବତ୍ତର ଥାଏ ।

ଏଥର କୋଶଳର ରାଜା ବିଦ୍ରୁପ ସ୍ୱରରେ ବାରାଣସୀ ରାଜାଙ୍କର ଗୁଣାବଳୀକୁ ନେଇ ପ୍ରଶ୍ନ କଲେ । ବ୍ରହ୍ମଦତ୍ତଙ୍କ ସାରଥି କହିଲେ ଆମ ରାଜା କ୍ରୋଧ ପ୍ରକାଶ ନ କରି କ୍ରୋଧିକୁ, ସାଧୁତାରେ ଅସାଧୁକୁ, ଦାନଦେଇ କୃପଣକୁ ଓ ନମ୍ରତା ସେବା କାର୍ଯ୍ୟ କରି ସବୁରି ହୃଦୟ ଜୟ କରନ୍ତି । ସତ୍ୟ ଦ୍ୱାରା ମିଥ୍ୟା ପରାସ୍ତ ହୁଏ । ଫଳ ଭାରରେ ବୃକ୍ଷ ନଇଁପଡେ ଆଉ ସୁଗୁଣ ଭାରରେ ଗୁଣୀ ଜନ ନମ୍ର ହୁଅନ୍ତି ।

ଏହି କଥା ଶୁଣି କାଶୀ ରାଜା ମଥା ନତ କଲେ ଓ ବ୍ରହ୍ମଦତ୍ତ ମହାନ୍ ଏକଥା ମାନି ନେଲେ। ଉଭୟ ବନ୍ଧୁ ହେଇଗଲେ ସବୁ ଦିନ ପାଇଁ ।

ସହକାରୀ ଶିକ୍ଷକ
ପଞ୍ଚାୟତ ସରକାରୀ ଉଚ୍ଚ ବିଦ୍ୟାଳୟ
ପଡ଼ିଆଭଙ୍ଗା ତାଳଚେର ଅନୁଗୋଳ
ମୋ: ୯୫୫୬୨୯୮୯୭୨୩

ISSN NO.
2582-208X

# ପ୍ରକୃତି ରଙ୍ଗାଜୀବ, ଗଙ୍ଗାଧର



ସନ୍ତୋଷ କୁମାର ବେହେରା

ଆହେ ରଙ୍ଗାଜୀବ, କବି ଗଙ୍ଗାଧର
ଧନ୍ୟ ତୁମ ପିତା ମାତା
ଅହୋଭାଗ୍ୟ କରି, କୋଳରେ ମଣ୍ଡିଲେ
ହେଲେ ତୁମ ଜନ୍ମଦାତା (୧)
ଦାରିଦ୍ର୍ୟ ଭିତରେ, ତନ୍ତି ପରିବାରେ
ହୋଇଥିଲ ତୁମ୍ଭେ ଜାତ
ସମୟ ସ୍ରୋତରେ ଜ୍ଞାନର ପ୍ରତିଭା
ହୋଇଗଲା ବିକଶିତ (୨)
ପ୍ରକୃତି ପ୍ରେମୀ ହେ, କବି ଗଙ୍ଗାଧର
ପ୍ରକୃତି ବର୍ଣ୍ଣନା କରି
ପ୍ରକୃତି ରାଣୀକୁ, ସୌନ୍ଦର୍ଯ୍ୟ ମଣ୍ଡିତେ
ଦେଇଅଛ ତୁମ୍ଭେ ଭରି (୩)
ଶବ୍ଦ ଯାଦୁକର, ଶବ୍ଦ ଅଳଙ୍କାରେ
ଶବ୍ଦର ମାଳାକୁ ଗୁନ୍ଥି
ପ୍ରକୃତି ରାଣୀର, ଗଳାରେ ପିନ୍ଧାଇ
ପାଇଛ ପରମ ଶାନ୍ତି (୪)

ISSN NO.
2582-208X

ଭାଷା ସାହିତ୍ୟର, ଆକାଶରେ ତୁମେ
ଅଟ ତାରକାର ଜ୍ୟୋତି
ତୁମ ଭାଷା ଶବ୍ଦ, କରି ଦିଏ ସ୍ତବ୍ଧ
ଜୀବନ୍ତ ହୁଏ ପ୍ରକୃତି (୫)।
ସାହିତ୍ୟ ଜଗତେ, ସାହିତ୍ୟ ରକ୍ଷକ
ସାହିତ୍ୟର ଗନ୍ତାଘର
ଦେହା ବସାନେ ବି, ତୁମ ସ୍ମୃତି ସବୁ
ରହିଛି ହୋଇ ଅମର (୬)
ଅମର ଆତ୍ମାର ସଦଗତି ପାଇଁ
ବିଭୂ ପାଦେ ନିବେଦନ
ଶ୍ରାଦ୍ଧ ଶତବାର୍ଷିକୀର ଉପଲକ୍ଷେ
ଶ୍ରଦ୍ଧାଞ୍ଜଳି ଆମ ଘେନ ।।

କପସିଲ୍, ତୁଷୁର୍, ବଲ୍ଙ୍ଗିର
ମୋବା:--୭୭୩୫୬୧୫୧୦୭

ISSN NO.
2582-208X

# ଶ୍ରୀ ଶ୍ରୀ ଗୋପାଳ ସ୍ତୁତି !!



ଅଳକା ବାରିକ୍

ଓଁ ନମୋ ବିଶ୍ୱରୂପାୟ ବିଶ୍ୱସ୍ଥିତ୍ୟନ୍ତ ହେତବେ ବିଶ୍ୱେଶ୍ୱରାୟ ବିଶ୍ୱାୟ ଗୋବିନ୍ଦାୟ ନମୋ ନମୋଃ !

ନମୋ ବିଜ୍ଞାନରୂପାୟ ପରମାନନ୍ଦ ରୁପିଣେ କୃଷ୍ଣାୟ ଗୋପୀନାଥାୟ ନମୋ ନମୋଃ !

ନମୋ କମଳ ନେତ୍ରାୟ ନମୋ କମଳ ମାଳିନେ ନମୋ କମଳନାଭାୟ କମଳାପତୟେ ନମୋଃ !

ବର୍ହାପିଡାଭୀରାମାୟ ରାମାୟାକୁଣ୍ଠମେଧସେ ରମା ମାନସହଂସାୟ ଗୋବିନ୍ଦାୟ ନମୋ ନମୋଃ !

କଂସବଶ ବିନାଶାୟ କେଶୀଚାଣୁର ଘାତିନେ କାଳିନ୍ଦୀକୂଳ ଲୀଳାୟ ଲୋଲକୁଣ୍ଡଳ ଧାରିଣେ !

ବୃଷଭଧ୍ୱଜ ବନ୍ଦ୍ୟାୟ ପାର୍ଥସାରଥୟେ ନମୋଃ ବେଣୁବାଦନଶୀଳାୟ ଗୋପାଳାୟାହିମର୍ଦ୍ଦିନେ !

ISSN NO.
2582-208X

ବଲ୍ଲବିବଦନାମ୍ବୁଜମାଳିନେ ନୃତ୍ୟ ଶାଳିନେ ନମୋ ପ୍ରଣତପାଳାୟ ଶ୍ରୀକୃଷ୍ଣାୟ ନମୋ ନମୋଃ !

ନମୋ ପାପପ୍ରଣାଶାୟ ଗୋବର୍ଦ୍ଧନ ଧରାୟଚ ପୁତନା ଜୀବିତାନ୍ତାୟ ତୃଣାବର୍ତ୍ତସୁହାରିଣେ !

ନିଷ୍କଳାୟ ବିମୋହାୟ ଶୁଦ୍ଧୟା ଶୁଦ୍ଧ ବୈରିଣେ ଅଦ୍ୱିତୀୟାୟ ମହତେ ଶ୍ରୀ କୃଷ୍ଣାୟ ନମୋ ନମୋଃ !

ପ୍ରସୀଦ ପରମାନନ୍ଦ ପ୍ରସୀଦ ପରମେଶ୍ୱରଃ ଆଦିବ୍ୟାଧି ଭୁଜଙ୍ଗେନ ଦଷ୍ଟ ମାମୁଦ୍ଧର ପ୍ରଭୋ !

ଶ୍ରୀକୃଷ୍ଣ ରୁକ୍ମିଣୀକାନ୍ତଂ ଗୋପୀଜନ ମନୋହର ସଂସାର ସାଗରେମଗ୍ନଂ ମାମୁଦ୍ଧର ଜଗଦଗୁରୋ!

କେଶବ କ୍ଳେଶ ହରଣ ନାରାୟଣ ଜନାର୍ଦ୍ଦନଃ ଗୋବିନ୍ଦ ପରମାନନ୍ଦ ସାମୁଦ୍ଧର ମାଧବଃ !

ଇତ୍ୟାର୍ଥର୍ବର୍ଣେ ଗୋପାଳତପିନ୍ୟୁପନିଷଦନ୍ତର୍ଗତା ଗୋପାଳ ସ୍ତୁତି ସମାପ୍ତଃ ।

ଓଁ ନମୋଃ ଭଗବତେ ବାସୁଦେବାୟ

ସଂଗ୍ରାହିକା: ଅଳକା ବାରିକ୍
ମହୁ, ଆଳ, କେନ୍ଦ୍ରାପଡା

ISSN NO.
2582-208X

# ଗଜଲ୍

## କଣେଇ ହସେ ଅଳପ



ତାରାପ୍ରସାଦ ଜେନା

କହ୍ନେଇ ମୋର ସେରନ୍ତା ଭାରି କଣେଇ ହସେ ଅଳପ
ଆଖିରୁ ସିଏ ଗଲେ ବାହାରି ଶୁଏନି ଆଉ ତଳପ ।୦।

ରାବିଡ଼ି ଛେନା ଖାଏନି ଏଠି ପକାଇ କରେ ଗଳପ
ଗୋପିକା ଘରେ ଖାଉଚି ମୁଠି କଣେଇ ହସେ ଅଳପ ।୧।

କୋଳେଇ କିଏ କାଖରେ ଧରି କରୁଛି କେତେ ଆଳାପ
କାହାର କାନି କହ୍ନେଇ ଭିଡ଼ି କଣେଇ ହସେ ଅଳପ ।୨।

ବଇଁଶୀ ଓଠେ ସ୍ୱରକୁ ଦେଇ ଡାକଇ ସଖା ମିଳାପ
ଯେଉଁଠି ଯିଏ ଆସନ୍ତି ଧାଇଁ କଣେଇ ହସେ ଅଳପ ।୩।

ମଉନୀ ରାଧା କହ୍ନେଇ ଲାଗି ଭୁଲିଛି ଯେତେ କଳପ
ମୋହନ ଦୟା 'ତା'ରା' ସୁଆଗୀ କଣେଇ ହସେ ଅଳପ ।୪।

ରାଜ ରଣପୁର, ଜିଲ୍ଲା -ନୟାଗଡ଼,
ପିନ୍-୭୫୨୦୨୬/ଦୂରଭାଷ-୯୩୪୮୦୫୪୩୦୦

ISSN NO.
2582-208X

# ଜନ୍ମାଷ୍ଟମୀ - ଅର୍ପଣ କରନ୍ତୁ ୪ ଟି ଜିନିଷ



ସମ୍ପଦା ଦେବୀ

ଭାଦ୍ରବ ମାସ କୃଷ୍ଣପକ୍ଷ ଅଷ୍ଟମୀ ତିଥି ଆସିବା ମାତ୍ରକେ ସାରା ପୃଥିବୀ ଅପେକ୍ଷା କରିଥାଏ ଭଗବାନ ବିଷ୍ଣୁଙ୍କର ସେହି ଦିବ୍ୟ ରୂପ କୁ ସ୍ୱାଗତ କରିବା ପାଇଁ ତାହା ହେଉଛି ଦ୍ୱାପର ଯୁଗର ଶ୍ରୀକୃଷ୍ଣ ଙ୍କ ରୂପ । ରୋହିଣୀ ନକ୍ଷତ୍ର ରେ ଭଗବାନ ବିରାଜମାନ କରିଥିଲେ ଦ୍ୱାପର ଯୁଗରେ ଧରା ପୃଷ୍ଠକୁ । ବର୍ତମାନ ପ୍ରାୟ ଭାରତର ସମସ୍ତ ସ୍ଥାନରେ ଜନ୍ମାଷ୍ଟମୀ ର ପ୍ରସ୍ତୁତ ପର୍ବ ଆରମ୍ଭ ହୋଇଥାଏ । ବିଶେଷ ଭାବରେ ଜନ୍ମାଷ୍ଟମୀ ରେ ଶ୍ରୀକୃଷ୍ଣ ଙ୍କୁ ତାଙ୍କର ପ୍ରିୟ ବସ୍ତୁ ଅର୍ପଣ କରାଯାଇ ଥାଏ । ଯାହାଦ୍ୱାରା ଶ୍ରୀକୃଷ୍ଣଙ୍କ କୃପା ପ୍ରାପ୍ତ ହୋଇଥାଏ ।

ଯେପରିକି ଶ୍ରୀକୃଷ୍ଣଙ୍କୁ ଖୁବ ପ୍ରିୟ ଅଟେ ମୟୁର ଚନ୍ଦ୍ରିକା । ସେ ସର୍ବଦା ନିଜ ମସ୍ତକରେ ଏହାକୁ ଧାରଣ କରି ଥାଆନ୍ତି । ତେଣୁ ଜନ୍ମାଷ୍ଟମୀ ରେ ଶ୍ରୀକୃଷ୍ଣଙ୍କୁ ମୟୁର ଚନ୍ଦ୍ରିକା ଅର୍ପଣ କରିବା ଦ୍ୱାରା ଜୀବନ ରେ ସୁଖ ସମୃଦ୍ଧିର ଆଗମନ ହୋଇଥାଏ ।

ତୁଳସୀ ମଞ୍ଜରୀ ମଧ୍ୟ ଶ୍ରୀକୃଷ୍ଣ ଙ୍କର ଖୁବ ପ୍ରିୟ ଅଟେ, ତେଣୁ ଜନ୍ମାଷ୍ଟମୀ ରେ ଶ୍ରୀକୃଷ୍ଣଙ୍କୁ ତୁଳସୀ ମଞ୍ଜରୀ ବା ତୁଳସୀ ଫୁଲ ଦେବା ଦ୍ୱାରା ଘରର ବାତାବରଣ ରେ ଶୁଦ୍ଧତା ଆସିଥାଏ ଏବଂ ଜୀବନ ସୁଖମୟ ହୋଇଥାଏ ।

ISSN NO.
2582-208X

ଜନ୍ମାଷ୍ଟମୀ ଦିନ ସକାଳ ସମୟରେ ନିହାତି କୃଷ୍ଣଙ୍କ ନିକଟରେ ଲହୁଣୀ ଓ ମିଶ୍ରି ପ୍ରସାଦ ଭାବରେ ଅର୍ପଣ କରନ୍ତୁ, ଏହାଦ୍ୱାରା ଶ୍ରୀକୃଷ୍ଣ ଙ୍କ କୃପା ପରିବାର ଉପରେ ସର୍ବଦା ରହିଥାଏ ।

ଯେତେବେଳେ ଶ୍ରୀକୃଷ୍ଣ ଙ୍କୁ ଜନ୍ମାଷ୍ଟମୀ ରେ ତିଳକ ଲଗାଉଛନ୍ତି ସେଥିରେ ସାମାନ୍ୟ ହଳଦୀ ନିହାତି ମିଶାଇ ନିଅନ୍ତୁ ଏବଂ ଚଳିତ ଥର ଜନ୍ମାଷ୍ଟମୀ ରେ ଶ୍ରୀକୃଷ୍ଣ ଙ୍କୁ ହଳଦିଆ ରଙ୍ଗର ବସ୍ତ୍ର ପିନ୍ଧାନ୍ତୁ । ଏପରି କରିବା ଦ୍ୱାରା ସନ୍ତାନ ମାନଙ୍କର ଜୀବନ ରେ ସୁଖ ସମୃଦ୍ଧିର ବାସ ହୋଇଥାଏ ।

ଓମ ନମଃ ଭଗବତେ ବାସୁଦେବାୟ

ସଂଗ୍ରାହିକା: ସମ୍ପଦା ଦେବୀ
ଆଳ, କେନ୍ଦ୍ରାପଡା

ISSN NO.
2582-208X

# ତୁମେ କି ସେ କବି



ଖଗେଶ୍ୱର ବାଗ

ତୁମେ କି ସେ କବି କଲମର ଧାରେ ସରଜିଲ ନବ ରସ
ସୁଖର ସପନ ଦେଖାଇଲ ଧାରେ ଫୁଟାଇଲ ଓଠେ ହସ
ପ୍ରିୟତମ ଠାରେ ପ୍ରଣୟ ଉନ୍ମାଦ ବିରହୀ ପରାଣେ ମୋହ
କେଉଁ ଅଭିଳାଷେ ବଞ୍ଚିବାର ଆଶା ଜନ୍ମାଇଲ ଚାପି କୋହ ।।
ତୁମେ କି ସେ କବି କବିତା ଫରଦେ ସାଉଁଟିଛ ଦୁଃଖ କେତେ
ବାରି ପାରିଛ ସେ ବେଦନାମଥିତ ଲୋତକର ରଙ୍ଗ ସତେ
କଙ୍କାଳର ଦେହେ ଭରିଅଛ ବଳ ସବଳରେ ପରାକ୍ରମ
ସମୟର ଡାକ ମାଟିର ଆହ୍ୱାନ ନାଶିବାକୁ ଘୋର ତମ ।।
ତୁମେ କି ସେ କବି ମରୀଚିକା ପଛେ ଧାବନେ ପଶ୍ଚାଦେ ଟାଣ
ଭାଗ୍ୟ ବିଧାତାର ଭାଗଫଳ ଦେଇ ବାସ୍ତବକୁ ଟାଣିଆଣ
ମରୁଦ୍ୟାନେ ସଜ ଗୋଲାପ ଫୁଟାଅ ପାରାବାରେ ଚଞ୍ଚଳତା
ଶ୍ରାବଣେ ଧରଣୀ ବଧୂବେଶ କର ନିଦାଘେ ସଜାଅ ଚିତା।।
ତୁମେ କି ସେ କବି କବି ସମ୍ମିଳନେ ପଶ୍ଚାଦରେ ଥାଅ ବସି
କବିର କବିତା ଶ୍ରବଣ ନକରି ଗପସପେ ଯାଅ ଭାସି
ବଦନ ବିକୃତି କରିଥାଅ କେତେ ସେଲଫି ନେବାର ପାଇଁ
ଆସିଥାଅ ନିଜ କବିତା ଶୁଣାଇ ଚାଲିଯିବା ଆଶା ନେଇ।।

ISSN NO.
2582-208X

ତୁମେ କି ସେ କବି ସମୟ ସାପେକ୍ଷ କହି ସତର୍କତା କର
ଦୁଇ ମିନିଟର କବିତାରେ ପାଞ୍ଚ ମିନିଟ ଭାଷଣ ମାର
କହିଯାଅ ନିଜ ପଦ ପରିଚୟ ସୁଯୋଗ ମିଳିଛି ଭାବ
ତୁମ ପରି ସର୍ବେ ସର୍ବଗୁଣଧାରୀ ସଂସାରର ଶ୍ରେଷ୍ଠ ଜୀବ ।।
ତୁମେ କି ସେ କବି ଆଖିର ଇସାରା ହାତ ଠରାନରା କର
ସଂଯୋଜକ ସହ ସମ୍ପର୍କ ତୁମର ସାଗରଠୁଁ ବି ଗଭୀର ।
ଦୂର ଲକ୍ଷ୍ୟ ପଥ ଯିବା ହେବ ଡେରି ବଦନେ ବ୍ୟସ୍ତତା ଭାବ
ସତେ ବା ସଂସାର ମଧ୍ୟେ ଏକା ତୁମେ ଭାରି ବ୍ୟସ୍ତ ଥିବା ଜୀବ ।।
ତୁମେ କି ସେ କବି ଟିକିଏ କଥାରେ ମନକୁ ମଳିନ କର
ଚିହ୍ନି ନାହିଁ ବୋଲି ଫେରାଅ ମୁହଁ ବା ଗ୍ରାସିଅଛି ଅହଂକାର
ଶ୍ରେଷ୍ଠ ସ୍ରଷ୍ଟା ହୋଇ ପରଆପଣାର ଭାବ ବହ କେଉଁ ଆଶେ
ମଧୁମୟ ହୁଏ ଏ ସାରା ଜଗତ ତୁମ କଲମ ପରଶେ ।।

ବୁଦ୍ଧିକୋମନା, ନୂଆପଡା

ISSN NO.
2582-208X

# ସ୍ୱାର୍ଥହିତେ ନର



ବାଙ୍କାବିହାରୀ ମହାକୁର

ଲୋକ ଦେଖାଣିଆ ଚିକ୍କଣୀଆ ଭାବ
ଲାଗଇ କେଡେ ସୁନ୍ଦର
ହୃଦୟ ଭିତରେ ଥାଏ ପରିପୂର୍ଣ୍ଣ
ଜ୍ୱଳନ୍ତ ଲାଭା ଜହର ।

କାର୍ଯ୍ୟ ହାସଲର ଯୋଜନା ନିମିତ୍ତ
ନିତି ଦେଖେ କେତେ ସ୍ୱପ୍ନ
ଛଳନା ଜାଲରେ ଛନ୍ଦି ଦେଇ ସିଏ
ସୃଷ୍ଟକରେ ନବ ଚିହ୍ନ ।

ବିବିଧ ଉପାୟେ ମନ ନିଏ ଜିଣି
ଅସତ୍ୟ ଲାଗେ ବାସ୍ତବ
ଛାଇ ପରି ସିଏ ରହିଥାଏ ଲାଗି
ଛାଡି ପ୍ରକୃତ ସ୍ୱଭାବ ।

ISSN NO.
2582-208X

ମହା ଆନନ୍ଦରେ କରେ ବିଚରଣ
ସ୍ୱାର୍ଥହେଲେ ଚାରିତାର୍ଥ
ନିମିଷେ ଦୂରାଏ ଲିପିବଦ୍ଧ କରି
ସଂପର୍କର ଭିନ୍ନ ଅର୍ଥ ।

କିଏ ପର କିଏ ଆପଣା ବିଚାର
ମନୁ କରି ଦିଏ ଦୂର
ଗର୍ବ ଅହଂକାରେ ବଡିମା ପଣରେ
ପାଲଟିଛି ସ୍ୱାର୍ଥପର ।

ବୁରୁବୁଡା
ବୀରମହାରାଜପୁର, ସୁବର୍ଣ୍ଣପୁର

ISSN NO.
2582-208X

# ମୁଦି ଓ ଆଙ୍ଗୁଠି



ଦେବଯାନୀ ବାରିକ୍

ଜଣେ ଶିଳ୍ପପତି ତାଙ୍କ ନାତିକୁ କହିଲେ ଗପଟିଏ। ଜଣେ ବ୍ୟକ୍ତି ମୁଦି କିଣିବା ଲାଗି ଗଲେ। ମନ ପସନ୍ଦର ମୁଦିଟି ବାଛିଲେ। କିନ୍ତୁ ସେ ମୁଦିଟି କେବଳ ମୁଦି ଆଙ୍ଗୁଠିକୁ ଠିକ୍ ଖାପ ଖାଇଲା। ସେ ମଝି ଆଙ୍ଗୁଠି ଓ କାଣୀ ଆଙ୍ଗୁଠିରେ ତାକୁ ପିନ୍ଧି ଦେଖିଲେ। କିନ୍ତୁ ମଝି ଆଙ୍ଗୁଠିକୁ ତା'ର ମାପ ଛୋଟ ହେଲା ବେଳକୁ କାଣୀ ଆଙ୍ଗୁଠିକୁ ତାହା ବଡ଼ ହେଲା।

ସେ ମୁଦି କିଣି ଘରକୁ ଫେରିଲେ ସିନା, ମଝି ଆଙ୍ଗୁଠି ଓ କାଣୀ ଆଙ୍ଗୁଠିର ମନ କାହିଁରେ କଅଣ ଖରାପ ହୋଇଗଲା। ସେମାନଙ୍କୁ ମୁଦି ପିନ୍ଧିବାର ସୌଭାଗ୍ୟ ମିଳି ନ ଥିବାରୁ ସେମାନେ କାମ କରିବା ବନ୍ଦ କରିଦେଲେ।

ସେଇ ଲୋକ ଏହା ବୁଝିପାରି ତୁରନ୍ତ ଦୋକାନକୁ ଯାଇ ବିଶି, ମଝି ଓ କାଣୀ ଲାଗି ତିନିଟି ମୁଦି କିଣିଲେ। ଏବେ ସବୁ ଆଙ୍ଗୁଠି ଖୁସି। ହାତ କାମ କଲା।

ସେଇ ରାତିରେ ସେ ଶୋଇଥିବା ବେଳେ ହଠାତ୍ ତାଙ୍କ ନିଦ ଚାଉଁ କିନା ଭାଙ୍ଗିଗଲା। ତାଙ୍କ ମନରେ ଭାବନାଟିଏ ଜାତ ହେଲା: ତୁ ତ ବୁଢ଼ା ଆଙ୍ଗୁଠିକୁ ଭୁଲିଗଲୁ! ତା'ର କିଛି ଦାବି ନାହିଁ ବୋଲି ତୁ ତା' କଥା ଭୁଲିଗଲୁ। କିନ୍ତୁ ମନେ ରଖ, ସେ ହେଉଛି ତୋ ହାତର

ISSN NO.
2582-208X

ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଆଙ୍ଗୁଠି। ସେ କାମ କରିବା ବନ୍ଦ କରିଦେଲେ ହାତର କିଛି ମୂଲ୍ୟ ରହିବ ନାହିଁ। ଯେହେତୁ ସେ କିଛି ଦାବି କରେନା, ତୁମେ ତାକୁ ଭୁଲିଯାଅନାହିଁ। ତା' ଉପକାରକୁ ମନେ ପକାଇ କୃତଜ୍ଞତା ଜ୍ଞାପନ କର।

ଗପଟି କହିସାରି ଜେଜେ ନାତିଙ୍କୁ ପଚାରିଲେ- ଏବେ କହ, ମୋ ଗପରୁ କ'ଣ ଶିଖିଲୁ ?

ନାତି କହିଲା, ଆମେ ଆମ ଜୀବନରେ ଅନେକଙ୍କ ଦ୍ୱାରା ଉପକୃତ ହେଉଥିଲେ ହେଁ ସେମାନଙ୍କ ନିରବତା ଦ୍ୱାରା ସେମାନଙ୍କୁ ନଜରଅନ୍ଦାଜ କରିଦେଉ। ତାହା ଅନୁଚିତ। ଯେମିତି ଆମ ଘରେ ଆମମାନଙ୍କ ସହାୟତା ଓ ସେବାରେ ଥିବା ଅନେକ କର୍ମଚାରୀ!

ଶିଳ୍ପପତି ଏବେ ନାତିକୁ ସସ୍ନେହ କୋଳକୁ ଭିଡ଼ି ନେଲେ।

ସଂଗ୍ରାହିକା: ଦେବଯାନୀ ବାରିକ୍
ମହୁ, ଆଳି,କେନ୍ଦ୍ରାପଡ଼ା,ଓଡ଼ିଶା

ISSN NO.
2582-208X

# ଦୁଆର ଖୋଲିଲ ପ୍ରଭୁ

ଅଜିତ କୁମାର ପାଢ଼ୀ

ଦୁଆର ଖୋଲିଲ ପ୍ରଭୁ,
. ଆହେ ଚକାଡୋଳା,
ସବୁ ଦ୍ୱାର ଖୋଲା ଖୋଲା
. ଖୋଲିଲାଟି ତାଳା ।
ଚାରିଦ୍ୱାର ଖୋଲା ଖୋଲା,
ଖୋଲିଦେଲ ପ୍ରଭୁ ତୁମେ.!
. ଆହେ ଚକାଡୋଳା,
ତୁମରି ହିଁ ଲୀଳା ପ୍ରଭୁ ଆହେ ଚକାଡୋଳା

ଥିଲା କେତେଦିନୁ ପ୍ରଭୁ,
. ତାଳାବନ୍ଦୀ ରେ ଦୁଆର,
କାରଣ ଅକାରଣେ ଦୁଆର ଅନ୍ଧାର ।
. ଆସିଲା କରୋନା ବ୍ୟାଧି,
. ବ୍ୟାଧି ପାଇଁ ତାଳାବନ୍ଦୀ
ଲୁଚିଗଲ କାହିଁ ପ୍ରଭୁ, ଦୁଆରଟି ତାଳା
ତୁମରି ହିଁ ଲୀଳା ପ୍ରଭୁ ଆହେ ଚକାଡୋଳା

ISSN NO.
2582-208X

ଖୋଲା ଖୋଲା ଖୋଲା ଏବେ
. ଚାରି ଦୁଆର ଟି ଖୋଲା ।
ବଡଦାଣ୍ଡେ ନାହିଁ ତାଳା,
. ପତିତପାବନ ଟି ଖୋଲା,
ଖୋଳାମଞ୍ଚେ ବିଶ୍ୱ ଆଜି
. ଦେଖୁଅଛି ତୁମ ଲୀଳା ।
ଖୋଲା ଖୋଲା ଖୋଲା ଆଜି
. ଚାରି ଦୁଆରଟି ଖୋଲା,
ବିଶ୍ୱ ଆଜି ଦେଖୁଅଛି ତୁମରି ହିଁ ଲୀଳା ।
ତୁମରି ହିଁ ଲୀଳା ପ୍ରଭୁ, ଆହେ ଚକାଡୋଳା
ତୁମେ ପରଂବ୍ରହ୍ମ ପ୍ରଭୁ ଆହେ ଚକାଡୋଳା,
ପ୍ରଭୁ ତୁମରି ହିଁ ଲୀଳା, ଆହେ ଚକାଡୋଳା

କୋମନା, ନୂଆପଡା
Mob 7077847949

ISSN NO.
2582-208X

# ମହିଳାମାନଙ୍କର ଅସ୍ମିତା ଓ ସ୍ୱତନ୍ତ୍ରତା ହନନ



ମମତା ନାୟକ

ଏହା ଏକ ଆଶ୍ଚର୍ଯ୍ୟଜନକ ତଥ୍ୟ ଯେ ସମସ୍ତ ଅଧ୍ୟାତ୍ମବାଦୀ ଧର୍ମ ସେମାନଙ୍କ ଭଗବାନଙ୍କୁ (ଇଶ୍ୱର, ଆଲ୍ଲାହ, ଗଡ୍) ପୁରୁଷ ଭାବରେ ବିବେଚନା କରିଛନ୍ତି, ତାଙ୍କୁ ପିତା କିମ୍ବା ପରମାତ୍ମା ବୋଲି କହିଛନ୍ତି। ଏପରିକି ସେହି ଧର୍ମଗୁଡିକରେ ଭଗବାନଙ୍କୁ ନିର୍ଗୁଣ ଏବଂ ନିରୁପାଧି ଭାବରେ ବିବେଚନା କରାଯାଇଛି। କିନ୍ତୁ ଅନେକ ଧର୍ମଗ୍ରନ୍ଥରେ ଦେବତାମାନଙ୍କ ଦ୍ୱାରା ଦେବୀମାନଙ୍କୁ ଅପମାନିତ ଓ ବଳତ୍କାରର କାହାଣୀ ମଧ୍ୟ ଲେଖା ଯାଇଛି।

ମହିଳା ମୁକ୍ତି ଆନ୍ଦୋଳନ ଦୃଷ୍ଟିକୋଣରୁ, ଭଗବାନଙ୍କ ସ୍ୱରୂପ ସମ୍ବନ୍ଧରେ ଏହି ପ୍ରଶ୍ନ ଗୁରୁତ୍ୱପୂର୍ଣ୍ଣ ହୋଇଯାଏ। ଯଦି ପ୍ରତ୍ୟେକ ଧର୍ମଗ୍ରନ୍ଥରେ ଦେବୀଅର୍ଥାତ ନାରୀମାନଙ୍କର ଅସ୍ତିତ୍ୱ ଅଛି ବୋଲି ଦାବି କରାଯାଉଛି ତେବେ ଆଜି ବି ଅନେକ ଧର୍ମସ୍ଥଳ ଗୁଡ଼ିକରେ ମହିଳାମାନଙ୍କୁ ତିରସ୍କୃତ ଓ ବହିଷ୍କୃତ କରି ରଖା ଯାଇଛି କାହିଁକି? ମହିଳାମାନଙ୍କୁ ପୂଜକ ହେବାର ଅଧିକାର ନାହିଁ, ମସଜିଦରେ ନମାଜ ପଢ଼ିବାର ଅଧିକାର ନାହିଁ, ଆଜି ବି ଅନେକ ହିନ୍ଦୁ ମନ୍ଦିରରେ ମହିଳାଙ୍କ ପ୍ରବେଶ ନିଷେଧ । ଭଗବାନ ଯଦି ନିର୍ଗୁଣ ଏବଂ ନିରୁପାଧୀ, ତାହେଲେ ଲିଙ୍ଗଗତ ପାର୍ଥକ୍ୟ କରି ମହିଳାଙ୍କ ଦାସତ୍ୱକୁ ବଜାୟ ରଖିବା ପାଇଁ ଏଭଳି ବ୍ୟବହାର କରାଯାଉଛି କାହିଁକି? ସମ୍ପୂର୍ଣ୍ଣ ବିଶ୍ୱରେ ମହିଳାମାନଙ୍କ ଉପରେ ଅନେକ ପ୍ରକାରର ଅତ୍ୟାଚାର ହେଉଛି । ପରିବାରରେ ଶାରୀରିକ, ମାନସିକ ଏବଂ ଯୌନ ଉତ୍ପୀଡ଼ନ, ଯୌତୁକ ପାଇଁ ନିର୍ଯାତନା, ଗଣ ବଳାତ୍କାର, 'ସୁନ୍ନତ' ଭଳି ଅମାନବୀୟ ଯନ୍ତ୍ରଣା ଦାୟକ ପ୍ରଥା ଦ୍ୱାରା ମହିଳାଙ୍କୁ ଯୌନାଙ୍ଗ ବ୍ୟାଧି ଭୋଗ କରିବାକୁ ପଡୁଛି । ବିଭିନ୍ନ

ISSN NO.
2582-208X

କାର୍ଯ୍ୟାଳୟ, ଶିକ୍ଷାନୁଷ୍ଠାନ ଇତ୍ୟାଦିରେ ଯୌନଶୋଷଣ ହେଉଛି । ବିଭିନ୍ନ କାରଣରୁ ସମାଜରେ ଦଙ୍ଗା ହେଲେ କିମ୍ବା ଦୁଇ ଦେଶ ମଧ୍ୟରେ ଯୁଦ୍ଧ ହେଲେ ସବୁଠାରୁ ବେଶୀ ମହିଳାମାନେ ଓ ଛୋଟ ଝିଅମାନେ ହିଁ ବଳାତ୍କାରର ଶିକାର ହୁଅନ୍ତି । ଥାନା ଓ ବନ୍ଦୀଘରେ ମହିଳା ଅପରାଧୀମାନଙ୍କ ସହିତ ହେଉଥିବା ଯୌନ ଅତ୍ୟାଚାର ଅତି ସାଧାରଣ କଥା । ପ୍ରାଚୀନ କାଳରୁ ହିନ୍ଦୁ ସମାଜରେ ସତୀ ପ୍ରଥା, ଦେବଦାସୀ ପ୍ରଥା, କନ୍ୟାଭ୍ରୁଣ ବା ଶିଶୁହତ୍ୟା, ମହିଳାଙ୍କ ଶିକ୍ଷା ଏବଂ ସ୍ୱାସ୍ଥ୍ୟ ପ୍ରତି ଅବହେଳା, ଭାରତରେ ବାଳିକା ଓ ବିଧବାମାନଙ୍କର ଶାରୀରିକ ଶୋଷଣ, ଗଣଦୁଷ୍କର୍ମ, ବାଲ୍ୟ ବିବାହ, ପରଦା ଓ ଓଢଣା ପ୍ରଥା ଇତ୍ୟାଦି ଅତ୍ୟାଚାର ଗୁଡିକ ମଧ୍ୟରୁ ଅଧିକାଂଶ ପ୍ରଥା ଧାର୍ମିକ ଏବଂ ସାମାଜିକ ପରମ୍ପରା ଦ୍ୱାରା ସ୍ୱୀକୃତିପ୍ରାପ୍ତ । କେବେ ଧର୍ମ, କେବେ ଜାତି ଏବଂ କେବେ କର୍ମ ଆଧାରରେ ଅନେକ କୂତର୍କ ଦ୍ୱାରା ଏ ସବୁକୁ ଅଘୋଷିତ ସ୍ୱୀକୃତି ମିଳି ସାରିଛି। କେବଳ ମାନବିକତା ଆଧାରରେ ନୁହେଁ, ରାଜନୀତି ଆଧାରରେ ବି ମହିଳାଙ୍କ ଦ୍ୱାଧୀନତାର ଅଧିକାର ବର୍ଜିତ କରାଯାଇଛି ।

ଗତ ୧୯୮୮ ମସିହା ଅଗଷ୍ଟ ୨୦ ତାରିଖରେ ପଞ୍ଜାବର ଚଣ୍ଡୀଗଡ଼ ସହରରେ ଘଟିଥିବା ଘଟଣାରେ ଜଣେ ଆଇ.ଏ.ଏସ.ଅଧିକାରୀ 'ରୁପନ୍ ଦେଓଲ୍ ବଜାଜ୍' ବନାମ ଆଇ.ପି.ଏସ ଅଧିକାରୀ 'କେ.ଏସ.ଗିଲ୍' ଯୌନ ଉତ୍ପୀଡ଼ନ ମାମଲାରେ କୋର୍ଟର ରାୟ ବା ନିଷ୍ପତ୍ତି ଉପରେ ପୁରୁଷ-ପ୍ରାଧାନ୍ୟ ସମାଜରେ ଘଟିଥିବା ପ୍ରତିକ୍ରିୟାଗୁଡ଼ିକୁ ମନେପକାନ୍ତୁ, ଏହି ନିଷ୍ପତ୍ତିରେ, ପୁରୁଷ-ଅହଂ ଦ୍ୱାରା ମାନବାଧିକାର ନ୍ୟାୟକୁ ଘୋଡାଇବାକୁ ଚେଷ୍ଟା କରିବା ସ୍ପଷ୍ଟ ଦେଖାଯାଇଛି । ଏହି ଘଟଣା ସମ୍ପର୍କରେ ଗଣମାଧ୍ୟମ ଗୁଡିକ ରୂପନ ଦେଓ୍ୱଲଙ୍କ ସାହସକୁ ଖୁବ ପ୍ରଶଂସା କରିଥିଲେ ମଧ୍ୟ କେତୋଟି ପ୍ରମୁଖ ଖବର କାଗଜର ସମ୍ପାଦକୀୟ ପୃଷ୍ଠାରେ ଲେଖା ଯାଇଥିଲା ଯେ ଏହି ସାମାନ୍ୟ ଘଟଣାକୁ ଏତେ ମହତ୍ୱ ଦିଆଯିବା ଉଚିତ ନୁହେଁ । ଅର୍ଥାତ ପଞ୍ଜାବରେ ଆତଙ୍କବାଦକୁ ସମୂଳେ ନାଶ କରିହିରୋ ବା ରାଷ୍ଟ୍ରନାୟକ ସାଜିଥିବା ସେହି ପୋଲିସ ଅଫିସର ଯଦି କୌଣସି ମହିଳାଙ୍କ ସହିତ ପଶୁ ଭଳି ଅସଭ୍ୟ ଆଚରଣ କରନ୍ତିତେବେ ବି କ'ଣ ସେହି ରାଷ୍ଟ୍ରନାୟକଙ୍କୁ କ୍ଷମା କରି ଦିଆଯିବା ଉଚିତ ?

ISSN NO.
2582-208X

ଏହି ମାନସିକତା ପୁରାଣ ଯୁଗର ରାମାୟଣ ଓ ମହାଭାରତ ସମୟରୁ ଚାଲିଆସୁଥିବା ପରମ୍ପରାର ଶିକ୍ଷା ଅଟେ । ସେହି ପରମ୍ପରା ଅନୁସାରେ ପରାଜିତ ରାଜାଙ୍କ ରାଣୀମାନଙ୍କୁ ବିଜୟୀ ରାଜାଙ୍କ ନିକଟରେ ଆତ୍ମସମର୍ପଣ କରିବାକୁ ପଡୁଥିଲା । ମହିଳାଙ୍କୁ କ୍ରୟ ବିକ୍ରୟ କରିବା ରାଜା, ମହାରାଜା, ସାମନ୍ତ, ଜମିଦାର, ଧନୀ ତଥା ସମ୍ପନ୍ନ ଲୋକମାନଙ୍କ ପାଇଁ ଏକ ସାଧାରଣ ବ୍ୟାପାର ଥିଲା । ମହିଳା କେବଳ ଏକ ଉପଭୋଗର ବସ୍ତୁ, ବଂଶ ଓ ପରିବାରର ଜନସଂଖ୍ୟା ବୃଦ୍ଧି କରିବାର ଏକ ମାନବ ଯନ୍ତ୍ର, ପୁତ୍ର ଜନ୍ମ ନକଲେ ଏକରୁ ଅନେକ ସ୍ତ୍ରୀଙ୍କୁ ବିବାହ କରିବାପାଇଁ କିଣିବା ଓ ବିକ୍ରୟ କରିବା କିମ୍ବା ରାଜନୀତିର ପଶାପାଲିରେ ମୋହରା ଭାବରେ ବ୍ୟବହୃତ କରା ଯାଇପାରିବ ।

ଜଣେ ପୁରୁଷ ପାଇଁ ମାଆ, ଝିଅ, ଭଉଣୀ, ପତ୍ନୀ, ପ୍ରେମିକା ଇତ୍ୟାଦି ସମାଜର ପାରମ୍ପାରିକ ଭୂମିକା ଗୁଡିକ ସ୍ୱୀକାର୍ଯ୍ୟ କିନ୍ତୁ ଏହି ସୀମା ବାହାରେ ସ୍ତ୍ରୀଙ୍କ କୌଣସି ନୂତନ ଭୂମିକା ଗ୍ରହଣୀୟ ନୁହେଁ । ମହିଳାଙ୍କର ଜୀବନର ଯଦି ଅନ୍ୟ କିଛି ମହତ୍ୱାକାଂକ୍ଷା ଥାଏ ତାହା ପୁରୁଷ ସମାଜ ଗ୍ରହଣ କରିବାକୁ ଅନିଚ୍ଛୁକ । ସେଥିପାଇଁ ଯଦି ଜଣେ ମହିଳା ପାରମ୍ପାରିକ ଭୂମିକାରୁ ଦୂରେଇ ଯାଇ କିଛି ନୂତନ ଉପଲବ୍ଧି ବା କୀର୍ତ୍ତି ହାସଲ କରନ୍ତି ଯଥା: ଯୌନ ଉତ୍ପୀଡ଼ନ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିଥିବା ଆଇ.ଏ.ଏସ ଅଫିସର ରୁପନ୍ ଦେଓଲ୍ ବଜାଜ ହୁଅନ୍ତୁ, ଯୌନ ଉତ୍ପୀଡ଼ନର ପ୍ରତିଶୋଧ ନେବାପାଇଁ ଅସ୍ତ୍ର ପ୍ରୟୋଗ କରିଥିବା ଫୁଲନ ଦେବୀ ହୁଅନ୍ତୁ, ଅପରାଧୀଙ୍କ ମହଲରେ ଚାଞ୍ଚଲ୍ୟ ସୃଷ୍ଟି କରିଥିବା ଆଇ.ପି.ଏସ ଅଫିସର କିରଣ ବେଦୀ ହୁଅନ୍ତୁ କିମ୍ବା ରେଳ ବା ବସରେ ଅସଦାଚରଣ କରୁଥିବା ଲୋକଙ୍କୁ ପିଟି ପାରୁଥିବା ସାଧାରଣ ମହିଳା ହୁଅନ୍ତୁ, ଏଭଳି ମହିଳାଙ୍କ କୃତ୍ୟପାଇଁ ପୁରୁଷ-ସମାଜର ଅହଂକୁ ମାନସିକ ଆଘାତ ଲାଗେ । ଏହି ଯନ୍ତ୍ରଣା ସେହି ମହିଳାମାନେ ବେଶୀ ଭୋଗ କରନ୍ତି, ଯେଉଁମାନେ ଦୀର୍ଘ କାଳରୁ ଗୋଲାମୀକୁ ଆତ୍ମସାତ କରିସାରିଛନ୍ତି ଏବଂ ପିତୃସତ୍ତ୍ୱାତ୍ମକ ଢାଞ୍ଚାରେ ନିଜକୁ ସମର୍ପିତ କରିସାରିଛନ୍ତି । ଗୋଲାମୀକୁ ସ୍ୱୀକାର କରିନେବା ଏକ ଜଟିଳ ମନସ୍ତାତ୍ତ୍ୱିକ ପ୍ରକ୍ରିୟା । ଅଧିକାଂଶ ମହିଳା ଭାବନାତ୍ମକ ରୂପରେ କେବଳ ନିଜର ଜାତି, ବର୍ଗ ବା ଶ୍ରେଣୀର ପୁରୁଷମାନଙ୍କୁ ସମର୍ଥନ କରିଥାନ୍ତି ଏବଂ ତାଙ୍କ

ISSN NO.
2582-208X

ବର୍ଗର ପୁରୁଷଙ୍କ ଦ୍ୱାରା ନିର୍ଯ୍ୟାତିତ ହୋଇଥିବା ଦଳିତ ଓ ସର୍ବହରା ମହିଳାମାନଙ୍କ ପ୍ରତି ସମ୍ବେଦନହୀନା ହେଇଯାନ୍ତି । ସେଥିପାଇଁ ଯଦି ସେମାନେ ସବର୍ଣ୍ଣ ଜାତିର ଅଟନ୍ତି, ତେବେ ସେମାନଙ୍କର ବିଶ୍ୱସ୍ତତା ସବର୍ଣ୍ଣ ଜାତିର ପୁରୁଷମାନଙ୍କ ସହିତ ବେଶୀ ରହେ କିନ୍ତୁ କୌଣସି ଅନ୍ୟ ଧର୍ମର କିମ୍ବା ଅସବର୍ଣ୍ଣ ମହିଳାମାନଙ୍କ ପ୍ରତି ବିଶ୍ୱସ୍ତତା ରହେନାହିଁ ।

'ପରମ୍ପରା' ନାମରେ ମହିଳାଙ୍କ ଅସ୍ତିତ୍ୱକୁ ପ୍ରତ୍ୟାଖ୍ୟାନ କରାଯାଇଛି । ଆଧୁନିକତାର ସମ୍ବନ୍ଧ ମାନବ ଚେତନାର ବିକାଶ ସହିତ ଜଡିତ । ତର୍କ ଏବଂ ବିବେକ ଏହାର ଆଧାର ଅଟେ । ଏକଛତ୍ରବାଦୀ ଶାସନ କିମ୍ବା ଅଧ୍ୟାତ୍ମବାଦୀ ଶାସନ ବ୍ୟବସ୍ଥାରେ ନାରୀବାଦୀ ମହିଳାଙ୍କ ବ୍ୟକ୍ତିତ୍ୱ, ସ୍ୱତନ୍ତ୍ରତା କିମ୍ବା ଆଧୁନିକ ବିଚାରଧାରା ପାଇଁ କୌଣସି ସ୍ଥାନନାହିଁ । ମହିଳାମାନେ କେବଳ ଏକ ଖୋଲା ଗଣତାନ୍ତ୍ରିକ ପରିବେଶରେ ହିଁ ନିଜକୁ ପରିପ୍ରକାଶ କରିପାରିବେ । ଏଭଳି ଖୋଲା ପରିବେଶରେ ରହୁଥିବା ମହିଳାମାନେ ନିଜ ନିଜ ଢଙ୍ଗରେ ବସ୍ତୁସ୍ଥିତିକୁ ଦେଖିବା, ବୁଝିବା, ପ୍ରକାଶ କରିବା ଏବଂ ନିଜ ସପକ୍ଷରେ ଏକ ପରିବେଶ ସୃଷ୍ଟି କରିବା ପାଇଁ ସାମାଜିକ-ରାଜନୈତିକ ପଦକ୍ଷେପ ନେବା ଆରମ୍ଭ କରିଛନ୍ତି । ଯଦି ମହିଳାମାନେ ଏକ ସ୍ୱାଧୀନ ସଂସ୍ଥା ଭାବରେ ସ୍ଥାପିତ ହୋଇପାରିବେ, ତେବେ ଏହା କେବଳ ନାରୀବାଦୀ ଚିନ୍ତାଧାରା ଯୋଗୁ ହିଁ ସମ୍ଭବ ହୋଇପାରିବ । ନାରୀବାଦ ମାନବ ସଭ୍ୟତାର ଇତିହାସରେ ପ୍ରଥମ ଥରପାଇଁ ଜଗତକୁ ମହିଳାଙ୍କ ଦୃଷ୍ଟିକୋଣରୁ ଦେଖିବାପାଇଁ ଏହା ଏକ ବିକଳ୍ପ ରୂପରେ କାର୍ଯ୍ୟ କରୁଛି । ଏହା ଯୋଗୁଁ ସୌନ୍ଦର୍ଯ୍ୟ ଓ ମର୍ଯ୍ୟାଦା, କର୍ତ୍ତବ୍ୟ ଓ ଅଧିକାର, ଇଚ୍ଛା ଓ ଆକାଂକ୍ଷା, ରୁଚି ଓ ପସନ୍ଦ ଇତ୍ୟାଦିର ଗୋଟିଏ ଗୋଟିଏ ବୈକଳ୍ପିକ ମାନଦଣ୍ଡ ବିକଶିତ ହେଇପାରିଛି । ଏହି ମାନଦଣ୍ଡଗୁଡିକୁ ଅଧିକରୁ ଅଧିକ ଲୋକପ୍ରିୟ କରି ଗ୍ରହଣ କରିବା ପାଇଁ ସମଗ୍ର ବିଶ୍ୱରେ ସଂଘର୍ଷ ଚାଲିଛି ।

ନାରୀବାଦ ଦୁଇ ସ୍ତରରେ ମହିଳାଙ୍କ ଅଧିକାରକୁ ପ୍ରୋତ୍ସାହିତ କରିଛି । ପ୍ରଥମ- ପ୍ରତିଷ୍ଠିତ ଭାବରେ ବ୍ୟକ୍ତିଗତ ପସନ୍ଦ ଏବଂ ନାପସନ୍ଦର ଅଧିକାର ଏବଂ ଦ୍ୱିତୀୟ - ସାମୂହିକ ଅଧିକାର ସ୍ତରରେ । ଦୀର୍ଘ ଦିନର ସଂଘର୍ଷ ପରେ, ଏହି ତଥ୍ୟସ୍ୱୀକୃତ ହୋଇଛି ଯେ ଜଣେ ମହିଳାଙ୍କ ଶରୀର ତାଙ୍କର ନିଜର ଅଟେ ଏବଂ ତାଙ୍କ ଶରୀର ସହିତ ଜଡିତ ସମସ୍ତ ନିଷ୍ପତ୍ତି

ISSN NO.
2582-208X

ନେବାକୁ ତାଙ୍କର ହିଁ ଅଧିକାର ଅଛି । ଏହି ଦୃଷ୍ଟିକୋଣ ଆଧାରରେ ବଳାତ୍କାର ଏକ ଜଘନ୍ୟ ଅପରାଧ ବୋଲି ଘୋଷଣା କରାଯାଇଛି । ରୂଢ଼ିବାଦୀ ପାରମ୍ପାରିକ ଦୃଷ୍ଟିକୋଣରୁ ପୃଥିବୀର ପ୍ରତ୍ୟେକ ସମାଜରେ ମହିଳାଙ୍କ ଅସ୍ମିତା ଓ ସ୍ୱତନ୍ତ୍ରତା ହନନ ହୋଇଛି, ଏହା ସର୍ବ ବିଦିତ। ଆଜି ବି ଅନେକ ଦେଶରେ କାନୂନ ଅଛି ଯେ ଜଣେ ମହିଳା ନିଜ ଇଚ୍ଛା ଓ ଆବଶ୍ୟକତା ଅନୁସାରେ ଗର୍ଭପାତ କରିପାରିବେ ନାହିଁ । କୌଣସି ସ୍ଥାନରେ ବି ନାରୀଙ୍କର ବ୍ୟକ୍ତିତ୍ୱ ଏବଂ ସ୍ୱତନ୍ତ୍ରତାର ପ୍ରଶ୍ନ ଉଠେନାହିଁ । ସେହିଭଳି ଦାମ୍ପତ୍ୟ ଜୀବନରେ ମଧ୍ୟ ଯୌନ ବଳାତ୍କାରର ପ୍ରଶ୍ନ କେବେ ବି ରୂଢ଼ିବାଦୀ ପରମ୍ପରାରେ ଉଠିନାହିଁ ।ନାରୀବାଦର ଆଦର୍ଶ ବିଚାର ଆସିବା ପରେ ହିଁ ସମସ୍ତ ପ୍ରକାର ବଳାତ୍କାର ବିରୁଦ୍ଧରେ ସ୍ୱର ଉତ୍ତୋଳନ କରାଯାଇଥିଲା । ଅହଂକାରୀ ଓ ଚାଲାକ ଲୋକମାନେ ଗୋଟିଏ ଧର୍ମଶାସ୍ତ୍ରରେ "ଯତ୍ର ନାର୍ଯ୍ୟସ୍ତୁ ପୂଜ୍ୟନ୍ତେ ରମନ୍ତେ ତତ୍ର ଦେବତାଃ" ଲେଖି ମହିଳାମାନଙ୍କୁ ଦେବୀଙ୍କ ସ୍ଥାନ ଦେଇ ସମ୍ମାନିତ କରିଦେଇଛନ୍ତି, କିନ୍ତୁ ସେମାନେ ଥରେ 'ରାମଚରିତ ମାନସ' ଏବଂ ମନୁସଂହିତାରେ ମହିଳାମାନଙ୍କ ପାଇଁ ଲେଖାଯାଇଥିବା ଶ୍ଲୋକ ଗୁଡିକ ପଢି ଠିକ ଭାବେ ବୁଝିବା ଉଚିତ । ଉପରୋକ୍ତ ପୁସ୍ତକ ବର୍ଣ୍ଣିତ ଶ୍ଲୋକରେ ଯାହା କୁହାଯାଇଛି ତାହାର ଅର୍ଥ -"ଜୀବନସାରା ମହିଳାଙ୍କୁ ସର୍ବଦା କୌଣସି ପୁରୁଷଙ୍କ ଅଧୀନରେ ରହିବା ଉଚିତ ଯଥା: ପିତା, ସ୍ୱାମୀ କିମ୍ବା ପୁତ୍ର ।" ମହିଳାମାନଙ୍କ ବିଷୟରେ ଥିବା ଏହି ମାନସିକତା କେବଳ ହିନ୍ଦୁ ସମାଜର ବିଶେଷତା ନୁହେଁ । ବିଶ୍ୱର ପ୍ରତ୍ୟେକ ସଭ୍ୟତା ଏବଂ ପ୍ରତ୍ୟେକ ଧର୍ମରେ ମହିଳାମାନଙ୍କ ପ୍ରତି ପ୍ରାୟ ସମାନ ମନୋଭାବ ରହିଆସିଛି । ସବୁ ସ୍ଥାନରେ ମହିଳାମାନଙ୍କ ଉପରେ ବିଭିନ୍ନ ପ୍ରକାରର ଅନ୍ୟାୟ, ଅତ୍ୟାଚାର ହେଉଛି। ଶରୀରର ବିଭିନ୍ନ ଅଙ୍ଗରେ ଆଭୂଷଣ ପିନ୍ଧାଇବା ଆଳରେ ବେଡି ବା ଶିକୁଳି ବାନ୍ଧି ଦିଆଯାଇଛି । ନାରୀକୁ 'ଅସୂର୍ଯ୍ୟମ ପଶ୍ୟା' କହି ଘର ଭିତରେ ଲୁଚେଇ ରଖିଲେ, ଯାହାକୁ ସୂର୍ଯ୍ୟ ବି ଦର୍ଶନ କରିପାରିବନାହିଁ । ପୁରୁଷ ଯେତେବେଳେ ଚାହିଁଲେ ତାଙ୍କୁ ଉପଭୋଗ କଲେ ଏବଂ ଯେତେବେଳେ ସେ ଚାହିଁଲେ ତାଙ୍କୁ ମାରିଲେ-ପିଟିଲେ ଏବଂ ହତ୍ୟା କଲେ । ତାଙ୍କୁ ସମସ୍ତ ମାନବିକ ଅଧିକାରରୁ ବଞ୍ଚିତ କରି ଗାଈ ବା ମେଣ୍ଢା ଭାବରେ ରଖିବାକୁ ଚେଷ୍ଟା କଲେ । ତାଙ୍କଠାରୁ ଶିକ୍ଷା ଅଧିକାର ଛଡ଼ାଇ ନିଆଗଲା, ସମ୍ପତ୍ତି ଅଧିକାର ଛଡ଼ାଇ ନିଆଗଲା । ତାଙ୍କୁ ଅଭିଯୋଗ ବା ପ୍ରତିବାଦ କରିବାର

ISSN NO.
2582-208X

ସୁଯୋଗ ଦିଆଗଲା ନାହିଁ, ତାଙ୍କୁ ତାଙ୍କ ଇଚ୍ଛା ଅନୁଯାୟୀ ବଞ୍ଚିବାର ଅଧିକାର ଦିଆଗଲା ନାହିଁ, ତାଙ୍କୁ ଅନେକ ପ୍ରକାର ଧର୍ମୀୟ କର୍ମକାଣ୍ଡର ବନ୍ଧନରେ ବାନ୍ଧି ଦିଆଗଲା। ପୁରୁଷ ନିଜର ସ୍ୱାଧୀନତା ପାଇଁ ଯେଉଁସବୁ ନୀତି ନିୟମ ବନେଇଲେ, ତାହାସବୁ ସ୍ତ୍ରୀମାନଙ୍କ ପାଇଁ ବର୍ଜିତ କରିଦେଲେ। ସ୍ତ୍ରୀଙ୍କ ପାଇଁ ନିୟମ କରିଲେ ଯେ ତା'ର ଶରୀର ମଧ୍ୟ ତା'ର ନିଜର ନୁହେଁ, ତାହା ଅନ୍ୟ ଜଣଙ୍କର। ପୁରୁଷ ଯେମିତି ଚାହିଁବ ଉପଭୋଗ କରିପାରିବ।

ମହିଳାମାନେ କିପରି ଜୀବନଯାପନ କରିବେ, କିପରି ଚାଲିବେ, କିପରି କଥାବାର୍ତ୍ତା କରିବେ, କିପରି ପୋଷାକ ପିନ୍ଧିବେ, ହାତ ଏବଂ ପାଦକୁ କିପରି ବ୍ୟବହାର କରିବେ, କିପରି ହସିବେ ବା କାନ୍ଦିବେ ତାହା କେବଳ ପୁରୁଷମାନେ ସ୍ଥିର କରିବେ । ପୁରୁଷମାନେ ଏହି ସମସ୍ତ ନିୟମ ତିଆରି କରି ପ୍ରଚାର ଯେ ଏହା ଦ୍ୱାରା ନାରୀଙ୍କ ସୁରକ୍ଷା ଓ ଇଜ୍ଜତ ବଞ୍ଚି ରହିବ । ସେମାନଙ୍କର ସୌନ୍ଦର୍ଯ୍ୟ ବୃଦ୍ଧି ପାଇବ ଏବଂ ସର୍ବଗୁଣ ସମ୍ପନ୍ନା, ସତ୍ ଚରିତ୍ରବତୀ ଦେବୀ ରୂପେ ସମାଜରେ ସମ୍ମାନ ପାଇବେ ।

ଏତେସବୁ ପ୍ରତିବନ୍ଧ ଭିତରେ ଥାଇ ମଧ୍ୟ କିଛି ପ୍ରତିଭାଶାଳୀ, ବୁଦ୍ଧିମତୀ ଓ ସାହସୀ ମହିଳା ସମାଜର କୁପ୍ରଥା ଓ ରୂଢ଼ିବାଦୀ ପରମ୍ପରା ବିରୁଦ୍ଧରେ ନାରୀ ଜାଗରଣ ଉଦ୍ଦେଶ୍ୟରେ ସ୍ୱର ଉଠାଇଲେ । ସମାଜ ଉପରେ ଏହାର ବହୁତ ଭଲ ପ୍ରଭାବ ପଡିଲା । ସମାଜର ଅନେକ ଉଦାରବାଦୀ ଓ ନାରୀମାନଙ୍କର ଦୁଃଖ ଦୁର୍ଦ୍ଦଶାକୁ ଅନୁଭବ କରୁଥିବା ସମ୍ବେଦନଶୀଳ ପୁରୁଷମାନେ ଯଥା: ରାଜା ରାମମୋହନ ରାୟ, ଜ୍ୟୋତିବାରାଓ ଫୁଲେ, ଇ.ଭି. ରାମସ୍ୱାମୀ ପେରିୟାର, ବାବାସାହେବ ଆମ୍ବେଦକର ଆଦିଙ୍କ ମଧ୍ୟ ମହତ୍ୱପୂର୍ଣ୍ଣ ଯୋଗଦାନ ରହିଛି । ମହିଳାମାନେ ସଂଘର୍ଷ କରି ନିଜ ନିଜର କ୍ଷମତା ଅନୁସାରେ ଅନେକ ପ୍ରକାର ସୃଜନଶୀଳ କାର୍ଯ୍ୟ କରି ଚାଲିଲେ । ସେହି ମୁକ୍ତମନା ମହିଳାମାନେ ଉଦାର ଚିତ୍ତରେ ଏହା ମଧ୍ୟ ସ୍ୱୀକାର କରିଛନ୍ତି ଯେ ଆମେ ପୁରୁଷ ଓ ସ୍ତ୍ରୀ ମଧ୍ୟରେ ଥିବା ଅନ୍ତରଙ୍ଗ ସମ୍ପର୍କକୁ ଅସ୍ୱୀକାର କରୁନାହୁଁ। ଉଭୟଙ୍କର ସ୍ୱତନ୍ତ୍ର ଅସ୍ତିତ୍ୱ ରହିବା ସହିତ ବି ସ୍ତ୍ରୀ ଓ ପୁରୁଷ ଜୀବନସାଥି ଭାବରେ ଜୀବନ ଅତିବାହିତ କରି ପାରିବେ। ପରସ୍ପର ମଧୁର ସମ୍ପର୍କ, ସ୍ୱଇଚ୍ଛା, ଅନାବିଳ ପ୍ରେମ, ତ୍ୟାଗର ଭାବନା ଏବଂ ସନ୍ତାନଉତ୍ପତ୍ତି ଦ୍ୱାରା ଦାମ୍ପତ୍ୟ ଜୀବନକୁ ଉପଭୋଗ

ISSN NO.
2582-208X

କରିପାରିବେ। ଏହାଦ୍ୱାରା ନିଶ୍ଚିତଭାବେ ଯୁଗ-ଯୁଗରୁ ଚାଲି ଆସୁଥିବା ନାରୀଙ୍କର ଦାସତ୍ୱ ସମାପ୍ତ ହେଇପାରିବ। ରୂଢ଼ିବାଦୀ ପରମ୍ପରା ନାମରେ ଥିବା ବ୍ୟବସ୍ଥାର ପାଖଣ୍ଡବାଦ ସମାପ୍ତ ହେଇଯିବ। ପୁରୁଷ ଏବଂ ସ୍ତ୍ରୀଙ୍କ ମଧ୍ୟରେ ଥିବା ଲିଙ୍ଗଗତ ପାର୍ଥକ୍ୟକୁ ଏକ ସାର୍ଥକ ଅଭିବ୍ୟକ୍ତି ମିଳିବ। ବାସ୍ତବରେ ମହିଳା ସଶକ୍ତିକରଣ ସଂଗ୍ରାମ ହେଉଛି, ବିଶ୍ୱର ସମସ୍ତ ମହିଳାଙ୍କ ସ୍ଥିତିକୁ ସ୍ୱତନ୍ତ୍ର ଓ ସୁଦୃଢ଼ କରିବାର ପ୍ରୟାସ ।

ମୋ : ୮୧୪୭୨୦୮୭୪୬

ISSN NO.
2582-208X

# ପୋଲ ଉପରେ ରୁଣ୍ଡ

ଧ୍ରୁବ ଚରଣ ଘିବେଲ୍

ମହାନଦୀରେ ଆସିଲେ ବଢ଼ି
ଛୁଇଁ ଦୁଇ କୂଳକୁ
ବିଜୁଳି ବେଗେ ପାଣିର ସୁଅ
ଧାଉଁଥାଏ ଆଗକୁ ।
ଲହଡ଼ି ମାଡ଼ି କେବେ ଉଛୁଳେ
ଦୁଇ କୂଳକୁ ଡେଇଁ
ଭୀମ ଗର୍ଜନେ ଜଳ ଯେମିତି
ଦଉଡ଼ି ଯାଉ ଥାଇ ।
ଭଉଁରୀ ଖେଳି ଆଗକୁ ବଢ଼ି
ଦେଖାଇ ଭୀମ ରୂପ
ଜଳର ଗତି କ୍ଷିପ୍ର ଅତି
ନଈ ଦେଖାଏ ଦର୍ପ ।
ନଈ ଉପର ମୁଣ୍ଡରେ ବର୍ଷା
ହେଲେ ତୁହାକୁ ତୁହା
ଲଗାଣ ବର୍ଷା ଆଣେ ପାଚ୍ଛୋଟି
ନଈରେ ବଢ଼ି ଯାହା ।
ପ୍ରଥମ ବଢ଼ି ଖବର ଜାଣି

ISSN NO.
2582-208X

ଟିଭିପର୍ଦ୍ଦାରୁ ଶୁଣି
ଲୋକେ ଧାଆନ୍ତି ଦେଖିବେ ବଢ଼ି
ପୋଲ ଉପରୁ ପୁଣି ।
ମହାନଦୀର ପୋଲ ଉପରେ
ରୁଣ୍ଡ ହୁଅନ୍ତି କେତେ
ବଢ଼ିର ମଜା ସାଉଁଟି ନେଇ
ଗପି ଚାଲନ୍ତି ସେତେ ।
ବଢ଼ି ପାଣିରେ କେ ଲଭେ ଦୁଃଖ
କିଏ ଯେ ନିଏ ମଜା
ଘଡ଼ିକୁ ଘଡ଼ି ଟିଭି ପରଷେ
ବଢ଼ି ଖବର ତାଜା ।

ବଉଦରାଜ, ଜି. ବୌଦ୍ଧ
ମୋ.9437478466

ISSN NO.
2582-208X

# ଏହି ୫ଟି ଜିନିଷ ସ୍ୱପ୍ନରେ ଦେଖିଲେ ହୋଇଥାଏ ଧନ ଲାଭ



ଅଧ୍ୟାପକ ଅବିନାଶ ବାରିକ୍

ସ୍ୱପ୍ନଶାସ୍ତ୍ର ଅନୁସାରେ ସ୍ୱପ୍ନ ଦେଖିବା ଏକ ସଂଯୋଗ ନୁହେଁ। ଅନେକ ସମୟରେ ସ୍ୱପ୍ନ ଆପଣଙ୍କୁ ଭବିଷ୍ୟତରେ ହେବାକୁ ଥିବା ଘଟଣାର ସଂଙ୍କେତ ଦେଇଥାଏ। ଶାସ୍ତ୍ର ଅନୁସାରେ, ଯେତେ ସବୁ ସ୍ୱପ୍ନ ମଣିଷ ଦେଖିଥାଏ, ସେଥିରୁ କିଛି ନା କିଛି ସଙ୍କେତ ନିଶ୍ଚୟ ରହିଥାଏ। ଏଥିପାଇଁ ସ୍ୱପ୍ନକୁ କେବେ ହେଲେ ଅଣଦେଖା କରନ୍ତୁ ନାହିଁ।

ଏପରି କିଛି ଜିନିଷ ରହିଛି, ଯାହାକୁ ସ୍ୱପ୍ନରେ ଦେଖିଲେ, ଧନଲାଭ ହୋଇଥାଏ। ଆସନ୍ତୁ ଜାଣିବା ସେହି ଜିନିଷ ଗୁଡ଼ିକ କ'ଣ।

ମାଟି ପାତ୍ର: ସ୍ୱପ୍ନ ଶାସ୍ତ୍ର ଅନୁସାରେ ସ୍ୱପ୍ନରେ ଯଦି ଆପଣ ମାଟିରେ ତିଆରି ହେଉଥିବା ପାତ୍ର ଦେଖୁଛନ୍ତି, ତେବେ ଏହା ଅତ୍ୟନ୍ତ ଶୁଭ। ଏହା କୁହାଯାଏ କି ଯେଉଁ ବ୍ୟକ୍ତି କୁମ୍ଭାରଙ୍କୁ ମାଟି ପାତ୍ର ତିଆରି କରୁଥିବା ସ୍ୱପ୍ନରେ ଦେଖିବେ, ଭବିଷ୍ୟତରେ ତାଙ୍କୁ ଧନ ପ୍ରାପ୍ତି ହୋଇଥାଏ।

ପାଚିଲା ଫଳ: ସ୍ୱପ୍ନ ଶାସ୍ତ୍ର ଅନୁସାରେ ଯଦି କୌଣସି ବ୍ୟକ୍ତି କାହାର ବଗିଚାରେ ହୋଇଥିବା ପାଚିଲା ଫଳକୁ ସ୍ୱପ୍ନରେ ଦେଖିଥାଏ, ତେବେ ଭବିଷ୍ୟତରେ ସେହି ବ୍ୟକ୍ତିଙ୍କୁ ଧନ ପ୍ରାପ୍ତି ହୋଇଥାଏ। ଏହା ବ୍ୟତୀତ କ୍ଷେତରେ ପାଚିଥିବା ଗହମକୁ ସ୍ୱପ୍ନରେ ଦେଖିଲେ ମଧ୍ୟ ଧନ ପ୍ରାପ୍ତିର ଯୋଗ ରହିଥାଏ।

ISSN NO.
2582-208X

ବ୍ୟାଙ୍କ୍ ଚେକ୍: ଯଦି କୌଣସି ବ୍ୟକ୍ତି ଆପଣଙ୍କୁ ଚେକ୍ ଲେଖି ଦେଉଥିବାର ସ୍ୱପ୍ନ ଆପଣ ଦେଖୁଛନ୍ତି, ତେବେ ଭବିଷ୍ୟତରେ ଆପଣଙ୍କୁ ପ୍ରବଳ ଧନ ପ୍ରାପ୍ତିର ଯୋଗ ରହିଛି। ସ୍ୱପ୍ନ ଶାସ୍ତ୍ର ଅନୁସାରେ ଭବିଷ୍ୟତରେ ଆପଣଙ୍କୁ ଧନ ସହିତ ସମ୍ପତ୍ତି ମଧ୍ୟ ପ୍ରାପ୍ତି ହେବ।

ଆଭୂଷଣ : ସ୍ୱପ୍ନଶାସ୍ତ୍ର ଅନୁସାରେ ସ୍ୱପ୍ନରେ ଆଭୂଷଣ ଦେଖିଲେ ଧନ ପ୍ରାପ୍ତି ହୋଇଥାଏ। ଏହା ସହିତ ସ୍ୱପ୍ନରେ ଭୂମିରେ ପୋତା ହୋଇଥିବା ସୁନା, ରୂପା, ହୀରା ଆଦି ଗହଣା ଦେଖିବା ଧନ ପ୍ରାପ୍ତିର ଯୋଗ ବୋଲି କୁହାଯାଏ ।

ଜଳୁଥିବା ଦିଆସିଲି: ଯଦି ଆପଣ ସ୍ୱପ୍ନରେ ଦିଆସିଲି ଲଗାଉଥିବା ଦେଖୁଛନ୍ତି କିମ୍ବା ଅନ୍ୟ କେହି ଦିଆସିଲି ଲଗାଉଥିବା ଦେଖୁଛନ୍ତି, ତେବେ ଏହାର ସିଧା ଅର୍ଥ ହେଉଛି, ଆପଣଙ୍କୁ ଅଚାନକ ଧନ ପ୍ରାପ୍ତି ହେବାର ଯୋଗ ରହିଛି।

ମହୁ, ଆଳି,କେନ୍ଦ୍ରାପଡ଼ା ।ଓଡ଼ିଶା ।

ISSN NO.
2582-208X

# ଅକାଟ୍ୟ ବଚନ

ପାର୍ବତୀ ଦେବୀ

୧.ଗୁଡ ପିତାଲାଗେ ବିଲେଇକୁ।
୨.ମହୁ ପିତାଲାଗେ କୁକୁରକୁ।
୩.ପାଣି ପିତାଲାଗେ ରୋଗୀଣାକୁ।
୪.ଭୂମି ପିତାଲାଗେ ଅକର୍ମାକୁ।
୫.ବୁଢା ସ୍ୱାମୀ ପିତା ଯୁବତୀକୁ ।
୬.ପତି ପ୍ରେମ ପିତା ବିଟପୀଙ୍କୁ।
୭.ଦାନ ପିତାଲାଗେ କୃପଣକୁ।
୮.ହସପିତାଲ୍ ପିତା ଲାଗେ ସନ୍ଦେହୀଙ୍କୁ।
୯.ପିତାମାତା ପିତା ପୁତ୍ରକୁ।
୧୦.ଉପଦେଶ ପିତା ଅହଙ୍କାରୀକୁ।
୧୧.ନିରାମୀଷ ପିତା ମଦ୍ୟପଙ୍କୁ।
୧୨.ଏ ସଂସାର ପିତା ବ୍ରହ୍ମଙ୍କୁ।
୧୩.ଯୌବନେ ମର୍କଟୀ ଦିଶେ ସୁନ୍ଦର।
୧୪.ପୂର୍ଣ୍ଣଗର୍ଭା ନଦୀ ଦିଶେ ସୁନ୍ଦର।
୧୫.କ୍ଷମତାରେ ଥିଲେ ନେତା ସୁନ୍ଦର।
୧୬.ଧନ ଥିଲେ ମୂର୍ଖ ସଦା ସୁନ୍ଦର।
୧୭.ମୌନ ରହୁଥିଲେ ବୋହୂ ସୁନ୍ଦର।
୧୮.ଆତ୍ମଜ୍ଞାନୀ ପାଇଁ ସର୍ବ ସୁନ୍ଦର।

ସଂଗ୍ରାହିକା: ପାର୍ବତୀ ଦେବୀ
ନରେନ୍ଦ୍ରପୁର, ଅଳଭା, ପଟ୍ଟାମୁଣ୍ଡାଇ,
କେନ୍ଦ୍ରାପଡ଼ା

ISSN NO.
2582-208X

# ଅତିଥି



ଶିବବ୍ରହ୍ମ ଦଳେଇ

ପଦନ ବୁଢ଼ା ମରିଯିବାର ଦିନ କେଇଟା ହେଇଛି କି ନାହିଁ ତିନି ଭାଇ ଭିତରେ ଜମି ସବୁର ଭାଗ ବାଣ୍ଟ ପାଇଁ ନିଇତି ଝଗଡ଼ା । ପଦନ ବୁଢ଼ା ଜୀବନ କାଳ ଭିତରେ କେତେ ଅନ୍ୟକୁ ସାହାଯ୍ୟ ନ କରିଛି । କେତେ କାହାର ଝଗଡା ଫଇସଲା ନକରିଛି, ହେଲେ ତା ଘରେ ଆଜି ରାମାୟଣ । ଶହେ ଓଲା ଙ୍କୁ ବୁଝେଇ ହେବ ସତ କିନ୍ତୁ ଏ ତିନି ଭାଇଙ୍କୁ ନା ବାବା ନା।

କିନ୍ତୁ କମଳା ବୁଢ଼ୀ କହୁଥିଲା କର୍ମ ନେଇ ଫଳ ଲୋ ମାଆ, କର୍ମ ନେଇ ଫଳ । ପଦନ ର ଅମିନ ଚାକିରୀ ଭିତରେ କେତେ ଭାଇକୁ ସେ ଅଲଗା କରିଛି ତାହାର ହିସାବ ନାହିଁ । ଦର୍ପଣ ପଛପଟେ ଲାଞ୍ଚ ନେଇ ଯେମିତି ଅନ୍ୟ ମାନଙ୍କୁ କରିଥିଲା, ତା ପୁଅମାନେ ସେମିତି ଭୋଗୁଛନ୍ତି । ତାହାର ସେଇ ସାହାଯ୍ୟ କେବଳ ଲୋକ ଦେଖାଣିଆ । ଆଉ ଫଇସଲା କଥା କହନା । ଏପଟେ ଡାହାଣୀ ହେଇ ଲାଗେ ସେପଟେ ଗୁଣିଆ ହେଇ ଝାଡେ ।

ସରପଞ୍ଚ, ଗାଁର ମାନ୍ୟଗଣ୍ୟ ବ୍ୟକ୍ତି ବସିଛନ୍ତି ପଦନ ଘରେ । ତିନି ଭାଇ ଭିତରେ ସବୁ ସ୍ଥାବର ଅସ୍ଥାବର ସମ୍ପତ୍ତି ଭାଗବାଣ୍ଟ ହେବ । କିଛି କ୍ଷଣ ଭିତରେ ଘର ବାଡ଼ି ଧନସମ୍ପତି ସବୁ ତିନି ଭାଗରେ ବିଭକ୍ତ ହେଲା । ପଦନ ରହୁଥିବା ଘର କେବଳ ରହିଲା ଅତିଥି(ବନ୍ଧୁ)ମାନଙ୍କ ପାଇଁ ।

ବଡ଼ପୁଅ କହିଲା ଏବେ ବି ଗୋଟେ ଅଗାଧ ସମ୍ପତ୍ତି ବାପାଙ୍କ ଘରେ ଠୁଳ ଅଛି । ବଡ଼ ପୁଅ ହିସାବରେ ସେ ଧନ ସବୁ ମୋର । ମଝିଆଁ ପୁଅ କହିଲା ନା ସେ ସମ୍ପତ୍ତି ରେ ବି ମୋର

ISSN NO.
2582-208X

ଅଧିକାର ଅଛି । ସାନ ପୁଅ କହିଲା ସେ ଟ୍ରଙ୍କ ରେ ଯାହା ସବୁ ଅଛି ସେ ସବୁର ଅଧିକାରୀ ମୁଁ । କାହିଁକି ନା ବାପାଙ୍କ ଶେଷ ସମୟରେ ସେ ମୋ ପାଖରେ ଥିଲେ ।

ସରପଞ୍ଚ ସିଧାସଳଖ ଶୁଣେଇ ଦେଲେ ସେଥିରେ ଯାହା ବି ଅଛି ସେ ସବୁ ଘର ବାଡ଼ି, ଧନ ସମ୍ପତ୍ତି ଭଳି ତିନି ଭାଗ ହେବ ।ଶେଷରେ ସେଇଆ ହେଲା ସମସ୍ତଙ୍କ ସମ୍ମୁଖରେ ଟ୍ରଙ୍କ ର ତାଲା ଭଙ୍ଗା ଗଲା । କେହି କେହି କହୁଥିଲେ ବୁଢ଼ା ତା ଜୀବନ କାଳ ଭିତରେ ଯେତେ କଳାଧନ ଅର୍ଜିଛି, ତାକୁ ନିଚିତ ସେହି ଟ୍ରଙ୍କ ଭିତରେ ରଖିଛି । ଏ କଣ ଟ୍ରଙ୍କ ଭଙ୍ଗା ଯିବା ପରେ ସବୁ ଆବାକ । ତିନି ପୁଅ ନିଜ ନିଜ ମୁହଁକୁ ଚାଂହୁଥଲେ । ଧନ ସମ୍ପତ୍ତି ଆଶା ଯେମିତି ମଉଳି ସାରିଥିଲା । ଟ୍ରଙ୍କ ରେ ଥିଲା ଖଣ୍ଡେ ଚିଠି ସହ ପଦନ ଏବଂ ତାଙ୍କ ପତ୍ନୀ ଙ୍କ ଗୋଟେ କଳାଧଳା କାଚ ବନ୍ଧା ଫୋଟୋ ।

ନିଜ ନିଜ ଘର କାନ୍ଥରେ ବାପା ବୋଉ ଫୋଟୋ ଟାଙ୍ଗିବାକୁ ତିନି ପୁଅ ମନା କଲେ । ହେଲେ ଚିଠିରେ ନିଶ୍ଚୟ କିଛି ଗୁପ୍ତଧନ ବିଷୟରେ ଲେଖାଥିବ ଭାବି ପଢିବାକୁ କହିଲେ ।

ସରପଞ୍ଚ ଚିଠି ଖୋଲି ପଢିବାକୁ ଲାଗିଲେ । ଚିଠିରେ ଲେଖାଥଲା :-

ମୁଁ ଜାଣିଛି ମୁଁ ମଲାପରେ ମୋର ଧନ ସମ୍ପତ୍ତି ତିନି ଭାଗ ହେଇ ଯିବ । ନିଜ ଘରର ଜାଗା ଖରାପ ହେଇଯିବା ଉଦେଶ୍ୟ ରେ କେହି ପୁଅ ଏହି ଫୋଟୋ କୁ ନେବେ ନାହିଁ । କିନ୍ତୁ ଗୁପ୍ତଧନ ଉଦେଶ୍ୟ ରେ ଚିଠିଟିକୁ ନିଶ୍ଚିତ ପଢିବେ । ଆଶା କରୁଛି ଫୋଟୋ ଟିକୁ ତିନିଭାଗ ନକରି ନିଶ୍ଚିତ କୌଣସି ଏକ ଉଚିତ ସ୍ଥାନରେ ଜାଗା ଦେବ । ପ୍ରକୃତରେ ତୁମ୍ଭମାନଙ୍କୁ ଜୀବନ ର ଅମୂଲ୍ୟ ସମ୍ପତ୍ତି ଭାବି ମୋର ପ୍ରତ୍ୟେକ ଟି ମୂଲ୍ୟବାନ ସମୟ ତୁମ ଭବିଷ୍ୟତ ଚିନ୍ତାରେ ଲଗେଇଲି । କିନ୍ତୁ ପ୍ରକୃତ ସତ କଥା ହେଲା ତୁମ୍ଭମାନଙ୍କୁ ବଡ କଲି ସତ ହେଲେ ଭଲ ମଣିଷ କରିପାରିଲି ନାହିଁ ।

ସରପଞ୍ଚ ବାବୁ ସମସ୍ତ ଙ୍କ ସାମ୍ନାରେ କହିଲେ ଫୋଟୋ ଟିକୁ ଉତ୍ତମ ଜାଗା ଅତିଥି ଗୃହରେ ଲଗାଯାଉ । କାହିଁକି ନା ଆମେ ସମସ୍ତେ ଦୁଇ ଦିନର ଅତିଥି ।

ଲେଖନପୁର ସାଲେପୁର
ଦୁରଭାଷ :- ୯୪୩୯୯୩୭୦୭୧

ISSN NO.
2582-208X

# ଅସଜଡା ଭବିଷ୍ୟତ

ଅନନ୍ତ ପ୍ରସାଦ ପ୍ରଧାନ

ଅସଜଡା ଭବିଷ୍ୟତ ମୋର
ମୂଲ୍ୟହିନ ପରିଚୟକୁ ନେଇ
ଏହି ବିକଶିତ ସମାଜରେ
ମୁଁ ନିଜକୁ ଆଗକୁ ନେଇଥାଏ
ନିଜେ ଝାଡିଝୁଡି ହୋଇ ମନକୁ ବୁଝାଏ
ମୋର ଭାବିଷ୍ୟତକୁ ମୁଁ ସଜାଡିବି
ଆଉ କିଛି ସମୟ ଦରକାର
କିନ୍ତୁ ସମାଜର ଆଖି ପରିବାରର ଭରସା
ପ୍ରତିଦିନ ମୋତେ ପ୍ରଶ୍ନ କରେ
ତାହାର ଉତ୍ତର ମୋତେ ବିଚଳିତ କରେ
ଆଉ କେତେ ଦିନ
ବୟସର ସୀମା ଅତିକ୍ରାନ୍ତ
ଜୁଆଳି ଯୋଗାଡ ହେଲାଣି କାନ୍ଧରେ ପଡିବ
ବିଲ ଠିରିକିବାକୁ ବସିଲାଣି
କିନ୍ତୁ ମୁଁ ଡଙ୍ଗାରେ ବସି ସାରିଛି ମଝିନଦୀରେ ଏବେ
ଆଗକୁ ପଢିବାକୁ ସାହସ ପାଉନିକି
ନିଜ ଯୋଗ୍ୟତା ଉପରେ ବିଶ୍ୱାସ ରଖିନି
ସତରେ ମୁଁ ଥକି ଯାଇଛି
ଅପେକ୍ଷା କରିଛିଅଦିନିଆ ସୁନାମିକୁ
ଯେଉଁ ସୁନାମି ଏହି ସମାଜରୁ ମୋତେ
ହଜାଇ ପାରିବ....

ବେଣପୁର, ଯାଜପୁର
ମୋ: ୭୭୮୭୯୯୪୧୪୦

ISSN NO.
2582-208X

# ପଞ୍ଜିକା ପାଳନର ଆବଶ୍ୟକତା କଅଣ ?



ବାଲ୍ମୀକି ନାୟକ

କାର୍ତ୍ତିକ ମାସଟି ଅନ୍ୟ ସବୁ ମାସ ଅପେକ୍ଷା ଅତ୍ୟନ୍ତ ପବିତ୍ର ବୋଲି ଓଡ଼ିଶାରେ ବିଶ୍ୱାସ କରାଯାଏ । ସେଥିପାଇଁ ଘରେ ଘରେ ଅନେକ ପ୍ରକାର ପୂଜା ଓ ବ୍ରତ ପାଳନ କରାଯାଏ । ବିଶେଷ କରି ସ୍ତ୍ରୀ ଲୋକମାନେ ମାସ ସାରା ନିରାମିଷ ଭୋଜନ କରନ୍ତି । ବିଧବାମାନେ ହବିଷ ପାଳନ କରନ୍ତି । ପୁରୀ ଯାଇ ଜଗନ୍ନାଥ ମନ୍ଦିରରେ ହବିଷ ପାଳନ କରୁଥିବା କିଛି ବିଧବାମାନଙ୍କ ପାଇଁ ଆଜିକାଲି ବିଶେଷ ସୁବିଧା ଯୋଗାଇ ଦିଆଯାଉଛି । ସେମାନଙ୍କୁ ରହିବାପାଇଁ ବାସସ୍ଥାନ ଓ ପ୍ରତିଦିନ ମନ୍ଦିରର ଏକ ଓଳି ମହାପ୍ରସାଦ ଖାଇବାକୁ ମିଳେ । ନିଜ ଘରେ ଉଚିତ ସମ୍ମାନ ପାଉନଥିବା ଏବଂ ମାନସିକ ସନ୍ତାପ ଭୋଗ କରୁଥିବା ଅସହାୟା ବିଧବାମାନେ, ଏଇ ଗୋଟିଏ ମାସ ପୁରୀ ଯାଇ ନିଜର ଦୁଃଖ ଜଗନ୍ନାଥଙ୍କୁ ଜଣାଇଥା'ନ୍ତି । ଜଗନ୍ନାଥ ଶୁଣୁଛନ୍ତି କି ନାହିଁ ଜଣା ନାହିଁ କିନ୍ତୁ ତାଙ୍କ ସହିତ ରହୁଥିବା ଅନ୍ୟ ବିଧବାମାନେ ନିଷ୍ଚୟ ଶୁଣୁଛନ୍ତି । ଗୋଟିଏ ଓଳି ଖାଇ ଦିନ ସାରା ଭୋକରେ ରହୁଥିଲେ ବି ନିଜର ମନକଥା ଅନ୍ୟ ସମ ଦୁଃଖୀ ମହିଳାମାନଙ୍କ ସହ ବାଣ୍ଟି ପାରୁଥିବାରୁ ମାନସିକ ଶାନ୍ତି ପାଆନ୍ତି ।

କାର୍ତ୍ତିକ ମାସରେ ଆମିଷ ଭୋଜନ ତ୍ୟାଗ କରିବା ପରମ୍ପରା କେବଳ ଓଡ଼ିଶାରେ ହିଁ ଦେଖିବାକୁ ମିଳୁଛି । ବର୍ଷ ସାରା ଆମିଷ ଭୋଜନ କରୁଥିବା କଟ୍ଟର ଧାର୍ମିକ ପରିବାରର ଲୋକମାନେ ବାଧ୍ୟ ହୋଇ ମନମାରି ଆମିଷ ବର୍ଜନ କରିଥା'ନ୍ତି । ଧର୍ମ ଦ୍ୱାରା ବହୁତ ବେଶୀ ପ୍ରଭାବିତ ହେଉ ନଥିବା ଧାର୍ମିକ ପଣ୍ଡିତମାନେ, ନିଜ ସ୍ୱାର୍ଥପାଇଁ କାର୍ତ୍ତିକ ମାସର ଶେଷ ପାଞ୍ଚଦିନ ହିଁ ଆମିଷ ତ୍ୟାଗ କରିଦେଲେ, ପୂଣ୍ୟ ପ୍ରାପ୍ତ କରିବାରେ କୌଣସି ଅସୁବିଧା

ISSN NO.
2582-208X

ହୁଏନାହିଁ ବୋଲି, ଏକ ଧାର୍ମିକବିଚାର ପ୍ରଚାର କରି ଦେଇଛନ୍ତି । ଅର୍ଥାତ ନଈର ପାଣି ନଈରେ ଯିବ, ପିତୃଲୋକ ସନ୍ତୋଷ ହେବେ ।

ଯେଉଁ ବର୍ଷ ଗୁରୁବାରକୁ ମିଶାଇ ପଞ୍ଚକ ପାଞ୍ଚ ଦିନ ବଦଳରେ ଛଅ ଦିନ ହୋଇଯାଉଛି। ଆଇଁଷିଆ ଲୋକମାନଙ୍କୁ ସେହି ବର୍ଷ ଆଉ ଗୋଟିଏ ଦିନ ଅଧିକ ଆଇଁଷ ଖାଇବାକୁ ମିଳିବ ନାହିଁ ବୋଲି ମନ ଟିକିଏ ଖଟ୍ଟା ହୋଇଯାଉଛି। ମୁଁ, ମୋ ସ୍ତ୍ରୀଙ୍କ ସହିତ ଭାରତର ବିଭିନ୍ନ ରାଜ୍ୟରେ ରହିଛି କିନ୍ତୁ ସେଠାରେ କେହି ଏହି ପଞ୍ଚକ ପାଳନ କରୁଥିବା ଦେଖିନାହିଁ। ସେମାନେ ପଞ୍ଚକ କ'ଣ ଜାଣି ହିଁ ନାହାନ୍ତି ।

ଏହା ସବୁ ଦେଖି, ଶୁଣି ମନରେ ପ୍ରଶ୍ନ ଉଠେ – କାର୍ତ୍ତିକ ମାସ ଯଦି ହିନ୍ଦୁ ଧର୍ମର ଏକ ପବିତ୍ର ମାସ ତା'ହେଲେ ସମସ୍ତ ଭାରତରେ ଏହାକୁ ସମାନଭାବେ ପାଳନ କରାଯାଉନି କାହିଁକି ? ଅନ୍ୟ ଧର୍ମର ଲୋକମାନଙ୍କ ପାଇଁ କାର୍ତ୍ତିକ ମାସଟି କ'ଣ ପବିତ୍ର ବୁହେଁ? ଓଡ଼ିଶାରେ ପଞ୍ଚକ ପାଳନ କରୁଥିବା ଲୋକମାନେ କୁହନ୍ତି – "ପଞ୍ଚକରେ ବଗ ମଧ୍ୟ ମାଛ ଖାଏ ନାହିଁ "ଏଇଟା କେତେ ହାସ୍ୟାସ୍ପଦ କଥା ଚିନ୍ତା କରନ୍ତୁ । କେବଳ ଓଡ଼ିଶାରେ ରହୁଥିବା ବଗ ପକ୍ଷୀଗୁଡିକ ଆମିଷ ତ୍ୟାଗ କରନ୍ତି ନା ସାରା ଦେଶର ବଗ ? କେବଳ ବଗମାନେ ହିଁ ଆମିଷ ଖାଆନ୍ତି ନାହିଁ ନା ଅନ୍ୟ ସବୁ ଆମିଷାଶୀ ପଶୁ ଓ ପକ୍ଷୀ ମଧ୍ୟ ଖାଆନ୍ତି ନାହିଁ ? ବଗ ମାଛ ଖାଉ ନଥିବାର ପ୍ରମାଣ କ'ଣ ? ସେମାନେ କ'ଣ କାର୍ତ୍ତିକ ମାହାତ୍ମ୍ୟ ପଢୁଛନ୍ତି ? କେବଳ ଓଡ଼ିଶାରେ ରହୁଥିବା ବଗମାନଙ୍କୁ କିଏ କିପରି ବୁଝେଇ ଦେଉଛି ଯେ ଏହି ପାଞ୍ଚ ଦିନ ପଞ୍ଚକ ? ସେହି ପାଞ୍ଚଦିନ ସେମାନେ ଘାସ ଖାଉଛନ୍ତି ନା ଖାଡାଖାଡ଼ା ଓପାସ ରହୁଛନ୍ତି?

ଓଡ଼ିଶା ଏବଂ ଓଡିଶା ବାହାରେ ରହୁଥିବା ଓଡିଆମାନେ ମଧ୍ୟ କାର୍ତ୍ତିକ ମାସର ଶେଷରେ ପୂର୍ଣ୍ଣିମା ଦିନ ବୋଇତ ବନ୍ଦାଣ ଉତ୍ସବ ପାଳନ କରିଥାନ୍ତି । ପୂର୍ବରୁ ଚାଲି ଆସିଥିବା ଗୋଟିଏ ରୂଢ଼ି ପରମ୍ପରାକୁ ବଡ ସମାରୋହରେ ପାଳନ କରୁଛନ୍ତି । ଯେତେବେଳେ ସାଧବମାନେ ବ୍ୟବସାୟ କରିବା ପାଇଁ ନିଜ ନିଜର ବୋଇତ ନେଇ ସମୁଦ୍ର ଭିତରେ ରାଜ୍ୟ ବାହାରକୁ ଯାଉଥିଲେ, ସେତେବେଳେ ତାଙ୍କର ସ୍ତ୍ରୀମାନେ ସ୍ୱାମୀଙ୍କ ସୁରକ୍ଷା ଓ ମଙ୍ଗଳ କାମନା କରି ବୋଇତ ବନ୍ଦାଣ କରୁଥିଲେ । ଆଜି ରାଜ୍ୟରେ ସେଭଳି ବ୍ୟବସାୟ କରୁଥିବା ସାଧବ ନାହାନ୍ତି କି ବୋଇତ ବି ନାହିଁ । ତେଣୁ ବୋଇତ ବନ୍ଦାଣ କରିବା ଆବଶ୍ୟକ ନାହିଁ । ତଥାପି

ISSN NO.
2582-208X

ହଜାର ହଜାର କଦଳୀ ଗଛର ପଟ୍ଟ କାଟି ମିଛି ମିଛିକା ବୋଇତ ବନେଇ ନିକଟସ୍ଥ ନଦୀ ବା ପୁଷ୍କରିଣୀରେ ଭସେଇ ଦେଉଛନ୍ତି । ତା'ସହିତ କୁଢ଼ କୁଢ଼ ଫୁଲ ଓ ପୂଜା ସାମଗ୍ରୀ ଜଳରେ ଫିଙ୍ଗି ଦେଉଛନ୍ତି । ସେହି ଦିନ କେତେ ପରିମାଣରେ ନଦୀ ଓ ପୁଷ୍କରିଣୀର ଜଳ ଦୂଷିତ ହେଉଛି ତାହା କେହି ଗୁରୁତ୍ୱ ଦେଉ ନାହାନ୍ତି । ଜଳକୁ ଗୋଟିଏ ଦିନର ଆବର୍ଜନା ସଫା କରିବାପାଇଁ ପ୍ରଶାସନକୁ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରିବାକୁ ପଡୁଛି ।

ଆପଣ ଦେଖିବେ, ପଞ୍ଚକପରେ ଛାଡଖାଇ ଦିନ ପାହାନ୍ତା ପହରୁ ଯାଇ ମାଂସ, ମାଛ ଓ କୁକୁଡ଼ା ଦୋକାନ ଆଗରେ ଭକ୍ତମାନେ ଧାଡିବାନ୍ଧି ଠିଆ ହୁଅନ୍ତି । ସତେ ଯେମିତି ଆଜି ଆମିଷ ନ ଖାଇଲେ ମହାପାପ ହୋଇଯିବ । ସେଦିନ ଯିଏ ଯାହାକୁ ଦେଖିବ, ପଚାରିବ - "ହଁ ! ଭାଇ, ଆଜି ତୁମ ଘରେ କ'ଣ ରନ୍ଧା ହୋଇଥିଲା ? କିଏ ଗର୍ବର ସହ କହେ ଆଜି ଆମଘରେ ମାଂସ ହୋଇଥିଲା । ଅନ୍ୟ ଜଣେ ମୁହଁ ଶୁଖାଇ କହେ ମାଂସ ଓ କୁକୁଡ଼ା ଏତେ ମହଙ୍ଗା ଯେ ଆମଘରେ ଆଜି ମାଛ ରନ୍ଧା ହୋଇଥିଲା ।

ମୋତେ ପଚାରିଲେ ମୁଁ କହେ - ଆଜି ମୋ ସ୍ତ୍ରୀ ଡାଲି, ଶାଗଭଜା, ଘାଣ୍ଟ ତରକାରୀ ରୋଷେଇ କରିଛନ୍ତି। ସେ ଆଶ୍ଚର୍ଯ୍ୟ ହୋଇ ପଚାରନ୍ତି, କ'ଣ କିଛି ଆମିଷ ମିଳିଲା ନାହିଁ ? ମୁଁ କହେ - ସେକଥା ନୁହେଁ । ଗତ ମାସ ସାରା ବିଶେଷ କରି ପାଞ୍ଚ ଦିନଯାକ ଆମର ଖୁବ ଆମିଷ ଖିଆ ହୋଇଛି । ମାଛ ଖୁବ ଶସ୍ତା ମିଳୁଥିଲା । ଆଜି ତ ସବୁ ଆମିଷ ବହୁତ ମହଙ୍ଗା ।

ଏହା କେବଳ ଧର୍ମକୁ ଆଖିଠାର ମାରିବା ଭଳି କାର୍ଯ୍ୟ । ଆମିଷ ନଖାଇଲେ ପୂଣ୍ୟ ମିଳେନାହିଁ କି ଆମିଷ ଖାଇଲେ ପାପ ବି ହୁଏନାହିଁ । ବିଧବା ସ୍ତ୍ରୀଲୋକ ବିଶେଷ କରି ବୃଦ୍ଧାମାନଙ୍କୁ ଧର୍ମ ନାମରେ ଏକ ଓଳି ଖାଇ କାର୍ତ୍ତିକ ବ୍ରତ ହବିଷ ପାଳନ କରିବାର ଶାରୀରିକ କଷ୍ଟ ଦିଆ ନଯାଉ ।

ମୋ : ୯୪୮୨୦୧୬୨୬୦

ISSN NO.
2582-208X

# ଶ୍ୟାମଳ ପ୍ରେମିକ

ଅଶ୍ୱିନୀ ସୂତାର

ତୁମ ଆସିବା ଖବର ପାଇ
ମୋ ମନରେ ଅଜସ୍ର ଉଚ୍ଛାଟ
ଭକ୍ତିରେ ଗଦଗଦ ମନ
ଶ୍ରଦ୍ଧାରେ, ସାରା ଦେହ ଲଟପଟ

ଚଳ ଚଂଚଳ ଆଜି ମୋର
ଭାବାତୁର ହୃଦୟର ପଥ
ପଦେ ପଦେ ଗୁଂଜରିତ
ଆଗମନୀ କୋମଳ ଆହଟ

ହେ ନୀଳ ପ୍ରେମିକ ପ୍ରିୟ
ରସିକ ନାଗର ନଟ
ଏକମାତ୍ର ତୁମେ ହିଁ ତ
ହେଉଥାଅ ସର୍ବତ୍ର ପ୍ରତୀତ

ତୁମ ଦରଶନ ପରେ
ମୀରାଟିଏ ଜାଗିଚି ହୃଦୟେ
ପାଗଳିନୀ ରାଧାଟିଏ
ଛାତିତଳେ ଅପେକ୍ଷାରେ ଅଛି

ଦେହ, ଯମୁନାର କୂଳ ପରି
ବାସୁଅଛି କଦମ୍ବ କଦମ୍ବ
କେଉଁ ଦିଗୁ ବଂଶୀ ସ୍ୱନ
କେଜାଣି ଏ କାନରେ ବାଜୁଚି

ଶାନ୍ତୁବିହାର, ପଟିଆ, ଭୁବନେଶ୍ୱର
ମୋ-9437008341

ISSN NO.
2582-208X

# ସଂସ୍କାର : ଭବିଷ୍ୟତ ଜୀବନର ଆଧାର



ଲକ୍ଷ୍ମୀପ୍ରିୟା ବିଶ୍ୱାଳ

ମୃତ୍ୟୁପରେ ବି ଆତ୍ମା ର ଅସ୍ତିତ୍ୱ କାୟମ ରହେ, ଏହା ନିଃସନ୍ଦେହ ।ଶରୀର ତ୍ୟାଗ କରିବା ପରେ ଧନ, ପରିବାର, ପଦ, ବୈଭବ ଆଦି ଭୌତିକ ବସ୍ତୁ ଏହିଠାରେ ରହିଯାଏ । ଆତ୍ମା ସଙ୍ଗେ ଯାଏ ନାହିଁ । ଯେଉଁପରି ମୃତ୍ୟୁପରେ ଶରୀରର ଅନ୍ୟ ଅବୟବ ନଷ୍ଟ ହୋଇଯାଆନ୍ତି, ସେହିପରି ମସ୍ତିଷ୍କ ଏବଂ ତାର ଶିକ୍ଷା କୌଶଳ ବି ଜୀବନଲୀଳା ସମାପ୍ତ ହେବାସଙ୍ଗେ ନଷ୍ଟ ହୋଇଯାଏ ।

ଅନନ୍ତ ଜୀବନର ସାଥି ରେ ଚାଲୁଥିବା ବସ୍ତୁ ଭିତରୁ 'ସଂସ୍କାର' ହିଁ ମୁଖ୍ୟ । ସଂସ୍କାର, ଅର୍ଥାତ୍ ଅନ୍ତଃକରଣରେ ଜମିଥିବା ପ୍ରଗାଢ଼ ଆସ୍ଥା ଓ ପରିପକ୍ୱ ଅଭ୍ୟାସ । ଜୀବର ଚେତନସତ୍ତା ସହିତ ଏହା ଏତିକି ସଘନତାର ସହ ଯୋଡ଼ି ରହିଥାଏ ଯେ, ତାକୁ ଅସ୍ତିତ୍ୱର ଅଙ୍ଗ କୁହାଯାଇପାରେ। ଏହି ସଂସ୍କାର ହିଁ ଆଗାମୀ ଜନ୍ମର ଆଧାର ହୁଏ।

ପୁନର୍ଜନ୍ମ କେଉଁଠାରେ ମିଳିବ ? କେଉଁପରି ପରିବାର ଅଥବା ପରିବେଶରେ ଜନ୍ମ ମିଳିବ? ଏହାର ବ୍ୟବସ୍ଥା ବି ନିଜର ସଞ୍ଚାଳିତ ଚେତନା ସଂସ୍ଥାନ ହିଁ କରିଥାଏ। ଏଥିପାଇଁ ଅନ୍ୟ କୌଣସି ବିଚାରପତି କିମ୍ବା ନିୟନ୍ତ୍ରଣକର୍ତ୍ତା ଆବଶ୍ୟକ ହୁଏନାହିଁ । ଏତେ ଅଧିକ ପ୍ରାଣୀଙ୍କର, ଏତେ ଅଧିକ କର୍ମର ହିସାବ ରଖିବା, ତାଙ୍କପାଇଁ ଦଣ୍ଡ, ପୁରସ୍କାର, କର୍ମଫଳ, ପୁନର୍ଜନ୍ମ ଆଦିର ବ୍ୟବସ୍ଥା କରିବା ବାହାରର ବ୍ୟବସ୍ଥାପକପକ୍ଷେ ସମ୍ଭବ ନୁହେଁ । ଏସବୁ କାମ ନିଜର ଅନ୍ତଶ୍ଚେତନା ହିଁ କରିଥାଏ ।

ISSN NO.
2582-208X

ମୃତ୍ୟୁପଶ୍ଚାତ୍ ତର୍କବୁଦ୍ଧି ସମାପ୍ତ ହୋଇଯାଏ। ଭିତରେ କିଛି, ବାହାରେ କିଛିର ଝମେଲା ରହେନାହିଁ। ଭଲ-ମନ୍ଦ ଯାହା ବି ସଂସ୍କାର ସଞ୍ଚିତ ହୋଇଥାଏ, ସେହି ଅନୁରୂପ ଆକାଂକ୍ଷା ହୋଇଥାଏ ଓ ସେହି ଆକାଂକ୍ଷାଜନିତ ଆକର୍ଷଣ ଅଭୀଷ୍ଟ ପରିସ୍ଥିତି ସହିତ ପୁନର୍ଜନ୍ମର ସାମଞ୍ଜସ୍ୟ ସ୍ଥାପିତ କରିଥାଏ ।

ଜୀବିତ ମଣିଷଠାରେ ଦୋହରା (ଦ୍ୱିପକ୍ଷୀୟ) ଅସ୍ତିତ୍ୱ ରହିଥାଏ। ତା'ର ଆକାଂକ୍ଷା ଅନ୍ୟ କିଛି ଥିବ ଏବଂ କାମ ଅନ୍ୟ କିଛି କରୁଥିବ, ଏହା ସମ୍ଭବ। କିନ୍ତୁ ମରଣୋପରାନ୍ତ କାଳରେ ସେପରି ସ୍ଥିତି ରହେନାହିଁ। ଏଣୁ ଯଦି ନିକୃଷ୍ଟ ସଂସ୍କାର ବସା ବାନ୍ଧିଥିବ, ତେବେ ନିକୃଷ୍ଟ ବ୍ୟକ୍ତି ଅଥବା ପରିସ୍ଥିତି ଆଡ଼କୁ ଆକର୍ଷଣ ହେବ ଏବଂ ଜୀବ ସେହି ପରିବେଶରେ, ସେହି ସ୍ତରର ଶରୀରରେ ଜନ୍ମଗ୍ରହଣ କରିବ । ମୃତ୍ୟୁପରେ ଯଦି ତର୍କବୁଦ୍ଧି ଥାଆନ୍ତା, ତେବେ ସମ୍ଭବତଃ ନିକୃଷ୍ଟ ସଂସ୍କାର କାରଣରୁ ପ୍ରାପ୍ତ ନିକୃଷ୍ଟ ପରିସ୍ଥିତିଜନିତ ହାନି ବିଷୟରେ ଚିନ୍ତା କରନ୍ତା ଏବଂ ନିଜର ସ୍ୱାଭାବିକ ସ୍ତରଠାରୁ ଭିନ୍ନ ପ୍ରକାରର ପରିସ୍ଥିତିରେ କାମ ଉଠାଇବାର ଚେଷ୍ଟା କରନ୍ତା। ପରନ୍ତୁ ସେ ସ୍ଥିତିରେ ସେପରି ସମ୍ଭବ ହୁଏନାହିଁ ।

ମୃତ୍ୟୁ ପଶ୍ଚାତ୍ ଜୀବାତ୍ମାଠାରେ ଗୋଟିଏ ହିଁ ବ୍ୟକ୍ତିତ୍ୱ, ଗୋଟିଏ ହିଁ ରୁଚି ଓ ଗୋଟିଏ ହିଁ ଚେଷ୍ଟାର ପ୍ରଭୁତା ରହିଥାଏ। ଭ୍ରମର ଫୁଲ ଉପରେ ଯାଇ ବସିଥାଏ ଏବଂ ଗୋବରପୋକ ଗୋବର ଖୋଜିଥାଏ। ଏଥିପାଇଁ ତାକୁ କାହାର ପରାମର୍ଶ ନେବାକୁ ପଡ଼େନାହିଁ ତଥା ତାକୁ କେହି ବାଧ୍ୟ କରେନାହିଁ। ସେପରି ପୋକ ନିଜ ପ୍ରକୃତି ଅନୁରୂପ ପରିସ୍ଥିତି ଖୋଜିନିଅନ୍ତି ଓ ସେହିଠାରେ ଯାଇ ସନ୍ତୋଷ କରନ୍ତି । ଠିକ୍ ଏହିପରି ଅନ୍ତଃଚେତନା ନିଜ ସଞ୍ଚିତ ସଂସ୍କାରର ଅନୁରୂପ ଜନ୍ମଗ୍ରହଣ କରେ । ଏଥିରେ ରହିବାଦ୍ୱାରା ସୁଖ ମିଳିଲା କିମ୍ବା ଦୁଃଖ, ଏକଥା ତେବେ ଜଣାପଡ଼େ, ଯେତେବେଳେ ଅନ୍ୟ ଯୋନିରେ ଜନ୍ମନେଇ ସେଥିରେ ରହିବାପରେ ଅନ୍ୟ ପ୍ରାଣୀଙ୍କ ସହିତ ନିଜର ତୁଳନା କରିବାଯୋଗ୍ୟ ବୁଦ୍ଧି ବିକଶିତ ହୋଇଥାଏ।

ସଂଗ୍ରାହିକା: ଲକ୍ଷ୍ମୀପ୍ରିୟା ବିଶ୍ୱାଳ
ମହୁ, ଆଲ,
କେନ୍ଦ୍ରାପଡ଼ା, ଓଡ଼ିଶା

ISSN NO.
2582-208X

# ସତର୍କ ବାଣୀ

ଅଲେଖ ମେହେର

ଅନ୍ଧାରୀ ଗହନ ଗର୍ଭ ମନ୍ଦିରେ ନଅମାସ ଅବସ୍ଥିତି ଭିତରେ
ଏମିତି ସମୟ ନଥିଲା ଆସି ଭଜୁ ନଥିଲୁ ମହାଶୂନ୍ୟ ବାସୀରେ
ଆଗମନେ ବସୁଧାକୁ ଯେ
କାଅନା ବାସନା ଜାଲେ ଛନ୍ଦି ହୋଇ ଭୁଲିଲୁ ବିଶ୍ୱବାହୁଙ୍କୁ ଯେ ।୧।
ମାନବ ନାମକୁ କଲୁ ବିଅର୍ଥ ବିରୋଧୋକ୍ତିରେ ପ୍ରବୀଣ ସମର୍ଥ ।
ଶୃଙ୍ଗାର ରସେ ନିବେଶିଣ ମନ ଧରାକୁ ସରା ରୂପେ କରି ଜ୍ଞାନରେ
କୁଣ୍ଡଟୀରେ ଗଲୁ ପଡି ଯେ
ଗୁରୁଜନ ବାଣୀ ହେୟ ମଣି ହୃଦେ ସତ୍ୟପଥ ଗଲୁ ହୁଡେ ଯେ ।୨।
ରମଣୀ ରତନ ଅଙ୍କେ ବସାଇ ମାତାପିତାଙ୍କୁ ତୁ ଦେଲୁ ଦୂରେଇ
ଯାଙ୍କ କୃପାବଳେ ଲଭିଲୁ କାୟା ତେଜ୍ୟା କଲା ତୋର ଇନ୍ଦ୍ରିୟ ମାୟାରେ
ଗର୍ବୀ ହୋଇ ବାହୁବଳେ ଯେ
ଧରାକୁ ସରା ପ୍ରାୟମଣି ମନରେ ପତିତ ବାସନା ଜାଲେ ଯେ ।୩।
ଯୌବନ ନଈରେ ଆସେ ଜୁଆର ତହିଁରେ ଗଢିଛୁ ସ୍ୱପ୍ନ ମନ୍ଦିର
କ୍ଷଣିକ ସୁଖରେ ବିହ୍ୱଳ ହୋଇ ଆତ୍ମୀୟ ସ୍ୱଜନ ଦେଲୁ ଦୂରେଇ ରେ
ରୂପଶ୍ରୀ ଜାଲରେ ପଡି ଯେ
ନିନ୍ଦା ଅପମାନ ମଣିଲୁ ଚନ୍ଦନ କର୍ତ୍ତବ୍ୟକୁ ଗଲୁ ହୁଡି ଯେ ।୪।
ଅନଳ ବିଲୋକି ପତଙ୍ଗ ମନ ପ୍ରିୟମଣି ତେଜ୍ୟାକଲା ଜୀବନ
ପାଠ ପଢିବାରେ ବାହାନା କରି ନିଜ ଗୋଡରେ ମାରିଲୁ କୁରାଢିରେ
ଏ ବୟସ ଗଲେ ଗଡି ଯେ

ISSN NO.
2582-208X

ଭବିଷ୍ୟତ ତୋର ବିଭାବରୀ ସମ ଅନ୍ଧକାର ଯିବ ମାଡି ଯେ ।୫ ।
ସମୟ ନଈରେ ବୟସ ନୀର ଥରେ ଗଡିଗଲେ ହେବ ଉଚ୍ଛୁର
କର୍ମକୁ ନିନ୍ଦିଲେ କି ଲାଭ ତହିଁ ସୁବର୍ଣ୍ଣ ସୁଯୋଗ ଦେବୁ ହରାଇରେ
ବାରେ ମାନ ମୋର ଗିର ଯେ
ବିଦ୍ୟାଧନେ ଧନୀ ହୋଇଗଲେ ସର୍ବେ ହଟିବେ ତୋର ପୟର ଯେ ।୬ ।
ନବ ବଧୂ ବାସରେ ଗଲୁ ଭୁଲି ପିତାମାତା ସ୍ନେହ ଭାଇ ଅର୍ଦ୍ଧଳି
ବାସର ରଜନୀ କଲା କିମିଆଁ ନିଜ ଗୃହେ ଲଗାଇ ଦେଲୁ ନିଆଁ ଯେ
କାଟି ମମତାର ରଜ୍ଜୁ ଯେ
ଜରାକାଳେ ମାରି ବେତର ପ୍ରହାର ପ୍ରଣୟ ସିନ୍ଧୁରେ ମଜ୍ଜୁ ଯେ ।୭ ।
ନୟନ ପିତୁଳା ଅନ୍ଧ ଲଉଡି ବୃଦ୍ଧକାଳେ ଆଶା ଭରଷା ବାଡି
ସପନ ସଉଧ ନିମିଷେ ଭାଙ୍ଗି ଘୋଷାଡି ଦୂରକୁ ଦେଉଛୁ ଫିଙ୍ଗିରେ
ହେବୁ ପିତା ଏକଦିନ ଯେ
ସେ ଦିନ ବୁଝିବୁ ସନ୍ତାନ ବେଦନା ମଣିଲୁ ଯାହାକୁ ହୀନ ଯେ ।୮ ।
ଅଳକାପୁରୀର କଳ୍ପନା କରି ଆଣିଦେଇଥିଲି କନକ ଗୋରୀ
ଅନ୍ତିମ କ୍କାଳରେ ହେବୁ ସହାୟ ଦୁର୍ଜନ ସ୍ୱଭାବ ସର୍ପର ପ୍ରାୟ ଯେ
ମାରୁ ସନ୍ତାପିତ କରି ଯେ
ସୁଖ ସମୃଦ୍ଧିରେ ଭରୁ ତୋ ଅମାର ଘରୁ ଯାଉଛି ବାହାରି ଯେ ।୯ ।

-: ଟୀକା :-

ଶୃଙ୍ଗାର ରସେ – ପ୍ରେମ ରସରେ
କୁଞ୍ଜଟି – କୁହୁଡି
ଧରା – ପୃଥିବୀ

ବରପଦର, ଗୋବିନ୍ଦପୁର,
ବରଗଡ

ISSN NO.
2582-208X

# ଈଶ୍ୱରଙ୍କୁ କେଉଁଠି ଖୋଜିବା



ମାଳତୀ ଦେବୀ

ପରମାତ୍ମା ହେଉଛନ୍ତି ଆମର ସ୍ୱରୂପ । ତାଙ୍କୁ ପାଇବା ପାଇଁ କେଉଁଠି କୁ ଯାତ୍ରା କରିବାକୁ ପଡିବ ନାହି । ପରମାତ୍ମା ହେଇଛନ୍ତି ସହଜ, ସ୍ୱୟଂ ନିଜେ । ତେଣୁ କିଏ କାହାକୁ ଖୋଜିବାକୁ କେଉଁଠି କୁ ଯିବ ? ଅତି ସହଜ ରେ ବୁଝିବାକୁ ହେଲେ ଆମର ନିଜର ସ୍ୱରୂପ ସ୍ୱଭାବ ଅଗ୍ନି ର ଉଷ୍ମତା ପରି ଅଭିନ୍ନ । ଏହା କହିବାର ଉଦ୍ଦେଶ୍ୟ ଆମେ ନିଜକୁ ଜାଣି ଗଲେ ବିଶ୍ୱରେ ସବୁକିଛି ସହଜ ହୋଇଯିବ । ପରମାତ୍ମା ଏଇଠି ଏବେ ଅଛନ୍ତି କୁଆଡେ ଯିବାର ପ୍ରୟୋଜନ ନାହିଁ, ସିଏ ହେଇଛନ୍ତି ତୁମେ ନିଜେ । କାରଣ ସେ ଅଖଣ୍ଡ ହୋଇଥିବାରୁ ସେ ସବୁ ସ୍ଥାନ, କାଳ ଏବଂ ବସ୍ତୁ ପଦାର୍ଥ ରେ ବିଦ୍ୟମାନ । ପରମାତ୍ମା ଓ ଆମ ଭିତରେ କୌଣସି ପ୍ରକାର ପ୍ରତିବନ୍ଧକ ନାହଁ ତେଣୁ ତାଙ୍କୁ ପ୍ରାପ୍ତି କରିବାର କୌଣସି ସାଧନା ର ଆବଶ୍ୟକ ନାହଁ । ତାଙ୍କୁ ପ୍ରାପ୍ତ କରିବା ପାଇଁ ଶୁଦ୍ଧ ବୁଦ୍ଧି ର ଆବଶ୍ୟକ । ପ୍ରାପ୍ତ କରିବାର ଅର୍ଥ ହେଉଛି ଯାହା ମିଳିଛି ତାକୁ ଅନୁଭବ କରିବା ପାଇଁ ବୁଦ୍ଧି ଓ ବିଚାର ର ଆବଶ୍ୟକ ଅଛି । ପରମାତ୍ମା ଯେବେ ଦୂର ରେ ଥାନ୍ତେ ତେବେ ତାଙ୍କ ଠିକଣା ନେଇ ଯାତ୍ରା ଆରମ୍ଭ କଲେ ମିଳିଯାଇ ଥାନ୍ତେ । ଯିଏ ସ୍ୱୟଂ ପରମାତ୍ମା ତେଣୁ ଯାତ୍ରା କାହାକୁ କୁଆଡେ କରିବେ, ଧ୍ୟାନ, ସାଧନା କାହାକୁ କରିବେ । ଆମ ନିଜେ ଆମର ଅହଂକାର କୁ ହଜାଇ ଦେଲେ ବା ଶୁନ କରିଦେଲେ ସେ ମିଳିଯିବେ। ଅହଙ୍କାର ହିଁ ପରମାତ୍ମା ହେବାରେ ପ୍ରତିବନ୍ଧକ ।

ISSN NO.
2582-208X

ସତ୍ୟ ଭିତରେ ବିଦ୍ୟାମାନ ଅଛି, ତାକୁ ଅନ୍ୟ ବସ୍ତୁ ବୋଲି ବାହାରେ ଖୋଜିଲେ ମିଳିବ ନାହିଁ। କାରଣ ସେ ଆମ ମନ, ବୁଦ୍ଧି, ଆଖି , କାନ ର ପଛ ପଟେ ଛିଡା ହୋଇ ସବୁ ଦେଖୁଛନ୍ତି, ସବୁ ଶୁଣୁଛନ୍ତି । ଯାହାକୁ କେବେହେଲେ ଆମେ ହଜାଇ ନାହେଁ ତାକୁ ବାହାରେ ଖୋଜିଲେ  କିପରି ମିଳିବେ । କସ୍ତୁରୀ ମୃଗ ର ନାଭି ରେ ରହିଥାଏ କିନ୍ତୁ ସେହି ସୁଗନ୍ଧ ରେ ବିହ୍ୱଳିତ ହୋଇ ମୃଗ ସାରା ବନ ରେ ସେହି ସୁଗନ୍ଧ ରେ ଅନ୍ୱେଷଣ ରେ ଘୁରିବୁଲି ଶେଷ ରେ ମୃତ୍ୟୁ ହୋଇଯାଇଥାଏ କିନ୍ତୁ ସେ ଜାଣି ପାରେ ନାହିଁ ସେହି ସୁଗନ୍ଧ ତାର ନିଜ ପାଖରୁ ଆସୁଛି ବୋଲି । ଆମ ସବୁ ସେହି ମୃଗ ପରି ଜୀବନ ନିର୍ବାହ କରି ନିଜଠାରୁ ଦୂର ପାରମାତ୍ମା ଙ୍କୁ ବାହାରେ ଖୋଜୁଛେ, ପରିଣତି ମୃଗ ପରି ଭୋଗୁଛେ ।

ଆମେ ସବୁବେଳେ ପଣ୍ଡିତ, ଜ୍ଞାନୀ, ମହାତ୍ମା, ତ୍ୟାଗୀ, ଦାନୀ ହେବା ପାଇଁ ଚେଷ୍ଟା କରୁଛେ। ଏହି ବିଶିଷ୍ଟ ହେବାର ଚେଷ୍ଟା ହିଁ ଅହଙ୍କାର ରୁପି ଭୋଜନ କରୁଛେ । ସାଧାରଣ ହେବା ହିଁ ଅହଙ୍କାର ର ମୃତ୍ୟୁ । ବିଶିଷ୍ଟ ହେବା ର ଚେଷ୍ଟା ହିଁ ନିଜଠାରୁ ବିଚ୍ୟୁତ ହେବା । ଆଉ ବିଶିଷ୍ଟ ହେବା ପାଇଁ ଚେଷ୍ଟା ହିଁ ବନ୍ଧନ । କାରଣ କର୍ତ୍ତା ହେବା ବନ୍ଧନ ରେ ପଡ଼ିବା , ସାକ୍ଷୀ ହୋଇ ରହିବା ମୁକ୍ତ ହୋଇଯିବା । ଅହଙ୍କାର ର ଆବରଣ ରୁ କ୍ଷାନ୍ତ ରହି ସାକ୍ଷୀ ଭାବକୁ ଧାରଣ କରିବା ହିଁ ସ୍ୱୟଂ କୁ ଅନୁଭବ କରିବାର ଉତ୍ତମ ସାଧନା ।

ସଂଗ୍ରାହିକା: ମାଳତୀ ଦେବୀ
ପୁରୁଣା ବଜାର,ଲେମ୍ବୁକାପଦା,ଆଳ,
କେନ୍ଦ୍ରାପଡ଼ା, ଓଡ଼ିଶା

ISSN NO.
2582-208X

# ହନୁମାନ ଚାଳିଶା ପାଠ କଲେ କେଉଁ ଫଳ ମିଳେ



ସୁହାସିନୀ ବାରିକ୍

୧) କ୍ରୋଧ ନିୟନ୍ତ୍ରଣ ହୁଏ ।

୨) ସମସ୍ତ ଇଛା ପୂରଣ ହୁଏ ।

୩) ରୋଗ, ଶୋକ, ଭୟ ନାଶ ହୁଏ।

୪) ଆକସ୍ମିକ ଦୁର୍ଘଟଣା ଘଟେ ନାହିଁ।

୫) ଖରାପ ଶକ୍ତିର ପ୍ରଭାବ ପଡ଼େ ନାହିଁ।

୬) ଶନି ସାଢ଼େ ସାତୀର ପ୍ରଭାବ କମ୍ ହୁଏ।

୭) ଧନ ସମ୍ବନ୍ଧୀୟ ସମସ୍ୟା ର ସମାଧାନ ହୁଏ।

୮) ଜୀବନରେ ଆସୁଥିବା ବାଧା ବିଘ୍ନ ଦୂର ହୁଏ ।

୯) ମଙ୍ଗଳ ଙ୍କର ଖରାପ ପ୍ରଭାବ ରୁ ରକ୍ଷା ମିଳେ।

୧୦) ଦୁଶ୍ଚିନ୍ତା ଦୂର ହୋଇ ଚିନ୍ତାଧାରା ସକାରାତ୍ମକ ହୁଏ।

ଜୟ ବଜରଙ୍ଗ ବଳି

ସଂଗ୍ରାହିକା: ସୁହାସିନୀ ବାରିକ୍
ଗ୍ରାମ ମହୁ, ପୋଷ୍ଟ ମହୁ,
ଥାନା ଆଲ୍,କେନ୍ଦ୍ରାପଡ଼ା

ISSN NO.
2582-208X

# ସମର୍ପଣ ଓ ସମୃଦ୍ଧ ପରମ୍ପରାର ବାର୍ତ୍ତାବହ : ନୂଆଁଖାଇ



ସାଇପ୍ରସାଦ ସାହୁ

ମାନବ ସଭ୍ୟତାର ଆରମ୍ଭରୁ ମଣିଷ ଓ ପ୍ରକୃତିର ସଂପର୍କ ଅତି ନିବିଡ଼ । ସାଂସ୍କୃତିକ ବିକାଶ ଗୋଟିଏ ଦେଶ ବା ଗୋଟିଏ ଜାତିର ପ୍ରଗତିର ମୂଳାଧାର । ଏହାର କୌଣସି ବିକଳ୍ପ ନାହିଁ। ପଶ୍ଚିମ ଓଡ଼ିଶାର ପରମ୍ପରା ଓ ଐତିହ୍ୟର ଧାରା ବିଶେଷତ୍ୱ କୃଷି ଓ ଲୋକ ସଂସ୍କୃତିରେ ଅତ୍ୟନ୍ତ ବଳିଷ୍ଠ । ତେଣୁ ବଳିଷ୍ଠ ପରମ୍ପରା ଓ ଗରିଷ୍ଠ ସଂସ୍କୃତିର ପ୍ରତୀକ ହେଉଛି ନୂଆଁଖାଇ ପର୍ବ । ଭାରତୀୟ ଧର୍ମ, ସଂସ୍କୃତି ଓ ପରମ୍ପରାରେ ନୂଆଁଖାଇ ପର୍ବ ବା ନବାନ୍ନ ଭକ୍ଷଣ ବିଧି ବହୁ ପ୍ରାଚୀନ ।

ଅନ୍ନର ମହିମାରେ ମହିମାନ୍ୱିତ ନବାନ୍ନ ବା କୃଷିଭିତ୍ତିକ ପର୍ବ ନୂଆଁଖାଇ ପାଳନର ଗରୀୟାନ ପରମ୍ପରା ପଶ୍ଚିମ ଓଡିଶାବାସୀଙ୍କ ପାଇଁ ଗର୍ବ ଓ ଗୌରବର ବିଷୟ । ମଣିଷ, ପ୍ରକୃତି ଓ ଇଶ୍ୱରଙ୍କୁ ଏକାଠି ସଂଯୁକ୍ତ କରି ରଖିବାର ସଂଯୋଗ ସେତୁ ହେଉଛି ନୂଆଁଖାଇ । ନିଜସ୍ୱ ମହତ୍ୱରେ ମହୀୟାନ ଏହି କୃଷିଭିତ୍ତିକ ଗଣପର୍ବ ଜନସାଧାରଣଙ୍କ ହୃଦୟରେ ଆଶା ଓ ଉଦ୍ଦୀପନା ସୃଷ୍ଟି କରି ଜୀବନର ପୂର୍ଣ୍ଣତା ଆଡକୁ ବାଟ କଢାଇ ନିଏ ଏବଂ ବସୁଧୈବ କୁଟୁମ୍ବକମ୍ ର ମନ୍ତ୍ର ଉଦ୍ ଘୋଷଣା କରେ । ପ୍ରକୃତି ଓ ପରିବେଶକୁ ପୂଜା କରିବା, ଆଧ୍ୟାତ୍ମିକ ଭାବନାରେ ଉଦ୍ ବୁଦ୍ଧ ହେବା, ଉପକାରୀ ପ୍ରତି କୃତଜ୍ଞାତା ଜ୍ଞାପନ କରିବା, ପରସ୍ପର ବାଣ୍ଟି ଖାଇବା ଏବଂ ଗୁରୁଜନ ମାନଙ୍କୁ ସମ୍ମାନ ଜଣାଇବା ହେଉଛି ଏହି ପର୍ବର ବିଶେଷତ୍ୱ ।

ISSN NO.
2582-208X

ନବ ଉତ୍ପାଦିତ ଅନ୍ନକୁ ସୃଷ୍ଟି କର୍ତ୍ତାଙ୍କୁ ଅର୍ପଣ କରି ସେହି ପ୍ରସାଦ ନିଜେ ଗ୍ରହଣ କରିବା ଏହାର ମୂଳ ଲକ୍ଷ୍ୟ । ଅନ୍ୟ ପକ୍ଷରେ ଶାକ୍ତ ଚେତନା ଉପରେ ନବାନ୍ନ ପ୍ରତିଷ୍ଠିତ ଥିବା ବିଷୟ ବଡ଼ ଅର୍ଥବହ । ମନୁଷ୍ୟର ସକଳ ସୁଖସମ୍ପଦ ମାତୃ ଅନୁକମ୍ପାରୁ ପ୍ରାପ୍ତ ହୁଏ, ଏହା ପ୍ରାଚୀନ କାଳରୁ ବିଶ୍ୱାସ କରାଯାଇ ମାତୃଶକ୍ତିକୁ ଉଚ୍ଚ ସ୍ଥାନ ଦିଆଯାଇଛି । ସେହି ମହାନ ଶକ୍ତିକୁ କୃତଜ୍ଞତା ପୂର୍ବକ ବର୍ଷର ପ୍ରଥମ ଫସଲ ମନୁଷ୍ୟ ପାଇଥିଲେ ହେଁ କୃଷିଭିତ୍ତିକ ପର୍ବ ନୂଆଁଖାଇ ବା ନବାନ୍ନ ନୈବେଦ୍ୟ ଗ୍ରାମର ଅଧିଷ୍ଠାତ୍ରୀ ଦେବୀଙ୍କୁ ପ୍ରଥମେ ଅର୍ପଣ କରାଯାଇଥାଏ ।

ପର୍ବର ପ୍ରାରମ୍ଭିକ ପର୍ଯ୍ୟାୟ କୃଷିକ୍ଷେତ୍ରରୁ ଆରମ୍ଭ ହୁଏ ଏବଂ କୃଷିକ୍ଷେତ୍ରରୁ ଉତ୍ପାଦିତ ନୂତନ ଶସ୍ୟରୁ ନୂଆ ଚାଉଳ ପ୍ରସ୍ତୁତ କରାଯାଏ । ସମ୍ବଲପୁରରେ ଅଧିଷ୍ଠାତ୍ରୀ ଦେବୀ ମା' ସମଲେଶ୍ୱରୀ, ବଲାଙ୍ଗୀରରେ ପାଟଣେଶ୍ୱରୀ, ସୋନପୁରରେ ସୁରେଶ୍ୱରୀ ଓ ବିଭିନ୍ନ ସ୍ଥାନରେ ଘଣ୍ଟାସୁନୀ, ଦ୍ୱାରସେହ୍ନୀ, କୁଶଙ୍ଗେଇ, ମାହେଶ୍ୱରୀ, ଭଗବତୀ, ମାଉଲି, ମହୁଲ ଗୋଛିଏଁନ୍ ପ୍ରଭୃତି ଦେବୀଙ୍କ ପୀଠରେ ପ୍ରଥମେ ନବାନ୍ନ ନୈବେଦ୍ୟ ଲାଗି ହୋଇଥାଏ । ଏହି ନବାନ୍ନ ଭୋଗ ପ୍ରସ୍ତୁତି ପାଇଁ ଭାଦ୍ରବ ମାସରେ ଅମଳ ହେଉଥିବା ଏକ ସ୍ୱତନ୍ତ୍ର; ଛୋଟ ସରିଆ ଧାନକୁ ପୂର୍ବରୁ ବୁଣାଯାଏ । ଅଧିଷ୍ଠାତ୍ରୀ ଦେବୀଙ୍କ ନିକଟରେ ଏକ ନିର୍ଦ୍ଦିଷ୍ଟ ସମୟରେ ନବାନ୍ନ ଭୋଗ ଲଗାଯିବା ପାଇଁ ପଣ୍ଡିତ ମାନଙ୍କ ଦ୍ୱାରା ଲଗ୍ନ ନିର୍ଦ୍ଧାରଣ କରାଯାଏ। ଏହାକୁ ନୂଆଁଖାଇର ଲଗ୍ନଧାର୍ଯ୍ୟ ନୀତି କୁହାଯାଏ । ଭାଦ୍ରବ ମାସ ଶୁକ୍ଳ ପକ୍ଷ ପଞ୍ଚମୀ ତିଥିରେ ନୂଆଁଖାଇ ପର୍ବ ପଶ୍ଚିମ ଓଡିଶାର ପଲ୍ଲୀଠୁ ଆରମ୍ଭ କରି ସହର ପର୍ଯ୍ୟନ୍ତ ସବୁଠି ଉତ୍ସବ ମୁଖର ହୋଇ ଉଠେ । ନିଜ ଅଞ୍ଚଳର ଅଧିଷ୍ଠାତ୍ରୀ ଦେବୀଙ୍କଠାରେ ନବାନ୍ନ ଅର୍ପଣ କରିସାରିବା ପରେ ପରିବାରର ମୁଖ୍ୟ ଘରର ଦେବାଦେବୀ ଓ ପିତୃପୁରୁଷଙ୍କ ନିକଟରେ ନବାନ୍ନ ଅର୍ପଣ କରନ୍ତି । ଏହା ପରେ ପରିବାରର ସମସ୍ତେ ଏକାଠି ହୋଇ ନୂଆଁ ଖାଇଥାନ୍ତି । କିନ୍ତୁ କଳାହାଣ୍ଡି ଜିଲ୍ଲାରେ ଦଶମୀ ତିଥିରେ ମାଆ ମାଣିକେଶ୍ୱରୀଙ୍କ ନିକଟରେ ନବାନ୍ନ ଲାଗି କରି ସର୍ବସାଧାରଣରେ ନବାନ୍ନ ଭକ୍ଷଣ କରିଥାନ୍ତି । କେବଳ ମାଟି ମାଆର ପୂଜା ନୁହେଁ ବା ଈଶ୍ୱରଙ୍କ ପ୍ରତି ସମର୍ପଣ ନୁହେଁ ବରଂ ମଣିଷର ଶ୍ରମ, କର୍ମ ଉପରେ ଆସ୍ଥା ଓ ବିଶ୍ୱାସ ପ୍ରକଟ କରିବା ଏବଂ ଏକ ଶାଶ୍ୱତ ଆନନ୍ଦ ସନ୍ଧାନ କରିବା । ଚଳିତ ବର୍ଷ ସେପ୍ଟେମ୍ବର ୮ ତାରିଖରେ ଏହି ତିଥି ପଡୁଛି । ନୂଆଁଖାଇ ଏକ କୃଷିଭିତ୍ତିକ ଏବଂ ଅନନ୍ୟ ପର୍ବ ହୋଇଥିବାବେଳେ ପଶ୍ଚିମାଞ୍ଚଳର ସମସ୍ତ ପୁରପଲ୍ଲୀ ଏଥିପାଇଁ ଖୁବ୍ ଉତ୍ସାହ ଓ ଉଦ୍ଦୀପନା ଦେଖାଦେଇଥାଏ ।

ISSN NO.
2582-208X

ଭାରତବର୍ଷରେ ବିଭିନ୍ନ ପ୍ରାନ୍ତରେ ବିଭିନ୍ନ ସମାଜରେ ବିଭିନ୍ନ ଧର୍ମରେ ଶସ୍ୟପୂଜାର ପରମ୍ପରା କ୍ରମେ ନୂତନ ଅନ୍ନକୁ ସୃଷ୍ଟି କର୍ତ୍ତାଙ୍କୁ ଅର୍ପଣ କରି ନିଜେ ଗ୍ରହଣ କରିବା ବିଧି ଥିଲେ ହେଁ ନୂଆଁଖାଇ ତାହାଠାରୁ ଅନେକାଂଶରେ ପୃଥକ୍ । ପଶ୍ଚିମାଞ୍ଚଳର ଏହି ପର୍ବ ଭାଦ୍ରବ ମାସରେ ହିଁ ସ୍ୱତନ୍ତ୍ର ରୀତି ଓ ବିଶ୍ୱାସ ଅନୁଯାୟୀ ପାଳିତ ହୋଇଥାଏ । କେତକ ସ୍ଥାନରେ ବିଜୟା ଦଶମୀ, ଦୀପାବଳି, ମକର ସଂକ୍ରାନ୍ତି ଏବଂ ଭଲ ଦିନ ବାର ଦେଖି ନବାନ୍ନ ଭକ୍ଷଣ କରାଯାଇଥାଏ । ନୂଆଁଖାଇର ଆଉ ଏକ ବିଶେଷତ୍ୱ ହେଉଛି ମୁସଲମାନ ସମ୍ପ୍ରଦାୟର ଲୋକମାନେ ମଧ୍ୟ ଏହାକୁ ଆନନ୍ଦ ଉଲ୍ଲାସରେ ପାଳନ କରିଥାନ୍ତି । ହୀରାକୁଦ ଜଳଭଣ୍ଡାରକୁ ଲାଗି ଲଖନପୁର ବ୍ଲକର ରେମଡା ଗାଁରେ ଆଦିବାସୀ, ହିନ୍ଦୁ ଓ ମୁସଲମାନମାନଙ୍କ ମଧ୍ୟରେ ଅଦ୍ଭୁତ ସାଂସ୍କୃତିକ ସଂହତି ଓ ସମନ୍ୱୟ ଦେଖିବାକୁ ମିଳେ ।

ଭିନ୍ନ ଭିନ୍ନ ସମ୍ପ୍ରଦାୟରେ କୁରେଇ, ମହୁଲ, ଶାଳ ଆଦି ପତ୍ରରେ ନବାନ୍ନ ଅର୍ପଣ କରାଯିବାର ବିଧି ବ୍ୟବସ୍ଥା ରହିଛି । ନୂଆ ଚାଉଳରୁ ପ୍ରସ୍ତୁତ ଖିରୀ, ପିଠା, ଏବଂ ବିଭିନ୍ନ ପନିପରିବାରେ ପ୍ରସ୍ତୁତ ବ୍ୟଞ୍ଜନ, ବନଜାତ ବାଉଁଶ କରଡିରେ ତିଆରି ଆମ୍ବୁଲ ଖଟା ଆଦି ଅନେକ ଖାଦ୍ୟର ସମ୍ଭାରକୁ ଶାଳପତ୍ରରେ ତିଆରି ଖଲି ଓ ଦନାରେ ପରଷା ଯାଇଥାଏ । ନୂଆଁଖାଇର ଗୁରୁତ୍ୱ ଅତୀତ ଠାରୁ ଆରମ୍ଭ କରି ଭବିଷ୍ୟତ ଯାଏଁ ଲମ୍ବିଯାଇଛି । ଏହି ପର୍ବ ଯେତେ ପ୍ରାଚୀନ; ତା'ର ଲକ୍ଷ୍ୟ, ଉଦ୍ଦେଶ୍ୟ ମଧ୍ୟ ସେଭଳି ନିତ୍ୟ ନୂତନ ଓ ଚିର ସବୁଜ । ସମ୍ବଲପୁରୀ ଭାଷାରେ କଥାଟିଏ ଅଛି, "ଜିଁ ଜାଗିଥିଲେ ବଛ୍ ରେ"। ଅର୍ଥାତ୍; ଏହି ବର୍ଷ ଆସ ନୂଆଁଖାଇବା, ଜୀବନ ଥିଲେ ପୁଣି ଆଗାମୀ ବର୍ଷ ଈଶ୍ୱରଙ୍କ ଆଶୀର୍ବାଦରୁ ଏକାଠି ହେବା ଓ ଜୀବନରେ ଥିଲେ ପୁଣି ଏହି ପରି ଏକ ମଧୁମୟ ଉତ୍ସବ ପାଳନ କରିବାର ସୁଯୋଗକୁ ଅତି ଆଗହଭରା ପ୍ରାଣରେ ଆଶା ପୋଷଣ କରାଯାଇଥାଏ ।

ପର୍ବର ଦ୍ୱିତୀୟ ପର୍ଯ୍ୟାୟରେ "ଜୁହାର୍ଭେଟ୍ଘାଟ୍" ପ୍ରଥାରେ ପରିବାର ତଥା ଗ୍ରାମର କନିଷ୍ଠମାନେ ଜ୍ୟେଷ୍ଠ ସଦସ୍ୟମାନଙ୍କୁ ଗାଁସାରା ବୁଲିବୁଲି ସମସ୍ତେ ଜାତି, ବର୍ଣ୍ଣ, ନିର୍ବିଶେଷରେ ପାଦଧରି ମୁଣ୍ଡିଆ ମାରିବା ଏବଂ ଜ୍ୟେଷ୍ଠମାନେ କନିଷ୍ଠମାନଙ୍କୁ ଆଶୀର୍ବାଦ ପୂର୍ବକ ମଙ୍ଗଳ କାମନା କରିବା ପରମ୍ପରା ଏଯାବତ ରହିଛି । ଏହାକୁ 'ନୂଆଁଖାଇ ଜୁହାର୍' କୁହାଯାଏ । ଏପରିକି ଗାଁରେ ବସବାସ କରୁଥିବା ଅସବର୍ଣ୍ଣ ଲୋକେ ବି ସବର୍ଣ୍ଣ ଲୋକଙ୍କୁ କକା, ଦଦା ଆଦି ସମ୍ବୋଧନ କରନ୍ତି ଏବଂ ଏହି ଦିନ ଜୁହାର୍ ହୋଇଥାନ୍ତି । ଏହା ଦ୍ୱାରା ସାମାଜିକ, ସଂହତି, ସମ୍ପ୍ରୀତି ଦୃଢ଼ୀଭୂତ ହୋଇଥାଏ । ଗୋଟିଏ ବଡ ପରିବାରର ସଦସ୍ୟମାନଙ୍କ ମଧ୍ୟରେ, ଗାଁ

ISSN NO.
2582-208X

ଲୋକଙ୍କ ମଧ୍ୟରେ ଯେତେ ମନାନ୍ତର ଥିଲେ ମଧ୍ୟ ଏହି ନୂଆଁଖାଇ ଜୁହାର୍ ତାକୁ ପ୍ରଶମିତ କରିଦିଏ ।

ନବାନ୍ନ ଭକ୍ଷଣ ପରଦିନ "ନୂଆଁଖାଇ" ବାସି ନାମରେ ଖ୍ୟାତ । ଏହି ଦିବସଟି ମୁଖ୍ୟତଃ ମଉଜ ମଜଲିସ୍ ସହ ଖିଆପିଆ ଉପରେ ପ୍ରତିଷ୍ଠିତ । ଜୀବନକୁ ସହଜ, ସରଳ ଓ ଉପଭୋଗମୟ କରିବା ପାଇଁ ଏହାର ପରିକଳ୍ପନା । ଏହି ଦିନରେ ଏକ ଆଇଁଷ ଦ୍ରବ୍ୟର ଆଦର ବେଶି । କେହି କେହି ନିଶାପାଣି ସେବନ କରି ମାନ୍ୟତାରେ ଥଟ୍ଟା ମଜା ହୋଇପାରୁଥିବା ସମ୍ପର୍କୀୟଙ୍କୁ ତୀର୍ଯ୍ୟକ୍ ଦୃଷ୍ଟିରେ ଆକ୍ଷେପ କଲେ ମଧ୍ୟ ଶ୍ରଦ୍ଧାର ସହ ଗ୍ରହଣ କରାଯାଇଥାଏ । ଏହା ବାହାରକୁ ଖୁବ୍ ମାମୁଲି ଜଣା ପଡୁଥିଲେ ହେଁ ଏଥିରେ ସର୍ବକ୍ଷମା ଭାବ, ଉଦାରତା, ଧୈର୍ଯ୍ୟ ଓସହନଶୀଳତାର ସନ୍ଦେଶ ଅନ୍ତର୍ନିହିତ । ଏହି ନୂଆଁଖାଇ ବାସିଦିନ ଜୀବଜନ୍ତୁ ବଧରୁ କ୍ଷାନ୍ତ ରହି ଦୟା ଭାବ ପ୍ରଦର୍ଶନ ପୂର୍ବକ ହିଂସାତ୍ମକ କାର୍ଯ୍ୟରୁ ଦୂରେଇ ରହିଲେ ଏହି ମହାନ ପର୍ବର ଗରିମା ଆହୁରି ବୃଦ୍ଧି ପାଆନ୍ତା ।

ସମ୍ପ୍ରତି ଓଡ଼ିଶାର କୌଣସି ସାଂସ୍କୃତିକ ବିଭବ ଯଦି ଅଧିକ ବିଶ୍ୱ ବ୍ୟାପୀ ହେବାରେ ଲାଗିଛି ତାହା ହେଉଛି ପଶ୍ଚିମ ଓଡିଶାର ଗଣପର୍ବ "ନୂଆଁଖାଇ" । ବିଶେଷକରି "ନୂଆଁଖାଇ ଭେଟ୍ ଘାଟ୍" ରେ ସାରା ବିଶ୍ୱର ଲୋକ ଯୋଡ଼ି ହୋଉଥିବାରୁ ଏହା ଏକ ସାଂସ୍କୃତିକ ଆନ୍ଦୋଳନ ରୂପ ନେଇସାରିଛି । ବିଭିନ୍ନ ଅଞ୍ଚଳର ଲୋକମାନଙ୍କ ମଧ୍ୟରେ ବର୍ତ୍ତମାନର ସମୟ ପାଇଁ ନୂଆଁଖାଇ ଭେଟ୍ ଘାଟ୍ ଏକ ସଂହତିର ସେତୁ କହିଲେ ଭୁଲ୍ ହେବ ନାହିଁ । ନୂଆଁଖାଇ ଭେଟ୍ ଘାଟ୍ ର ବିଶେଷତ୍ୱ ହେଉଛି ପଶ୍ଚିମ ଓଡିଶା ମାଟିର ସନ୍ତାନ ଜୀବନ ଜୀବିକା ଦାୟ ବା ପ୍ରତିଭାର ଯଥାର୍ଥ ପରିସ୍ଫୁଟନ ପାଇଁ ହେଉ ଏବଂ ବିଶ୍ୱର ଯେଉଁଠି ବସବାସ କଲେ ମଧ୍ୟ ମାଟିମାଆ ଓ ତା'ର ବାସ୍ନାକୁ ଭୁଲି ପାରି ନାହିଁ । ଏକତା ଓ ମୈତ୍ରୀର ବାର୍ତ୍ତା ଦେଉଥିବା ନୂଆଁଖାଇ ଅବସରରେ ଆୟୋଜନ କରାଯାଇଥାଏ "ନୂଆଁଖାଇ ଭେଟ୍ ଘାଟ୍" । ଭେଟ୍ ଘାଟ୍ ର ସବୁଠି ଖାଦ୍ୟ, ପୋଷାକ, ବେଶଭୂଷା, କଥାବାର୍ତ୍ତା ଓ ସାଂସ୍କୃତିକ କାର୍ଯ୍ୟକ୍ରମରେ ଆନନ୍ଦ ଉଲ୍ଲାସରେ ଝଲସି ଉଠେ ।

ବିଜ୍ଞାନ, ପ୍ରଯୁକ୍ତି ବିଦ୍ୟା ଓ ବୈଷୟିକ ଜ୍ଞାନକୌଶଳର ଅଭୁତପୂର୍ବ କାୟା ବିସ୍ତାର ଏବଂ ଶିଳ୍ପାୟନ ସାଙ୍ଗକୁ ଜଗତୀକରଣର ପ୍ରଭାବ ସାରା ବିଶ୍ୱରେ ଛାଇ ଯାଇଥିବାବେଳେ ନୂଆଁଖାଇ ତା'ର ଅସ୍ତିତ୍ୱ ହରାଇ ନାହିଁ; ବରଂ ଦିନକୁ ଦିନ ଏକତା, ମୈତ୍ରୀ, ସୌହାର୍ଦ୍ଦ୍ୟ ଓ ସଂପ୍ରତିର ବାର୍ତ୍ତା ବହନ କରିଚାଲିଛି । ସମୟର ସବୁ ପ୍ରକାର ପରୀକ୍ଷାରେ ଉତ୍ତୀର୍ଣ୍ଣ

ISSN NO.
2582-208X

ହୋଇଛି । ଏହାର ବିଭବରେ ଲୋକାଚାର ବାଚକ ଯଥାର୍ଥତା ପରିପୂର୍ତ୍ତିରେ କୌଣସି ଅଭାବ ପରିଲକ୍ଷିତ ହେଉ ନାହିଁ । ଆଧୁନିକତାର ଯେତେ ଚକଚାକ୍ୟ ମଣିଷକୁ କବଳିତ କରିଥିଲେ ହେଁ ବିଶେଷତ୍ୱ ଘରେ ଯେଉଁମାନେ ସପରିବାର ଓ କୁଳକୁଟୁମ୍ବଙ୍କୁ ନେଇ ନବାନ୍ନ ଭକ୍ଷଣ କରୁଛନ୍ତି ଏବଂ ଅତ୍ୟନ୍ତ ନିଷ୍ଠା ଓ ଶୁଦ୍ଧ ପୂତ ଭାବେ ପାଳନ କରୁଛନ୍ତି । ସମୟାନୁକ୍ରମେ ନୂଆଁଖାଇ ଏକ ଉଚ୍ଚ ମୂଲ୍ୟବୋଧର ପରମ୍ପରାକୁ ସମୃଦ୍ଧ ଓ ଅଭିବୃଦ୍ଧି କରିଚାଲିଛି । ନୂଆଁଖାଇ ହେଉଛି ସମର୍ପଣ, ସଂହତି, ସମନ୍ୱୟ ଓ ଏକତାର ପ୍ରତୀକ । ଜାତି ସଂପ୍ରଦାୟ ନିର୍ବିଶେଷରେ ବ୍ୟକ୍ତିଗତ ରାଗରୋଷକୁ ଭୁଲି ସମସ୍ତଙ୍କ ମଧ୍ୟରେ ଆନ୍ତରିକତା ଓ ସହୃଦୟତା ସ୍ଥାପନରେ ଏହାର ମହନୀୟତା ଅତୁଳନୀୟ । ବିଶ୍ୱର କୌଣସି ଉନ୍ନତ ରାଷ୍ଟ୍ର ବା ଦେଶର କୃଷିଭିତ୍ତିକ ସଭ୍ୟତାରେ ପଶ୍ଚିମ ଓଡିଶାର ନୂଆଁଖାଇ ପରି ପର୍ବ ବିରଳ ।

ଗବେଷକ ଓ ସ୍ତମ୍ଭକାର
ସିନ୍ଧେକେଲ୍, ବଲାଙ୍ଗୀର
ଭ୍ରାମ୍ୟଭାଷ - ୯୯୩୭୦୩୪୭୪୨

ISSN NO.
2582-208X

# ହେ କଳା କାହ୍ନୁ



କୁମର ଲ୍ଲ ରଣା

ହେ କଳା କାହ୍ନୁ....... ୨
ଭକ୍ତକୁ କିମ୍ପା ତୁ ନ ଚିହ୍ନୁ।
ଜପୁଛିନାମ  ଘୋଷି ଗାଉଛୁ ବ୍ରହ୍ମରାଶି
କା କୁ ଜପିବୁ ତୁମ ବିନୁ
ହେ ....।
ଘେରିଛି ଦୁଃଖ ଘୋର
ଜଞ୍ଜାଳେ ଏ ସଂସାର
କିମ୍ପା ଆମ କଥା ନ ଘେନୁ
ହେ...।
ଡାକିଣ ଗଲୁ ଥକି  ଶୁଣି ଗଲ ଚମକି
ଏ କଥା ଭୁଲିଲ କି ମନୁ
ହେ..।
ଜାଣିଛୁ ତୁମ ପଦ ତୁମେ ଜଗତ ହୃଦ
ନ ଭୁଲିବୁ କେବେ ଆମ ଜ୍ଞାନୁ ହେ....।

ମହୁଆ ଭଟା

ISSN NO.
2582-208X

# ଏ କେମିତି ଲୁହ



ରାଧାରାଣୀ ରାଉଳ

ଗୀତଟିଏ ଗାଇ ଦେଲେ ସରିଯାଏ
ଲୁହ କେବେ ସରେନାହିଁ...
ଜୀବନରେ କାହାର ସେ ତ ସଭିଙ୍କ ର
ମନରେ ଥାଏ ଲୋତକ ହୋଇ...
କିଏ ବା ପାରିବ ତାକୁ ଦୂରେଇ
ସେ ଖାଲୁ ଲୁହ ନୁହେଁ
ସେ ହୃଅୟର ଅତରା କାନ୍ଥ...
ଭାଙ୍ଗି ଯାଇଥିଲେ କିଏ ଗଢ଼ିବ...
ଜୀବନରେ ଯଦି ଦୁଃଖ ଆସିବ
ଲୁହ ଖାଲି ଝରିବ...
କିଏ ବା ପାରିବ ତାକୁ ଦୂରେଇ...
ଏଇତ ଜୀବନର ଖେଳ...
ଜୀବନ ଖେଳରେ କିଏ ଜିତି ଯାଏ
କିଏ ପୁଣି ଯାଏ ହାରି...

କଟିକଟା, ଯାଜପୁର

ISSN NO.
2582-208X

# କାଳୀୟ ଦଳନ



ନରେନ୍ଦ୍ର ପ୍ରସାଦ ବେହେରା

### ଭାଗବତ କଥା......... ୧୫

ଶିଶୁପାଳର ଶିର ଛେଦନକରି ଯଜ୍ଞକାର୍ଯ୍ୟ ଆରମ୍ଭ କରିବାକୁ ଶ୍ରୀକୃଷ୍ଣ ସୁଦର୍ଶନ ଚକ୍ରକୁ ନିର୍ଦ୍ଦେଶ ଦେଲେ କାହିଁକି ?

ଇନ୍ଦ୍ରପ୍ରସ୍ଥ ନଗରୀରେ ଯୁଧିଷ୍ଠିର ରାଜସୂୟ ଯଜ୍ଞର ଆୟୋଜନ କଲେ । ବିଭିନ୍ନ ରାଜ୍ୟରୁ ରାଜନ୍ୟବର୍ଗ ଏବଂ ବେଦଜ୍ଞ ମୁନି ଋଷି ଓ ବ୍ରାହ୍ମଣମାନେ ନିମନ୍ତ୍ରିତ ହୋଇ ଆସି ସମବେତ ହେଲେ । କୌରବମାନଙ୍କ ରାଜଧାନୀ ହସ୍ତିନାପୁରରୁ ଆସିଲେ ଦ୍ରୋଣ, ବିଦୁର ଓ ଭୀଷ୍ମ ପ୍ରଭୃତି ଗୁରୁଜନ ଘଣ । ବେଦିରିଜ ଶିଶୁପାଳ ମଧ୍ୟ ରିଜ ସଭାରେ ଉପସ୍ଥିତ ଥିଲେ । ସମସ୍ତଙ୍କର ଉପସ୍ଥିତିରେ ଯଜ୍ଞ ଯଥାବିଧି ଆରମ୍ଭ ହେଲା ।

ବର୍ତ୍ତମାନ ପ୍ରଶ୍ନ ଉଠିଲା, ଏହି ସଭାରେ ସମବେତ ହୋଇଥିବା ବ୍ୟକ୍ତି ମାନଙ୍କ ମଧ୍ୟରୁ ପ୍ରଥମେ କାହାକୁ ପୂଜ୍ୟସ୍ଥାନ ଦିଆଯିବ ? କିଏ ସେହି ପୁରୁଷୋତ୍ତମ ? ଏଥିନେଇ ବହୁ ଆଲୋଚନା ହେଲା । ପାଣ୍ଡବ ମାନଙ୍କ ପକ୍ଷରୁ ମାଦ୍ରୀଙ୍କ ପୁତ୍ର ସହଦେବ କହିଲେ, ଯେଉଁ ବ୍ୟକ୍ତି ହେଉଛନ୍ତି ଅଦ୍ୱୀତିୟ, ଯେଉଁ ବ୍ୟକ୍ତି ସକଳ ବିଶ୍ୱର ଅଧିଶ୍ୱର ଓ ଭାଗ୍ୟ ନିୟନ୍ତା, ସେ

ISSN NO.
2582-208X

ହେଉଛନ୍ତି କୃଷ୍ଣ, ସକଳ ମଧ୍ୟରେ ଶ୍ରେଷ୍ଠ । ତେଣୁ କୃଷ୍ଣ ହିଁ ପୁରୁଷୋତ୍ତମ ରୂପେ ପୂଜା ପାଇବାର ଯୋଗ୍ୟ ବ୍ୟକ୍ତି । ସଭାରେ ଉପସ୍ଥିତ ଥିବା ସମସ୍ତେ ସାଧୁ ସାଧୁ ଉଚାରଣ କରି ସହଦେବଙ୍କର ଏହି ପ୍ରସ୍ତାବ ପ୍ରତି ସମର୍ଥନ ଜଣାଇଲେ । ରାଜା ଯୁଧିଷ୍ଠିର ହୃଷୀକେଶଙ୍କୁ ପୂଜାର ଅର୍ଘ୍ୟ ନିବେଦନ କରିବାକୁ ଯାଉଛନ୍ତି, ଏହି ସମୟରେ ଶିଶୁପାଳ ନିଜ ଆସନରୁ ଉଠି ପ୍ରତିବାଦ କରି କହିଲା, ଏହି ବାଳକ ସହଦେବର ବାକ୍ୟ ସମସ୍ତଙ୍କୁ ବିଭ୍ରାନ୍ତ କରୁଛି । ଏ ସଭାରେ ଜ୍ଞାନୀ-ଗୁଣୀ ବ୍ୟକ୍ତିମାନଙ୍କ ଅଭାବ ନାହିଁ । ସେମାନଙ୍କ ମଧ୍ୟରୁ ଜଣଙ୍କୁ ନ ବାଛି ଜଣେ ଗୋପାଳକୁ କିପରି ପୁରୁଷୋତ୍ତମ ରୂପେ ବିବେଚନା କରାଯାଇପାରେ,ତାହା ମୁଁ ବୁଝି ପାରୁନାହିଁ । ଏହା କହି ଶିଶୁପାଳ ଶ୍ରୀକୃଷ୍ଣଙ୍କଠାରୁ ଆରମ୍ଭ କରି ଯୁଧିଷ୍ଠିର ପ୍ରଭୃତିଙ୍କୁ ମଧ୍ୟ କଟୁ ଭାଷାରେ ଗାଳିଗୁଲଜ କରିବାକୁ ଆରମ୍ଭ କଲା । ଶ୍ରୀକୃଷ୍ଣ କୌଣସି କଥା ନ କହି ନୀରବରେ ବସିଥାନ୍ତି । ଶିଶୁପାଳର ଏହି ଅଶାଳୀନ କଥାମାନ ଶୁଣୀ ସେଠାରେ ଥିବା ବହୁ ରାଜା କ୍ରୋଧାନ୍ୱିତ ହୋଇ ଶିଶୁପାଳକୁ ମାରିଦେବା ପାଇଁ ଉଦ୍ୟତ ହେଲେ । କିନ୍ତୁ ଶ୍ରୀକୃଷ୍ଣ ରାଜାମାନଙ୍କୁ ଏଥିରୁ ନିବୃତ୍ତ କଲେ ଏବଂ ସୁଦର୍ଶନ ଚକ୍ରକୁ ଆହ୍ୱାନ କରି ସେହି ଚକ୍ରରେ ଶିଶୁପାଳର ଶିର ଛେଦନ କରି ଯଜ୍ଞକାର୍ଯ୍ୟ ଆରମ୍ଭ କରିବାକୁ ନିର୍ଦ୍ଦେଶ ଦେଇଥିଲେ ।

ଶିଶୁପାଳର ମୃତ ଶରୀର ମଧ୍ୟରୁ ଏକ ଜ୍ୟୋତି ନିର୍ଗତ ହୋଇ ଶ୍ରୀକୃଷ୍ଣଙ୍କ ଦେହରେ ମିଶି ଯାଇଥିଲା । ସେ ସର୍ବଦା କୃଷ୍ଣଙ୍କୁ ନିଜର ବୈରୀ ଭାବରେ ଚିନ୍ତା କରି ଥିବାରୁ ଭଗବାନଙ୍କର ସ୍ୱରୂପରେ ପ୍ରବେଶ କରିଥିଲେ ।

ଆଳଦା, ଖଇରା ,ବାଲେଶ୍ୱର

ISSN NO.
2582-208X

# ସ୍ୱାସ୍ଥ୍ୟ ବିଭାଗ

ISSN NO.
2582-208X

# ରୁଦ୍ରାକ୍ଷ ର ପ୍ରକାର ଭେଦ



ଡକ୍ଟର ଅଭିମନ୍ୟୁ କାନୁନଗୋ

ଆଜି ଆସନ୍ତୁ ଜାଣିବା କେତେ ମୁଖି ରୁଦ୍ରାକ୍ଷର କେଉଁ ସବୁ ଗୁଣ ଆଉ କେଉଁ ରୁଦ୍ରାକ୍ଷ ଆପଣଙ୍କ ପାଇଁ ଉପଯୋଗୀ ଏ ସମ୍ବନ୍ଧରେ :-

ସନାତନ ଧର୍ମରେ ରୁଦ୍ରାକ୍ଷ ର ବିଶେଷ ମହତ୍ୱ ରହିଛି । ରୁଦ୍ରାକ୍ଷ ଗୋଟିଏ ଏପରି ବରଦାନ ଯାହା ପ୍ରକୃତି ପକ୍ଷରୁ ଏହି ମଣିଷ ସମାଜକୁ ମିଳିଛି । ଯାହାଦ୍ୱାରା ଅର୍ଥ, କାମ, କ୍ରୋଧ, ମୋହ ସବୁକିଛି ପ୍ରାପ୍ତି ହୋଇଥାଏ । ଶାସ୍ତ୍ରରେ ବର୍ଣନା ହୋଇଛି ଯେ ରୁଦ୍ରାକ୍ଷ ଭଗବାନ ଶିବଙ୍କ ନେତ୍ରରୁ ଖସି ଥିବା ଜଳ ବୁନ୍ଦାରୁ ପ୍ରସ୍ତୁତ ହୋଇଛି । ଯେଉଁମାନେ ରୁଦ୍ରାକ୍ଷ ଧାରଣ କରି ଥାଆନ୍ତି ସେମାନଙ୍କ ଉପରେ ଭଗବାନ ଶିବଙ୍କର ଆଶୀର୍ବାଦ ରହିଥାଏ । ରୁଦ୍ରାକ୍ଷ ଧାରଣ କରିଥିବା ବ୍ୟକ୍ତିଙ୍କ ନିକଟକୁ ନକାରାତ୍ମକ ଶକ୍ତି ଆସି ନଥାଏ ।

ଏକମୁଖୀ ରୁଦ୍ରାକ୍ଷ – ଏହା ଗୋଟିଏ ଦୁର୍ଲଭ ରୁଦ୍ରାକ୍ଷ ଅଟେ । ଏହା ବିଷୟରେ କୁହାଯାଏ ଯେ ସମସ୍ତ ସିଦ୍ଧି ପ୍ରାପ୍ତି ହୋଇଥାଏ । ଏକମୁଖୀ ରୁଦ୍ରାକ୍ଷ ଧାରଣ କରିଥିବା ବ୍ୟକ୍ତି ସମସ୍ତ ଇନ୍ଦ୍ରିୟ ମାନଙ୍କ ଉପରେ ବିଜୟ ଲାଭ କରିଥାଏ ।*

ଦୁଇମୁଖୀ ରୁଦ୍ରାକ୍ଷ – ଏହା ଅର୍ଦ୍ଧ ନାରୀଶ୍ୱର ରୁଦ୍ରାକ୍ଷ ଅଟେ । ଏହାକୁ ଧାରଣ କରିଥିବା ବ୍ୟକ୍ତି ମାତା ପାର୍ବତୀ ଓ ମହାଦେବ ଙ୍କ ଆଶୀର୍ବାଦ ପ୍ରାପ୍ତ କରିଥାଏ । ବୈବାହିକ ଜୀବନରେ ଆନନ୍ଦ ଓ ସୁଖ ପ୍ରାପ୍ତ କରିବା ପାଇଁ ଏହି ରୁଦ୍ରାକ୍ଷ ଧାରଣ କରନ୍ତୁ ।

ISSN NO.
2582-208X

ତିନିମୁଖୀ ରୁଦ୍ରାକ୍ଷ – ତିନିମୁଖୀ ରୁଦ୍ରାକ୍ଷ ସାକ୍ଷାତ ଅଗ୍ନିଶମ ଉତପ୍ତ ଅଟେ । ଏହାକୁ ଧାରଣ କଲେ ଅଗ୍ନିଦେବ ପ୍ରସନ୍ନ ହୋଇ ଥାଆନ୍ତି । ଏହାକୁ ଧାରଣ କଲେ ଶକ୍ତି ବୃଦ୍ଧି ହୋଇଥାଏ । ଏହା ପୂର୍ବ ଜନ୍ମର ସମସ୍ତ ପାପରୁ ମୁକ୍ତି ଦେଇଥାଏ ।

ଚାରିମୁଖୀ ରୁଦ୍ରାକ୍ଷ – ଏହି ରୁଦ୍ରାକ୍ଷ ସମ୍ପୂର୍ଣ ବ୍ରହ୍ମ ସ୍ୱରୂପ ଅଟେ । ଏହାକୁ ଧାରଣ କଲେ ବ୍ରହ୍ମାଙ୍କ ଆଶୀର୍ବାଦ ସର୍ବଦା ପ୍ରାପ୍ତ ହୋଇଥାଏ । ଏହି ରୁଦ୍ରାକ୍ଷ ବୁଧ ଙ୍କ ପ୍ରତୀକ ଅଟେ । ଏହାଦ୍ୱାରା ଲେଖନ ଶକ୍ତି ଓ ବାକ ଶକ୍ତି ବୃଦ୍ଧି ହୋଇଥାଏ ।

ପଞ୍ଚମୁଖୀ ରୁଦ୍ରାକ୍ଷ – ଏହି ରୁଦ୍ରାକ୍ଷ ସାକ୍ଷାତ ଶିବଙ୍କ ରୂପ । ଏହି ରୁଦ୍ରାକ୍ଷ ଧାରଣ କରିବା ଦ୍ୱାରା ବୃହସ୍ପତିଙ୍କ ଅଶୁଭ ଫଳ ସମାପ୍ତ ହୋଇଥାଏ । ଜ୍ଞାନ ଓ ଆଧ୍ୟାତ୍ମିକ ବିକାଶ ପାଇଁ ଏହି ରୁଦ୍ରାକ୍ଷ ଧାରଣ କରିବା ଉଚିତ ।

ଷଡ଼ମୁଖୀ ରୁଦ୍ରାକ୍ଷ – ରୁଦ୍ରାକ୍ଷ ଷଡ଼ମୁଖ କାର୍ତ୍ତିକେୟ ଙ୍କ ରୂପ ଅଟେ । ଏହାକୁ ଧାରଣ କରିବା ଦ୍ୱାରା ଭୟରୁ ମୁକ୍ତି ମିଳିଥାଏ ଓ ଆରୋଗ୍ୟ ପ୍ରାପ୍ତି ହୋଇଥାଏ । ତା ସହିତ ବଳ ଓ ବୀର୍ଯ୍ୟର ବୃଦ୍ଧି ହୋଇଥାଏ । ଶତ୍ରୁ ମାନଙ୍କର ନାଶ ହୋଇଥାଏ ।

ସପ୍ତମୁଖୀ ରୁଦ୍ରାକ୍ଷ – ଏହାକୁ ଧାରଣା କଲେ ମତ ଲକ୍ଷ୍ମୀଙ୍କ ଆଶୀର୍ବାଦ ପ୍ରାପ୍ତ ହୋଇଥାଏ । ସମାଜରେ ମନ ସମ୍ମାନ ପ୍ରାପ୍ତ ହୋଇଥାଏ । ସାନି ମହାଦାସା ରୁ ମୁକ୍ତି ମିଳିଥାଏ ।

ଅଷ୍ଟମୂଖୀ ରୁଦ୍ରାକ୍ଷ – ଏହି ରୁଦ୍ରାକ୍ଷ ମା ଗଙ୍ଗା ଙ୍କର ଖୁବ ପ୍ରିୟ ଅଟେ । ଏହାକୁ ଧାରଣା କଲେ ସମସ୍ତ ପାପ ରୁ ତ୍ରାହି ମିଳିଥାଏ । ଏହା ରାହୁଙ୍କ ପ୍ରତୀକ ଅଟେ । ତେଣୁ ଏହାକୁ ଧାରଣ କଲେ ରହୂଙ୍କ ଅଶୁଭ କୋପରୁ ରକ୍ଷା ପାଇଁ ହୁଏ ।

ନବମୁଖୀ ରୁଦ୍ରାକ୍ଷ – ଏହା ନବଶକ୍ତିର ପ୍ରତୀକ ଅଟେ । ଏହାକୁ ଧାରଣ କଲେ ଦୁର୍ଗା ମାତା ପ୍ରସନ୍ନ ହୋଇ ଥାଆନ୍ତି । ତା ସହିତ ଯମ ରାଜ ଓ ମୃତ୍ୟୁ ଭୟ ଦୂର ହୋଇଥାଏ । ଏହା କେତୁଙ୍କ ରୂପ ହୋଇଥିବାରୁ କେତୁଙ୍କ ଅଶୁଭ ପ୍ରଭାବରୁ ରକ୍ଷା ପାଇ ହୁଏ ।

ISSN NO.
2582-208X

ଦ୍ୱାଦଶ ଓ ଚତୁର୍ଦ୍ଦଶ ମୁଖୀ ରୁଦ୍ରାକ୍ଷ – ଏହି ଦୁଇ ରୁଦ୍ରାକ୍ଷ ଭଗବାନ ଶିବଙ୍କ ପ୍ରତୀକ ଅଟନ୍ତି । ଏହାକୁ ଧାରଣ କଲେ ଘରେ ଆର୍ଥିକ ସଙ୍କଟ ରୁହେ ନାହିଁ । ସୁଖ ଶାନ୍ତି ବାସ କରିଥାଏ । ଏହାକୁ ନେଇ ବିଶେଷ ଭାବରେ ଘରେ ଧର୍ମ କର୍ମ କାର୍ଯ୍ୟ ହୋଇଥାଏ । ଏହାକୁ ଧାରଣ କରିଥିବା ବ୍ୟକ୍ତି ଶାନ୍ତିରେ ଦିନ ବିତାଇ ଥାଆନ୍ତି ।

ସଂଗ୍ରାହକ: ଡକ୍ଟର ଅଭିମନ୍ୟୁ କାନୁନଗୋ
ପ୍ରସାର ଭାରତୀ,ପୁରୀ

ISSN NO.
2582-208X

# ଅମୃତ ଭଣ୍ଡାର ସ୍ୱାସ୍ଥ୍ୟ ଉପକାରୀତା



ଡାକ୍ତର ବସନ୍ତ କୁମାର ଷଡ଼ଙ୍ଗୀ

ସାରା ଭୁପୃଷ୍ଟରେ ରହିଥିବା, ଯିବ ଜଗତ ଓ ଉଦ୍ଭିଦ ଜଗତ, ଉଭୟେ ପରିପୂରକ। ବୃକ୍ଷଲତା ବିନା ଯିବ ଜଗତ ପୃଥିବୀ ପୃଷ୍ଠରେ ତିଷ୍ଠି ରହିବା ଅସମ୍ଭବ। ଦୁବ ଘାସ ଠାରୁ ଆରମ୍ଭ କରି, ବଟ ଓ ଆଶ୍ୱତଥ ପରି ମହାଦ୍ରୁମ ପର୍ଯ୍ୟନ୍ତ ପ୍ରତେକ ବୃକ୍ଷ ଆମ ମନୁଷ୍ୟ ତଥା ସମଗ୍ର ଯିବ ଜଗତ ପାଇଁ ନିହାତି ଦରକାରୀ ଯାହାକି, ସମଗ୍ର ଧରାପୃଷ୍ଟ ରେ ତିଷ୍ଠି ରହିଥିବା ଜୀବଜଗତ ପାଇଁ ଭଗବାନଙ୍କ ବରଦାନ ସଦୃଶ ଅଟେ। ପ୍ରକୃତି ସମଗ୍ର ଜୀବଜଗତ ପାଇଁ ଯୋଗାଇ ରଖିଦେଇଛି ଏହି ଅମୁଲ୍ୟ ସମ୍ପଦ। ଯଦ୍ୱାରା ଆମ ମନୁଷ୍ୟ ସମାଜ ଏବଂ  ସମଗ୍ର ଜୀବଜଗତ ବଞ୍ଚି ରହିବା ସମ୍ଭବ ହୋଇପାରିଛି। ଅମ୍ଳଜାନ ବିନା ଜୀବଜଗତ ତିଷ୍ଠି ରହିବା ଅସମ୍ଭବ। ସମଗ୍ର ଜୀବଜଗତ ବୃକ୍ଷ ଲତା ଠାରୁ ପ୍ରଚୁର ଅମ୍ଳଜାନ ସହ, ବିଭିର୍ଣ୍ଣ କିସମର  ଖାଦ୍ୟ ଶସ୍ୟ ଓ ସୁସ୍ୱାଦ ଫଳ ପାଇଥାଏ। ଏହି ବୃକ୍ଷ ଲତା ମାନଙ୍କ ଠାରେ ମନୁଷ୍ୟ ଦୀର୍ଘାୟୁ ହେବାନିମନ୍ତେ ବିଭିର୍ଣ୍ଣ ଔଷଧୀୟ ଗୁଣ ଭରି ରହିଥାଏ। ମନୁଷ୍ୟ ଓ ପଶୁ ସମ୍ପଦ ଙ୍କ ଜୀବନ ରକ୍ଷା ପାଇଁ ବିଭିର୍ଣ୍ଣ ପ୍ରକାରର ମୂଲ୍ୟବାନ ଔଷଧ ପ୍ରସ୍ତୁତି କରାଯାଇ ଜୀବନ ରକ୍ଷା ରେ ସହାୟକ ହୋଇଥାଏ। ପୃଥିବୀରେ ରହିଥିବା ପ୍ରତେକଟି ବୃକ୍ଷ ର ଡାଳ, ମୂଳ, ଚେର, କାଣ୍ଡ, ଛାଲି,ପତ୍ର, ଫୁଲ, ଫଳ, ମଞ୍ଜି,ଆଦି ମନୁଷ୍ୟ ତଥା ଜୀବ ଜଗତ ପାଇଁ ଔଷଧ ପ୍ରସ୍ତୁତି ରେ ମୁଖ୍ୟ ଉପାଦାନ ଅଟେ। ଏଥିମଧ୍ୟରୁ ଆମର ଦୈନ ଦିନ ତରକାରୀ ରେ ବ୍ୟବହାର କରୁଥିବା ପନିପରିବା ମଧ୍ୟରେ ଅମୃତଭଣ୍ଡା  ସ୍ୱାସ୍ତ୍ୟ ପାଇଁ ବହୁତ ଉପକାରୀ ଅଟେ। ଅମୃତ ଭଣ୍ଡା ଫଳ ଆମ ସ୍ୱାସ୍ଥ୍ୟ ପାଇଁ ଯେମିତି ଉପକାର, ଏହାର ପତ୍ରରେ ଜୀବନ ରକ୍ଷାକାରୀ ଔଷଧୀୟ ଗୁଣବର୍ତ୍ତା ଭରପୁର ରହିଥାଏ ଯାହାକି ଆମ ସ୍ୱାସ୍ଥ୍ୟ ପାଇଁ ଅମୃତ ତୁଲ୍ୟ ଉପକାରୀ ଅଟେ।

ISSN NO.
2582-208X

## ଅମୃତ ଭଣ୍ଡାର ଔଷଧୀୟ ଗୁଣ

ଆମ ଭାରତୀୟ  ଆୟୁର୍ବେଦ ଚିକିତ୍ସା ବିଜ୍ଞାନ ରେ ଅମୃତ ଭଣ୍ଡାର ପତ୍ର ଓ ଫଳ ସ୍ୱାସ୍ଥ୍ୟ ପାଇଁ ବହୁ ଉପଯୋଗୀ ବୋଲି ଉଲେଖ ରହିଛି । ଅମୃତ ଭଣ୍ଡାର ପତ୍ରର ସ୍ୱରସ ଡେଙ୍ଗୁ ଓ ମ୍ୟାଲେରିଆ ରୋଗକୁ ପ୍ରତିରୋଧ କରିବା ସହ, ଶରୀରରେ ମ୍ୟାଲେରିଆ ଓ ଡେଙ୍ଗୁ ଜ୍ୱରର ଲକ୍ଷଣକୁ ତୁରନ୍ତ କମାଇଥାଏ ଏବଂ ସମ୍ପୂର୍ଣ ଆରୋଗ୍ୟ କରବାରେ ସହାୟକ ହୋଇଥାଏ । ଯାହାକି ବହୁପରୀକ୍ଷା ନିରୀକ୍ଷା କରି ଆଧୁନିକ ଚିକିତ୍ସା ବିଜ୍ଞାନ ମଧ୍ୟ ଏଥିରେ ଏକମତ ହୋଇଛନ୍ତି । ଅମୃତ ଭଣ୍ଡା ପତ୍ର ରେ ଭିଟାମିନ ଏ, ବି, ସି, ଡି, ଇ, ପୋଷାକତ୍ୱତ୍ୱ ଖଣିଜପଦାର୍ଥ ଓ କ୍ୟାଲସିୟମ ରହିଥିବା ବେଳେ ଏହାର ସ୍ୱରସ ରେ ରୋଗ ପ୍ରତିରୋଧକ ଶକ୍ତି ରହିଛି ଯାହାକି ସେବନ କରିଲେ ଆମେ ବହୁ ମାରାତ୍ମକ ରୋଗରୁ ରକ୍ଷା ପାଇବା ସହ ଦୀର୍ଘାୟୁ ହୋଇପାରିବା ।

ମନୁଷ୍ୟକୁ ଏଡିସ ମଶା କାମୁଡ଼ିଲେ ବ୍ୟକ୍ତି "ଡେଙ୍ଗୁ" ରୋଗରେ ଆକ୍ରାନ୍ତ ହୋଇଥାଏ ଯଦ୍ୱାରା ଶରୀରେ "ପ୍ଲେଟଲେଟ" ମାତ୍ରା ତୁରନ୍ତ ହ୍ରାସ ପାଇ ଥାଏ । ଏପରି ସ୍ଥିତିରେ ଅମୃତ ଭଣ୍ଡା ପତ୍ରର ରସ ସେବନ କରିବା 24ଘଣ୍ଟା ଭିତରେ, ଶରୀରରେ WBC (ଶ୍ୱେତ ରକ୍ତ କଣିକା)ଓ "ପ୍ଲେଟଲେଟ"ର ମାତ୍ରା ତୁରନ୍ତ ବୃଦ୍ଧି ପାଇଥାଏ । ଏହି ସ୍ୱରସ ପ୍ରାୟତଃ ପାଞ୍ଚ ଦିନ ସେବନ କରିବା ଦ୍ୱାରା, ରୋଗୀ ଶୀଘ୍ର ସୁସ୍ଥ ହୋଇଥାଏ । ବୟସ୍କ ଓ ପିଲା ଡେଙ୍ଗୁ ରୋଗରେ ଆକ୍ରାନ୍ତ ହେଲେ ଉଭୟେ ଅମୃତ ଭଣ୍ଡା ପତ୍ର ସ୍ୱରସ କୁ ଔଷଧ ରୂପେ ସେବନ କରିପାରିବେ । ଏହି ସ୍ୱରସ ସେବନ ଦ୍ୱାରା ଆମ ଶରୀରରେ ଗୋଟିଏ ଦିନରେ ପ୍ରାୟତଃ "ପ୍ଲେଟଲେଟ" କାଉଣ୍ଟ ମାତ୍ରା 100% ବୃଦ୍ଧି ପାଇ ଥାଏ ।

ବୟସ୍କ ବ୍ୟକ୍ତି, ଅମୃତ ଭଣ୍ଡାର କଷି ପତ୍ର(ଅଗପତ୍ର)ପାଞ୍ଚ ଟି କୁ ବାଟି ସେଥିରୁ 30ml ସ୍ୱରସ ଦିନରେ ତିନିଥର ଖାଲିପେଟରେ ସେବନ କରିବା ଉଚିତ । ସେହିପରି ଛୋଟ ପିଲା ମାନଙ୍କ ଙ୍କୁ ପାଞ୍ଚ ରୁ 10ml ଦିଆଯାଇଥାଏ ଯଦ୍ୱାରା ରୋଗୀ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଇ ଶୀଘ୍ର ସୁସ୍ଥ ହେବାରେ ସହାୟକ ହୋଇଥାଏ । ବର୍ତମାନ ଅମୃତ ଭଣ୍ଡା ସ୍ୱରସ ରେ ପ୍ରସ୍ତୁତି ବଟିକା, ଚରକ,ଡାବର, ହିମାଳୟ, ଆଦି ଔଷଧ କମ୍ପାନୀ ମାନଙ୍କ ଦ୍ୱାରା ବଜାରରେ ବିକ୍ରୀହେଲାଣି । ଅମୃତ ଭଣ୍ଡା ପତ୍ର ?୍ୱରସ ସେବନ ଦ୍ୱାରା, ଡେଙ୍ଗୁ, ମ୍ୟାଲେରିଆ ଜ୍ୱର ରେ ଆକ୍ରାନ୍ତ ରୋଗୀକୁ ଉପସମ କରିବା ସହ, ମନୁଷ୍ୟ ଶରୀରରେ ସୃଷ୍ଟି

ISSN NO.
2582-208X

ହେଉଥିବା କର୍କଟ, ସ୍ତନ କର୍କଟ, ହୃଦରୋଗ, ମଧୁମେହ, ଶରୀର ରେ ଇନସୁଲିନ ର ମାତ୍ରା କୁ ସନ୍ତୁଳିତ ରଖି ଥାଏ । ଥଣ୍ଡା କାଶ, ଉଚ୍ଚ ରକ୍ତ ଚାପକୁ ସ୍ୱାଭାବିକ କରିଥାଏ । ଏହାର ପତ୍ର କୁ ଶୁଖାଇ ଉଷୁମ ପାଣିରେ ବାଟି ପେଷ୍ଟ କରି ମୁହଁ ରେ ଲଗାଇଲେ "ବ୍ରଣ" ଉପଶମ ହୋଇଥାଏ । ଅମୃତ ଭଣ୍ଡା ପତ୍ର ର ରସ ଟିକେ କଡା ଅଟେ, କିଣ୍ଣୁ ଆମ ସ୍ୱାସ୍ଥ୍ୟ ପାଇଁ ଏହା ମହୋସଧି ଅଟେ । ଏହି ସ୍ୱରସ ସେବନ କରିବା ଦ୍ୱାରା କେତେକ ବ୍ୟକ୍ତିଙ୍କ କ୍ଷେତ୍ରରେ ପାର୍ଶ୍ୱ ପ୍ରତିକ୍ରିୟା ଦେଖା ଦେଇଥାଏ, ଯାହାକି ବାନ୍ତିହେବା ସହ ଓଟାର ଆସିଥାଏ । କଞ୍ଚା ଅମୃତ ଭଣ୍ଡା ତରକାରୀ କରି ଖାଇବା ଦ୍ୱାରା ଆମ ସ୍ୱାସ୍ଥ୍ୟ ପାଇଁ ବହୁ ଉପକାର ମିଳିଥାଏ । ଏହାକୁ ଖାଦ୍ୟଭାବେ ଖାଇଲେ ଆମ ଶରୀରରେ ଓଜନ ହ୍ରାସ, ମାରାତ୍ମକ ରୋଗକୁ ପ୍ରତିରୋଧ କରିବା କ୍ଷମତା ଏଥିରେ ରହିଛି । ପେଟରେ ସୃଷ୍ଟି ହେଉଥିବା ଅମ୍ଳକୁ ହ୍ରାସ କରାଇବା, ପେଟ ସଫା କରିବା, ହଜମ ପ୍ରକ୍ରିୟାକୁ କ୍ରିୟାଶୀଳ କରାଇବା, ମଳ କଣ୍ଟକ ରୋଗୀଙ୍କ ଅତ୍ୟଧିକ ରକ୍ତ ସ୍ରାବ କୁ କମାଇବା, ନାରୀମାନଙ୍କ ମାସିକ ଋତୁଶ୍ରାବ ଅନିୟମିତତା କୁ ନିୟମିତ କରିବା, ସହ ଶରୀରରେ ପୀଡାକୁ ପ୍ରଶମିତ କରିଥାଏ, । କଞ୍ଚା ଅମୃତ ଭଣ୍ଡା କୁ ସିଝାଇ ସକାଳୁ ଖାଲି ପେଟରେ ଖାଇବା ଦ୍ୱାରା, ଶରୀର ର ମୋଟାପଣ ହ୍ରାସ ପାଇବା ସହ ପେଟର ଯାବତୀୟ ରୋଗ ଉପଶମକରିବା ସହ ତ୍ୱଚାକୁ ସତେଜ ରଖି ଥାଏ । ଅମୃତଭଣ୍ଡା ରେ ତନ୍ତୁଜାତୀୟ ପଦାର୍ଥ ରହିଛି ଯାହାକି ସ୍ୱାସ୍ଥ୍ୟ ଉପଯୋଗୀ । ଅମୃତଭଣ୍ଡା କୁ ବିଭିର୍ନ ରକମ ର ତରକାରୀ କରି ଖାଇବା ସ୍ୱାସ୍ଥ୍ୟ ପାଇଁ ହିତକର । ପାଚିଲା ଅମୃତ ଭଣ୍ଡା ସୁସ୍ୱାଦୁ ଏବଂ ସ୍ୱାସ୍ଥ୍ୟ ପାଇଁ ଉପକାରୀ । ଏଥିରେ ବହୁମାତ୍ରା ରେ ଜୀବନୀୟ ଶକ୍ତି ରହିଛି । ଗର୍ଭବତୀ ମହିଳାମାନେ ଅମୃତ ଭଣ୍ଡା ଖାଇବା ଉଚିତ ନୁହେଁ । ପ୍ରସବ ପରେ ଖାଇବା ଉଚିତ । ଏପରି ସ୍ୱାସ୍ଥ୍ୟ ହିତ କାରୀ ଫଳ ଅମୃତ ଭଣ୍ଡାକୁ କଞ୍ଚା ଓ ପାଚିଲାରେ ବହୁ ମାତ୍ରା ମାତ୍ରାରେ ଖାଦ୍ୟ ଭାବେ ଖାଇବା ନିତାନ୍ତ ଜରୁରୀ । ଏପରି ସ୍ୱାସ୍ଥ୍ୟ ଉପଯୋଗୀ ଅମୃତ ଭଣ୍ଡା କୁ ଆମେ ନିଜ ନିଜର ବାଡ଼ି ବଗିଚା ରେ ଲଗାଇ ବା ଉଚିତ, ଯଦ୍ୱାରା ଆମେ କିଛି ମୁକ୍ତ ଅମ୍ଳଜାନ ପାଇବା ସହ ସହଜ ରେ ଏହି ଫଳ ପାଇପାରିବା ।

ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ଚନ୍ଦାହାଣ୍ଡି,
ନବରଙ୍ଗପୁର,ଫୋନ-7894112487

ISSN NO.
2582-208X

# ଆଞ୍ଚଳିକ

ISSN NO.
2582-208X

# ଇଛେନ୍ ମୁଝେ
# କେଚ୍ କର



ଗଜାନନ ମିଶ୍ର

ଚଢୁ ଚଢୁ ଚଢିଗଲା
ଖଡିଆଳ ପବ୍ଲିକ ସ୍କୁଲରେ
ପଢୁଥିବା ପାଂଚ ବର୍ଷିଆ ନାତି
ସ୍ଲାଇଡେଟ୍ ଉପରକୁ ଆଉ
ରଡି ରଡି କହିଲା, ଦାଦୁ ଦାଦୁ,
ଇଛେନ୍ ମୁଝେ କେଚ୍ କର।

ହଡବଡେଇ ଚାହିଁଲି ଘଡିଏ,
ପୁଣି ମତେ କହିଲା, ସୋଚୋ ମତ୍,
ନାଇଁ ତ ଉଡିଯିବି ହନୁମାନ ବାଗିର୍।
ଆଉ ଡେଗେଇ ହେଲା ମୋ ଉପରକୁ,
ଲଟପଟେଇ ପଡିଗଲି ତଳେ, ଆଉ
ମୋ ଉପରେ ସେ ଆଦି ଧଡସ୍।

ବହୁତ ହେଲା, ବହୁତ ହେଲା,
ଆଉଥରେ ଖୋଜିଲାବେଳକୁ
ଚେରମୂଳ କିଛି କାହିଁ ନ ଥିଲା।

ତପୋବନ, ଟିଟିଲାଗଡ,
ବଲାଙ୍ଗୀର ଜିଲ୍ଲା

ISSN NO.
2582-208X

# ପଶ୍ଚିମ୍ ଓଡିଶାର୍ ଶିଘା ତିହାର୍ ....



କ୍ଷୀରୋଦିନୀ ସାହୁ

ପଶ୍ଚିମ୍ ଓଡିଶାର୍ ଶିଘା ତିହାର୍
ଆଇଛେ ନୁଆଁଖାଇ,
ଯିଏ ଯେନ୍ ଠାନେ ଅଛ ଧାଇଁଆସ
ମୋର୍ ବୁହେନ୍ ଭାଇ ।

ଘର୍ ଦୁଆର୍ ସାଫ୍ ସୁତର୍ କରି
ରଙ୍ଗ୍ ରୁଙ୍ଗା ଟିକେ ରଚାମା,
ମିତ ମାର୍ ସାତ୍ ଘର୍ ମାନ୍ କେ
ନୁଆଁଖାଇ ଭାର୍ ପଠାମା ।

ଡେରି ନାଇଁ ହଉଁ ଫୁଲା ନାଇଁ ହଉଁ
ଲେତାଗୁତା ଥିମା ଆବରି,
ଦିଲ୍ ଖୁସ୍ ହେଇ ଡାକ୍ ଦେଉଥିମା
ଜଏ ମାଁ ସମଲେଶିରୀ ।

ହାଟ୍ ବଜାର୍ ଯାଇ ଆନମା ଘିନି
ମେନ୍ ମେନ୍ ସା ଦରବ୍,
ଇ ନୁଆଁଖାଇ ପରେ ଆମର୍ ତିହାର୍
ଲୁଭ୍ ଲୁଭାନି ପରବ୍ ।

ISSN NO.
2582-208X

ନୁଆଁ ଧାନ୍ କେଁଡା ଆନି କରି ଭାଇ
ନୁଆଁ ଚୁଡା ଦେମା ବନେଇ,
ପିଠା ମଡା ବରା ସିଆଁଲି କରମା
ଭୋଗ୍ ରାଗ୍ ଦେମା ଛଡେଇ ।

ଖେତ୍ ଖଲା ଯାଇ ଇଷ୍ଟଦେବୀର୍ ପାଦେ
ପୁଜାଧଜା କରିଦେମା,
ବନେ ବନେ କରି ସୁନାର୍ ଫସଲ୍
ଦେବାରକେ ବିନତି କରମା ।

ସିଆନ୍ ମାନକେ ମୁଡିଆ ମାରମା
ସାନ୍ ମାନକେ ଗହକି,
ଭାବ୍ ସର୍ ସର୍ କଥାଥି ଭାଇ
ଘର୍ ଦୁଆର୍ ଯିବା ମହକି ।

କୁରେ ପତର୍ ଥି ଖାଏମା ନୁଆଁ
ଖାକ୍ ପିଟି କରି ହରଷେ,
ପନତ୍ ଢାପି କରି ରଖିଥା ଗୋ ମାଁ ସମଲେଇ
ଜାଁ ଜାଗିଥିଲେ ବରଷେ ।

ସ୍ନାତକୋତ୍ତର ଉଦ୍ଭିଦ ବିଜ୍ଞାନ, ବି. ଏଡ୍
ଗୁରୁ ଘାସିଦାସ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, ବିଲ୍ସପୁର
ମୋ: ୬୩୭୧୩୦୫୯୯୫

ISSN NO.
2582-208X

# ଆମର ଭାସି, ଆମର ଲେଖା




ବ୍ରଜମୋହନ ମେହେର

ଉଡ଼ିଆ ଆରୁ କୋସଲି ଭାଷାର ନାଁକରା ବ୍ୟଂଗସାହିତିକ, ଭାଷାବିଦ୍ ମନୋରଂଜନ ସାହୁ 'ଭାଷାର କଥା ଅଥା ବିଥା'(୨୦୧୩) ଆରୁ 'ବର୍ଣ୍ଣବିଚାର'(୨୦୨୧) ନେ ଭାଷାର ଚର୍ଚା କରିକରି କୋସଲି ଭାଷାର ଲାଗି ଆଘନୁ ଚଲିଆସୁଥିବାର ସବୁବର୍ଣ୍ଣକେ ବିନା କଟା ଛଟାନେ ସେ'ଭାବେ ଲେଖବାର ଲାଗି ଯେନତା ଯୁକ୍ତି ଥାପନା କରସନ, ହେନତି 'ବର୍ଣ୍ଣବିଚାର' ବହିନେ କେନତା ଉପାଏଥି ଉଡ଼ିଆ ଲିପି ଆରୁ ସଠିକ ହେଇ ପାରିଥିତା, ତାର ବିଚାର ରଖସନ । ସେ ଆରୁ ବି ଆମର ଭାଷାର ଲାଗି ବନିଥିବାର ବ୍ରଜମୋହନ ମେହେରକଁର 'ନୁଆଁ କୋସଲି ଲିପି' ଆରୁ ହେମକାନ୍ତ ସାହୁକଁର 'ସମ୍ବଲପୁରୀ ଲିପି'କେ ସମୀକ୍ଷା କରସନ ସୁଂଦର ଭାବେ । ହେନତି ସେ ସହଜଭାବେ ରୋମାନ ଲିପିନେ ଲେଖିହେବା ସେଥିର ଲାଗି ଗୁଟେ ସୁଂଦରା ଉପାଏ ପାଁଚିଛନ । ଜର୍ମାନ ଭାଷାକେ ହେ' ରୋମାନନେ ଲେଖାହେସି, ମାତର ହେ' ଅକ୍ଷରକେ (ଏବିସିଡି) ପଢ଼ବାର ଧାରା ଯେନତା ଅଲଗା, ହେନତି କୋସଲି ଭାଷାକେ ରୋମାନ ଲିପିକେ ଲେଖବାର ବେଲେ ଯେନତା ଉଚ୍ଚାରଣ କରାଯିବା ହେତିର ବାଟ୍ ଦେଖେଇଛନ । ସି(c)କେ 'ଚି' , ଜି(g)କେ 'ଗି' ଆରୁ ଏଚ୍( h)କେ 'ହେଚ୍' ଭାବେ ପଢ଼ବାର ହେବା ବଲିଛନ । ହେନତି କେତେଟା ଅକ୍ଷରକେ ଛାଡ଼ିକରି ଆମର ଭାଷାର ଭିନଭିନ ଧ୍ୱନିଲାଗି ଦରକାର ଅନସାରେ ଉପରେ କି ତଲେ ଚିନ୍ହା ଲଗାବାର ତରିକା ବତେଇଛନ । ଉଡ଼ିଆ ଚଂଦ୍ରବିଂଦୁ ଚିନ୍ହାକେ 'ଅଁ', ଆରୁ ଅନୁସ୍ୱାରକେ 'ଅଙ୍' ଭାବେ ଉଚ୍ଚାରନ କରେଇ ଅବିକଲ ବେଭାର କଲାବେଲକେ 'ଞ' ଲାଗି ଗ୍ରିକ୍ ର ଏପ୍

ISSN NO.
2582-208X

ସିଲୋନ କି ଇ'(ଁ)କେ ବେଭାର କରି 'ଅଞ୍ଚ୍' ଭାବେ ଦେଖେଇଛନ । ବାକି ଚିନ୍‌ହା ସଂସ୍କୃତ ଲାଗି ଯେନେ ଲିପ୍ୟଂତର କରାଯାଏସି , ହେଟା କେତେ ଖାପ ଖାଏସି ତୋ କିଛି ଅଲଗା ହେସି । ଗୁଟେ ଅକ୍ଷର ଉପରେ ଗାରଟାନିକରି ଉନଜା ଧ୍ୱନିକେ ଚିନ୍‌ହାବାରଟାକେ 'ଉପରି', ତଲେ ହେନତି ଗାରଟାନବାରଟାକେ 'ତଲି' ଆର ବିଂଦୁ ଦେବାରଟାକେ 'ବୁଂଦି' ବଲି ଚିନ୍‌ହେଇଛନ । 'ବର୍ଣ୍ଣବିଚାର' ବହିର ହେ' ପୁସ୍ତାକେ ଇନେ ଅନାଯେଇପାରେ ।



ବର୍ଣ୍ଣବିଚ୍ଚର

## ରୋମାନ୍ ଲିପିରେ ଆମର ଭାଷା

ହିନ୍ଦୀ ଭଳି ହଳନ୍ତ-ଶବ୍ଦ-ବହୁଳ କୋଶଲୀ ଭାଷାକୁ ଲିପିବଦ୍ଧ କରିବା ପାଇଁ ଇଂରାଜୀ ବର୍ଣ୍ଣମାଳାର ଆଶ୍ରୟ ନେବା ବୋଧହୁଏ ସର୍ବାଧିକ ସୁବିଧାଜନକ । କାରଣ ଏହାର ଶବ୍ଦାନ୍ତ ବ୍ୟଞ୍ଜନବର୍ଣ୍ଣରେ ସ୍ୱରବର୍ଣ୍ଣଟିଏ ଯୁକ୍ତ ନ ହେବା ପର୍ଯ୍ୟନ୍ତ ତାହା ପ୍ରାୟ ହଳନ୍ତ ହୋଇ ରହେ ।

ଏଥିପାଇଁ ଇଂରାଜୀ ବର୍ଣ୍ଣମାଳାର ସମସ୍ତ ବର୍ଣ୍ଣ ଆମର ଆବଶ୍ୟକ ନୁହଁନ୍ତି । ତହିଁରୁ କେତେକଙ୍କୁ ବହିଷ୍କାର କରାଯିବ ଏବଂ ଆବଶ୍ୟକତାନୁସାରେ ବାହ୍ୟ କେତୋଟି ଚିହ୍ନକୁ ସ୍ୱାଗତ କରାଯିବ ।

ଯଥା-

| | | | | | |
|---|---|---|---|---|---|
| a | b | c (ସି ନୁହେଁ 'ଚି') | d | e | g (ଜି ନୁହେଁ 'ଗି') |
| h (ଏଚ୍ ନୁହେଁ 'ହେଚ୍') | i | j | k | l | m |
| n | o | p | r | s | t |
| u | v | y | | | |

ମାତ୍ର ଏକୋଇଶଟି ଅକ୍ଷର । v ବାହାରେ wକୁ ମଧ୍ୟ ଗ୍ରହଣ କରାଯାଉ । ଏହି w ଦ୍ୱିଭ v(double v=w) ବ୍ୟତୀତ ଅନ୍ୟ କିଛି ନୁହେଁ । zର ଆବଶ୍ୟକତା ନାହିଁ । ତଥାପି 'ଘାଥୁଁ ପୋକ୍ ବଜ୍‌ବଜ୍ କରୁଛେ' କିମ୍ବା ଜର୍ଜରେଇ ଯଉଛେ ଇତ୍ୟାଦି ରେଖାରୂଢ଼ ଶବ୍ଦ ପାଇଁ z ବ୍ୟବହାର କରାଯାଇପାରେ ।

ଚିହ୍ନଗୁଡ଼ିକ ମଧ୍ୟରେ ରହିବ 'ँ (ଅଁ),ं (ଅଙ୍), ঃ (ଅଞ୍) ।' ଏମାନେ କେବଳ ସ୍ୱରବର୍ଣ୍ଣମାନଙ୍କର ଉପର ଅଂଶରେ ବ୍ୟବହୃତ ହେବେ ।

| ୨୨

ISSN NO.
2582-208X



କେତେକ ଅକ୍ଷର ଉପରେ ଏକ ଗାର ରହିବ । ତାକୁ 'ଉପୁରି' ନାଆଁ ଦିଆଯାଉ । କେତେ ଅକ୍ଷରର ତଳେ ଗାର ରହିବ । ତାକୁ 'ତଳି' ନାଆଁ ଦିଆଯାଉ । କେତେ ଅକ୍ଷରର ତଳେ ବିନ୍ଦୁଟିଏ ରହିବ । ତାକୁ ନାଆଁ ଦିଆଯାଉ 'ବୁନ୍ଦି' ।

ମୌଳିକ ସ୍ୱରବର୍ଣ୍ଣ-

ଅ=a ଆ= ā ଇ= i ଈ= i̲ ଉ= u ଊ= u̲ ଋ= ṛu

ଏ= e (gate ର 'ଏ' ଅର୍ଦ୍ଧବିବୃତ ଉଚ୍ଚାରଣ ଧ୍ୱନି) ଏ; = ē (getର 'ଏ' ବିବୃତ ଉଚ୍ଚାରଣ ଧ୍ୱନି), ଓ = o, ଃ=h, ଅଁ=ã

ଯୌଗିକ ସ୍ୱରବର୍ଣ୍ଣ-

ଅଇ-ai, ଏଇ-ei, ଅଏ-aē, ଆଏ-āe, ଅଉ-au, ଓଉ-ou

ବର୍ଗ୍ୟ ବ୍ୟଞ୍ଜନବର୍ଣ୍ଣ -

| ଅଘୋଷ | | ସଘୋଷ | | ଅନୁନାସିକ | |
|---|---|---|---|---|---|
| ଅଳ୍ପପ୍ରାଣ | ମହାପ୍ରାଣ | ଅଳ୍ପପ୍ରାଣ | ମହାପ୍ରାଣ | ଅଳ୍ପପ୍ରାଣ | ମହାପ୍ରାଣ |
| କ୍=k | ଖ୍=kh | ଗ୍=g | ଘ୍=gh | ଅ°=a° | - |
| ଚ୍=c | ଛ୍=ch | ଜ୍=j | ଝ୍=jh | ଅଞ୍=ɛ | - |
| ଟ୍=t | ଠ୍=th | ଡ୍=d | ଢ୍=dh | ଣ୍=ṇ | ଣ୍ହ=ṇh |
| ତ୍=t̲ | ଥ୍=t̲h̲ | ଦ୍=d̲ | ଧ୍=d̲h̲ | ନ୍=n | ନ୍ହ୍=nh |
| ପ୍=p | ଫ୍=ph | ବ୍=b | ଭ୍=bh | ମ୍=m | ମ୍ହ୍=mh |

ଅବର୍ଗ୍ୟ ବ୍ୟଞ୍ଜନବର୍ଣ୍ଣ -


ଯ୍=y ର୍=r ଲ୍=l ୱ୍=v ଏବଂ w

ଶ୍=ś ଷ୍=s̲ ସ୍=s

ଡ଼୍=ḍ ଢ଼୍=ḍh ଣ୍=ṇ ଳ=ḷ ° (ଅଙ୍) ε(ଅଞ୍) ँ (ଅଁ)

(ଅବର୍ଗ୍ୟ ବର୍ଣ୍ଣଗୁଡ଼ିକର ମହାପ୍ରାଣ ଉଚ୍ଚାରଣରେ h(ହେଚ୍) ଯୁକ୍ତ ହେବ। ଏହି ବର୍ଣ୍ଣମାଳାରେ ଦୀର୍ଘସ୍ୱର, 'ଶ, ଷ ତଥା ଳ'ପାଇଁ ମଧ୍ୟ ବ୍ୟବସ୍ଥା ରହିଛି ।)

ISSN NO.
2582-208X




କେତେକ ଉଦାହରଣ — ବନାନ୍

କଏଁରୁ = kaẽ̄ru - କେ, ଏ, ଇ (ଉପ୍ରି) ଅଁ, ଆର୍, ୟୁ

ମାଂସ୍ = mā˚s - ଏମ୍, ଏ (ଉପ୍ରି) ଅଙ୍ଗ୍, ଏସ୍

ଅଡ଼ଙ୍ଗ୍ = aḍa˚g - ଏ.ଡ଼ି (ବୁନ୍ଦି), ଏ ଅଙ୍ଗ୍, ଗି

ବାଞ୍ଚା = bā˚chā - ବି.ଏ (ଉପ୍ରି) ଅଞ୍ଚ୍, ଚି ହେଚ୍, ଏ (ଉପ୍ରି)

ବିଞ୍ଝାଲ୍ = bi˚jhāl - ବି, ଆଇ ଅଞ୍ଚ୍, ଜେ ହେଚ୍ ଏ (ଉପ୍ରି), ଏଲ୍

| | |
|---|---|
| କାହ୍ନୁ = Kānhũ | ଥୁର୍‌ରେଁ = thur rē |
| ବାହ୍ମନ୍ = Bāmhan | ବୟ୍‌ହା = bayhā |
| ଉମ୍ହେଇ = Umhei | ମର୍ହା = marhā |
| କଏଲାସ = Kaēlāsa | ଲଲ୍‌ହା = lalhā |
| ଉଷତ୍ = Usat | ଶତ୍ରୁ = Sātru |
| ବୁଢ଼ା = Buḍhā | ଚଲ୍‌ଚଲ୍ = calcal |
| କଣ୍‌ହାଁ = Kaṇhā̃ | କେଶବ୍ = Kesāv |
| ଉଲୁଲୁଲୁ = uḷuḷuḷu | କେଶ୍‌ବ = Kesāva |
| ମାଁମୁଁ = mā̃mũ | ଆମୁଲ୍ = āmul |
| ବଁଡ଼ା = bā̃ḍā | ଆମ୍‌ହର୍ = āmhar |
| ବଣ୍‌ଆ = baṇā | ବାଳକଃ (ସଂସ୍କୃତ)= bāḷakah |
| ଋଣ = ṛuṇa | |



ମାତର ଆମେ ଇଠାନେ ଏତକି କହିପାରମୁ ଯେ, ରୋମାନ ଲିପିନେ ସଂସ୍କୃତଭାଷାକେ ଲେଖବାରବେଲେ ଭିନଭିନ ଉଚ୍ଚାରନ ଲାଗି ଯେନ୍ ବିଧି ସବୁ ବେଭାର ହଉଛେ, ହେ'ଟା ସବୁ ଯେନତାକେ ସେନତା ଥୁଇ ଦେଲେ ଆରୁ ବଢ଼ିଁଆ ହେତା। ଯେନ୍‌ଥି ସଂସ୍କୃତ ଆରୁ କୋସଲି ପଢ଼ବାରଥି ସହଜ ହେଇପାରତା । ମାତର ଯେନ୍ ସବୁ ଧ୍ୱନି ସଂସ୍କୃତଥି ବେଭାର

ISSN NO.
2582-208X

ନେଇଁ ଆରୁ କୋସଲିନେ ଅଛେ ବଲମା, ଅପକା ହେତିର ଲାଗି ନୁଆଁ ଚିନ୍‌ହା ବେଭାର କରାଯାଏତା ।

ଇଛନ ଆସମା ନୁଆଁ ଲିପି ସିର୍ଜନା ଦିଗକେ । ୧୯୯୨ ମସିହାନେ ସମଲପୁରୁନ୍ ବାହାରିଥିବାର 'ହାମେ କୋଶଲୀ ହାମର ଭାଷା କୋଶଲୀ' ବହିର ୩୩ ପୁସ୍ଠାନେ ସୂଚନା ମିଲୁଛେ ଯେ ଇ' ବହିର ବାହାର କିଛି ମାସ ଆଘୁନ୍ କାହିଁ କାହିଁ ନୁଆଁଲିପି ସିର୍ଜନା ହେଇଥିଲା । ହେ' ବହିନେ ହେ'ଲିପି ନେଇଁ ଥିବାର ଲାଗି କି ଆମର ନଜରେ ନେଇଁ ଆସିଥିବାର ଲାଗି ତାର ବାବଦନେ କିଛି କହି ନେଇଁ ବନବାର ।

ଭାଷା-ଆଲୋଚକ ମନୋରଂଜନ ସାହୁକଁର ୨୦୦୭ ମସିହାନେ ବାହାରିଥିବାର 'ବର୍ଣ୍ଣବିଚାର' ବହି ଇ' ଲେଖକ ନେଇଁପେଇପାରି; ମାତର ୨୦୨୧ନେ ବାହାରିଥିବାର 'ବର୍ଣ୍ଣବିଚାର' ବହିନେ ଲେଖକ ଯେନ୍ 'ସମ୍ବଲପୁରୀ/କୋଶଳୀ ବର୍ଣ୍ଣବିଚାର' ଲେଖିଛନ, ନୁଆଁ ହେଇକରି ବାହାରିଥିବାର କୋସଲି ଲିପି ଆରୁ ସମଲପୁରୀ ଲିପି ଉପରେ ସମୀକ୍ଷା କରିସାରଲା ପଛେ ଇ' ଆଲୋଚନା ପଛେ ଯେନ୍ ସୂଚନା ଦେଇଛନ, ହେତିନୁ ଜନା ପଡୁଛେ ଯେ ସେ ବି ଗୁଟେ 'କୋଶଲୀ ଲିପି'ର ନମୁନା ତିଆର କରିଥିଲେ, ଯେନ୍ ଥି କି ୨୫ଟା ବର୍ଗ୍ୟବ୍ୟଂଜନ ଲାଗି ଖାଲି ୫ଟା ପହେଲା ବର୍ଣକେ ଧରିକରି କରିକରି ସେଥିନେ ମହାପ୍ରାଣ ଚିନ୍‌ହା, ଘୋଷ ଚିନ୍‌ହା ଆର ଅନୁନାସିକ ଚିନ୍‌ହା ବେଭାର କରାହେଇଥିଲା । ହେନତି ସ୍ୱରବର୍ଣର କିଛି ଅଂଶ ମାତ୍ରା ଭାବେ ବେଭାର ହେବାର, ଫଲା ଆରୁ ମାତ୍ରା ଭୁଜନି ବାଟେ ଲାଗବାର ବେବସ୍ଥା ଥିଲା । ମାତର ଆବଶ୍ୟକ ବ୍ୟତିକ୍ରମ ସଂଗେ ଉଡ଼ିଆ ଲିପିନେ କୋଶଲୀ ସାହିତ୍ୟ ସିର୍ଜନା ହେଲେ ଉଡ଼ିଆ ଆରୁ କୋଶଲୀ ଭାଷାଭାଷୀ ଝନେଆରଝନେକର ଭାଷା ସାହିତ୍ୟକେ ପଶବାର ସୁଗମ ହେବା ବଲି ଡ. ଧନେଶ୍ୱର ମହାପାତ୍ରକଁର ମତ ଦେଇଥିଲେ ବଲି ସାହୁ ମହାଶଏ ଆରୁ ସେ ନୁଆଁଲିପି ଦିଗକେ ଆଗସାର ନାଇଁହେଲେ ।( ବର୍ଣ୍ଣବିଚାର-୨୦୨୧, ପୁସ୍ଠା-୭୪ )

ISSN NO.
2582-208X

ବ୍ରଜମୋହନ ମେହେରକଁର ପ୍ରୟାସନେ ବନିଥିବାର କୋଶଲୀ ଲିପିକେ ଦେଖବାକେ ଗଲେ, ଇତାର ତିନଟା ସ୍ତରକେ ଦେଖାଯେଇପାରେ-

୧- ଅପ୍ରକାଶିତ ଭାବେ ରହିଥିବାର ପହେଲା ରୂପ ।

୨- ୨୦୨୦ର ପ୍ରକାଶିତ ରୂପ ।


୩- ସଂଶୋଧିତ ରୂପ ।

୧- ଅପ୍ରକାଶିତ ଭାବେ ରହିଥିବାର ପହେଲା ରୂପ:

କୋଶଲୀ ଲିପି ଇ' ପହେଲା ରୂପ ଆଶ୍ରେ କରିଥିସି ସଂସ୍କୃତ ବର୍ଣମାଲାକେ । ରହିଥିସି ର,ଋ, ଌ, ୡ, ଳ, କ୍ଷ, ଜ୍ଞ । ଯୁଡ଼ିଥିସି ଆରକେତେଟା ନୁଆଁବର୍ଣ- 'ଆଏ' ଭଳିଆ ଧ୍ୱନି (□) _ଏ', 'ଣ-ନ-ମ-ଲ-ର'ର ମହାପ୍ରାଣଭାବେ ଆରଗୁଟେଗୁଟେ ରୂପ । ଅବଶ୍ୟ ସରଲ କୋସଲି ଭାଷାକେ ଲେଖାହେବାର ବେଲେ ଆବଶ୍ୟକ ଧ୍ୱନି କି ବର୍ଣ ଠାନୁ ଆରୁକେତେ ବର୍ଣକେ ବେଭାର ନେଇଁକଲେ ଚଲବା ବଲି ଚିନ୍ହାଦିଆ ହେଇଥିସି । ୨୦୨୦ ମସିହାନେ ସେସବୁକେ ଛାନିକରି ସରଲ ସୁଂଦର ସହଜ ଉପାଏର 'ନୁଆଁ କୋସଲି ଲିପି' ଲୋକଲୋଚନକେ ଆଏସି ।

-ନୁଆଁ କୋଶଲୀ ଲିପି'ର ଅପ୍ରକାଶିତ ଆଘର ଚେହେରା:

ISSN NO.
2582-208X




କ୍ରମଶଃ……

ଓଡିଆ ଅଧ୍ୟାପକ
ପି.ଏସ୍.କଲେଜ, ବେଲପଡା
ବଲାଙ୍ଗୀର-୭୬୭୦୨୬

ISSN NO.
2582-208X

# ଆଖରୀ ନିଦାନ୍



ସୁନୀଲ କୁମାର ଅଗସ୍ତି

କେନଟା ପାପ୍
ଆର୍ କେନଟା ପୁଇନ୍
ଇ' କଲି ଯୁଗର୍ ମୁନୁଷ୍
କେ'ନ ଗମି ପାରୁଛେ ଯେ,
ପେରେମ୍ ର ନା' ପାପ୍
କେନ୍ ଦେଲା ? ଇ' ମୁନୁଷ୍,
ପେରେମ୍ କେ ବିଟାଲ୍ କେଚକେଚା
କେନ୍ କଲା ? ଇ' ମୁନୁଷ୍,,
ଇ' ପେରେମର୍ ନା' ଥିଁ
ହର୍ ଏକ୍ ରାଏତ୍ କେ କେନ୍ କଲା
ଉଁଆସ୍ ରାଏତ୍ ?ଇ' ମୁନୁଷ୍,
ହର୍ ଏକ୍ ରାଏତ୍
ଉଁଆସ୍ ହେଉ କି ପୁନୀ
ବିଟାଲ୍ ଯୁଡା ଆଁଏଖ୍
ଡଗୋ ଡଗୋ ଦେଖୁଛେ,
ପୁହେକର୍ ଆଁଖି ଝୁଙ୍ଗରା ନି'କାଏଁ ?

ISSN NO.
2582-208X

ହଁ ହଁ ତେନେ ପେରେମ୍ ପାପ୍ ଆଏ
ଆମର୍ କାଏଁ ଯାଉଛେ ଯେ ?
ଆର୍ କାହାରିର ହେଲେ
କାଏଁଟା ଖଁଙ୍ଗି ଯିବା ଯେ ?
ହେନତା ଥିଁ ଇ' ସଂସାରେ
ପୁଇନ୍ ବଲି ଆର୍ କାଏଁଟା ଅଛେ ସେ ?
"ରାଧା କୃଷ୍ଣ" କଁର୍ ପେରେମ୍ ନିଦାନ୍ କେ
ଜୀବନ୍ ଗୁଲା କେଭେଁ ଖେଟିଛ ଭାଏଲ୍ ?
ଇ' ନିଦାନର୍ ଢୁଡା ଥିଁ ଅବଗି ଖେପେ
ଉଧଲି ଯ' ଉଧଲି ଆ'ସ ତେନେ,
ଇ' ପେରେମ୍ ନୁ ଏକା
ସୁରୁଷଟିର୍ ସିରଜିନା ଆଏ,
ରାଧା କୃଷ୍ଣ କଁର୍ ପେରେମ୍ ଯୋଟ୍
ଇ' ସିରଜିନାର୍ ଆଖରୀ ନିଦାନ୍ ଯାଏଁ ?

ଟିଟିଲାଗଡ, ବଲାଙ୍ଗୀର
ମୋ/୭୭୩୫୮ ୭୬୬୪୯

ISSN NO.
2582-208X

# କଥନୀ -- ଧରମ ଭାଇ



ସତ୍ୟନାରାୟଣ ମିଶ୍ର

ଫି ବଛର ବାଗିର୍ ଏଜ୍ ବି ଭାଇ ଜୀଇଁ ତିଆ ପରବ୍, ସବୁ ବହେନ୍ ମାନେ ଭାଇ ର୍ ଶୁଭ ମଙ୍ଗଲ୍ ମାନସିକ କରି ନିର୍ଜଳା ଉପାସ କରସନ୍ । ଦୁର୍ଗା କୁଠି ନେ ଦୁବ ଶହେ ଆଠ ଚଢେଇ କରି ଭାଇ କେ ବନ୍ଦାସନ୍ । ହାତେ ସେନ ସର୍ଦା ମନେ ଜୁଇଁତିଆ ବାନ୍ଧି ଦେସନ୍ ।

ହେନ୍ତା ମୋର୍ ବହେନ୍ ରୁପା ବି ମୋର୍ ଲାଗି ଉପାସ କରିଥିବା, ଗୁଟେ ମା ର୍ ଛୁଆ ନି ହେଲେ କାଁ ହେଲା ? ମୁଇ ତ ତାହାର ଧରମ ଭାଇ । ତାର୍ ନିଜର ଭାଇ ନିଲ ର୍ ଥାନୁ ବି ସେ ମତେ ଯହ ସନମାନ୍ କର୍ସି । ଆଜି ଆମର ଲାଗି ନିର୍ଜଳା ଉପାସେ ରହିଥିବା ବିଚରି ରୁପା "..। ଜେଲ୍ କୁଠି ଭିତରେ ଏକଲା ରହି କରି ମନେ ମନେ ଭାବୁଛେ ରୁପା ର୍ ଧରମ ଭାଇ କରନ୍ । ତାକେ ବିମଲ ବଦମାସ ର ମର୍ଡର କେସ୍ ଥି ଛ ବଛର୍ ସଜା କାଟବା ର୍ ଅଛେ । କେସ କେ ବିଚାର କରି ମାନ୍ୟବର ତାକେ ଆଜୀବନ ଜେଲ ନାଇଁ ଦେଇ କରି ଗୁଟେ ବର୍ଷ ଲାଗି ସଜା ଦେଇଛନ୍ ।

ବାର ବାର୍ ମନେ ପଡି ଯାଉଛେ ସେ ଦିନ ର୍ ସେ ରାକ୍ଷସ ବଦମାସ ବିମଲ ର୍ କାରନାମା ଆରୁ ମରନ୍ ବିଷେ । ରୁପା ର୍ ଇଛା ନାଇଁ ଥିଲେ ବି ଏକ ତରଫା ଭଲ ପାଇ ବସିଥିଲା ବିମଲ୍ । ସବୁ ବେଲେ ହଇରାନ୍ ହରକତ୍ କରୁଥିଲା ରୁପା କେ । କରନ୍ ଇ କଥା ସୋର୍ ପାଇ କରି କଡା ତାଗିଦ୍ ବି କରିଥିଲା ସେ ବଦମାସ କେ । ହେଲେ, କେତେ ମାସ ର୍ ଲାଗି ଚୁପ ଚାପ୍ ରହିଥିଲା ସେ । ଇ ଭିତିରେ ରୁପା ର୍ ଲାଗି ଗୁଟେ ଘରୁ ବିହା ର୍ ପ୍ରସ୍ତାବ୍ ବି ଆସିଗଲା । ପିନ୍ଧାନୀ ନଡ଼ିଆ ଧରା ପରବ୍ ସାରିଥିଲା ନ । ଦିନ୍ ଗୁଟେ ଗାଧି ଯିବା

ISSN NO.
2582-208X

ବାଟେ ଏକଲା ସଜ୍ ପାଇ କରି ରୁପା କେ ପଛ ଆଡୁ ଧରି ପକାଲା ବିମଲ । ତାକେ ଜବରଦସ୍ତ ଘିଚା ଟନା କଲା ବେଲେ ଦୁରିଆ ନୁ ଦେଖି ପାର୍ଲା କରନ୍ । ନରଦି ଆସି କରି ରୁପା କେ ତାର୍ ହାତୁ ବଞ୍ଚେଇ ଥିଲା ସେ । ଦୁହିଁ ଲୋକର ଭିତିରେ ଜୋର ଦାର୍ ମାଡ଼ ବି ଚାଲଲା । ବିମଲ ଚାକୁ ବାହାର କରି କରନ୍କେ ମାରବା ଲାଗି ହାତ ଟେକଲା ବେଲେ ରୁପା ର୍ ହାତୁ ପଥର ଗୁଟେ ର୍ ବାଜି କରି ଚାକୁ ପଡି ଗଲା ତଲେ ଠିଆ ହେଇ ।

ମାଡ଼ ର୍ ସୁରେ କରନ୍ ତାକେ ପେଲେହି ଦେଲା କେ ସେ ଚାକୁ ଉପରେ ଏକା ମୁହୁଁ ମାଡି କରି ପଡିଗଲା ବିମଲ୍ । ଚାକୁ ଛଟେଛାଟ୍ ଭୂଷି ହେଇଗଲା ତାର ଛାତି ନେ । ନିଜର ଚାକୁ ଥି ନିଜେ ମଲା ସିନା, ହେଲେ ମର୍ଡର କେସ୍ ଥି ଫସିଗଲା ସେ । ବିଚାର ଚାଲି ଥାଏ ନ ଦି ମାସ ଯାକେ । ପରକୁତ୍ ଘଟନା ବିଷେ ଥି ମୁହୁଁ ନାଇଁ ଖୁଲୁଥାଇ କରନ୍ । ଚାକୁ ଥି ତାର ଆଙ୍ଗୁଠ ଚିନ୍ହା ତ ନାଇଁ ଜନା ପଡି । କେନ୍ତା ମଡର ହେଲା ବୋଲି ତାକେ ଯେତେ ପଚର୍ଲେ ନି କହୁଥାଇ କୋର୍ଟ ନେ । ଯେନ୍ ଦିନେ ସୁନଲା ରୁପା ବିହା ସରି ଗଲା ନ, ତାର ଉତୁରୁ ସତ ଘଟନା କେଖୁଲି ଥିଲା କୋର୍ଟ ବିଚାର ପତି ଆଘେ । ଓକିଲ କଥା କାଟି କରି କହୁଥେ "ଇଟା ଗୁଟେ ମନ ଗଢ଼ା କଥାନି। ଦୁଇ ମାସ ହେଲା ନାଇଁ କହୁଥାଇ ଆଝି କହୁଛେ କେନ୍ତା ? ବିଚାର ପତି କେ ଚାହି କରି କରନ୍ କହେଲା "ମୋର୍ ବହନୀ ର୍ ବିହା ନାଇଁ ସର୍ବା ଯାକେ ମୁଇଁ ଇ କଥା ଟା ନାଇଁ ଖୁଲି ଥାଇ ହଜୁର୍ ! ଯଦି ତାର ଶଶୁର ଘରେ ଇ କଥା ଜାଣିଥିତେ, ଅଯଥା ସଂଧେହେ କରି ବିହା ଘର ଭାଙ୍ଗି ଦେଇ ଥିତେ ।ମୁଇ ସେ ଡରେ କିଛି ନାଇଁ କହୁଥାଇ ।ଏତକେ ଆପଣ ଯାହା ରାଏ ଦେବେ ଯାହା ସଜା ଦେବେ ଦଉନ୍ । ମୋର୍ ଆରୁ ଆପତି ନାଇଁ " ବିଚାର ପତି ବିଚାର କଲେ ଆରୁ ମତେ ନିର୍ ଦୁଷି ମାନି କରି ଆଜୀବନ ସଜା ନାଇଁ ଦେଇ କରି ଖାଲି ଗୁଟେ ବଛର ଲାଗି ସଜା ଦେଲେ । ଆର ବଛର କେ ମୁଇ ଇନୁ ମୁକୁଲି ଥିମି । ଠିକ୍ ଇଂତା ଭାଇ ଜୀତା ଦିନେ ମୋର୍ ବହେନ୍ ମତେ ଦୁବ ଉତୁରେଇ କରି ଜୀଉତିଆ ପିନ୍ଧାବା । "

ଜେଲ କୁଠି ଭିତିରେ ଭାବି ଭାବି ତାର ଦିନ ମୁକୁଲିବା ର୍ ଦିନ ଗନୁଛେ ରୁପା ର୍ ଧରମ ଭାଏ କରନ୍ ।

ସିଂଧେକେଲ୍ ବଲାଙ୍ଗୀର
ମୋ 9583605915

ISSN NO.
2582-208X

# ମୋର୍ କସମ୍



ଅନିରୁଦ୍ଧ ରଣା

ମାଆ ଗୋ ମୋର୍ ମାଆ
ଗରଭ୍ ଧାରୀ ମାଆ
ତୋର୍ ଠାନୁ ମୁଇଁ
ଜନମ୍ ନେଇଛେ
ରଖମି ତୋର୍ ନାଆଁ ।

କେତେ ତିହାର୍ କେତେ ଉପାସ୍
ମୋର୍ ଲାଗି ତୁଇ କରିଛୁ
ଜର୍ ବେମାର୍ ଦୁଃଖ୍ ସୁଖ୍ ଥି
ସବୁବେଳେ ଘଂଟି ହେଇଛୁ।

କେତେ ଆଶା କେତେ ସପନ୍
ମୋର୍ ଲାଗି ତୁଇ ଦେଖିଛୁ
ଭଲ୍ ମୁନୁଷ୍ ଟେ କର୍ ମି ବୋଲି
ଦିନ୍ ରାଏତ୍ ଘଂଟି ହେଇଛୁ।

ISSN NO.
2582-208X

ଭାବ୍ ଅଭାବ୍ ଦୁଃଖ୍ ସୁଖ୍ କେ
ସବୁ ସହି ଯାଇଛୁ
ମୋର୍ ମୁହେଁ ହଁସି ଦେଖ୍ ବାର୍ କେ
କେତେ ଦୁଃଖ୍ ତୁଇ ପାଇଛୁ ।

କଥା ଦେଉଛେ ମାଆ ଗୋ ମୁଇଁ
ତୋର୍ କଥା ମୁଇଁ ରଖ୍ ମି
ଭଲ୍ ପାଠ୍ ପଢି ଭଲ୍ ମୁନୁଷ୍
ଟେ ହଇ
ଜଗ୍ ତେ ତୋର୍ ବାନା ଉଡାମି ।

ସର୍ଗୁଲ, ସୁବର୍ଣ୍ଣପୁର
ମୋ: ୯୭୭୮୧୯୫୯୮

ISSN NO.
2582-208X

# ଶିଶୁ ବିଭାଗ



ISSN NO.
2582-208X

# ରୂପା ଗଛର ମାଣିକ କୋଳି



ଡ଼ଃ ରଞ୍ଜିତ କୁମାର ସାହୁ

ରାମ ଆଉ ଭୀମ ଦୁହେଁ ପ୍ରକୃତି ପ୍ରେମୀ I ତେଣୁ ରାମ ଘରକୁ ବୁଲିବାକୁ ଅସିଲାରୁ ଭୀମ ତାଙ୍କୁ ଗାଆଁ ପାଖ ଜଙ୍ଗଲକୁ ଭ୍ରମଣ ପାଇଁ ନେଇଗଲା I ଅନେକ ବୁଲି, ଭୀମ ବହୁତ ଗଛ ଦେଖେଇ ସେମାନଙ୍କ ବିଷୟରେ ରାମକୁ କହିଲା I ରାମ ଉତ୍ତର ଆମେରିକାରେ ରୁହେ I ଏଥର ଛୁଟିରେ ବାପାଙ୍କ ସହ ଓଡିଶା ବୁଲିବାକୁ ଆସିଛି I ଦୁହିଁଙ୍କର ବାପା ବାଲ୍ୟ ବନ୍ଧୁ ହୋଇଥିବାରୁ ଗପସପରେ ମାତି ଗଲେ I ତେଣୁ ରାମ ଭୀମ ସ୍ଥିର କଲେ ପାଖ ଜଙ୍ଗଲକୁ ଯାଇ ବୁଲି ଆସିବା ଲାଗି I ସନ୍ଧ୍ୟା ପୂର୍ବରୁ ଫେରିବାକୁ କହିଦେଲେ ଭୀମ ର ମାଆ I ଫେରି ଆସିକି ଦାଣ୍ଡ ଅଗଣାରେ ଦୁହେଁ ହାଲିଆ ହୋଇ ବସିଗଲେ I

"ଜଙ୍ଗଲ ଆମକୁ କେବଳ ଖାଦ୍ୟ ବସ୍ତ୍ର ଇତ୍ୟାଦି ଦିଏ ନାହିଁ, ଏହା ନଦୀର ଜନ୍ମଦାତ୍ରୀ ମଧ୍ୟ ତେଣୁ ଏହାର ସଂରକ୍ଷଣ ବହୁତ ଆବଶ୍ୟକ," ଭୀମ କହିଲା I

"ହଁ ଆମ ଦେଶରେ ମଧ୍ୟ ଅନେକ ସଂରକ୍ଷଣ ପଦକ୍ଷେପ ନିଆ ହେଉଛି," ରାମ କହିଲା I

"ତୁମେ ତ ଆମର ଏଠିକାର ଜଙ୍ଗଲ ଦେଖିଲା, ସେଠିକାର ଜଙ୍ଗଲ ବିଷୟରେ କିଛି କୁହ," ଭୀମ କହିଲା I

ISSN NO.
2582-208X

"ଆମର ନାତିଶୀତୋଷ୍ଣ ବନ ଦେଖା ଯାଏ," ରାମ କହିଲା I

"କିଛି ଛବି ଦେଖାଅ ଆଖ ପାଖରେ," ଭୀମ କହିଲା I

ରାମ ତାହାର ମୋବାଇଲରେ ଗୋଟିଏ ଭିଡ଼ିଓ କ୍ଲିପ ଦେଖେଇବାକୁ ଲାଗିଲା I ଭିଡ଼ିଓ ଦେଖୁ ଦେଖୁ ଭୀମ କହିଲା, "ରୁହ ରୁହ ସେହି ଗଛଟିକୁ ଆଉ ଥରେ ଦେଖେ I" ପାଇନ ଗଛର ସବୁଜ ସମୂହ ମଧ୍ୟରେ ଭୀମ ଏକ ରୂପେଲି ଗଛଟିଏ ଦେଖିଥିଲା I ଗଛଟିରେ ମଟର ଚଣା ଆକାରର ନାଲି ଫଳ ସବୁ ଭର୍ତ୍ତି ହେଇଥିଲା I ଲାଗୁଥିଲା ଯେମିତି କେହି ରୂପେଲି ବଗଛ ଉପରେ ମାଣିକ ସବୁ ଯୋଡି ଦେଇଛି !




"ଏହି ଗଛଟି ବହୁତ ସୁନ୍ଦର ଦେଖା ଯାଉଛି, ଏହା ଲାଗୁଛି ଯେମିତି ରୂପାରେ ତିଆରି," ଭୀମ କହିଲା I

ISSN NO.
2582-208X

"ଠିକ କହିଛ ଏହାକୁ ରୁପେଲି କୋଳି ଗଛ କୁହା ଯାଏ," ରାମ କହିଲା ।

"ଓଃ ଏହି କୋଳି କଣ ଖିଆ ଯାଏ? ତୁମେ ଖାଇଛ କି? ଦେଖିଲେ ତା ପାଟିରୁ ଲାଳ ଗଡୁଛି। କିନ୍ତୁ ମୁଁ ଜାଣେ ଅନେକ ଫଳ ସୁନ୍ଦର ଦେଖା ଯାଉଥିଲେ ମଧ୍ୟ ବିଷାକ୍ତ ତେଣୁ ଖାଇବା ବର୍ଜ୍ୟ," ଭୀମ କହିଲା ।

"ହଁ ଏହା ମଣିଷ ଏବଂ ଅନେକ ପ୍ରାଣୀଙ୍କର ଖାଦ୍ୟ ହେଇ ପାରେ," ରାମ ଉତ୍ତର ଦେଲା ।




"ଏହା ସ୍ୱାଦିଷ୍ଠ କି, ଆଉ କଣ ପୌଷ୍ଟିକ ଗୁଣ ଅଛି?" ଭୀମ ପଚାରିଲା ।

ଏହି କୋଳି କଞ୍ଚାରେ ସବୁଜ କି ଟିକିଏ ପାଉଁଶିଆ ରଙ୍ଗର ହୋଇ ଥାଏ କିନ୍ତୁ ପାଚିଲେ ହଳଦିଆ, ନାରଙ୍ଗୀ ଆଉ ନାଲି ହୋଇଯାଏ । ଯେତେ ନାଲି ହୁଏ ସେତେ ସ୍ୱାଦିଷ୍ଟ ଲାଗେ । ଏହାର କୋଳି ଭିଟାମିନ ଏ, ବି1, ବି 12, ସି, ଇ ଆଉ କେ ରେ ପରିପୂର୍ଣ୍ଣ । ଏହା ବ୍ୟତୀତ ଏଥିରେ ରଙ୍ଗ ସୃଷ୍ଟି କରୁଥିବା ଅଣୁ ଗୁଡିକ ମଧ୍ୟ ସ୍ୱାସ୍ଥ୍ୟ ପାଇଁ ହିତକାରୀ ।

ISSN NO.
2582-208X

ଏହାକୁ ପ୍ରାୟ ପାଚିଲା ପରେ ଖିଆ ଯାଏ, ନଚେତ ଶରବତ ତିଆରି କରି ପିଆ ଯାଏ । ଏହାକୁ ଜାମ ଆଉ ଜେଲିରେ ମଧ୍ୟ ବ୍ୟବହାର କରା ଯାଏ । ଏହାର ଫୁଲ ଛୋଟ ଆଉ ମହକ ଭରା ତେଣୁ କିଛିଲୋକ ଏହାର ଫୁଲକୁ ମିଷ୍ଠାନରେ ମଧ୍ୟ ବ୍ୟବହାର କରନ୍ତି ।"



"ବହୁତ ବଢିଆ କଥା, କିନ୍ତୁ ଏହା ବ୍ୟତୀତ ଆଉ କଣ ହୋଇପାରେ ଏହି ଗଛ ଲଗଇବା ଦ୍ୱାରା ?" ଭୀମ ପଚାରିଲା ।

"ଏହାକୁ ବଗିଚାରେ ମଧ୍ୟ ସୌନ୍ଦର୍ଯ୍ୟକରଣ ପାଇଁ ଏବଂ ସୁବାସ ପାଇଁ ଲଗା ଯାଏ । ଏହାର ଛାଲିରୁ ତନ୍ତୁ ଉତ୍ପନ ହୁଏ ଯାହାକୁ ଦଉଡି ତିଆରି ଲାଗି ଏବଂ ବସ୍ତ୍ର କିମ୍ବା କମ୍ବଳ ତିଆରି ପାଇଁ ବ୍ୟବହାର କରା ଯାଇ ପାରେ ।

ଅତି ବେଶୀ ଉଚ୍ଚ କିମ୍ବା ନ ହେଲେ ମଧ୍ୟ ଏହା ପରିବେଶ ପାଇଁ ବହୁତ ଉପକାରୀ । ଅନେକ ପଶୁ ପକ୍ଷୀ ଏହାର ଫଳକୁ ଖାଆନ୍ତି । ଶୀତ ଦିନରେ ଯେତେବେଳ ଆଉ କୌଣସି

ISSN NO.
2582-208X

ଖାଦ୍ୟ ମିଳିବା କାଠିକର ହେଇଯାଏ, ଅନେକ ପକ୍ଷୀ ଏହାର ପାଚିକି ଶୁଖିଥିବା କୋଳିକୁ ଖାଇ ବଞ୍ଚନ୍ତି । ତେଣୁ ଏହାକୁ ଜଙ୍ଗଲରୁ ସଂଗ୍ରହ କରିବା ଉଚିତ ନୁହେଁ ଘରଚଟିଆ ଜାତିର ପକ୍ଷୀ ମାନଙ୍କ ଲାଗି ଏହା ବସା ବାନ୍ଧିବା ପାଇଁ ଉପଯୁକ୍ତ ହୋଇଥାଏ ଏବଂ ଅନେକ ବନ୍ୟ ଜନ୍ତୁ ମଧ୍ୟ ଏହାର ଆଶ୍ରୟ ଲୋଡି ଥାଆନ୍ତି । ଏହାର ଚେର ଭୂମିରେ ଏକ ପ୍ରକାର ଜାଲି ତିଆରି କରିଥାଏ ଯାହା ଯୋଗୁଁ ମୃତ୍ତିକା କ୍ଷୟ ହେଉଥିବା ଅଞ୍ଚଳରେ ବିଶେଷ କରି ପାହାଡିଆ ଅଂଚଳରେ ଲଗା ଯାଇ ଥାଏ । ଏହି ବୃକ୍ଷର ଏକ ଅନୁପମ ପ୍ରକୃତି  ହେଲା ଏହା ବାୟୁମଣ୍ଡଳରୁ ଯବକ୍ଷାରଜାନକୁ ଭୂମିରେ ସ୍ଥାନାନ୍ତରିତ କରି ପାରେ ।  ଏହାଦ୍ୱାରା ଆଖ ପାଖରେ ଥିବା ଉଦ୍ଭିଦ ମାନେ ଉପକୃତ ହୁଅନ୍ତି । ତୋଟାରେ ଅନ୍ୟ ଫଳ ବୃକ୍ଷ ମଧ୍ୟରେ ଏହାକୁ ରୋପଣ କରି ସ୍ଥାପନ କଲେ ଫଳ ଉତ୍ପାଦନରେ ବୃଦ୍ଧି ହୁଏ," ରାମ କହିଲା ।

"କିନ୍ତୁ  ଏତେ ସବୁ ଗୁଣ ଥାଇ ମଧ୍ୟ ଏହା କଣ୍ଟକ ଜାତୀୟ," ଭୀମ କହିଲା ।

"ତାହା ହିଁ ତ ସୃଷ୍ଟିର ସୌନ୍ଦର୍ଯ୍ୟ । ବୃକ୍ଷର ଆତ୍ମ ରକ୍ଷା ପାଇଁ ଏହା ତାହାର ଅସ୍ତ୍ର," ରାମ କହିଲା ।

"ହଉ ଚାଲ ଏଥର ଘର ଭିତରକୁ ଯିବା । ବୋଉ କଣ କରିଛି ଖାଇବା ଲାଗି ଦେଖିବା । କୋଳି ଛବି ଦେଖି ବହୁତ ଭୋକ ଲାଗିଲାଣି," ଭୀମ କହିଲା ।

ଯୁକ୍ତରାଷ୍ଟ୍ର ଆମେରିକା

ISSN NO.
2582-208X

# ଶ୍ରମିକ ଭଗବାନ



ଅନାଦି ଚରଣ ବେହେରା

ଜୀବନ ଓ ଶ୍ରମ ଦୁହେଁ ଦୁଇ ସାଙ୍ଗ
ଶ୍ରମ ହିଁ ଜୀବନ ଶ୍ରମ କର ଆଗ
ଶ୍ରମ କଲେ ହେବ ଶରୀର ବଳିଷ୍ଠ
ଶ୍ରମ ବଳେ ଦୂର ହେବ ସର୍ବ କଷ୍ଟ
ବଡ ଶରୀର ଟେ ନାହିଁ ଦରକାର
ଶ୍ରମ କରିବାର ଭାବନା ମନର
ମାନସିକ ଶ୍ରମ ମନ କସରତ
ସୁସ୍ଥ ମନ ପ୍ରାଣ ଶରୀର ବି ସୁସ୍ଥ
ଶ୍ରମ ସେବା ଦେଇ ସମାଜ ଗଠନ
ଶ୍ରମ ଦିବସକୁ କରିବା ପାଳନ
ନଇଁ ପଡି କଲେ ନିତି ନମସ୍କାର
ପ୍ରକୃତ ଶ୍ରମ ଯେ ପାଇବ ଶରୀର
ଭୂମିଷ୍ଠ ହେଇକି ଗୁରୁ ପାଦେ ଧର
ତା ଠାରୁ ବଳି ଶ୍ରମ ଅଛି କାର?
ନିରନ୍ତର ଶ୍ରମ ନିତି କାରବାର
ଯଦି ଏହି ଶ୍ରମ ବ୍ରତ ମନେ କର

ISSN NO.
2582-208X

ଶ୍ରମ ବଳେ ଧନ ନ ହେବ ଅଭାବ
ଧନ ହିଁ ତ ବନ୍ଦ କବାଟ ଖୋଲିବ ।
ଶ୍ରମର ଅଭ୍ୟାସ ରହୁ ଆଜୀବନ
ଶ୍ରମ ହିଁ ଜୀବନ ଶ୍ରମେ ଶ୍ରେଷ୍ଠ ଧର୍ମ
ଶ୍ରମିକ ଜୀବନ ଯଥେଷ୍ଟ ସମ୍ମାନ
ଶ୍ରମିକ ଭରସା ତା ନିତ୍ୟ ନିର୍ମାଣ
ଶ୍ରମିକ ସମାଜ ଏ ତ ଭଗବାନ
ତା ପାଇଁ ଗଢା ମୋ ଦିବ୍ୟ ଭବନ
ସିଏ ତ ମୋ ପାଇଁ ଶୁଭ ତୀର୍ଥ ସ୍ଥାନ ।

ପ୍ରଧାନ ଶିକ୍ଷକ,
ଜୁର୍ମୁଣ୍ଡା ସରକାରୀ ଉ.ପ୍ରା ବିଦ୍ୟାଳୟ
ବଉଦ / ମୋ - ୯୯୩୭୦୬୮୮୦୪

ISSN NO.
2582-208X

# କହିଲ ଦେଖି



ଅମରନାଥ ବାରିକ୍

ବାପାଙ୍କର ଯିଏ ଶଶୁର ହୋଇବ
ତୁମ ମାଆଙ୍କର ସେ ପୁଣି ବାପା !
କୁହ ପିଲେ ସିଏ ତୁମର କଅଣ
ଯିଏ ହେବ ତୁମ ମାଉସୀଙ୍କ ବାପା ?
(ଉ -: ଅଜା)

ମାମୁଁଙ୍କର ଅଛି ଗୋଟିଏ ଭଉଣୀ
ତୁମ ଆଇଙ୍କର ସେ ପୁଣି ଝିଅ !
କୁହ ପିଲେ ସିଏ ତୁମର କଅଣ
ଯିଏ ହେବ ତୁମ ଅଜାଙ୍କ ଝିଅ ?
(ଉ -: ମାଆ )

ତୁମ ମାଉସୀର ଭାଇ ହେବ ଯିଏ
ତୁମ ମାଆଙ୍କର ସେ ପୁଣି ଭାଇ !

ISSN NO.
2582-208X

କୁହ ପିଲେ ସିଏ ତୁମର କଅଣ
ଯିଏ ହେବ ତୁମ ମାମୁଁଙ୍କ ଭାଇ ?
(ଉ -: ମାମୁଁ)

ତୁମ ବାପାଙ୍କର ଯେ ହେବ ଭଉଣୀ
ତୁମ ଜେଜେଙ୍କର ସେ ହେବ ଝିଅ !
କୁହ ପିଲେ ସିଏ ତୁମର କଅଣ
ଜେଜେ ମାଆଙ୍କର ସେ ପୁଣି ଝିଅ ?
(ଉ -: ପିଉସୀ)

ତୁମ ମାଆଙ୍କର ଗୋଟେ ବୋଲି ପୁଅ
ଜେଜେ ମାଆଙ୍କର ପୁଅର ପୁଅ !
କୁହ ପିଲେ ସିଏ ତୁମର କଅଣ
ଯିଏ ହେବ ତୁମ ବାପାଙ୍କ ପୁଅ ?
(ଉ -: ନିଜେ)

ତୁମ ଅଜାଙ୍କର ଯେହେବ ନାତୁଣୀ
ତୁମ ମାଆଙ୍କର କିହେବ କୁହ ?
ତୁମର କ'ଣ କହିପାରିବକି
ମାମୁଁଙ୍କ ଭାଣିଜୀ ଅଟେସେ ଝିଅ !
(ଉ-: ମା'ଙ୍କର ଝିଅ/ତୁମର ଭଉଣୀ)

ଗ୍ରା/ପୋ-କୟାଁ, ଥା-ମଙ୍ଗଳପୁର, ଜି-ଯାଜପୁର
ଓଡ଼ିଶା, ପିନ୍ ନମ୍ବର - ୭୫୫୦୧୧
ଦୂରଭାଷା - ୯୫୪୦୩୦୮୦୯୫ (ନୂଆଦିଲ୍ଲୀ)

ISSN NO.
2582-208X

# ପ୍ରଗତି ପଥେ ଆଗେଇବା



ବିକାଶ କୁମାର ହୋତା

ଆସ ଆମେ ପାଠ ପଢ଼ିବା
ପାଠ ପଢ଼ି ଭଲ ମଣିଷ ହୋଇକି
ବାପା ମାଆ ନାମ ରଖିବା ।।(୧)
ଆସ ଆମେ ଚାରା ରୋପିବା
ନୂତନ ଜଙ୍ଗଲ ତିଆରି ହୋଇଲେ
ମରୁଡ଼ି କୁ ରୋକି ପାରିବା ।।(୨)
ଆସ ଆମେ ସେବା କରିବା
ଦୁଃଖୀ ଜନ ମୁଖେ ହସ ଫୁଟାଇଣ
ଆଶୀର୍ବାଦ କେତେ ଲଭିବା ।।(୩)
ଗୁରୁ ଜନ କଥା ମାନିବା
ତାଙ୍କ ମନେ ଜମା ଦେବା ନାହିଁ ଦୁଃଖ
ଈଶ୍ୱର ଙ୍କୁ ପ୍ରାପ୍ତି ହୋଇବା ।।(୪)
ଖେଳ ବେଳେ ଆମେ ଖେଳିବା
ସମୟର ଅପଚୟ କରିବାନି
ପାଠ ବେଳେ ପାଠ ପଢ଼ିବା ।।(୫)

ISSN NO.
2582-208X

ଦେଶ ପାଇଁ କାମ କରିବା
ନିଜ ସ୍ୱାର୍ଥ ଭୁଲି ପ୍ରଗତି କରିଲେ
ଯଶ ନାମ ରଖି ପାରିବା ।।(୬)
ଅନ୍ୟାୟ ବିପକ୍ଷେ ଲଢ଼ିବା
ଦୁର୍ନୀତି କୁ ଯଦି ରୋକି ଦେବା ତେବେ
ନ୍ୟାୟ ଆମେ ପାଇ ପାରିବା ।।(୭)
ସଭିଏଁ ଶପଥ କରିବା
ଛନ୍ଦ ଓ କପଟ ଭୁଲି ଯାଇ ମନେ
ହସ ଆଉ ଖୁସି ଭରିବା ।।(୮)
ଏଇମିତି କାମ କରିବା
ସାବାସି ପାଇବା ସଭିଙ୍କ ଠୁ ତେବେ
ପ୍ରଗତି ପଥେ ଆଗେଇବା ।।(୯)

ଦକ୍ଷିଣକାଳୀ ରୋଡ଼ ବିଦ୍ୟାନଗର ଢେଙ୍କାନାଳ
୭୦୦୮୯୨୮୭୯୮, ୮୬୫୮୨୯୨୦୫୧

ISSN NO.
2582-208X

# ଗାନ୍ଧିଜୀଙ୍କ ତିନି ମାଙ୍କଡ଼



ହରେରାମ ପଣ୍ଡା

ଗାନ୍ଧୀ ରଖିଥିଲେ ଅତି ସରାଗରେ
ତିନିଗୋଟି ମାଙ୍କଡଙ୍କ ପ୍ରତିମା,
ଦେବାପାଇଁ ଶିକ୍ଷା ଏ ଦେଶବାସୀଙ୍କୁ
ଦୂରେଇବାକୁ ମନର କାଳିମା ।
ଗୋଟିଏ ମାଙ୍କଡ ନିଜ ଦୁଇହାତ
ଦେଇ ବସିଥାଏ ନିଜ ମୁହଁରେ,
ଦ୍ୱିତୀୟର ହାତ ଥାଏ ଆଖି ପରେ
ତୃତୀୟର ହାତ ଥାଏ କାନରେ ।
ମୁଖେ ଦେଇ ହାତ ଜଣେ କହୁଥାଏ
ମନ୍ଦକଥା କେବେ ଶୁଣିବ ନାହିଁ,
ଆଖି ବନ୍ଦକରି କହୁଥାଏ ଜଣେ
ମନ୍ଦକଥା କେବେ ଦେଖିବ ନାହିଁ ।
ମନ୍ଦକଥା କେବେ ନ ଶୁଣିବା ପାଇଁ
କହେ ଜଣେ କାନେ ହାତକୁ ଦେଇ,
ତିନି ମାଙ୍କଡ଼ଙ୍କ ତିନିଗୋଟି କଥା
କେତେ ଯେ ମହତ ଆମରି ପାଇଁ ।

ISSN NO.
2582-208X

ଆଜିଠୁଁ ଅକ୍ଷରେ ଅକ୍ଷରେ ପାଳିବା
ସଫଳ ହେବ ଗାନ୍ଧୀଙ୍କ ସପନ,
କହିବାନି ମନ୍ଦ, ଦେଖିବାନି ମନ୍ଦ,
ଶୁଣିବାନି ମନ୍ଦ ସାରା ଜୀବନ ।

ଅବସରପ୍ରାପ୍ତ ପ୍ରଧାନଶିକ୍ଷକ
କୁଆଁସ, ମେରଦା କାଟିଆଛକ, ଯାଜପୁର
ସମ୍ପର୍କ - ୯୪୩୮୦୬୫୧୯୫

ISSN NO.
2582-208X

# କୁହୁକ ଗପ ପେଢ଼ି



ରାମ ଚନ୍ଦ୍ର ପ୍ରଧାନ

ଧାନରୁ ହୁଏ ଚାଉଳ
ପାଠ ପଢ଼ିବାକୁ ସ୍କୁଲ୍ ଗଲେଣି
କାଉ, ବଗ, ନେଉଳ ।
କଇଁଆ ଗଛର ଛାଇ
ବିଲେଇ ନାନୀର ଗୀତ ଶୁଣି କି'
ବିଲୁଆ ମାରେ ହାଇ ।
ପଇଡ଼ ଭିତରେ ପାଣି
ସାରୁ ବୁଦା ମୂଳେ ରଡ଼ି ପକାଇ
ଡ଼ିଏଁ ବେଙ୍ଗୁଲୀ ରାଣୀ ।
ଗୋଲାପ ଫୁଲର କଣ୍ଟା
ଦୁଇଟି ପିଲାକୁ ହଲେ ଚପଲ
ହେଉନି ଭାଗ ବଣ୍ଟା ।
ବାବାଜୀ ମୁହଁରେ ଦାଢ଼ି
ନିତି ସଞ୍ଜବେଳେ ଆଇ ମା' ଖୋଲେ
କୁହୁକ ଗପ ପେଢ଼ି ।

ଶିକ୍ଷକ
ଟେକ୍ନିକାଲ୍ ହାଇସ୍କୁଲ୍, ଆସିକା, ଗଞ୍ଜାମ
ମୋ:୯୮୬୧୬୩୮୭୩୬

ISSN NO.
2582-208X

# ଚିତ୍ର



ଆଦବିକା ପଟ୍ଟନାୟକ



ଦିଲ୍ଲୀ ପବ୍ଲିକ ସ୍କୁଲ,ବସନ୍ତ ବିହାର, ନୂଆଦିଲ୍ଲୀ

ISSN NO.
2582-208X

# ସମୀକ୍ଷା

## ବେଦାନ୍ତୀ – ସେପ୍ଟେମ୍ବର – ସମୀକ୍ଷା



ଦେବଯାନୀ ସ୍ୱାଇଁ

ସବୁଥର ପରି ଏଥରକ ମଧ୍ୟ ଆମ ପ୍ରିୟ "ବେଦାନ୍ତୀ" ସୁନ୍ଦର ସଦାବାହାର ଫୁଲରେ ତାର ପ୍ରଚ୍ଛଦ ସଜାଇ ପଦାର୍ପଣ କରିଛି। ପୁଣି ସେଇ ଭ୍ରମ। ସତରେ କ'ଣ ଫୁଲଟି ସଦାବାହାର ନା ଆଉ କିଛି !!

ସଂପାଦକୀୟ ପୃଷ୍ଠାରେ ପ୍ରତିଷ୍ଠାତା "ଶ୍ରୀଯୁକ୍ତ ଅରବିନ୍ଦ ମିଶ୍ର", ଏକ ସଂକଳ୍ପ ବଦ୍ଧ ପରିଭାଷା ପ୍ରକାଶ କରି କହିଛନ୍ତି- ଦୀର୍ଘ ବର୍ଷର ସ୍ୱାଧୀନତା ପରେ ଭି ଇଂରେଜ ମାନଙ୍କ ଭାଷା, ଶିକ୍ଷା, ସଭ୍ୟତାକୁ ପ୍ରାଧାନ୍ୟ ଦେଇ ଆଜି ଆମେ ସେମାନଙ୍କ ପାଖରେ ପରାଧୀନ ବୋଲି ଜାହିର କରୁଛୁ। ଏଥିରୁ ଆମକୁ ବାହାରିବାକୁ ପଡିବ ଆଉ ଆମ ଭାରତୀୟ ଶିକ୍ଷା ଓ ସଭ୍ୟତାକୁ ପୃଥିବୀର ସବୁଠାରୁ ଉଚ୍ଚକୋଟୀର ସଭ୍ୟତା ହିସାବରେ ଦେଖାଇବାକୁ ପଡିବ।

ଭିତର ପୃଷ୍ଠାରେ ସବୁଥର ପରି ନିୟମିତ ପ୍ରକାଶିତ ବିଭାଗ ଗୁଡିକ ସହିତ ବିଭିନ୍ନ ବିଷୟବସ୍ତୁକୁ ନେଇ ରହିଛି ଅସଂଖ୍ୟ ଆଲେଖ୍ୟ।

ପ୍ରଥମ ଗଳ୍ପ ଧାରାବାହିକ "ଡି. ଏଫ୍. ଓ. କ୍ୟାମ୍ପବେଲ୍ ବେ" ରେ, ବର୍ଷା ଦିନ ମାନଙ୍କରେ ନିଷ୍କ୍ରିୟ ହୋଇ ପଡୁଥିବା ଜୀବ ଜଗତ ସହିତ କିଛି ଅବିସ୍ମରଣୀୟ ଘଟଣା ମାନ। "ଅନେକ ଦିନ ପରେ" ପ୍ରେମର ଆଉ ଏକ ନୂଆ କୋଣ ଆବିଷ୍କାର କରିଛନ୍ତି ସୁନନ୍ଦା। ମୋର ପ୍ରିୟ ଧାରାବାହିକ ଗଳ୍ପ "ଉଠ୍ ପୁଟୁର୍"ରେ, ଐତିହାସିକ କଟକ ସହରରେ ଅଭିର ପ୍ରଥମ

ISSN NO.
2582-208X

ଅନୁଭବ। ପୁରାଣ ଓ ସଂସ୍କୃତି ଆଧାରିତ "ମାଦଳା ପାଞ୍ଜିରେ ଶ୍ରୀ ଜଗନ୍ନାଥ ସଂସ୍କୃତି" ଏବଂ "ଆମ ଗାଁ ର ଦେବୀପୀଠ"ରେ ମା ବୁଢୀ ମଙ୍ଗଳାଙ୍କ ଝାମୁ ଯାତ୍ରାର ମହିମା। "ମଧୁ ମାଳତୀ" ର କଷଟୀ ପଥର ପୁଣି "ଲଳିତ ନିବନ୍ଧ- ହାରି ଯାଉଥିବା ହରି" ସହିତ ରହିଛି ଦୈନନ୍ଦିନ ଜୀବନର ଉଠା ପକା ଆଧାରିତ ଅନେକ କଥା ଓ କାହାଣୀ।

ନିର୍ବାଚନ ସରିଗଲାଣି ହେଲେ ବାକି ରହିଯାଇଛି କଲମ ମୂନରେ "ସେ ଦିନ ମନ୍ତ୍ରୀ ସଭାକୁ ଆସିଥିଲେ ହେଲିକପ୍ଟର ଚଢି" କିଛି ମନ୍ତ୍ରୀଙ୍କ ପ୍ରଚାର ସ୍ତୁତି। "ହଁ ଝିଅଟିଏ ମୁଁ", କେବେ କାହା "କବିତାର ନାୟିକା" ତ ପୁଣି କେବେ ମାଟି ଲଗ୍ନା "ଶ୍ରାବଣୀ"। "ମୋ ପ୍ରିୟା", "ତୁମ ବିନା ମୋର" ମନ ବେଳାଭୂମି ଲାଗେ ତଟଶୂନ୍ୟ ଭଳି। "ଏଇତ ଜୀବନ"- ସୁଖ, ଦୁଃଖର ଏକ ଅପୂର୍ବ ସମାହାର। "ଜୀବନର ଅପରାହ୍ନ" ରେ ମନେପଡେ ସେଇ ପୁରୁଣା "ପଚିଶ ବର୍ଷର ଚବିଶ କଥା" ମାନ।

ଆସ "ଲିପିବଦ୍ଧ" କରିବା କିଛି ନୂତନ ସୃଜନୀ, ଯେଉଁଥିରେ ଥିବ ଆଜିର "ବିବର୍ତ୍ତନ" ପୁଣି "ଅନିଚ୍ଛାର ତିନୋଟି ଝିଅ" !

"ଗୁରୁ ଦିବସ", ରେ ପୂଜ୍ୟ ଗୁରୁଙ୍କ ପାଦ ତଳେ ଢାଳିବା ସ୍ନେହ ସମ୍ମାନ ଆଉ ପ୍ରୀତି, ଏ ଛାର ଜୀବନେ "ଗୁରୁ ବିନା କାହିଁ ଗତି ?"

"ମାତୃଭାଷା"ର ସ୍ୱର୍ଗୀୟ ସ୍ପର୍ଶ, "ପଣତ..." - ଲୋଚାକୋଚା ତୁଚ୍ଛା କନା ଖଣ୍ଡେ ସେତ, ବାଣ୍ଟୁଥାଇ ସଦା ସ୍ନେହ କୋମଳର ପରଷ। "ମିଛ ଜଗତ" ରେ "ଅଭୁଲା ଅତୀତ", ଅଜଣା ବାଟୋଇ ମୁଁ "ଅଜଣା ପଥ"ର , "ଡିବିରି ବତୀ"ର ଆଉ ନାହିଁ ସେ ଆଦର।

"ମୋ କଳା କାହ୍ନୁ", ତୁ କାଳିଆ ଠାକୁର ମୋର "ପରାଣର ବନ୍ଧୁ"। ଆଜି ତୋ "ଚିଠି ବାସୁଛି ତୁଳସୀ ତୁଳସୀ", ଲାଗି ଯାଇଛି ସତେ କି ତୋ ଡୋରି ! ଏମିତି ରହିଛି ଆହୁରି କେତେ ଯେ କବିତାର ଲହରୀ...

ସ୍ୱାସ୍ଥ୍ୟ ବିଭାଗରେ ଜାଣନ୍ତୁ "ଖାଇବା ପୂର୍ବରୁ ଦୁଇ ପାଖୁଡା ରସୁଣର ଫାଇଦା"।

"ଆଞ୍ଚଳିକ ବିଭାଗ" ରେ ରହିଛି ଅନେକ ରଙ୍ଗ ରଙ୍ଗିଆ କବିତା ଓ କଥା।

ISSN NO.
2582-208X

ଶିଶୁବିଭାଗ ସବୁବେଳେ ଶିକ୍ଷଣୀୟ ଓ ମନୋରଂଜନ ଭରା। କୁନି ଆଦବିକା ତାଙ୍କ ଚିତ୍ର ବହିରେ ଆଙ୍କି ଦେଇଛନ୍ତି ଆଜାଦୀ କା ଅମୃତ ମହୋତ୍ସବର ଏକ ସୁନ୍ଦର ଚିତା।

ଶେଷରେ ପର୍ବ ପର୍ବାଣୀ ତାଲିକାରେ ଅନ୍ୟାନ୍ୟ ପର୍ବ ସହିତ ରହଛି, ପୂଜ୍ୟ ଗୁରୁଙ୍କ ପଦ ପଙ୍କଜରେ ଶ୍ରଦ୍ଧା, ଭକ୍ତି, ସମ୍ମାନର ଆଞ୍ଜୁଳି ଢାଳି ସେମାନଙ୍କଠୁ ଆଶୀର୍ବାଦ ପାଇବାର ଦିନ "ଗୁରୁଦିବସ" ଏବଂ ସୁଖ କର୍ତ୍ତା, ଦୁଃଖ ହର୍ତ୍ତା, ଜ୍ଞାନ ଦାତା ଶ୍ରୀ ଗଣେଶ ଚତୁର୍ଥୀ ବ୍ରତ। ଆସନ୍ତୁ ସମସ୍ତେ ମିଳି ଗଜାନନ ଶ୍ରୀ ଗଣନାୟକଙ୍କୁ ବନ୍ଦନା କରିବା - ଜୟ ଶ୍ରୀ ଗଣେଶ ଗଉରି ନନ୍ଦନ କି ଜୟ !

ଜୟ 'ବେଦାନ୍ତୀ', ଜୟ ପାଠକ ବୃନ୍ଦ।

ଗୋରେଗାଓଁ, ମୁମ୍ବାଇ

ISSN NO.
2582-208X

# ଅକ୍ଟୋବର ମାସରେ ପଡୁଥିବା ପର୍ବପର୍ବାଣୀ

| | |
|---|---|
| ୦୨/୧୦/୨୦୨୪ | ମହାଳୟା ଅମାବାସ୍ୟା, ଶାସ୍ତ୍ରୀ ଓ ଗାନ୍ଧୀ ଜୟନ୍ତୀ, ଫୁଲ୍ଲେରୀ ଓଷା |
| ୦୩/୧୦/୨୦୨୪ | ଶ୍ରୀଦୁର୍ଗାଦେବ୍ୟାଃ , ନବଦିନାତ୍ମକ ପୂଜାରମ୍ଭଃ ଓ ମା ବିରଜା ଦେବୀଙ୍କ ରଥଯାତ୍ରା |
| ୦୭/୧୦/୨୦୨୪ | ନତଃ ପଞ୍ଚମୀ ଓ ବିରଳା ଦେବୀଙ୍କ ପଞ୍ଚମୀ ହୋମ |
| ୦୯/୧୦/୨୦୨୪ | ପାଠେ ଶ୍ରୀଦୁର୍ଗାଦେବ୍ୟାଃ ତ୍ରିଦିନାତ୍ମକ ସପ୍ତମୀ ପୂଜା, ତପଃ ଷଷ୍ଠୀ |
| ୧୦/୧୦/୨୦୨୪ | ପାଠେ ଶ୍ରୀଦୁର୍ଗାଦେବ୍ୟାଃ ମହାଷ୍ଟମୀ, ମୃଣ୍ମଣୀ ଦେବୀଙ୍କ ସପ୍ତମୀ ପୂଜା |
| ୧୧/୧୦/୨୦୨୪ | ପାଠେ ଦଶହରା, ମୃଣ୍ମୟୀ ଦେବୀଙ୍କ ମହା ଅଷ୍ଟମୀ ପୂଜା |
| ୧୨/୧୦/୨୦୨୪ | ପାଠେ ଦଶହରା,, ବିଜୟା ଦଶମୀ, ଦଶହରା ଉତ୍ସବ, ସୋମନାଥ ବ୍ରତ ସମାପନ ଓ ମୃଣ୍ମୟୀ ଦେବୀଙ୍କ ମହାନବମୀ ପୂଜା |
| ୧୩/୧୦/୨୦୨୪ | ମୃଣ୍ମୟୀ ଦେବୀଙ୍କ ଦଶହରା |
| ୧୪/୧୦/୨୦୨୪ | ଭଷାଣି ଯାତ୍ରା |
| ୧୫/୧୦/୨୦୨୪ | ଶରଣ ଶେଷ |
| ୧୬/୧୦/୨୦୨୪ | ଗଜଲକ୍ଷ୍ମୀ ପୂଜା, କୁମାର ଉତ୍ସବ |
| ୧୭/୧୦/୨୦୨୪ | ପୂର୍ଣ୍ଣିମା, ଗର୍ଭଣା ସଂକ୍ରାନ୍ତି |
| ୧୮/୧୦/୨୦୨୪ | କାର୍ତ୍ତିକ ବ୍ରତାରମ୍ଭଃ |
| ୨୮/୧୦/୨୦୨୪ | ରମା ଏକାଦଶୀ ଉପବାସ |
| ୩୦/୧୦/୨୦୨୪ | ଧନ୍ୱନ୍ତରୀ ଜୟନ୍ତୀ |
| ୩୧/୧୦/୨୦୨୪ | ଦୀପାବଳୀ, ଶ୍ୟାମାକାଳୀ ପୂଜା |

ISSN NO.
2582-208X

# ଚନ୍ଦ୍ର କଥା କହେ



ଦୃଶ୍ୟ ଭିତରୁ ଭାବକୁ ବାହାର କରିବାର ପରଖ ଦୃଷ୍ଟିକୁ ୨୦-୨୫ ଶବ୍ଦ ମଧ୍ୟରେ ଆମ ପାଖକୁ ଇମେଲ୍ ମାଧ୍ୟମରେ ପଠାନ୍ତୁ । ଶ୍ରେଷ୍ଠ ବିବେଚତ ଉତ୍ତର, ଉତ୍ତରଦାତାଙ୍କ ନାମ ସହିତ ପରବର୍ତ୍ତୀ ସଂଖ୍ୟାରେ ପ୍ରକାଶ ପାଇବ । ଆମ ଠିକଣା -vedantimagazine@gmail.com/ editor.vedantimagazine@gmail.com

## ସେପ୍ଟେମ୍ବର ମାସର ବିଜେତାଙ୍କ ନାମ



ISSN NO.
2582-208X

କଷି କାକୁଡିକୁ ଖାଇବ କଏରେ
ଜଲଦି ଜଲଦି ଆସ
ଗୁରିଫାଳ କରି ଲଙ୍କା ଲୁଣ ଦେଇ
ଖାଇବାକୁ ସମସ୍ତଙ୍କର ଆସ

ବିଜେତା: ଚନ୍ଦନ ମିଶ୍ର, ଭୁବନେଶ୍ୱର

ବେଦାନ୍ତୀର ଅନେକ ସଂଖ୍ୟାରେ ବାହାରୁଥିବା ପ୍ରଚ୍ଛଦପଟ୍ଟ ଏବଂ "ଚିତ୍ର କଥା କହେ"ର ଛବି ହେଉଛି ବେଦାନ୍ତୀର ସଂପୂର୍ଣ୍ଣ ନିଜସ୍ୱ । ପ୍ରଚ୍ଛଦପଟ୍ଟ ଚିତ୍ର ସମୟେ ସମୟେ ପାଠକପ୍ରେମୀଙ୍କ ଦ୍ୱାରା ପଠାଯାଇଥିବା ଚିତ୍ରକୁ ମଧ୍ୟ ବ୍ୟବହାର କରାଯାଇଥାଏ । ଯଦି କୌଣସି ପାଠକ/ପାଠିକା ନିଜସ୍ୱ ଉତ୍ତୋଳନ କରିଥିବା ଛବିକୁ ବେଦାନ୍ତୀ ପତ୍ରିକାର ପ୍ରଚ୍ଛଦପଟ୍ଟରେ ପ୍ରକାଶ କରିବାକୁ ଚାହାଁନ୍ତି, ତେବେ ସେମାନେ ଆମକୁ ଯୋଗାଯୋଗ କରନ୍ତୁ । ଆମକୁ ସମ୍ପର୍କ କରିବାର ଠିକଣା ହେଲା -vedantimagazine@gmail.com

## ଯୋଗାଯୋଗ

Whatsapp:+ 91 9594993733

ଭ୍ରାମ୍ୟଭାଷ - +91 9594993733/8828213733

**Website: www.vedantimagazine.com**

**Email ids:**
vedantimagazine@gmail.com /editor.vedantimagazine@gmail.com

ISSN NO.
2582-208X

## ବେଦାନ୍ତୀ ଇ-ପତ୍ରିକାକୁ ଲେଖା ପଠାଇବାକୁ ଚାହୁଁଥିବା ଓଡିଆପ୍ରେମୀଙ୍କ ପଇଁ କିଛି ସନ୍ଦେଶ:

- ଲେଖାକୁ ଟାଇପ୍ କରି MS WORD ଫାଇଲରେ ଏବଂ ପି.ଡି.ଏଫ୍ ଫାଇଲରେ ପଠାନ୍ତୁ ।
- ଲେଖାକୁ ପ୍ରତି ମାସ ୫ ତାରିଖ ଭିତରେ ପଠାନ୍ତୁ ।
- ଏହି ପ୍ରତ୍ରିକାରେ ଗଳ୍ପ ଏବଂ କବିତା ସମାନ ସଂଖ୍ୟାରେ ପ୍ରକାଶିତ କରାଯାଉଛି । ଯେହେତୁ ଅନେକ କବିତା ଆମପାଖକୁ ଆସୁଛି, ତେଣୁ ଏହାକୁ ପ୍ରକାଶ କରିବା ପାଇଁ କିଛି ସମୟ ଲାଗୁଛି । ଯଦି ଆପଣ ଲେଖା ପଠାଇଥିବା ମାସରେ ଏହା ନବାହାରିଲା, ତେବେ ଏହି ଲେଖା ଆସନ୍ତା ମାସରେ ପ୍ରକାଶ ପାଇବ ।
- ଚେଷ୍ଟା କରନ୍ତୁ ଲେଖାକୁ ଇ-ମେଲ୍ ଜରିଆରେ ପଠାନ୍ତୁ । ଆମ ଇ-ମେଲ୍ ହେଲା - Editor.vedantimagazine@gmail.com ଏବଂ vedantimagazine@gmail.com
- ମାସକୁ ଥରଟିଏ ହିଁ ଲେଖା ପଠାନ୍ତୁ ।ବାରମ୍ବାର ଅନେକ ଲେଖା ଇ-ମେଲ୍ ଜରିଆରେ ପଠାନ୍ତୁ ନାହିଁ ।
- ଲେଖା ସହିତ ଆପଣଙ୍କର ଠିକଣା ଏବଂ ଫଟୋ ମଧ୍ୟ ପଠାନ୍ତୁ ।
- ପ୍ରକାଶ କରିବା ପାଇଁ ଯେଉଁ ଲେଖା ପଠାଉଛନ୍ତୁ ତାହା ଆଉ କୌଣସି ଗ୍ରୁପରେ ପଠାନ୍ତୁନାହିଁ । ପ୍ରକାଶିତ ହେବା ପରେ ଏହାକୁ ପଠାଇପାରିବେ ।
- ବେଦାନ୍ତୀ ଇ-ପତ୍ରିକା ଏକ ସଂପୂର୍ଣ୍ଣ ମୁକ୍ତ ଏବଂ ପାରିବାରିକ ପତ୍ରିକା । ଏଥିପାଇଁ ଉପଯୁକ୍ତ ଲେଖା ହିଁ ପଠାନ୍ତୁ ।
- ପୁରୁଣା ସଂଖ୍ୟା ପଢିବା ପାଇଁwww.vedantimagazine.comକୁ ପଦାର୍ପଣ କରନ୍ତୁ ।

ISSN NO.
2582-208X

"ବେଦାନ୍ତୀ" ଏକ ସମ୍ପୂର୍ଣ୍ଣ ପାରିବାରିକ ମାସିକ ପତ୍ରିକା। ବେଦାନ୍ତୀରେ ପ୍ରକାଶିତ ସମସ୍ତ ଲେଖାରେ ଦିଆଯାଇଥିବା ବିଚାର ଲେଖକଙ୍କର ସମ୍ପୂର୍ଣ୍ଣ ନିଜସ୍ୱ। ଯଦିଓ ସମ୍ପାଦକ ସବୁ ଲେଖାକୁ ଭଲଭାବରେ ପଢିବା ଏବଂ ବୁଝିବା ପରେହିଁ ପ୍ରକାଶିତ କରିଥାନ୍ତି, ତଥାପି ଲେଖାର ଶତ ପ୍ରତିଶତ ସତ୍ୟତାର ଦାବି କେବଳ ଲେଖକଙ୍କର। ଏଥିରେ ସମ୍ପାଦକ କିମ୍ବା ପତ୍ରିକାର କୌଣସି ଉତ୍ତରଦାୟିତ୍ୱ ନାହିଁ।

ବେଦାନ୍ତୀ ଇ-ପତ୍ରିକା ପ୍ରତ୍ୟେକ ମାସ ୧ ତାରିଖରେ ପ୍ରକାଶିତ ହେଉଛିଏବଂ ଏହା ସମ୍ପୂର୍ଣ୍ଣ ମାଗଣାରେ ସାରା ବିଶ୍ୱର ଓଡିଆ ପ୍ରେମୀଙ୍କୁ ପଢିବା ପାଇଁ ୱେବସାଇଟ୍, ଇ-ମେଲ୍ ଏବଂ ସୋସିଆଲ୍ ମିଡିଆ ଦ୍ୱାରା ଯୋଗାଇ ଦିଆଯାଏ। ଲେଖକ/ଲେଖିକା ମାନେ ସେମାନଙ୍କର ଲେଖା ଓଡିଆରେ ଟାଇପ୍ କରି ଲେଖାର ସ୍କାନ କପି ଏବଂ ସଫ୍ଟକପି ଆମ ପାଖକୁ ଇମେଲ୍ ରେ ପଠାନ୍ତୁ:vedantimagazine@gmail.com।ପ୍ରତ୍ୟେକ ମାସ ୫ ତାରିଖ ଭିତରେ ପ୍ରାପ୍ତ କରାଯାଇଥିବା ଲେଖାଗୁଡିକୁ ସେହି ମାସରେ ହିଁ ପ୍ରକାଶ କରାଯାଇଥାଏ ।ଯଦି କୌଣସି କାରଣରୁ କୌଣସି ଲେଖକ/ଲେଖିକାଙ୍କ ଲେଖା ଚଳତ ମାସରେ ପ୍ରକାଶ ପାଇନାହିଁ, ତେବେ ତାହା ଆଗାମୀ ମାସରେ ପ୍ରକାଶିତ ହେବ ।

ବେଦାନ୍ତୀ ପତ୍ରିକାକୁ ପଢିବା ପାଇଁ ଏବଂ ଡାଉନଲୋଡ କରିବା ପାଇଁ (ସମସ୍ତ ସଂଖ୍ୟା) ନିମ୍ନଲିଖିତ ସାଇଟକୁ ପଦାର୍ପଣ କରନ୍ତୁ:-

**www.vedantimagazine.com**